ନୈଷଧୀୟ ଚରିତ

ଓଡ଼ିଶା ସାହିତ୍ୟ ଏକାଡେମୀ

ଅନୁବାଦକ
ବାଲୁକେଶ୍ୱର ମହାପାତ୍ର

Digitized by srujanika@gmail.com

ପ୍ରକାଶକ :—

ଓଡ଼ିଶା ସାହିତ୍ୟ ଏକାଡ଼େମୀ

ଭୁବନେଶ୍ୱର-୧

୧୯୬୪

ମୁଦ୍ରାକର :—

ଶ୍ରୀ ପ୍ରସନ୍ନକୁମାର ମହାପାତ୍ର

ଶ୍ରୀ ଶାରଦା ପ୍ରେସ, ଭୁବନେଶ୍ୱର-୨

ମୂଲ୍ୟ :— [illegible] ଟଙ୍କା ପଚିଶ ପଇସା

Digitized by srujanika@gmail.com

ଅଗ୍ରଲେଖ

ନୈଷଧ କାବ୍ୟ ବା ନୈଷଧୀୟ ଚରିତ ସଂସ୍କୃତ ସାହିତ୍ୟର ଏକ ଅପୂର୍ବ ସୃଷ୍ଟି । ସଂସ୍କୃତ ଭାଷାରେ ଗଭୀର ପାଣ୍ଡିତ୍ୟ ନଥିଲେ ଏହି କାବ୍ୟର ରସାସ୍ୱାଦନ କରିବା ସମ୍ଭବପର ହେବନାହିଁ । ଏହାର ଅନୁବାଦ ମଧ୍ୟ ଅତ୍ୟନ୍ତ କଷ୍ଟସାଧ୍ୟ । ପଦଲାଳିତ୍ୟ ଲାଗି ଏ କାବ୍ୟର ଯେଉଁ ପ୍ରସିଦ୍ଧି ଅଛି, ଅନୁବାଦରେ ତାହା ରକ୍ଷା କରିବା ଏକ ପ୍ରକାର ଅସମ୍ଭବ । ତଥାପି ମୂଳ କାବ୍ୟକୁ ଅବଲମ୍ବନ କରି ସ୍ୱର୍ଗତ ବାଲୁକେଶ୍ୱର ମହାପାତ୍ର ଯେଉଭଳି ଭାବରେ ଏହି ପ୍ରକାଣ୍ଡ କାବ୍ୟର ଅନୁବାଦ କରିଅଛନ୍ତି ତାହା ତାଙ୍କର ପାଣ୍ଡିତ୍ୟ, କବିତ୍ୱ ଓ ସହୃଦୟତାର ପରିଚୟ ଦିଏ । ଓଡ଼ିଆ ଅନୁବାଦ ସାହିତ୍ୟରେ ଏହାର ଯେ ଏକ ବିଶିଷ୍ଟ ଆସନ ଅଛି, କହିବା ବାହୁଲ୍ୟ ମାତ୍ର ।

ସନ୍ତୋଷକୁମାର ସାହୁ
ସମ୍ପାଦକ,
ଓଡ଼ିଶା ସାହିତ୍ୟ ଏକାଡେମୀ

ଭୁବନେଶ୍ୱର
ତା ୧୦ । ୯ । ୭୪

Digitized by srujanika@gmail.com

ଦୁଇପଦ

"ନୈଷଧ" କାବ୍ୟର ଓଡ଼ିଆ ଅନୁବାଦ ପ୍ରକାଶ ପାଇବା ଦ୍ୱାରା ସଂସ୍କୃତ ସାହିତ୍ୟପ୍ରେମୀ ବହୁ ଓଡ଼ିଆ ପାଠକଙ୍କର ଏକ ଆକାଂକ୍ଷା ପୂର୍ଣ୍ଣ ହେଲା । ଏଭଳି ଏକ ଉପାଦେୟ କାବ୍ୟର ସରସ ଅନୁବାଦ ଦ୍ୱାରା ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି ସାଧିତ ହୋଇଅଛି । ପ୍ରାଚୀନ ଓଡ଼ିଆ କାବ୍ୟ-ସାହିତ୍ୟର, ଅର୍ଥାତ୍ ରୀତିଯୁଗ ଓଡ଼ିଆ ସାହିତ୍ୟର ରସବୋଧ ଓ ମୂଲ୍ୟବୋଧ ଲାଗି ମଧ୍ୟ ଏହି ଅନୁବାଦ ଯେ ବିଶେଷ ସହାୟକ ହେବ, ତହିଁରେ ସନ୍ଦେହର ଅବକାଶ ନାହିଁ । ଇତି ।

ଗୌରୀକୁମାର ବ୍ରହ୍ମା
ସେକ୍ରେଟାରୀ,
ଓଡ଼ିଶା ସାହିତ୍ୟ ଏକାଡ଼େମୀ ।

Digitized by srujanika@gmail.com

ନୈଷଧୀୟ ଚରିତ

ପ୍ରଥମ ସର୍ଗ

ନତ ନତ ମହା- ମହୋତ୍ସବମୟ
ଥିଲେ କ୍ଷିତିପତି ନଳ,
ଶ୍ୱେତ ଛତ୍ର ରୂପେ ରାଜୁଥିଲା ତାଙ୍କ
ବିପଳ କାନ୍ତି-ମଣ୍ଡଳ
ସୁଧାରୁ ଅଧର ଲୁଟାଇଲେ ବୁଧେ (୧)
ତାଙ୍କ କଥା ପାନ କରି
ନିଖିଳ ଅବନୀ- ତଳରେ ଥିଲେ ସେ
ତେଜରେ ତପନ ସରି । ୧ ।

ପ୍ରତାପ-ସୁବର୍ଣ୍ଣ- ଦଣ୍ଡେ ରାଜୁଥିଲା
ତାଙ୍କର କୀରତି ଛତି,
ଆଉ ତାଙ୍କ କଥା ସୁଧାରୁ ମଧୁର
ଥିଲେ, ସେ ଗୁଣୀ ଭୂପତି । ୨ ।

---

(୧) ଦେବତାମାନେ, ପକ୍ଷେ-ପଣ୍ଡିତମାନେ

Digitized by srujanika@gmail.com

ଯା' କଥାରେ ପୂତ ଜଗତ ଏ ଯୁଗେ
କଳରେ କ୍ଷାଳିତ ଭଳି,
ଅବଳ ମୋ ଗିର ବିମଳ ନୋହିବ-
ନ କି ତାର ସ୍ତବ କରି । ୩ ।
ପଢ଼ି, ବୁଝି ତଥା ଅଚରି ପ୍ରଚୁର
ଚଉଦ ବିଦ୍ୟାକୁ ଚାରି
ଦଶା ଦେଇ, ପୁଣି ଚତୁର୍ଦ୍ଦଶ (୧) କଲେ
କେଜାଣି ସେ କି ବିଚାରି ? । ୪ ।
ନଳ ନୃପଙ୍କର ରସନା ପ୍ରାନ୍ତରେ
ନାଚୁଥିଲା ଛନ୍ଦ ବେଦ
ସୂଦ (୨) ବିଦ୍ୟା ସଙ୍ଗେ ଷଡ଼ଙ୍ଗ ଯୋଗରେ
ଲଭି ଅଷ୍ଟାଦଶ ଭେଦ ।
ଅଷ୍ଟାଦଶ ଦ୍ୱୀପ ଜିଣିବାକୁ ଇଚ୍ଛି
ପୁଣି କି ପ୍ରକାରାନ୍ତରେ
ତାଙ୍କ ରସନାରେ ଚତୁର୍ଦ୍ଦଶ ବିଦ୍ୟା
ଅଷ୍ଟାଦଶ (୩) ସଂଖ୍ୟା ଧରେ । ୫ ।
ଦିଗୀଶମାନଙ୍କ ଅଂଶ ଯେନ ନଳ
ଦିଗମାନଙ୍କ ଈଶ୍ୱର
ହେଲେ, ମାତ୍ର ହେଲ କାମ ନାଶିବାକୁ
ଭୃତ୍ୟ ସେନା ତାଙ୍କର ।

---

(୧) ଚାରି ଦଶା (ଅବସ୍ଥା) ଅଧ୍ୟୟନ, ବୋଧ, ଆଚରଣ, ପ୍ରଚାରଣ, ସଂହାର ସେ ଚତୁର୍ଦ୍ଦଶ । ଅନ୍ୟ ପକ୍ଷରେ ଚତୁର୍ଦ୍ଦଶ ବିଦ୍ୟା ।

(୨) ପାଚକ-ବିଦ୍ୟା । ମଧୁର, ଅମ୍ଳ ପ୍ରଭୃତି ଷଡ଼ ରସ ଅଲଣା, ଉଛାଲୁଣୀ, ସମତା ଭେଦରେ ୧୮ ପ୍ରକାର ବୋଧ ।

(୩) ଛ ଅଙ୍ଗ+ଚାରିବେଦ+ମୀମାଂସା+ନ୍ୟାୟ+ଧର୍ମଶାସ୍ତ୍ର+ପୁରାଣ =ଚତୁର୍ଦ୍ଦଶବିଦ୍ୟା ।
ଉକ୍ତ ଚତୁର୍ଦ୍ଦଶ+ଆୟୁର୍ବେଦ+ଧନୁର୍ବେଦ+ଗାନ୍ଧର୍ବ+ଅର୍ଥ ଶାସ୍ତ୍ର =ଅଷ୍ଟାଦଶ ବିଦ୍ୟା ।

Digitized by srujanika@gmail.com

ଦୁଇରୁ ଅଧିକ ତାଙ୍କ, ସେ ବୃତ୍ତାନ୍ତ
କେହ ଦେଉଥିଲ କହି
ବାଗୀଶ ଯୋଗୀଶ ମହା ମହେଶ୍ୱର
ଅଂଶରୁ ସମ୍ଭୂତ ଏହି । ୬ ।
ସତ୍ୟରେ ସୁକୃତ ଗୁରୁପାଦେ ସ୍ଥିର
ହୁଅନ୍ତେ ନଳ ପ୍ରତାପେ
ଚନାଷ୍ଟ ପ୍ରପଦେ ଅବନ ପରଶି
ଅଧର୍ମେ ଶୁଖିଲ ତପେ । ୭ ।
ଯାହା ଧୂଳି ଯାଉ ପ୍ରତାପ ଅନଳ
ଧୂମର ସୁଷମା ଧରି
ସୁଧାବ୍‌ଧିରେ ପଙ୍କ ପାଲଟି ରଜଇ
ଇନ୍ଦୁରେ କଳଙ୍କ ଭଳି । ୮ ।
ଧନୁ ଧ୍ୱନି ଘନ ଘୋଷେ, ନଳ-ମେଘ,
ପୂରଇ ଗଗନ ତଳ
ବିଷମ ସମରେ ଅବିରଳ ଧାରେ
ବରଷନ୍ତେ ଶରଜାଳ;
ନିର୍ବାପିତ ନିଜ- ତେଜ ଦହନର
ଶୀତଳ ଅଙ୍ଗାର ଭଳି
ଅଯଶ ବନ୍ଦ୍ରାର କଲେ ରଣ ମୁଖେ
ଅସି ଶତ ଶତ ଅରି । ୯ ।
ଦଗ୍‌ଧ ଅରିପୁର ଅନଳ ପ୍ରତିମ
ପ୍ରତାପେ ମହୀ ମଣ୍ଡଳ
ଯୁଦ୍ଧରୁ ବାହୁଡ଼ି ନାରୀଜନା ଲଭି
ରଜଲେ ରାଜଦ ନଳ । ୧୦ ।
ନିଖିଳ ଅବନ ମଧ୍ୟେ ଈତିଭୟ
ନ ଥିଲ ନଳ ଶାସନେ,
ଉର ଅଡ଼ିବୃଷ୍ଟି ପକାଇ ପଶିଲ
ଅରାତି-ବଧୂ-ନୟନେ । ୧୧ ।

Digitized by srujanika@gmail.com

ନଳଙ୍କ ଗୃହସ୍ଥ ଭୂଷା, ଖଣ୍ଡା-କଣ୍ଡା
ଯୋଗେ ସମର-ପ୍ରାଙ୍ଗଣେ
ତାଙ୍କ ଶୁଭ୍ର ଗୁଣେ ବୁଣି ଯଶ ପଟ
ବାଣ୍ଟିଲ ଦିଗ୍‌ବଧୂ ଗଣେ । ୧୨ ।
ନଳ, ଗୃହ ଚକ୍ଷୁ ବଗୃହ ନିପୁଣ
ତେଜରେ ତପନ ସରି
ଅମିତ ବିଜୟୀ ଜାଣି ଅନ ନୃପେ
ବିଶେଷ ତେଜିଲେ ଡରି । ୧୩ ।
ତାଙ୍କ ଯଶ ତେଜ ଥାଉଁ ଥାଉଁ ବୃଥା
ବିଧୂ ସବିତା ଏ ଭବେ
ବିଶ୍ବର ବିଧାତା ଜାଣି ଫିଙ୍ଗଇ କି
ପରିବେଷ ଛଇତବେ । ୧୪ ।
ଅଳ୍ପୀକୃତ କଳ୍ପ- ପାଦପ ଏ ନୃପ
ଚିର ବଦାନ୍ୟତା ବରି,
ବହୁ ଧନ ଦାନେ ଯାଚକେ ଦରିଦ୍ର-
ପଣରେ ଦରିଦ୍ର କରି ।
"ଦରିଦ୍ର ହେବ ଏ" ବିଧିଲିପି ଘଟିଲ
ଲେଖାଥିଲା ଯାହା ତାର,
ମିଛ ନ କଲେ ସେ ବିଧାତା ଲେଖାକୁ
ବିଶ୍ବର ବେଦର ଗାର । ୧୫ ।
ଦୁଇ ଫାଳ କରି ବାନ୍ଧିଲେ ଶତ୍ରୁର
ଏ ବେନି ଅଂଶ ଛଳେ,
ମେରୁ ଧ୍ୱଜି ଦେଇ ସିନ୍ଧୁ ମଝୁ ଯାହା
ନ ଭଲ ଉତ୍ସର୍ଗ-ଜଳେ । ୧୬ ।
ବୁଧ କବି ମେଳ ବଳାଇ ମସ୍ତକ
ନତ ହାତ ସମୁନ୍ନତ,
ଲଭି ଦେବ (୧) ନତ ଦାନକର ଶିର
ରଞ୍ଜିଲେ ବୃଦ୍ଧରେ ଅତ । ୧୭ ।

---

(୧) ରଜା, ପକ୍ଷେ ସୂର୍ଯ୍ୟ

Digitized by srujanika@gmail.com

ନୃପ ଶିରେ ରହୁ ପଦ୍ମ, ପ୍ରବାଳକୁ
ଛଳକୁ ଫିଙ୍ଗିବ ବାଦେ,
ଜାଣି ସିନା ବହୁ ଅଙ୍କୁଥିଲ ଲକ୍ଷ
ଊର୍ଦ୍ଧ୍ୱରେଖା ନଳ ପାଦେ । ୧୮ ।
ସ୍ୱୈବେ ନ ସଞ୍ଚୁ କୋଷ ପୂର୍ଣ୍ଣ କଲେ
ଜଗତ ବିଜୟ କରି,
ପଛେ ପଡ଼ିବନ ଆଲିଙ୍ଗିଲ ଅଙ୍ଗ
ବନକୁ ବସନ୍ତ ସରି । ୧୯ ।
କର ଗ୍ଳାଇ ଲବେ ନଥିଲ ପଲ୍ଲବେ
ପାଦ, ପଦ୍ମେ ଘୃଣା କଲ,
ଶାରଦ-ପୂର୍ଣ୍ଣିମା- ଚନ୍ଦ୍ର ବଦନର
ଦାସପଣେ ନ ମାନିଲ । ୨୦ ।
ରୋମାଳି କପଟେ କୋଟି ରେଖା କାଟି
ଗୁଣ ଗୁଣି ଗୁଣି ବିହି,
ଦୋଷ ନାହିଁ ବୋଲି ଲୋମକୂପ ଛଳେ
ମଣ୍ଡଳ (୧) ନାହିଁକ ଲିହି ? । ୨୧ ।
ଊର ଦୁର୍ଗ ଲଂଘି ପାର୍ଦ୍ଧ-ପୀନତାକୁ
ଅର୍ଗଳରୁ ବାନ୍ଧୁ ନେଲ,
ସେ ପୁର-ଦ୍ୱାରର ଦୃଢ଼ତା ପ୍ରସାର
ନଳ ଊରେ ଜୁର ହେଲ । ୨୨ ।
ଅଂଶମାତ୍ର, ନେତ୍ର ପଦ୍ମକୁ ଚନ୍ଦନ
ଇନ୍ଦୁକୁ ନନ୍ଦନ ପ୍ରୀତ,
ଅନନ୍ୟ ସୁନ୍ଦର ଜଗତରେ ମୁଖ
ହେବ କାହିଁ ଉପମିତ ? । ୨୩ ।
ପଙ୍କଜେ ତର୍ଜିଲ ନୟନ, ଇନ୍ଦୁକୁ
ମନ୍ଦ ହାସ ନିନ୍ଦା ଦେଲ,

---

(୧) ପୂର୍ବେ ତାଳପତ୍ର ପୋଥିରେ ଚନ୍ଦ୍ରମୁକ୍ତ ଗୋଲାକାର ରେଖାଦ୍ୱାରା, ଲୋକେ ଶବ୍ଦ ବା ଅକ୍ଷରର ଶୁଦ୍ଧତା ପ୍ରମାଣ କରୁଥିଲେ ।

Digitized by srujanika@gmail.com

ଆଜ କଏ ବଡ଼ ଅହ୍ନା ସେ ମୁଖର
ଉପମା ଦରିଦ୍ର ହେଲା । ୨୪ ।
କେଣ ପାଶେ ଭୁଲି ପୁଚ୍ଛକୁ ଚମରୀ
ତୁଚ୍ଛ ବୋଲି, ତାକୁ ଘଲି,
ଦୋଷ ନାହିଁ ବୋଲି ବାଳ-ଚପଳତ୍ୱ
ଦେଖାଏ ଲାଙ୍ଗୁଳ ଟୁଳି । ୨୫ ।
ନଳ ପାଶେ ହେଲ ଜଗତ-ଯୋଷାଙ୍କ
ଦ୍ୱିଧା ମନପଥ ଭ୍ରମ,
ରୂପ ଚାହିଁ ତାଙ୍କୁ କାମ (୧) ମନେ କଲେ
ତାଙ୍କଠାରେ ହେଲ କାମ (୨) । ୨୬ ।
ଅନମେଷ ନେନେ ସୁର-ବାଳାମାନେ
ନଳ ରୂପ ଚାହିଁ ଚାହିଁ,
ଅଭ୍ୟାସ ବଶେ ସିନା ସେମାନଙ୍କ
ପଲକ ପତନ ନାହିଁ ? । ୨୭ ।
ନଳ ଗୁଣ ଶୁଣି ଚକ୍ଷୁର ପ୍ରଶଂସା
କଲେ ନାଗ ବଧୂଗଣ,
ନ ଦେଖି ନୟନେ ପୁଣି ପର କ୍ଷଣେ
କଲେ ତା' ନିନ୍ଦା ଗାୟନ । ୨୮ ।
ଅଜସ୍ର ଭାବନା- ବଳେ ନେତ୍ର ମୁଦ
ନଳ ରୂପ ଶୋଭା ଚାହିଁ,
ପଲକ ପତନ- ଜନିତ ବାଧାକୁ
ମାନବୀ ଗଣିଲେ ନାହିଁ । ୨୯ ।
ଭ୍ରମେ ନଳ ନାମ ନ ନେଲ କଏ ସେ
ସ୍ୱପନେ ନଳ ମୂରତି,
ନ ଦେଖିଲ, ନଳ ବର୍ଣ୍ଣିର ପଦକୁ
ନକଲ ବା କଏ ରତି ? ୩୦ ।
ରୂପେ ନଳ ଯୋଗ୍ୟ ଗଣି ଆପଣାକୁ
ଚାହିଁବାନ୍ତ ଦରପଣ,

(୧) କନ୍ଦର୍ପ (୨) ଇଚ୍ଛା

Digitized by srujanika@gmail.com

ଭୈମୀ ବିନା ଦର୍ପ- ହୀନା କେ ନହିନା
ନହିଲ ଶ୍ୱାସେ ମଳିନ । ୩୧ ।
ନଳେ ବଦ୍ଧଶ୍ରମ- ସୁତା ମନେ କାମ
ପଶିଲ ବେଗ ବୟସେ (୧)
ଅନ୍ତଲାବଦ୍ଧ ବାଣାସୁର ପୁରେ
ପଶିଲ ପର ବୟସେ (୨) । ୩୨ ।
ଶୁଣି ପୁଣି ଅନ ନୃପଙ୍କୁ ନ ଗଣି
ଖାଲି ଦେଲ ବଚେ ବଳେ
କାମ-ଅନୁଗତ ମନକୁ ହେମକା
ରୂପ ଅନୁରୂପ ନଳେ । ୩୩ ।
ନିତ ନିତ ବନ୍ଦ- ବନ୍ଦନା ସମୟେ
ପିତାଙ୍କ ସେବାରେ ଆସି
ସ୍ତୁତ କାଳେ ନଳ ନାମ ଶୁଣି ବାଳା
ପୁଲକେ ଉଠଇ ଭାସି । ୩୪ ।
କଥା ପ୍ରସଙ୍ଗରେ ସଖୀ ମୁଖୁଁ ଶୁଣି
ଭୂଣ ଭେଦେ ନଳନାମ
ଆନନ୍ଦେ ସୁନ୍ଦରୀ କାନ ଡେର ରହେ
ଆପେ ଛାଡ଼ି ସବୁ କାମ । ୩୫ ।
"ମୃତ ଅନମେଷ କାମକୁ ମୋ ଉର
ତା ଠାରୁ ସୁନ୍ଦର କିଏ ?"
ବୋଲି ସଖୀ ମୁଖଁ ମଦନ ମୋହନ
ନଳ ନାମ କାଢ଼ି ନିଏ । ୩୬ ।
ନିଷଧୁଁ ଅଗତ ଦୂତ, ଦ୍ୱିଜ, ଭଟ
ଭିକାରୀଠୁଁ ଜିଜ୍ଞେଲେ,
ନଳ କୀର୍ତ୍ତି ଗାଥା ଶୁଣି, କି ମମତା
ଧର ଭଲଣ୍ଡାରେ ସରେ ? । ୩୭ ।

---

(୧) ଯୌବନେ (୨) ପକ୍ଷୀ ଗରୁଡ ଦ୍ୱାର

Digitized by srujanika@gmail.com

ତ୍ରିଜଗତ ସାର ସୁନ୍ଦର ସୁନ୍ଦରୀ
କ୍ରୀଡ଼ା ମନ୍ଦିରେ ଭିତ୍ତିରେ,
ଲେଖାଇ, ଦେଖଇ ନଳ ମୂରତିର
ସମତା ନିଜ ମୂର୍ତ୍ତିରେ । ୩୮ ।

ମନେ ମନେ ବରି ଶୟନେ ସୁନ୍ଦରୀ
ନିତି ନିତି ଦେଖେ ନଳେ,
ନ ଦେଖିଲ ରୂପ ନୟନେ ନାଚଇ
ସ୍ୱପନେ ସୁଭାଗ୍ୟ ବଳେ । ୩୯ ।

ବାହ୍ୟ ଜ୍ଞାନ ଶୂନ୍ୟ ହୃଦ, ନିଜେ ମୁଦା
ନୟନକୁ ନ ଦେଖଇ,
ଅଦେଖା ନଳଙ୍କୁ ଦେଖୁଥାଏ ବାଳା
ନିଜ ଆତ୍ମାରେ ସ୍ମରଇ । ୪୦ ।

ହେମନ୍ତେ ଦିନକୁ ବଡ଼ ମନେ କଲେ
ଲବ୍ଧ ଭୈମୀ କାମ ତାତ,
ଗ୍ରୀଷମ ଋତୁରେ ଜଣାପଡ଼େ ତାକୁ
ବଢ଼ି ଅସୁଛି କ ରାତ ? । ୪୧ ।

କାନ୍ତ କୀର୍ତ୍ତି ମୋତି- ପନ୍ତି ଗୁନ୍ଥା ହୋଇ
ଦମୟନ୍ତୀ-ଗୁଣାବଳୀ,
ଲୋକ ମୁଖୁଁ ଆସି ଯୁବା ଧୈର୍ଯ୍ୟ ନାଶି
ନଳ କାନେ ଗଲା ଗଳି । ୪୨ ।

ମୂର୍ତ୍ତିମତୀ ନିଜ ଅମୋଘ ଶକତି
ଦମୟନ୍ତୀ ଯେନ କରି,
କାନ୍ତ କୀର୍ତ୍ତିହର ନଳ ବିଜିଗୀଷା
ପୋଷିଲା କାମ ମହାସ୍ତ୍ରୀ । ୪୩ ।

ଭୈମୀ ଗୁଣ ନଳ- ଶ୍ରବଣେ ଢୁକିଲା
ଲୁଟିବାକୁ ଧୈର୍ଯ୍ୟ ଧନ,
ବାଣ ଯୋଖି ଗୁଣ ଟାଣିଲା ଶ୍ରବଣ
ସରକ ରୁଷି ମଦନ । ୪୪ ।

Digitized by srujanika@gmail.com

ସୁଧୀର ନଳକୁ ସାଧିବା ସାହସେ
ଶିଞ୍ଜିନୀରେ ଯୋଖି ଶର,
ଜନେଜେବ ଜାଣି ଅର୍ଜିଥିବା ଯଶ
ବର୍ଜି ନଥିଲା କି ସ୍ମର ? । ୪୫ ।
ନଳ ସଙ୍ଗେ ଭୈମୀ ସଂଯୋଗ, ଅମୋଘ
ଇଚ୍ଛା ଥିଲା ବିଧାତାର,
ତେଣୁ ନଳ ଧୈର୍ଯ୍ୟ- କଣ୍ଟକ ଭେଦିଲା
ସ୍ମର ଫୁଲ-ଶରେ ସ୍ମର । ୪୬ ।
ଅଦ୍ୟାପି ବିଧାତା ଯା’ ବାଣକୁ ଡରି
ଭଜଲେ ବସନ୍ତ ଯାଇ,
କଣନ୍ତେ ଚାହିଁ ସେ ଅନଙ୍ଗକୁ ନଳ
ଅଲଂଘ୍ୟ ଆପଣା ଛାଇ (୧) । ୪୭ ।
ନଳ ହୃଦେ ଭୈମୀ ପଶିଲେ ଦୁର୍ଗମ
ଚିନ୍ତା-ନଦୀ ହୋଇ ପାର,
ନବ ଯୌବନ ଦେବାକୁ ନୂତନ
କୁଚ କୁମ୍ଭ (୨) ଉପହାର । ୪୮ ।
ଲୋଭ ଲୋଚନକୁ ବାମ ଲକ୍ଷଣକୁ
ଲଗାଇ ନେଲେ ସ୍ୱଜନ,
ଉଜାଗର ଦୁଃଖ ଦେଖିଲା ଶୋକ-
କୋମଳ-ନିଶା-ସ୍ୱପନ । ୪୯ ।
କାମ ତାପ ସହି ଯାମକୁ ଯାମକା
ନ ମାଗିଲେ ନରବର,
ଅଯାଚିତ ବ୍ରତ ନ ଛାଡ଼ଇ ମାନୀ
ଚୁକାଯାରେ ସୁଖ ପ୍ରାଣ । ୫୦ ।

(୧) ଚନ୍ଦ୍ର ଆଲୋକରେ ଛାଇକୁ ଅତିକ୍ରମ କରିହେବ ନାହିଁ, ଛାୟା ଚନ୍ଦ୍ର ସଙ୍ଗେ ସଙ୍ଗେ ଥାଏ । ନଳଙ୍କ ରୂପର ଛାୟା କନ୍ଦର୍ପଠାରେ ଥିଲା, ଅର୍ଥାତ୍ ନଳ କନ୍ଦର୍ପଠାରୁ ବଳି ସୁନ୍ଦର ଥିଲେ ଏହାହିଁ ତାତ୍ପର୍ଯ୍ୟ ।

(୨) ପ୍ରଭୁରଣ କାର୍ଯ୍ୟରେ କୁମ୍ଭ ସାହାଯ୍ୟ କରେ ।

Digitized by srujanika@gmail.com

ବିରହ ନିଃଶ୍ୱାସ ଲୁଚାଇଲେ ନଳ
ଅଳୀକ ବିଷାଦ ଛଳ,
ପାଣ୍ଡୁତା ଢାଙ୍କିଲେ "ଅଙ୍ଗରାଗେ ମିଶା
ଅଧିକ କର୍ପୂର" ବୋଲି । ୫୧ ।
ନ ଦେଖି ଅଗରେ ପ୍ରିୟାଙ୍କୁ ସଗରେ
ତୁମେ କହିବା ବଚନ,
ବୀଣା ପଞ୍ଚମରେ ମୂର୍ଚ୍ଛା ଛଳେ ନଳ
ସଭାରେ କଲେ ଗୋପନ । ୫୨ ।
ଦୁର୍ବାର ଶମ୍ବର- ବଇରି ବିକ୍ରମ
କ୍ରମଶଃ ଜଟିଳ ପୁଣି,
ଲଜ୍ଜା କଲେ ନଳ ଜିତେନ୍ଦ୍ରିୟ ଖ୍ୟାତି
ସଭାରେ ଯିବ କି ତୁଟି ? । ୫୩ ।
ନଳ-ଚପଳତା ରୋଧି ନ ପାରିଲେ
ବିବେକ-ପ୍ରଭବ ଗୁଣ,
ଅନିରୁଦ୍ଧ କାମ- କାମନା ରଥରେ
ସୃଷ୍ଟି ସ୍ୱଭାବ ଲକ୍ଷଣ । ୫୪ ।
ନାନା ଯତ୍ନେ ନଳ ସଭାରେ ଲୁଚାଇ
ନ ପାରି ଅନଙ୍ଗ ଚିହ୍ନ,
ତହୁଁ ଉପବନ ବିହାର ଛଳରେ
ଛାଡ଼ିଲେ ସ୍ୱଜନ ଗଣ । ୫୫ ।
ପୁର ଉପବନ ନିରେଖିବା ପାଇଁ
ଅନ୍ତରଙ୍ଗ ସଖା ମେଳେ
ମଦନମୋହନ ନଳ, ଯାନ ଲାଗି
ଭୃତ୍ୟଙ୍କୁ ଆଦେଶ ଦେଲେ । ୫୬ ।
ଚଞ୍ଚଳ ଚରଣେ ମଧୁର କୁଞ୍ଚନ-
ପଟୁଗତି ବିଚକ୍ଷଣ,
ପୁରୁଷ ପ୍ରମାଣ ଧବଳ ଅଶ୍ୱକୁ
ସାଜ ଦେଲେ ଭୃତ୍ୟଗଣ । ୫୭ ।
ଦେବ ମଣି (୧) ଧାରି ଅବଟୁ (୨) ମାର୍ଗରେ
ପୁଣି ବାହାରିଲା ପର,

(୧) ଅଶ୍ୱ କଣ୍ଠସ୍ଥିତ ଲୋମଚକ୍ର, ପକ୍ଷେ କୌସ୍ତୁଭମଣି ।
(୨) ଅଶ୍ୱ ମସ୍ତକସ୍ଥ ଲୋମଚକ୍ର ।

Digitized by srujanika@gmail.com

ରାଜୁଥିଲା ତା'ର ସୁକେଶ କେଶରେ
ଚନ୍ଦ୍ରିକା ସୁଷମା ଧରି । ୫୮ ।
ଦ୍ରୁତ ଭୂମିତଟ ତାଡ଼ନେ ଜନ୍ମିଥିବ
ଅଣୁ ରୂପେ ଜନମନ,
କ୍ଷିପ୍ର ଗତି ଶିକ୍ଷା ଲଗି ଆସି, କିବା
ସେବୁଥିଲେ ତା' ଚରଣ । ୫୯ ।
ନିଜ ବଳ ବେଗ କହିବା ଇଚ୍ଛାରେ
ସମୁଚ୍ଚ ଟେକି ଘୋଣା ଗୃଲ,
ମାରବୁ ଥିଲା ଯେ ତୁରଗ ଇଙ୍ଗିତ
ଜାଣନ୍ତି ତ ନଳ, ଭଲ । ୬୦ ।
ଏକା ଚକ୍ରବର୍ତ୍ତୀ ମହାରଥେ ପଥେ
ବହି ଶୁଭ୍ରବପୁ ଯତେ,
ତପନ ତୁରଗ ଦର୍ପକୁ ଦଶନ-
କିରଣ ବ୍ୟାଜେ ସେ ହସେ । ୬୧ ।
ସଞ୍ଚାଳି ଲାଙ୍ଗୁଳ କେଶର ଧବଳ
ଚାମର ଯୁଗଳ ଛଳେ,
ନିଜ ବାଜିରାଜ ପଦକୁ ଚହାଇ
ଦେଉଥିଲା ବଳେ ବଳେ । ୬୨ ।
ଭୁଜଗ ଭକ୍ଷଣ ପଙ୍କଜରୁଷ ନାଶି
ଖଲୀନ ଚର୍ବଣ ଛଳେ,
ଉଡ଼ନ୍ତା ଗରୁଡ଼ ବଢ଼ାଇ ରଙ୍ଗେ ସେ
ପବନ ଗତିରେ ଚଳେ । ୬୩ ।
ଚଢ଼ିଲେ ଅନଳ- ଲୋଚନ (୧) ଭୂଭୃତ (୨)
ଶାସନ ମହା-ମଘବା,
ସିନ୍ଧୁ-ଜାତ, ଇନ୍ଦୁ- ସୋଦର ସେ ଅଶ୍ୱେ
ଜଣା ଯା'କୁ ଉଚ୍ଚୈଃଶ୍ରବା । ୬୪ ।

---

(୧) ଦୀର୍ଘ ନେତ୍ର, ପକ୍ଷେ ଇନ୍ଦ୍ର ।

(୨) ରାଜା, ପକ୍ଷେ ପର୍ବତ ।

Digitized by srujanika@gmail.com

ଦ୍ରୁତଗତି ଅଶ୍ୱେ ଗମିଲେ ନୃପତି
ପଛେ ଅଶ୍ୱବାର ଗଣ,
ରଥ ପଛେ ପଛେ ଧାଇଁଲା କଟା ସେ
ଉଜ୍ଜ୍ୱଳ ରଥ କରଣ । ୬୫ ।
ଜନ ମନୋହର ଅଶ୍ୱବାର ବେଶେ
ଗମିଲେ ନୃପତି ଖରେ,
ଅପଲକ ନେତ୍ରେ ଅନାଇ ରହିଲେ
ନାଗରକ ମୋଦଭରେ । ୬୬ ।
ଚନ୍ଦ୍ରନାଭ ଇନ୍ଦ୍ର- ପତ୍ରନାମ ନଭ
ବାୟୁ ବେଗେ ଅଶ୍ୱ ଗୂଳ,
ଜନ ଦୃଷ୍ଟି ବୃଷ୍ଟି ସଙ୍ଗେ ସଙ୍ଗେ ରଙ୍ଗେ
ପୁରପଥ ଗଲେ ଚଳି । ୬୭ ।
ମିଛେ ମିଛେ ଯୁଦ୍ଧ- ଅଭିନୟ କଲେ
ସାଦିଗଣ ହେଳା ମୁଖେ,
"ନିଅ, ମାର ଧର" ଉଠିଲା ଶବଦ
ତୋମର ଫିଙ୍ଗିଲେ ସୁଖେ । ୬୮ ।
ବଳୁର ଖୁରଘେ ଲଙ୍ଘିଯିବା ପାଇଁ
କେତେ ମାନ ଯୁଦ୍ର ଧରା,
ହିନ୍ଦୁ ପୋଡ, ଘୁଳୀ ଭରିବାକୁ ଧୂଳି
ବେଗେ ଉଡ଼ାଇଲେ ସରା । ୬୯ ।
ଏକ ପାଦେ ହର (୧) ଅନୁମିଲେ ନଭ
ଦୁଇ ପାଦେ କଟା ଯୋଡ,
ବୋଲ ଉଠି ଉର୍ଦ୍ଧ୍ୱେ ନର୍ତ୍ତ ଦେଖିଲେକ
ଲକେ ହର (୨) ମୁଖ ପୋଡ । ୭୦ ।
ସୈନ୍ଧବ ସାଦୀଏ ଜନ ବଚନରେ
ଶତ୍ରୁ ପ୍ରଶଂସିନ ଭଲ,

---

(୧) ବିଷ୍ଣୁ
(୨) ଶିବ

ବାଡବ ମଣ୍ଡଳ- ଗଢ ବିରଚିଲେ
ପରଶି ଦ୍ୱାର ସ୍ଥଳୀ । ୭୧ ।
ନଳ ଯଶ ଜଳ ସିନ୍ଧୁକୁ ଗୋଷ୍ପଦ
ଅଗ୍ରତ ଲଙ୍ଘିଲେ ଦଶ,
ଜାଣି ଚନ୍ଦ୍ର-ଗଡ ଆଶ୍ରିଲେ କି ଅଶ୍ୱେ
ଧର ଗଡ ମଣି ବେଷ । ୭୨ ।
ଗୃହ ହର୍ମ୍ୟ ଗୃଳ ଛଳ ଉଠଲେ ନଳ
ରଚିଲେ ଯେ ଚନ୍ଦ୍ର ଗଡ,
ତନ୍ତୁଁ ଶିଖେ ସିନା ଗଢ କୁଶଳତା
ଚନ୍ଦ୍ର ପବନ ସଂପ୍ରତି ? । ୭୩ ।
ଶାନ୍ତି ଲଭିବାକୁ ବିଳାସ କାନନେ
ପଶିଲେ ନୃପ କେଶରୀ,
ପ୍ରବାଳ ପାଟଳ ଘନ ଶ୍ୟାମମୟ
ସାଗରେ ଶ୍ରୀହରି ପରି । ୭୪ ।
ସ୍ନିଗ୍ଧ ବନ୍ଧୁ ଭଳି ପୁରଜନ ନେତ୍ର
ବନାନ୍ତୁ ଅଇଲା ଫେରି,
ଅନ୍ତର ହେଲେ ତ ଦୃଷ୍ଟି-ପଥୁଁ ନଳ
କି ଫଳ ଅପେକ୍ଷା କରି ? । ୭୫ ।
ବନପାଳମାନେ ଅଙ୍ଗୁଳି ସଙ୍କେତେ
ମନୋହର ଫୁଲ ଫଳ,
ଚିହ୍ନାଇଲେ ସୁଖେ କାନନ ମାଧୁରୀ
ଦେଖି ସୁଖୀ ହେଲେ ନଳ । ୭୬ ।
ବାତେ ବିକମ୍ପିତ ପଲ୍ଲବ-ପାଣିରେ
ଧରି ନାନା ଫୁଲ ଫଳ,
ନଳଙ୍କ ଆତିଥ୍ୟ କଲେ ଋଷି ସଙ୍ଗେ
ଶିକ୍ଷା ଫଳେ ତରୁଦଳ । ୭୭ ।
ଚନ୍ଦ୍ରଚୂଡ଼ ଶିବ ବଲ୍କଳେ ଅର୍ଜିତ
ଚରିଷ୍ଣୁ ଦୁର୍ଯ୍ୟଶ ଭଳି,
କାନନେ କୁତୁକେ ନିରେଖିଲେ ନଳ
ଭେତକ ଦଳରେ ଅଳି । ୭୮ ।

Digitized by srujanika@gmail.com

"କାମ କର୍ଣ୍ଣିଶର କଣ୍ଟକ ତୋହର
ବିଯୋଗି ହୃଦରେ ଫୁଟେ,
ତେଣୁ ସ୍ମରହର କଲେ ତୋତେ ଦୂର
ଝିଙ୍କିଲେ ପରାଣ ଛୁଟେ ।୭୯।
ପଦ ତୋର କାମ- କରତ ବିଯୋଗି-
ଜନ ହୃଦ-ଦାରୁ ଚିରେ,
କାମୀ, କାମିନୀଙ୍କ ଅପଯଶ ପଟ
ସିଅଁ ସେ ଅଗ୍ର ସୂଚୀରେ ।୮୦।
ଫୁଲ ଧନୁ-ମଧୁ- ସ୍ନିଗ୍ଧ କରେ କାମ
ତୋ ପରାଗ-ଧୂଳି ବୋଳି,
ଦମୟନ୍ତୀ ଯେଣ ବନ୍ଧେ ସିନା ଶର
ବୋଲି ଶ୍ଳେଷ ଦେଲେ ଗାଳି ।୮୧।
ଉଦ୍ୟାନେ, ଧୂପିତ ଦାଡ଼ିମ ଦ୍ରୁମରେ
ଧୂମପାୟୀ ଅଧୋମୁଖ,
ଘଟ ପରି, ପୁଷ୍ପ ଫଳ ଦେଖି ନଳ
ଲଭିଲେ ବିରହ ଦୁଃଖ,
ଭାବିଲେ ଭୀମଜା ଉଚ୍ଚ କୁଚ ଭଳି
ହେବାକୁ ଦୋହଳି ଛଳେ,
ଧୂପ ପିଇ ସିନା ଅଧୋମୁଖେ ରହି
ଏ ଘୋର ତପସ୍ୟା କରେ ।୮୨।
ଦାଡ଼ିମୀ ଲତାକୁ ନିରେଖିଲେ ନଳ
ବିଯୋଗିନୀ ନାରୀ ପରି,
ପ୍ରିୟ ସ୍ମୃତି ବଶେ କଣ୍ଟକ କପଟେ
ପୁଲକ ଥିଲା ସେ ଧରି ।
ଶୁକ ମୁଖ ବ୍ୟାଜ କିଂଶୁକ ଅଗ୍ରେ
ଫଳ ସ୍ତନ-ସ୍ଥାନେ ମାରି,
ଚିରିବାରୁ ଅବା ଫୁଟି ଦିଶୁଥିଲା
ହୃଦ ଅନୁରାଗ ତାରି ।୮୩।
ପୁର ଉପବନେ କିଂଶୁକ ସୁମନ
ଦେଖି ନଳ ମନେ କଲେ,

Digitized by srujanika@gmail.com

କାମ-ଅର୍ଦ୍ଧଚନ୍ଦ୍ର   ସାୟକ ସିନାଏ
          ବିଯୋଗି ହୃଦୟ ଜଳେ ।
ପଳାଶ ନାମକୁ   ଧରେ କୃଶ ପାନ୍ଥ
          ପଳକୁ ଅଶନ କରି,
ଜୀର୍ଣ୍ଣ ନୋହୁ ଏକା   କଳା ବୃକୁ ଖଣ୍ଡ
          ଗର୍ଭେ ଦଶେ ଭେଙ୍ଗ ପରି ।୮୦।
ମନ୍ଦ ଗନ୍ଧବହ-   ଚୁମ୍ବିତା, କମ୍ପିତା
          ମରନ୍ଦ ସ୍ୱେଦ ମାଳିନୀ,
ଦର ବିଦଳିତ   ମୁକୁଳ କପଟେ
          ମଧୁର ସ୍ମିତ ଶାଳିନୀ ।
କାନନେ ନବୀନା   ଲତା-ବନିତାକୁ
          ନୟନେ ପିଇଲେ ନଳ,
ଉରନ୍ତରେ ଦର-   ଆଦର ମିଶାଇ
          କାମେ ହୋଇ ଜର ଜର ।୮୧।
ଶମ୍ବର-ପୂଜା-   ପ୍ରଦୀପ ପରାଏ
          ଦଶିଲ ଚମ୍ପକ କଳି,
ପଥିକ-ପତଙ୍ଗ-   ବଧ ପାଠ ଛଳେ
          ଖେଳୁଥିଲା ତହିଁ ଅଳି ।୮୨।
କାମ ଫୁଲଶର-   ପରାଗ ନିକର
          ପବନେ ଗଗନେ ଉଡ଼େ,
ବର୍ଷିଲେ ନଳ   ବିଯୋଗି ଜନଙ୍କୁ
          ଅନ୍ଧ କରିବାକୁ ଲୋଡ଼େ ।
ବିନ୍ଧିଥିଲା ଶର   ପୁରାରିଙ୍କୁ ମାର
          ତାଙ୍କର ବିଭୂତ ସିନା,
ସତେ ଫୁଲ ଶରେ   ପରାଗ ରୂପରେ
          ନ ଦେବ କିଂବା ବେଦନା ? ।୮୩।
ଭ୍ରମର ହୁଂକାର   ଛଳେ ହୁଁ ହୁଁ ମାରି
          କାନନ କରୁଣା ବହୁ,
କୋକିଳ ମୁଖରୁ   ବିରହୀ ବେଦନା
          ଶୁଣୁଥିଲା ରହି ରହି ।

Digitized by srujanika@gmail.com

ଅନାସ୍ଥା ପ୍ରକାଶି ସ୍ଥଳ କମଳିନୀ
ପ୍ରସାରୁ ପ୍ରସୂନ କର,
ନ ଶୁଣିବା ଲାଗି ବାନ୍ଧୁଥିଲା ତାକୁ
ଦୁଃଖେ ନିରେଖିଲେ ନଳ ।୮୮।
ବିସ୍ମରିଲେ ନଳ ଭ୍ରମର ଝଂକାର
ସରୋଷ ହୁଂକାର ଛଳ,
ବିଯୋଗି ଜନକୁ ଉଡ଼େଇ କି ରସାଳ
ବକୁଳ ଅଙ୍ଗୁଳି ଗୁଳ ।୮୯।
କ୍ଷୀଣ ହୁଅ, ତାପ ବଢ଼ୁ, ମୂର୍ଚ୍ଛା ଭଜ,
ବୋଲି କି ପଥିକଗଣେ,
ଶାପ ଦିଏ ପିକ ଦ୍ୱିଜ ସ୍ୱଭାବରେ
ଦେଖାଇ ରକ୍ତ ଲୋଚନେ ।୯୦।
ଅଧୀର ନୟନେ ପିଇ, ନାଗେଶ୍ୱର
କଳିକ ଅଳି ଚୁମ୍ବିତ,
ବିରହୀ ବିପଦେ ଧୂମକେତୁ ଭଳି
ବିସ୍ମିତ ନଳ ଚକିତ ।୯୧।
ଫିଙ୍ଗେ ନାଗେଶ୍ୱର ପରାଗ ଭଙ୍ଗୀରେ
ଭ୍ରମି ବସେ ଭୃଙ୍ଗାବଳି,
ମାର ଶର ଘଷା ଖଣ୍ଡରୁ ସ୍ଫୁଲିଙ୍ଗ
ଶ୍ରେଣୀ କି ପଡ଼ଇ ଗଳି ? ।୯୨।
ଫୁଲରୁ ସୁଗନ୍ଧ ନଳ ଅଙ୍ଗେ ଗଲେ
ଗୁଣଗ୍ରାହୀ ଶିଳୀମୁଖେ,
ଲାଜ ଭୟ ଦୂର ଖସିଲା କି ଶର
ତୂଣୁଁ, ଗଳ ନିଜ ମୁଖେ ।୯୩।
ଢଳେଇ ପଲ୍ଲବ ଭଣ୍ଡାରରେ ଫୁଟି
ବାଣ୍ଟି ଚନ୍ଦନ ସୁବାସ,
ପକ୍ୱ ବିଲ୍ୱଫଳ, ବାରନାରୀ କୁଚ
କରୁଥିଲା ଉପହାସ ।୯୪।
ସୁଧା ସୁମା ମନ ମୋହନ ପ୍ରସୂନେ
ପୂରିତ ଗର୍ଭ ଗହ୍ୱର,

Digitized by srujanika@gmail.com

ପାଟଳା ସ୍ତବକେ କାମ-ତୂଣି ମଣି
ଭୟରେ କମ୍ପିଲେ ନଳ । ୯୫ ।
ନଳଙ୍କୁ ଦଶିଲ କୋରକର ଶ୍ୟାମ
ମୁନିଭ୍ରୂମ ଛମ ପରି,
ଷଡ୍‌ଯୁ ପୃଷ୍ଠେ ବ୍ୟଯୁ ବ୍ୟାଜେ ଭୁକ୍ତ ଇନ୍ଦୁ-
କଳା ଉଗାରିଳ ଉଳି । ୯୬ ।
ତୁଷାର ପାଣ୍ଡୁର ପଲ୍ଲବ ପତମା (କେତକୀ)
ଫେଇ ଲତା ବନାନ୍ତର,
ବସନ୍ତେ କୁସୁମ- କେଳି, ପବମାନ
ଗୃହ୍ଣି ନ ଗୃହ୍ଣିଲେ ନଳ । ୯୭ ।
ଧରଣି ଧାର୍ଯ୍ୟର ଉତ୍ସଙ୍ଗରେ ବଢ଼ି
ଫଳ ଭରେ ତା’ ଚରଣ,
ବନ୍ଦନ୍ତ ପାଦପେ ଦେଖି, ନଳ କଲେ,
ଆଦରେ ଅଭିନନ୍ଦନ । ୯୮ ।
ବନ ବାତେ ଧୌତ, ଫୁଲ୍ଲ ରସେ ସିକ୍ତ
କେତକୀ ରେଣୁରେ ସିତ,
ଚନ୍ଦ୍ରିକା ସଦୃଶ ବନ-କାନ୍ତି, ତୋଷି
ନ ପାରିଲା ନଳ ଚିତ୍ତ (୧) । ୯୯ ।
ବିରହେ ନଳଙ୍କ ମୁଖ, ଚନ୍ଦ୍ର ଭଳି
ଗୃହ୍ଣି ପିକ (୨) କ୍ରୋଧ କରି,
ଚନ୍ଦ୍ର ବୈରୀକୁ ତାହେ କି "କୁ’ ହୁ” ଛଳେ
ଅରୁଣ ନୟନ ଧରି । ୧୦୦ ।
ଘୃତ, କାମ ଅସ୍ତ୍ର ପୁଷ୍ପ ସ୍ତବକକୁ
ପଲ୍ଲବେ ଘୋଡ଼ାଇ ରଖି,
‘ଅଶୋକ’ ନାମକୁ ସାର୍ଥକ କଲା କି
ଅନ୍ତରଣ କାମୀ ଦେଖି । ୧୦୧ ।

---

(୧) ବିରହାନଳ ଉଦ୍ଦୀପକ ହେବାରୁ ।

(୨) କାମର ମିତ୍ର, ବସନ୍ତର ଦୂତ ।

Digitized by srujanika@gmail.com

ବାଇଲା ତରଙ୍ଗ କ୍ରୀଡ଼ା ବ୍ୟାପୀ ଫଳରେ
ଗାଇଲା ପଞ୍ଚମେ ପିକ,
ନାଚିଲା ମୟୂର, ଭୃଙ୍ଗାଙ୍କୁ ଯୁଟିଲା
ବନେ ଆସି ଛୌର୍ଯ୍ୟତ୍ରିକ । ୧୦୨ ।
ପଢ଼ା ଶୁଆ ଶାରୀ ଛାଡ଼ଥିଲେ ଜନେ
ତାଙ୍କ ପାଇଁ ଉପବନେ,
ପଞ୍ଜୁରୀ ପ୍ରକାଶି ନଳ ଯଶୋଗୀତ
ଗାଇଲେ ମଧୁର ସ୍ୱନେ । ୧୦୩ ।
ସୁରଭି କାନନେ ବିହାର, ପ୍ରଶଂସା
ଶୁଣି ଶୁଆ ଶାରୀ ମୁଖେ,
ବାହାରେ ଆନନ୍ଦ ଲଭିଲେହେଁ କଣ୍ଟ
ଅନ୍ତରେ ପଡ଼ିଲେ ଦୁଃଖେ । ୧୦୪ ।
ପଶିଯିବ କାଳେ ଦ୍ରୁମ ଅଲବାଳ-
ଦଳେ ଏ ଆଶଙ୍କା କରି,
ଆପଣା କେତନ ମୀନକୁ ଯତନେ
କର କୋକନଦେ ଧରି ।
ମିତ୍ର ବସନ୍ତକୁ ଖୋଜୁଥିବା କାମ
ନଳଙ୍କୁ ମଣିଲେ ଜନେ,
ଇଚ୍ଛା ସୁଖେ ଆସି ସବୁ ଋତୁମାନେ
ବହନ୍ତି ଥିବା ଏ ବନେ । ୧୦୫ ।
ସୁମନ-ସୁବାସ ହରି, ମକରନ୍ଦ-
ପ୍ରବାହେ ଆନନ୍ଦେ ଭାସି,
ଲତା ବନିତାକୁ ନଚାଇ ଅନିଳ
ନଳଙ୍କୁ ସେବିଲା ଆସି । ୧୦୬ ।
ସୁଚିର ସଞ୍ଚିତ ଶ୍ରେଷ୍ଠ ରତ୍ନ ଜାତ
ଯେଉଁଣ ମନ୍ଥନ ଭୟେ,
ସେବନେ ପ୍ରଚ୍ଛନ୍ନ ନୀରନିଧି ଭଳି
ତଡ଼ାଗେ ଦେଖିଲେ ରାୟେ । ୧୦୭ ।
ତଟ ଭୂମି ଭେଦ, କରୁଥିବ ପିହ୍ନିତ
ଅର୍ଦ୍ଧେକ ତଡ଼ାଗ ଜଳେ,

Digitized by srujanika@gmail.com

ଶେଷ ପୁଚ୍ଛ ଛବ ମୃଣାଳ ସେ' ସରେ
ଐରାବତ-ଦନ୍ତ ଛଳେ । ୧୦୮ ।
ଜଳେ ସେନା ହସ୍ତ ପ୍ରତିବିମ୍ବ ଚୟ
ତେଣେ ଉତେଶ୍ୱରା ସର,
ଚଳ ବୀଚିମାଳ ଚଳନେ ତାଙ୍କର
କଶା (୧) ପ୍ରହାର ଯେପର । ୧୦୯ ।
ମଧୁପ ଚୁମ୍ବିତ ଶ୍ୱେତ ଶତଦଳ
କପଟେ ସେ ସରୋବର,
ଧରି ରଖିଥିଲ କଳଙ୍କ ସଙ୍କୁଳ
ବହୁ ରାକା-କଳାକର । ୧୧୦ ।
କମଳାକର ସେ ସରେ ଶେଷ ଅଛି
ମୃଣାଳ, ଅଳି ସଙ୍କୁଳ,
ପଦ୍ମ ଗୁଳ୍ମ ଛଳେ ରାଜନ୍ତି କେଶବ
ରଥାଙ୍ଗ ସଙ୍ଗ ମଞ୍ଜୁଳ । ୧୧୧ ।
ଏ ସରେ ତରଙ୍ଗ ରଙ୍ଗ ମନୋହର
ସାଗରେ ସରିତ ସର,
ଦର ବଦଳିତ କୋକନଦ କଳି
ପ୍ରବାଳ ଅଙ୍କୁର ଭଳି । ୧୧୨ ।
ଶ୍ୱେତ ପଦ୍ମ ଛଳେ ଫେଳାଏ ଚନ୍ଦ୍ରିକା
ସଲିଳେ ଚନ୍ଦ୍ରମା ଲୁଚି,
କାଳକୂଟ କାନ୍ତି- ଭ୍ରାନ୍ତ ତପୁଜାଏ
ନୀଳୋତ୍ପଳ ଦଳ ରୁଚି । ୧୧୩ ।
ତରଙ୍ଗ ଆଘାତେ ଥରି ଥରି ରଙ୍ଗେ
ଶୈବାଳ ବୁଲଇ ଭସି,
ଜଳେ ଥାଇ ଜଳେ ବାଡ଼ବ-ଅନଳ
ସେ ସିନା ତା ଧୂମ ରାଶି । ୧୧୪ ।

---

(୧) ଚାବୁକ

Digitized by srujanika@gmail.com

କଣ୍ଟକ କପଟେ ପୁଲକ ପ୍ରକାଶି
ଅହଚ୍ଛ୍ୟ (୧) ସଙ୍ଗେ ବିହରି,
ଦିବସେ ପଦ୍ମିନୀ ମୁଦେ ବିଳସଇ
ଧରି ଅପସରି ଶ୍ରୀ । ୧୧୫ ।
ତଟ ଶୈଳଠରୁ ପବନେ କମ୍ପଇ
ପ୍ରତିବିମ୍ବ ଖେଳେ ଜଳେ,
ବଜ୍ର ଭୟେ ଲୁଚି ମୈନାକ ଥିବାଏ
ଡେଣା କି ସାଗର ଜଳେ । ୧୧୬ ।
ଦେଖିଲେ ନୃପତି ଚାସ ସୁନା ହଂସ
ପିନ୍ଧୁ କଣା ସରତଟରେ,
ବସି ରହିଥିଲା ଶିରଂମ୍ପୁ ହଂସୀର
ପଦକଳ ମଧୁ-ଗିରେ । ୧୧୭ ।
ଲୋମ ଗୋପିଥିବା ଖଗ ପାଦପର
ଅଙ୍କୁର, ପଲ୍ଲବ ଭଳି,
ବୃନ୍ତ ଚଞ୍ଚୁପୁଟେ ଚରଣ ଯୁଗଳ
ପ୍ରିୟା ପ୍ରେମେ ଥିଲା ଧରି । ୧୧୮ ।
ପ୍ରିୟା ବିୟୋଗରେ ଏକାନ୍ତ ବିଧୁର
ଥିଲେହେଁ ଅବନିପତି,
ସେ ସୁନ୍ଦର ହଂସ ନରେଶ, ରଖିଲେ
ଅଳପ କୁତୁକେ ମତି । ୧୧୯ ।
ବିଧି ବଳେ ଯାହା ଅବଶ୍ୟ ଘଟିବ
ପାରିବ କେ' ଅନ୍ୟକରି,
ବିଧି ଇଚ୍ଛା ପଛେ ଧାଏଁ ଜନମନ
ବାଞ୍ଛା ପଛେ ଭୃଣ ପରି । ୧୨୦ ।
ଗତ ଖେଦେ ହଂସ ଗ୍ରୀବା ଭଙ୍ଗି ଡେଣା
ପକ୍ଷରେ ପୂରାଇ ଶିର,
ପାଦେ ଟେକି ନିଜ ଶୋଇଲା ଅଳସେ
ଅଧର ପଲ୍ଲବ ତୀର । ୧୨୧ ।

(୧) ସୂର୍ଯ୍ୟ

Digitized by srujanika@gmail.com

ନିଜ ମୁଖ ଶୋଭା ଗୃହ୍ନି ଜଳେ ନତ
ସନାଳ ସୁନା କମଳ,
କିବା ସେ ଶତ୍ରୁମ- ଦଣ୍ଡେ ମନୋହର
ବରୁଣ ପୀନ୍ଥ-ଗୃମର ? । ୧୨୨ ।
ଅକ୍ଷ ଚୃତକ ନଳ ଗୃଲଲେ ଭୂତଳେ
ପାଦୁଇ ଶୋଭିତ ପାଦ,
ପିଙ୍ଗଳ କ ବର୍ଣ୍ଣ ବନଜ (୧) ପ୍ରବାଳେ
ଅଚରିବା ପାଇଁ ବାଦ । ୧୨୩ ।
ଛଳ ବଳ ଧ୍ୱଂସୀ ବାମନୀ ମୂରତି
ନିଶବଦେ ପାଶେ ଯାଇ,
ଶୋଇଲା ହଂସକୁ ନିଷଧ ନୃପତି
ଧଇଲେ କର ବଢ଼ାଇ । ୧୨୪ ।
ଧଡ଼ପଡ଼ି ହଂସ ଉଚ୍ଛନ୍ନ ହୋଇଲା
ଉଡ଼ି ପଳାଇବା ପାଇଁ,
ଝାଡ଼ିଲେ ଦଂଶିଲା କରକୁ କେବଳ
ନିସ୍ତରେ ନ ପାରି ଯାଇ । ୧୨୫ ।
ଚକିତେ ବିହଙ୍ଗେ ଉଡ଼ି ପଳାଇଲେ
ଆକୁଳେ ବିକଳ ସର,
କୃପାବନ୍ଧୁ, ନଳ ବାରିଲା କ, ଗ୍ଳଳ
ଉର୍ମି ନେଲ ପଦ୍ମାକର ? । ୧୨୬ ।
ଛୁଟର ବିହଙ୍ଗେ କମ୍ପିତ ସେ ସନ୍ତେ
କମଳା ଯିବାରୁ ଚଳି,
ଚୂଳେ କଳହଂସେ ଭୁଜଲେ କ ତାଙ୍କ
ନୂପୁର ନିନାଦ ଛଳି । ୧୧୭ ।
ଯିତ ତେଜ, ରହି ଗଗନେ ବିହଙ୍ଗେ
କହିଲେ କ ସ୍ୱର ଛଳେ,
ନୃପେ ବାସ ଯୋଗ୍ୟ ପାଳିତ ଏ ଧର
ମର୍ଯ୍ୟାଦା-ବନ୍ଧନ ନଳେ । ୧୨୮ ।

---

(୧) ବନଜାତ ପଦ୍ମ ।

Digitized by srujanika@gmail.com

"ସୁନା ପକ୍ଷୀର ଏ ସୁନ୍ଦରିମା ନର-
ନୟନ ଦେଖିଛି କାହିଁ ?"
ବୋଲି ନଳେ ହଂସ ବୋଇଲା ତାଙ୍କର
କର ପଞ୍ଜରରେ ଥାଇ । ୧୨୯ ।
"ସୁନା ଡେଣା ଦେଖି ଲୋଭ ପରବଶ
ଧିକ ଧିକ ତୁମ୍ଭ ମନ,
ତୁଷାର ବିନ୍ଦୁରେ ସିନ୍ଧୁ ଜଳପରି
ବଢ଼ିଯିବ କେତେ ଧନ ? । ୧୩୦ ।
ମୋ ବଧ କେବଳ ପ୍ରାଣୀ ବଧ ନୁହେଁ
ବିଶ୍ୱାସ ଗଲ ମୁଁ ବୁଝି,
ହଂସା ତ ଅଧର୍ମ ଶତ୍ରୁ ପଛେ ହେଉ
ବିଶ୍ୱାସୀ ନାଶଇ କେହୁ ? । ୧୩୧ ।
ମହୀରେ ନାହାନ୍ତି କେତେ କେତେ ଶୂର
ଜିଘାଂସା ନୋହିଲା ତହିଁ,
କୃପା ପାତ୍ର କ୍ଷୁଦ୍ର ପକ୍ଷୀ ଜାତେ, ମାର
ବିକ୍ରମକୁ ଲଜ ନାହିଁ । ୧୩୨ ।
ମୁନି ପରି ବନ ଫଳ ମୂଳ ଖାଏଁ
ମୋ ପାଇଁ ଏ ଦଣ୍ଡ ଯେବେ,
ପତି ରୂପେ ପାଇ ତୁମ୍ଭଙ୍କୁ ଧରଣି
ଲଜ୍ଜିତ ହୁଏ କି ଏବେ । ୧୩୩ ।
ବିସ୍ମୟ କରୁଣା ଲଭେ ନିମନ୍ତ୍ରାଇ
ବଚନ ବ୍ୟାଜରେ ଛନ୍ଦ,
ତାଙ୍କ ହୃଦ-ଦମ୍ଭା- ସାଗରେ ମେଳିଲା
ବଚନ-କରୁଣା ନଦୀ । ୧୩୪ ।
ଜରଣି ମାତାର ଏକା ସନ୍ତତି ମୁଁ
ପ୍ରସୂତ ବରଷା ସତୀ,
କରୁଣା ଶୋଷିଲ ନାହିଁ ବିଧି ମୋତେ
ବଧିଲ, ମୁଁ ତାଙ୍କ ଗତି । ୧୩୫ ।
ଭଦେ ନିନ୍ଦ କାନ୍ଦ କ୍ଷଣେ ନିବର୍ତ୍ତିବେ
ଦୟାଳୁ ବନ୍ଧୁ ଏ ମୋର,

Digitized by srujanika@gmail.com

ସୁତ-ଶୋକସିନ୍ଧୁ ତରିବୁ ମାଆଲେ
ଅଛି କି ଉପାୟ ତୋର ? ୧୩୬ ।
ମୋ ଲାଗି ସନ୍ଦେଶ ମୃଣାଳେ ମନ୍ଥର
ପ୍ରିୟ କେତେ ଦୂରେ କହ
ପଡ଼ୁନ୍ତି କାନ୍ଦିଲେ ମୋ ବନ୍ଧୁ, ବନ୍ଧୁରୁ
ଧରି ପାରିବୁକି ଦେହ । ୧୩୭ ।
ଶୀତଳ ମୃଦୁଳ ପିଣ୍ଡ୍ୟାଳୁ ଶିଳ୍ପୀ
କହ ତୋ ପାଣି ପଙ୍କେ
କଳ୍ପିଥା ବିଚ୍ଛେଦ ଘଟୁ ଏ ନିଷ୍ଠୁର
ଲେଖାକି ମୋ ଭାଲେ ସାକେ ? ୧୩୮ ।
ସହଚର ହଂସ ମୁହିଁ ବଜ୍ରପାତ
ଭଲ ଏ ମନ୍ଦ ଖବର
ଶୁଣି ଚଞ୍ଚଳାକ୍ଷି ଚନ୍ଦ୍ର ମୋତେ ଅହା
ଦେଖିବ ଦଗ ଅନ୍ଧାର । ୧୩୯ ।
ମୋ ପେନ ଚନ୍ଦାଙ୍ଗି ହଜିଯିବୁ ଯେବେ
ହୃଦ ବିଦାରକ ଶୋକେ
ଦଇବେ ମରି ମୁଁ ନ ମଲି କି ପୁଣି
ଅହା ମୋ ଶିଶୁ ଶାବକେ । ୧୪୦ ।
ତୋ ବିନୁ ଆହା, ହା କ୍ଷୁଧା ବିକଳରେ
ଗଡ଼ି ଗଡ଼ି ମାଡ଼ି କୋଳେ
ଅଛି ନ ଫିଟୁଣୁ ମୋ ପ୍ରିୟ ଶାବକେ
ଯିବେ ସିନା ଯମ ପୁରେ । ୧୪୧ ।
ଅହା କମ୍ରମୁଖେ ଚୁଙ୍କାର କାହାକୁ
ସୁତେ ! ଚିରକାଳ ପାଇଁ
ସଜିଯିବ ବୋଲି ମୂର୍ଚ୍ଛା ଯାଇ, ନଳ
କୋଳକେ ଉଠିଲା ତେଇଁ ।୧୪୨ ।
"ରୂପ ଦେଖିବାକୁ ଥିଲା, ଯାଅ
ନୟନ ହେଲା ସଫଳ
ବୋଲି ଛାଡ଼ିଦେଲେ ବିକଳ ହଂସକୁ
ଶାନ୍ତ ଦୟାମୟ ନଳ । ୧୪୩ ।

Digitized by srujanika@gmail.com

ଭକ୍ତ ଅଶ୍ରୁ-ମାର୍ଗ ପଖାଳି ପୁଲକେ
ଆନନ୍ଦ-ଲେଖକ ହାଳି
ବାନ୍ଧବେ ତାହାର ଅବଛ କଟଲ କ
କୃଷ୍ଣ ଚନ୍ଦ୍ର ଗତ ଛଳି ? ୧୬୦ ।
ରଚିଲେ ସଚ୍ଚିତ ସଂଯତ ଭବରେ
ଚିତ୍ତେ ଚିନ୍ତ୍ୟ ଚିନ୍ତାମଣି
ନୈଷଧ କାବ୍ୟର ଏ ପ୍ରଥମ ଗ୍ରନ୍ଥ
ଶୃଙ୍ଗାର ଭଙ୍ଗୀର ଖଣି । ୧୮୫ ।

Digitized by srujanika@gmail.com

ଦ୍ୱିତୀୟ ସର୍ଗ

ଲୋକେଶ ପରମ ପୁରୁଷଙ୍କ ଠାରୁ
ମୁକ୍ତି ଲଭି ଦ୍ୱିଜବର,
ଲଭିଲା ସେ ଯେଉଁ ପରମ ଆନନ୍ଦ
ବଚନର ଅଗୋଚର । ୧ ।

ପୁଲକ ଉଲ୍ଲାସେ ଫୁଲାଇ ଶରୀର
ଝାଡ଼ିଲା ଥରକୁ ଥର,
ଝୁମି, ଚଞ୍ଚୁପୁଟେ ସୁଆରି ସାଜିଲା
କଶାଘାତ ରୁକ୍ଷ ପର । ୨ ।

ମୁକ୍ତି ଲଭି, ଉଡ଼ି, ପଳାଇ ବିହଗ
ନୀଳପ୍ରେ ବସିଲା ଯାଇ,
ପକ୍ଷ ମୃଦୁଳ ପାଦ ଚଳାଇ ସେ ପାଦେ
ମସ୍ତକ ଦେଲା କୁଣ୍ଡାଇ । ୩ ।

ତନୁ କଣ୍ଡୁୟନ- ପଣ୍ଡିତ ସେ ହଂସ
ପରୁ ଚଞ୍ଚୁପୁଟ-କୋଟି,
ପ୍ରହାରେ କୁଟିଳ ଦଣ୍ଡ-ବନ-ଦୁର୍ଗେ
ଲଗିଥିବା କାଠ କୋଟି । ୪ ।

ସୁତୀକ୍ଷ୍ଣ ଦଂଶନେ ସେ କାଠରୁ କେତେ
କୁଟି ଖଣ୍ଡ ଖଣ୍ଡ କରି,
ନିଜ ନୀଡ଼-କୋଡ଼େ ବିଛାଇଲା ସୁଖେ
ଅଳପ କଣ୍ଟ, ଆଦରି । ୫ ।

Digitized by srujanika@gmail.com

ଚେଡ଼ିଯାଇ ସର- କହ୍ଲାର ବହଳେ
ଉଡ଼ିଗଲ ଉଚ୍ଚ ସ୍ୱନେ,
ନୃପ-ପାଣି-ପୀଡ଼ା ଜନିତ ବିକାର
ଦେଖି ଖିନ୍ନ ବନ୍ଧୁ ମନେ । ୫ ।

ଶିଉଳି ଧମାନ ନିଧୂଣ୍ଡ୍ରାଦ୍ଧ ନଦେଖି
ରୁଦ୍ରାକ୍ଷେ ମୟୂର ମଣି,
ଯେତେହେଁ ସେ ସରସୀ- କୋକନଦ ଭ୍ରମେ
ନଳ କରେ ଗଳ ପୁଣି । ୬ ।

ନଳେ ବନ୍ଧୁକାଳ ଲଳିତ ଭଳି, ସେ
ବିହଗ ବିଶ୍ୱାସ କରି,
ଉଡ଼ି ଆସି ପୁଣି ବସି ତାଙ୍କ କରେ
ନୃପ ଚିତ୍ତ ନେଲ ହରି । ୭ ।

ମାନସ-ଲଳସ ସେ ହଂସର ଗିରେ
ନଳଙ୍କ ମାନସ ରସି,
କୁତୁକ-ଅମୃତ ଲହରୀରେ ବୁଡ଼ି
ଅଶ୍ରିଳ କର୍ଣ୍ଣ-ଉଳସୀ । ୮ ।

"ଧର୍ମ ଶାସ୍ତ୍ର ମତେ କ୍ଷତ୍ରିୟ ଜଗତେ
ମୃଗୟା ନୁହେଁ ନିନ୍ଦିତ,
ଛାଡ଼ିଲ ଯା' ମୋତେ ତୁମ୍ଭ ଦୟା ଧର୍ମ
ହେଲା ନାହିଁକି ବିଦିତ ? । ୯ ।

ଅବଳ ସ୍ୱକୁଳ ବନାଛଇ ମୀନ
ପୀଡ଼େ ମାଡ଼ ଦ୍ରୁମ ଖଗ,
ବିନା ଦୋଷେ ତୃଣ ନାଶିଥାଏ ମୃଗ
ତାଙ୍କ ବଧେ ନାହିଁ ଅଘ । ୧୦ ।

କହିଛନ୍ତି ଅତ୍ରିପୁ କହିବ ରଜନ ?
ତ୍ରିୟୁ କର୍ମେ ପଦେହାର,
ଚଢ଼ାଇ ତନୁକୁ ତପନ କରଇ
ବୃଷ୍ଟି ଯୋଗେ ଉପକାର । ୧୧ ।

ଅଯାଚିତ ଯବେ ପ୍ରାପତ, ଏ ହିତ
ଏଡ଼ିବାର ଅନୁଚିତ,

Digitized by srujanika@gmail.com

ବିଧି ଦତ୍ତ ସବୁ ଅଛଇ ଜଗତେ
ଯେ ହେତୁ ପକ୍ଷେ ନିମିତ୍ତ ।୧୨।
ଜଗତର ନାଥ ଅଟ ତୁମ୍ଭେ ନଳ
କି କରିବ ଉପକାର,
ତେବେହେଁ ବାସନା ଉଠଇ ପରାଣେ
ହେଲେହେଁ ମୁଁ ପକ୍ଷୀ ଛାର ।୧୩।
ଉପକାର ଲାଗି ଶକତି ପ୍ରମାଣେ
ପ୍ରତି ଉପକାର ଭବେ,
ଅତରେ ଉଚିତ ସାନ ବଡ଼ ବୋଲି
ବିଚାର ନ କରି ଲବେ ।୧୪।
ବିଚାରେ ସୁନ୍ଦର ନୋହୁ ପଛେ ମୋର
ଭାରତୀ ନୃପତିବର;
ଶୁକ ବାଣୀ ପରି ଏ ପକ୍ଷୀ ବଚନ
ନୋହିବ କି ପ୍ରୀତିକର ।୧୫।
ଭୀମ ନାମେ ରାଜା ପାଳନ୍ତି ପରଜା
ନାମ ସାର୍ଥ ଶତ୍ରୁଗଣେ;
ବିଦର୍ଭ ଅବନୀ ଲଭି ସେ ରାଜନେ
ଇନ୍ଦ୍ର-ଭୂମି ତୁଚ୍ଛ ମଣେ ।୧୬।
ପ୍ରସନ୍ନ ଦମନ ତପୋଧନ ବରେ
କନ୍ୟାରତ୍ନ ରାଏ ପାଇ;
ତ୍ରିଭୁବନେ ତିନି କାଳେ ଆନ ବାଳା
ତାହାର ସମାନ ନାହିଁ ।୧୭।
ଈଶ୍ୱର ଶୋଭାରେ ତ୍ରିଭୁବନ ସାର
ସୁନ୍ଦରୀ-ସୌନ୍ଦର୍ଯ୍ୟ-ମଦ,
ଦମନ କରନ୍ତେ ଦମୟନ୍ତୀ ନାମ
ଜନ ଦେଲେ ବହୁ ହଧ ।୧୮।
ଗୁଣ-ସିନ୍ଧୁ ନୃପ କମଳା ପରାଏ
ଜନ୍ମି ଅଛନ୍ତି ସେ ଅବଳା,
ଦୂରେ ଥିଲେ ମଧ୍ୟ ଅଜଣା ତାହାକୁ
ଶିବ ଶିର ଶଶୀକଳା ।୧୯।

Digitized by srujanika@gmail.com

ବଦୂଷୀ ମସ୍ତକେ ସ୍ଥିତ କେଶରାଶି
ସଂବୋଧିତ କୁଟସ୍ଥେ କରଇ,
ପକ୍ଷ ପୁଚ୍ଛସ୍ଥିତ ଚମର ସହିତ
ତୁଳନାକୁ କେ ଇଚ୍ଛଇ ।୨୦।
ବାଳା ଦୀର୍ଘ ନେତ୍ରେ ଜିତ ନିମୀଳିତ
ନିଜ ନେତ୍ରେ ମୃଗଗଣ,
ବହନ୍ତ ସାନ୍ତ୍ୱନା ପିନା ବାରଂବାର
ଛଳ ଖୁର-କଣ୍ଡୁୟନ ।୨୧।
ଶ୍ରୁତିଗାମୀ ବାଳା ନୟନ ଯୁଗଳ
ପିତୃ ମାତୃ କୁଳ ବେଦ,
ସ୍ୱଜଇ ଛଟରେ କଣା ଶୁଣା ଭବେ
ରମଣୀୟ ଗୁଣ ଭେଦ ।୨୨।
ନଳିନେ ମଳିନ କର ନ ପରଶି
ମୃଗକୁ ବାଳା-ନୟନ,
ଅଞ୍ଜନ ସଂଯୋଗେ ଖଞ୍ଜନ ନୟନ
ଗରବ କରେ ଗଞ୍ଜନ ।୨୩।
ବିମ୍ବ ଫଳ ଠାରୁ ସୁନ୍ଦର ଦେଖିବାରୁ
ସୁନ୍ଦରୀ ରଦନଛଦ,
ଅଧରେ ତୁଳନା ନ ଲଭି ଲଭିଛି
ଅଧର (୧) ବିମ୍ବ ଏ ପଦ ।୨୪।
ମୁଖ ନିରମାଣି ସାରିଛି ବିଧାତା
ଇନ୍ଦୁ ମଣ୍ଡଳରୁ ସାର,
କଳଙ୍କ କପଟେ ପ୍ରକଟଇ ପିନା
ଗମ୍ଭୀର ଖଣି ଅନ୍ଧାର ।୨୫।
ଭଳଙ୍କ ଗୋମୟ ମଧ୍ୟେ ରଖି ବିଧି
ପାଣ୍ଡୁର ଲେପନ କରି,
ବଢ଼ଇ ପିନା ସେ ବିଧୁଙ୍କିତ ମୁଖ
ସୁଧାଂଶୁ-ଶ୍ରେଦ ଧରି ।୨୬।

(୧) ଅପକୃଷ୍ଟ ।

Digitized by srujanika@gmail.com

ବାଳାମଣି ମୁଖେ ସୁଷମା ପରଖେ
ହାରି ତାମରସ ଗଣ,
ଲୁଣ୍ଠ, ପଣ ଭଙ୍ଗି ବାହାରି, ଅଦ୍ୟାପି
ଧରନ୍ତି ଭଙ୍ଗ ଲକ୍ଷଣ ।୨୭।
ତ୍ରିଜଗତ ଜୟେ ରତି ମଦନର
ଧନୁ ତା ଭ୍ରୂନ୍ଥ ଯୁଗଳ,
ଉନ୍ନତ ନାସିକା ନୀଳକାନ୍ତ ସିନା
ଲକ୍ଷ ତବ ବକ୍ଷ ସ୍ଥଳ ।୨୮।
କର ଲୀଳାରେ ସେ ମିତ୍ର ଯୁକ୍ତ ପଦ୍ମ
ଶୋଭାକୁ କରଇ ଦୂର,
ଭୁଜେ ଜଳଦୁର୍ଗେ ମୃଣାଳକୁ ଜଣେ
ଯୋଗ୍ୟ ସେ ତୁମ୍ଭର ଶୂର ! ।୨୯।
ଶୁଭାଙ୍ଗୀ ଶରୀରେ ବାଲ୍ୟ ଯୌବନର
ବ୍ୟାପନ ବାସନା ଗୁହି,
ମଧ୍ୟେ ରୋମରେଖା ପାତ, ଧାତା ସୁଖେ
ସୀମା କି ସୂଚଇ ନାହିଁ ? ।୩୦।
କାନ୍ତି ହରେ ସୁଗ- ଭୀର ବାଳା ଅଙ୍ଗେ
ସ୍ୱର୍ଗ ଯଉବନ ବେଳ,
କାନନ୍ଦନ ଭୟେ ପଡ଼ିଛନ୍ତି ଥିଲେ କି
ତଛ କୁଚ-କୁମ୍ଭ ଯେନ ।୩୧।
କୁମ୍ଭର କାରଣ ଚକ୍ର (୧), ତାର ଗୁଣ
ସେ କୁମ୍ଭରେ କିବ ଥାଏ ?
ବାଳା ତଛ—କୁଚ- କୁମ୍ଭ କାନ୍ତି ହର
ଚକ୍ର (୨) ଭ୍ରମ ଉପୁଯାଏ ।୩୨।
କେଶପାଶେ ନିଜ ପୁଚ୍ଛ ତୁଚ୍ଛ ମଣି
ଶିଖୀ ସେନାମାନଙ୍କୁ ସେବେ,
କୁଚେ ଜିତ କୁମ୍ଭ ଏ ଐରାବତ ନୋଡ଼େ
ବାଘବ-ଶରଣ ଏବେ ।୩୩।

(୧) ଚକ, (୨) ଚକ୍ରବାକ, ସଷ୍ଟ୍ର

Digitized by srujanika@gmail.com

ଅଙ୍ଗୁଷ୍ଠ ନୁଆଁଇ ମୁଷ୍ଟି ଯୋଗେ ବନ୍ଧ
ସୃଜିଛୁ ମଧ୍ୟ ଉଦର,
ଚୂରି ଅଙ୍ଗୁଳିର ଚିହ୍ନ ଛିଦ୍ର ଭେଦ
ବିବଳି ଦଶେ ସୁନ୍ଦର ।୩୪।
ବାଳା ଉଦରକୁ ମାପିଛୁ କି ବିଧି
ଆପଣା ମୁଠାରେ ରଙ୍ଗେ,
ତା ଚୂରି ଅଙ୍ଗୁଳି ସିନା ସେ ବିବଳି
ସୁବର୍ଣ୍ଣ ମେଖଳା ସଙ୍ଗେ ।୩୫।
ମିହିର-ସ୍ୟନ୍ଦନ ଶିଳ୍ପ ଶିକ୍ଷା ବଳେ
ବାଳା ନିତମ୍ବ ନିର୍ମାଣି,
ମଦନ ପାଇଁକି ଏକଚକ୍ର ରଥ
ଗଢ଼ିଛୁ କି ବିଧି, ଜାଣି ? ।୩୬।
ସୁବିପୁଳ ଉରୁ ଯୁଗେ ସେ ରମ୍ଭୋରୁ
ରମ୍ଭା-ତରୁ ଗର୍ବ ନାଶି,
ନଳଚକ୍ରବର୍ତ୍ତୀଙ୍କ ତପେ ଗୃହ-ସ୍ୱାମୀ
ରମ୍ଭାକୁ କରିଛୁ ବାସି ।୩୭।
ରବି ସେବା ଫଳେ କମଳ ଯୁଗଳ
ହୋଇଲେ ଦମୟନ୍ତୀ ପାଦ,
ବିଧି ସେବି ସିନା ମରାଳ-ଦମ୍ପତି
ନୂପୁରେ କରଇ ନାଦ । ୩୮ ।
ସୁ-ପବିତ୍ର ସର ସରିତେ ସମାଧି
ଆଚରି ତପ ପୂଆଇ,
ନ ଲଭନ୍ତି ଜନ୍ମ ନଳିନ ସୁଗତି
ଦମୟନ୍ତୀ-ପଦ ପାଇ । ୩୯ ।
ଦେଶ ଦେଶାନ୍ତରେ ଭ୍ରମି ସର୍ବେ ତିରେ
ଦେଖିଛୁ ବହୁ ସୁନ୍ଦରୀ,
ଦମୟନ୍ତୀ ସମ ଏ ଜଗତେ ଆଉ
ନାହିଁ କେହି କୃଶୋଦରୀ । ୪୦ ।
ସୁର ସୁନ୍ଦରୀଙ୍କୁ ଭୁଲିଛୁ ମୁଁ ମଣି
ଦମୟନ୍ତୀ ଶୋଭା ଚାହିଁ,

Digitized by srujanika@gmail.com

ଭାଳିଲି ବିଧାତା ଗଢ଼ୁଛି ଏହାକୁ
କା' ଅଙ୍କ ମଣ୍ଡିବା ପାଇଁ ? । ୪୧ ।
ଯୁବକ ସମାଜେ ନ ଦେଖିଲି ମୁହିଁ
ତାର ଅନୁରୂପ ବର,
ଅକସ୍ମାତେ ମୋର ଶ୍ରବଣ୍ୟ ଭୂଷିଲା
ତୁମ୍ଭ କଥା ଭାଜି ନଳ ! । ୪୨ ।
ବିହ୍ବାନ ତଳେ ଦେଖିଥିଲି ସେହି
ଶୁଚିସ୍ମିତା ଦମୟନ୍ତୀ,
ସ୍ମୃତି ପଥେ ଜାଗେ ଆଜ ତୁମ୍ଭ ରୂପ
ନିରେଖି ନିଷଧପତି ! । ୪୩ ।
ତାର ହାବ ଭାବ ସ୍ମିତ ଲୀଳା ପାଇଁ
ତୁମ୍ଭେ ଏକା ଯୋଗ୍ୟ ସିନା,
ମଣି ହାରାବଳୀ ଶୋଭଇ କି ଅନେ
ରମଣୀ-ଉରଜ ବିନା ? । ୪୪ ।
ସେ ବାଳା ବିହୁନେ ବୃଥା ତବ ରୂପ
ବନ୍ଧ୍ୟ ବୃକ୍ଷ-ପୁଷ୍ପ ସମ,
ପିକ ମୁଖରିତ ଉଦ୍ୟାନ ବିଫଳ
ବୃଥା ରଞ୍ଜିମତି ଧର୍ମ । ୪୫ ।
ନୁହଇ ସୁଲଭ ଦମୟନ୍ତୀ ରୂପ
ଲୋଡ଼ନ୍ତି ଯେଣୁ ଅମର,
ମେଘ ଘୋଡ଼ାଇଲେ ପ୍ରାବୃଟେ କୁମୁଦ
ଲଭେ କି ସୁଧାଂଶୁ କର ? । ୪୬ ।
ଭାଳୁଛି ନୃପତି ! ଦମୟନ୍ତୀ ପାଶେ
କରି ତୁମ୍ଭ ଗୁଣଗାନ,
ହରିବି ହୃଦୟ ଦେବରାଜ ତଳେ
ନ ପାଇବେ ତହିଁ ସ୍ଥାନ । ୪୭ ।
ଉପକାର ପାଇଁ ଲୋଡ଼ ଅଙ୍ଗୀକାର
ମନେ ମୁଁ ଧିକ୍କାର କରେଁ,
ମୂରଖ ନ ବଖାଣି ଉପଯୋଗିତାକୁ
ସାଧବେ ଦେଖାନ୍ତି ଫଳେ" । ୪୮ ।

Digitized by srujanika@gmail.com

ଦ୍ୱିଜରାଜ ଠାରୁ ଏ ସନ୍ଦେଶ ସୁଧା
ସୁଖେ ପାନ କରି ନଳ,
ପରିତୃପ୍ତି ଲଭି ଜଗାଇଲେ ଅବା
କରି ମନ୍ଦହାସ ଛଳ ? । ୪୯ ।

କରି କୋକନଦେ ଆଞ୍ଜୁଳି ହଂସକୁ
ଆନନ୍ଦେ ନଳ ନୃପତି,
ତା' ଆନନ୍ଦ ପାଇଁ କହିଲେ ଆଦରେ
ସୁଧା ମଧୁର ଭାରତୀ । ୫୦ ।

ରୂପ ତବ ତୁଳା- ନାହିଁ ଏ ଭୁବନେ
ସ୍ୱଭାବ ବଚନ-ବଳେ,
ରୂପେ ଗୁଣ ଯାହା ସାମୁଦ୍ରିକ କହେ
ତୁମ୍ଭଠାରେ ତାହା ଫଳେ । ୫୧ ।

ତନୁ ନୁହେଁ ଖାଲି ସୁବର୍ଣ୍ଣେ ଗଠିତ
ବଚନ ସୁବର୍ଣ୍ଣ ତବ,
ନିରାଲମ୍ବ ପଥେ ମୋଠାରେ ଏ ପକ୍ଷ-
ପାତିତା ସାଧୁ ସୁଲଭ । ୫୨ ।

ମୋ ତାପିତ ପ୍ରାଣେ ତୁଷାର-ଶୀତଳ
ବାତ ତୁମ୍ଭେ ଜଗତ,
ଦୁର୍ଜ୍ଜନ-ସନ୍ନିଧି ସାଧୁର ସନ୍ନିଧି
ଧର୍ମର ଅପର ମତ । ୫୩ ।

ତ୍ରିଭୁବନ ମୋହ- ମହୌଷଧ ଭୈମୀ
ବହୁବାର ଶ୍ରୁତିଗତ,
ହୋଇଥିଲ ଏବେ ତୁମ୍ଭ ମୁଖୁଁ ଶୁଣି
ମଣୁଛି ଦେଖିଲି ସତ । ୫୪ ।

ଅପ୍ରଜନ ମୁଖେ ଅପଣା ହୃଦୟେ
ସବୁ ଦେଖେ ସଜ୍ଜନ,
ଦୃଷ୍ଟି ଦରଶନେ ଅକ୍ଷମ ନୟନ
ତାର ବଦନ-ଭୂଷଣ । ୫୫ ।

ନୈକମ୍ପକ୍ଷେ ଶ୍ରୁତି ଘ୍ରାଣ ଦୁହିତାର
ମନ୍ଦ-ମଧୁର ବାହାଣୀ,

Digitized by srujanika@gmail.com

ଧଇର୍ଯ୍ୟ ଛୁଟାଇ ହୋଇଅଛୁ ମୋର
କାମାନଳ ସନ୍ଧୀପନୀ । ୫୬ ।
ଦମୟନ୍ତୀ ବନା ବିରହ ଅନଳେ
ଇନ୍ଧନ ସମ ମୁଁ ଜଳି,
ମଳୟାନିଳକୁ ମଣେ ଆଶୀବିଷ-
ଫୁତ୍କାରେ ଦୂଷିତ ଭଳି । ୫୭ ।
ମାସେ ମାସେ ସୁଧା- କର ରବି ଭୁଲେ
ଲଭଇ ଯାହା ମିଳନ,
ଦହିବାକୁ ମୋତେ କରଇ କି ଛନ୍ଦୁଁ
ତୀବ୍ର କର ଅହରଣ । ୫୮ ।
ବଜ୍ର ନୁହଇଁ ସେ ବିଷ-ବଲ୍ଲୀ-ଫୁଲ
କାମ ଶିଳୀମୁଖାବଳି,
ଜୀବନେ ନ ମାରି କଲବଲ କରେ
ହୃଦେ ମୂର୍ଚ୍ଛା ତାପ ଭରି । ୫୯ ।
ଅପାର ଅନଙ୍ଗ- ଶର ପାଗିବାରେ
ହୋଇଅଛୁ ନିମଗନ,
ଦଇବେ ଅସିଛ ଯେଣୁ ପାଶେ ହୁଅ
କପୋତ ପରି ଆଲମ୍ବନ । ୬୦ ।
ଅଥବା ଏସନ ପ୍ରାର୍ଥନା ମୋହର
ନୁହେଁ କି ପିଷ୍ଟ ପେଷଣ,
ପରାର୍ଥତା ସାଧୁ- ଜନର ସ୍ୱଭାବ
ଜ୍ଞାନର ଯଥା ପ୍ରମାଣ (୧) । ୬୧ ।
ଯାଅ ପଥେ ତବ ମଙ୍ଗଳ ଭରଷୁ
ଅବିଳମ୍ବେ ଅସ ଫେରି,
ସାଧି ଅଭିଳାଷ ସୁମଣିବ ମତେ
ସମୟେ ମାନସ-ଚୃରି ! ୬୨ ।
ତେଜି ସେ ହଂସକୁ ଧୀର ଭାବ ଧରି
ବିସ୍ମୟେ ନୃପ-ପୁଙ୍ଗବ,

(୧) ଜ୍ଞାନ ବା ବୁଦ୍ଧି ସ୍ୱତଃ ପ୍ରମାଣିତ ହୁଏ ।

Digitized by srujanika@gmail.com

ଉପବନ-ଲୀଳା- ଭବନେ ପଶିଲେ
ଶୁଣି କଳହଂସ ରବ । ୬୩ ।
ଭୈମୀ-ଦରଶନେ ସେ ଦନକୁ, ହଂସ
ସଫଳ କରିବ ସୁଖେ,
ବଗୃର ଗମିଲ ଭୁବନ-ମୋହନ
କୁଣ୍ଡିନ-ନଗର ମୁଖେ । ୬୪ ।
ପଥିକ ପ୍ରାର୍ଥନା ସିଦ୍ଧିପ୍ରଦ ପୂର୍ଣ୍ଣ-
କୁମ୍ଭ ତା' ନୟନ ପଥେ,
ପଡ଼ନ୍ତେ ପ୍ରଥମେ ଖୁସି ହୋଇ ହଂସ
ଗମିଲ ଗନ୍ତବ୍ୟ ପଥେ । ୬୫ ।
ଅଦ୍ଭୁତ ଅଳସ ଗମନ ଗଗନେ
କ୍ଷଣେ ରଚ ହଂସବର,
ନୃପତି ବଳାସ- କାନନେ ହରଷେ
ଦେଖିଲ ରସାଳ ଫଳ । ୬୬ ।
ପଥି ନିରେଖିଲ ଭଦ୍ରୟୂଥ ପରି
ମେଘମାଳେ ଅଳଂକୃତ,
ଶ୍ୱାପଦ ସଂକୁଳ ପାଦପାଚ୍ଛାଦିତ
ମନୋହର ମହୀଭୃତ । ୬୭ ।
ଡେଣା ଦୋହଲଇ ଊର୍ଦ୍ଧ୍ୱଗାମୀ ହୋଇ
ବିସ୍ତାରି ନିଶ୍ଚଳ ଛଦ,
କ୍ଷଣେ କ୍ଷଣେ ନାନା ଗତି ଅନୁସରି
ହେଲ ଢକ୍ରୁକ ପ୍ରଦ । ୬୮ ।
ନିକଷ-ପାଷାଣ- ନଭ ନଭେ ସୁନା
ଡେଣାକୁ ଢଷିଲ ପରି,
ଗତିବେଗେ ହଂସ ଲୋକ ଲୋଚନକୁ
ଦେଖାଗଲ ରେଖା ସରି । ୬୯ ।
ବହ୍ନାୟୁର୍ ହଂସ ଖସିଲ୍, ତାଙ୍କଙ୍କ
ଡେଣା ସାଇଁ ସାଇଁ ସ୍ୱନେ,
ଶ୍ୟେନ-ଶଙ୍କା ବହୁ ନେଇ କୋଣେ ଗୃହେଁ
ପଳାଇଲେ ପକ୍ଷୀଗଣେ । ୭୦ ।

Digitized by srujanika@gmail.com

ଛାଇ ଦେଖି ଡରେ, ମୃହିଁ ନଭ ଯାରେ,
ଦଗନ୍ତେ ଲେଉଟନ୍ତେ ଜନେ,
ଗତିବେଗେ ନେଇ- ପଥୁଁ ଆଡ଼ ହୋଇ
ଯାଏ ସେ ବହଗ କ୍ଷଣେ । ୭୧ ।
କ୍ଷୁର୍ଯ୍ୟ-ଗର୍ଜ୍ଜରବେ ଭ୍ରୁଭଗତ ହଂସ
ତୁଙ୍ଗ ତରୁ-ଶିଖେ ବନେ,
ନ ବସିଲା କବା ନ ଦେଲା ଉତ୍ତର
ଆନ ହଂସ କଲ ସ୍ୱନେ । ୭୨ ।
ଦେଖେଦେଖାଲେ ତାର ପଡ଼ିଲା ନୟନେ
ଗ୍ରାମ-ସୁରକ୍ଷିତ ପୁର,
କଇଲାସ ସମ ସଉଧେ ସଂକୁଳ
ଧର୍ମ ଧାମେ ସୁମଞ୍ଜୁଲ । ୭୩ ।
ଅକଳଙ୍କ ଇନ୍ଦୁ ଖଣ୍ଡ ପରି ଯହିଁ
ସ୍ଫଟିକ ସୌଧ ପ୍ରାଚୀର,
ଗ୍ରାମ ଭୂପ ପ୍ରତି ଅବନୀର ରତି-
ହାସ ପରି ସୁରୁଚିର । ୭୪ ।
ଯେ ପୁରେ ଦିବସେ ତପନ-ତାପସେ
ଶରଣ ପଶିବା ବ୍ୟାଜେ,
ନୃପ ନୀଳମଣି- ଗୃହ ଭାନ୍ତ ଚଳେ
ତିର ଅନ୍ଧକାର ରାଜେ । ୭୫ ।
ଯହିଁ ମଣିମୟ ସଉଧ ସମୀପେ
ଆକାଶ ଅବନି ହସେ,
ପ୍ରତି ରଜନୀ ଆନ ତଥିରେ ଯେ ପୁରେ
ପୂର୍ଣ୍ଣିମା-ଶୋଭା ଲଳସେ । ୭୬ ।
ସାଗ ଗୁଡ ଚନ୍ଦ୍ର- ପ୍ରସାଦ ବହ୍ନିନେ
ମାନନୀ କାମିନୀ ପରି,
ତଡ଼ାଗ-ସଲିଲ ଯେ ପୁରେ ମଣ୍ଡିତ
ବାଳା-ଅଙ୍ଗରାଗ ଧରି । ୭୭ ।
ପ୍ରାକାର-ବସନେ ଆବରି ଶରୀର
ନୀରବ ସାଧକ ପରି,

Digitized by srujanika@gmail.com

ନଶୀଏ ମାରବେ   ମଣି ବେଷ୍ଟମୟ
 ଜ୍ୟୋତି ଦେଖେ ସେ ନଗରୀ । ୭୮ ।
ସରସୀରେ ସ୍ୱର୍ଗ-   ପ୍ରତିବିମ୍ବ ପଡ଼ି
 ବିଳସଇ ସେ ନଗରୀ,
ପ୍ରତିବିମ୍ବ ଛୁଇଁ   ନଥିବା ଫଳିଲା
 ସିନା ତା' ପରିଖା ଭଳି । ୭୯ ।
ସଉଧ ଶିଖରେ   ପତାକା ପଙ୍କତି
 ଉଡ଼ୁଥିବା ଫର ଫର,
ତପନ ତୁରଗେ   ଚଳାଇ, ଦିଅଇ
 ଅରୁଣଙ୍କୁ ଅବସର । ୮୦ ।
ଚନ୍ଦ୍ରଶାଳା ସ୍ୱର୍ଗ   ଅଟ୍ଟାଳିକା ମର୍ତ୍ତ୍ୟ
 ଭୂମି ଗୃହ ରସାତଳ,
ଥିଲେ ସେ ନଗରୀ   ତ୍ରିଜଗତ-ଶିରୀ
 ଧରି, କିବା ମନୋହର ? । ୮୧ ।
ସଜଳ ଜଳଦ-   ମାଳେ ନୀଳକଣ୍ଠ
 ସୁଧା- ଧବଳ ଶରୀର,
ଚନ୍ଦ୍ର ଛୁଇଁ ଚୂଳେ   ଚନ୍ଦ୍ରଚୂଡ଼ ଭଳି
 ରାଜେ ନୃପତି-ମନ୍ଦିର । ୮୨ ।
ବହୁ ରୂପ ବହୁ   ପୁତ୍ତଳିକା-ମୁଖ
 ଅକଳଙ୍କ ଶଶୀ ସରି,
ସତେ ସେ କଳଙ୍କ-   ମୃଗ ଭକ୍ଷିଲେକ
 ସୌଧ-କନ୍ଧେ ଥାଇ ହରି । ୮୩ ।
ବଳସଦ୍ମ ସ୍ୱର୍ଗୁଁ   ଉଚ୍ଚତର ବୋଲି
 ନାରଦ ଥିଲେ ବଖାଣି
ମହା ଅଳଙ୍କାର   ଏ ପୁର ଶୋଭାରେ
 ବ୍ୟର୍ଥ ହେଲା ତାଙ୍କ ବାଣୀ । ୮୪ ।
ପ୍ରତି ବିପଣିରେ   ଛବି ସଜରଭ
 କଣି ନିଏ ପାନ୍ଥ ମନ,
ମେଘ ଗରଜନ   ଭ୍ରମ ଆଣିଦିଏ
 ପେଷଣୀ ଘର୍ଘର ସ୍ୱନ । ୮୫ ।

Digitized by srujanika@gmail.com

ସୁବର୍ଣ୍ଣ ପାଚେରୀ ସୁମେରୁ, ସଞ୍ଚାଳ
ରତ୍ନ କବାଟ ପଙ୍କ୍ତି,
ମାନେ ଅଳଂକୃତ ଅମରାବତୀର
ଆଲିଙ୍ଗନେ ଯହିଁ ବ୍ରତୀ । ୮୬ ।
ସୂର୍ଯ୍ୟକାନ୍ତ ମଣି ନିର୍ମିତ ପ୍ରାଚୀର
ଅମ୍ବରେ ଯେଉଁ ନଗରୀ
ସମସ୍ତ ଦିବସେ ବାଣ-ନଗରୀର
ସୁଷମାକୁ ଥାଏ ଧରି । ୮୭ ।
ବହୁ ମଣି, ଶଙ୍ଖ, କପର୍ଦ୍ଦ ଗଣନେ
ଚଞ୍ଚଳ କର-କର୍କଟେ,
ହେମ-ବାଲୁକାରେ ପୂରି ଯା' ବିପଣି
ସାଗର-ସୁଷମା ଲୁଟେ । ୮୮ ।
ଯହିଁ ଚନ୍ଦ୍ରଶାଳା- ସ୍ଥିତ ଚନ୍ଦ୍ରକାନ୍ତ-
ମଣି ଗଣୁ, ନୀର ଝରେ,
ପୂର୍ଣ୍ଣ ମନ୍ଦାକିନୀ ପ୍ରତି ଚନ୍ଦ୍ରୋଦୟେ
ପତିବ୍ରତା ଭାବ ଧରେ । ୮୯ ।
ପ୍ରଦୋଷେ ପ୍ରଦୋଷେ ବିପଣି ନିକର
ସଜ୍ଜିତ କୁଙ୍କୁମ-ରାଗେ
ଅସ୍ତମିତ ସୂର୍ଯ୍ୟ କିରଣରୁ କର
ସଞ୍ଚିରଖେ ଅନୁରାଗେ । ୯୦ ।
ପୁର-ବିପଣିରେ ଦେଖୁଥିଲେ ଜନେ
ଜଗତର ସବୁ ଧନ,
ମାର୍କଣ୍ଡେୟ ଯେହ୍ନେ ଶ୍ରୀହରି ଉଦରେ
ଦେଖିଥିଲେ ତ୍ରିଭୁବନ । ୯୧ ।
ଜନ କୋଳାହଳେ ଗୁଞ୍ଜନ ଶବଦ
ବିକ୍ରେତା ନ ଶୁଣି ଭୁଲେ,
ସଉରଭ ଲୋଭେ ଚଞ୍ଚଳ ଭ୍ରମରେ
ମୃଗମଦ ସଙ୍ଗେ ତୁଳେ । ୯୨ ।
ସୂର୍ଯ୍ୟକାନ୍ତ ମଣି- ମୟ ପୁରପଥ
ଦିବସେ ତାତି ଅଧିକେ,

Digitized by srujanika@gmail.com

ସହି ତାପ ଶୀତ- ରଚେ ପାଦ ପୀଡ଼ା
ନ ହୁଏ ତହିଁ ପଥିକେ । ୯୩ ।
ଚନ୍ଦ୍ରକାନ୍ତ ମଣି- ମୟ ରାଜପଥ
ଚନ୍ଦ୍ରମା କରେ ତରଳ,
ନିଗ୍ରୀଷ୍ମ ନିଦାଘେ ଶୀତଳତା ଭଜେ
ନଳଙ୍କ ସ୍ବଭାବ ଭଳି । ୯୪ ।
ପରିଖା ବଳୟ ଛଳେ ସେ ନଗରୀ
ବିଷମ ବେଷ୍ଟନ ଧରି,
(୧) ଫଣିଭାଷ୍ୟ-ଫାଙ୍କି ପରାଏ, ଅରାତି
ଗଣ୍ଡେ ନ ହୁଅଇ କଳି । ୯୫ ।
ମୁଖ, ପାଣି, ପାଦ, ନେତ୍ର ସରୋରୁହେ
ଶ୍ରୀଅଙ୍ଗ-ଚମ୍ପକେ ତହିଁ,
ଭୈମୀ ନିଜେ ଧରେ ଫୁଲମାଳ ରୂଚି
କାମଦେବ-ପୂଜା ପାଇଁ । ୯୬ ।
ବିହାରେ ଅଶକ୍ତ ହୋଇ ଶୂନ୍ୟ ଦେଶେ
ଜଘନ-ସ୍ତନ-ଗୌରବେ,
ଶତ ଅପସରା ଆସି ସଖୀ ରୂପେ
ସେବନ୍ତି ତାହାକୁ ଭବେ । ୯୭ ।
ବର୍ଣ୍ଣମାନେ (୨) ତହିଁ ନିଜ ସ୍ଥିତି ପର
ଚିତ୍ରରୂପା ସେହୁ ପୁରୀ,
ବହୁ (୩) ମୁଖାରବେ ବିଳସଇ ତହିଁ
ଗୁରୁ ସ୍ବର ଭେଦ ଶିକ୍ଷା । ୯୮ ।
ତପନେ ତାପିତ ମାଣିକ୍ୟ ଘଟିତ
ନରପତି-ଗୃହାବଳି,
ନିଶାକରୁଁ ସୁଧା ଲେହନ କରନ୍ତି
ରତ୍ନଧ୍ୱଜ-ଜିହ୍ୱା ଗୁଳି । ୯୯ ।

---

(୧) ପତଞ୍ଜଳଙ୍କର ଭାଷ୍ୟ ।
(୨) ବର୍ଣ୍ଣ—ଜାତି ଓ ରଙ୍ଗ ।
(୩) ମନୁଷ୍ୟ ପଶୁ ପ୍ରଭୃତିଙ୍କର ଶବ୍ଦ ବା ବେଦପାଠକ ମାନଙ୍କର ଉଚ୍ଚସ୍ବର ।

Digitized by srujanika@gmail.com

ପଦ୍ମରାଗ-ରାଜ- ପ୍ରାସାଦ, ଉଦୟେ
ତାତ ହୋଇ ତୃଷାତୁର,
ବୃଥା ଅନୁରୂପ ପତାକା-ରସନା
ଚନ୍ଦ୍ରୁ ଗୃହ୍ଣେ ସୁଧାପୂର । ୧୦୦ ।
ଚନ୍ଦ୍ରଶାଳା-ପୀତ ପତାକା ଚନ୍ଦ୍ରମା-
କଳଙ୍କ ପରଶି ରାଜେ,
କଳପିତ ଶେଷ- ଶାୟୀ ପୀତାମ୍ବର
ତୁଳନା ଯାହାକୁ ସାଜେ । ୧୦୧ ।
ଅନଳସ ଭାବେ ଅବିରତ ଶ୍ରୁତି
ପଠନେ ପୂତ ରସନା,
ବିରଞ୍ଚି ରଚନେ ସ୍ତବ ଚତୁର୍ମୁଖେ
ବିଶ୍ୱାମିତ୍ର ପ୍ରୀତମନା
ହୋଇ ଅଭିନବ ସ୍ୱର୍ଗ ସୃଷ୍ଟି-କ୍ରିୟା
ଅଧା କରି ରଖିଦେଲେ,
ଅର୍ଦ୍ଧ ମନ୍ଦାକିନୀ ଏ ପୁର-ପତାକା
ରୂପେ ବାତେ ନଭେ ଖେଳେ । ୧୦୨ ।
ଯହିଁ ନୀଳମଣି ଅଟ୍ଟାଳିକା କାନ୍ତି
ଶୁକ୍ଳ ପତାକାରେ ଝୁଲି,
ଖେଳଇ ଅମ୍ବରେ ଦିବାକର କୋଳେ
ବାଳିକା ଯମୁନା ଭଳି । ୧୦୩ ।
ପ୍ରାଣପତି କ୍ରୀଡ଼ା- ଭବନ ନିକଟେ
ଅତିଥି ହେବାକୁ ରଷି,
ନିଜ କେଳିସୌଧ- ଶିଖରୁ ଗୁଳିଥିବା
ବାରିଦ ବାହନେ ବସି ।
ବେଗେ ଗଲବେଳେ ଯେ ପୁର ନାରୀଏ
ହୃଦେ ଅନୁରାଗ ଧରି,
ନିମେଷ ବିହୀନେ ବିଶନ୍ତି ବିମାନ
ଗୃହିଣୀ ଅପ୍‌ସରୀ ପରି । ୧୦୪ ।
ମରକତ ମଣି- ମୟୂ ଦମୟନ୍ତୀ
କେଳି ଶଇଳ ଶିଖରୁ-

Digitized by srujanika@gmail.com

ଦେଖୁଁ ଦର୍ଭସମ ରଶ୍ମି ରାଜି ଉଠି
ବାଧା ଲଭି ବ୍ରହ୍ମାଣ୍ଡରେ ।
ଘୋର ଲଜ୍ଜାବଶେ ଅଧୋମୁଖେ ପଶି
ଜନ୍ମୁଖ ସୁରଘ୍ନ-ମୁଖେ,
ଯହିଁ ଅହରହ ଗୋ-ଗ୍ରାସ ପ୍ରଦାନ
ବ୍ରତ ଫଳ ଦିଏ ସୁଖେ । ୧୦୫ ।

ଚନ୍ଦ୍ରକାନ୍ତ ମଣି- ମୟ ଆଲବାଳୁଁ
ଚନ୍ଦ୍ରକରେ ଜଳ ପାଇ,
ନ ନେଡ଼େ ସଲିଳ ଭୈମି-ଉପବନ
ଚମକଳ ହଂସ ଯହିଁ । ୧୦୬ ।

ତହିଁ ଅନୁରୂପ ସଖୀଗଣ ସଙ୍ଗେ
ତାରାଗଣେ ଚନ୍ଦ୍ରଲେଖା-,
ପରି ସୁକୁମାରୀ ଗଗନ ବିହାରୀ
ସୁନା ହଂସେ ଦେଲା ଦେଖା । ୧୦୭ ।

ଅନ୍ୱେଷି ପତନ- ଯୋଗ୍ୟ ସ୍ଥାନ ସ୍ୱର୍ଣ୍ଣ-
ହଂସ ଭ୍ରମେ ନଭସ୍ଥଳେ,
ଭୈମୀ ମୁଖଚନ୍ଦ୍ର ସେବା ଲାଗି ଇନ୍ଦୁ
ବିମ୍ବ କି ଆସଇ ତଳେ ? । ୧୦୮ ।

ସହଚରୀ ମେଳେ ଦମୟନ୍ତୀ ମେଳେ
ଯହିଁ ହଂସ ଉପବନେ,
ଯାବନ୍ତ ଏ ସୁଖ ସୁରସଖୀ ସଙ୍ଗେ
ଶଚୀ ନ ଲଭେ ନନ୍ଦନେ । ୧୦୯ ।

କବିରାଜ ରାଜ- ମୁକୁଟ-ଭୂଷଣ
'ଶ୍ରୀହର୍ଷ' ଯାହା ଜନକ,
ମାମଲ୍ଲ ଦେବୀଙ୍କ ଗରଭୁଁ ଯେ ଜାତ
'ଶ୍ରୀହର୍ଷ' କବି ତଳକ ।
ରଚିଲେ ସତତ ସଂଯମ ଭାବରେ
ଚଉଦ ଚନ୍ଦ୍ର ଚନ୍ତାମଣି,
ନୈଷଧ କାବ୍ୟର ଏ ଦ୍ୱିତୀୟ ସର୍ଗ
ଶୃଙ୍ଗାର ରସର ଖଣି । ୧୧୦ ।

Digitized by srujanika@gmail.com

ତୃତୀୟ ସର୍ଗ

ସଂକୁଚିତ କରି ତେଣା ସୁନାହଂସ
ସହସା ଆକାଶୁ ଖସି,
ବିସ୍ତାରି କମ୍ପାଇ- ପକ୍ଷ, ଭୈମୀ ପାଶେ
ଭୂମିରେ ପଡ଼ିଲା ବସି । ୧ ।
ପକ୍ଷପାତେ ଉଠି ଭୂମିରୁ ଶବଦ
ମାନସେ ସଂଭ୍ରମ ଆଣି,
ବେଗେ ଆନ ଦିଗୁ ନିରୀକ୍ଷଣ ଲେଉଟ
ଭୈମୀ ନେତ୍ର ନେଲା ଟାଣି । ୨ ।
ମୁନି-ମନ ବୃନ୍ତେ ଲଗିଗଲା ପରି
ଇତର ବିଷୟୁ ଟେକି,
ସଜନୀମାନଙ୍କ ନୟନ, ଗଲେ ସେ
ଅନୁପମ ହଂସେ ମଜ୍ଜି । ୩ ।
ନିଶ୍ଵର ସମୀପେ ଚରନ୍ତା ହଂସକୁ
ମୁନି ମନୋବୃତ୍ତି ପରି,
ଆଦରେ ଧରିବା ଇଚ୍ଛା ରଖି ବାଳା
ରହିଲ ନିଶ୍ଚଳ ଭଳି । ୪ ।
ଉଡ଼ି ନ ଗଲା ସେ ଦମୟନ୍ତୀ-ମାୟା
ଇଙ୍ଗିତେ ଛଳନା କରି,
ଧଇଲା ବେଳକୁ ଉଡ଼ି ପଳାଇଲା
ଦ୍ରୁତ ଗତି ଅନୁସରି । ୫ ।

Digitized by srujanika@gmail.com

ହଂସ ଧରିବାରେ   ଦମୟନ୍ତୀ ଚେଷ୍ଟା
ବିଫଳ ହେବାରୁ ଭଳି,
ଯେ ଭାଳେ ଆଳୀଏ   ପରିହାସ ଛଳେ
ଉଚ୍ଚେ ଦେଲେ କରତାଳି । ୬ ।
ହଂସ ସିନା ସଖି   ଉଡ଼ି ପଳାଇଲା
ଶୁଣି ଭୃଙ୍ଗ କରତାଳି,
ଯେ ଆସିବ ପଛେ,   ତାକୁ ମୋର ଗୁଣ
ବୋଲି ବାଳା ଦେଲ ଗାଳି । ୭ ।
ରବି ଅଭିମୁଖେ   ଯାଉଥିବା ଜନ
ପଛେ ପଛେ ଛାୟା ପରି,
ହଂସ ପଛେ ଶ୍ୟାମା   ଗଲ ସଖୀ ହାସେ
ଅଳ୍ପ କୋପେ ବପୁ ଧରି । ୮ ।
"ହଂସ ମୁଖେ ଯାହା   ନୁହଇ ଉଚିତ"
ସଖୀ ବୋଲି ହସି ଛଳେ,
ଦମୟନ୍ତୀ କହେ   ଅଶକ୍ୟମ ନୁହେଁ
ଉପଲବ୍ଧ ହେବ ଫଳେ । ୯ ।
ଗତି ଅନୁକରି   ଲାଜରେ ବୁଡ଼ାଇ
ଉପହାସ କଲ ଭଳି,
ମରାଳ ଗମନା   ଆଗେ ଆଗେ ହଂସ
ବୁଲୁଥିଲ ଚଳି ଚଳି । ୧୦ ।
ପ୍ରତି ପଦନ୍ୟାସେ   ଧରି ଦେଲ ପରି
ଭାବ ହୃଦୟକୁ ଆଣି,
ଲୀଳାଗତି ହଂସ,   ଠକ କୃଶାଙ୍ଗୀକି
ଲତା କୁଞ୍ଜେ ନେଲ ଟାଣି । ୧୧ ।
ବେଗେ ସଙ୍ଗୀଜନେ   ନପେଖି ଆପଣା
ଛାୟା ମାତ୍ର ଘେନି ସଙ୍ଗେ,
ଚଳନ୍ତେ ସୁନ୍ଦରୀ   ଶ୍ରମଜାତ ସ୍ୱେଦ-
ବିନ୍ଦୁ-ଭୂଷା ଧରି ଅଙ୍ଗେ,
ଶ୍ରମ ବଶ୍ୟେ ବାଳା   ଫେରିଯିବ ପରି
ମାନସେ ପାଞ୍ଚି ଏସନ,

Digitized by srujanika@gmail.com

ପୋଷା-ଶୁଆ ପରି ମନୁଷ୍ୟ ଭାଷାରେ
ହଂସ, ଭାଷିଲା ଏସନ । ୧୨ ।
କେତେ ଦୂର ଯିବ ବୃଅର୍ଥରେ ଶ୍ରମ
କରୁଛ, କ ଭାବ ମନେ,
ସ୍ୱଭାବ ଅବଳା ନ ମାଡ଼େ କ ଡର
ତୁମ୍ଭଙ୍କୁ ଏ ଘନ ବନେ । ୧୩ ।
ଆତପରେ ପଦ ଦଅ ନାହିଁ ବୋଲି
ପଲ୍ଲବ ପାଣି ସଂକୁଳ,
କପୋତ ହୁଂକାରେ ନିଷେଧ କରୁଛି
ଆଳି ଭଳି ବନାବଳି । ୧୪ ।
ମୁଁ ଅଟେ ଖେଚର ସ୍ଥଳଚର ତୁମ୍ଭେ
ମୋତେ ଧରି କର ମନ,
ସ୍ୱର୍ଗ ସହଚର ଏ ଯୁବା ବୟସେ
ତୁଟି ନାହିଁ ଶିଶୁପଣ ? । ୧୫ ।
ବ୍ରହ୍ମାଙ୍କ ବାହନ ହଂସ ବଂଶଧର
ଆମ ଗୃହେ ରସାମୃତ,
ଦୁର୍ଲ୍ଲଭ ଅମର ଲେଖକ କପରେ
ଲଭିବ ମର ଜଗତ ? । ୧୬ ।
ମନ୍ଦାକିନୀ ଜଳେ ସୁନା ପଦ୍ମ ଖେଳେ
ସୁନାର ମୃଣାଳେ ଥାଇ,
ଏ ସୁବର୍ଣ୍ଣ ରୂପ ଲଭିଛି ମୁଁ ପିନା
ସେ ସୁନା ମୃଣାଳ ଖାଇ । ୧୭ ।
ବିଧାତା ନିର୍ଦ୍ଦେଶେ ନଳ-ଲୀଳା ସରେ
ଆସିଥିଲୁ ଆମ୍ଭେମାନେ,
ବୁଲେ ମୁହିଁ ଏକା ଭୂଲୋକ ଦର୍ଶନ
ଅଭିଳାଷ ରଖି ମନେ । ୧୮ ।
ଦିନେ ଅକସ୍ମାତ୍ ବିଶ୍ୱ-ବିଧାତାଙ୍କ
ଭୁବନ ଭ୍ରମଣ କାଳେ,
ବଡ଼ ଶ୍ରାନ୍ତ କ୍ଳାନ୍ତ ହୁଅନ୍ତେ ଅମ୍ବର
କୂଳଜ ବୃକ୍ଷ ମସ୍ତକେ ।

Digitized by srujanika@gmail.com

ସେମାନଙ୍କୁ ଶାନ୍ତ ଦେବା ପାଇଁ ମୁହିଁ
ସ୍କନ୍ଧ କରି ସମର୍ପଣ,
ବିଧାତା ପ୍ରସାଦେ ସେ ଦନୁ ଅଖେଦେ
ଜଗତେ କଲି ଭ୍ରମଣ । ୧୯ ।
ସ୍ୱର୍ଗହଂସ ମୁହିଁ ନରଲୋକେ କେହି
ବସାଇ ବାଗୁରା ପାଶ,
ଧରିବାକୁ ମୋତେ ଯତ୍ନ କଲେ ଯିନା
ବିଫଳ ତାର ପ୍ରୟାସ ।
ଏ ମର ଭୁବନେ ବିରଳ ଉଦୟ (୧)
ସ୍ୱର୍ଗଭୋଗଭାଗ୍ୟ ଯାର,
ସେହି ନର (୨) ଏକ ଲଭିପାରେ ମୋତେ
କହିଲି ଏ କଥା ସାର । ୨୦ ।
ତପେ ତୁଷ୍ଟ ଦେବେ ଦଅନ୍ତି ନଳଙ୍କୁ
ସ୍ୱର୍ଗ ଭୋଗ ନରଲୋକେ,
ଅକାଳେ କୋରକ ପ୍ରସବ କରନ୍ତି
ପାଦପେ ଦୋହଦ ଯୋଗେ । ୨୧ ।
ମନ୍ଦାକିନୀ ଜଳ- ଶୀକରେ ଶୀତଳ
ନୃପବର ସଦୃଶ ତେଣୁ,
ମଞ୍ଜୁଳ ନଳଙ୍କୁ ସୁରକେଳି କାଳେ
ବଞ୍ଚୁ ଅପ୍ସରାମାନେ ଯିନା ? । ୨୨ ।
ବହୁ ପରରାଜ୍ୟ ପଦାନତ କରି
ନିଜ ଭୁଜ ବୀର୍ଯ୍ୟ ବଳେ,
ସାଧୁ ଗଣନାରେ ପ୍ରଥମ ଅଟନ୍ତି
ନଳ ଏକା ମହୀତଳେ । ୨୩ ।

---

(୧) ବିରଳ —ବିଗତ ର ଓ ଳ ର ଉଦୟ ।

(୨) ନର ଏହି ଶବ୍ଦର ବିଗତ ର ଓ 'ଳ'ର ଉଦୟ ଅର୍ଥାତ୍ ନଳ ଏକା ଲଭି କରିପାରନ୍ତି ।

Digitized by srujanika@gmail.com

ଯାଜ୍ଞିକ ନୃପତି ଅଶେଷ କରନ୍ତି
ଧନ ବିପ୍ରେ ଦାନ କରି,
ବିବୁଧେ (୧) ଅରପି ରାଜ୍ୟକୁ ଭୁଞ୍ଜନ୍ତି
ହୋମ ଶେଷ ଆଜ୍ୟ ପରି । ୨୪ ।
ସତ୍ୱା ଅର୍ଥୀଗଣ ଧନ ବିତରଣେ
ସେବାବ୍ରତ ମହୀପତିଲେ,
ନ ମାଗନ୍ତି କେ ବା ଅଭୀଷ୍ଟ ପୂରଣେ
ତୁଷ୍ଟ ଇଷ୍ଟ ଦେବ ନଳେ । ୨୫ ।
ଅପ୍ସ ମୁଖଁ ନଳ ରୂପ, ପୁରେ ଶୁଣି
ନଳେ ଅନୁରକ୍ତ ଥାଇ,
ନଳକୂବରଙ୍କୁ ଭଜେ ସିନା ରମ୍ଭା
ନଳ ନାମ ଗନ୍ଧ ପାଇ । ୨୬ ।
କେଳି କାଳେ ନଳ- ଗୁଣ ଗାନ ଶୁଣି
କଲେ ଯେଣୁ 'ହା ହା' କାର,
ତେଣୁ ସିନା 'ହାହା' ନାମେ ଅଭିହିତ
ହେଲେ ଗାୟକ (୨) ନିକର । ୨୭ ।
ସଦାର ହୋଇଣ ସାଦରେ ଶୁଣିଣ
ନଳଙ୍କ ଉଦାର ଭବ,
ଦେଖି ନ ପାରିଲେ ପୁଲୋମ-ଦୁହିତା-
ପ୍ରେମାଞ୍ଜ, ଭାଗ୍ୟେ ବାଧବ ।
ପ୍ରମୋଦ ବାଟ୍ଟରେ ଅବୃତ ଥିବାରୁ
ତାଙ୍କର ନୟନମାଳ,
ସୁର ସମାଜରେ ଲାଜ ନ ପାଇଲେ
ସୁର ଲୋକ ମହୀପାଳ । ୨୮ ।
ଅର୍ଦ୍ଧନାରୀଶ୍ୱର ଶୁଣନ୍ତି ଯେ କାଳେ
ମନୋହର ନଳ ଗୁଣ,

(୧) ପଣ୍ଡିତ ପକ୍ଷେ ଦେବତା

(୨) ଗନ୍ଧର୍ବ

Digitized by srujanika@gmail.com

ଶ୍ରବଣ ବିବର ସେଧନ୍ତି ଅପର୍ଣ୍ଣା
ଛଳ କର୍ଣ୍ଣ କଣ୍ଡୂୟନ । ୨୯ ।
ନଳ ଗୁଣ ଶୁଣି ନିଜ ବନିତାର
ବ୍ୟଭିଚାର ଶଙ୍କା ଫଳେ,
ବାଣୀ ସଂଯମନ କଲେ, ହେଲେ ବନ୍ଧୁ
ଗଙ୍ଗାର ସମାଧି ଛଳେ ।
ଅନୁରାଗେ ନଳ କଣ୍ଠ ଆଲିଙ୍ଗିଲ
ରସମୟୀ ବନ୍ଦବାଣୀ
ବେଦାଭ୍ୟାସ ଜଡ଼ ବିଧାତା ସେ କଥା
ତଳେ ନ ପାରିଲେ ଜାଣି । ୩୦ ।
ନଳଙ୍କୁ ଆଲିଙ୍ଗି ନ ତୁଟିଲା ଯେଣୁ
ଲକ୍ଷ୍ମୀ ପତିବ୍ରତା ପଣ,
ଈର୍ଷା କଳୁଷିତ ମତି ନ ଧରିଲେ
ସର୍ବବ୍ୟାପୀ ନାରାୟଣ । ୩୧ ।
ଧିକ ସେ ବିଧିକ ନିର୍ମାଣେ ଯା ପୂର୍ଣ୍ଣ
ଚନ୍ଦ୍ରିକା ରଜନୀରେ,
ନଳ ମୁଖ ବୃହି ଜାଣି ଫିଙ୍ଗିଛୁ ବା
ଅଧା କରି ଶିବ ଶିରେ । ୩୨ ।
"ବିଧୁ ଜିତ ନଳ- ମୁଖ" ବୋଲି ଅମ୍ବୁ
ମୁଖୁଁ ଶୁଣି ଲଜାଭରେ,
ଲୁଚେ ସିନା ଚନ୍ଦ୍ର ନଭସ୍ଥର ମେଘେ,
ଉପନେ, ସାଗର ଜଳେ । ୩୩ ।
ଗରୁଡ଼ ଧ୍ୱଜଙ୍କ ଇଙ୍ଗିତ ମାତ୍ରକେ
ଗରୁଡ଼ କଙ୍କର ଅମ୍ବେ,
ପଦ୍ମଜିତ ନଳ ମୁଖର ପ୍ରଶଂସା
ଅରମ୍ଭୁ ଯେ କାଳେ ଦମ୍ଭେ ।
ଲଜେ ସଙ୍କୁଚିତ ନାଭି କମଳରେ
ଲୁଚଇ ବିଧାତା ରଙ୍ଗେ,
ରମନ୍ତି କେଶବ ଜଳ ପରିହରି
ଏକାନ୍ତେ କମଳା ସଙ୍ଗେ । ୩୪ ।

Digitized by srujanika@gmail.com

ଚଉଦ୍‌ଦ ଅଠର ଜନ୍ମସ୍ଥ ପ୍ରକାର

ବିଦ୍ୟା ନଳଙ୍କର ଗଜେ

ବୋଲ ବନ୍ଧି ସିନା ସୂଚେ ସୂକ୍ଷ୍ମ ରେଖା
ଲହ୍ନି ଦନ୍ତାବଳୀ ବ୍ୟାଟଜ । ୭୫ ।
ରୁପ୍‌, ଶିକ୍ଷା ଯୋଗେ ନଳଙ୍କ ସମାନ
ନୁହନ୍ତି ସ୍ବର ବାସବ,
କ୍ଷମା ଗୁଣେ ବୁଦ୍ଧ ଧରଣୀ ଧାରଣେ
ସରି ନୁହେଁ ଶେଷଦେବ । ୭୬ ।
ବିପକ୍ଷ (୧) ବନତା- ସୁତ, ମୂର୍ତ୍ତିମନ୍ତ
ପ୍ରଭଞ୍ଜନ ସ୍ୱଳ୍ପମନ,
ପଶ୍ଚିମ କେବଣ ଦିଗ ନ ଲଙ୍ଘିଲେ
ନଳଙ୍କର ଅଶ୍ୱଗଣ ? । ୭୭ ।
ଅରାତି ଶୋଣିତେ ନଦୀ ମାତୃକତା
ଭଜିଛି ସମର ସ୍ଥାନ,
ନଳ ବାଣ ଧାରା ଅହ୍ନରେ ସୁଭିକ୍ଷ
ଅରି ପ୍ରାଣ-ପବମାନ । ୭୮ ।
କଣ୍ଡୁଳ ଭୁଜରେ ରଣେ ଯେଉଁ ଯଶ
ନଳ କଲେ ଉପାର୍ଜ୍ଜନ,
ତା ଯୋଗୁଁ ଲଭିଲେ ଦିଗନଦୀ ମାନେ
କୂଳଙ୍କଷ ନିର୍ଯ୍ୟାତନ । ୭୯ ।
ଭିନ ଲେକପାଳ ଏକତ୍ରିତ ହୋଇ
ବ୍ରହ୍ମାଙ୍କ ଆୟୁଷ ଧରି,
ପରାର୍ଦ୍ଧ ଗଣିଲେ ନଳ ଗୁଣ ଗଣ
ନ ପାରିବେ ଶେଷ କରି । ୮୦ ।
କୃତୋଦଶ୍ୟ ଗଣେ ଅଧିକ ସୁନ୍ଦର
ଗତି ଶିଖାଇବା ପାଇଁ,
ନଳ ଅବରୋଧେ ସଞ୍ଚରିବା ଲାଗି
ଅମ୍ଭଙ୍କୁ ନିଷେଧ ନାହିଁ । ୮୧ ।

(୧) ପକ୍ଷୀରାଜ

Digitized by srujanika@gmail.com

କାବ୍ୟର ପ୍ରଣେତା କବି (୧) ନିଜମୁଖେ
କରନ୍ତି ଯା ସମାଦର ।
ସୁଧା ଧାର୍ଯ୍ୟ ସମ ସୁରତ ପ୍ରସଙ୍ଗ
ସୁରବାଳା-ମାନଙ୍କର ।
ଏକାନ୍ତେ ଅବାଧେ ନଳ ଅବରୋଧେ
ବଖାଣି ଅନୁରାଗରେ ।
ସୁନ୍ଦରୀ ମାନଙ୍କ ମନକୁ ଭସାଇ
ଶୃଙ୍ଗାର ରସ ସାଗରେ । ୪୨ ।
କିଏ ମୋତେ ତହିଁ ବିଶ୍ୱାସ ନ କରେ
କାମ କେଳି ପ୍ରସଙ୍ଗରେ ?
ପକ୍ଷୀକୁ ମାନବ ମାନବକୁ ପକ୍ଷୀ
କେଉଁଠାରେ ଲାଜ କରେ ? । ୪୩ ।
ବ୍ରହ୍ମାଙ୍କ ବଦନୁଁ ଯୋଗଶାସ୍ତ୍ର ଶୁଣି
ପବନ ମୋହର ଜ୍ଞାନ,
ମିଛ ପଚେ ହେଜ ଏ ହୃଦେ ପଶିଲେ
ନ ଶୁଣେ ସେ କଥା ଆନ । ୪୪ ।
ବିବିଧ ବିଭବ ଉପଭୋଗ ସୁଖ
ଦୁର୍ଲ୍ଲଭ ତୋ ଭାଗ୍ୟେ ଅଛି,
ନଳ ସହବାସେ ଭୁଞ୍ଜେ ଅନାୟାସେ
ଇତର ଅବଳା ଯାହା;
ଇନ୍ଦୁ ସଙ୍ଗେ ଥାଇ କୌମୁଦୀ ଉତ୍ସବ-
ସୁଖ ଭୋଗେ କୁମୁଦିନୀ,
ଇନ୍ଦୁ ସଙ୍ଗ ବିନା ନ ମିଳେ ସେ ସୁଖ
ନ ଲଭେ ତା' ପଙ୍କଜିନୀ । ୪୫ ।
ମଧୁପ ସଙ୍ଗତ ନ ଲଭେ ରସାଳ
ମଧୁ ସମାଗମ ବିନା,
ନଳଙ୍କୁ ନ ବରି ଅନ୍ୟ କାହୁଁ ସୁଖ
କାହୁଁ ଲଭିବୁ ନବୀନା ? । ୪୬ ।

---

(୧) ପକ୍ଷେ ଶୁକ

Digitized by srujanika@gmail.com

ରୂପ ଗୁଣ ଧନ   ରହିଛି ଯେ ଯାଏ
ନୋହିଛି ପାଣି ଗ୍ରହଣ,
ନଳ ହସ୍ତଗତ   ନୋହିବୁ ବା କାହିଁ
କଏ ଜାଣେ ବିଧି ମନ । ୪୭ ।
ନିଶାକୁ ଶଶାଙ୍କ   ଗଉରୀଙ୍କୁ ଶିବ
କମଳାଙ୍କୁ ନାରାୟଣ,
ଘଟଣା କରିଛି   ଯେସନେ ବିଧାତା
ଲୋଡ଼େ ସେ ଯୋଗ୍ୟ ମିଳନ । ୪୮ ।
ଲଳନା ଲଲାମ,   ନଳ ବିନୁ ଆନ
ବର ନାହିଁ ତୋର ତୁଲେ,
ସୁ-କୋମଳ ମଲ୍ଲୀ   ମାଳକୁ ଗୁନ୍ଥେ କି
କର୍କଶ କୁଶ ରଜ୍ଜୁରେ ? । ୪୯ ।
ପଚାରିଲ ହନେ   "ନଳ କେଳ ଯୋଗ୍ୟ
ହେବ କେଉଁ କୃଶୋଦରୀ"
ରଥ ଘୋଷେ ମିଶି   ଶୁଣାଗଲା ଧାତା
"ତୋ ନାମ" କହିଲା ପରି । ୫୦ ।
ସର୍ବଜ୍ଞ ବିଧାତା   ସମର୍ପିବ ଯେବେ
ତୋତେ ନେଇ ଆନ ବରେ,
ଅପବାଦ ଦିନୁ   ତରିବ କପରି
କହ କେଉଁ ବୋଲିତରେ ? । ୫୧ ।
ଛାଡ଼ ବୃଥା କଥା   ଦେଉଛୁ କଷଣ
ହୋଇଛି ମୁଁ ଅପରାଧୀ,
କହ କୃଶୋଦରୀ !   ହେବ ମୁଁ ମୁକତ
କେଉଁ ଅଭିଳାଷ ସାଧି ? । ୫୨ ।
ଦମୟନ୍ତୀ ମନ   ଜାଣିବା ପାଇଁକି
ମାରିବଲ୍ଲା ପତ୍ରରଥ,
ସୁଗଭୀର ହ୍ରଦେ   ନିଗୂଢ଼ ହୃଦୟୁ
ସୋପାନ ବିରଚେ ସନ୍ତୁ । ୫୩ ।
ନରେନ୍ଦ୍ର ନନ୍ଦନା   ଅଳପ ନୁଆଇଁ
କାନ୍ଧରେ କମ୍ପାଇ ମଥା,

Digitized by srujanika@gmail.com

କି କରିବ ଖଳ ବଧୂଜନ ମୁଖେ
କହିଲା ମଧୁର କଥା । ୫୪ ।
"ଧିକ ମୋତେ ଯାହା ତୁମ୍ଭଙ୍କୁ ତାଡ଼ିଲି
ବାଳ ଚପଳତା ଧରି,
ସମୀର ସହାୟେ ତରଳ ତରଙ୍ଗ,
ତଟସ୍ଥେ ତାଡ଼ନ୍ତି ପରି । ୫୫ ।
ସ୍ବଚ୍ଛତାରେ ତୁମ୍ଭେ ଆଦରଣ ସବ
ସ୍ବଚ୍ଛ ବୋଲି ସାଧୁଜନ,
ଆଗେ ଆଦରଶ (୧) ରଖି, ବେଶ ସିଧା
ଦେଖନ୍ତି ତାଙ୍କର ଦରଶନ ।
ଆଗେ ଅପରାଧ କରିଅଛି ମୁହିଁ
ମୋତେ ପୁରସ୍କୃତ (୨) କରି,
ମୋ ଅପରାଧର ପ୍ରତିବନ୍ଧ ହଂସ
ହୃଦୟ ନାହିଁକି ଧରି ? । ୫୬ ।
ବାଳିକା ସୁଲଭ ଚପଳତା ଯୋଗେ
କରିଛି ମୁଁ ଦୁରାଚାର,
ସ୍ବଭାବ ସୁନ୍ଦର ! ସ୍ବ-ଗୁଣେ ମୋହର
ଅପରାଧ କ୍ଷମା କର,
ହଂସ ହେଲେ ତୁମ୍ଭେ ଦେବ ଅଂଶେ ଜାତ
ହେବାରୁ ପୂଜା ଭାଜନ,
ପୂଜ୍ୟ ଯେଉଁ ପର ସର୍ବବସ୍ତ୍ର ଲକ୍ଷଣେ
ମନୁଷ୍ୟ ମୂର୍ତ୍ତି ନାରାୟଣ । ୫୭ ।
ମୋର ପ୍ରୀତି ପାଇଁ ଆଉ କେଉଁ କାର୍ଯ୍ୟ
କରିବାକୁ ଇଚ୍ଛା କର,
କେଉଁ ପ୍ରୀତିପ୍ରଦ ତବ ଦରଶନ
ଅଛି କି ଅଧିକତର ?

---

(୧) ଦର୍ପଣ ।

(୨) ସମ୍ମୁଖରେ ରଖି, ପକ୍ଷେ ପୂଜାକରି ।

Digitized by srujanika@gmail.com

ସୁରାବ ସୁନ୍ଦର ଇନ୍ଦୁ ଆପଣାର
ସୁଧାମୟ କରଣରେ,
ଲୋକ ଲୋଚନରେ ଅମୃତ ସେଚନ
ଭିନ୍ନ, କ ଅଧିକ କରେ ? ୫୮ ।
ମାନସ ଯାହାକୁ କ୍ଷଣେ ନ ଛାଡ଼ଇ
ସେବୁଥାଏ ଅବିରତ,
କେଉଁ ଉପାୟରେ କଣ୍ଠଗତ ହେବ
କପର ସେ ମନୋରଥ ।
ଦ୍ୱିଜ ରାଜ (୧) ପାଣି- ଗ୍ରହଣ ପ୍ରସଙ୍ଗେ
ମୁଖେ ବଖାଣିବା ପାଇଁ,
କେଉଁ ବାଳା ଭଲ ସାହସ କରିବ
ଲଜ ଭୟ କା'ର ନାହିଁ ? । ୫୯ ।
ମଧୁ ସୁମଧୁର ଦମୟନ୍ତୀ ବାଣୀ
ସେ ହଂସ ଶୁଣି ଶ୍ରବଣେ,
କୋକିଳ କୂଜିତ ତୋଷ ପରିହରି,
ଘୃଣା କଲା ବୀଣା ସ୍ୱନେ । ୬୦ ।
ଲଜ୍ଜେ ଏହା କହି ନୀରବନ୍ତେ ବାଳା
ଅଳପ ସନ୍ଦେହେ ହଂସ,
ବଦନ ସଂଗ୍ରେଜେ ବଚନ ପୋଷିଲା
ଜାଣିବା ପାଇଁ ମାନସ । ୬୧ ।
ଚନ୍ଦ୍ର ମଣ୍ଡଳକୁ କରେ ଧରିବାକୁ
ସସ୍ନେହେ ଇଚ୍ଛିଲ ପରି,
କହୁଅଛୁ ଯାହା ସେ ବେଦ ଶ୍ରବଣେ
ନୁହଇ ମୁଁ ଶୂଦ୍ର ପରି । ୬୨ ।
ଗୁପ୍ତ ଧନ ପରି ରଖି ତା କ ହେବ
ଏକ ପଣ ମନ-ମାର୍ଗେ,
ଇନ୍ଦ୍ରିୟ ଅତୀତ ପରଂବ୍ରହ୍ମ ପରି
ନ ଲୁଚଇ ସାଧୁ ଆଗେ ? । ୬୩ ।

(୧) ହଂସ' ପକ୍ଷେ ଚନ୍ଦ୍ର

ପକ୍ଷୀ ହେଲେହେଁ ମୁଁ ବ୍ରହ୍ମଲୋକେ ବାସ
କରିବାରୁ କୃଶୋଦରି !
ଅସତ୍ୟ ବଚନ କହିବାକୁ ମୋର
ରସନା ଅଛି ପାଶୋରି । ୭୪ ।
ଶ୍ରୁତ ସହବାସେ ଶୁଦ୍ଧ ସରସ୍ୱତୀ
ଆମ୍ଭ ମୁଖେ ବିଳସଇ,
ସଂସର୍ଗ ଗୁଣରେ ବନ୍ଧା ଥିଲି ପରି
ଲୋକେ ସତ୍ୟ ନ ତୁଟଇ । ୭୫ ।
ସାଗର ମେଖଳା ସ୍ୱର୍ଣ୍ଣ ଲଙ୍କାପୁରି
ଅଥବା ତହିଁରୁ ଆନ,
ଯାହା ଲୋଡ଼େ ଚିତ୍ତ ତାହା କରଗତ
ହୋଇଛି ତୋହର ଜାଣ । ୭୬ ।
ଲାଜ ହର୍ଷଭରେ ଉତ୍ତରିଲେ ଭୈମୀ
"ଚିତ୍ତେ ଆନଥିଲି (୧) ଲଙ୍କା,
ନ ଥିଲି କାମନା ଥିଲି ବୋଲି କିନା
ମାନସେ ପୋଷିଛ ଶଙ୍କା ? " ୭୭ ।
ବାଳା ଜନ-ଶୀଳ- ଶଇଳ ସମ୍ଭୂତ
ଗଭୀର ଲାଜ-ସରିତେ,
ଅନଙ୍ଗ ମାତଙ୍ଗ ବୁଡ଼ି ରହିଅଛି
ବଶ୍ୟର ଆପଣା ଚିତ୍ତେ ।
ଅପ୍ରକଷ୍ଟ ଭାଷିଣୀ ରାଜ ନନ୍ଦନାକୁ
ଭାଷିଲି ପୁଣି ଏସନ,
ସନ୍ଦେହ ନିରାଶେ ମାନସ ବିହାରୀ
ପତଙ୍ଗ-ପାକଶାସନ । ୭୮ ।
ଦ୍ୱିଜରାଜ ପାଣି- ଗ୍ରହଣ ପ୍ରସଙ୍ଗ
ପୁଣି ନଳଙ୍କ କାମନା,

---

(୧) 'ଆ' ନଥିଲି ଏବଂ 'ନ' ଥିଲି ଲଙ୍କା, ଅର୍ଥାତ୍ ନଳଙ୍କ କାମନା ଥିଲି ଏହାହିଁ ଶ୍ଳେଷାର୍ଥ ।

Digitized by srujanika@gmail.com

ଶ୍ଳେଷ କବ ତୋର ଏ ଦୁଇ ଶ୍ଳୋକର
ଅର୍ଥତ ମୋତେ ଅଜଣା ? ୬୯ ।

ପଛକୁ କେଜାଣି ଫଳ ଯିବ ଫଉ
ଏକଥା ବତୁର ଧର,
ବୁଝି ପାରଲେହେଁ ସନ୍ଦେହ ୍କୋରେ
ମଣେ ନ ବୁଝିଲା ପର ।

ସ୍ୱଭାବେ ଚଞ୍ଚଳ ମୁଗ୍ଧ ବଧୂଙ୍କର
ହୃଦୟକୁ ଲକ୍ଷ୍ୟ କର,
ମନଭେଦୀ ସ୍ୱର ନବନ୍ଧେ ଦେବାର
ହୃଦୟେ ଆଶଙ୍କା ଧର ? । ୭୦ ।

ମହୀମହେନ୍ଦ୍ର ସେ ନୈଷଧ ଚନ୍ଦ୍ରମା
ନୁହନ୍ତି ସାମାନ୍ୟ ଜନ,
ଇତର ଭଳି ମୁଁ କହବ କପର
ତାଙ୍କୁ ସନ୍ଦେହ-ବଚନ । ୭୧ ।

ନଜ ଇଚ୍ଛାରେ ବା ପିତାଙ୍କ କଥାରେ
ବରଲେ ତୁ ଆନବର,
ମଧ୍ୟସ୍ଥ ହେବାର କ ସୁନ୍ଦର ହେବ
କ ବୋଲବେ ମୋତେ ନଳ ? । ୭୨ ।

ତୋ ପେନ ଏକାର୍ଯ୍ୟେ ବପର୍ଯ୍ୟୟ ଶଙ୍କା
ଅଛି ଏହା ଛାଡ଼ ଯାହା,
ମାଗିବୁ ମାଗ ତୁ ମହୀପତପୁତ୍ର
ହେଲେ ସମ୍ପାଦବ ତାହା । ୭୩ ।

ବହଗ ବଚନ ନ ଶୁଣିଲା ପର
ବସ୍ୱରେ କମ୍ପାଇ ମଥା,
ଲଜ ତେଜ ଧରା- ପୁରହୂତପୁତ୍ରୀ
କହିଲା ମଧୁର କଥା । ୭୪ ।

ନଳ ଭଜ ଆନ ପଡ ଶଙ୍କା ମୋର
ହେବ ବୋଲି ଯେବେ ମଣ,

Digitized by srujanika@gmail.com

ସୋମେତର କାନ୍ତ ଶଙ୍କାକୁ ନଶାଇ
ତା ପୂର୍ବ ଓଁକାରେ (୧) ଗଣ । ୭୫ ।
ଚନ୍ଦ୍ରିମା ପ୍ରସଙ୍ଗେ ଅନର୍କ ସମ୍ବନ୍ଧ
ତର୍କିଲ ପର ମାନସେ,
ମୋର ଆନ ପାଣି- ଗ୍ରହଣ ଆଶଙ୍କା
କରୁଛ କେଉଁ ସାହସେ ? । ୭୬ ।

ନଳ ବିନା ମୁହିଁ ଅନଳେ ପ୍ରବେଶି
ଜୀବନରେ ହୋଇ ବାପୀ,
ନଳଙ୍କ ନିକଟେ ନ କରିବ କେବେ
ତୁମ୍ଭଙ୍କୁ ମୁଁ ମିଥ୍ୟାବାଦୀ । ୭୭ ।

କାହିଁକି ଆଶଙ୍କା, ଠକ କେଉଁ ଫଳ
ମୋ ବାଣୀ ବେଦର ଗାର,
ନୁହଁଇ ସନ୍ଦେହ ପଦ ସମ୍ବଳିତ
ନାହିଁ ତହିଁ ବ୍ୟଭିଚାର । ୭୮ ।

ଦେଲେ ପିତା ମୋର ମୃତ ଶରୀରକୁ
ଦେଇ ପାରନ୍ତି ଅନଳେ,
ମରତନ୍ତୁ ସିନା ଦେଇଛନ୍ତି ମୋତେ
ପ୍ରାଣ ବକଳୁ ମୁଁ ନଳେ । ୭୯ ।

ତାଙ୍କ ଶ୍ରୀଚରଣେ ଦାସୀ ହେବାକୁ ମୁଁ
ବଡ଼ ପଣ ମନେ କରେଁ,
ରବ ସଙ୍ଗ ସ୍ପୃହ ଲୋଡ଼େ କି ନଳିନୀ
ସୁଧାକର ସୁଧାକରେ ? । ୮୦ ।

ନଳ ଏକା ମୋର ଅମୂଲ୍ୟ ରତନ
ଚିନ୍ତାମଣି ସର୍ବସିଦ୍ଧି,
ମୋର ତ୍ରିଭୁବନ- ସାର ସମ୍ପଦ ସେ
ଶଙ୍ଖମୁଖ ପଦ୍ମ ନିଧି । ୮୧ ।

(୧) ପ୍ରଣବ ପୂର୍ବକ ବେଦୋଚ୍ଚାରଣ ପ୍ରସିଦ୍ଧ (ନଶାଇ ଚନ୍ଦ୍ର ଭିନ୍ନ ପତି-ଶଙ୍କା ନଥିଲା ପର ମୋର ନଳ ଭିନ୍ନ ପତି ଶଙ୍କା ନାହିଁ ଏହା ହିଁ ତାତ୍ପର୍ଯ୍ୟ) ।

Digitized by srujanika@gmail.com

ଜନଶ୍ରୁତି ମୁଖେ ଶୁଣି ମୁଁ ଯାହାଙ୍କୁ
ନିରନ୍ତରେ କରେ ଧ୍ୟାନ,
ଚିତ୍ରଆଡ଼େ ଯା'ର ରୂପ ଶୋଭା ଚାହିଁ
ହଜିଯାଏ ମୋର ଜ୍ଞାନ ।
ନିଶ୍ଚେ ମୁହିଁ ସେହି ନଳଙ୍କୁ ଲଭିବି
ନୋହିଲେ ତେଜିବି ପ୍ରାଣ,
ଏ ବେନି ପ୍ରସଙ୍ଗ ତୁମ୍ଭ କରଗତ
ବିଚାରେ ବିହଗବରଣ । ୮୨ ।
ଆଶ୍ରିତ ବତ୍ସଳ ! ବଞ୍ଚାଇ ମୋ ପ୍ରାଣ
ଅରଜ ପୁଣ୍ୟ ପୁଷ୍କଳ,
ମଙ୍ଗଳ କାର୍ଯ୍ୟରେ ବିଳମ୍ବ ନ କର
ଆଶଙ୍କା ବରଜ ଚଳ । ୮୩ ।
ଖଳ ପରି ଖେଳ ଆଚର, ଆଶ୍ରିତ
ପ୍ରାର୍ଥନା ସଫଳ କର,
ଦ୍ୱିଜୁବଙ୍କ ! ତୁମ୍ଭେ କୀରତି ପଥରୁ
ଯାଅ ନାହିଁ ଅପସର । ୮୪ ।
ଦଧୀଚି ପ୍ରମୁଖ ଜନେ ଯାଚି ଦେଲେ
ଯାଚକେ ନିଜ ଜୀବନ,
ଜାଣି ଶୁଣି ନିଜ ନ ମାଡ଼େ ତୁମ୍ଭଙ୍କୁ
ହେଲ କା' ଏଡ଼େ କୃପଣ ?
ମୋତେ ମୋ ଜୀବନ ଦେବା ପାଇଁ ଏବେ
ଯାଉଅଛ ଯାହା ଡରି,
ମଣୁଛି ତୁମ୍ଭର କୀର୍ତ୍ତି-ଧୌତ-ଧର୍ମ
ହାତରୁ ପଡ଼ୁଛି ଗଳି । ୮୫ ।
ଜୀବ ଦାନେ ଅବା ସୁଝି ମୁଁ ପାରନ୍ତି
ଜୀବଦ ! ଋଣ ତୁମ୍ଭର,
ଜୀବନୁ ଅଧିକ ନଳଦାନ ଋଣ
ସୁଝିବା ଅତି ଦୁସ୍ତର । ୮୬ ।
ଜୀବନ ସମ୍ପଦା କିଣି ନିଅ ମୋର
ନଳ ମୂଲ୍ୟେ ଦ୍ୱିଜବର !

Digitized by srujanika@gmail.com

କାମେ ନ ଲାଗିଲେ ପୁଣ୍ୟ ତ ମିଳିବ
ଗାଇବ ଯଶ ତୁମ୍ଭର । ୮୭ ।
ଧନ ଦାନେ ଲବ୍ଧ କୃତଜ୍ଞ ଗଣଙ୍କୁ
ଧନିକ ଗଣଇ ନାହିଁ,
କୃତକୃତ୍ୟ ସାଧୁ ମଣେ ଆପଣାକୁ
କୃତଜ୍ଞ ଜନକୁ ପାଇ । ୮୮ ।
ଜାଣିପାର ମୋର ଏକାନ୍ତ ବାସନା
ଅଷ୍ଟ ଦିଗପାଳ ମାନେ,
ଚେଡ଼ିଛନ୍ତି ସିନା ତୁମ୍ଭଙ୍କୁ ଘଟକ
ରୂପ ନଳସଂପ୍ରଦାନେ । ୮୯ ।
ଅକାଳେ ମୋ ହୃଦେ କାମ ଅନଳକୁ
ବିହଗ ! ଥିଲେହେଁ ଥୋଇ,
ଗୋଳ ଚନ୍ଦନକୁ ବୋଲି ନ ଦେବକି
ଏକାନ୍ତ ନଳଦ (୧) ହୋଇ । ୯୦ ।
ବିଳମ୍ବ ନକର ଖଗ ବେଗେ ଚଳ
ଏ ନୁହେଁ ବିଗୃର ବେଳା,
ଶିଷା ଲଭେ ଖାଷ୍ଣ ଘୃତଭାଣ୍ଡ ପରାଏ
ଆର୍ତ୍ତିକ (୨) ସହଇ ହେଲା ? । ୯୧ ।
ନ କରିବ ଖଗ ! ମୋ ଲାଗି ପ୍ରାର୍ଥନା
ଥିଲେ ନଳ ଅବରୋଧେ,
ନିଷେଧି ପାରନ୍ତି ଆନ ନାରୀ ସଙ୍ଗ
ପ୍ରିୟା-ମୁଖ-ଅନୁରୋଧେ । ୯୨ ।
ସମ୍ଭୋଗ ଶେଷରେ ନ କହିବ ନଳେ
ଜଳପାନେ ତୃପ୍ତି ଯାର,
ସୁଗନ୍ଧ ଶୀତଳ ସ୍ୱାଦୁ ପ୍ରପାନକେ
ଆକାଙ୍କ୍ଷା ଥାଏ କି ତାର ? । ୯୩ ।

---

(୧) ନଳ ଦାନ କର୍ତ୍ତା, ପକ୍ଷେ ଉଶୀର ମିଶା ଚନ୍ଦନ ଦାତା ।
(୨) ମାନସିକ ବ୍ୟଥା ।

Digitized by srujanika@gmail.com

ରୋଷେ ତାଙ୍କ ଚିତ୍ତ ଉଷ୍ମ ଥିଲାବେଳେ
ନ କହ ଏକଥା ଯାଇ,
ପିତ୍ତଦୋଷେ ଦୁଷ୍ଟ ରସନା ସିତାକୁ
ପିତା କି ମଣଇ ନାହିଁ ? । ୯୪ ।
ମୋ ମାଗୁଣି ହଂସ ! ନ ମାଗିବ ତାଙ୍କୁ
ମନ ଥିଲେ କାର୍ଯାନ୍ତରେ,
ବିଷୟ ନ ବୁଝି ନିଷେଧି ପଳାନ୍ତି
ଧର୍ମାଧିପ ଅନାଦରେ । ୯୫ ।
ଅବସର ଦେଖି ଜଣାଇବ ନୃପେ
ବାଞ୍ଛ ତୁମ୍ଭେ ଖଗବର,
କାର୍ଯ୍ୟହାନି ଠାରୁ ବିଳମ୍ବରେ କାର୍ଯ୍ୟ-
ସିଦ୍ଧି କି ନୁହେଁ ସୁନ୍ଦର ? । ୯୬ ।
ନିଜ ଭୟ ତେଜି ଏତେ କଥା ଯାହା
କହିଗଲା କୃଶୋଦରୀ,
ଅନଙ୍ଗ ଏଥିରେ ଦୋଷୀ ନୁହଁଇ କି
ମତାଇ କୁହାଇ ବରି ? । ୯୭ ।
ଜନ୍ମୁତ୍ତକୁ (୧) ପାଇ ପ୍ରମୋଦ ଲଭନ୍ତି
ଚିତ୍ତେ, ସ୍ମର ସ୍ମରହର,
ପରସ୍ପର ସ୍ପର୍ଦ୍ଧା ବସେ ସୁମନକୁ
ଶିବ, ବିରହୀକୁ ସ୍ମର । ୯୮ ।
ଶୁଣି ଏ ଭାରତୀ ଜାଣି "ଦମୟନ୍ତୀ
ମନ ସମର୍ପିଛି ନଳେ"
ଚଞ୍ଚୁପୁଟ ମୌନ- ମୁଦ୍ରା ଫିଟାଇଲା
ହସି ହଂସ କୁତୂହଳେ । ୯୯ ।
ନରେନ୍ଦ୍ର ନନ୍ଦନ ସତ ଯେବେ ଏହା
ମୁଁ ନୁହେଁ ଏଥିର ହେତୁ

---

(୧) କାମୋନ୍ମତ୍ତ ପକ୍ଷେ ଦୁଦୁରା ଫୁଲ,

ତୁମ୍ଭକୁ ନୃପଙ୍କୁ ଚିତାଇ ଯୋଡ଼ିବା
ପାଇଁ ଇଚ୍ଛେ ପୁଷ୍ପକେତୁ । ୧୦୦ ।
ବ୍ରତ ଉପବାସ ତପସ୍ୟା କରନ୍ତି
ଜନଙ୍କ ଇନ୍ଦ୍ରିୟମାନେ (୧)
ଯଥାର୍ଥ ଦେବତ୍ୱ ବହିନେବେ ମୁକ୍ତେ
ନବ ରୂପାମୃତ ପାନେ । ୧୦୧ ।
ଏକାପରି ରୂପ ବହିଥିଲା ବହୁ
ନଳ, କାମ ଦୁହିଁଙ୍କର,
ହର କୋପାନଳେ ଭସ୍ମୀଭୂତ ହୋଇ
ଅଦେହ ହେବାରୁ ମାର ।
ନିଜ ରୂପ ଶୋଭା ହରାଇ ମଦନ
ଇର୍ଷ୍ୟାବହ୍ନି ବଳେ ନଳେ,
ତାଙ୍କ ସୁକୁମାର ତନୁକୁ ତତାଏ
ତୁମ୍ଭ ବିରହ ଅନଳେ । ୧୦୨ ।
ଅପଲକ ନେତ୍ରେ ଭକ୍ତି ବିଭୂଷଣ
ତୁମ ରୂପ ପାନ କରି,
ଅଶ୍ରୁସିକ୍ତ ନେତ୍ରେ ରକ୍ତିମା ଧରନ୍ତି
ନଳ ଅନୁରାଗ ଛଳି । ୧୦୩ ।
ଆଦରେ ପଲକ- ହୀନ ନୟନରେ
-ତୁମ୍ଭ ଚିତ୍ରପଟ ଚାହିଁ,
ଅବିରଳ ଭବେ ମୁଞ୍ଚନ୍ତି ଲୋତକ
ମିରବେ ନିଷଧ ସାଇଁ ।
ପରସ୍ପର ସ୍ପର୍ଦ୍ଧା ବଢେ ସେ କାଳରେ
ପ୍ରେମ ଅପଲକ ବେନି,
ଲୋତକକୁ ନେଇ ବିବାଦ ରଚନ୍ତି
ସହଜ ମମତା ଘେନି । ୧୦୪ ।

(୧) ଇନ୍ଦ୍ରିୟ ଶବ୍ଦର ଅର୍ଥ ମଧ୍ୟ ଦେବତା

Digitized by srujanika@gmail.com

ବାହାରେ ଥିଲେହେଁ   ପ୍ରାଣପର ତୁମ୍ଭେ
ନାସା ମୁଖ ଗତ ଫଳେ,
କେଉଁ ଉପାୟରେ   ନ ପଶିଛ ଅବା
ନଳଙ୍କ ହୃଦୟ ସ୍ଥଳେ ? ।
ନୁହଁନ୍ତ ବଚନ   ତୁମ୍ଭ ଚନ୍ଦେ ତାଙ୍କ
ଚଞ୍ଚ ହୋଇବାରୁ ବଶ,
ଯେଣୁ ତୁମ୍ଭ ପ୍ରତି   ସତତ ଆସକ୍ତ
ନଳ ନୃପଙ୍କ ମାନସ । ୧୦୫ ।
ବିତତ ସଂକଳ୍ପ   ସୋପାନ ଶ୍ରେଣୀରେ
ସତତ ତୁମ୍ଭେ ତାଙ୍କର,
ଉଠନ୍ତେ ଚନ୍ତାରେ   ତନ୍ମୟ ହୋଇ ସେ
ମୁଞ୍ଚନ୍ତି ଶ୍ୱାସ ପ୍ରଖର । ୧୦୬ ।
ନଳ ବୈରୀ କାମ   ମିତ ଚନ୍ଦ୍ର ତାଙ୍କ
ମୁଖେ ସଖ୍ୟ ଭାବ ବହୁ,
ତୁମ୍ଭ ଲଖେ ତାଙ୍କ   ଏକାନ୍ତ ଆଳାପ
ବାହାରେ ଦଅଇ କହୁ । ୧୦୭ ।
ତୁମ୍ଭ ବିରହରେ   ରଜନୀରେ ନିଦ୍ରା
ଅଥବା ଆନ ସୁନ୍ଦରୀ,
ଚୁମ୍ବି ନ ପାରଇ   ନଳଙ୍କର ନେତ୍ର
ମନ ମୋହ କୋଳ କରି । ୧୦୮ ।
କାମବାଣ ଦ୍ୱାରା   କୃଶତାକୁ ଭଜ
ଅନଙ୍ଗ ହେଲେହେଁ ନୃପ,
ସ୍ପର୍ଦ୍ଧା ବଶେ ଏବେ   କାନ୍ତିରେ କଣନ୍ତି
ବିପକ୍ଷ କନ୍ଦର୍ପ ଦର୍ପ । ୧୦୯ ।
ଲାଗି ପାପଭୟ   ଏଡ଼ି, ସେ ଲୋଡ଼ନ୍ତି
ହେବାକୁ ତୁମ୍ଭ କଙ୍କର,
ତାଙ୍କ ସ୍ୱଭାବକୁ   ଦୁର୍ବଳ କରନ୍ତି
ଅବା କାମ ତୀକ୍ଷ୍ଣ ଶର ? । ୧୧୦ ।

Digitized by srujanika@gmail.com

ଘୋର ସ୍ମର ଜ୍ୱର　　　　　　ବାରି ନୃପଙ୍କର
　　ବଞ୍ଛ ଚକସ୍ତ୍ରକ ଗଣେ,
ରୋଗ ନିଦାନରେ　　　　　　ତୃଷ୍ଣୀଁ ଭବ ଭଳି
　　ରହନ୍ତେ ଲଜେ ମଜନେ ।
ହ୍ୟାଶୀଲ ନଳ　　　　　　ନରପତିଙ୍କର
　　କୃଶାଙ୍ଗ ଲଜ ସଞ୍ଚର
ସେମାନଙ୍କୁ ପିନା　　　　　　ଅନୁମଣ କରେ
　　ସଂକ୍ରାମକ ରୋଗ ପରି । ୧୧୧ ।
ସେ, କେବେ ତୁମ୍ଭଙ୍କୁ　　　　　　ଲୁଚିଥିବା ମଣି
　　ଭୟରେ ଯାଆନ୍ତି ଥରି,
ଅସମୟେ କେବେ　　　　　　ହରଷେ ଉଠନ୍ତି
　　ତୁମ୍ଭଙ୍କୁ ପାଇଲ ପରି ।
ଅକାରଣେ କେବେ　　　　　　ମଣନ୍ତି ନିଜକୁ
　　ତୁମ୍ଭ ପଛେ ଗଲଭଳି,
ବୃଥା କେବେ ପ୍ରତି-　　　　　　ଉତ୍ତର ଦଅନ୍ତି
　　ତୁମ୍ଭଙ୍କୁ, ଭ୍ରମରେ ପଡ଼ି । ୧୧୨ ।
ବିରହ ସନ୍ତାପ　　　　　　ଯମୁନା ସଲିଳେ
　　ଆହା ଅତି ଅଣ୍ଟରଣ,
ମୂର୍ଚ୍ଛାମୟ ଦ୍ୱୀପେ　　　　　　ଅଜ୍ଞାନ କର୍ଦ୍ଦମେ
　　ମଗ୍ନ ସେ ନୃପବାରଣ । ୧୧୩ ।
ସବ୍ୟ ଅପସବ୍ୟେ　　　　　　ପାଞ୍ଚ ପାଞ୍ଚଶର
　　ଝାଣି ବନ୍ଧ ପଞ୍ଚଶର,
ଦଶ ସାୟକରେ　　　　　　ଦଶ ଦଶା ଯାକ
　　ଆଣୁଅଛୁ ନଳଙ୍କର ।
ତା' ମଧ୍ୟେ ଦଶମ　　　　　　ଦଶା ଏକା ବାକି
　　ଏବେ କୋରକିତ ପରି,
ସେ ଅନ୍ତିମ ଦଶା　　　　　　ପରିଣାମେ ହୋଇ
　　ଆକାଶ କୁସୁମ ସରି । ୧୧୪ ।

Digitized by srujanika@gmail.com

ଅନଙ୍ଗ ବାଧନ୍ତେ   ହୃଦରୂପେ ମୋତେ
ପେଷିଛନ୍ତି ନଳଗୁଣ,
ଗୁଣ ଲେଖବନ୍ତି   ତୁହି ତୋର ପ୍ରୀତ
ସଫଳ ମୋ କାର୍ଯ୍ୟ ଜାଣ । ୧୧୫ ।
ଧନ୍ୟ ଦମୟନ୍ତୀ   ଗୁଣେ ଓଟାରିଲୁ
ନିଷଧ ଗଗନ ଇନ୍ଦୁ,
ଅଧିକ ପ୍ରଶଂସା   କବା ଚନ୍ଦ୍ରବାର
ଉଛୁଳାଏ ମହାସିନ୍ଧୁ । ୧୧୬ ।
ଶୋଭ ତୁ ନିଷଧ   ନାଥ-ସଙ୍ଗ ଲଭି
ଶଶୀ ଯୋଗେ ନିଶା ପରି,
ଶୋଭନ୍ତୁ ନିଷଧ-   ନାଥ ଦେହ ଘେନି
ନିଶା ପାଶେ ଶଶୀ ଭଳି ।
ତୁମ୍ଭ ଦୁହିଙ୍କର   ମିଳନ ପ୍ରସଙ୍ଗେ
ଲଭିବା ପାଇଁ ଯୁଗ୍ମତା,
ପୁଣି ପୁଣି ନିଶା   ସଙ୍ଗେ ଶଶାଙ୍କକୁ
ମିଳାଏ ସିନା ବିଧାତା । ୧୧୭ ।
ତୁମ୍ଭ ପୀନସ୍ତନେ   ଗୃନ୍ଥ ପତ୍ରାବଳି
ରଚି ପାରିଲେ ନଳ,
ତେତେବେଳେ ସିନା   ସଫଳ ହୋଇବ
ତାଙ୍କ ଶିଳ୍ପ କଉଶଳ । ୧୧୮ ।
ଏକା ବିଧୁ କାହିଁ   ତୋଷନ୍ତା ତୁମ୍ଭର
ନୟନ ଖଞ୍ଜନ ବେନି,
ସିଞ୍ଚୁ ନେତ୍ରେ ସୁଧା   ସାହା ରୂପେ ସୁଖେ
ନଳ ମୁଖେନ୍ଦୁକୁ ଘେନି । ୧୧୯ ।
ନଳ ତପ କଳ୍ପ-   ତରୁ ମନୋହର
ଅଟୁ ତୁହି ଦମୟନ୍ତୀ,
ଭୁଜ ଯୁଗ ଶାଖ-   ଦଳ, ଓଷ୍ଠ ନାଳ
ନଖ ଯା' ଅଙ୍କୁରପନ୍ତି । ୧୨୦ ।

Digitized by srujanika@gmail.com

ତୋର କର ଯୁଗେ ନବ ପଲ୍ଲବତ
କୋରକତ ସ୍ମିତ ଛଳେ,
ଶ୍ରୀଅଙ୍ଗ ଶୋଭରେ ପୁଷ୍ପିତ, ମଣ୍ଡିତ
ପୃଥୁଳ ଉରଜ-ଫଳେ । ୧୨୧ ।
କରଣ ରନ୍ଧ୍ରରେ ଚନ୍ଦ୍ର ବିମ୍ବ ପଲ୍
ଝୁଲଇ ହଂସକେତନ,
ଶର ତୁଳା ଦଣ୍ଡେ ତୁମ୍ଭ ଦୁହିଁଙ୍କର
ପ୍ରେମ କି କରେ ଓଜନ ? । ୧୨୨ ।
କେଳି କାଳେ କାମ ବିକାର ଜନିତ
ସ୍ୱେଦ ଜଳେ ଜରଜର,
ନଳ ପାଣି ପଦ୍ମେ ଲାଗି ଲିଭିଯାଇ
କୁଚପତ୍ର ଲେଖା ତୋର । ୧୨୩ ।
ଦୁହେଁ ନାନା ବନ୍ଧେ ମାତ ରତ ଯୁଦ୍ଧେ
ହସିଉଠୁ କେଳି ବନ,
ବାରମ୍ବାର ଶିରେ କୁସୁମ ବର୍ଷାନ୍ତୁ
ତୋଷେ ଦେବ ସମୀରଣ । ୧୨୪ ।
ସଙ୍ଗମ ବଶରୁ ଏକୀଭୂତ (୧) ତୁମ୍ଭ
ଶଳାସ ବଲ୍ଲେଲ ମନ,
ପ୍ରଥମ ଦ୍ୟଣୁକ ରୂପେ ସୃଜୁ ପୁଣି
ମନସିଜ-ଅପଘନ । ୧୨୫ ।
ସିନ୍ଦୂର ସୁନ୍ଦର କଷ ଲେଖା ସର
ପୃଷ୍ଠେ ଅଳ୍ପ ବିଲମ୍ବିତା,
ଗ୍ରୀବା ଅଳଂକାର ପାଟ ସୂତା ଲତା
ଯୋଗେ ଅଧିକେ ପାପିତା ।
ତୋତେ ଅଧିଗୁଣା ଅବନ୍ତୀ ବଂଶଜା
ଧନୁ ଲତା ରୂପେ ପାଇ,

(୧) ଦୁହିଁଙ୍କର ବଳାସ ବଲ୍ଲେଲ ମନ ଏକ ହୋଇ ।

Digitized by srujanika@gmail.com

କୁସୁମ-କୋଦଣ୍ଡେ ଅଜଣା ନଳଙ୍କୁ
ଜଣି ଇଚ୍ଛେ ରହସାଇଁ । ୧୨୬ ।
ତୁମ୍ଭେ କାମରୂପ ଲକ୍ଷ୍ୟ ରାଜହଂସ
ନାଭି ବାତୁଳର ସ୍ଥଳ,
ମାଳାର ମୁକୁତା ବାତୁଳି, ରୋମାଳି
ଧନୁ ଗୁଣ ବୋଲି ଜାଣ । ୧୨୭ ।
ପୁଷ୍ପ ଛଳେ ତୁମ୍ଭ କେତେ ଥାପି ଶରେ
ଧନୁ ରଖି ଯାଇ ଛଳେ,
ନଳ ରୂପେ ହାର ବକଗୀଷ୍ଠ କାମ
ଙ୍ଗାପି ଶିବ ନେତ୍ରାନଳେ,
ଅନଙ୍ଗ ହେଲେହେଁ ଖାବ୍ର ତପେ ରତ
ତୁମ୍ଭ ତନୁ ଆଶ୍ରମରେ,
ପଦାବଳୀ-ପର୍ଣ୍ଣ- ଶାଳା ଆଶ୍ରି ଖେଦେ
କୁଚ-ଶୈଳ ପାଦତଳେ । ୧୨୮ ।
ବହୁକ୍ଷଣ ଧରି ଦମୟନ୍ତୀଙ୍କର
କରି କରି ଅନ୍ୱେଷଣ,
ମିଳନ୍ତେ ସେହାରେ ସେତେବେଳେ ଆସି
ତାଙ୍କ ପ୍ରିୟ ସଖୀଗଣ ।
ବଦାଇବ ମୋତେ ତୁମ୍ଭର ମଙ୍ଗଳ
ହେଉ ବୋଲି କହୁ ମୁଖେ,
ଉଡ଼ିଗଲା ହଂସ ନୈଷଧ ନୃପତି
ରାଜଧାନୀ ଅଭିମୁଖେ । ୧୨୯ ।
କାମ ଶର ଫୁଲ ମଧୁମଖା ପ୍ରିୟ
ଦୂତ କଥା ସଦ୍ୟ ଧୃତ,
ପିଇ ଦମୟନ୍ତୀ ଲଭିଲେହେଁ ତୃପ୍ତି
ମୂର୍ଚ୍ଛା ତାପେ ସନ୍ତପତ । ୧୩୦ ।
ବନ୍ଧୁ ଅନୁଗତ ନୟନ ତାଙ୍କର
ପଥେ ବାଷ୍ପ ବାରି ହେରି,

Digitized by srujanika@gmail.com

ବଳମ୍ବ ନକରି ଅଦୂର ଗଗନୁଁ
ଅଚିରେ ଅଇଲା ଫେରି ।
ନିକଟେ ଥାଇ ସେ ଦେଖି ନ ପାରିଲେ
ହଂସକୁ ନୟନ ଭରି,
ଦୂରେ ଥାଇ ପୁଣି ଦେଖୁଥିଲେ ଚକ୍ଷେ
ନିକଟରେ ଥିଲା ପରି । ୧୩୧ ।
ପକ୍ଷ କମ୍ପଭେଦେ ସୂଚି କାର୍ଯ୍ୟସିଦ୍ଧି
ହଂସ ଗଲା ବିଦାୟସେ,
ନଳଙ୍କ ନିକଟେ ଜଣାଇବା ପାଇଁ
ଏ ସବୁ କଥା ହରଷେ ।
କାନ୍ତାରେ ପଶି ତୁ ବାଟବଣା ହେଲୁ
ବୋଲି ନ ମାନିଲୁ ଥରେ,
କାନ୍ଦନା ସଜନି ବୋଲି ସଖୀଗଣ
ଧ୍ୟାମଜାଙ୍କୁ ନେଲେ ଘରେ । ୧୩୨ ।
ଶ୍ରୀଅଙ୍ଗ ସନ୍ତାପେ ନବ କିଶଳୟ
ଦଳ ଛଳପକୁ ଜାଳି,
ଉର୍ଦ୍ଧ୍ୱେ ପ୍ରସ୍ଫୁଟିତ ଅଶୋକ ଫୁଲକୁ
ସ୍ମର ଶିଳୀମୁଖ ଭାଳି ।
କାମେ ପାଣ୍ଡୁହୋଇ ଶୋଇଥିଲେ ନଳେ
ଅଶୋକ ପାଦପ ମୂଳେ,
ଦେଖିଲା ସେ ହଂସ ଦେଖିଥିଲା ଅଗେ
ଯେଉଁ ସରୋବର କୂଳେ । ୧୩୩ ।
"ଦମୟନ୍ତୀ ! ତୋତେ କିଛି ନ କହିବି
କାଣେ ତୁହି ପରବତୀ,
କହିଆସି ହଂସ ଦିଅ ସେ ବାରତା
କ କହୁଛି ଦମୟନ୍ତୀ ?"
ବୋଲୁ ଏହା ନଳ ଅାସିଲା ମରାଳ
କହିଲା ବିନୟଭରେ,

ସୁକୃତବନ୍ତଙ୍କ କାମନା ମାନସେ
ଲହିଁବା ମାଧବେ ଫଳେ । ୧୩୦ ।
ଶୁଣିଲେହେଁ ନଳ ସମ୍ବାଦ ସକଳ
ଶ୍ରଦ୍ଧାବଶେ ମନସୁଖେ,
ପଚାରି ପଚାରି ପୁଣି ପୁଣି ତାହା
କୁହାଇଲେ ହଂସମୁଖେ ।
ଆନନ୍ଦ ମଦର- ମଦେ ମାତି ପୁଣି
ପ୍ରେମେ ହୋଇ ଜରଜର,
ଆପଣା ମୁଖରେ ଉଚ୍ଚାରିଲେ ନଳ
ସେ କଥା ଥରକୁ ଥର । ୧୩୫ ।
କବିରାଜ ରାଜ ମୁକୁଟ ଭୂଷଣ
ଶ୍ରୀହୀର ଯାହା ଜନକ,
ମାମଲ୍ଲ ଦେବୀଙ୍କ ଗରଭୁଁ ଯେ ଜାତ
ଶ୍ରୀହର୍ଷ କବି ତିଳକ ।
ନିସର୍ଗ ଉଜ୍ଜ୍ୱଳ ରଚୁ ମହାକାବ୍ୟ
ନଳ ଚରିତର ପୁଣି,
ଏଠାରେ ତୃତୀୟ ସର୍ଗ ଶେଷ ହେଲା
ଶୃଙ୍ଗାର ରସରେ ଗୁଣି । ୧୩୭ ।

Digitized by srujanika@gmail.com

ଚତୁର୍ଥ ସର୍ଗ

ମକରକେତନ ନଳଗୁଣ ଗୁଣ
କର ତାଙ୍କ ଯଶଃ କୁସୁମ ଧନୁ,
ସୁମନ ସ୍ୱଭାବେ ଶ୍ରୁତିଗତ ନଳ-
ସାୟକେ ପୀଡ଼ିଲା ଭୀମଜାତନୁ । ୧ ।

କାମଜ୍ୱରେ ତପ୍ତ ତନୁକୁ ତନ୍ଦ୍ରାଇ
ଭୈମୀ, ପ୍ରିୟକଥା ସରସୀରସେ
ସଙ୍ଗେ ସଙ୍ଗେ ତାର ଚିତ୍ତାନ୍ତର ତାପୀ
ପରିଣାମ, ବାଳା ଲଭିଲା ଶେଷେ । ୨ ।

ପ୍ରିୟ ଦୂତ ହଂସ ଗମନ ବେଗରୁ
ଶିଖିଲା କି ସତେ କୃଶଉଦରୀ,
ଏବୁ ଅଧୀରତା ପଦେ ପଦେ ଯାହା
ହେଲେ ନାଶ୍ୱସ୍ତିତ ବିରୋଧଙ୍କରୀ । ୩ ।

ଲବମାତ୍ର ସ୍ମୃତ ସ୍ମରଣେ ନତାନ୍ତ
ଜଡ଼ତା ଭଜିଲା ବାଳା ଆନନ,
ଅପାଙ୍ଗ ଅଙ୍ଗନ ସଞ୍ଚାର ଲେଶକୁ
ପଙ୍ଗୁ ହେଲା ତାର ନେତ୍ରଖଞ୍ଜନ । ୪ ।

Digitized by srujanika@gmail.com

ଦମୟନ୍ତୀ ହୃଦେ ନଳ, କାମ, ମୁଦେ
ଏକାବେଳେ ଯାହା ପଶିଲେ ଯାଇ,
ଭୈମୀକାମୀ ଇନ୍ଦ୍ର ଅଶ୍ୱିନୀକୁମାର
ପେଶିଲେକ ସ୍ଥେଗ ନଦାନ ପାଇଁ । ୫ ।
କୁସୁମ-ସ୍ୱପଜ ତାପେ ସମାକୁଳ
କମଳ କୋମଳ ବାଳା ବଦନ,
ଦଶନ୍ତି ମୀରସ ଦବସେ ଦବସେ
ରବ କରେ ମ୍ଳାନ, ବଧୂ ଯେସନ । ୬ ।
ତାରୁଣ୍ୟ ତରଣି (୧) ତାପେ ଦୃଢ଼ ପୁଣି
କାମ କୁମ୍ଭକାର ଚେଷ୍ଟା ଜନତ,
କୁଚ-କୁମ୍ଭ ଯୁଗ ଅନଳ ସଙ୍ଗତ
ତାପରୁ କ୍ଷପର ହେବ ବଞ୍ଚିତ ? । ୭ ।
ବରହ ସନ୍ତାପେ ଜାନୁ ଯୁଗଳକୁ
ବୁଡ଼ାଇ ରଖିଲା ଯାହା ମଦନ,
ଜ୍ୱଳନ୍ତ ଊଷରେ ମଞ୍ଚଦେଶେ ରମ୍ଭା
ନ ଲଭନ୍ତା କେବେ ତେତେ ପୀଡ଼ନ । ୮ ।
ସ୍ମର ଶରଘାତେ ସନ୍ତପତ ହୋଇ
ହସିଲା ସୁନ୍ଦଶ୍ଚ- କର ଯୁଗଳ,
ନିବୃତ୍ତ ନଦାଘେ ଜଳହୀନ ସରେ
ଅନାବୃତ ଭସେ ବେନ କମଳ । ୯ ।
କାମ ତାପ ଲଭି ଫାଟି ଯାଇଥାନ୍ତା
ଭୀମ ଦୁହିତାର ହୃଦୟସ୍ଥଳୀ,
ସମ୍ଭାଳି ନଥିଲେ ପୀନ ପୟୋଧର
ଦୃଢ଼ମୂଳେ ତାକୁ ବାନ୍ଧିଲା ଭଳି । ୧୦ ।

(୧) ସୂର୍ଯ୍ୟ

Digitized by srujanika@gmail.com

ଧାନ ଶିଙ୍ଗଟିଏ ପଶିଲେ ପାଦରେ
ନ ଦିଅଇ ଅବା କେତେ ଯାତନା,
ହୃଦେ ମହୀଭୃତ ପଶିଛୁ ନ ଦେବ
କୋମଳ ତନୁରେ କମ୍ପା ବେଦନା ? ।୧୧।
ମନୋଗତ ପତି ଦରଶନେ ଅତି
ଆଗ୍ରହ ବଶରୁ ନେତ୍ରଯୁଗଳ,
ଅନ୍ତରେ ପ୍ରବେଶି ଦେଖି ନ ପାରିଲେ
ପରତେ-ବାହାର ବସ୍ତୁ ସକଳ ।୧୨।
ବିରହ ବିନମ୍ର ମୁଖ ପ୍ରତିବିମ୍ବ
ଲୋତକ ପ୍ଲାବିତ ହୃଦୟେ ଝଳ,
ରାଜିଲ କୁଚରେ ହୃଦସ୍ଥିତ ନଳେ
ଚୁମ୍ବି ସତେ ଫେରି ଅଇଲଭଳ ।୧୩।
ବହ୍ନିସଖା ବାୟୁ ଅତି ସଙ୍ଗୋପନେ
ପଶି ମୃଗାକ୍ଷୀର ହୃଦୟ ସ୍ଥଳେ,
କାମ ଅନଳକୁ ତେଜି ଫେରଇ କି
ସୁରଭି ନିଃଶ୍ୱାସ ପବନ ଛଳେ ।୧୪।
ବିରହ ପାଣ୍ଡୁର ପୀତ ତନୁ କାନ୍ତି
ଗତ ରକ୍ତ, ମୋହ କୃଷ୍ଣ ବର୍ଣ୍ଣକେ,
ଦଶଦିଗେ ନଳ ନୃପ ଚିତ୍ରକଳା
ଚିତ୍ରଇ ସେ ଭୈମୀ ନେତ୍ର ଫଲକେ ।୧୫।
ସ୍ମରକୃତ ହୃଦ ଖେଦ ନିବେଦନେ
ଘନ ଘନ ଆସି ଶ୍ୱାସ ପବନ,
ଆଶ୍ରୟ ବିନାଶ ଆଶଙ୍କା ଆଦରେ
ଥରି ଉଠିଲା କି ଛାତି ବସନ ? ।୧୬।
ଆଗୁଁ ରବିତାପ ପାନକରି ବାଳା-
ପାଦ ପାଣି ମୁଖ ନେତ୍ର କମଳ,

Digitized by srujanika@gmail.com

ପୀତ ତୃଙ୍କତାପ ଉଗାର କ କର
ସୁତନୁ ବିରହ ସନ୍ତାପ ଛଳ ? । ୧୭ ।
ମନ୍ମଥଧର-ଭୂବ ବାଷ୍ପ ଦେଖି ଦୁଃଖେ
ଆଳଏ ଅନଳ ଜ୍ୱଳଲେ ଯାହା
ବିଫଳ ନୋହିଲା ତାଙ୍କ ଅନୁମାନ
ଅନଳ ସଙ୍ଗତ ସନ୍ତାପ ତାହା । ୧୮ ।
ଭୈମୀ ହୃଦଗତ ନଳ ଲକ୍ଷ୍ୟ ବାଣ
ଟାଣି ବନ୍ଧ କାମ କୁସୁମଗୃପେ,
ମନମଧ୍ୟେ ଥାଇ ମୂର୍ଚ୍ଛାକୁ ଆଦରି
କର୍ମ ଫଳ ବ୍ୟଥା ଲଭିଲା ଆପେ । ୧୯ ।
ବିଦୀର୍ଣ୍ଣ ନ ହୋଇ ଜଳେ ଯା ହୃଦୟ
ପାଷାଣ ସେ, ଜଳେ ସୁଧାଂଶୁ କରେ,
ବିରହେ ଲଳନା ଚନ୍ଦ୍ରକୁ ତପନ
ମଣଇ ଏଥି କେ ସଂଶୟ କରେ ? । ୨୦ ।
ହୃଦୟେ ସଘନେ ନିବେଶି, ଶୁଅନ୍ତେ
କାହିଁ ବିରହିଣୀ ଭୁଜା ଭୂତଳେ,
କାମଧନୁ ହୃଦେ ଆଲିଙ୍ଗିଣ ରତ
ତେଜବକ ତନୁ ଶତା ଅନଳେ ? । ୨୧ ।
ବାର ନ ପାରିଲା ବିରହ ରହସ୍ୟେ
ଧାମର ଅନଳ ଜ୍ୱଳ ସୁଦତୀ,
ଶାନ୍ତିଲାଗି ତାର ପ୍ରାଣ ତୃଣ, ମଣି
ଦେବାକୁ ତହିଁରେ ରଖିଲା ମତି । ୨୨ ।
ଅବଳା ହୃଦୟ ସ୍ୱଭାବେ କୋମଳ
ବାଳାମଣି ପୁଣି ଲଳନା ସାର,
କୁସୁମ ସାୟକେ ବଙ୍କ ମନୋଭବ
ପୀଡ଼ା ଦେଇ କଲା ଯୋଗ୍ୟ ବିଚାର । ୨୩ ।

Digitized by srujanika@gmail.com

ନୈଷେଧ ଶଙ୍କାରେ ଶମ୍ଭୁ-ବଧୂ ରୂପ
ଧରି ଛଳେ ଆତ୍ମଗୋପନ କରି,
ପୋଡ଼ିଦେବା ପାଇଁ ପଶିଲ କି ପୁର-
ଉଦରେ ଗବାକ୍ଷ ପଥ ଆଦରି । ୨୪ ।

ଅଶ୍ରୁସିକ୍ତ ବକ୍ଷେ ନତ ବଦନାର
ପ୍ରତିବିମ୍ବ ମୁଖ ନେତ୍ର ଅଧର,
ଦିଶିଲା ସୁନ୍ଦର ମୋହନ କାମର
ସତେ ସେ ଅଖିଳ କୁସୁମ ଶର । ୨୫ ।

ବିରହ ପାଣ୍ଡୁର ଦମୟନ୍ତୀ ଗଣ୍ଡେ
ବିଧୁ ପ୍ରତିବିମ୍ବ ନୋହିଲା କଳି,
କେବଳ କଳଙ୍କ ଫୁଟି ଉଠିବାରୁ
ମୁଖ ବିରାଜିଲା ଚନ୍ଦ୍ରମା ଭଳି । ୨୬ ।

ବିରହ ତାପିତ ତନୁରେ ଆଚରି
ଚନ୍ଦନ ଧୂଳିରେ ପାଂଶୁ ମଣ୍ଡନ,
ବିଷ ବିଷଧର ଭୂଷଣ କଲା କି
କାମକୁ ଶଙ୍କର ଭୟ ଦର୍ଶନ ? । ୨୭ ।

ତାପିତ ହୃଦୟେ ନିକ୍ଷିପ୍ତ ଚନ୍ଦନ
ଶୋଭିଲା ଅଙ୍ଗରେ ବୁଦ୍‌ବୁଦ୍‌ ଧରି,
ମିତ୍ର ମନ୍ମଥକୁ ଭେଟିଲା କି ହୃଦେ
ବିଧୁ ତାରାବଧୂ ଉତ୍ସଙ୍ଗେ ଧରି । ୨୮ ।

କାମାନଳେ ଜଳି ଶାନ୍ତିଲାଗି ଧରି
ବାରମ୍ବାର ସଜ ସରୋଜମାଳା,
ଶ୍ୱାସେ ମଡ଼ମଡ଼ ହେଉଁ ଅର୍ଦ୍ଧପଥୁଁ
ନିକ୍ଷେପେ ସେ ମାଳ ତେଜଇ ବାଳା । ୨୯ ।

ହୃଦୟେ ନିହିତ କମଳ ଯୁଗଳ
କାମଜ୍ୱର ତାପ ଲଭି ମଉଳି,

Digitized by srujanika@gmail.com

ସୂଚଇ କି ସତେ   ଉଚ୍ଚ କୁଚଯୁଗ
ଛିଦ୍ରକର ପଦ୍ମ ହେବ ଏ ଭଳି ? । ୩୦ ।
କାମାନଳେ ପଶି   ସତୀ ଦମୟନ୍ତୀ
ଶୁଦ୍ଧିଲଭ କର ପାଣ୍ଡୁତା ଛଳେ,
ତୁମ୍ଭ ବିନା ମନେ   ଆନ ପତିନାହିଁ
ବୋଲି ଜଣାଏ କି ହୃଦ୍‌ଗତ ନଳେ ? ୩୧ ।
ସନ୍ତାପନାଶିନୀ   ସଜ ସରୋଜିନୀ
ସୁକୁମାରୀ ଅଙ୍ଗ ସଙ୍ଗକୁ ପାଇ,
ତାପ ତଡ଼ିବାକୁ   ଅଡ଼ି ବସିଲି କି
ସଂକୁଚିତ ପଦ୍ମମୁଷ୍ଟି ଜଂଗୁଇ । ୩୨ ।
କାମଶର ଅଦ୍ଧ-   ଦଂଶନେ ବିଯୋଗ
ବିଷ ଚଢ଼ୁଁ ଧନୀ ଅବଶ ଥାଇ,
ସୌରକର ମ୍ଳାନ   ଶଶିକଳା ପରି
ନ ଦେଲି କାହାକୁ ଦୁଃଖେ ହସାଇ । ୩୩ ।
କାମତାପେ ତପ୍ତ   ହୃଦୟ ନିହିତ
ମୃଣାଳ କ୍ଷଣକେ ଗଲି ଝାଉଁଳି,
ଭୁଜ ଶୋଭା ଗୃହି   ପରାଭବ ମାନି
ସତେ ବା ଲଜ୍ଜାରେ ଗଲି ମଉଳି । ୩୪ ।
ପିକ ଡାକ ଶୁଣି   ଥରନ୍ତେ ହୃଦୟ
ନିହିତ ଶୈବାଳ ଉଠିଲି ଥରି,
କୁତୁକେ ତହିଁରେ   (୧) ଘଷିଲି କି ଦେହ
କାମକେତୁ ମୀନ ହୃଦେ ସଞ୍ଚରି । ୩୫ ।
ମୋହ ପରବଶ   ଭୈମୀ ଆନନକୁ
ଶଶିକାନ୍ତ ଭଳି ଭାଳିଲେ ନଳ,

(୧) ମାଛମାନଙ୍କର ଶୈବାଳରେ ଶରୀର ଘର୍ଷଣ ପ୍ରସିଦ୍ଧ ।

Digitized by srujanika@gmail.com

ନୋହିଲେ କାହିଁ କି   ଚନ୍ଦ୍ରୋଦୟେ ଚକ୍ଷୁଁ
ଗଳି ପଡ଼ୁଥାନ୍ତା ଲୋତକ ଜଳ ? । ୩୬ ।
ଜୈତ୍ରଶର ପରି   ଯେଣୁ ଦମୟନ୍ତୀ
ସାଧଇ ସହଜେ କାମ-କାମନା,
ଇଚ୍ଛେ ସିନା ସ୍ମର   ଶର ପର ତାର
ପଞ୍ଚତ୍ୱେ କରିବା ପାଇଁ ଯୋଜନା ? । ୩୭ ।
କାମ ଅଗ୍ନି ବାଣ   ବଗୃର ବଧୂକୁ
ବରଷଣୀ ପ୍ରଭଶର ସକାଶେ,
କଲି ଯା' ଚନ୍ଦନ   ନୁହଇ ତା' ଆନ
ଉଚିତ ବାରୁଣ ଅସ୍ତ୍ର ପ୍ରକାଶେ । ୩୮ ।
ଆଣି ପଞ୍ଚଶର   କରନ୍ତେ ପ୍ରହାର
ନୂତନ ମୁଦ୍ଗର ଅସ୍ତ୍ର କୌଶଳେ,
କାଟିବାକୁ ବାଳା   ପବନ ସାୟକ
ପେଶିଲି କି ଦୀର୍ଘ ନିଃଶ୍ୱାସ ଛଳେ । ୩୯ ।
ମଳୟାନିଳକୁ   ମଦନ ସହିତ
ପବନ ସାୟକ ମଣି ସୁଦକ୍ଷା,
ତାପ ଶାନ୍ତି ଲାଗି   ଧାରଣ କଲି କି
ମୃଣାଳ ଭୁଜଗ ସାୟକ ତଣ୍ଡ । ୪୦ ।
ବିରହ, ବିରହେ   ଜୀବିତ ଏ ବେନି
ଶଲ୍ୟପରି ହୃଦେ ନିହ୍ନ ମଦନ,
ସ୍ତନ ବିଲ୍ୱଫଳ   ଯୁଗଳେ ପ୍ରହାର
ନ ଦେଲି ବାଳାକୁ କେତେ କଦନ ? । ୪୧ ।
ଦମୟନ୍ତୀ ଲକ୍ଷେ   ବନ୍ଧ ବନ୍ଧ ବାଣ
ସରିବାରୁ ଫୁଲଶର ସକଳ,
ଫିଙ୍ଗିଛି କି କାମ   ଭୈମୀ ବକ୍ଷ ସ୍ଥଳେ
କୂଟ ଛଳେ ତାଳ ଫଳ ଯୁଗଳ ? । ୪୨ ।

Digitized by srujanika@gmail.com

ବାର ବାର ନନ୍ଦ   ଇନ୍ଦୁଲୁ ସୁନ୍ଦରୀ
କର ବଧୂନୂଦ ସୁତ୍ତ ଆଦରେ,
କାମଜର ଚାପେ   ଚାଡ଼ି ସେ କ୍ଷେପିଲ
ଅସ୍ତ୍ର ସିକ୍ତମୁଖା ସର୍ଗୀକ ଧୀରେ । ୪୩ ।
ନର୍ଗ, ସୁର, ବ୍ରହ୍ମ-   ଲୋକ ଯୋଗ୍ୟ ବଳ
ହରହେ କ୍ଷଣେକ ଗଲେହେଁ ଜଣା,
ସଂଯୋଗ ସଂସାରେ   ଯୁଗ କ୍ଷଣେ ବୋଲି
ଗଣିତରେ କପା ନୋହୁଛି ଗଣା ? । ୪୪ ।
ସ୍ମରଚାପେ ଚାପି   ଜନମିଲେ ସଖି
ହୃମାଳପୁଁ, ଲୁହେ ମହିମା ବଳେ,
ହଧୂଲେଖା "ସନ୍ତି-   ହରହ" ଶିବଙ୍କ
ଭାଲେ ଗଜେ ସିନା ନଷ୍ଟନ ଛଳେ । ୪୫ ।
ଜ୍ୱଳନନ୍ତୁ ବଳି   ହରହ ଅନଳ
ନ ପୀଡ଼ନ୍ତା ଯେବେ ଅବଳା ଅଙ୍ଗ,
ସ୍ୱାମୀ ହରହରେ   ହଧୂର ଲଳନା
ଲୋଡ଼ନ୍ତା କ ଶତା ଅନଳ ସଙ୍ଗ । ୪୬ ।
ଦେଖ ମନ୍ଦପଣ   ସହ୍ଚ ଗୋ ! ହଧୂର
କୁମୁଦ ବାନ୍ଧବପଣେକୁ ଧର,
ହହେ ହୃଦେ ବାଳା   ହରହଣୀ ବଧ-
ପାପେ କଳଙ୍କିତ ପାତକ ସର । ୪୭ ।
ପରଣ ସଜନ !   ପତ୍ନୁର ହଧୂକୁ
ପୋଡ଼ଦେବା ଶ୍ରତ ଶିଖିଲ କାହୁଁ,
ଶିବ ଗଲ ଦାହ୍ମି   ଗରଜୁଁ କ ଜଡ଼ !
ବାଡ଼ବ ଅନଳୁଁ ସାଗରେ ଥାଉଁ ? । ୪୮ ।
ହରହଣୀ ବଧ   ପାପେ ଭ୍ରାନ୍ତ ବଧୂ
ଦବୁଁ ଖସି ଅମାନଶା ଉପଲେ,

Digitized by srujanika@gmail.com

ଚଢ଼ ଚନ୍ଦ୍ରାହୋଇ ସ୍ଫଟିକ ଆକାଶେ
ରାଜେ କି ଅଧିକ ତାରକା ଛଳେ ? ୪୯ ।
ମୋ ବଚନେ ସଖି ! ପଥିର ବଧୂକୁ
ଠରୁ କାହିଁପାଇଁ ଏସନ ସ୍ୱଚ୍ଛ ?
ସାଗରୁ ଜନମ ପାଶୋରିଲୁ ବୋଲି
ଭୁଲିଲୁ କି ହରଣରେ ତୋ ସ୍ଥିତି ? । ୫୦ ।
ନ ହେଲୁ ଚୂର୍ଣ୍ଣିତ ଯେବେ ଶଶଧର
ମନ୍ଦର ପର୍ବତ ମନ୍ଥିବା କାଳେ,
କୁମ୍ଭସୁତ ସିନ୍ଧୁ ଶୋଷିବା ସମୟେ
ନୋହିଲୁ ଯା’ ଜୀର୍ଣ୍ଣ ଜଠରାନଳେ । ୫୧ ।
“ମୃତ ପ୍ରାଣୀ ମନ ଚନ୍ଦ୍ରଙ୍କୁ ଭଜିବ”
ବେଦ ବୋଲି ଜଡ଼ ! ନ ଚେତ ମନେ,
ଜାଣି ବୁଧ ଜାମ ବିଧାନ କରିଛୁ
ନଳମୁଖ ଇନ୍ଦୁ ଆନ ଜୀବନେ । ୫୨ ।
ଜଳନିଧି କୂଳ ହେଉ ସମୁଜ୍ଜ୍ୱଳ
ବଧୂବଧ ସିଦ୍ଧି କରି ଗ୍ରହଣ,
ବଢ଼ାଅ - ଦୂଷଣ ନୂତନ ଉଦ୍ୟମ
ମୁଞ୍ଚ କଦର୍ଥନା ମୃଗଲାଞ୍ଛନ । ୫୩ ।
ରଜନୀରେ ସିନା ରବିନାହିଁ ବୋଲି
ତାପ ଦେଉ ପାପ ତପନ ଛଳେ,
ଦେଖିବ ତୋ ଗର୍ବ ନୋହିବ କି ଖର୍ବ
ଦିବସେ ତପନ କିରଣ ବଳେ । ୫୪ ।
ଅମୃତ ହୋଇ ତୁ ନାଶିକ ଉଗ୍ରଜ
ଭୂତପତି ଶିରେ ଅଛୁ ତୁ ଧରି,
ଭୂତପତି ଆଶ୍ରା ଲଭି ପାପ ! କିମ୍ପା
ପରମୂର୍ଣ୍ଣ ଦେଉ ପାଗଲ କରି ? । ୫୫ ।

Digitized by srujanika@gmail.com

ଶଶିମୃଗ ମୂତେ ସଖି ! ଧାଅ ସୁଖେ
ତମାଳ ଅଙ୍କୁର ଏ କର୍ଣ୍ଣପୂର,
ଖାଇ ମୋଟାହୋଇ ଚନ୍ଦ୍ରକୁ ଢାଙ୍କିଲେ
କେଜାଣି ଏ ଦଶା ହେବ ବା ଦୂର । ୫୬ ।
କାଳ ଗଲେ ବହୁ ବୁଦ୍ଧି ଦଶେ ସହୁ !
କରଗତ କୁହୁ ଡେକ ଏ ଦୁଃଖ,
ପାଇଲେ ଏଥର ନିରୋଧି ରଖିବ
ନ ଦେଖିବ ଆଉ ବଧୂର ମୁଖ । ୫୭ ।
ମୋ ଶିଶୁ ଚକୋର ହୁଅନ୍ତା କ ଶିଷ୍ୟ
ସିନ୍ଧୁଶୋଷୀ ଋଷି ଅଗସ୍ତ୍ୟଙ୍କର,
ଶିଖିଲେ ସାଗର ଶୋଷିବା କୌଶଳ
ଶଶିକର ସହୁ ! କେତେ ମାତର । ୫୮ ।
ଲମ୍ବାର ହାତୁଡ଼ି ଧର ସଖି କରେ
ରଖ ମୋ ମୁକୁର ଘର ବାହାରେ,
ପଶିଲେ ତହିଁରେ ପ୍ରତିବିମ୍ବ ଛଳେ
ବଧୂ, ମାର ତାକୁ ଦୃଢ଼ ପ୍ରହାରେ । ୫୯ ।
ବଡ଼ବା ଜଳ ଏ ବିଷମ ବଧୂକୁ
ଉଦରେ ନ ଧର ସରିତସାଇଁ,
ଉଗାରିଲେ ଯେବେ ବିଷ ଭୁଲେ ତାହା
ସ୍ମରହର କିଆଁ ଭକ୍ଷିଲେ ନାହିଁ ? । ୬୦ ।
ଭକ୍ଷିଥିଲେ ଏକ ଶିବ କାଳକୂଟ
ଯେ ଉପୁଜେ ଆଉ ସେ ବିଷ ଏବେ,
ସଂଇଧବ ନବ ଧବଳ ଏ ବିଷ
ଜନ୍ମେ ଭକ୍ଷିଲେହେଁ ସଫଳ ହେବେ । ୬୧ ।
ବିରହ୍ମୀ ନିବନ୍ଧ ବଧ ପାପେ ସିନା
ଷୋଳକଳା ବଧୂ ପାପ ମୂରତି,

ଦେବପୀତ କ୍ଷୀଣ   ଚନ୍ଦ୍ର ପାପମୂର୍ତ୍ତି
ଓଲଟା ଏ ଗ୍ରହବାଦ ଭାରତୀ । ୭୨ ।
ବିରହୀ ସଂସାରେ   ଲଭି ବହୁ ମାନ
କ୍ଷୟ ଦୋଷ ନାମ ବହୁଳ ସିନା,
ଅମିତ ଆଦର   ଲଭି କାମୀଙ୍କର
ଅମା ତିଥି ଗତ ଚନ୍ଦ୍ରମା ବିନା । ୭୩ ।
ସୁଦର୍ଶନ ଭ୍ରମେ   ବିଧୁକୁ ଗ୍ରାସେ କି
ବିଧୁନ୍ତୁଦ ପୂର୍ବ ବୈକୁଣ୍ଠ ସ୍ମରି,
ନୋହିଲେ ବଦନୁଁ   ଉଦ୍‌ଗାରନ୍ତି କପାଁ
ପାଇ ତାକୁ ବଳକରମ୍ଭ ଭଳି । ୭୪ ।
ମୁଖ ମଧ୍ୟଗତ   ବିଧୁକୁ ସଜନି
ଛାଡ଼ନ୍ତି କି ରାହୁ ନ ଗିଳିକରି,
ଗଣ୍ଡି ନ ଥିବାରୁ   ଗଳିପଡ଼େ ମୁଖେ
ଗଳ ନାଳ-ବିଳ-ପଥ ଆଦରି । ୭୫ ।
ସଜନି ! ବିରହୀ-   ଗଳାକଣ୍ଠା ହରି
ରାହୁ ଗଳାକଣ୍ଠା ପୁରଣ ଛଳେ,
ଭଣନ୍ତି ବିଦୁଷେ   ଥାଅନ୍ତା କି ବିଧୁ
ପଡ଼ିଥିଲେ ରାହୁ ଜଠରାନଳେ । ୭୬ ।
କାଟନ୍ତେ ସ୍ମରାରି   ମଖ ମୃଗଶିର
ରୂପରେ କନ୍ଦର୍ପ ବନ୍ଧୁ ତା ଧରି,
ଯୋଡ଼ିଲେ ଯେପରି   ଅଶ୍ୱିନୀକୁମାର
ଯୋଡ଼ନ୍ତେ କି ରାହୁ ମୁଣ୍ଡ ସେପରି ? । ୭୭ ।
ନଳ କୃତ୍ତଶିର   କବନ୍ଧ ନିକର
ନାଚନ୍ତି ରଣାଙ୍ଗଣେ ଊର୍ଦ୍ଧ୍ୱଗତିରେ,
ଛୁଟିରେ କାହିଁକି   ହୃଦେ ଯୋଡ଼ି ନୁହେ
ତହିଁରୁ ଗୋଟିଏ ସେ ରାହୁଶିରେ ? । ୭୮ ।

Digitized by srujanika@gmail.com

ପତ୍ନୀର ଜରାକୁ ଜରାସନ୍ଧ ଦେହ
ଦୁଇଖଣ୍ଡ ଥିଲା ଯୋଡ଼ିଲା ସେହୁ,
କେତୁ ତ ରାହୁର କବନ୍ଧ ମାତର
ନ ଯୋଡ଼େ କପାଁ ସେ କେତୁରେ ରାହୁ ? । ୬୯
ଦ୍ୱିଜରାଜ ମଣି ତେଜେ କି ବଧୂକୁ
ବଟୁନ୍ତୁଦ ସଖି ! ପତ୍ନୀର ପୁଣି,
ହେଲେ ତା' ସ୍ୱରଗେ ବସନ୍ତା କି ଆସି
ପତିତ ନ ହୋଇ ସେହି ବାରୁଣୀ ? । ୭୦ ।
କଣ୍ଠ ପୋଡ଼େ ବୋଲି ତେଜେ କି ? ଗରୁଡ଼
ତେଜିଥିଲେ ସିନା ଭକ୍ଷ୍ୟ ବ୍ରାହ୍ମଣ,
ପୋଡ଼ିଦେବା ଏହା ପ୍ରକୃତି ରହିଛି
ନିର୍ଦ୍ଦୋଷ ମୋଠାରେ ଦ୍ୱିଜେନ୍ଦ୍ର ପଣ । ୭୧
ବରହ୍ମଣୀଗଣ ଚର୍ବଣେ ବଧୂକୁ
ନିର୍ମାଣି ଅଛି ବହୁ ଯତନେ,
ଦନ୍ତବ୍ୟାଜେ ଷୋଳ- କଳା ଏ ଧରଇ
ତେଣୁ ଦ୍ୱିଜରାଜ ବୋଲନ୍ତି ଜନେ । ୭୨ ।
ଛାଣିଆଣିଛୁ କି ବିମ୍ବ, ମୂର-ମୁଖ
ଜଳୁଥିଲା ହର ନୟନାନଳେ,
ରାଜେ ଚନ୍ଦ୍ରବ୍ୟାଜେ ବରହ୍ମଣୀ ବଧ
ପାପପଙ୍କ ବହୁ ଶଶାଙ୍କ ଛଳେ । ୭୩ ।
(ଦ୍ୱିଜରାଜ ଗ୍ରାସ ପାତକେ ଧବଳ
କୁଷ୍ଠରୋଗୀ ଏହୁ କିଂବା ସତେ କି,
ବରହ୍ମଣୀ ମୁଖ- ଚନ୍ଦ୍ର ଗ୍ରାସିବାକୁ
ଶଶୀଛଳେ ନଭେ ରାଜେ କି ଅଜ୍ଞ ।)
ଜହ୍ନହୂରେ ବଧୂ, ଗାଳି ଦେବା ବୃଥା
ସୁତନୁ, ମାନସେ ଏସନ ଭାଳ,

ବିରହ ସନ୍ତାପେ ତାତ ଅରମ୍ଭିଲ
ମନୋଜ କାମକୁ ଦେବାକୁ ଗାଳି । ୭୪ ।
ଅନ୍ତରୀକର ମୋର ହୃଦୟକୁ କାମ
କି ବିଚାର ମନେ ତାକୁ ତୁ ଜାଣୁ,
ପୋଡ଼ିଦେଲେ ସବୁ ଇନ୍ଧନ ହୁତାଶ
ଥାଏ କି, ଏକଥା କିପାଁ ନ ଭାଳୁ ? । ୭୫ ।
ତୃତୀୟ ନୟନ ଅନଳେ ଦହଣ
ଅଙ୍ଗହୀନ ତୋତେ କଲେ ଶଙ୍କର,
ପୁଣି ଦେଖାଦେଲେ ଭବ କାମକୋପେ
ନୋହିବ ଜିନେନ୍ଦ୍ର କେବଣ ନର । ୭୬
ରତିସହଚର ବୋଲନ୍ତି ତୁ ସ୍ମର
ତୁ ଅଛୁ, କାହିଁକି ମୋର ସେ ରତି ?
ନେଉ ନାହିଁ ସେ’ତ ତୋ ସହ ମରଣ
ଲଭନ୍ତା କପଟ ତୋର ସଙ୍ଗତ ? । ୭୭ ।
ରତି ବିନେ ପୋଡ଼ୁ ମୋ ପରି ନିଜକୁ
ନାହିଁ ନିଜ ପର ବିଚାର ତୋର,
ନୋହିଲେ କି ତୋର ଶୀତଳ ଶରୀର
ସଂଯୋଗ, ମନକୁ ପୋଡ଼ନ୍ତା ମୋର । ୭୮ ।
ମାର ! ତୋର ସଙ୍ଗେ ପତିବ୍ରତା ରତି
ନ ପଶିଲା କିପାଁ ଚିତା ଅନଳେ ?
ବିଚାର ବନିତା ତେଜିଲ କି ତୋତେ
ବିରହିଣୀ ବଧପାତକ ଫଳେ ? । ୭୯ ।
ପ୍ରଥମେ ପ୍ରସିଦ୍ଧ ଜିତେନ୍ଦ୍ରିୟ ବୁଦ୍ଧି
ନାଶିଥିଲେ ତୋର ଯଶ ଶଙ୍କର,
ପରିଣାମେ ପୁଣି ଜଡ଼ ଶରୀରକୁ
ତୃତୀୟ ନୟନେ ପୋଡ଼ିଲେ ହର ୮୦ ।

Digitized by srujanika@gmail.com

ଫୁଲବାଣେ ଇଚ୍ଛି ଶମ୍ଭୁ ସଙ୍ଗେ ରଣ
ପରିଣାମେ କାମ ଲଭିଲୁ ଯାହା,
ତହିଁ ଲଭି ଭୀତ ବୋଲୁଅଛୁ ମିତ
ମୃଦୁ ସାଧନେ ବି ନିଷେଧ ତାହା ।୮୧।
ଅମରପୁର ତୁ ସୁଧା ପାନକର
ଲଭିଲୁ ଏ ଦଶା କପାଁ ମଦନ ?
ରସି ଅବା ରତି ଅଧରମଧୁରେ
ଘୃଣାବହି ସୁଧା କଲୁ ବର୍ଜନ ।୮୨।
ଭୁବନମୋହନ ପାପଫଳେ ହେତୁ
ଲୁବ୍ଧକର ଏହି ପିଶାଚ ପଣ,
ରସୁଛୁ କି ସ୍ମର ପୀଡ଼ି ମୋରଭଳି
ବିରହୀ ବଧୂର ଅବଳାଗଣ ।୮୩।
ଦୟାବହି ସ୍ମର ! କହୁଁ ଧନୁଶର
ନ ଫିଙ୍ଗୁ ନ ଲୋଡ଼ୁ ମୋର ମରଣ ?
ମରିଛୁ ତୁ ଯେଣୁ ନ ଖସେ କି ତେଣୁ
ମଳେଳକ ମୁଠା ବଡ଼ କଠିନ ।୮୪।
ଅନ୍ଧ, ଅପମୃତ୍ୟୁ, ବିରୂପ, ନାଶନ୍ତି
ସେବାଫଳେ ତୁଷ୍ଟ ଆନ ଦେବତା,
ସ୍ମର୍ ତୋ ସେବାରେ ବଢ଼େ ଲୋକଙ୍କର
ଅନ୍ଧଭାବ, ବପୁଃ-କ୍ଷତ ପାଣ୍ଡୁତା ।୮୫।
ନିତାନ୍ତ ନିଷ୍ଠୁର ଜାଣି ବିହି ତୋତେ
ଆୟୁଧ ତୋହର କଲା ସୁମନ,
ଲୋହା ଧନୁଶର ଦେଇଥିଲେ ହାତେ
ପ୍ରଳୟ ହୁଅନ୍ତା ତିନି ଭୁବନ ।୮୬।
ସ୍ମର ! ତୋର ଶରେ ତ୍ରିଜଗତ ପୁଣି
ପୋଡ଼ି ନ ଯାଉ ଏ ତିନି ଭୁବନ,

Digitized by srujanika@gmail.com

ବପୁର ବିଧାତା   କରିଅଛୁ କିବା
ତୋ କୁସୁମଶରେ ମଧୁ ସେଚନ ? ।୮୭।
ଅଙ୍ଗହୀନ ବୋଲି   ଅଭେଦ୍ୟ ବପୁର
ମନକୁ ତୋ ଲକ୍ଷ କଲା ବିଧାତା,
କୁଳଟକୁ ଯେବେ   ଲକ୍ଷ କରିଥାନ୍ତା
ସେ କି ତୋ' ସାୟକେ ଜଳନୁହାନ୍ତା ? ।୮୮
ଫୁଲ୍ ତୋର ଶର   ବିଧାନି ବିଧାତା
ଆପଣେ ସେ ଶରେ ହେଲେ କାତର,
ଗଣିକରି ଦେଲେ   ପାଞ୍ଚୋଟି ମାତର
ତେବେ ତ୍ରିଭୁବନ ହେଲା ଜର୍ଜର ।୮୯।
ପଞ୍ଚ କଳ୍ପଦ୍ରୁମ   ପ୍ରତି ଦେବତାଙ୍କୁ
ନ ଦିଅନ୍ତି କେତେ କେତେ ସୁମନ,
ଗୋଟିକରୁ ବେଶୀ   ନ ଦିଅନ୍ତି କେହୁ
ଅଙ୍ଗହୀନ ତୋତେ ଧିକ ମଦନ ।୯୦।
ଫୁଲଧନୁ ଦେଇ   ନେଲୁ କି ଛଡ଼ାଇ
ଅନଙ୍ଗ ଶଙ୍କାରେ ବିଶ୍ୱ ଚଞ୍ଚଳ,
କି ଲଭ ବା ତହିଁ   ତା' ବଦଳେ ଦେଇ
ଦୁଇଧନୁ ନଳ-ଭ୍ରୂରୁ ଯୁଗଳ ।୯୧।
ସମକାଳେ ମଣ୍ଡି   ନନ୍ଦନକାନନ
ଷଡ଼ଋତୁ ଏକ ଏକ ସୁମନ,
ଦେଲେ ଦୟାକରି   ଗୋଟିକରେ ଧନୁ
ଆନେ ପଞ୍ଚବାଣ କଲୁ ମଦନ ।୯୨।
ଆକର୍ଣ୍ଣ ଓଷ୍ଠାରେ   ବନ୍ଧିଲେ ମାୟୁକ
କେଉଁ ମୁନି ତୋର ସହିବ ଠାଣି ?
ନାହିଁ ତୋ ଶରୀର   ଅନଙ୍ଗ ତୁ ଯେଣୁ
ଜଗତର ଏହା ମହାକଲ୍ୟାଣ ।୯୩।

Digitized by srujanika@gmail.com

ପଶୁପତି ପ୍ରତି ପେଷି ତୁ ଆଶୁଗ
ହେଲୁ ଭସ୍ମ ତାହା ଭୁଲେ ମଦନ,
ତୋ ପଞ୍ଚମ ଶରେ ପରିଣତ ଏବେ
ଅନଙ୍ଗ ! ପିକର ପଞ୍ଚମ ସ୍ୱନ । ୯୪ ।
ମୋ ଭାଗ୍ୟକୁ ସ୍ମର ପଶୁପତିଙ୍କର
ତୋ ଦହନ ଶ୍ରମ ହେଲା ବିଫଳ,
ଦେବହିତେ ଦେହ- ଧରି ଜନମିଲୁ
ଦେବଲୋକେ ଲଭି ଦେବତା ବର । ୯୫ ।
ଦକ୍ଷିଣା ପବନ ନୁହଇ ଦକ୍ଷିଣ
ବିଧୁରେ ବିମୁଖ ବିରହୀ ଜନେ,
ନୁଆଁଇଲେ ହେଲେ କୁସୁମ ଧନୁକୁ
ଅନଙ୍ଗ ଦକ୍ଷିଣ ଭୁଜେ ଯତନେ । ୯୬ ।
ଉମାପତି ଏକା ତୋତେ ନାଶି କାମ
ମଦାନ୍ଧ ବିରହୀ ଜନଅନ୍ତକ,
ମଦନ-ଅନ୍ତକ- ମୃତ୍ୟୁଞ୍ଜୟ ନାମ
ଲଭିଛନ୍ତି ସିନା କାଳ କାଳକ । ୯୭ ।
ପର ଉପକାରେ ତୋ ଭଳି କୁଶଳ
ଦେଖାଶୁଣା ନାହିଁ ତିନି ଭୁବନେ,
ଜାଳିବାକୁ ଇଚ୍ଛା କରି ତ୍ରିଭୁବନ
ନିଜେ ଭସ୍ମହେଲୁ ହରନୟନେ । ୯୮ ।
ନୟନ ଅନଳେ ଜାଳି ତୋତେ ଶିବ
ଶାନ୍ତିହୋମ ଭବେ କଲେ ସାଧନ,
ତୋ ମିତ୍ର ମଧୁକୁ ଡେକି, ମଧୁ ନାଶି
ହରି କେଉଁ ଯଶ କଲୁ ଅର୍ଜନ ? ୯୯ ।
ଏହିପରି କେତେ ଭଣି, ତ୍ରିୟାଧର
ପିପାସୁ ବଦନା, ଶୁଖିଲା ଝରେ,

Digitized by srujanika@gmail.com

ଅପ୍ରିୟ ବଚନ ଶୁଣି, କ୍ରୋଧେ କାମ
ହାଣିଲ କ ସତେ ଶୋଷଣ ଶରେ ? । ୧୦୦ ।
ମନ୍ମଥ ସାୟକେ ମର୍ମ୍ମାହତ ବାଳା
ଅସମର୍ଥ ହୋଇ ବହୁ ଭ୍ରଷଣେ,
ପ୍ରିୟ-ଆଳି ଆଳି ମେଳେ ଭ୍ରଳ'ଭଳି
ବରଚଲ ଗିର ପାଦ ପୂରଣେ । ୧୦୧ ।
"ଧୀର ପଣ ଧର ରଖ ସହଚର
ନିଦାରୁଣ ଫୁଲଶରୁଁ ଜୀବନ"
"ଅଜ ଏ ଜୀବନ ବଇରି ମୋହର
କେନ୍ତୁ ପୋଷିବାକୁ କହ କେସନ ?" । ୧୦୨
"ନ ଭଙ୍ଗ ମୋ ବୋଲ ନ ଶୁଣୁଛୁ ହିତ
ସମ୍ଭାଳ ଜୀବନ ବଳେ କୌଶଳେ"
"ହିତ ଯେବେ ଇଚ୍ଛୁ କପର କହୁଛୁ
ରଖିବାକୁ ପ୍ରାଣ, କେନ୍ତୁ ସେ ଫଳେ" । ୧୦୩ ।
"ଅମୃତ କରଣ ଅଟଇ ଚନ୍ଦ୍ରମା
ଲଭ୍ଭୁ ତୁ ତା' କରେ ତାପ କପର ?"
"ମରନ୍ତେଟି ଯେବେ ଚନ୍ଦ୍ରକା' ସଜନ !
ଦଅନ୍ତା କ ଚନ୍ଦ୍ର ତାପ ଏ ଭଳ ?" ।। ୧୦୪ ।
"ଧର ଧୈର୍ଯ୍ୟ, ଛାଡ଼ ଅକାରଣ ଭୟ
ପଡୁଛୁ ଶୀତଳ କରଣ ଏହୁ,"
"ଚକ୍ଷୁ ନିଅଁ ପର ପୋଡ଼େ ମୋ ଶରୀର
ଅନୁଭବ ବାକ୍ୟେ ଲେପୁଛୁ ସହୁଁ" । ୧୦୫ ।
"ଚୁଇଁ ତୋ ହୃଦୟ ପକାଉଛୁ ଗଣ
ବଣାହେଲ୍ଲ ଯେଣୁ ବଧୂକରଣେ,"
"ଅନୁଭବେ ତାପ ଫଳ ମୁଁ ବାରୁଛି
ପୋଡ଼େ ଚର୍ମ୍ମ, ବ୍ୟଥା ଦଏ ଜୀବନେ" । ୧୦୬ ।

Digitized by srujanika@gmail.com

"ନ ନେଉଛୁ କପାଁ   ପିକକୁ ଡାକେ ସେ
କୁହୁନାଦେ ବିଧୁ-ବିରୋଧୀ ତଥି",
"ଅର୍ଥ ବିଗୃରଣେ   କି ନେଡ଼ା, ମୋ ଲଗି
ଉଚ୍ଚାରେ ଅନର୍ଥମୟ ଭାରତୀ" । ୧୦୭ ।
"ହୃଦୟରେ ତୋର   ଅଛନ୍ତି ବଲ୍ଲଭ
ଦୁଃଖ ନେବେ ଦମୟନ୍ତୀ କାହିଁକି'',
"ଥିବାନ୍ତୁ ଅନ୍ତରେ   ନ ଦେଖେ ବାହାରେ,
ଦୁଃଖ ସିନା ତାଙ୍କ ଦେଖାପାଇଁ କି ?" । ୧୦୮ ।
"କାମତାପେ ହାର-   ମଣି ଫାଟିଗଲେ
ହେବ ତୋର ହୃଦ ଅନଳଂକୃତ"
"ମଲେ ତେବେ ସଖୀ   ଯେବେ ମୋ ହୃଦରୁ
ହେବେ ପ୍ରିୟତମ ଅନ୍ତରହିତ" । ୧୦୯ ।
ବଖାଣି ଏ ବାଣୀ   ମୂର୍ଚ୍ଛାଗଲା ବାଳା,
କାମାନଳ ହୃଦେ ଉଠିଲା ଜଳି,
ମିଛ ହେଲେ ମଧ୍ୟ   ସହଚରୀ କିପରି
ଆଶ୍ରୟ ବିନାଶ ଶଙ୍କା ଏ ଭଳି । ୧୧୦ ।
ସିଞ୍ଚିଲେ କେ' ମୁଖେ   ଶୀତଳ ସଲିଳ
ଢାଙ୍କିଲେ କେ' କୁଚ ସରୋଜ ଦଳେ,
ଗୃଳି ତାଳବୃନ୍ତ   ବୋଳିଦେଲା କେ'ବା
ଗୋଳି ଚନ୍ଦନକୁ ହୃଦୟସ୍ଥଳେ । ୧୧୧ ।
ବହୁକାଳ ଧରି   କୋମଳ ଶୀତଳ
ସଲିଳ ମୃଣାଳ ଜଳଜ ଦଳେ,
କଲେ ଉପଚାର   ପ୍ରିୟ ସଖୀ ତାର
ଆଣିବାକୁ ଚେତା ଅଳପ କାଳେ । ୧୧୨ ।
ବହିଲାଣି ଶ୍ୱାସ   ଦେଖ ଦେଖ କଲା !
ଅନା ଅନା ଚଳା ! ଚଳୁଛନ୍ତି ପତା,

Digitized by srujanika@gmail.com

କମ୍ପୁଛି ଅଧର   ଦେଖ ଗୋ ମେନକା !
କି କହୁଛି ଶୁଣ କଳପଲତା ! । ୧୧୩ ।
କେଶିନ ! ବାନ୍ଧ ତୁ   ମୁକୁଳା କେଶକୁ
ଆଗୋ ଗୃହୁମତି ! ସଜାଡ଼ ବାସ,
ତରଙ୍ଗିଣି ! ନେତ୍ରୁ   ପୋଛ ଅଶ୍ରୁ ମାର
ଶୃଙ୍ଗାଗଲା ଏହୁ ସଜମା-ଭୂଷ । ୧୧୪ ।
ସହସା ବିପୁଳ   କଳକଳ ନାଦ
ବିଳସନ୍ତେ ଆଳିଗଣ ଆନନେ,
ଶୁଣି କୋଳାହଳ   ମିଳିଲେ ଚଞ୍ଚଳ
ବିଦର୍ଭ ନୃପତି ସୁତା ଭବନେ । ୧୧୫ ।
ଯାହା ଅଧିକାରେ   କନ୍ୟା ଅନ୍ତଃପୁରେ
ପଶି ନ ପାରଇ ପାତକ ଲେଶ,
ସେହି କବିରଜ   ସଚିବ ଏ ବେନି
ବୋଇଲେ ବଚନେ ମିଶାଇ ଶ୍ଳେଷ ।
' ଶୁଣ ଦେବି ! ସବୁ   ଜାଣୁଅଛୁଁ ଆମ୍ଭେ
'ଚରକ ସୁଶ୍ରୁତ-ବଚନ ବଳେ,
ନଳଦ ବିଧାନେ   ସନ୍ତାପ ଦଳନେ
ଆନ କୁହେଁ କ୍ଷମ ଅବନୀତଳେ । ୧୧୬ ।
ଏକାବେଳେ ଦୁହେଁ   କହି ଆରମ୍ଭିଲେ
ଏକାଭଳି କଥା ଯେଣୁ ଶୁଭେ ସେ,
ଶୁଣି ନ ପାରିଲେ   ବିକଳ ନୃପତି
ତନୟା ଅନଷ୍ଟ-ଆଶଂକା ବଶେ । ୧୧୭ ।
ଲୁଚ୍ଛଇ ଯତନେ   ବିରହ ଲକ୍ଷଣ
ପିତୃପଦେ କନ୍ୟା କଲେହେଁ ନତି,
ବୁଝେ ପରମନ   ନୁହଇ ଗୁପ୍ତ
ବୁଝିନେଲେ ତାହା ବିଜ୍ଞ ନୃପତି । ୧୧୮ ।

Digitized by srujanika@gmail.com

ଆଶିଷି ସୁତାଙ୍କୁ ଭାଷିଲେ ନୃପତି
ଭକ୍ତି ନମ୍ର ମୁଖେ ଯୋଡ଼ି ପାଣିରେ,
ଅବଗ୍ରେ ହେଉ ତୋ ସ୍ୱୟମ୍ବର ମା ଗୋ,
ଅଭିମତ ବର ଲଭ ଅଚିରେ । ୧୧୯ ।

ବୋଇଲେ ତନୁଜା- ସଖୀଗଣେ ରାଜା
ହୁଅନ୍ତେ ଭୁବନ ରାଜୁ ଆଗତ,
ଶରପର ଫୁଲ ଲାଗେ ଏ ବଧୂସେ
କର ତାର, ଉପରୁର ଜଡ଼ିତ । ୧୨୦ ।

ଆଜ କେତେଦିନେ ସଜନୀ ତୁମର
ଆପଣା ଇଚ୍ଛାରେ ବରିବ ବର,
ନାନା ଉପଚାରେ କୁଶଳୀ ନାଶିବା
ପାଇଁକ ତାହାର ଉପାୟ କର । ୧୨୧ ।

ଲାଜ ପାଇବ ସେ ଜାଣି ନୃପମଣି
କାମ ଜନିତ ସେ ଜଷନ୍ୟ କଥା,
ପଚାରିଲେ ନାହିଁ କହିଲେ ଏପରି
ନରେଖି ଶରୀରେ ବିକାର ବ୍ୟଥା ।

ଅଶିଷ କପଟେ ବହନ୍ତେ ସାନ୍ତ୍ୱନା
ବର ବୋଲି ଇଚ୍ଛା ସଦୃଶ ବର,
ଶୁଣି ଆଳି ଜନ ମନେ ଉଚ୍ଛୁଳିଲା
ସେ କାଳେ ଅନନ୍ଦ ଲାଜ ସାଗର । ୧୨୨ ।

କବି ରାଜ ରାଜ- ମୁକୁଟ ଭୂଷଣ
ଫଚର୍ମୀ ଶ୍ରୀହୀର ଯାହା ଜନକ,
ମାମଲ୍ଲଦେବୀଙ୍କ ଗରଭୁଁ ସମ୍ଭୂତ
ଶ୍ରୀମନ୍ତ ଶ୍ରୀହର୍ଷ କବିତିଲକ ।

Digitized by srujanika@gmail.com

ରଚିଲେ ସରସ ସଂସ୍କୃତ ଭାଷରେ
ଶତ୍ରେ ଚନ୍ଦ୍ରାକର ଶ୍ରୀଚନ୍ତାମଣି,
ନୈଷଧ କାବ୍ୟର ଚତୁର୍ଥ ଏ ସ୍କନ୍ଧ
ଅମୀୟ ଶୃଙ୍ଗାର ରସର ଖଣି । ୧୨୩ ।

Digitized by srujanika@gmail.com

ପ୍ରଥମ ସର୍ଗ

ସ୍ୱୟମ୍ବର ଲାଗି ନୃପତିମାନଙ୍କୁ
ନେଉଡ଼ନ୍ତେ ବିଦର୍ଭପାଇଁ,
ତ୍ରିଦିବ ଧାମକୁ ଗମିଲେ ନାରଦ
ଇନ୍ଦ୍ରଙ୍କୁ ଦେଖିବା ପାଇଁ । ୧ ।

ବିସ୍ମୟ ଜନ୍ମାଇ ଲଙ୍ଘିଲେ ଗଗନ
ଜଗତ-ଗୁରୁ ନାରଦ,
ସପକ୍ଷ ପର୍ବତ ପଛେ ପଛେ ଗଲେ
ବିଚାରି ନୁହେଁ ସମ୍ବାଦ । ୨ ।

ବିନା ବିମାନରେ ସୁଖେ ଦେବ ମୁନି
ଗମିଲେ ଗଗନତଳେ,
ତପଃଫଳେ ସିଦ୍ଧି ଲଭନ୍ତି ଯୋଗୀଏ
ଇତରେ ଉପାୟ ବଳେ । ୩ ।

ଲଙ୍ଘିଗଲେ କେତେ ସୁନ୍ଦର ବିମାନ
ଇନ୍ଦ୍ର ଭୁବନକୁ ଚଳି,
ନୋହିଲେ ଅଗରେ ସେ ବିମାନପତି
ପ୍ରଣମି ଚଳିଲେହେଁ ଅଳି । ୪ ।

Digitized by srujanika@gmail.com

ନାରଦଙ୍କ ତେଜେ ନ ଚାହୁଁଣୁ ନଭେ
ଦିବସେ ଶଶୀଙ୍କ ପର,
ତାଙ୍କ ତାପଭୟେ ଅପଣା ତେଜକୁ
ସଂକୁଚିତ କଲେ ହର । ୫ ।
ଦିବସେ ଦିବସେ ମଳିନ ହୁଅଇ
ଦ୍ୱିଜରାଜ ଦବକରେ,
ଦ୍ୱିଜରାଜ କରେ ରବି ଅଜ ମ୍ଳାନ
କାଳେ କର୍ମବୃକ୍ଷ ଫଳେ । ୬ ।
ଜଟିଳ ପାଦ୍ୟ, ଛନ୍ଦ- କୁଶେ କୁଶାସନ
ଅର୍ପି ଅର୍ଘ୍ୟ ଦୂର୍ବାଦଳ,
ପଦ୍ମ ମଧୁ ମଧୁ- ପର୍କେ ସୁରସିନ୍ଧୁ
ମୁନିଙ୍କ ଆତିଥ୍ୟ କଲେ । ୭ ।
ଅନନ୍ତ ଆକାଶ ଲଂଘିଗଲେ ମୁନି,
ଦେଖିଲେ ଇନ୍ଦ୍ର ଭୁବନ,
ଭକ୍ତିସିନ୍ଧୁ ପାରେ ପାଇଲେ କ ଯଣ
ପରମ ବ୍ରହ୍ମ ଦର୍ଶନ ? । ୮ ।
ଦେଖି ନାରଦଙ୍କୁ ପୂଜିଲେ ମଘବା
ବିହିତ ବିଧାନୁ ବଳି,
ବିହିତ ବିଧାନେ ସାଧୁ ପୂଜା ଫଳେ
ବଡ଼ ଲାଭ ନାହିଁ କଳି । ୯ ।
ଥିଲେ ତାଙ୍କ ସଙ୍ଗେ ଇତର ଅତିଥି
ପର୍ବତ ମୁନିପୁଙ୍ଗବ,
ପୂଜିଲେ ଆଦରେ ତାଙ୍କୁ ଗୋତ୍ରଭିଦ
ବିବୁଧ ପ୍ରଭୁ ବାସବ । ୧୦ ।
ବାସବ ହସ୍ତରୁ ବହୁ ପୂଜା ଲଭି
ବିରାଜିଲେ ମୁନିବର,

Digitized by srujanika@gmail.com

କଳପ ପାଦପେ ଦାତାପଣ ସିନା
ଶିଖାଇଛୁ ଇନ୍ଦ୍ରକର ? । ୧୧ ।
ଇତର ପ୍ରସଙ୍ଗ ଚେତନ ମନ ସଙ୍ଗେ
ବଳରିପୁ ଜଳପିଲେ,
ନିଜ ପର ନାନା କଥା ପଡ଼ୁଥାଏ
ବନ୍ଧୁ ସଙ୍ଗେ ଦେଖାହେଲେ । ୧୨ ।
କଳ୍ପତରୁକେ ମାତ କଥା ପ୍ରସଙ୍ଗରେ
ପଚାରିଲେ ଶଚୀସାଇଁ,
"ବହୁକାଳ ଧରି ନୃପେ ସୁରପୁରେ
ନ ଆସନ୍ତି କାହିଁପାଇଁ ? । ୧୩ ।
ଆଗପରି ଏବେ ନରପତି ବଂଶେ
ଜନ୍ମୁ ନାହାନ୍ତି କି ଶୂର,
ପ୍ରାଣ ତୃଣମଣି ରଣେ ହାଣଖାଇ
ମଣ୍ଡିବାକୁ ସୁରପୁର ? । ୧୪ ।
ସ୍ୱଚ୍ଛତା ବଟନ୍ତି ଉର୍ଦ୍ଧ୍ୱଗତିହୀନ
ପାର୍ଥିବ ଜଡ଼ ଶରୀର,
ରଣେ ତେଜି ମୋର ଅତିଥି ହେବାକୁ
ନାହାନ୍ତି କି ଆଉ ବୀର ? । ୧୫ ।
ଅତିଥି ଅଭାବେ ମଣେ ଆପଣାକୁ
ଅଭିଶପ୍ତ ହେଲଭଳି,
କି ଲଭ ଏ ଭୋଗେ ପଶୁପରି ସଦା
ଉଦର ପୂରଣ କରି । ୧୬ ।
ପୂର୍ବ ପୁଣ୍ୟଫଳ ବ୍ୟୟେ ଲବଧ ଏ
ସମ୍ପଦ ବିପଦ ଜାଣି,
ଶାସ୍ତ୍ରମତେ ଶାନ୍ତି ନ ମିଳେ ସମ୍ପଦେ
ସୁପାତ୍ରେ ନକଲେ ଦାନ । ୧୭ ।

Digitized by srujanika@gmail.com

ଅଘମରଷଣୀ ସୂକ୍ତ ପର ତବ
ଶ୍ରୁତିମନ୍ତ୍ରର ବଚନ,
ଏ ବିଷୟେ ମୋର ସନ୍ଦେହ ଜନିତ
ଆଶଙ୍କା, କରୁ ମୋଚନ । ୧୮ ।

ଏହା କହି ଇନ୍ଦ୍ର ଅବହିତ ଚିତ୍ତେ
ବିନୟ ପ୍ରକାଶି ମୁଖେ,
ପଲକବିହୀନ ସହସ୍ରନୟନ
ନିହାଲେ ନାରଦ ମୁଖେ । ୧୯ ।

ବିପୁଳ ବିଭବ- ଶାଳୀ ଇନ୍ଦ୍ରଙ୍କର
ବିନୟକୁ ପରଶଂସି,
ନାରଦ ଆନନ୍ଦ ବହି ଆରମ୍ଭିଲେ
ବିସ୍ମୟେ ଅଳପ ହସି । ୨୦ ।

ଏତେ ଯଜ୍ଞଫଳେ ଲବ୍ଧ ଏ ସମ୍ପଦ
ଗର୍ବନାହିଁ ତୁମ୍ଭ ମନେ,
କ୍ଳେଶଲବ୍ଧ ଧନେ ଅଧିକ ଆଦର
କରିଥାନ୍ତି ସିନା ଜନେ । ୨୧ ।

ବିନୟ ଆଧାର ସମ୍ପଦ ତୁମ୍ଭର
ବଚନର ଅଗୋଚର,
ଅନୁଭବ ବିନା ଏ ଭବ ଭୁବନେ
ପରତେ ଯିବକି ନର ? । ୨୨ ।

ବାହାରୁ ଅନ୍ତରେ ଅଧିକ ତୁମ୍ଭର
ଦୃଷ୍ଟି ସୃଷ୍ଟି କଉଶଳ,
ଥିବାରୁ ବୁଝିଛ ଦାନେ ପୁଣ୍ୟ, ଭୋଗେ
ସମ୍ପଦର ମନ୍ଦ ଫଳ । ୨୩ ।

ସହଜ ସୁନ୍ଦର- ସ୍ୱଭାବ ତୁମ୍ଭର
ଆନନ୍ଦିତ ହେଲି ଅତି

Digitized by srujanika@gmail.com

ବହୁକାଳ ଧରି ସୁରପୁର ପାଳି
ଧନ୍ୟ ହୁଅ ସୁରପତି ! ୨୪ ।
କ୍ଷତଜ ରୁଧିରେ ପଖାଳି ସମରେ
ନଶିଲ ଅଘ ସଂଘାତ,
ଦିବ୍ୟ ବପୁ ଧରି ଦେବଲୋକେ କିପାଁ
ନ ଆସନ୍ତି ନରବ୍ରାତ ।
ଜଗତ ଯୁବାଙ୍କ ମନମୋହକର
ସେ ସମ୍ବାଦ ମୋର ମୁଖେ,
ଶୁଣିବା ପାଇଁ କି ଅବଧାନ ଦେବ
ଶତମଖ ! ମନସୁଖେ । ୨୫ ।
ଧରଣୀ ଭୂଷଣ ଅମୂଲ୍ୟ ରତନ
ଅମୋଘ ମଦନ ବାଣ,
ଯାର ସୁକୁମାରୀ ଭୀମଭୂପ ସୁତା
ଦମୟନ୍ତୀ ବୋଲି ଜାଣ ? । ୨୬ ।
କ୍ଷଣେ କ୍ଷଣେ 'ବାଳା ଅପରୂପ ଶିରୀ'
ଧରି ଏ ଯୁବା ବୟସେ,
କେ ଜାଣେ ସୁକୃତୀ କେଉଁ ଯୁବାପ୍ରତି
ଅନୁରାଗ ତା' ମାନସେ ? ୨୭ ।
ଥରିଲାଣି ଓଠ ପଚାରିବ ପରା
କିଏ ସେ' ଜାଣିବା ପାଇଁ,
ରୋଧ ଅର୍ଦ୍ଧପଥେ ଉଗାରି ସେ କଥା
ବୃଥା ଶ୍ରମ କରନାହିଁ ? । ୨୮ ।
ସମାଧି ନିଶ୍ଚଳ ଯୋଗିଜନ ବୁଦ୍ଧି
ପରମାଣୁ ଯାଏ ଯାଏ,
ତହିଁରୁ ଅଧିକ ଦେଖିବା ପାଇଁକି
ତା'ର କି ସାମର୍ଥ୍ୟ ଥାଏ ? ।

Digitized by srujanika@gmail.com

ରେଣୁ ବାଳାମନ ପରମାଣୁ ମଧ୍ୟେ
ନିଜ ଦର୍ପ ଆଶ୍ରାକରି,
ଶୋଇଛି ସେ ଯୁବା ହରିପରି ତାକୁ
ଯୋଗୀ ଜାଣିବ କପରି ? । ୨୯ ।
ଚନ୍ଦ୍ରଜା ଚନ୍ଦ୍ରରେ ବିରହ ବିକାର
ନରେଶ ବିଦର୍ଭସାଇଁ,
ବିଧିବଳେ ଏବେ ବଳାଇଲେ ମତି
ଭେମା ସ୍ୱୟମ୍ବର ପାଇଁ । ୩୦ ।
ଡାକିବାରୁ ତାଙ୍କୁ ଦୂତରୂପେ କାମ
ନିଯୁକ୍ତ ନିର୍ଦ୍ଦେଶ ଧରି,
ସ୍ମର ପରବଶ ନୃପେ ମଣିଲେଣି
ସମରକୁ ଗିରିପରି । ୩୧ ।
ଯେଉଁ ସବୁ ଗୁଣେ ଅବା ଅଳଂକାରେ
ଅନୁରାଗ ସେ ବାଳାର,
ତହିଁ ଲେଶ ମାତ୍ର ଉତ୍କର୍ଷକୁ ନୃପେ
ମଣନ୍ତି ପୁରୁଷକାର । ୩୨ ।
ଛୁଇଁ ନିଦନ୍ତୁ ନବ ଯଉବନ
ଦମୟନ୍ତୀ କଳେବର,
ଯୁବା ସମାଜରେ ମୃଗୟା ରଚିବା
ପାଇଁ ନାଚେ ଫୁଲଶର । ୩୩ ।
ନ ଇଚ୍ଛନ୍ତି ଏଣୁ ଏ ପୁରେ ଅତିଥି
ହେବାକୁ ନୃପତିଗଣ,
ଦମୟନ୍ତୀ ଯେଣୁ ବିଦର୍ଭ-ଅବନ
ଭାଙ୍ଗେ ସ୍ୱର୍ଗ ବଡ଼ପଣ । ୩୪ ।
ଦମୟନ୍ତୀ ଠାରେ ଅନୁରାଗ ବନ୍ଧ
ଭୂଲିଲେ ନୃପତିଗଣ,

Digitized by srujanika@gmail.com

ସମର ସୁଖରେ ଜଳାଞ୍ଜଳି ଦେଇ
ପାଶୋରିଥିବାନ୍ତୁ ରଣ ।
ସୁର ସମାଜରେ ଏ ସ୍ୱର୍ଗ ରାଜ୍ୟରେ
ସେ ସୁଖ ଲଭିବା ପାଇଁ,
ସମର ବିତୃଷ୍ଣା ରଖି ହୃଦୟରେ
ଆସିଥିଲି ସୁରସାଇଁ । ୩୫ ।
ଜଗତେ ଅଗତି ଭୂମିର ନାହାନ୍ତି
ଜାଣି ପଚାରିଲି ଯାହା,
ବୁଝିଲି ଏଥର ବିବେକକୁ ମୋର
ନାଶିଛି ସମର ସ୍ପୃହା । ୩୬ ।
କହି ଏ ବଚନ ହୁଅନ୍ତେ ମଉନ
ନାରଦ ଋଷି ପ୍ରବର,
ଖୋଲି ମୁଖ ମୁଦ୍ରା କହିଲେ ମଘବା
ଅନୁରୂପ ସଦୁତ୍ତର । ୩୭ ।
ଅନୁଜ ମୋହର ନିଜେ ଚକ୍ରଧର
ଦୁରନ୍ତ ଦାନବ ଅରି;
ଶୋଇଛି ମୁଁ ସୁଖେ ତାଙ୍କ ଭୁଜଶେଯେ
ରଣଶଙ୍କା ପରିହରି । ୩୮ ।
ବିଶ୍ୱବ୍ୟାପୀ ହରି ଅନେକ ବାର,
ଜୈମିନ ଜନମ ନେଇ,
ସମସ୍ତ ଦେବତା ବିଗ୍ରହ ବାଇନ୍ତି
ବଜ୍ରକୁ ବିଶ୍ରାମ ଦେଇ । ୩୯ ।
ନାରବନ୍ତେ ଇନ୍ଦ୍ର ଭାଷି ଏ ବଚନ
ବିନୟ ମଧୁର ଗୀରେ,
ହୃଦେ ଖେଦବହ୍ନି କହିଲେ ନାରଦ
ନିଃଶ୍ୱାସ ପକାଇ ଧୀରେ । ୪୦ ।

Digitized by srujanika@gmail.com

ଧରାତଳେ ଥାଇ ନ ଥିଲ ସନ୍ତୋଷ
ଭାବୁଥିଲ ମନେ ମନେ,
ଲଭିଥିବ ଅବା ସମର ସାଧନେ
ଅଥବା ସ୍ୱର୍ଗ ଭୁବନେ ।
ଥାଇ ସୁରପୁରେ ଏବେ ମୁଁ ବକ୍ଷରେ
ରଚୁଥିବେ ପସ୍ତ ରଣ,
ଜିଗୀଷା ବଶନ୍ତୁ ପାତାଳରେ ଅବା
ଧରାଧାମେ ବୀରଗଣ । ୪୧ ।
ଦେଖାଦେବେନ, ଏବେ ମନୁଷ୍ୟ ଜଗତେ
ଯିବ ଦିଅ ଅନୁମତି,
ଭୈମୀ ସ୍ୱୟମ୍ବରେ ନୋହିବ କି ରଣ
ଜୁଟିଗଲେ ମହୀପତି । ୪୨ ।
ଏହା କହି ମୁନି ଆସନ ଦରକ
ଧରାଧାମେ କଲେ ଗତି,
ନୈଷଧ ନ ମାନି ପଛେ ପଛେ ଗଲେ
କଣ୍ଟହୂର ସୁରପତି । ୪୩ ।
ବଜ୍ରପାଣି ପାଶେ ପଚାରି ଆପଣା
ଅଭିମତ ପରସ୍ପର
ନାରଦ ବଚନ ସମର୍ଥନ କଲେ
କେବଳ ସେ ହୁଅଁ ଭର । ୪୪ ।
ସତେ କି ଅନଳ ଧାରଣେ ପୀଡ଼ିତ
ଥିବାରୁ ବାସବକର
ଶୀତଳ କୋମଳ ଭୈମୀ କର ଗ୍ରହ
ସେ ପଦ ଦେଲା କି ସ୍ୱର । ୪୫ ।
ସ୍ୱର୍ବୈଦ୍ୟ ଅଶ୍ୱିନୀ- କୁମାର ସୁଷମା
ଚୁମ୍ବି କାମ କଳେବର,

Digitized by srujanika@gmail.com

ତେଣୁ ବୈଦ୍ୟବିଦ୍ୟା କାମେ ସଂଯମିଲ
ହେଲ ସେ ଚକ୍ରାପୁର । ୪୬ ।
ମର୍ତ୍ତ୍ୟନାରୀ ଲଭ ଲଗି ଗନ୍ଧର୍ବ
ଧରିବାରୁ ମଘବାନ,
ଅନନ ସରୋଜ ଲୁଆଁଇ ମୁଖଲେ
ଶଚୀ ନିଜ ଅପମାନ । ୪୭ ।
ଛାଡ଼ ସ୍ୱର୍ଗ, ମର୍ତ୍ତ୍ୟେ ଗମନ୍ତେ ମଘବା
ବିଷଣ୍ଣଚିତା ଭଜ ରମ୍ଭା,
ସମ୍ଭାଳି ନ ପାରି ହୃଦୟୁ ବିଷାଦ
ପଦାକୁ ଫିଙ୍ଗିଲା ଅବା ? । ୪୮ ।
ଧିକ୍ ଏ ଅପ୍‌ସରା ଜୀବନ ଆମ୍ଭର
ମରଣ ଉଚିତ କଲି,
ବଚନେ ନ କହି କହିଲା ଘୃତାଚୀ
ସୁ-ଦୀର୍ଘ ନିଃଶ୍ୱାସେ ଛାଡ଼ି । ୪୯ ।
ଲୋଲ-ଭୃଙ୍ଗନାଳ କର କମଳରୁ
ଖସାଇ ଚାଲି ଭ୍ରମର,
"ପତନ ଉଚିତ" ବୋଲି ତିଳୋତ୍ତମା
କଲା ସିନା ଏଥୁ ଛଳ ? । ୫୦ ।
ମନସ୍ତାପ ଢାଙ୍କି ରଖିବାକୁ ମେନା
ଆକାର ଗୋପନ କଲା,
ଆକାର ଗୁପତି ହୃଦ ପୃଷ୍ଠପାକେ
ପଙ୍କ ଲେପ ପଡ଼ିଦେଲା । ୫୧ ।
ଗୁଣେ ବଶୀକୃତ ଜଗତ ଯାହାର
ଉର୍ବଶୀ ସ୍ତମ୍ଭିତ ହେଲା,
ଇନ୍ଦ୍ର ସ୍ନେହ ଶେଷ- ସୀମାରେ ସେ କାଳେ
ସ୍ତମ୍ଭ କବା ପୋତିଦେଲା ? । ୫୨ ।

Digitized by srujanika@gmail.com

ଇନ୍ଦ୍ରକୁ ଶୁଣାଇ   କେଉଁ ନାଗ ନାରୀ
ଅଳକ କହୁଣ ଛଳ,
ଏ କଶ୍ୟପ ସୁତ   କାଶ୍ୟପୀ କୋଡ଼ନ୍ତ
ଶତଯଜ୍ଞ ପାଦେ ଦଳ । ୫୩ ।
ଇନ୍ଦ୍ରକୁ ଶୁଣାଇ   କେଉଁ ସୁହାଗିନୀ
କହୁଣ ସହୁକ ଗୁହିଁ,
ନର ଦରଶନେ   ଘୃଣା ଯେବେ ତୋର
ସଙ୍ଗରେ କି ଯିବୁ ନାହିଁ ? । ୫୪ ।
ଇନ୍ଦ୍ର ପଛେ ପଛେ   ଗମିଲେ ଅନଳ
ବରୁଣ ପରେତରାଟ,
ଚଳନ୍ତି ସକଳ   ଆଗେ ଆଗେ ଦଶେ
ଦେଖାଇ ଚଳିଲେ ବାଟ । ୫୫ ।
ବନ୍ଧୁତା କପଟେ   ଭୀମ ଭୂପତିଙ୍କୁ
ଗୁପ୍ତ ଉପହାର ଦେଇ,
ତୋଷିଲେ କେ' ଦୂତ   ଦମୟନ୍ତୀ ତେଜି
ଫେରାଇ ଆଣିବା ପାଇଁ । ୫୬ ।
ସରଗ ବରଜି   ମର୍ତ୍ତ୍ୟ ଅଭିମୁଖେ
ଦେବତାଏ ଚଳେ ଗତି,
ବଚନ ନୁହଇ   ସେ ଏକା ସ୍ୱରଗ
ଚଳଇ ଯହିଁକ ମତି । ୫୭ ।
ଦ୍ରୁତଗାମୀ ରଥ   ଭୂଇଁଗେ ଉଦିତ
ଭୂତଳେ ଉତୁରି ସୁରେ,
ଚାନଡେର ଗ୍ରୀବା   ନୁଆଁଇ ଶୁଣିଲେ
ରଥଘୋଷ ବହୁ ଦୂରେ । ୫୮ ।
ଘନ ଘୋଷ ଅବା   ସାଗର ଗର୍ଜନ
ବଚୂର ବାରବା ଆଗେ,

Digitized by srujanika@gmail.com

ଧ୍ୱଜ ସଙ୍ଗେ ଆସି ସୁନ୍ଦର ସ୍ୟନ୍ଦନ
ମିଳିଗଲା ସେହ୍ୱ ଲଗେ । ୫୯ ।
କଉତୁକେ ରଥ ଚଳାଉଛି ନଳେ
ସୂତକୁ ବିଶ୍ରାମ ଦେଇ,
ତୁରଗ ଇଙ୍ଗିତ ଜଣାଉଛି ସ୍ୱାଙ୍କୁ
ଏ ଭାବ ମନକୁ ନେଇ ।
ମଘବା ପ୍ରମୁଖ ଦିଗପାଳ ମାନେ
ଭାବିଲେ ଏ ହେବ ନଳ,
ରୂପ ଦେଖି ପୁଣି ମଣିଲେ ଆପଣା
ନୟନ ହେଲା ସଫଳ । ୬୦ ।
ତରୁଣ ନଳଙ୍କୁ ନିରେଖି ବରୁଣ
ଜଡ଼ ହୋଇଗଲେ ଯାହା,
ବିସ୍ମୟ ସ୍ତିମିତ ଜଳପତିଙ୍କର
ଅନୁଚିତ ନୁହେ ତାହା । ୬୧ ।
ନଳ ରୂପ ଚାହିଁ କଳା ପଡ଼ିବାରୁ
ରବି-ବଂଶ ଅବତଂସ,
ସକଳ ଲୋକରେ ଅରଜିଲେ ସିନା
"କାଳ" ବୋଲି ଅପଯଶ । ୬୨ ।

ଶାନ୍ତ ନଳରୂପ ଅନଳ, ତନୁରେ
ଧଇଲେ ଯେଉଁ ଉଷ୍ଣତା,
ଅନଳତା ତାର କାରଣ ନୁହଇ
ହେତୁ ତାର ଅନଳତା । ୬୩ ।
କାମ କାନ୍ତିଜିଣା ନଳ ରୂପ ଶୋଭା
ସହସ୍ର ନୟନେ ଚାହିଁ,
ନିଜକୁ ନିରେଖି କଉଶିକ ବୋଲି
ମନେକଲେ ସୁରସାଇଁ । ୬୪ ।

Digitized by srujanika@gmail.com

ମୂର୍ତ୍ତିମନ୍ତ ଶୋଭା ସମାପ୍ତି ବସ୍ତୁର
ନଳଙ୍କୁ ସୃଜି ଦେବତା,
ବସ୍ମୟ ରସରେ ଢ଼ାଳଦେଲେ ମନ
ପ୍ରାଣୋର ନିଜ ପ୍ରଭୁତା । ୭୧ ।
ଜନମନଲୋଭ ନରେକି ସେ ଶୋଭା
ଆଗୁଁ ଯାହା ଶୁଣିଥିଲେ,
ଏହିକ ସେ ନଳ ? ବୋଲି ପରସ୍ପର
ବୋଲାବୋଲି ହେଲେ ଧୀରେ । ୭୬ ।
ସ୍ୱୟମ୍ବର ଯୋଗ୍ୟ ଭୂଷଣ, ସେ କାଳ
କୁଣ୍ଡିନ ନଗର ମୁଖେ,
ରଥ ଗତପଥ ନଳଙ୍କ ଯଥାର୍ଥ
ଚେଷ୍ଟା ଜଣାଇଲା ସୁଖେ । ୭୭ ।
ଜଗତ ଜୀବନ ନଳଙ୍କୁ ଅନାଇ
ଯମ ବରୁଣ ପବନ,
କ୍ଷଣେ ହର୍ଷ ଚଳ ବଷାଦ ଆଦରି
ଚତ୍ତେ ଚନ୍ତିଲେ ଏସନ । ୭୮ ।
ନଳଙ୍କୁ ବରିବା ପାଇଁ ଦମୟନ୍ତୀ
ଇଚ୍ଛା କରିବ କ ନାହିଁ,
ବରୁ ବା ନ ବରୁ ଉଭୟ ପ୍ରକାରେ
ଆମ୍ଭର ସନ୍ତୋଷ କାହିଁ ?
ନ ବରିଲେ ତାଙ୍କୁ ଗୁଣଜ୍ଞ ନୁହେ ସେ
ଧିକ ଧିକ ତା ସ୍ୱଭାବ,
ବରିଲେ ନଳଙ୍କୁ ଅସମ୍ଭବ, ଆମ
ପକ୍ଷେ ଦମୟନ୍ତୀ ଲାଭ । ୭୯ ।
ଜାଣି ନ ପାରିଲେ ନଳଙ୍କ ମହତ୍ତ୍ୱ
ଆମ୍ଭକୁ ପାରଇ ବରି,

Digitized by srujanika@gmail.com

ରାଜନନ୍ଦିନୀ ସେ ତାଙ୍କ ବିଶେଷତ୍ୱ
ନ ପାରିବ କହିଁ ବାରି । ୭୦ ।
ଲାଜେ ମୁଁ ସଦାକୁ ଯାଇ ନ ପାରିବ
ଭୈମୀ ନେଲେ ନଳ ମନ,
ବନିତା ଆଗରେ ଘରେ ଟେକିବ କି
ଲାଜ ମଳିନ ବଦନ ? । ୭୧ ।
ଭାବ ଭାବ ଏହା ନ ମିଳିଲା ସ୍ୱାହା
ବୁଦ୍ଧିବଣା ହେଲ ଏବେ,
ପରସ୍ପର ମୁଖେ ଅନାଇ ରହିଲେ
ଇନ୍ଦ୍ର ବିନା ତିନି ଦେବେ । ୭୨ ।
ଅନୁଗତ ଜନ ତିନି ଦେବତାଏ
ହେବାରୁ ଦୁଃଖେ ନୀରବ,
ଜାଣି ତାଙ୍କ ମନ ଭାଷିଲେ ଏସନ
କପଟ ପଟୁ ବାସବ । ୭୩ ।
ଅର୍ଦ୍ଧାସନ ହର ବୀରସେନଙ୍କର
ସୁତଟି କି ତୁମ୍ଭେ ନଳ ?
ଭୁଲେଟି ସବୁ ? ତାଙ୍କ ରୂପରେଖା
ଲଭିଛ ତ ଅବିକଳ । ୭୪ ।
କାହିଁ ଯିବ ନଳ ? ଏ ପ୍ରଶ୍ନ ବିଫଳ
ସଫଳ ଯାତ୍ରା ଆମ୍ଭର,
ନ ଆସିଛ କିକ ଅଧ ବାଟଯାଏ
ଦେବାପାଇଁ ଅଶ୍ରୁଫଳ ? । ୭୫ ।
ନିଷଧ ନରେଶ ! ଏହି ସେ ହୁତାଶ
ଅଟନ୍ତି ଏ ଜନୁସଣ,
ଏହାଙ୍କୁ ବରୁଣ ଅବଶିଷ୍ଟ ମୋତେ
ସୁରପତି ବୋଲି ଜାଣ । ୭୬ ।

Digitized by srujanika@gmail.com

ଆମ୍ଭେମାନେ ସର୍ବେ ଯାଚକ ଭାବରେ
ଆସିଅଛୁଁ ତୁମ୍ଭ ପାଶ,
ଯଥେ ପଥଶ୍ରମ ମେଣ୍ଟାଇ ଯିବାଇ
ଜଣାଇବୁ ଅଭିଳାଷ । ୭୭ ।
ଏହା କହି ଇନ୍ଦ୍ର ନୀରବ ରହିଲେ
ବିଶେଷି କହିଲେ ନାହିଁ,
ଚାହ ନୁହେ ଏହା ଆବାଲ୍ୟ ଗୁରୁଙ୍କୁ
ଗୁରୁ କରିଥିଲେ ପାଇ । ୭୮ ।
ଅର୍ଥି ନାମ ଶୁଣି ପୁଲକିତ ନଳ
ପ୍ରଣମି ଭକତ ଭରେ,
ଦେବତାମାନଙ୍କ ପାଦ ପୂଜାକଲେ
କଦମ୍ବ କୁସୁମ ଛଳେ । ୭୯ ।
ଦିଗପତିଙ୍କର ଦୁର୍ଲଭ କି ଅଛି
ସେ ପୁଣି ମୋର ଅଧୀନ,
ବହୁକ୍ଷଣ ଧରି ଏ ସନ୍ଦେହ କଲା
ନଳ ମନ ଆନ୍ଦୋଳନ । ୮୦ ।
ଇତର ଯାଚକେ ଯାଚିଲା ମାତ୍ରକେ
ଦେଇପାରେଁ ମୁଁ ଜୀବନ,
ଦେବରାଜ ଇନ୍ଦ୍ର ସଦୃଶ ଯାଚକେ
କି ଦେଇ ତୋଷିବ ଚିତ୍ତ ? । ୮୧ ।
ଧନ ଜୀବନରୁ ଅଧିକ ଭାମିନୀ
ତୋଷିଲେହେଁ ମୋ ଅନ୍ତର,
ବସୁଧା ଯାହାର କଳାକୁ ଅତୁଳା
ନୁହେଁ ସେ ମୋର ନିଜର । ୮୨ ।
ଜାଣିପାରିଲେ ମୁଁ ଏମାନଙ୍କ ମନ
ନ ମାଗୁଁ ଦିଅନ୍ତି ଯାକୁ,

Digitized by srujanika@gmail.com

ମନ ଜାଣି ଯେତ୍ହ ଯାଚକ ପ୍ରାର୍ଥନା
ଶୁଣି ଇଚ୍ଛେ ଧିକ ତାକୁ । ୮୩ ।
ଲଜ୍ଜିତ ଯାଚକ କାକୁ ଯୋଗେ ଦାତା
ଅରଜେ ଯେ ପାପମାନ,
ତାର ପ୍ରାୟଶ୍ଚିତ୍ତ ପାଇଁକି ନ ଅଣ୍ଟେ
ଶଳମ୍ଭରେ ଦେଲେ ଦାନ । ୮୪ ।
ଦାନ ଦେବା ଆଗୁ ଯାଚକ ହାତରେ
ଦାତା ଜଳ ଦଏ ଯାହା,
ଯାଚ୍ଞା ଭଙ୍ଗ-ହାସ- ଜନିତ ଯାଚକ
ମୂର୍ଚ୍ଛାର ଚିକିତ୍ସା ତାହା । ୮୫ ।
ତୃଣଭଳି ତୁଚ୍ଛ ଧନ ଦାନ ମିଛ
ପ୍ରାଣ ଦଅ ଅର୍ଥୀଜନେ ?
କହେ ଶ୍ଳେଷଛଳେ ଦେଇ କୁଶ, ଜଳ
ଦ୍ରବ୍ୟ ଦାନ ବଧି ଭଣେ । ୮୬ ।
ପଙ୍କ ସମ୍ପର୍କରୁ ପଣ୍ଡିତ ମତରେ
ପଦ୍ମ ନୁହେ ଲକ୍ଷ୍ମୀ ସଦ୍ମ,
ତାଙ୍କ ଯୋଗ୍ୟ ବାସ ଯାଚକ ଜନର
ସୁ ବିମଳ କରପଦ୍ମ । ୮୭ ।
ଯେତେ ଭାରବତ୍ତ ହୁଏ ଏ ଧରଣୀ
ସହଜେ ଅଦାତା ଭରେ,
ତେତେ ଭାରବତ୍ତ ନୁହଇ ଏ କ୍ଷିତି
ତରୁ ଗିରି ପାରାବାରେ । ୮୮ ।
ଜୀବନ୍ତେ କୃପଣ ତୃଷ୍ଣା ବଶେ ଧନ
ନ ଦେଇ ଯାଚକ ଜନେ,
(ମଲେ ଯେବେ ଦଏ ଏ କଥାକୁ ଯାର
ନ ଭଲେ ବଚନ ମନେ) । ୮୯ ।

Digitized by srujanika@gmail.com

ଜଗତେ ଯାବନ୍ତ ଦାତାଙ୍କୁ ନ ଗଣି
ମୋତେ ଯା ମାଗିଲେ ଦେବେ,
ଏ ବିପୁଳ ଯଶ ଲାଗି ସେମାନଙ୍କୁ
କି ଦେଇ ତୋଷିବି ଏବେ । ୯୦ ।
ମଲେ ଲୋକ ଏକା ପରଲୋକେ ଯାଏ
ସକଳ ସମ୍ପଦ ଥୋଇ,
ଅର୍ଥୀ ବନ୍ଧୁ ତାକୁ ଆନ ଲୋକେ ନିଏ
ଦୟା ପରବଶ ହୋଇ । ୯୧ ।
କୋଟିଗୁଣେ ବୃଦ୍ଧି ଜୀବିକା ଅର୍ଜିବା
ପାଇଁ ସିନା ଲୋକାନ୍ତରେ,
ଇହଲୋକେ ଦାନ- ପାତ୍ର ଅଧମର୍ଣ୍ଣ
ସାଧୁ ଲଭେ ଧର୍ମବଳେ । ୯୨ ।
କକ୍ଷ ଧରି ଏପରି ବିଚାରି
କହିଲେ ନୈଷଧସାଇଁ,
ଯାଚକ ଦୁର୍ଲଭ ହସ ହସ ମୁଖେ
ଦେବତାମାନଙ୍କୁ ଚାହିଁ । ୯୩ ।
କାର୍ଯ୍ୟ କାରଣର ଭେଦ ନାହିଁ, ଅନ୍ନେ
ଗଢ଼ା ନର ତନୁ ମାନ,
ଅମୃତେ ନିର୍ମିତ ତବ ରୂପପାନେ
ନେତ୍ର କରୁ ସୁଧାସ୍ନାନ । ୯୪ ।
କି ସ୍ଥିର ମୋ ତପ କେତେ ବା ତା' ଫଳ
ମୁହିଁ ଅତି ଅକିଞ୍ଚନ,
ପୂର୍ବପୁରୁଷଙ୍କ ତପଃଫଳେ ସିନା
ପାଇଲି ତବ ଦର୍ଶନ । ୯୫ ।
ସର୍ବାଂସହା ବ୍ରତ ଜନନୀ ସୁକୃତି
ଫଳ ଏ ମହୀ ମହିଳା,

Digitized by srujanika@gmail.com

ଦେଖୀ ଭଲ, ତବ   ପାଦ-ପଙ୍କଜରେ
        ଅଛ ତ ପୂଜା ପାଇଲ । ୯୬ ।
ଜୀବନୁ ଅଧିକ   କେଉଁ ଦ୍ରବ୍ୟେ ଇଚ୍ଛା
        ମାଗନ୍ତୁ ମୋତେ ଆପଣ,
ଏ ମାନବ ଚିତ୍ତ   ରଜୁ ତବ ପାଦେ
        କର ତାହା ବିତରଣ । ୯୭ ।
ଙ୍କୋ ତେଜ ନଳ   ପ୍ରକାଶ କରନ୍ତେ
        ଏପରି ବିନୟବାଣୀ,
କାର୍ଯ୍ୟସିଦ୍ଧି ଲାଗି   କୁଟିଳତା ଧରି
        କହିଲେ କୁଳଶପାଣି । ୯୮ ।
ଦମୟନ୍ତୀ ପାଣି-   ଗ୍ରହଣ ପାଇଁକି
        ଇଚ୍ଛା ଅମ୍ଭମାନଙ୍କର,
ନାଶ ସ୍ମର ଭୟ   କନ୍ଦର୍ପ ସୁନ୍ଦର !
        ଦୂତପଣ ଏଥୁଁ କର । ୯୯ ।
ଭୁବତଳେ ଆନ   ନୃପମାନେ କୂପ
        ତୁମ୍ଭେ ଏକା ସିନ୍ଧୁସର,
ଆକାଶେ ନାହାନ୍ତି   କେତେ କେତେ ଗ୍ରହ
        ରବି ସଙ୍ଗେ କଏ ସର ? । ୧୦୦ ।
ନିଖିଳ ଜଗତ   ଦେଖେ ଅମ୍ଭ ନେତ୍ର
        ଅଗାଧ ଗୁଣସାଗର,
ତୁମ୍ଭଙ୍କୁ ଏ ଗୂଢ଼   ରହସ୍ୟେ ନ ପେଷି
        ସନ୍ତୋଷ ନାହିଁ ଅମ୍ଭର । ୧୦୧ ।
ବିଶୁଦ୍ଧ ବଂଶଜ   ଦବ୍ୟ ଗୁଣବନ୍ତ
        କୋଦଣ୍ଡ ସଦୃଶ ଶଙ୍ଖ,
ସପକ୍ଷ ସରଳ   ନଳ ସାୟକକୁ
        ପେଷିବାକୁ ହେଲେ ବଙ୍କ । ୧୦୨ ।

Digitized by srujanika@gmail.com

କଥା ପ୍ରସଙ୍ଗରୁ ଅନୁମାନ କରି
ଇନ୍ଦ୍ରଙ୍କ କପଟ ଭାବ,
ତେଜି ସରଳତା କହିଲେ ଉତ୍ତର
ବହ୍ନିଲେ ମହାବାସବ । ୧୦୩ ।
ଆନ ଜନମରେ କରିଥିଲି ମୁହିଁ
କେଜାଣି କେତେ ଦୁଷ୍କୃତ
ଯା ଲାଗି ତୁମ୍ଭର ଅଲଂଘ୍ୟ ଆଦେଶ
ଲଂଘିବାକୁ ବଳେ ମତି । ୧୦୪ ।
କରିବାକୁ ପାଳି ନୁହେଁ "ମୁଁ" ମଜନ
ମନଜାଣି ଦେବରାଜ,
କହୁ ନ ଜାଣିବା ଠାରୁ ବଡ଼ ନୁହେଁ
ମନାକଲେ ଯେଉଁ ଲାଜ । ୧୦୫ ।
ମନ ଦରପଣେ ସକଳ ଜନର
ହୃଦ ପ୍ରତିବିମ୍ବ ଧରି,
ଏ ଭଳି ଆଦେଶ ଦେଉଅଛ ମୋତେ
କେଉଁ ସୁବିଚାର କରି । ୧୦୬ ।
ଦୂତ ହୋଇ ଯିବ ତା ପାଶେ, ଯାହାକୁ
ଯାଉଛି ବରିବା ପାଇଁ
ମୋତେ ପ୍ରତାରଣା କରିବାକୁ ଘୃଣା
ନୋହିଲା କି ସୁରସାଇଁ । ୧୦୭ ।
ଯାହା ବିରହରେ ମୁହୁର୍ମୁହୁ ଭଜେ
ଉନ୍ମାଦନା, ମୋହ, ଖେଦ,
କହ ତା' ଅଗରେ କପଟ ରହିବ
ନ କରି ରହସ୍ୟ ଭେଦ । ୧୦୮ ।
ଯାହା ରୂପ ଧ୍ୟାନେ ବଞ୍ଚିଛି ଜୀବନେ
ତା ଆଗେ ଭାବ ଗୋପନ,

Digitized by srujanika@gmail.com

କରିବ କପଟ ? ବିଷୟ ନିକଟେ
ଧାବନ୍ତି ଇନ୍ଦ୍ରିୟଗଣ । ୧୦୯ ।
ପ୍ରବେଶ ନ ମାରି ଅବରୋଧେ ତାର
ଦେଖା ମୁଁ ପାଇବି କାହିଁ,
ପ୍ରବେଶ ଜାଣିଲେ ବିଶ୍ୱାସ ଯିବ ନ
ମୋ ଚଣ୍ଡ ଚରିତ ବୁଝି ? । ୧୧୦ ।
ଦଧୀଚି ପ୍ରମୁଖ କରିଥିଲେ ଯେଉଁ
ପଣ, ପ୍ରାଣ ମାତ୍ର ଦେଇ
ପ୍ରାଣୁ ଶତ ଗୁଣ ପ୍ରେୟସୀରୁ ପଣ
କରିବି କି ତାହା ନେଇ । ୧୧୧ ।
ଦମୟନ୍ତୀ ଲାଗି ତୁମ୍ଭଙ୍କୁ ପ୍ରାର୍ଥନା
କରୁଛୁ ତ ସୁରସାଇଁ,
ଏଭଳି କାର୍ଯ୍ୟରେ ତୁମ୍ଭେମାନେ ଗୁରୁ
ପରକୁ ମାଗିବା ପାଇଁ । ୧୧୨ ।
ଦମୟନ୍ତୀ ଲାଗି ଆଗରୁ ପ୍ରାର୍ଥନା
କରିଛି ମୁଁ ନତ ନତ,
ଲଙ୍ଘିଲି ତା ଯେବେ (ତବ) ମୁହିଁ କାହିଁପାଇଁ
କରିବି ଲଜ୍ଜକୁ ଭୀତ । ୧୧୩ ।
ବରିବାକୁ ମୋତେ ଆଗୁଁ ଦମୟନ୍ତୀ
କରିଅଛି ଅଙ୍ଗୀକାର,
ମୋ ଆଗରେ ପୁଣି ତୁମ୍ଭଙ୍କୁ ବରିବ
ଲଜ୍ଜକ ନୋହିବ ତା'ର । ୧୧୪ ।
ମୋ ଦୋଷ ନ ଧରି ଖେଦ ପରିହରି
ପ୍ରସନ୍ନ ହୁଅ ହେ ଦେବ !
ମୋତେ ଦୂତରୂପେ ପେଶିଲେ, ପଞ୍ଚକୁ
ଉପହାସ ସାର ହେବ । ୧୧୫ ।

ସେ କାଳେ ମଘବା ନଳ ବଚନକୁ
ମନେ ମନେ ପରଶଂସି,
ଅନୁଗମାନଙ୍କ ମୁଖକୁ ଅନାଇ
କହିଲେ ଅଳପ ହସି । ୧୧୬ ।
ବୈଦର୍ଭୀରମଣ କ୍ଷଣେ ଛାଡଦେଇ
ଦେବ ବୋଲି କହ ଆହା,
ମନାକରୁଛ ଯା' ତୁମ୍ଭ ରସନାକୁ
ଲାଜ ନାହିଁ ନରନାହା ? । ୧୧୭ ।
କରେଖି ନୟନେ ନିତାନ୍ତ ଅସ୍ଥିର
ନଶ୍ୱର ସଂସାର ଗତି,
ଧର୍ମ ଯଶ ଫିଙ୍ଗି ଦେବାପାଇଁ ଧୀର
ବଳୁଛି କପଟ ମତି ? । ୧୧୮ ।
ମହୀ ଅବତଂସ ଏ ବଂଶେ କଏସେ
ଯାଚକକୁ ଦେଇନାହିଁ,
ଏ କୁଳେ କଳଙ୍କ ? ଚନ୍ଦ୍ର, ଏକା, ତାହା
ଭଲ ନୋହ ନରସାଇଁ । ୧୧୯ ।
ଅର୍ଥୀପ୍ରତି ଅପ- ଦୃଷ୍ଟି, ମୌନଭାବ
ଅପକୃଷ୍ଟି ଆଦ ଯାହା,
ଏ ସବୁ ତୁମ୍ଭର ଯଥାର୍ଥ କଳଙ୍କ
ଶଶାଙ୍କ ରଜନୀ ନାହା । ୧୨୦ ।
ପଢ଼ି ନାହିଁ, ଅବା ପଢ଼ି ପାସୋରିଲ
ବର୍ଣ୍ଣମାଳା ଶିକ୍ଷାବେଳେ,
ନ କର ଏକଥା, ତୁମ୍ଭ ଯାଚକର
ସଂଶୟ ଦୋଳାରେ ଖେଳେ । ୧୨୧ ।
ଅନଳ, ବୋଇଲେ ଘୁଞ୍ଚନାହିଁ ନଳ
ଶଶିକାନ୍ତ ଯଶ ପାଇ,

Digitized by srujanika@gmail.com

ଯାଚକ ଭ୍ରମର ଆଜି ଶରତକୁ
କଳପ ପାଦପ ପାଇଁ । ୧୨୨ ।
ସଙ୍ଗେ ସଙ୍ଗେ ତାହା ଲଭନ୍ତି ଅମରେ
ଯାହା ତାଙ୍କ ଅଭିଳାଷ,
ଆଜଠାରୁ ଜାଣ ତାକୁ ବଡ଼ପଣ
ଭୃଙ୍ଗଠାରେ କଲ୍ପ ବାସ । ୧୨୩ ।
ବୀରସେନ କୁଳ- ଦୀପ ଭଲ ନଳ
ଚନ୍ଦ୍ରବଂଶ ଅବତଂସ,
ଭ୍ରମର ଏ କାମ ଯୋଗ୍ୟନୁହେଁ ଯମ
ବୋଇଲେ ଦେଖି ବିମର୍ଷ । ୧୨୪ ।
ପୂରଇ ପ୍ରାର୍ଥନା ପାଷାଣ ଗୋହଣ,
ପଶୁ, କାମଧେନୁପାଶେ,
ପଶୁ ପାଷାଣରୁ ହୀନ ହେବାପାଇଁ
ଲୋଡ଼ ବନ୍ଧୁ ! କେଉଁଆଶେ ? । ୧୨୫ ।
ପ୍ରାଣ କ୍ଷଣେ ମଣି ବିଳମ୍ବ ନକର
ଯାଚତ ପଣ୍ଡିତଜନ,
ସୂତେ ମହାନିଦ୍ରା ପଲକ କପଟେ
ମୁଦ୍ରିତ ବେନି ନୟନ । ୧୨୬ ।
ଚଞ୍ଚୁପୁଟେ ମାଗେ ଚାତକ ସଲିଳ
ବିଳମ୍ବେ ବିକଳ ହୋଇ,
ଜଳ ଦେଇ ଘନ ଆବିଳ ଦିଶଇ
ପାପରୁ ମୁକତ ନୋହିବ । ୧୨୭ ।
ପାଶପାଣି, ପାଣି ଉଠାଇ କହିଲେ
କୀର୍ତ୍ତି ଭୃଙ୍ଗ ପ୍ରିୟ ଦାରା,
କମଳ ତରଳ ଦାନ ନୀର ଧର
ସିନା ତା ମୁକୁତାହାର ? । ୧୨୮ ।

ଅଭେଦ୍ୟ ଯାହାର ଚର୍ମ ବର୍ମ ବେଶ
ଅସ୍ଥି ଯାର ବଜ୍ରମୟ,
ସେ କର୍ଣ୍ଣ, ଦଧୀଚି ସ୍ଥାୟୀ ହେଲେନାହିଁ
ଧର୍ମେରଖ ଧୀର ଲୟ । ୧୨୯ ।
ସତ୍ୟପାଶେ ବଦ୍ଧ ବଳବତ୍ୟ ବେଶ
ହେଲେନାହିଁ ବଚଳିତ,
ଭୂମଣ୍ଡଳ ବଞ୍ଚ ଜନପକ୍ଷେ ସତ୍ୟ
ଲଙ୍ଘିବାର ଅନୁଚିତ । ୧୩୦ ।
ସୁଧାଂଶୁ ଧବଳା ଅତ ପ୍ରିୟତମା
ପଟେ ପଟେ ଯେ ହୁ ଚଲେ,
ଭଙ୍ଗୁର କୁରଙ୍ଗ- ତୃଣା ସଙ୍ଗ ଲାଗି
ସେ କୀର୍ତ୍ତି କ କଏ ଦଲେ ? । ୧୩୧ ।
ବରଲାଗି ଲୋକେ ଯାହାଙ୍କୁ ଭଜନ୍ତ
ଅମ୍ଭେମାନେ ସେହି ସୁର,
ଆମ୍ଭ ଅଭିଳାଷ ପୂରାଇ ପୂରାଅ
ଯାଚଣ ଦଣହଣ ଶୂର ! । ୧୩୨ ।
ଯାଚକ ବହ୍ନିନେ ଦାନ ବଜନତ
କୀର୍ତ୍ତିବନା କଳ୍ପତରୁ,
ଖେଦବହୁ ମନେ କେବଳ ସୁମନେ
ଗଗନ ଧବଳ କରୁ । ୧୩୩ ।
ଭରତ, ଅର୍ଜ୍ଜୁନ ବୈନ୍ୟ ଭୂମନାମ
ପ୍ରବାସୀ ପକ୍ଷରେ ହିତ;
ନଜଯାଚା ନଳ ବଫଳ ନ ମଣ
ମଙ୍ଗଳରେ ରଖ,ଚତ୍ତ । ୧୩୪ ।
ସୁର ସମାଜର ଆହ୍ଲାଦଦାୟିନୀ
ଧର୍ମ ଅର୍ଥ ପ୍ରସବନୀ,

Digitized by srujanika@gmail.com

ତୁମ୍ଭ ପ୍ରତିଶ୍ରୁତ ଶ୍ରୁତ ପର ହେଉ
ସତ୍ୟ ସୁଧା ନିଃସ୍ୟନ୍ଦନୀ ।
ପୁଣି ତୁମ୍ଭ କୀର୍ତ୍ତି ଶୁକ୍ଳମା ବିସ୍ତାରି
ନିଜଗତ ପୂତ କରୁ,
କୃଷ୍ଣ, ପୀତ, ରକ୍ତ ହରିତ ଦ୍ରବ୍ୟକୁ
କରୁ ଏକବର୍ଣ୍ଣ ପରି । ୧୩୫ ।
ପିତାପରି ସୁତ ହୁଏ ରୂପବନ୍ତ
ସହସ୍ର ଚରଣ ହରି,
ଛାୟାଠାରୁ ଜାତ ସେ ରବିର ସୁତ
ଖଞ୍ଜ ହେଲା କେଉଁ ପରି ?
ତୁମ୍ଭ ତେଜ ଲଙ୍ଘି ନ ପାରନ୍ତେ ରବି
ତୁମ୍ଭସଙ୍ଗେ ମାତ୍ର ବାଦେ,
ତେଣୁ ଏ ଜଗତେ ବିବୁଧଙ୍କ ମତ
ଝଞ୍ଜ ସେ ସହସ୍ରପାଦେ । ୧୩୬ ।
ଦେବ ସମାଜର ଏହି ସ୍ତୁତି ଗିର
ଶୁଣି ନର ଲୋକପାଳ,
ଭୈମୀ କାମୀ ଥାଇ ଦୂତ ହେବାପାଇଁ
କରିବାରୁ ଅଙ୍ଗୀକାର ।
ଆନନ୍ଦ ଗଦ୍‌ଗଦ ବଚନେ ବୋଇଲେ
ତାହାକୁ ତ୍ରିଦଶପତି,
"ଅନ୍ତର୍ଦ୍ଧାନ ଶକ୍ତି ଲଭ ମହୀପତି
ଯହିଁ ଚଳିବଁ ତୁମ୍ଭ ମତି" । ୧୩୭ ।
କବିରାଜ ରାଜ ମୁକୁଟ ଭୂଷଣ
ଶ୍ରୀହୀର ଯାହାର ପିତା,
ବିଜୟ ପ୍ରଶସ୍ତି ଯାହାର ରଚନା
ମାମଲ୍ଲ ଦେବୀ ଯା ମାତା ।

Digitized by srujanika@gmail.com

ରଚିଲେ ଶ୍ରୀହର୍ଷ ଜିତେନ୍ଦ୍ରିୟ ବର
କବିକୁଳ ଚୂଡ଼ାମଣି,
ନଳ ଚରିତର ଏ ପଞ୍ଚମ ଛାନ୍ଦ
ଅମିୟ ପିୟୂଷ ଖଣି । ୧୮ ।

Digitized by srujanika@gmail.com

ଷଷ୍ଠ ସର୍ଗ

ନିଷଧ ନୃପତି ପରନ୍ତପ ନଳ
ଇନ୍ଦ୍ରଦୂତ ପଣେ ରସି,
କୁଣ୍ଡିନନଗରୀ ମୁଖେ ଯାତ୍ରାକଲେ
ଦ୍ରୁତଗତି ରଥେ ବସି । ୧ ।
ଭୈମୀ ବିଯୋଗକୁ ନ ଗଣିଲେ ନଳ
ଦୂତଧର୍ମ ଅନୁସରି,
ଦୁର୍ବାର ବାଡ଼ବେ ନ ଡରି ଅଗସ୍ତି
ସିନ୍ଧୁପାନ କଲାଭଳି । ୨ ।
ନଳ ପ୍ରଣାଳୀରୁ ଅମ୍ଭୋରୁହାକ୍ଷୀର
ସମ୍ବାଦ-ପୀୟୂଷ ପାନ,
ଇଚ୍ଛି ଅପଲକ ନୟନେ ଅମରେ
ମଣ୍ଡିଲେ ଅବା ସେ ସ୍ଥାନ । ୩ ।
ମନୋରଥ ସିଦ୍ଧି ଲଭିଲା ପରାଏ
ଦ୍ରୁତଗତି ନଳ ରଥ,
ଳପଠ ମହାଦ୍ର ଳପଠ କୁଣ୍ଡିନ-
ପୁରେ ହେଲା ଉପଗତ । ୪ ।

Digitized by srujanika@gmail.com

ଭୈମୀ ପାଦପାତେ କୃତାର୍ଥ ପଦଙ୍କୁ
ଯେ ପୁରେ ସଂଭ୍ରମେ ଗୃହ୍ଣି,
ଦେବତାଙ୍କ ପେନ ନିଗଣେ ନିଃଶ୍ୱାସ
ତେଜିଲେ ନିଷଧସାଇଁ । ୫ ।
ଆନନ୍ଦାଶ୍ରୁ-ସ୍ୱେଦ ଜଡ଼ତ୍ୱ, ରୋମାଞ୍ଚ
ବାମନେତ୍ର ଧରି ସଙ୍ଗେ,
ବାମେତର ନେତ୍ର ସ୍ଫୁରଣ-ବେପଥୁ
ବହୁ ଅପଣାର ଅଙ୍ଗେ ।
ସେକାଳେ ଏଭଳି ସହଜ ସୁନ୍ଦର
ସାତ୍ତ୍ୱିକ ବିକାର ଘେନି,
ସେ ପୁରକୁ ନୃପ ଭୋଗ ନ କଲେ କି
ନଳଙ୍କ ନୟନ ବେନି ? । ୬ ।
ସାରଥି-ସନାଥ (୧) ରଥୁଁ, ଅବତରି
ଯେ ପୁରେ ପଶିଲେ ରାୟେ,
ତପନ କରଣ ଚନ୍ଦ୍ରମଣ୍ଡଳକୁ
ପ୍ରଦୋଷେ ମଣ୍ଡିଲା ପ୍ରାୟେ । ୭ ।
ଲଭନ୍ତ ସେ ପୁରେ ଅଦୃଶ୍ୟ ହୋଇଲା
ସୁନ୍ଦର ନଳ ମୂରତି,
ସର୍ବେ ଦର୍ଶନୀୟ ଯେଣୁ ତାଙ୍କ ରୂପ
ଏ ପୁଣି ଲଭନ୍ତ ଅତି । ୮ ।
ଗୁଣବନ୍ତ ଜନେ ସୁନ୍ଦର ସଜଧେ
ଲସ୍ପୃ କଳପବଲ୍ଲୀ,
ପୁର ଦେଖି ଦେଖି ରାଜଭବନକୁ
ନଳନେତ୍ର ଗଲା ଚଳି । ୯ ।

(୧) ସାରଥୀ ସହିତ ।

Digitized by srujanika@gmail.com

ଦମ୍ଭେ ଅବହେଳା କଲେ, ହେଲେ ନଳ
ସର୍ବେ ପ୍ରହସ୍ତିଗଣେ,
ପ୍ରଚ୍ଛନ୍ନ ଭାବରେ ଭୁଲିଥିବା ଯୋଗୁଁ
ଲଜ୍ଜକଲେ ମନେ ମନେ,
ତୋଷ ଲଭିଲେହେଁ ଦମୟନ୍ତୀଙ୍କର
ଦରଶନ ଆଶା କରି,
ପରକ୍ଷଣେ ଆସି ଦୁଃଖ, ହେଲା ମନେ
ନିଜ ଦୂତପଣ ସ୍ମରି । ୧୦ ।
ଦେବକାର୍ଯ୍ୟେ ରତ ନଳଙ୍କୁ ସେ ପୁରେ
ନ ଦେଖିଲେ ରକ୍ଷୀଗଣ,
ଏଣୁ ତେଜ ନଳ ଭୈମୀ ଦେଖାଲାଗି
ପଶିଲେ ରାଜଭବନ । ୧୧ ।
"କିଏ" ବୋଲି ଆନେ ନିଷେଧନ୍ତେ ଜନେ
ରାଜ ସିଂହଦ୍ୱାର ବଳୀ,
ଯାଇଥିଲେ ହେଲେ ଶ୍ରୀବାରଙ୍ଗି କ୍ଷଣେ
ରହିଲେ ବସ୍ମିତ ଭଳି । ୧୨ ।
ମୂଦ ନେଇ ନଳ, କେଉଁ ଛଇଳାର
ଅବସନ ଉତ୍ସ ରହି,
ଭୁଲିଥିବା ଅନ ବାଲା ଅଙ୍ଗ ରଙ୍ଗ
ଲଭି ଚମକଲେ କାହିଁ । ୧୩ ।
ପଦେ ପଦେ ନଳ ନିରେଖିଲେ ଯାହା
ଦମୟନ୍ତୀ ରୂପଗ୍ରସ୍ତା,
ଜନ୍ମାନ୍ତର ସ୍ମୃତି ଚେହ ଅନୁଭୂତ
କିବା ସେ ଶାମ୍ଭବୀ ମାୟା । ୧୪ ।
ଭ୍ରାନ୍ତିବଶେ ନଳ ଶଚ୍ଛ ଦମୟନ୍ତୀ
ମୂର୍ତ୍ତି ଦେଖିବାକୁ ପାଇ,

Digitized by srujanika@gmail.com

ଅପସର୍ଗ ସମ ଆନ ରମଣୀରେ
ଶୃଙ୍ଗାରେ ରସିଲେ ନାହିଁ ।
ରୂପେ ଦେବକନ୍ୟା ସହ ଦମୟନ୍ତୀ
ସଙ୍ଗୀମାନଙ୍କୁ ଚାହିଁ,
ଭୈମୀ ଭ୍ରମ ପ୍ରଭା- ବନ୍ତ ନଳଙ୍କର
ଭୈମୀ ଭ୍ରମ ହେଲନାହିଁ । ୧୫ ।
ଦମୟନ୍ତୀ ଲଭେ ନାଗଣ ହୃଦୟେ
ପୀଡ଼ାଦେବାରୁ ମଦନ,
ଭ୍ରମ ଭୀମଜାକୁ ଦେଖି ଭ୍ରାନ୍ତ ନାଶେ
ନ ଦେଖି ନଳ କ୍ଷଣନ୍ତୁ । ୧୬ ।
ଭ୍ରମେ ସ୍ପର୍ଶି କେବେ ପ୍ରିୟାକୁ ଦର୍ଶନ-
ସନ୍ଦେଶ ଅନୁସ୍ମରଣୀ,
ଭୂତ ଭୟେ ଭୀରୁ ବାମାଙ୍କ ଚକ୍ରାରେ
ଚେତନା ଲଭିଲେ ପୁଣି । ୧୭ ।
କାହିଁ ବା ମଣ୍ଟରେ ଅପହୃତ ବାସ
ଅବଳା କୁଚଯୁଗଳ,
ଚାହିଁ ଲଜ ପାଇ ବଙ୍କୁଚିତ ମୁଖ
ଫେରାଇ ଆଣିଲେ ନଳ । ୧୮ ।
ବାଳାବଳୀ ଗୁଣା- ବଳୀରେ ବନ୍ଧିତ
ବାଗୁରା ଶୃଙ୍ଗାରେ ପାତ,
ନଳନେତ୍ର କୃଷ୍ଣ- ସାରଯୁଗେ ବାନ୍ଧ
ନ ପାରିଲା ରତିନାଥ । ୧୯ ।
କବରୀ ବନ୍ଧନେ ବାହୁମୂଳ ଚାହିଁ
ବିଲେପନେ ବକ୍ଷସ୍ଥଳ,
ବସନ ଖସାନ୍ତେ ନାଭିଗର୍ଭ ଦର୍ଶୁଁ
ନୟନ ମୁଦିଲେ ନଳ । ୨୦ ।

Digitized by srujanika@gmail.com

ନେତ୍ର ମୁଦ୍ର ନଳ ଅବଳା ଯୁଗଳ
ପଥେ ମୁଖାମୁଖି ହୋଇ,
ଯୀଡ଼ ନ ପାରିଲେ ଗାଢ଼େ ନୃପଙ୍କୁ
ଉଚ୍ଛଳୁଛି ବାଧାପାଇ ।
ଅପସରି ନଳ ନିଜକୁ ନିନ୍ଦିଲେ
ପାତକ ଦୂଷିତ ଭଳି,
ନୃପ ଅଙ୍ଗ ସଙ୍ଗେ ବେଣ୍ଟବାଳା ଅଙ୍ଗେ
ପୁଲକ ପ୍ରତ୍ୟକ୍ଷ କରି । ୨୧ ।
ନେତ୍ର ନିମୀଳନେ ତଥା ବିଲୋକନେ
ବିରକ୍ତ ନିଷଧପତି,
କଟାକ୍ଷେ ଅନାଇ ଅନୁରାଗୀ ପରି
ହୋଇଲେ ଲଜ୍ଜିତ ଅତି ।
ଆପେ ଆପେ ନଳ ଲଜ୍ଜିତ ହୋଇଲେ
ଆପଣା ଅକାର୍ଯ୍ୟ କଳି,
ପର ଲାଜଠାରୁ ସାଧୁ ସୁଜନଙ୍କ
ନିଜ ଲାଜେ ପଡ଼େ ବଳି । ୨୨ ।
ନୃପ କଟାକ୍ଷରେ ପୁରନ୍ଧ୍ରୀ ପୁଲକ
ବାଞ୍ଛିବଶେ ଫୁଲିଲେ,
ବିଦ୍ଧ ନଳ ଧୈର୍ଯ୍ୟ ପୂଜାରେ, ବିଫଳ
ନ କଲା ତା ରତିବର । ୨୩ ।
ବଧୂ ଅଙ୍ଗ ସଙ୍ଗ ଏଡ଼ାଇବା ଲାଗି
ଛାଡି ଏକପଦୀ ବାଟ,
ଚତୁଷ୍ପଥେ ଯାଇ ଆଭରଣ ପରି
ବିଳସିଲେ ନରନାଥ । ୨୪ ।
ବିଲେପନେ ବାମା- କୁଚେ ନଖକ୍ଷତ
ଅର୍ଦ୍ଧେନ୍ଦୁ ଉପମା ଧରି,

Digitized by srujanika@gmail.com

ବିଯୋଗୀ ନଳଙ୍କ   ନେତ୍ର ଫେରିଇଲା
ଅଚିରେ ଗଳଥା ମାରି । ୨୫ ।
ନଳ ନେତ୍ରପଦ୍ମ   ମଞ୍ଜୁଳ କୃଶାଙ୍ଗୀ
ବଦନ ଚନ୍ଦ୍ରମା ଗ୍ରହି,
ସେ' ଚନ୍ଦ୍ର, ଏ' ପଦ୍ମ   ବୋଲି ନିମୀଳନ
ଛଳେ ନ ଦେଲାକ କହି । ୨୬ ।
ନେତ୍ରମୁଦ ନଳ   ଚତୁଷ୍ପଥେ ଥାଇ
ଗୃହଅଡ଼ୁ ଆଲିଙ୍ଗିତ,
ନୋହି ରହିଗଲେ   ଅଙ୍ଗ ସଙ୍ଗ ଭୟେ
ଅଙ୍ଗନା ଦେବାରୁ ପଥ । ୨୭ ।
କେଉଁ ବାମା ଅଙ୍ଗୁ   ଖସନ୍ତେ ବସନ·
ନଳଭୂଷା ଘ୍ରାଣ ଲଗି,
ଅବସନ ଜଙ୍ଘ   ଦେଖି ନରବର
ହୋଇଲେ ଅନ୍ତ୍ରାୟ ଭାଗୀ । ୨୮ ।
ପଥେ କେଉଁ ବାଳା   କନ୍ଦୁକେ ବାଧିଲା
ଚିହ୍ନିଲା କେ' ନଖକ୍ଷତ,
କାହା ଅଙ୍ଗସଗେ   ସଂଭୁକ୍ତ କଳପ
ଭଳି ହେଲେ ନରପତି । ୨୯ ।
ଦେଖି କେଉଁ ବାଳା   ନଳ ପ୍ରତିବିମ୍ବ
ଅପଣା ମୁକୁତାମାନେ,
ମଣିଲା ନ ଦେଖି,   ହୃଦୟେ ପଶିଲେ
ପରି ମନେ ମନେ ଭଲେ । ୩୦ ।
ଲୁବ୍ଧା ନଳେ ହେଲ   ଅବଳାମାନଙ୍କୁ
ଆଲିଙ୍ଗିଲା ରତିପତି,
ରତିପରି ଯେଣୁ   ଥିଲେ ସେ ସୁନ୍ଦରୀ
ମନେ କରି ତାଙ୍କୁ ରତି । ୩୧ ।

Digitized by srujanika@gmail.com

ସ୍ୱପ୍ନା ନଳେ ଯହିଁ   କାମେ ଭୋଳଥାଇ
ପାଶୋରିଲେ ରୂଢ଼ ଭୟ,
ମନମଥ ଆଜ୍ଞା   ମାନି ପ୍ରାଣ କ୍ଷଣ
ମଣି, ଖୋଜୁ ବାମାଚୟ । ୩୨ ।
ସ୍ୱପ୍ନେ ଯହିଁ ଜାତ   କମ୍ପ ଦ୍ୱିଗୁଣିତ
ହୋଇ ଅଙ୍ଗ ସଙ୍ଗ ଜନେ,
ଦ୍ରୁତ ଗତି ନଳ   ପଦ ଶବ୍ଦଭୟେ
ବଢ଼ିଗଲା ବହୁଗୁଣେ । ୩୩ ।
ସ୍ୱପ୍ନସୁଖ ଲଭି   ପୁଲକିଲା ଅଙ୍ଗ
ପ୍ରତିବନ୍ଧ ଚମ୍ପି ହୃଷ୍ଟ,
ଅଚେତନ ଲୋମ   ଶିହରି ଉଠିଲା
କାମର ଅଦ୍ଭୁତ ସୃଷ୍ଟି । ୩୪ ।
ଅଙ୍ଗ ସଙ୍ଗ ଯହିଁ   ଲଭିଥିଲା ଆଗେ
ସେ ସ୍ଥାନକୁ ଫେରି ଯାଇ,
ଧରଣୀ ଧୂଳିରେ   ନଳ ପାଦଚିହ୍ନ
ଲେଖି କେ' ବୋଲିଲା "ହାୟ" । ୩୫ ।
ଭଇମୀ ବିରହେ   ରାଜ ଅବରୋଧେ
ବୁଲି ବୁଲି ହୋଇ ଥକା,
ଲୋଡ଼ିଲେ ବିଶ୍ରାମ   ସୁଖ ଆଶେ ନଳ
ଉଚ୍ଚସୌଧ ଉପତ୍ୟକା । ୩୬ ।
ଚିତ୍ତ ବିନୋଦନ   କରିବାକୁ ନଳ
ଦମୟନ୍ତୀ ଚିତ୍ର ଲେଖି,
ଦେଖି ନିଜ ହାର   ଚମକି ଉଠିଲେ
ଅବରୋଧ ବିଧି ଦେଖି । ୩୭ ।
ବନମାଳୀ କପଟେ   ବେଶଧରି ଆସେ
ଯଜବନ ଦ୍ୱାରପାଳ,

Digitized by srujanika@gmail.com

ଯବେ ସେ ଉଦରେ ନୀବାରୁ ଥିଲା କ
କୁମାରୀ ସୁଲଭ ହେଲେ । ୭୮ ।
କର୍ପୂର ଧୂଳିରେ ଖେଳନ୍ତି ବାଳକେ
ଯେଉଁ ଅବରୋଧେ ଥାଇ,
ସେ ପୁରେ ନାରୀଙ୍କୁ ଚମକାଇ ଦେଲା
ଚକ୍ରବର୍ତ୍ତୀ ପାଦ ଘାଇ । ୭୯ ।
ପରସ୍ପର ଶୋଭା ନିରୀକ୍ଷଣେ ଲୋଭ
ହେନ ମୃଗ ନୟନୀଙ୍କର,
ଦୃଷ୍ଟିପଥ ରୋଧି ବପୁରୁ ଆଣିଲେ
ଅନ୍ତରାଳେ ଚଳ ନଳ । ୮୦ ।
ନଳ ଅଳଙ୍କାରେ ନିଜ ପ୍ରତିବିମ୍ବ
ଦେଖି ପୁର ନାରୀମାନେ,
ନ ଦେଖି ସେ ଭୂଷା ଛାୟା ମଧ୍ୟ ତାର
ରହୁଁ ଥିଲେ ସାବଧାନେ । ୮୧ ।
କାହା ଦେହେ ରାଜ ଫେରଇ କନ୍ଦୁକ
ଅଙ୍ଗରାଗେ ରଞ୍ଜି ହୋଇ,
ବୋଲି ସୁନ୍ଦରୀଏ ଚମକ ଉଠିଲେ
କନ୍ଦୁକ କ୍ରୀଡ଼ାରେ କାହ୍ନି । ୮୨ ।
ସ୍ୱାମୀଭିନ୍ନ ଆନ ପୁରୁଷ ଦର୍ଶନ
ନ କରିବେ କେ, ପଣ,
ନଳ ପ୍ରତିବିମ୍ବ ଭୂଷେ ଦେଖି ସତୀ
ନେତ୍ରକୁ ମଣିଲେ ଧନ୍ୟ । ୮୩ ।
ନଳ ଛାଇ ରୁହିଁ ଝଲିଲେ ଭାମିନୀ
ଅମ୍ବୁ ପର ଏକ୍ଷ ଧରା,
ହର ନେତ୍ରାନଳେ ଦଗ୍ଧ ମଦନରୁ
ପତି ଲକ୍ଷ୍ୟ ଧରେ ପରା । ୮୪ ।

Digitized by srujanika@gmail.com

ଭଙ୍ଗା କନକରୁ ଅଧିକ ସୁନ୍ଦର
ରୂପ ନ ଦେଖି ତାଙ୍କର,
ଛାୟା ମାତ୍ର ଦେଖି ଅବଳା ନିକର
ମନେକଲେ ତାଙ୍କୁ ସ୍ମର ! ୪୫ ।
ଅଦୃଶ୍ୟ ସେ ନଳ ମନ୍ତ୍ରି ମେଦ୍ଧମାରେ
ବହୁ ପ୍ରତିମୂର୍ତ୍ତି ଧରି,
ବିଯୋଗୀ ହେଲେହେଁ ସ୍ମୃତି (୧) ପୁରେ ପଶି
ବିରାଜିଲେ ଯୋଗୀ ପରି । ୪୬ ।
ପୁରୁଷ ବଚନ ଶୁଣିଲ, ଛୁଇଁଲ
ଅଙ୍ଗ, ନିରେଖିଲ ତାଇ,
ସେ ପୁରେ ଅବଳା ମନ୍ଦିଲେ ଏ ବାଣୀ
ଶୁଣିଲେ ନିଷଧସାଇଁ । ୪୭ ।
ମାତାଙ୍କୁ ପ୍ରଣମି ଫେରୁଥିଲେ ଭୈମୀ
ପଥେ ଦେଖି ତାଙ୍କ ରୂପ,
ପୂର୍ବପର ତାଙ୍କୁ ଭୈମୀ ଭ୍ରାନ୍ତ ବୋଲି
ମନେ ବିଚାରିଲେ ଭୂପ ।
ଥିଲେହେଁ ଆଗରେ ଦେବତାଙ୍କ ବରେ
ଅଦୃଶ୍ୟ ନଳ ମୂରତି,
ମୁକୁଳା ନୟନେ ଦେଖି ନ ପାରିଲେ
ନତଗାତ୍ରୀ ଦମୟନ୍ତୀ । ୪୮ ।
ପ୍ରସନ୍ନେ ଜନନୀ ଦେଇଥିଲେ ଯେଉଁ
ସୁରଭି କୁସୁମମାଳା,
ଭ୍ରମେ ନଳ ରୂପ ନିରେଖି, ଫିଙ୍ଗିଲ
ତାଙ୍କ ଲକ୍ଷେ ତାହା ବାଳା ।

(୧) ନଗର ପକ୍ଷେ ଶରୀର

ଦମୟନ୍ତୀ ଦତ୍ତ ସେ କୁସୁମ ମାଳା
ପଡ଼ିଲା ନଳଙ୍କ କଣ୍ଠେ,
ଭୁଲି ଭୁଲି ନୃପ ସେ କାଳେ ସେଠାରେ
ଥିଲେ ଯେଣୁ ଉପକଣ୍ଠେ । ୪୯ ।
କଳପନା ଦୃଷ୍ଟ- ଜନ ପ୍ରସାଦ ସେ
ମାଳକୁ ଗଳାରେ ଧରି,
ସ୍ୱପ୍ନ ଆବେଶେ ରହିଗଲେ ନୃପ
ଚିତ୍ତ ବନ୍ଧିତ ଭଳି ।
ନଳକଣ୍ଠ ଛୁଇଁ ଅଦୃଶ୍ୟ ହେବାରୁ
ସେ ମାଳା ଦେବତା ବରେ,
ନ ବୁଝି ରହସ୍ୟ ବୁଡ଼ିଗଲେ ଭୈମୀ
ବସ୍ମୟ ସାଗର ଜଳେ । ୫୦ ।
ପାଶେ ପାଶେ ଥାଇ ବଧୂବର ମାନସେ
ବହୁଦୂରେ ଥିଲାପରି,
ପରସ୍ପର ଅଙ୍ଗ ଆଲିଙ୍ଗି ମଣନ୍ତି
ସତକୁ ଅଳୀକ ଭଳି । ୫୧ ।
ଅଦର୍ଶନେ ଅଙ୍ଗ- ସଙ୍ଗକୁ ମଣନ୍ତି
ଭ୍ରାନ୍ତ ବୋଲି ଦମୟନ୍ତୀ,
ଦେଖି ଶ୍ରୀମଜାକୁ ଧରି ନ ପାରନ୍ତି
ସ୍ୱପ୍ନ ଲବ୍ଧ ନରପତି । ୫୨ ।
ସତ ବୋଲି ହର୍ଷେ ମାତି ସୁଖ ସ୍ପର୍ଶେ
ନବୀନ୍ତ ମିଛ ମଣି;
ସତେ ପୁଣି ଅଙ୍ଗ ମିଳାଇ ଏକାନ୍ତେ
ମୋହେ ନ ପାରନ୍ତି ଜାଣି । ୫୩ ।
ପରସ୍ପର ଶୋଭ ନିରୀକ୍ଷଣେ ଲୋଭ
ନଳ ଦମୟନ୍ତୀ ବେନି,

Digitized by srujanika@gmail.com

ବେନ ରସୁଁ ମନ ରୁଳି ନ ପାରନ୍ତ
ଅଳୀକ ବାସନା ସେନ । ୫୪ ।
ଦୁହିଁଙ୍କ ହୃଦୟେ ବରଦ୍ଧ ଅନଳ
ସ୍ବର୍ଣ୍ଣରସ ସେକ ଫଳେ,
ସ୍ନେହ ଦାନେ ଦୀପ- ଶିଖାପରି କ୍ଷଣେ
ମଣ୍ଡଳ ଦ୍ବିଗୁଣେ ଜଳେ । ୫୫ ।
କେବେ ଜ୍ଞାନ, କେବେ ମୋହକୁ ଆଦରି
ଦମୟନ୍ତୀ ଗଲେ ଘରେ,
ଭ୍ରମେ ଦମୟନ୍ତୀ ରୂପ ଦେଖି ଦେଖି
ଭ୍ରମିଲେ ନୃପ ସେ ପୁରେ । ୫୬ ।
ପାଦଗତ ନୃପ ରାଜ ଅବରୋଧେ
ସଞ୍ଚରି ବହୁ ଅୟାସେ,
ପ୍ରବେଶିଲେ ଶେଷେ ଦମୟନ୍ତୀଙ୍କର
ଅଭ୍ରଂକଷ ସୌଧବାସେ । ୫୭ ।
ସଉଧ ପ୍ରାଙ୍ଗଣେ ମଣି ବେଦିକାରେ
ଦମୟନ୍ତୀ ସଖୀ ସଙ୍ଗ,
ନରେଖି ନୃପତି ମନେକଲେ ତାକୁ
ସ୍ବର ଅବରୋଧ ଅବା । ୫୮ ।
ପ୍ରଶଂସିଲେ ନଳ ଗାଉଥିଲ ଗୀତ
ଭେଙ୍ଗି ବାଳା କଳସ୍ବରେ,
ପିକ-ବେଣୁ-ବୀଣା- ସ୍ବନ ଜିଣି, କଣ୍ଠ
ତିନ ରେଖା ଅଙ୍କେ ଧରେ । ୫୯ ।
ଦେଖି ନଳ ଏହ୍ବ ଦୁଃଖ ତେଜ ସହ୍ଜ
ଧଇଲା ସାନ୍ତ୍ବନା ବାଣୀ,
ପଶୁରନ୍ତେ ଶାସ୍ତ୍ର ବଞ୍ଚରନ୍ତି ନୃପ
ପାରିଲେ କ ମୋତେ ଜାଣି । ୬୦ ।

Digitized by srujanika@gmail.com

ନିରେଖିଲେ ନଳ କେଉଁ ସଖୀଚୟ
ସାଜ ଦମୟନ୍ତୀ ସାଜେ,
ନଳରୂପୀ ସଖୀ ଗଳେ ବରମାଳା
ଲମ୍ବାଇ କୁଣ୍ଡଳ ଲଜେ । ୬୧ ।
ନିଜ ମୁଖଚନ୍ଦ୍ର ପ୍ରତିବିମ୍ବ ଗ୍ରହି
ଚନ୍ଦ୍ରମୁଖୀ ସଖୀ ମୁଖେ,
କେଉଁ ଶୁଦ୍ଧମୂର୍ତ୍ତି ଇନ୍ଦୁନିଭ ଅଭ୍ର-
ତିଳକ ରଚନ୍ତି ସୁଖେ । ୬୨ ।
ନଖ ଲେଖଣୀରେ ଅନଙ୍ଗ ପତ୍ରିକା
ଲେଖିଥିଲେ ଦମୟନ୍ତୀ,
କାଞ୍ଚନ କେତକୀ ଦଳକୁଇଁ ଲେଖା
ଦଣ୍ଡୁଥିଲା କଳା ଅତି । ୬୩ ।
ଚଢ଼ୁଥିଲା, ଲିପି- କୁଶଳା ସଜନୀ
ନେବେ ହାର କଣ୍ଠୋପଳ,
ଭରଚନ୍ତେ ହାର ରାଜନନ୍ଦନୀର
କେବଳ ନୀଳ କମଳ । ୬୪ ।
ବାଉଥିଲେ ବୀଣା ଗନ୍ଧର୍ବ ସୁନ୍ଦରୀ
ଆସି ଦମୟନ୍ତୀ ପାଶେ,
ଭୈମୀ କଣ୍ଠସ୍ୱର ମାଧୁରୀକୁ ବୀଣା
ଯନ୍ତ୍ର ନିଯୋଜିବା ଆଶେ । ୬୫ ।
କେଉଁ ସଜନୀର କୁଚେ ନକ୍ଷତ୍ର
ଦେଖି କେ' କହନ୍ତି ଛଳ,
ହରଭୟେ ମାର ଲୁଚି ପୟୋଧରେ
କରଇ କି ନାବକେଳି ? । ୬୬ ।
ସ୍ମର ଶରହୋଇ କୁସୁମ ସିନାକୁ
ସଖୀ ହୃଦ ଦେଉ ପୋଡ଼,

Digitized by srujanika@gmail.com

ବୋଲ, ଯେଉଁ ବାଳା ମାଳ ଗୁନ୍ଥି ବସି
ଛୁଞ୍ଚିମୁନେ ତାକୁ ଫୋଡ଼ । ୬୭ ।
ଲୋଡ଼ୁ ପ୍ରତିଶୋଧ ଭୟେ ଦମୟନ୍ତୀ
ନିଷେଧି ସଖୀଙ୍କୁ ଭଣେ,
ଛାଡ଼ି ଦୁଃସାହସ ନ ଦିଅ କାମକୁ
ସାୟକ ସଜାଇ ଗୁଣେ । ୬୮ ।
ସଖି କୁଚେ ଲମ୍ବ ମକରିକା ଛଟ
ବୋଲେ କେଉଁ କୃଶୋଦରୀ,
ତୋର ମୁକ୍ତାହାର ସୁର ସରିତର
ବାହନ ଏହୁ ମକରୀ । ୬୯ ।
ପୁଣି ସେ ବୋଇଲା ତୋ ହୃଦ ନିବାସୀ
କାମକେତୁର (୧) ଏ ନାରୀ,
ସିନ୍ଧୁ ଗାଢ଼ ହୋଇ କୁଚକୁମ୍ଭେ ରସି
ତା (୨) ଯଶ ଅଛି ବିସ୍ତାରି । ୭୦ ।
ଭିଷନ୍ତେ ସଜନୀ ଅକ୍ଷ କ୍ରୀଡ଼ାକାଳେ
ଚଳନ୍ତା ଶାରିକୁ ମାରି,
ତୁମେ ରତି ଶାରୀ କରୁଣ କ୍ରନ୍ଦନ
କୁତୁକେ ହସିଲେ ନଳ । ୭୧ ।
ସୁନା-ହଂସ-ପାନ- ବଟା ଦେଖି ନଳ
ବର୍ଣ୍ଣିଲେ ଭୈମୀ ପାଖେ,
ପ୍ରିୟ ଦୂତ ସେହି ହଂସ ହେବ ଏହି
ଏ ଭାବ ମନକୁ ଆସେ । ୭୨ ।

(୧) ମକରକେତନଙ୍କ ପତାକାରେ ଥିବା ମକରର ସ୍ତ୍ରୀ ମକରୀ, ପକ୍ଷେ ମକରିକା ଚିତ୍ର ।

(୨) କୁଚର ବିସ୍ତାର ଜନିତ ଯଶ

Digitized by srujanika@gmail.com

ସଖୀ ସମାଜରେ ଦମୟନ୍ତୀଙ୍କର
ଦେଖି ଅପରୂପ ରୂପ,
ଆପେ କହିଦେଲ ଏହି ଦମୟନ୍ତୀ
ସନ୍ଦେହ ନ କର ଭୂପ । ୭୩ ।
ଚଳେ ନଳରୂପ ଲେଖିଥିଲେ ସଖି
ଦମୟନ୍ତୀ ତୋଷ ପାଇଁ
ବାରି ନ ପାରିଲେ ମଣିବେଦିକାରେ
ପଡ଼ିଥିବା ନଳ ଛାଇ । ୭୪ ।
ପାବକ, ବରୁଣ, ଯମ, ଦୂତ ଆସି
କହିଲେହେଁ ବହୁ ବଚନ,
ନିଷେଧନ୍ତେ ଭୈମୀ କ୍ଷୀଣ ନଳ ଆଶା
ହେଲ କଷ୍ଟ ବଳବତୀ । ୭୫ ।
ଇନ୍ଦ୍ର ଦୂତୀ ଆସି ସଭା ମଧ୍ୟେ ବସି
ଲଭି ସଖୀଙ୍କ ଆଦର,
କହେ ଆରମ୍ଭନ୍ତେ ନିର୍ଗୁଣ ଅନ୍ତରେ
ସଭୟେ ଶୁଣିଲେ ନଳ । ୭୬ ।
ଇନ୍ଦ୍ର ଦୂତୀ କଥା ଶୁଣିବା ପାଇଁକି
ହୁଅ ଏବେ ଅବଧାନ,
ଆଣିଛି ସନ୍ଦେଶ ସୁପାଠ୍ୟ ନୁହଁଇ
ମତେ ଦେବଲିପିମାନ । ୭୭ ।
କଳନା ନୟନେ ଆଲିଙ୍ଗନ କରି
ପୃଚ୍ଛିଛନ୍ତି ଅନାମୟ,
ଦେଇଛନ୍ତି ବାର୍ତ୍ତା ମୋ ହାତେ ମଘବା
ପୁଲକାଇ କେମନ୍ତସ୍ତୁ । ୭୮ ।
ପଠାଗଲେ ହେଲେ ଯେଉଁ ଇନ୍ଦ୍ରକଣ୍ଠ
ନ ଆସି ଅଛିକି ବ୍ରୀଡ଼ା,

Digitized by srujanika@gmail.com

ସ୍ୱୟମ୍ବରସ୍ଥଳେ   ବରଣମାଳାରେ
ବାନ୍ଧି ତାଙ୍କୁ ଦଅ ପୀଡ଼ା । ୭୯ ।
ମନ୍ଥି କ୍ଷୀରସିନ୍ଧୁ   ଲଭିଥିଲେ ଲକ୍ଷ୍ମୀ
ଦେବେ, ଯା ଅନୁଜ ଲାଗି,
ତାଙ୍କପାଇଁ ଆନ   ଲକ୍ଷ୍ମୀଲାଭେ ଆଉ
ନ ହୁଅନ୍ତୁ ଶ୍ରମଭାଗୀ । ୮୦ ।
ତିନଲୋକେ ସ୍ୱର୍ଗ,   ସ୍ୱର୍ଗରେ ଦେବତା
ଦେବତାରେ ଇନ୍ଦ୍ର ବଡ଼,
ସେ ଏବେ ତୁମ୍ଭର   କିଙ୍କର, ଏଥିରୁ
ଆଉ କି ଅଧିକ ଲୋଡ଼ ? । ୮୧ ।
ଲଭିଛନ୍ତି ଯେଉଁ   ଜଇପଦ ଇନ୍ଦ୍ର
ଶତ ଯଜ୍ଞ କ୍ଲେଶ ପାଇ,
ଅଙ୍ଗୀକାର କର   ସେ ପଦ ଶୁଭାଙ୍ଗୀ
ତୃଣ ତୁଲତା ନଗୃଇ । ୮୨ ।
ମନ୍ଦାକିନୀ ଜଳେ   ନନ୍ଦନକାନନ
ବିହାର କରିବା ବେଳେ,
ଯେ ସୁଖ ଲଭନ୍ତି !   ଭାବ, ଯାଅ ଲକ୍ଷ୍ମୀ
ଦେବର ମାଧବ ମେଳେ । ୮୩ ।
ଯେଉଁ ତ୍ରିଭୁବନ   ରାଜ୍ୟ ଭିକ୍ଷା ଲାଗି
ଲଘୁତା ପ୍ରକାଶ କରି,
ଅବଧି ବାମନ   ବୋଲି ଜଗତରେ
ଖ୍ୟାତ ପ୍ରଭୁ ଶ୍ରୀହରି;
ସେ ସୌଭାଗ୍ୟ ଭୋଗ   ପାଇଁ କି ବାସବ
ପ୍ରାର୍ଥନା କରନ୍ତି ଏବେ ।
ରଖ ତାଙ୍କ କଥା   ଏତେକ ପ୍ରତିଷ୍ଠା
ଏଡ଼େ ଦଅନାହିଁ କେବେ । ୮୪ ।

Digitized by srujanika@gmail.com

ଅଜ ଯାଏ ଯେଉଁ ଦେବତାମାନଙ୍କୁ
ନମୁଥିଲେ ତନ କାଳେ,
କୃତଘ୍ନତା ଦୋଷେ ଦୂଷିବା ତାହାଙ୍କୁ
ଅନୁଚିତ ଭୂମିଠାରେ ।
ଦେବରାଜ ଇନ୍ଦ୍ର ପ୍ରାର୍ଥନା ପୂରଣେ
ତୁମ୍ଭର ପ୍ରସାଦ ଫଳେ,
ଅନୃଣ ହୁଅନ୍ତୁ ତ୍ରିସନ୍ଧ୍ୟାରେ ଦେବେ
ପ୍ରଣମି ଚରଣ ତଳେ । ୮୫
ଏହା କହି ଦୂତୀ ପାରିଜାତ ମାଳା
ଦେଲା ଦମୟନ୍ତୀ ପାଶେ,
ଏକା ନଳ ଆଶା ବିନା, ସବୁ ଆଶା
ପୂରିଗଲା ତା ସୁବାସେ ।
ଆଦରେ ସେ ମାଳା ନେଲେ ଦମୟନ୍ତୀ
ଦେବେନ୍ଦ୍ର ପ୍ରସାଦ ବୋଲି,
ମନ କଥା ମନେ ରହିଲା ତାଙ୍କର
ନ କହିଲେ କିଛି ଖୋଲି । ୮୬ ।
କେ ବୋଲେ ସଜନି ! ନ ପଚ୍ଛରିବାର
କେ ବୋଲେ ଏହା ଉଚିତ,
କେ କହିଲା ସହି ଅଙ୍ଗୀକାର କର
ପରିଣାମେ ହେବ ହିତ । ୮୭ ।
ନ ଭଙ୍ଗେ ମୁଁ ବୋଲି କହିବାକୁ କିଛି
ଅଛି ମୋର ଏ ପ୍ରସଙ୍ଗେ,
ବୋଲଇଁ ଦମୟନ୍ତୀ ସଜଣି ସମାଜେ
ଆନନ୍ଦ ଖେଳିଲା ରଙ୍ଗେ । ୮୮ ।
ବଚ୍ଛରିଲେ ନଳ ନ ଲଭିଲା ଭୈମୀ,
ନ ହୋଇଲା ଦୂତପଣ,

Digitized by srujanika@gmail.com

ଏକ ନୋହିଲାକ   ମୋ ହୃଦ କମଳ
ଗୃହ୍ଣି ଭୈମୀ ଚନ୍ଦ୍ରାନନ । ୮୯ ।
ଅଛି ଠାର ସଖୀ   ସମାଜକୁ ବାର
ମଧ୍ୟେ ବସି ଦମୟନ୍ତୀ,
ମାଳାକୁ ପ୍ରଣମି   ଦୂତୀକୁ ଭାଷିଲେ
ଇନ୍ଦ୍ରପଦେ ବହୁ ନତ । ୯୦ ।
ବେଦରୁ ଅତୀତ   ଦେବରାଜ ଇନ୍ଦ୍ର
ଦୂତ ତାଙ୍କ ସୁତ ଥାଉ,
ସର୍ବ ଅନ୍ତର୍ଯ୍ୟାମୀ   ଅଟନ୍ତି ସେ ତେଣୁ
କ ଉତ୍ତର ଦେବ ଆଉ । ୯୧ ।
ମାନବେ ଅଲଙ୍ଘ୍ୟ   ତାଙ୍କ ଆଦେଶକୁ
ପାରେ କେ ଲଙ୍ଘନ କରି,
ବାଳିକା ସ୍ୱଭାବେ   ଦୋଷ ମୁଁ କରୁଛି
ଅଜ୍ଞାମାଳ ଶିରେ ଧରି । ୯୨ ।
ରଚିଛୁ ମୁଁ ଆଜ   ଇନ୍ଦ୍ର ପୂଜାପାଇଁ
ତପଃଫଳେ ତାଙ୍କ ବରେ,
ନ ଲୋଡେ କେ ତାହା   ଅଧୀର ଭାବରେ
ମାଧୁରୀ ପଦ୍ମିନୀ ଝରେ ? । ୯୩ ।
ନରଲୋକେ ତାଙ୍କ   ଅଂଶେ ଅବତୀର୍ଣ୍ଣ
କେଵଣ ନୃପ ଚରଣ,
ସେବାରେ ଜୀବନ   ଯାପିବା ପାଇଁକି
କରିଅଛୁ ଦୃଢ଼ପଣ । ୯୪ ।
ଇନ୍ଦ୍ରାଦେଶ ମଣି   ଶୁଣିଲ ତୁମ୍ଭର
ସନ୍ଧି ଉତ୍ତକୂଳ ଗିର,
ନ ଦେଇ ଅମରେ   ଅରପିଛୁ ନରେ
ନିଜକୁ, ଏକଥା ସ୍ଥିର । ୯୫ ।

Digitized by srujanika@gmail.com

ବିନ୍ଧୁରି ଏ କଥା ବରିଲେ ନଳଙ୍କୁ
ଇନ୍ଦ୍ର ଅନୁଗ୍ରହ ପାଇଁ,
ନ ଝୁରିବ ତଳେ, ହେଲେ କି ମୁମୁକ୍ଷୁ
ବିଷୟ ବାସନା ଯାଇ । ୯୬ ।
ଘରତେ ଗୃହସ୍ଥ ଆଶ୍ରମେ ନିରତ
ପତିପାଦ ସେବାକରି,
ସ୍ୱରଗ ସୁଲଭ ସୁଖଲୋଡ଼େ ମୁହିଁ
ଧର୍ମପଥ ଅନୁସରି । ୯୭ ।
ସ୍ୱର୍ଗେ ନାହିଁ ଧର୍ମ ସୁଖହିଁ କେବଳ
ମର୍ତ୍ତ୍ୟେ ଧର୍ମ କର୍ମ୍ମ ବେଳ,
ଯଜ୍ଞେ ଦେବପ୍ରୀତ ଛାଡ଼ି କେ, ଲୋଡ଼ଇ
ସ୍ୱର୍ଗ ଏକ ସୁଖ ଯେନ । ୯୮ ।
ସ୍ୱର୍ଗରୁ ସାଧୁର ଅଧୋଗତି ହୁଏ
ଏଥୁଁ ଯାଇ ସ୍ୱର୍ଗେ ବସେ,
ଭାବିଲେ ଉଭୟ ଲୋକର ଉଦର୍କ
କିଏ ସେ ସ୍ୱର୍ଗରେ ରସେ ? । ୯୯ ।
ପରମାତ୍ମ ଷଟେପ୍ସୁ ମିଳଇ ଯେ ସୁଖ
ଜୀବନେ ନ ମିଳେ ଯାହା,
ଅପାର ମଧୁର ଅପଥ୍ୟ ସେ ସ୍ୱର୍ଗ
କେଉଁ ସୁଧୀ ଲୋଡ଼େ ତାହା । ୧୦୦ ।
ବିଷୟ ପ୍ରସଙ୍ଗେ ଇନ୍ଦ୍ର ଅନୁକୂଳେ
କହୁନ୍ତେ କହିବାପାଇଁ,
ଦର ବିକଶିତ କମଳ ସୁଷମା
ବାଳ ଅଳି ମୁଖେ ଗୃହିଁ,
ସେଥି ଊର୍ଦ୍ଧ୍ୱପଥେ ଦୂତୀ ପ୍ରତିଗିର
ସମ୍ବୋଧି ସଜନୀଗଣେ,

Digitized by srujanika@gmail.com

ସ୍ମିତଶୋଭି ମୁଖେ ବିଦର୍ଭନନ୍ଦନୀ
ମଧୁର ବଚନ ଭଣେ । ୧୦୧ ।
ଈଶ୍ୱର ପ୍ରେରିତ ଅଥବା ଅଦୃଷ୍ଟ
ପରବଶ ଏହି ଜନ,
ଉପଦେଶ ମତେ ଚଳିପାରିବ କି
ବିବେକିନୀ ସଖୀଗଣ ? । ୧୦୨ ।
ନିୟତି ନିର୍ଦ୍ଦେଶ ଚଳଇ ବିଦୁଷ
ଅନୁଯୋଗ ଯୋଗ୍ୟ ନୁହେଁ,
ନ ଶୁଣଇ କିଛି ଜଡ଼ ସେ ନିୟତି
କହି ସିନା ଶ୍ରମ ହୁଏ ? । ୧୦୩ ।
କଣ୍ଟକ ଲମ୍ପଟ କୋମଳ ଉଷ୍ଟ୍ରକ
ଭୁଞ୍ଜି ପ୍ରିୟ ଖାଦ୍ୟମାନ,
ସମାନ ସନ୍ତୋଷ ନ ଲଭନ୍ତି କିକ
କିଏ ସେ ନିନ୍ଦାର ସ୍ଥାନ ? । ୧୦୪ ।
କେହେଲେହେଁ ବାସବ ଗୁଣ ମନୋହର,
ଭୁଲିବ କି ମୋର ମନ,
ମୋକ୍ଷରୁ ନିଉନ ଧର୍ମ୍ମ, ଅର୍ଥ, କାମ
ତେଜି ପାରଇ କି ଜନ ? । ୧୦୫ ।
ଇନ୍ଦ୍ରଲବେ ତୃପ୍ତି ଲଭନ୍ତି ସମସ୍ତେ
କାହୁଁ କୈଟଭର ଯାଏ,
ସେ ସିନା ତାହାର ପକ୍ଷେ ପ୍ରୀତିକର
ଯହିଁରେ ଯା ରୁଚି ଥାଏ । ୧୦୬ ।
ବିପଥରୁ ବନ୍ଧୁ ନିବାରଣ କରେ
ଥିଲେ ସିନା ତାଙ୍କୁ ଜଣା,
ବିପଦ ସମ୍ପଦ ବାଛିବା ପାଇଁକି
ନିଜ ରୁଚି ନୁହେ ଦଣା । ୧୦୭ ।

Digitized by srujanika@gmail.com

ସଜ୍ଜନୀମାନଙ୍କ ସ୍ମିତଫୁଲ ମତି
ବଳେପି ବଚନ ବଳେ,
ବୃହସ୍ପତି ଯନ୍ତ୍ର ଶୁଣନ୍ତା ଦୂତିକ
ବୁଡ଼ାଇ ବସ୍ତୁସ୍ତ ଜଳେ । ୧୦୮ ।
ବୋଇଲେ ଶ୍ରୀମଜା ଯମଙ୍କର ଦୂତି
ଆସିଥିଲେ ମନୋରଥେ,
ଅଗ୍ନିଙ୍କର ଦୂତି ପବନ ବାହନେ
ଆନ ଦୂତି ଗଙ୍ଗା ପଥେ ।
ଢାଙ୍କି ଗଜରବେ ଆସି ବେଗେବେଗେ
ଯାଇଛନ୍ତି ସର୍ବେ ଫେରି,
ଇନ୍ଦ୍ର ଅନୁରୋଧେ ତୁମ୍ଭ କଥା ଏବା
ଶୁଣିଲି ମୁଁ କାନଡେରି । ୧୦୯ ।
କହିଲେ ଏଣିକି ଦୋଷୀ ହେବ ଦୂତି
ଇନ୍ଦ୍ରଙ୍କ ଚରଣ ତଳେ,
କ୍ଷମିବେ ମୋର ଏ ଅପରାଧ ବଜ୍ରୀ
ପତିବ୍ରତା ଧର୍ମବଳେ । ୧୧୦ ।
ବାଞ୍ଛା ଅବସର ନ ରହିଲା ଆଉ
ଗମିଲ ଦୂତି ନଗରେ,
ନଳ ପିଣ୍ଡେ ପ୍ରାଣ ପଶିଲା କ୍ଷବେକ
ଫେରିଲ୍ଲ କ୍ଷୀବ (୧) ପାଶେ । ୧୧୧ ।
ପିଇଲେ ଶ୍ରୀମଜା ବଚନ ଅମୃତ
ଦର୍ଗୀଶ କର୍ଣ୍ଣାବଳେ,
ଆନନ୍ଦେ ନିଷଧ ଜନପଦ ଇନ୍ଦ୍ର
ଶ୍ରବଣପୁଟ ଯୁଗଳେ । ୧୧୨ ।

(୧) ଉନ୍ମତ୍ତ ।

Digitized by srujanika@gmail.com

କବିରାଜ ରାଜ   ମୁକୁଟ ଭୂଷଣ
ଶ୍ରୀହୀର ଯାହାର ପିତା,
ଖଣ୍ଡନ ଖଣ୍ଡି   ଯାହାର ରଚନା
ମାମଲ୍ଲ ଦେବୀ ଯା' ମାତା ।
ରଚିଲେ ଶ୍ରୀହର୍ଷ   କବେନ୍ଦ୍ର ପ୍ରବର
କବିକୁଳ ଚୂଡ଼ାମଣି,
ନଳ ଚରିତର   ଶ୍ରେଷ୍ଠ ଷଷ୍ଠ ଛାନ୍ଦ
ଅମିୟ ପିୟୂଷ ଖଣି । ୧୧୩ ।



Digitized by srujanika@gmail.com

ସପ୍ତମ ସର୍ଗ

ପକ୍ଷ୍ମବତ ତ୍ରିପ୍ସା- ଲବ୍ଧ ମନୋରଥ
ଦମୟନ୍ତୀ ଦରଶନେ,
ସଫଳ ହୋଇଲା ବୋଲି ଶଗୃହିଲେ
ମହୀପତି ମନେ ମନେ । ୧ ।
ହିସ୍ପା ପ୍ରତିଅଙ୍ଗେ ଭ୍ରମି, ଭସି ରଙ୍ଗେ
ପ୍ରମୋଦ ସୁଧା ସାଗରେ,
ନଳ ନେତ୍ର ଦୁହେଁ ବୁଡ଼ିଗଲେ ଆପେ
ଆନନ୍ଦ ଅଶ୍ରୁ-ସ୍ରୋତରେ । ୨ ।
ଶୋଭାର ସାଗର ଦରଶନ କରି
ବ୍ରହ୍ମାନନ୍ଦ ଲଭି ନଳ,
ଅମୂଲ ସ୍ୱପ୍ନାଳି ଦେଖି ପୁଣି ପଡ଼େ
କାମାନଳେ ହେଲେ ହେଳ । ୩ ।
ମୁଖ ଚନ୍ଦ୍ରାଲୋକ- ପୀୟୂଷ ପ୍ରବାହେ
ଉଦ୍‌ବେଳ ରାଗ ସାଗରେ,
ନଳ ନେତ୍ର ଦେବା ଆସ୍ଥା ଲେଉଡ଼ିଲେ କି'
ଉନ୍ନତ କୁଚ ଯୁଗଳେ । ୪ ।

Digitized by srujanika@gmail.com

ପ୍ରିୟାମୁଖ ଇନ୍ଦୁ ସୁଧାରସେ ବୁଡ଼ି
ଲୁଚି କୁଚ ଅନ୍ତରାଳେ,
ମଳିନ ଭୟେ ବା ଚେଳ କୁଟକଟି
ଆନ ଅଙ୍ଗେ ଗଲେ ଧୀରେ । ୫ ।
ପ୍ରିୟା ଅଙ୍ଗେ ପାନ୍ଥ ହେଲ ନଳ ଦୃଷ୍ଟି
କୁଚ ଅସୁଥିଲ ଫେରି,
ମୃଗନାଭି ଲେପ ଗାଢ଼ ଅନ୍ଧକାରେ
ବାଟବଣା ହେଲପରି । ୬ ।
ସୁନ୍ଦର ନିତମ୍ବ- ଚକ୍ର ଚୁମ୍ବି ପୁଣ-
ଦୂର ପଡ଼ିଯିବା ଭରେ,
ନଳ ନେତ୍ର ସ୍ଥିର ହୋଇଲ କ ରମ୍ଭା
ଊରୁ ସ୍ତମ୍ଭ ଧରି କରେ ? । ୭ ।
ନେତ୍ର (୧) ବୋଲି ଅଛୁ ବାସ ର ପ୍ରସିଦ୍ଧି
ତାଙ୍କେ ମୁଁ ତୁମ୍ଭ ପ୍ରସାଦେ,
ଜାନୁ କୁଚ କଟି ବୋଲି ନଳ ନେତ୍ର
ପଡ଼ିଲ କ ଭୈମୀ ପାଦେ ? । ୮ ।
ପ୍ରିୟା ସଙ୍ଗେ ଇଚ୍ଛା ମତେ ବୟସୀଙ୍କୁ
ନେତେ, ଜୟଦ୍ୱାର ପାଇ,
ସ୍ୱସ୍ୱ ହରଷେ ମନେ ମନେ ଏହା
କହିହେଲେ ନରସାଇଁ । ୯ ।
ମୋର ମନୋରଥ, ଅବା ମନମଥ
ବଧି ଅଧିକାର ପାଇ,
ତବାଟେ ଏପରି ଗୃହ ରୂପକିଲ
ଫୁଟାଇ ପାରନ୍ତା କାହିଁ । ୧୦ ।

(୧) ଚକ୍ଷୁ, ବସନ,

Digitized by srujanika@gmail.com

ଶୃଙ୍ଗାର ରସର ତରଙ୍ଗିଣୀ ଭୈମୀ
ଭୂମି-ଭୃତ୍ (୧) ଉପୁଜନ୍ତି,
ପୀନ ପୟୋଧର ନବୀନ ଯୌବନ
ଲାବଣ୍ୟ ସ୍ରୋତ ସୃଜନ୍ତି । ୧୧ ।
ଅଭିନବ ରୂପ- ଶିଳ୍ପ କଉଶଳେ
ଅଭିଜ୍ଞତା ଲଭି ବିଧି,
ଗଢ଼ିଛି କି ଏହି ଦମୟନ୍ତୀ ରୂପ
ଅପୂର୍ବ ଲାବଣ୍ୟନିଧି ।
ସ୍ପର୍ଶ ଅଙ୍ଗ ସଙ୍ଗ- ଲାଭେ ପୁଷ୍ଟି ଲଭି
ବଢ଼ାଇ ନିଜ ଗରିମା,
ଯେଣୁ ସେ ରୂପର ଉପାସନା କରେ
ଲାବଣ୍ୟର ଶେଷ ସୀମା । ୧୨ ।
ବହୁ ଜମ୍ବୁନଦ (୨) ଜମ୍ବାଲ ଜାଳରୁ
ଛାଣି ଆଣିଛନ୍ତି ସ୍ନେହେ,
ଅଙ୍ଗ ସନ୍ଧିସ୍ଥଳେ ଗଢ଼ା ଯେ ତାହାକୁ
ନାହିଁ ଏ ହେମାଙ୍ଗୀ ଦେହେ । ୧୩ ।
ଗୁଣେ ଦମୟନ୍ତୀ ଅବୟବମାନ
ଉପମାକୁ ଛି' ଛି' କରେ,
ନ ପଶନ୍ତି ପାଶେ ଉପମା ସମାଜ
ତେଣୁ ଅପମାନ ଡରେ । ୧୪ ।
ଅତୀତେ ଗଢ଼ିଛି ଯେତେ ନାରୀ ଧାତା
ହାତ ବଳାଇବା ପାଇଁ,

(୧) ପର୍ବତ, ପକ୍ଷେ ରାଜା ।

(୨) ଜମ୍ବୁ ନଦୀର ଜମ୍ବାଲଜାଳ-ପଙ୍କସମୂହ=ସୁବର୍ଣ୍ଣ

Digitized by srujanika@gmail.com

ଏଣିକି ଗଢିବ ଅଉ ଯେତେ ନାରୀ
ଏହୁ ଆଦରଣ ରୃହିଁ । ୧୫ ।
ରମ୍ୟ ବସ୍ତୁମାନେ ନାଚଲେ ହରଷେ
ହାରଲେ ହେଁ ଭୈମୀ ପାଶେ,
ତାର ଶ୍ରେଷ୍ଠ ଅଙ୍ଗେ ତୁଳା ଲଭ କର
ପ୍ରତିଷ୍ଠା ଅର୍ଜିବା ଆଶେ । ୧୬ ।
ଦର୍ଶନ ମାତ୍ରକେ ମନ-ମୋହକସ୍ଥ
ଦମୟନ୍ତୀ ମୂର୍ତ୍ତି ରୃହିଁ,
ସ୍ପର୍ଶ କରିବାକୁ ବଗୁଣମାନଙ୍କ
ସାହସ ବଳିଲା ନାହିଁ ।
ଆନ ନାରୀ ପାଶେ ଦୋଷ ସଙ୍ଗେ ବଶେ
ଆକୁଳିତ ଗୁଣରାଶି,
ଅସପନ୍ନ ଭବେ ସୁଖେ ବିଳସିଲେ
ଦମୟନ୍ତୀ ଅଙ୍ଗେ ଆସି । ୧୭ ।
ରୁକ୍ଷ ବାୟୁଙ୍କ ଘୃଣାରେ ତେଜିଲା
ସୁକୋମଳ ଭୈମୀ ଅଙ୍ଗ,
ନ ବିଚାରି ମନେ ଥାଇ ଜଳଦୁର୍ଗେ
ନ ଦେଲା ବୋଲି ସେ ଭଙ୍ଗ ।
ଧୂଳି ଧୂସରିତ ସୁବର୍ଣ୍ଣ କେତକୀ
ବର୍ଣ୍ଣକୁ ନିଜନ ହେଲା,
ଲଜ୍ଜ ପାଇ ହାରି ଚଳାଇ କଣ୍ଟକ
ଦୁର୍ଗରେ ଆଶ୍ରୟ ନେଲା । ୧୮ ।
ଭୈମୀ କାମୀ ଇନ୍ଦ୍ର, ନିଜ ଅଗ୍ରେ ବଜ୍ର
ଦେଇଛନ୍ତି ରକ୍ଷା ଭଳି,
ଭୂଷାମଣି ମୂର୍ତ୍ତି ଧରି ତା ସଜାଇ
ଶତରୂପ କାନ୍ତି ଗାଳି । ୧୯ ।

Digitized by srujanika@gmail.com

ବକ୍ର ଚନ୍ଦ୍ର ପକ୍ଷ   କଳାପି-କଳାପ
ଜାଣ ଦମୟନ୍ତୀ କେଶ,
ଉଚ୍ଚରେ ମଣ୍ଡିତ   ଏକମାତ୍ର ଚନ୍ଦ୍ର-
ପକ୍ଷ-ମୁଖ-ଶିରୋଦେଶ । ୨୦ ।
ଭୈମୀ-ମୁଖ ଚନ୍ଦ୍ରା-   ଦତ୍ତ ଅନ୍ଧକାର
ଆଗପାଖ ଛାଡ଼ି ଡରେ,
ଭଙ୍ଗଦେଇ ପଛେ   ବନ୍ଧା ଥାଇ ଛନ୍ଦ
ହେଲକି ଚକୁର ଛଳେ ? । ୨୧ ।
ବାଜେ ଶିଖିପୁଚ୍ଛ   ପ୍ରିୟା କେଶପାଶ
ବର୍ଦ୍ଧିଯାଏଣେ ସ୍ପର୍ଦ୍ଧୀ ହେଲେ,
ସ୍ମରନେ ଚକୁରେ   ପୂଜି, କଳାପକୁ
ଅର୍ଦ୍ଧଚନ୍ଦ୍ର ସେ କି ଦେଲେ ? । ୨୨ ।
କେଶ—ତମ ପଛେ   ଭଲ ଅର୍ଦ୍ଧଚନ୍ଦ୍ର-
ଧାରିଣୀ ଏ କୃଷ୍ଣାଷ୍ଟମୀ,
ଜଗତ ଜିଗୀଷା   ସାଧିଲି କି କାମ
ଏ ବାଳା ଚରଣେ ନମି । ୨୩ ।
କାମଦାହେ କଳା-   ପଡ଼ି ତା ଧନୁଟିର
ଛେଦର ମାତର ଥିଲା,
ଶେଷ ବେନିଖଣ୍ଡ   କଲନ୍ତି କି ଶିବ
ବଙ୍କ ଭୈମୀ ଭୁରୁ ହଳ । ୨୪ ।
ଫୁଲଧନୁ ଠାରୁ   ସୁଦୃଢ଼ ସରସ
ଭୈମୀ ଭୁରୁ ଧନୁ ପାଇ,
ବଡ଼ ଦମ୍ଭ ଏବେ   ବାନ୍ଧନ୍ତି ଅନଙ୍ଗ
ଦାହ ଭୀତି ଆଉ ନାହିଁ । ୨୫ ।
କାମଧନୁ, ମୁଖ-   ଚନ୍ଦ୍ରର କଳଙ୍କେ
ଜାତ ଭୈମୀ ଭ୍ରୂହରେନ,

Digitized by srujanika@gmail.com

ଖେଳନ୍ତ୍ କି ରଙ୍ଗେ   ଶୈଶବ ସୁଲଭ
ବାଳ ଚପଳତା ଯେନ ? । ୨୬ ।
ଜିନ ଫୁଲଶରେ   ଏ ତିନ ଭୁବନ
ଜିଣିପାର ପଞ୍ଚବାଣ,
ଆନ 'କେଣ ବାଣେ   ସଫଳ କଲା ସେ
ପ୍ରିୟାନେତ୍ରେ ଦେଇ ସ୍ଥାନ । ୨୭ ।
ମୁଷ୍ଟିଗ୍ରାହ୍ୟମଧ୍ୟା   ଏ ବାଳା, କାମର
ମୃଦୁ ପୁଷ୍ପରୂପ ଯଷ୍ଟି,
ମନମୋହକର   ଅପାଙ୍ଗ ଗୃହାଣି
ଶରରୂପେ କରେ ବୃଷ୍ଟି । ୨୮ ।
ଘୂର୍ଣ୍ଣିତ ପକ୍ଷ୍ମଳ   ନେତ୍ର-ପଦ୍ମ ପ୍ରାନ୍ତେ
ସୁଧାଂଶୁ କର ଅଲଣା,
ମଧ୍ୟେ ଚଳ ଇନ୍ଦ୍ର-   ନୀଳ ଗୋଲାମଳ
ଡୋଳା ତା'ର ସେ ତୁଳନା । ୨୯ ।
ଯେବେ ଜନ୍ତ କର୍ଣ୍ଣ-   ଉତ୍ପଳେ ସନାଥ
ଭୀମଜା-ମୁଖମଣ୍ଡଳ,
କରେଣ୍ଡ କୃତାର୍ଥ   ହରିଣୀ ମଣିଲ
ନିଜ ନେତ୍ରକୁ ସଫଳ । ୩୦ ।
କଦଳୀ ପାଦପୁଁ   ମାଠୋବୃତ୍ କନ୍ଦୁଁ
ବହୁବଳ ରଣ ମାନ,
କାଢି, ସାର ଆଣି   ଗଢିଛି କି ଜାଣି
ବିଧି ଭୈମୀ ନେତ୍ରବାଣ । ୩୧ ।
ନୀଳୋତ୍ପଳ, ମୃଗ   ଚକୋର, ଖଞ୍ଜନ
ନିମେଷ ଜନ୍ମରେ ନିଧି,
କାଢ଼ି ସୁଧାସାର   ଦମୟନ୍ତୀ ନେତ୍ର
ଗଢ଼ିଅଛୁ ଅବା ବିଧି । ୩୨ ।

Digitized by srujanika@gmail.com

ଏ ବାଳା ନୟନ- ଯୁଗଳକୁ ଜଣ
ଭରି ସେ ସୁନ୍ଦରପଣ,
ସମୂଳରେ ଲେଖି- ଦେଲେ କି ବଞ୍ଚିତ
ଅଧମର୍ଣ୍ଣ ମୃଗୀଗଣ ? । ୩୩ ।
ସ୍ୱଭାବେ ଚପଳ ନୟନ ଯୁଗଳ
ମିଳି ନଥାନ୍ତେ କି ଯାଇ,
ଗଢ଼ପଥେ କର୍ଣ୍ଣ- କୂପ ଗାଢ଼ ଖାତ
ବାନ୍ଧି ସେ ନଥିଲେ ପାଇ ? । ୩୪ ।
କେଦାର (୧) ଅନ୍ତର ଶିଶିରେ ପଦ୍ମା
ବିସର୍ଜିଥିବାରୁ ଗାନ୍ଧ,
ତା' ଚୋରକ ପିନା ଚକୋର ନୟନ
ଫୁଲ ହେଲା ଭୈମୀନେତ୍ର । ୩୫ ।
ତ୍ରିଭୁବନ ଜୟ ଢନବାଣେ କାମ
ରଖିବାକୁ ଆନ ବେଳ,
ତିଳ ପୁଷ୍ପ-ତୂଣ ନାସା ଅନୁମାନ
ନିଃଶ୍ୱାସ ସୁବାସ ଦେଳ । ୩୬ ।
ମୁଖଚନ୍ଦ୍ର ସଙ୍ଗେ ଲଭିଣ ଉଦୟ
ରାଗେ ବନ୍ଧୁଜୀବ ଭଳି,
ବାଲ୍ୟ ଯଉବନ ସନ୍ଧିରେ, ଅଧର
ଦିଶଇ ସନ୍ଧ୍ୟା ପରି । ୩୭ ।
ମୁଖ-ବିଧୁ-ସୁଧା- ସଦନ, ଅଧର
ବିମ୍ବ କି ତା' ସଙ୍ଗେ ସରି ?
ଭ୍ରୂମଧ୍ୟ ଦେଶେ ଶୋଭଇ ପିନା ସେ
ଧରେ ଏ ବିଦ୍ରୁମ ଶିରୀ । ୩୮ ।

---

(୧) କ୍ଷେତ୍ର, ପକ୍ଷେ ଶିବକ୍ଷେତ୍ର ।

Digitized by srujanika@gmail.com

ଅତି ରାଗବନ୍ତ   ବିମ୍ବ ଏ ଅଧର,
ଅଧର ସେ ବିମ୍ବଫଳ,
ନ ଜାଣିବା ଲୋକେ   ନାମ ବିନମସ୍ତ
କହନ୍ତି ଭ୍ରମେ ଭେଦିଲ । ୩୯ ।
ସୁନ୍ଦର ଅଧର   ମଧ୍ୟଭାଗ ଯାହା
ହୋଇଅଛି ଉଚ୍ଛ୍ୱସିତ,
ସ୍ୱପନ ସମ୍ଭୋଗେ   ମୋର ଦନ୍ତକ୍ଷତ
କିବା ତହିଁ ବିରାଜିତ ? । ୪୦ ।
ନିତ୍ୟ ସୃଷ୍ଟିକ୍ରିୟା   ନିରତ ବିଧାତା
କୁତୁକେ ଶ୍ରମ ନ ଗଣି,
ମଧୁର ଅଧରେ   ତେତେ ବିଦ୍ୟା ଧରେ
ଗଢିଛି କି ରେଖା ଟାଣି ? । ୪୧ ।
ଗଲା ନିଶା ଶେଷେ   ସ୍ୱପନେ ପିଇଲି
ଯହିଁରୁ ମଧୁର ମଧୁ,
'ସାକ୍ଷାତେ ଦେଖୁଛି   ସେ ଲାବଣ୍ୟନିଧି
ଅଧର ବନ୍ଧୁକ-ବନ୍ଧୁ । ୪୨ ।
ପ୍ରସନ୍ନେ ସୁ-ମୂର୍ତ୍ତି   ସ୍ମିତିଁ ସହସ୍ରାଂଶ
ଦେଇଥିଲେ ସୁଧାକରେ,
ଚନ୍ଦ୍ର ଚନ୍ଦ୍ରିକାର   ଜନମ ସଫଳ
ହୋଇଥାନ୍ତା ଜଗତରେ । ୪୩ ।
ଚନ୍ଦ୍ର କରରନ୍ଧ୍ରେ   ସାନ୍ଦ୍ର ଭୈମୀମୁଖ
ଚନ୍ଦ୍ରିକାରୁ ସୁଧା ଗଳି,
ବିନ୍ଦୁ ବିନ୍ଦୁ ହୋଇ   ସାନ ବଡ଼ କ୍ରମେ
ରଦନ ଦ୍ୱନ୍ଦ୍ୱରେ ଫଳି । ୪୪ ।
ପ୍ରବାଳେ ନିହିତ   ମୁକ୍ତା ଫଳପରି
ଅପୂର୍ବ ସୁଷମା ବହି,

Digitized by srujanika@gmail.com

ବକ୍ତ୍ରରେ, ସୁଦତୀ ବେନ ଦନ୍ତପଂକ୍ତି
ଧର ସିନା ଆଚରଇ । ୪୪ ।
ଇନ୍ଦ୍ର କାଷ୍ଠାଗତ ଖଗ ଜନସ୍ପୃହୀ
ସାଧୁ ଦ୍ୱିଜଗଣେ ବନ୍ଦ୍ୟା,
ମୋ କାମ ଯାଚନା ପୂର୍ଣ୍ଣ-ଅର୍ଦ୍ଧାଂଶରୁ
ଏ ସିନା ପ୍ରବୃତ୍ତ ସନ୍ଧ୍ୟା ? । ୪୫ ।
ମାର୍ଜ୍ଜନାଦ ଫଳେ ଖଗସ୍ଥାନ ହୋଇ
ଘଟିକ ସ୍ୱଚ୍ଛଦନ୍ତ ଚୂର,
ଦ୍ୱିଜ ସମାଜରେ ଦବ୍ୟ ଗୁଣବନ୍ତ
ଚୂରଗୋଟି ମୁକ୍ତାଫଳ । ୪୬ ।
ଶିରୀଷୁଁ କୋମଳ ଅଙ୍ଗାବଳୀ ଯୁକ୍ତ
ସୁକୁମାର ସର୍ଗେ ବନ୍ଧୁ,
ନିପୁଣତା ଅଦ- ମୃଦୁତାର ସୀମା
ବଚନେ ଅଛି କ ନହୁ ? । ୪୭ ।
କାମ ବୃନ୍ତ ଦମ୍ଭ- ଧର୍ମ ବେଦ ବିଦ୍ୟା
ଅଭ୍ୟାସ କରିବା ବ୍ୟାଜେ,
ଚୂତାଙ୍କୁର ଭେଜୀ ଦ୍ୱିଜ ପିକ ଭଜେ
ଭୈମୀମୁଖ ଦ୍ୱିଜବ୍ରଜେ । ୪୮ ।
କମଳବାସିନୀ ସପତ୍ନୀ କମଳା
ନିର୍ଗତା ମନକୁ ଆଣି,
ଝଟୁଜନ୍ତ ଭୈମୀ- ବଦନ କମଳେ
ଝଲସନ୍ତ ବୀଣାପାଣି । ୪୯ ।
ଭୈମୀକଣ୍ଠେ ବସି ଦେବୀ ବୀଣ ପାଣି
ବକାନ୍ତ ବୀଣା ସ୍ୱରଫେ,
ବାକ୍ୟ ବ୍ୟାଜେ ଅପି ସେ ମଧୁର ଧ୍ୱନି
ଶ୍ରବଣେ ସୁଧା ବରଷେ । ୫୦ ।

Digitized by srujanika@gmail.com

ଗୃହଂଲ କ ଦେଷେ ଟେକ ଭୈମୀମୁଖ
ସୁଷମା ଦେଖିବା ଲୋଭେ,
ତେଣୁ ବଧାତାର ଅଙ୍ଗୁଳି ଚିହ୍ନ ଏ
ଦୃଷ୍ଟ ଚବୁକରେ ଶୋଭେ । ୫୧ ।
ସତ୍ୟ ଭୟ ନାହିଁ ସୁଖେ ବଳସଇ
ଭୈମୀ ମୁଖ ସୁଧାକର,
ବାଳା ବମ୍ବାଧର ଲୀଳା ଧରେ ତାର
ବାଳ ବରଚନ୍ଦ୍ରଜାଳ । ୫୨ ।
ଶୋଭରେ ଦଳତ ସକ: ଶଶଧର
ଭୈମୀମୁଖ ନଶାକରେ,
ଦୃଷ୍ଟ ଲକ୍ଷ୍ମୀ ସକ୍ତ ଯା' ଭ୍ରୂଯୁଗ
ଅର୍ଦ୍ଧେନ୍ଦୁ ଉପମା ଧରେ । ୫୩ ।
ଅମ୍ଭୋଜ ସମାଜେ ସଜେ ଭୈମୀମୁଖ
ସମ୍ରାଟ ପଦବୀ ଦେଖି,
ବରନ୍ତ ତା' ସେବା ନେଇ ନାମଧାରୀ
ସର୍ବେଜ ସଜନ ବେଶି । ୫୪ ।
ଦବସେ ଶଶାଙ୍କ ରଜନୀରେ ପଦ୍ମ
ତପନ, ଚନ୍ଦ୍ରମା, ଡରେ,
ନଜ ନଜ ଶୋଭା ନଧିଥାନ୍ତି ନେଇ
ଦମୟନ୍ତୀ ବଦନରେ ।
ତେଣୁ ସେ କାଳରେ ସେମାନଙ୍କ ଶୋଭା
ନୟନ ରଞ୍ଜଇ ନାହିଁ,
ଦବା ବେଷରେ ଭୈମୀ ମୁଖକାନ୍ତି,
ସ୍ୱକାନ୍ତି ବଦୁଛୁ କାହିଁ ? । ୫୫ ।
ଜଳ, ଦରପଣୁ ଭୈମୀ ମୁଖଲକ୍ଷ୍ମୀ
ଛାଇବିମ୍ବ ଥରେ ଥରେ,

Digitized by srujanika@gmail.com

ମାଗି ନେଇ ସିନା ଚନ୍ଦ୍ର ପଦ୍ମ ଦୁହେଁ
ମଣ୍ଡନ୍ତି ବପୁ ଆଦରେ । ୪୬ ।
ଜଳକେଳି କାଳେ ଯାଚେ କମଳମା
ଭ୍ରମରନୟନେ ସ୍ନେହେଁ,
ପତି-ପ୍ରୀତି ଲାଗି ଭୈମୀ ମୁଖଶୋଭା
ପଙ୍କଜ କର ପଠାଇ । ୪୭ ।
ବଶୋର୍ଥୀ ବନ୍ଧୁକୁ ପଦ୍ମବେଷ ଆବେଶ
ବାନ୍ଧ ରଖିଛୁ କ ବଳେ,
ଶେଷ କଷାୟିତ ଦମୟନ୍ତୀ ମୁଖ
କୁଙ୍କୁମ ପ୍ରଲେପ ଛଳେ । ୪୮ ।
ମାସେ ମାସେ କର ପ୍ରତି ଅମାବସ୍ୟାରେ
ବଦ୍ଧ ବଧୂ ନାଶି ବଧ,
ତେବେ ରଖିଛୁ କ ଅଭଙ୍ଗୁର ଶିଘ୍ର
ଭୈମୀମୁଖ କଳାନିଧି । ୪୯ ।
ମକରିକା ଚନ୍ଦେ ସଂକଳ୍ପ, ମଦନ
ସଞ୍ଚନ୍ତୁ ମଧୁ ଅଧରେ,
ଭ୍ରୂ-ଧନୁ ଧରି ଭୁବନ ଜିଗୀଷା
ଧରେ କ ରତି ସଙ୍ଗରେ । ୫୦ ।
ଆୟତ ଲୋଚନ ଅର୍ଚ୍ଚନା ସୁମନ
ବରଦ କେତକ ଜଳ,
ରତି, ରତିପତି ପୂଜା-ପୂପ ସିନା
ସୁନ୍ଦର ଶ୍ରୁତିଯୁଗଳ । ୫୧ ।
ନିତାନ୍ତ ଜଟିଳ ନାନାବିଧ ଶାସ୍ତ୍ର
ରସପ୍ରବାହ କ ସୁଖେ,
ଶ୍ରୁତି ପବଲେଖା ପ୍ରଣାଳୀରେ ଧାଇଁ
କର୍ଣ୍ଣକୂପ ଅଭିମୁଖେ ? । ୫୨ ।

Digitized by srujanika@gmail.com

ଅଷ୍ଟାଦଶ ବୟସ୍ୟା ବାନ୍ଧି ଅଧେ ଅଧେ
ଶ୍ରବଣ ଯୁଗଳ ଧରେ,
କଣ୍ଠକୂପ ବ୍ୟାପୀ ନରଅଙ୍କ କାନ୍ତି
ବଧୂ କ ତା ସଂଖ୍ୟା କରେ ? । ୬୩ ।
ହେମ ଦୁମ୍ବ ତାର କଣ୍ଠ ଲଭାମସ୍ତ
ଯେନ ବେନ ଦୃଢ଼ ପାଶ,
ବନ୍ଧା ଅଭ୍ୟାସରେ ସିନା ମନୋଭବ
ଭବଚ୍ଛଣକୁ ଦେଲ ହାସ । ୬୯ ।
ନୁହନ୍ତା କପର କାମ, ଚଭୁର୍ଦ୍ଦ୍ଧଜ
ଚଭୁର୍ଦ୍ଦ୍ଧଜୁ ହୋଇ କାଚ,
ବେନ ଗ୍ରୁପ ତାର ଗୃହ ଭୂନ୍ଦବେନ
ସିଂଜନୀ ଶ୍ରବଣ ଯୋଗ । ୬୪ ।
ଅଲଙ୍କାର ଯୋଗ୍ୟ ଗ୍ରୀବା ମନୋହର
ମୁକୁତା ମାଳାରେ ଶୋହେ ,
ବଦନ କମଳ- ନାଳ ସରୁ ଯତା-
ଧର, ଜନମନ ମୋହେ । ୬୬ ।
କବତ୍ତ୍ୱ, ସଙ୍ଗୀତ ସତ୍ୟ, ପ୍ରିୟବାଣୀ
କମ୍ବୁକଣ୍ଠୀ କଣ୍ଠେ ନନ୍ଦୁ,
କା ଁ ତନରେଖା ଗ୍ରୁରସ୍ବର କର
ବାର୍ତ୍ତି ସ୍ଥ କ ସୀମା କ ? । ୬୭ ।
ବାହୁ ଯୁଗଳରେ ମୃଣାଳ ହାରନ୍ତ
ବଚସ ନୁହଇ ତେତେ,
ଚନ୍ଦ ଏକା ହାର ମୃଣାଳ ଧରେ ଯା
ନବ୍ୟଥନ ଅନ୍ତର୍ଗତେ । ୬୮ ।
ମୃଣାଳ, କୋମଳ ବାହୁ ଯୁଗଳରେ
ହାର ନିରୁପାୟ ହୋଇ,

Digitized by srujanika@gmail.com

ଲାଜେ ମୂର୍ତ୍ତିମନ୍ତ ଅଙ୍କୁରି ପଙ୍କରେ
ଲୁଚି ରହିଲା କି ଯାଇ । ୬୯ ।
ସ୍ୱର୍ଣ୍ଣ ନଖ ପୁଂଖ ସରଳ ସୁନ୍ଦର
ପଞ୍ଚାଙ୍ଗୁଳି ପଞ୍ଚବାଣ,
କର କୋକନଦ ତୂଣ ନେଇ ସିନା
ସାଇତିଛି ସ୍ମର ଗୁଣ । ୭୦ ।
ବାଳ ଚପଳତା ଦେଖାଏ ପଲ୍ଲବ
ସ୍ପର୍ଦ୍ଧାବନ୍ଧ ଭୈମୀକରେ,
ଅଧର ସମାନ ହେବ ଗର୍ବବନ୍ଧ
ପ୍ରବାଳ ନାମ ସେ ଧରେ । ୭୧ ।
କରେ ପଦ୍ମଚିହ୍ନ ଜନ୍ମ ସିନା ବନ୍ଧୁ
କରୁଛି ଏହା ପ୍ରଚୁର,
ଭୈମୀ ଗୃହକର ସରଜିବା ପାଇଁ
ହସ୍ତଲେଖା ତାହା ତାର । ୭୨ ।
ଶୁଖି ଅପିବାରୁ ଶୈଶବ ସଲିଳ
ନର୍ମଦାରେ ସ୍ମରତାପେ,
ଫୁଟି ଦିଶଇ କି ବାହୁ ବିସଲତା
କୁଚ ଅନ୍ତରୀପ ଆପେ । ୭୩ ।
ଭ୍ରୂ-ପତିତ ତାଳେ ସମ୍ମୁଖ୍‌ଥିବ ଭୈମୀ
କୁଚର ଉପମା କାହିଁ ?
ସ୍ୱଭାବେ ଜନ୍ମିତ କୁଚ ଅତୁଳନା
ତାଳ, ଉଚ୍ଚ ବୃକ୍ଷେ ଥାଇ । ୭୪ ।
ନାନାଶାସ୍ତ୍ରେ ପଟୁ ଲଭିଛି ଦୃଷ୍ଟାନ୍ତ
କୁଚସଙ୍ଗେ ବାଦେ ମାତ୍ର,
ନାନା ଜଳପାତ୍ର ଗଢ଼ି କୁଲାଳର
କୁମ୍ଭକାର ନାମେ ଖ୍ୟାତ । ୭୫ ।

Digitized by srujanika@gmail.com

ବିମଳ ମୁକୁତା ମାଳାରେ ଫେନିଳ
ଦମୟନ୍ତୀ ପୟୋଧରେ,
ମାଣିକ୍ୟ ହାରର ସେହିତ ସୁଷମା
ଅହା କି ରଙ୍ଗେ ସଙ୍ଗରେ । ୭୬ ।
ଅସଂକୋଚେ ଗଳେ ମୁଖ ସୁଧାକର
ପଦ୍ମକୁ ସଂକୋଚ ଦେଇ,
କୁଚ-କୋକଯୁଗ ବିଚ୍ଛେଦବିହୀନ
ବିହରେ କେବଳ ଏହି । ୭୭ ।
କୁଚଯୁଗ ଧରେ କରି କୁମ୍ଭ ଶୋଭା
କୁଚେ, ବନ୍ଧି କୁମ୍ଭ ହାରେ,
ଲଗ୍ନଇ ମୁକୁତା ରକ୍ଷେ ସିନା ସେହି
ଶୋଭେ ଏ ମୁକୁତାହାରେ । ୭୮ ।
ଘନଦୁହିତାର ଦେଖି କୁଚପାଶେ
ଅର୍ଥୀ ଶତକୋଟି ବର,
ଅମୂଲ୍ୟ ସେ କୁଚେ ଭଲା ଲଭନ୍ତି କି
ମୂଲ୍ୟହୀନ ଉତ୍ପଳ ? । ୭୯ ।
ଚନ୍ଦନ ପଙ୍କିଳ ଭୈମୀ ସ୍ତନତଟେ
ଭ୍ରାନ୍ତ ଯୁବାଜନ ମନ,
ହାରବଲ୍ଲୀ ରଜ୍ଜୁ- କେଓଟ ଟାଣ ଛଳେ
ଲଭଇ ସିନା ସ୍ଖଳନ । ୮୦ ।
ବଳି ଆକ୍ରମଣେ ନୁହେ ପରିଭୂତ
ମଧ୍ୟ ଥାଇ କୃଶୋଦର,
ସର୍ବାଙ୍ଗ ସୁନ୍ଦର ଘନ ଭ୍ରୁବ ଗଢେ
ଅନଙ୍ଗ ଧନ୍ୟ ମଧୁର । ୮୧ ।
ଉଦରକୁ କ୍ଷୀଣ ଭର ବହି ସାର
ସାଇତ ନଥିଲେ ଛନ୍ତି,

Digitized by srujanika@gmail.com

ଅନନ୍ୟ-ସୁନ୍ଦର ପୀନ-ପୟୋଧର
ଯୌବନେ ଗଢ଼ନ୍ତା କାହିଁ ? । ୮୨ ।
ଗୌରୀ ପରି ଯେବେ ପତି ଅର୍ଦ୍ଧ ଅଙ୍ଗ
ମଣ୍ଡିବ ହୋଇ ଏ କନ୍ୟା,
ରୋମାବଳୀ ଛଳେ କୃଷ୍ଣସୂଚ ରେଖା
ମଧ୍ୟରେ ଅଛୁ କ ନାହିଁ ? । ୮୩ ।
ହେମ-ଭୃଙ୍ଗ,-କୁଚ- କୁମ୍ଭ, ନାଭି-କୂପ
ଲଭୁକର ମୋର ଆଖି,
ପ୍ରବଳ ପିପାସା ଏଡ଼ି ପାରନ୍ତା କ
ବସନ ନ ଥିଲେ ଢାଙ୍କି ? । ୮୪ ।
ଉନ୍ମୂଳ-ବନ୍ଧନ ସ୍ତମ୍ଭ, ବଳ ନାଭି
ରୋମାଳି ଛିନ୍ନ ଶୃଙ୍ଖଳ,
ବପ୍ର (୧) ଏ ମଦନ ମତ୍ତ ବାରଣର
ଉନ୍ନତ କୁଚ ଯୁଗଳ । ୮୫ ।
ଧରିଲେ ଭୃକୁଟି ଧନୁ ଶିରେ ଫୁଲଶର
ମଧ୍ୟେ ମୌର୍ବୀ ରୋମାବଳୀ,
ବ୍ୟସ୍ତ ଅଛି ନିଜ ଅନନ୍ତ ଜଗତ
ଜିଣିଛୁ ଅନଙ୍ଗ ବଳୀ । ୮୬ ।
ଉଦର ଭୂଷଣ ରୋମାବଳି ଗୁଣ,
ଅବତଂସ ଫୁଲ ବାଣ,
ଭଲ ଭୂଷା ଭୃକୁଟି ଧନୁରେ ଜଗତ
ଜିଣେ କନ୍ଦର୍ପ ସୁଜାଣ । ୮୭ ।
ଜୃମ୍ଭା ବନସ୍ପତି ମଲ୍ଲି କଦମ୍ବର
ପ୍ରତିମେ ସୃଷ୍ଟି ହୋଇଲେ,

---

(୧) ଧୂଳିର ଗଡ଼ର ସ୍ତୂପାକାର ।

ସୁନା ଫଳକରେ ରଜତ ଅକ୍ଷରେ
ମଦନ ପ୍ରଶସ୍ତି ଛଳେ । ୮୮ ।
ଦୁଦର୍ଶନ ଚକ୍ରେ ପିନ୍ଧା ତ୍ରିଭୁବନ
ଜିଣିବା ଜାଣି ମଦନ,
ଦୁର୍ଲଭ ଦର୍ଶନ ଏ ନିତମ୍ବ ଚକ୍ର
ଜିଣିବାକୁ କଲା ମନ ? । ୮୯ ।
ଚୂଣ ସୂତ୍ର, ଚକ୍ର ନିତମ୍ବ ଲବଣ୍ୟ
ଜଳ, ଦଣ୍ଡ ରୋମାବଳୀ,
କୁଚ କୁମ୍ଭକାର ଯନ୍ତ୍ରବନର ଏ
ଜଗତ-ସାଧନ ଭଲି । ୯୦ ।
ମଣିପ୍ରଭ ରୋମି ମଦନ ମନ୍ଦର
ଚଳଦଳ ଗର୍ବ ହରେ,
ନୋହିଲେ ତା ଦେହ କମ୍ପଇ ଅଧିକେ
କାହିଁକ କାହାର ଡରେ ? । ୯୧ ।
ନାସା ତିଳୋତ୍ତମା, ଭ୍ରୂଲ୍ଲ ଚିତ୍ରଲେଖା
ରମ୍ଭା ଉରୁ ଏ ବାଳାର,
ବହୁ ଅପସରା ଦର୍ଶନ କୌତୁକ
ଦରଶନେ ହୁଏ ପୂର୍ବ । ୯୨ ।
କ୍ଷିତିରେ ପଦ ଧରି ଚଳାଇ ଦେଅଇ
ସାବଧାନେ ରମ୍ଭା ଉରୁ,
ଢଳିବା ପାଇଁକ ତାଂଠାରୁ ଅଲଗା
ବୋଲି ଦମୟନ୍ତୀ ଉରୁ । ୯୩ ।
ଅଧୋମୁଖେ ତପ ଅଚରି କଦଳୀ
ଜଡ଼ତ୍ୱବ ପରିହରି,
ଆଧାର ବରଜ ହେଲେ ଅବା ହେବ
ଭୀରୁ ବୃନ୍ତ ଉରୁ ସରି ? । ୯୪ ।

Digitized by srujanika@gmail.com

ଗୁରୁ ଉରୁ ସ୍ତମ୍ଭ   ଯୁଗଳ କୃଶାଙ୍ଗୀର
ପରାଜଇ କରି କର,
କଳେ କୁଣ୍ଡଳନ   ଛଳେ ସେ ଲଭୁଏ
ଆପଣା ମୁଖ ମୁଷ୍କର । ୯୫ ।
ଭୈମୀ କୁଚ ଶୈଳ   ଉଚ୍ଚ ନଚେଭଇନ
ଉରୁ ବ୍ୟାସ ବାସସ୍ଥଳ,
ଦରଶନ ଦିଏ   ଆହ୍ଲାଦ ନାରଦେ
ସୁଚାରୁ ମୁଖମଣ୍ଡଳ । ୯୬ ।
କ୍ରମେ କ୍ରମେ ସ୍ଥୂଳ   ଏ ଜଙ୍ଘ ଯୁଗଳ
ଦୃଷ୍ଟ ବନ୍ଧ ଭ୍ରମ ଆଣେ,
ଭୂମି ଉର୍ଦ୍ଧ୍ୱକ୍ରମେ   ପରହସ୍ତ ତାସ
ଲତା ବେଷ୍ଟନ କ ଜାଣେ ? । ୯୭ ।
ଲକ୍ଷ୍ମୀ ଅନୁବ୍ରତା   ନବାମ୍ବିକା ରତ,
ଶଚୀ ସଙ୍ଗେ ଦମୟନ୍ତୀ,
ଚତୁର୍ଦ୍ଦଶୀ ଭଳି   ଅଦୃଶ୍ୟ ସିଦ୍ଧିକ
ଗୁଳ୍ଫ ଯୁଗ ଲଭିଛନ୍ତି । ୯୮ ।
ଏ ସୁନ୍ଦର ପଦ   ଲବମାତ୍ର ଶୋଭା
ମାଗିନେଇ ହାତଯାଚ,
କମଳସ୍ତୁ ଦଳ   ଲଭିଅଛି ସିନା
ପଲ୍ଲବ ନାମରେ ଖ୍ୟାତ । ୯୯ ।
ଏ ପାଦ ପଙ୍କଜ   ସୁନ୍ଦରୀ ସମାଜ
ଶିରେ ଲଭି ସିନା ସ୍ଥାନ,
ସିନ୍ଦୂର ବନ୍ଧୁର   ଅରୁଣିମା ଯେଣ
ଭଜିଛି ପ୍ରବାଳମାନ । ୧୦୦ ।
ସର୍ବଗୁଣ ଯୁକ୍ତ   ଭୈମୀ ପଦ ଲଗି
ବହ୍ନିଙ୍କୁ ଲକ୍ଷ୍ମୀ ବରିଛି,

Digitized by srujanika@gmail.com

ନିଷ୍ପ୍ର ଛଳରେ ଅତ୍ୟନ୍ତ ଅରୁଣ
ପଦରେଖା ଭରିଅଛି । ୧୦୧ ।
ଗତିରେ ବିଜିତ ଗଜରାଜ, ଶୁଦ୍ଧ-
ପାର୍ଷ୍ଣୀ ହମଜା ଚରଣ,
ନଭଃସ୍ତ୍ରକରେ ହେଲବା ପାଇଁକି
ଇଚ୍ଛେ କେଉଁ ନରହଣ । ୧୦୨ ।
ଦର୍ଣ୍ଣ, ଅକ୍ଷି, ଓଷ୍ଠ, ବାହୁ, ପାଣିଙ୍କର
ଅଦ୍ୱୟାଭିମାନ ଦେଖି,
ଉତ୍‌କ୍ଷିପ୍ତ ଧରି ଦର୍ପ ଶାନ୍ତିକଳେ
ସେଠାରେ ପ୍ରିୟାଙ୍ଗ୍ର ରଖି । ୧୦୩ ।
ମୁଖ, ପାଦ-ପାଣି- ଯୁଚ୍ଛନ୍ତୁ ବଧ୍ୟାତା
କର ମାଧୁର୍ଯ୍ୟ ଭଷା,
ହୃମ ନିଃଶେଷିତ କମଳ ସୃଷ୍ଟିକୁ
ବଢ଼ିବାକୁ ବଧୂ ଇଚ୍ଛା । ୧୦୪ ।
ଦଶ ଦିଗୁଁ ସୁର- ଭଯ୍ୟେ ନୃପଗଣ
ଆସି ପଶିବେ ଶରଣ,
ବୋଲି ଦଶାଙ୍ଗୁଳି ଦେଇ ଗଢ଼ିଛନ୍ତି କି
ବିଧି ଯୁଗଳ ଚରଣ । ୧୦୫ ।
ଭୈମୀ ନଖ ଚନ୍ଦ୍ର ସୁଦଶା ବହନ୍ତି
ବିଧି ଅନୁକୂଳ ଥାଇ,
ପାଦ କୋକନଦ ସଂଯୋଗ ସଂପଦ
ନୋହିଲେ ଲଭନ୍ତା କାହିଁ । ୧୦୬ ।
ଯତ, ପଦାଙ୍ଗୁଷ୍ଠ- ନଖ, ମୁଷ୍ଟି, ଗୃହ
ପୂର୍ଣ୍ଣଚନ୍ଦ୍ର ଧରେ ସତୀ,
ତେଣୁ ଚନ୍ଦ୍ରମୁଖୀ କଳା ପରିପୂର୍ଣ୍ଣେ
ଭଲେ ସେଠାରେ ବସତି । ୧୦୭ ।

ଲୋକାତୀତ ଶିଳ୍ପ   ବହୁ ବହୁ ପୁଣି
ଯୌବନ ଅଦ୍ଭୁତ ବଳ,
ପଢ଼ାଇଲେ ପୁଣି   କାମ ବୈଦଗ୍ଧ୍ୟରୁ
ତେଣୁ ଅବର୍ଣ୍ଣୀୟ ହେଲ । ୧୦୮ ।

ହରିଣୀ ନୟନା   ସୁଷମା ବର୍ଣ୍ଣନା
କେଉଁ ପାଦ ନଯୋଏ,
ତର ମନନ ମନ   ବିସ୍ମୟ ସାଗରେ
ଭାସିଗଲେ ନରରାଏ ।

ପୂର ହୃଦ ମୃଦ   ଦୁଅନ୍ତେ ଉଦ୍ଦେଳ
ବଳଲ ନୃପତ ମନ,
ସଖୀବୃନ୍ଦ ଭେଟି   ପାଟଣ ନଜ ରୂପ
କରାଇବେ ପ୍ରଦର୍ଶନ । ୧୦୯ ।

ଭବରାଜ ରାଜ   ମୁକୁଟ ଭୂଷଣ
ଶ୍ରୀହୀର ଯାହାର ପିତା,
ଗୌଡ଼ୋର୍ବୀଶ କୁଳ   ପ୍ରଶସ୍ତି ଭଣିତ
ମାମଲ୍ଲ ଦେବୀ ଯା’ ମାତା ।

ରଚିଲେ ଶ୍ରୀହର୍ଷ   କବିବୃନ୍ଦବର
କବିକୁଳ ଚୂଡ଼ାମଣି,
ବୀରସେନ ସୁତ   ଚରିତେ ସପ୍ତମ
ସର୍ଗ ଏ ପୀୟୂଷ ଖଣି । ୧୧୦ ।

Digitized by srujanika@gmail.com

ଅଷ୍ଟମ ସର୍ଗ

ଝଲକ ନେଶେ ପୁଲକର ନଛେ
ପିଇଲେ କୁରଙ୍ଗୀଦୃଶା,
ସଜନୀ ସମାଜ ସଙ୍ଗେ ଦମୟନ୍ତୀ
ନାଶିବାକୁ କାମ ତୃଷା । ୧ ।
ଦେଖିଲ ନଳ ! ରହିପାରନ୍ତେ କି ?
ନୟନ ଗୋଚରେ ନୋହି,
କେତେ କାଳ ଭସ୍ମ- ଅଙ୍କୁର ରହିବ
ପଲ୍ଲବ ନିହ୍ନ ହୋଇ ? । ୨ ।
ଭୈମୀ ଚଞ୍ଚଳାକ୍ଷୀ ନଳ ନେତ୍ରବର୍ତ୍ତି
ଅପାଙ୍ଗ ଅଙ୍ଗଣେ ଥାଇ,
ଅନଙ୍ଗ ଆଶୁଗ ପ୍ରିୟା ପ୍ରତି ଅଙ୍ଗ
ଆଟୁଳେ ଭେଦନ୍ତ ଯାଇ । ୩ ।
ସମାନ ବିକ୍ରମେ ଦୁହିଁଙ୍କୁ ପ୍ରହାରି
ମେଳାଲେ ପଞ୍ଚବାଣ,
କୌସୁମ ବିଶିଖ ନ ବାଣ୍ଟି ପୀଡ଼ିଲା
ଏକଭଳ ବେଦନ ପ୍ରାଣ । ୪ ।

Digitized by srujanika@gmail.com

ନଳ ମଣି ମାତ୍ର ନବର୍ତ୍ତିଲେ ଭୈମୀ
ଅସମ୍ଭବ ମନେକରି,
ଆବେଗ ମାତ୍ର ପଛେ ନବର୍ତ୍ତିଲେ ନଳ
ନିଜ ଦୁରବସ୍ଥା ସ୍ମରି । ୫ ।
ଦେଖି କେଉଁ ବାଳା ଲଜ୍ଜାରେ ବୁଡନ୍ତି
ମଜ୍ଜିଲ କଣ ସେ ନଳେ,
କାମ ବୋଲି କଣ ମଣିଲ ତାହାକୁ
କଳଙ୍କ ଦେ' ବାମାନଳେ । ୬ ।
କୃଶୋଦରୀ ଭୈମୀ ସଜନୀ ସମଜ
ଅନ୍ତିକେ ଛଳି ଥାଇ,
"କଏ ତୁମ୍ଭେ, କାହୁଁ ଆଇଲ" ଏ କଥା
ପଚାରି ପାରିଲେ ନାହିଁ ।
ଉଠି ତାଙ୍କୁ ଅଭି- ନନ୍ଦନ କରିବା
ପାଇଁ ଥିଲେ ହେଲେ ମତି,
ରସେ ଭରି ଥାଇ ଉଠିଣ ପାରିଲେ
ଆସନ ତେଜି ସୁଦତୀ । ୭ ।
ନଳ ଦରଶନେ ସ୍ପନ୍ଦ ଆନନ୍ଦ
ଲଭିଲେ ଦମୟନ୍ତୀ,
ବର୍ଷା ବାରିପାତେ ଗିରି ନିର୍ଝରିଣୀ
ଲଭେ ଯଥା ସ୍ଫୀତ ଗତି । ୮ ।
ଶରକାଳ ଏକ ଅଙ୍ଗ ଦରଶନେ
ନ ଥିଲେ ନିମେଷପାତ,
ନଳ ଅନ୍ୟ ଅଙ୍ଗ ନିରେଖିବା ପାଇଁ
କେତ୍ରା କି ଭୈମୀ ଶତ ? । ୯ ।
ଆନନ୍ଦେ ଇତର ଅଙ୍ଗ ନ ଦେଖିଲେ
ଚିହ୍ନିଲେ ହେଲେ ନୟନ,

Digitized by srujanika@gmail.com

ଆନ ଅଙ୍ଗେ ଯାଇ ପୂର୍ବଦୃଷ୍ଟ ଅଙ୍ଗେ
ନ ଫେରିଲା ଭୈମୀ ମନ । ୧୦ ।
ଏକ ଅଙ୍ଗ ଦେଖ ଆନ ଅଙ୍ଗ ସୀମା
ଭଳ ସ୍ଥିର ନ ରହିଲା,
ବୈଳ ଲଭ ଲୋଭେ ସ୍ୱଭାବେ ଚଞ୍ଚଳ
ନେତ୍ର ଅଥୟାତ ହେଲା । ୧୧ ।
ରଭସେ ବାଞ୍ଛିତ, ଅବାଞ୍ଛିତ ଅଙ୍ଗ
ପାନକର ନେତ୍ର ମୁଖେ,
ଅପୂର୍ବ ଆନନ୍ଦ ଅନୁଭବ କଲେ
ଅଭେଦ ଖ୍ରୀମଜା ସୁଖେ । ୧୨ ।
ଦୃଷ୍ଟ ଘନ ନଳ- କେଶପାଶେ ପଡ଼ି
ଖ୍ରୀମଜା ନେତ୍ର ଖଞ୍ଜନ,
ନୀରବ ନିଶ୍ଚଳ ହୋଇ ରହିଲା କ
ଏଡ଼ି ନ ପାରି ବନ୍ଧନ ? । ୧୩ ।
ନମ୍ର ମୁଖ, ପାଣି, ପାଦ ପଙ୍କଜରେ
ଖ୍ରୀମଜା ସରୋଜ-ଦୃଷ୍ଟି,
ଆଲିଙ୍ଗିତ ହୋଇ ବନ୍ଧୁତା ବନ୍ଧନ
ନ ପାରିଲା ଅଙ୍ଗେ ତୁଟି । ୧୪ ।
ନଳ ଦରଶନେ ସଦାନନ୍ଦମୟୀ,
ସନ୍ଦେହ ବମୃତ ମତ,
ଆନନ୍ଦ, ସମ୍ମୋହ ରସେ ରସି ଭୈମୀ
ଭୁଞ୍ଜିଲେ ଦ୍ୱିବିଧ ପ୍ରୀତ । ୧୫ ।
ଭାଳେ କଳଙ୍କିନୀ ହେବ ବାଳା, ନଳ-
ରୂପ ହୃଦଠାରେ କଳି,
ବୋଲି ଅବା ବିଧି ନ ଦେଖିଲେ ଇନ୍ଦ୍ରେ
ମାୟାନଳ ରୂପେ ଛଳି ? । ୧୬ ।

Digitized by srujanika@gmail.com

ଋଷି ହେଲେ ମଧ୍ୟ ଶୋକ ନ ପାରନ୍ତି
ସ୍ୱଭାବେ ଚଞ୍ଚଳ ମନ,
ପାପୁଁ ଭକ୍ତ ଚିତ୍ତ ଫେରାଇ ଆଣନ୍ତି
କୃପାସିନ୍ଧୁ ଭଗବାନ । ୧୭ ।
ମିଥ୍ୟା ନଳେ ଭୈମୀ ଜାଣୁଥିଲେ ଯଥା
ମଦନ ମାଦକେ ମାତି,
ତଥ୍ୟ ନଳେ ଏବେ ସେଭଳି ଜାଣିଲେ
ଧୈର୍ଯ୍ୟ ଧ୍ୱଂସୀ ବାମ ଭାତି । ୧୮ ।
ବ୍ୟର୍ଥ ହେଲା ଭାବ ଗୋପନ ପ୍ରଯତ୍ନ
ସଜଳ ହେଲେ ନୟନ,
ବାଷ୍ପରୁଦ୍ଧ କଣ୍ଠେ କହିଲେ ଭାମିନୀ
ନୁଆଇଁ ଚନ୍ଦ୍ରବଦନ । ୧୯
ଅତିଥି ସେବାରେ ଖାଦ୍ୟରୂପେ ଅର୍ପି
ମସ୍ତକ-ରତ୍ନ-କିରଣ,
ବାକ୍ୟ ସୁଧାରସେ ମଧୁପର୍କ ଦିଅ
ଥିବେ ଥାନ୍ତି ବିଜ୍ଞଜନ । ୨୦ ।
ପ୍ରାଣ ତୃଣ ମଣି ମଧୁରେ ସମ୍ଭାଷି
ଆପଣା ଆସନ ଦେଇ,
ଆନନ୍ଦ ଲୋତକ ଅରଘ୍ୟ ସଙ୍ଗେ
ମୁଖ ପଖାଳିବା ପାଇଁ ? । ୨୧ ।
ଭେର ହୋଇଅଛି ଦେଇନାହିଁ ଜଳ
ପାଦ ପଖାଳିବା ପାଇଁ,
କରିଅଛି ଦୋଷ ଆଚରିବ କ୍ଷମା
ମାଗୁଛି କର ଯୋଡ଼ାଇ । ୨୨ ।
ଅଯୋଗ୍ୟ ହେଲେହେଁ ଏ ମୋର ଆସନ
ଅର୍ପିଛି ତୁମ୍ଭଙ୍କୁ ବୃନ୍ଦ,

ଅନ୍ୟତ ଯିବାର ଇଚ୍ଛାଥିଲେ ହେଲେ
କ୍ଷଣେ କି ମଣ୍ଡିବ ନାହିଁ ? । ୨୩ ।
ଶିରୀଷ କୋମଳ ଏ ପାଦ ଯୁଗଳେ
ତୁମ୍ଭର ନିର୍ଦ୍ଦୟ ମନ,
ଏଡ଼େ ପ୍ରୟାସରେ କେଉଁ ଦୂରଦେଶେ
ଯିବାକୁ କଲା ପ୍ରେରଣ ? ୨୪ ।
ବସନ୍ତ ବର୍ଦ୍ଧନ ବନ ଦଶା, କେଉଁ
ଦେଶ ତୁମ୍ଭ ବିନା ଭଜେ,
କହାଁ ଏ ପ୍ରବାସେ ଶୁଣି ପାରିବ କି
କି ନାମ ଧରି ସହଜେ । ୨୫ ।
ସୁରକ୍ଷିତ ଏହି ରାଜ ଅବରୋଧ
ଦୁସ୍ତର ସାଗର ଜଳ,
କେଉଁ ଲଭ ଲୋଭେ କଲ ଏ ସାହସ
ଅବଧି ନପାରେ କଳ । ୨୬ ।
ରାଜ ଅନ୍ତଃପୁରେ ତୁମ୍ଭ ପ୍ରବେଶକୁ
ମଣେ ମୋ ନେତ୍ର ସୁକୃତ,
ନ ଦେଖିଲେ ରକ୍ଷୀ ଦେଖିଲା ମୋ ଅକ୍ଷି
କାମ ଜିଣି ରୂପବନ୍ତ । ୨୭ ।
ଅହୋ ଦ୍ୱାରପାଳେ ଅନ୍ଧ କରିଦେଲ
କି ଅଦ୍ଭୁତ ବେଶ ଧରି,
ବର୍ଣ୍ଣିବାର ବାଣୀ ସୁନା ଦର୍ପ ଦଳେ
ଆବୃତ ଦେବତା ପରି । ୨୮ ।
ଯୁଗ୍ମ ନୂତ୍ନ, ନୂତ୍ନ ଅଶ୍ୱିନୀକୁମାର
ଦେହ ଅଛି ନୂତ୍ନ ଢାମ,
ଆନ ଚିହ୍ନେ ନାହିଁ କଛି ପ୍ରତ୍ୟାଜନ
ନୂତନ୍ତ ବେ' ତୁମ୍ଭ ସମ । ୨୯ ।

Digitized by srujanika@gmail.com

ଅନେକେ ଭୂଲୋକ ତୃପ୍ତି ବିଧାୟକ
କନକେଜ ସୁଧାକର,
ତୁମ୍ଭ ଜନ୍ମଫଳେ କୃତାର୍ଥ ହୋଇଛୁ
ଯେଉଁ ବଂଶ ରତ୍ନାକର । ୩୦ ।
ରକ୍ଷୀମାନଙ୍କର ଅକ୍ଷି ଅଗୋଚର
ହେବାରୁ, ରମଣୀମଣି,
ଅତିଥି ଆଦରେ ସ୍ତୁତ ଆରମ୍ଭିଲେ
ଯଥାର୍ଥ ଦେବତା ମଣି । ୩୧ ।
ଗୁଣୀ ଗୁଣଗାନେ ନିରତ ହୋଇଲେ
ଦୂଷିତ ହୁଏ ରସନା,
ଅଳପେ ଖଳତା, ବନ୍ଦ-ନିନ୍ଦା ସତ୍ତ୍ୱେ
ଶ୍ରେୟ ସେ ବନ୍ଧୁ ବର୍ଣ୍ଣନା । ୩୨ ।
ଦର୍ପ ତେଜ, ଦେହ ବସନ୍ତି କନ୍ଦର୍ପ
ଚକ୍ଷୁର୍ବି-ନୟନାନଳେ,
ଜନ୍ମାନ୍ତରେ ତୁମ୍ଭ ରୂପ ସରୂପତା
ଲଭିଛୁ କ ପୂଣ୍ୟବଳେ । ୩୩ ।
ତୁମ୍ଭ ଶୋଭା ଯଶେ ଦଦର୍ପ କନ୍ଦର୍ପ,
ରଜତ କୈଳାସ ଗିରି,
ଅଶ୍ୱିନୀକୁମାର ଅଶ୍ରୁ ସିକ୍ତ ମୁଖ,
ଚନ୍ଦ୍ର-ଚୁତ ନତ ମୌଳି । ୩୪ ।
ତବ କାନ୍ତ କୀର୍ତ୍ତି ସଙ୍ଗେ ଅତୁଳନା
ହଂସାବଳୀ ଧବଳ ତଳେ,
ଲଘୁତା ପ୍ରକାଶି ଉଡ଼ ଗଗନରେ
ପଡ଼ ଭୟେ ସିନା ଜଳେ । ୩୫ ।
ପଦାଙ୍ଗୁଳି ଶୋଭା ଲେଶକୁ ତୁମ୍ଭର
ଚେତେ ଲଭନାହିଁ ସ୍ୱର,

Digitized by srujanika@gmail.com

ନଖ ଚଇତବ ଅର୍ଦ୍ଧେନ୍ଦୁ ସୂଚଇ
ତୁମ୍ଭେ ଏବାବାର ହର । ୩୬ ।
ଦ୍ୱିଜରାଜ ପିନା ମାସେ ମାଷେ ଚଇ
ଚାନ୍ଦ୍ରାୟଣ ବ୍ରତ ସୁଖେ,
ଡଆଁସ ଗତରେ ସାଯୁଜ୍ୟ ମୁକତି
ଲଭି ମିଶେ ତୁମ୍ଭ ମୁଖେ । ୩୭ ।
ବଦର (୧) କପଟେ ଅର୍ଦ୍ଧଚନ୍ଦ୍ର ଦେଇ
କୃଷ୍ଣସାର-ନେତ୍ର ପ୍ରାନ୍ତେ,
ନାନାବର୍ଣ୍ଣେ ଚିତ୍ର କଲ ତୁମ୍ଭ ନେତ୍ର
ବିଧାତା କି ନିଜ ହାତେ । ୩୮ ।
ଭ୍ରୂରୂ ନିରମାଣେ ମୁଗ୍ଧ ମନୋଭବ
ଧନୁ ଦେଇ ଧାତା କରେ,
ଇଚ୍ଛା ନ କଲ କି ଭ୍ରୂଭଙ୍ଗ ମାନବେ
ହାରିବାକୁ ଏ ରୂପରେ । ୩୯ ।
ବଦନଚନ୍ଦ୍ରଲ ରାକା ଶଶଧର
ମୃଗ ନୟନ-ଯୁଗଳ,
ତରଙ୍ଗ କୁଞ୍ଚିତ ଗୃଦ୍ଧ କେଶପାଶ
ହରଣ ପୁଚ୍ଛ ସୁନ୍ଦର । ୪୦ ।
ହର ନେତ୍ରାନଳେ ଅଦୃଶ୍ୟ ଅନଙ୍ଗ
ଥାଉ ପଛେ ଏ ପ୍ରବାଦ,
ଏ ଦେହ ଶୋଭରେ ଅଦୃଶ୍ୟ ମଦନ
ନୂତନ ତଥ୍ୟ ସମ୍ବାଦ । ୪୧ ।
ଜଗତ ଲାବଣ୍ୟ ଲୁଟି ବାନ୍ଧ ତୁମ୍ଭେ
ଇନ୍ଦୁ ଉଜ୍ଜ୍ୱଳି ଫଳେ,
ଶିଶୁ ଦ୍ୱିଜରାଜ- ରୂପେ ରାକେ ପିନା
ବିଷମ କେତନ ଭାଲେ । ୪୨ ।

(୧) ମୃଗନେତ୍ର ତଳସ୍ଥ ରଞ୍ଜିତ ରେଖା ।

Digitized by srujanika@gmail.com

ନାମ ଦେହ ଦାହ ଅବଧି ଜଗତ
ଲୋଚନେ ଦରିଦ୍ର ଥିଲ,
ତୁମ୍ଭ ରୂପ ବହ୍ନି ନାଶି ତା ହୁତ
ଅନୁଗ୍ରହ ସିନା କଲ । ୪୩ ।
ନର ଯେବେ ତୁମ୍ଭେ କୃତାର୍ଥ ଧରଣୀ
ସୁର ହେଲେ ଦେବଲୋକ,
ଉରଗ ଲୋକରେ ଜନ୍ମିଥିଲେ ତୁମ୍ଭେ
ତାହା ହେଲେ ନାଗଲୋକ ? । ୪୪ ।
ଅଗତ୍ୟା ଚକ୍ଷୁରେ ସମ୍ଭାଳିବା ପିଛୁ
ଅସମାନ ନୁହେଁ ତେଣୁ,
ଗାମ୍ଭୀର୍ଯ୍ୟ, ମହତ୍ତ୍ୱ, ଛଡ଼ାଇ ଦେଲନ୍ତି
ଦେଖୁଛୁ ଅକ୍ଷିରେ ତେଣୁ । ୪୫ ।
ବିମ୍ବ, ଅନୁବିମ୍ବ ବନଜ ସରୂପ
ବିଧାତା ସୃଷ୍ଟିରେ ନାହିଁ,
ସଂସାର ସାଗରେ ତୁମ୍ଭ ପ୍ରତିବିମ୍ବ
ନଳ ଏକା ଛନ୍ତି ପାଇ । ୪୬ ।
କଏମେ ଜଗତେ ଏତେ ଭାଗ୍ୟବାନ ?
ଅହୋ ! କି ତପସ୍ୟାର ଫଳ,
ଯା ଲାଗି ଏ ପାଦ ଯୁଗଳ ସୁକଳ
ଗତପଥେ ପଦ୍ମମାଳ । ୪୭ ।
ସନ୍ଦେହ ଦୋଳାରେ ଦୋଳଇ ମୋ ଚିତ୍ତ
ତୁମ୍ଭେ ସେ ନଳ କି ନୁହଁ ?,
ବୃଥା ଭାବନାରେ ପ୍ରୟୋଜନ ନାହିଁ
ତାହାର ଉତ୍ତର କୁହ । ୪୮ ।
ଆଜ ମୋ ନୟନ ଜନମ ସଫଳ
ତବ ରୂପାମୃତ ପାଇ,

Digitized by srujanika@gmail.com

ଦୟାକର, କାନେ ପଶିଲେ ବଚନ
ସୁଧା ସେ ଲେଉଡ଼ବ ନାହିଁ । ୪୯ ।
ଶ୍ରମନା ଚନ୍ଦ୍ରକ- ଅଧର-କାର୍ମ୍ମୁକ
ଢେଳି ମଧୁରସ ଗାଳ,
କାମ ପଞ୍ଚବାଣ ସେ ବାଣୀ ଉପରେ
ନଳ କାନେ ଗଲ ଗଳି । ୫୦ ।
ପ୍ରିୟାମୁଖୁଁ ପ୍ରିୟ- ବାଣୀ ଶୁଣି ନୃପ
ବୁଡ଼ିଲେ ପରମ ସୁଖେ,
ହେନୁ ମୁଖ ଦେଖି ପ୍ରୀତ ଛଟକର
କ ମିଳା ସେ ଇଷ୍ଟ ମୁଖେ । ୫୧ ।
ଭୈମୀ ଦୃଷ୍ଟା ଯେଣ, ତା ପ୍ରିୟ ସଜନୀ
ଆସନେ ବସିଲେ ନଳ,
ଜନତା ବହନ୍ତ ଅର୍ଘ୍ୟ ଦେନ ସୂର୍ଯ୍ୟ
ମଣ୍ଡିଲେ କ ପୂର୍ବାଚଳ । ୫୨ ।
ଭୈମୀ ରଣାଙ୍ଗନେ ନଳ ମଦନକୁ
ବଦ୍ଧ ଲଗାଇଲ ଆଣି,
ହେଲା ଭକ୍ତ କାମ- ରୂପ ଶୁଣାଇଲ
ଜୟ ପରାଜୟ ବାଣୀ । ୫୩ ।
ବଚନ ବାଣରେ ଜଣା ହୋଇ ନଳ
ଏଣ୍ଡିଲେ ସୁର ଶାସନ,
କାମେ କଳୁଷିତ ନୁହଇ ବିବେକ-
ଧାରାଧୌତ ସାଧୁ ମନ । ୫୪ ।
ଦଗପତିମାନେ ପେଷିଛନ୍ତି ମୋତେ
ହେବାକୁ ତୁମ୍ଭ ଦୂତୀ,
ଜୀବନ ପଣ ମୁଁ ଦଗୀଶ ସନ୍ଦେଶ
ଆଣିଛି ଆଦରେ ଅତି । ୫୫ ।

Digitized by srujanika@gmail.com

ଶରମ ସଙ୍କାର, ଲଙ୍ଘି ମୁଁ, ବସ
ଏଁଠି ଟିଆହେଲ କଥାଁ,
ଦୂତକର୍ମ ମୋର ସଫଳ ହୋଇଲେ
ଉଚିତ ଅତିଥ୍ୟ ତାହା । ୫୬ ।
ସେର ତୁମ୍ଭର କୁଶଳ ତ ଅଟେ !
ମନ ଭଲଅଛି ଟିକ,
ବିଳମ୍ବ ନ କର ମୋ ବଚନ ଶୁଣ
ଆକର୍ଣ୍ଣ ବିସ୍ତୃତ-ଅକ୍ଷି ! ୫୭ ।
ଦେବରାଜ, ଯମ, ଅନଳ, ବରୁଣ,
ଏହି ଚାରି ଦିଗପତି,
ପିଳଦନୁ ତୁମ୍ଭ ସୁଗୁଣଗଣରେ
କଣାହୋଇ ରହିଛନ୍ତି । ୫୮ ।
ବାଲ୍ୟ ଯଉବନ- ସନ୍ଧ୍ୟ ତଳ ତୁମ୍ଭେ
ହରିବାକୁ ତାଙ୍କ ମନ,
କାନ୍ତତ୍ୱେର କାମ ଦୁଃଖ ଦିଏ ତାଙ୍କୁ
ଲୁଟିନେଇ ଧୈର୍ଯ୍ୟଧନ । ୫୯ ।
ସେମାନଙ୍କ ମନେ ବିଲସେ ସତତ
କେବଳ ତୁମ୍ଭର ଆଶା,
ଏଣିକି ଉଦାର ସ୍ୱଦାର ଆଶାରେ
ନାହିଁ ହୃଷ୍ଟବ ଲାଳସା । ୬୦ ।
ତୁମ ଯଉବନ ବୃଦ୍ଧି ସଙ୍ଗେ ସଙ୍ଗେ
କାମର କୁସୁମ ଚାପ,
ଶିଞ୍ଜିନୀ, ଅବର ସୁରଟଭ ପ୍ରେମ,
କୋଟିକୁ ଦେଲଣି ଧାପ । ୬୧ ।
ପ୍ରାଚୀ ବୋଲେ ଦେଖି ହନୁକୁ ବାସବ,
ରୂପେ, ତାପେ, ଇନ୍ଦୁ ମଣି,

Digitized by srujanika@gmail.com

ଶ୍ରେଷ କଷାନ୍ଧ   ସହସ୍ର ଲେଚନ
ଅନାନ୍ତ ବପଦ ଗଣି । ୬୨ ।
ଘନିଥିଲ ଯାହା   ଲୁଚନାହିଁ ତାହା
ନିନେଜ ହେବାକୁ ବାମ,
ସହସ୍ରଲେଚନ   ବିପକ୍ଷ, କେଜାଣି
କ ଦଶା ହେଗିବ କାମ । ୬୩ ।
ପିକ ଡାକ ଶୁଣି   ନନ୍ଦନେ ଆନନ୍ଦ
ନ ଲଭନ୍ତି ସୁରସାଇଁ,
ଶଶିକଳା କାମ-   ବିକାର ଆଣଇ
ତେଣୁ ଶିବପୂଜା ନାହିଁ । ୬୪ ।
କୋକିଳ କୁହୁରେ   ଘକା ରଜନୀରେ
କୁହୁ ଭ୍ରମେ ଅହର୍ନିଶ,
କାମ ଫୁଲଶର-   ପଶ୍ଚେଗ ଅନ୍ଧାର
ଦଶଇ ତାହାଙ୍କୁ ଦଶ । ୬୫ ।
ଗିରୀଶ ପ୍ରସାଦେ   ଅଭେଦ୍ୟ କବଚ
ଅନଙ୍ଗ, ନଥିଲେ ପାଇ,
ଫୁଲଶରେ ପୀଡ଼ା   ଦେଇ ପାରନ୍ତା କି
ବଜ୍ରେ ଖଣ୍ଡ ଖଣ୍ଡ ନୋହି ? । ୬୬ ।
ତୁମ ପ୍ରେମେ ଅଜି   ଅମର ନାୟକ
ବିରହେ ବଧୂର ଅତ,
ଶଚ୍ୟା:ଲାଗି ଲୁନ   ପଲ୍ଲବେ ଦରିଦ୍ର
ଅମର ପାଦପପନ୍ତି । ୬୭ ।
କାମଧେନୁ ଘୋଷେ   ବଧିର ଶ୍ରବଣ
ହୃତଧୈର୍ଯ୍ୟ ସୁରପତି,
ସ୍ୱର ମୋହନଦ୍ରା   ପ୍ରବୋଧଦାୟିନୀ
ଗୁରୁ ବାଣି ନ ଶୁଣନ୍ତି । ୬୮ ।

Digitized by srujanika@gmail.com

ପ୍ରତି ବସନ୍ତରେ ସ୍ୱର୍ଣ୍ଣଧା ନଳମା
କାମ ତାପ ଶାନ୍ତିଲାଗି,
ଚ୍ଛିନ୍ନମୂଳ ହୋଇ କଦର୍ଥନା ଲଭି
ଶିଶିରରେ ଅନୁରାଗୀ । ୬୯ ।
ବାସବ ନେତ୍ରଙ୍କୁ ବଳି ନେତ୍ର ନାହିଁ
ବିଗୃହୁଛ ଦମୟନ୍ତୀ,
ସହସ୍ରଲୋଚନ ହେଲେହେଁ, ତୁମ୍ଭର
ଅପାଙ୍ଗକୁ ପୁଣି ମତି । ୭୦ ।
ଅଷ୍ଟମୂର୍ତ୍ତିଙ୍କର ସମୁଜ୍ଜ୍ୱଳ ମୂର୍ତ୍ତି
ଉପାସିତ ଦେବ, ଦ୍ୱିଜେ,
ସେ ଅନଳ ଅଳ ମଦନ ନିର୍ଦ୍ଦେଶେ
କଙ୍କର ତୁମ୍ଭର ନିଜେ । ୭୧ ।
ତୁମ୍ଭ ଲକ୍ଷ୍ୟେ ତାଙ୍କୁ ସମୁଚିତ ଶିକ୍ଷା
ଦେଇଅଛି ପଞ୍ଚବାଣ,
ଅନୁଭବ ତାପ ନ ପୋଡ଼ିବେ ଆଜି
ଯେପରି ଅପର ପ୍ରାଣ । ୭୨ ।
ଶିବ ନେତ୍ରେ ଥାଇ କାମକୁ ଯେପରି
ପୋଡ଼ିଥିଲେ ହୁତାଶନ,
ତୁମ୍ଭ ନେତ୍ରେ ଥାଇ ତାହାଙ୍କୁ ସେପରି
ପୋଡ଼ଇ ଏବେ ମଦନ । ୭୩ ।
ବିପ୍ରଯୁକ୍ତ ହୋଇ ସୋମେ ରୁଷି ସୋମ
ପିଅନ୍ତି ସିନା ଅନଳ,
ଅଗତି ନାମକୁ ସହି ନ ପାରନ୍ତି
କେବେହେଲେ ଊର୍ଦ୍ଧ୍ୱସ୍ଥଳ । ୭୪ ।
ତୁମ୍ଭ ଘେନି ତାଙ୍କୁ କୁସୁମ ସାୟକ
ସତତ ପୀଡ଼ିବା ବଣୁ,

Digitized by srujanika@gmail.com

ପୂଜକ ପ୍ରଦତ୍ତ   ଅର୍ଚ୍ଚନା ପୁଷ୍ପକୁ
    ତରଲେଣି ବଣ୍ଟବସ୍ତୁ । ୭୫ ।
ସ୍ମର ଦଗ୍ଧ ହୃଦେ   ନିହିତ ଶୈବାଳ
    ପିହିତ କମଳ ଦଳ,
ଧୂମାବିଳ କାମା-   ନଳ ଶିଖା ଭଳି
    ବିରାଜଇ ଅବିକଳ । ୭୬ ।
ଚନ୍ଦନ ବାସିତ   ଦଗ ଧବ ଧର୍ମ୍ମ-
    ଗ୍ରଜ ରବିସୁତ ବଳେ,
ତୁମ୍ଭ ଯେନ ଧୈର୍ଯ୍ୟ   ଆହୂତ ଦେଲେଣି
    ମଦନ ପ୍ରତାପାନଳେ । ୭୭ ।
ସତତ ତାହାକୁ   ସେବଇ ମଳୟ
    ତପ୍ତ କଣଳୟ କରେ,
ଯେ ଯାହା ଆଶାରେ   ଧରିଥାଏ ଜୀବ
    ସେ କି ତା' ସେବା ନ କରେ ? । ୭୮ ।
କାମଜ୍ୱର ତାପେ   ଶରୀର ତାଙ୍କର
    ନିତାନ୍ତ ପାଣ୍ଡୁର ଦଶେ,
ନିଜ ବାହୁବଳେ   ବିଜୟୀ କାମର
    ଉଜ୍ଜ୍ୱଳ କୀରତି କି ସେ । ୭୯ ।
ପ୍ରତି ପ୍ରଦୋଷରେ   କୁଙ୍କୁମ ଅରୁଣା
    ବାରୁଣୀ ଲଳନାସାଇଁ,
କି ଯୋଗେ ପେଷିଲେ   ତୁମ୍ଭ ପାଶେ ମନ
    ଆଜ ସେ ଫେରିଲ ନାହିଁ । ୮୦ ।
ବରୁଣ, ମଦନ   ସନ୍ତାପ ଯେପରି
    ତତାଏ ସାଗର ଜଳ,
ସେପରି ତତାଇ   ନ ପାରଇ ତାକୁ
    କ୍ଷୁଭିତ ବାଡ଼ବାନଳ । ୮୧ ।

Digitized by srujanika@gmail.com

ତୁମ୍ଭ ସୁକୋମଳ ବାହୁଲତା ସ୍ପୃଷ୍ଟ
ଅଣିବାରୁ ମୃଣାଳିନୀ,
ଖଳ ସେବା ପରି ତା' ସେବା, ତାଙ୍କର
ଅଧିକ ତାପଦାୟିନୀ । ୮୨ ।

ବିରହୀ ବରୁଣ ହୃଦ ବିଦାରଣ
କାମବାଣ କ୍ଷତ ବ୍ୟାଜେ,
ବକ୍ଷ ବିନିହିତ ମୃଣାଳ ଖଣ୍ଡରେ
ଶତ ଛିଦ୍ର ଯେହ୍ନେ ରାଜେ । ୮୩ ।

ତୁମ୍ଭଙ୍କୁ ଅମୋଘ ଅସ୍ତ୍ରରୂପେ ପାଇ
ମଦନ ମଦାନ୍ଧ ହୋଇ,
ତ୍ରିଲୋକ ତିଳକ ବାସବ ପ୍ରମୁଖ
ଦେବତାଙ୍କୁ ଗଣୁନାହିଁ । ୮୪ ।

ଧନ୍ୟ ଦମୟନ୍ତୀ ! ସୁଧାଧାର ସମ
ତୁମ୍ଭ ସ୍ୱୟମ୍ବର ଶ୍ରୁତ,
ଭୂ-ଲୋକରୁ ଯାଇ ଦ୍ୟୁଲୋକେ ଛୋଟଇ
ଅମରଗଣଙ୍କ ଶ୍ରୁତ । ୮୫ ।

ସପତ୍ନୀ କ୍ରୋଡରେ ଦୁଃଖେ ଦୀର୍ଘଶ୍ୱାସ
ନିଃସରୁଁ ସ୍ୱଦାରମୁଖେ,
ବହିତ ପବନ ଗନ୍ଧ ଆରମ୍ଭିଲେ
କାମାନଳେ ତାତ ଦୁଃଖେ । ୮୬ ।

ଅମୃତୁ ଅଧିକ ହେଳ ତୁମ୍ଭ ସ୍ମୃତି
ପାଥେୟ ଅଣିଲେ ନାହିଁ,
କ୍ଷୁଧା ତୃଷା ତାଙ୍କୁ ନ ବାଧିଲା ତିଳେ
ତୁମ୍ଭଙ୍କୁ ମାନସେ ଧ୍ୟାୟୀ । ୮୭ ।

ତୁମ୍ଭ ଯେଣୁ କାମ ଅନଳେ ଅରପି
ଅପଣା ଅପଣା ଦାର,

Digitized by srujanika@gmail.com

ସୁରଶ୍ରେଷ୍ଠମାନେ ମଣ୍ଡିଛନ୍ତି ଅସି
ପୂତ ପଦନ୍ୟାସେ ଧରା । ୮୮ ।
ପାଶେ ଥାଇ ମୋତେ ପଠାଇ ଅଛନ୍ତି
କରିବା ପାଇଁକି ଦେଖା,
କହନ୍ତ ମୋ ଠାରେ ଦାଡ଼ିମସ୍ତ ବର୍ଣ୍ଣ
ମୁଁ ତାଙ୍କ ଜଙ୍ଗମ ଲେଖା, । ୮୯ ।
ମନେ ମଦନ ଗାଢ଼େ ଅଲଙ୍ଘି ତୁମ୍ଭଙ୍କୁ
ଦେଇଛନ୍ତି ଏ ବାରତା,
କାମ ଶଲ୍ୟପାତ ମୂର୍ଚ୍ଛା ଅବସ୍ଥାକୁ
ହେବାକୁ ଔଷଧି ଲତା । ୯୦ ।
ଲାବଣ୍ୟ ପିପାସୁ ଅମ୍ଭ କଟାକ୍ଷକୁ
ମନ ଦିଏ ଆଶ୍ୱାସନା,
ଭେଟିବାକ ଆଜ ଠକବୁ ତାହାକୁ
କହି ଏପରି ଛଳନା ? । ୯୧ ।
ନିଜ ବାହୁଦଣ୍ଡେ ଅଦତ୍ୟମଣ୍ଡଳେ
ପରିବେଷ ରଚ ରଙ୍ଗେ,
ତାପ ଶାନ୍ତ କର ପ୍ରସନ୍ନେ, ଅନଙ୍ଗ
ତରଙ୍ଗ ଶୀତଳ ଅଙ୍ଗେ । ୯୨ ।
ଅନଙ୍ଗ ଚଣ୍ଡାଳ ଅପବାଦ ବାଣେ
ନ ମାରିଅ ଦୟାକର,
ପ୍ରେମାମୃତ ପୂର୍ଣ୍ଣ କଟାକ୍ଷ ସାମ୍ପ୍ରତେ
ହତ ହେବା ହୃତକର । ୯୩ ।
ଶତ ଶତ ପ୍ରାର୍ଥୀ ଥିଲେହେଁ, ତୁମ୍ଭର
ପ୍ରସାଦ, ଅମ୍ଭର ପ୍ରାଣ,
ଆଶଙ୍କା ନ କର ସାକ୍ଷୀ ଏ କଥାର
ଅନ୍ତର୍ଗତ ପଞ୍ଚବାଣ । ୯୪ ।

Digitized by srujanika@gmail.com

ତରକାନ୍ତୁ ତୁମ୍ଭେ ହୃଦୟେ ରହିତ
ମୂର୍ତ୍ତି ତାହା ତୁମ୍ଭ ଭବେ,
ମୁରାରି ବକ୍ଷରେ ମହାଲକ୍ଷ୍ମୀ ଭଳି
ବକ୍ଷ ଦେଶେ ରାଜ ଏବେ । ୯୫ ।
ଦୟା ଥିଲେ ସୁଟେ, ମଣ୍ଡ ସୁରପୁର
ଶୁଚିଭେ ବିଳମ୍ବ ନ କର,
ଜନ୍ମଭୂମି ସ୍ନେହ ଥିଲେ ଏ ମର୍ତ୍ତ୍ୟକୁ
ସ୍ୱର୍ଗ କରିବେ ଅମର । ୯୬ ।
ନତ ନତ କର ପଙ୍କଜରେ ପୂଜା
ତହିଁ ନାହିଁ ପ୍ରୟୋଜନ,
ନତଶିରେ ପାଦ ପଙ୍କଜ ପ୍ରସାଦ
ଲଭିବାକୁ ଏକା ମନ । ୯୭ ।
ଜଗାସନା କରୁ ସୁବର୍ଣ୍ଣ ସୁମନେ.
ତହିଁରେ ସନ୍ତୋଷ ନାହିଁ,
ଙ୍ଗୁରନ୍ତ ଅମରେ ସ୍ୱର୍ଣ୍ଣକାନ୍ତ ଜଣା
ଶ୍ରୀଅଙ୍ଗ ସେବିବା ପାଇଁ । ୯୮ ।
କାମ ଗୃପ ଗୃହୁ ଭୃଷୁ ! ତୋ କାନ୍ତିର
ହେଉଛୁ ହେଣୁ ମହ୍ସ୍ୱି,
ପିଙ୍ଗଳ ସେ ହେମ ପୋଡ଼ିବୁ ତାହାକୁ
ଅନଳେ ସୁନାର ଭଳି । ୯୯ ।
ତାପ ଶାନ୍ତିଲଗି ଅଯୋଗ୍ୟ ଅମୃତ-
ସର, ଅପସରା ଚ୍ଛର,
ଫୁଲଶର ଶର ମଧୁ ସୁମଧୁର
ତୋ ବଚନାମୃତ ସାର । ୧୦୦ ।
ଖଣ୍ଡ ବାକ୍ୟ-ଖଣ୍ଡ, ଶର୍କରା ତୋ ବାକ୍ୟ
ପଥର କଙ୍କର ଜାତ,

୪୮।

ବାକ୍ୟ ଭଙ୍ଗି ରସ- ବଚ୍ଛେ ଜାତ ତୃଣ
ଇକ୍ଷୁ ବୋଲି ସିନା ଖ୍ୟାତ । ୧୦୧ ।
ଚନ୍ଦ୍ର ଜିଣି ମୁଖ ଝଙ୍କାଙ୍କ ଭ୍ରମାଇ
ଡରଇ ତାହାକୁ ସନ୍ତ,
କ ଦେବୁ, ଅମୃତ ଅଧରରେ ଅଛୁ
ତହୁଁ କ ଅଧିକ ଅଉ । ୧୦୨ ।
ପ୍ରିୟେ ! ଅମରଙ୍କୁ ବରମାଗ ବୋଲି
କହିବାକୁ ମୋତେ ଲଜ,
ଯେଣୁ ପାଦପଦ୍ମ ସେବାରେ ଜୀବନ
ଦେଇଛନ୍ତି ଦେବେ ଅଜ । ୧୦୩ ।
ଅମୃତୁଁ ଅଧିକ ଅନଙ୍ଗ ଜନିତ
ଅଧମରଣକୁ ଗଦ,
ରଖ, ସଖି ! ପ୍ରାଣ ସଜୁ, କାମ ହାଣ
ଚଖାଇ ରଦନ ଛଦ । ୧୦୪ ।
ଧନୁ ଶର କେତୁ ସହ ଦଗ୍ଧ ଦେହ
ହୋଇଥିଲ ପଞ୍ଚବାଣ,
ତୁମ୍ଭ ଅନୁଗ୍ରହେ ହେଉ ମନସିଜ
ଆମ୍ଭ ମାନସ-ନନ୍ଦନ ।
କୃଶାଙ୍ଗୀ ତୋ ଭ୍ରୂଲତା ଧନୁ ହେଉ ତାର
ସ୍ମିତ ହେଉ ସିତ ଶର,
ଧ୍ୱଜ ତାର ହେଉ ତୁମ୍ଭର ଚଞ୍ଚଳ
ମୀନ-ନୟନ ଯୁଗଳ । ୧୦୫ ।
ପ୍ରତି ରଜନୀରେ ସ୍ୱପନ ସମ୍ଭାରେ
ତୋ ରୂପେ ରସଇ ଆଖି,
ଗୀତାମୃତ ରସେ ଶ୍ରବଣ, ରସନା
ଅଧର ଅମୃତ ଚାଖି;

Digitized by srujanika@gmail.com

ଅଙ୍ଗସ୍ପର୍ଶ ସୁଚେଷ୍ଟ, ନାସ ଶ୍ବାସ ବାସେ,
ବିମଳ ଚରିତେ ମତି,
ନ ବାନ୍ଧନ୍ତୁ କେଉଁ କରଣ-(୧)ହରଣେ
ସୁତନୁ ! ବାଗୁରା ପାନ୍ତି । ୧୦୬ ।
ଦଗୀଷ-ସନ୍ଦେଶ ମଘ୍ନୀ କନ୍ଧାପନ୍ନ-
ଧାସ୍ତି ମୋର ଦୂତପଣ,
ସଫଳ ହେବାକୁ ସୁର ସମାଜରୁ
ଜଣକୁ ବର ବରଣ । ୧୦୭ ।
କାମାନଳ ଦଗ୍ଧ ଇନ୍ଦ୍ରଙ୍କ ଅନନ୍ଦ
ବଢ଼ାଅ ତାହାକୁ ବରି;
ନାନା କେଳିରସେ ଅନଳଙ୍କୁ ତୋଷ
ତା ନୋହିଲେ କୃଶୋଦରି !
ଇଚ୍ଛା ଯେବେ ହୁଏ ତେବେ ଶମନଙ୍କୁ
ସୁମନେ ! କରୁଣା କର,
ରୁଚି ଅନୁକୂଳ ହେଲେ ବରୁଣଙ୍କୁ
ବରମାଳା ଦେଇ ବର । ୧୦୮ ।
କବିରାଜ ରାଜ ମୁକୁଟ ଭୂଷଣ
ଶ୍ରୀହୀର ଯାହାର ପିତା,
ଅପୂର୍ବ କବିତା ପଢେ଼ ଯେ ପଥିକ
ମାମଲ୍ଲ ଦେବୀ ଯା ମାତା ।
ରଚିଲେ ଶ୍ରୀହର୍ଷ ଜିତେନ୍ଦ୍ରିୟବର
କବିକୁଳ ଚୂଡ଼ାମଣି,
ବୀରସେନ ସୁତ ଚରିତ ଅଷ୍ଟମ
ସ୍ଥିତେ ଏ ଅମୃତ ଖଣି । ୧୦୯ ।

---

(୧) ଇନ୍ଦ୍ରିୟ

Digitized by srujanika@gmail.com

ନବମ ସର୍ଗ

ବାଗୀଶ-ସନ୍ଦେଶେ ଅନଚ୍ଛା ପ୍ରକାଶି
ନେତ୍ର-ଭ୍ରୂଭଙ୍ଗୀ ଛଳେ,
ଦୂତରୂପୀ ନଳ ବଚନ ଶୁଶ୍ରୂଷା
ରଖି ଭୈମୀ ଶୁଣିଗଲେ । ୧ ।
ବାଗୀଶ ସନ୍ଦେଶ ନ ଶୁଣିବା ଭଳି
ଭାବ ଘେନି ଦମୟନ୍ତୀ,
ଭୂତଳ-ଶୀତଳ- ଦ୍ୟୁତ, ଦେବଦୂତେ
ଭାଷିଲେ ମଞ୍ଜୁ ଭାରତୀ । ୨ ।
"କୁଳ ନାମ ବେନି ପଚାରିଥିଲି ତା'
ତେଜି ଆନ କଥା କହ,
ମୋ ପ୍ରଶ୍ନ ଉତ୍ତର ଧରି ଅଧମର୍ଣ୍ଣ
ପରି କି ଲଜ୍ଜିତ ନୁହ ? । ୩ ।
ମୋର ଅନୁଯୋଗେ (୧) ତୁମ୍ଭ ସରସ୍ୱତୀ (୨)
ସରସ୍ୱତୀ (୩) ଜଳ ପରି,

(୧) ପ୍ରଶ୍ନରେ, (୨) ବଚନ ।
(୩) ଅନ୍ତଃସ୍ଥଳା ନଦୀ ବିଶେଷ ।

Digitized by srujanika@gmail.com

କାହିଁ ଦେଖାଦଏ କେଉଁଠାରେ ପୁଣି
ହୁଅଇ ଅଦୃଶ୍ୟ ଭଳି । ୪ ।
ମଧୁର ବଚନ ଶୁଣିଲେହେଁ ତବ
ନାମରେ ଅଗ୍ରହ ହୁଏ,
ଦଧି ମଧୁ (୧) ଦୁଗ୍ଧ ମଧୁରେ, ସଲିଳ
ପିପାସା ନିବାରେ ନୁହେ । ୫ ।
ଯେଉଁ ସମୁଜ୍ଜ୍ୱଳ ବଂଶ ତୁମ୍ଭଭଳି
ନାୟକ-ରତନ ଧରେ,
ଥାଉ ଆନକଥା ଏତା ତୁମ୍ଭ ଯେନ
ମୁଁ ତାକୁ ପସନ୍ଦ କରେ । ୬ ।
ସ୍ୱବ ସ୍ୱବ ଶାନ୍ତ ଗୃହକ-ଚଉକୁ
ପ୍ରାବୃଟ ଜଳଦ ଭଳି,
ବଚନେ ନୃପତ ଅନୁଗ୍ରହ କଲେ
ବରମନ୍ତେ କୃଶୋଦସ୍ୱ । ୭ ।
ପ୍ରୟୋଜନହୀନ ସେ ଦୁଇ କଥାରେ
ଉଦାସୀନ ମୋ ରଚନା,
ସାର ସ୍ୱଳ୍ପ ଗିର ଯଥାର୍ଥ ବାଗ୍ମିତା
ଅସାର ବହୁ କଳନା । ୮ ।
ସ୍ୱମ ପରିହର ଉଚ୍ଚାରନ୍ତୁ କଅଁ
ଅଯଥା ମୋ ନାମାକ୍ଷର,
ସମକ୍ଷ ଦେଖିରେ 'ତୁମ୍ଭେ' 'ଆମ୍ଭେ' ପଦ
ପ୍ରୟୋଗ ପ୍ରଶସ୍ତତର । ୯ ।
ମିତ କୁଳେ ମୋର ପ୍ରସୂତ ପ୍ରସଙ୍ଗ
ନୁହେଁ କି ଅବମାନନା ?

(୧) ଅଧିକ ମଧୁର ।

Digitized by srujanika@gmail.com

ଜଳକୁଟଳ ମୋର		ଉତ୍ପତ୍ତି ହେଉଲହେଁ
ହୃତପଣ ବଡ଼ମ୍ବନା । ୧୦ ।
ଏ ସବୁ ବବୃର		କହୁନାହିଁ ଗୋସ୍ବି
ଯେ କଥା ତେଣିକ ଥାଉ,
ଦଗପଁଡଙ୍କର		ପ୍ରତବଚନରେ
ବିଲମ୍ବ ନ କର ଆଉ । ୧୧ ।
ତଥାପି ଏତକ		କହୁଛୁ ତୁମ୍ଭର
ଅଗ୍ରହ ମେଣ୍ଟିବା ପାଇଁ,
ହିମାଂଶୁ ବଂଶର		ଅଟେ ମୁ ଅଙ୍କୁର
ଏଥିତର ସନ୍ଦେହ ନାହିଁ । ୧୨ ।
ଟରମସ ସ୍ତତ		ରହୁଛୁ ସାଧୁଏ
ସ୍ୱନାମ ଧରନ୍ତ ନାହିଁ,
ତେଣୁ ମୁଁ ନ ଇଚ୍ଛେ		ଲୋକନନ୍ଦା ଡରେ
ନାମ ବଖାଣିବା ପାଇଁ । ୧୩ ।
କହି ମାରବନ୍ତେ		ଅହିତାପକାଶ୍ରି (୧) ·
ଶାରଦ ମୟୂର ପରି,
ପଦେ ପଦେ (୨) ରାଗ-		ଧରି ଜଳପିଲେ
ଭୈମୀ ଚଳହଂସୀ ସରି । ୧୪ ।
"ସୁଧାଂଶୁ ବଂଶର		ଆଭରଣ ତୁମ୍ଭେ
ସନ୍ଦେହ ସେହି କ ଅନ୍ୟ,
କେବେ ମୌନ କେବେ		ମୁଖର ତୁମ୍ଭର
ବଚନ ଗୃତ୍ତସ୍ତି ଧନ୍ୟ । ୧୫ ।
ନ ଦେବ ଉତ୍ତର		ଥିଲେ ହେଁ ତୁମ୍ଭର
ନାମରେ ମୋହର ପ୍ରୀତ,

---

(୧) ଅହିତ (ଶତ୍ରୁ)- ଅଧକାଶ୍ରି; ଅହି (ସର୍ପ)- ତାପକାଶ୍ରି ।
(୨) ପ୍ରତ ପଦରେ ଅନୁରାଗ ରଖି; ଦୁଇ ପାଦରେ ରକ୍ତିମା ଧରି ।

Digitized by srujanika@gmail.com

"ଆନ ପୁଂସ ସଙ୍ଗେ ଆଳାପ କରିବା
ନୁହେ କୁଳବାଳା-ଗତି" । ୧୬ ।
ଶାନ୍ତତର ନଳ ପ୍ରିୟା ବଚନକୁ
ମନେ ମନେ ପ୍ରଶଂସି,
"ମଧୁ ସୁମଧୁର ବଚନଂକୁ ପର
ନୁହେ ମୁଁ ବୋଇଲେ ହସି । ୧୭ ।
କରିବ ନାହିଁ କି ସଫଳ ମୋ ଶ୍ରମ
ବରିବ ନାହିଁକି ଦେବେ,
ରସାମୃତ ସ୍ନାତ ପୂତ ଏ ବଚନେ
ତୋଷି ସେମାନଙ୍କୁ ଏବେ । ୧୮ ।
ଦେବତାଙ୍କୁ ଦିଅ ରସସ୍ରବେ ସ୍ନିଗ୍ଧ
ଇଦୃଶ ସନ୍ଦେଶ ବନ୍ଧ,
ଦାବଦଗ୍ଧ ବନେ ବୃଷ୍ଟିପରି ତାହା
ତାଙ୍କ କାମତାପ ଦନ୍ଧ । ୧୯ ।
ତୁମ୍ଭ ପ୍ରତୀକ୍ଷାରେ ଯେତେ ଯେତେ କ୍ଷଣ
ବିଳମ୍ବ ହୁଅଇ ମୋର,
ତୁଷି ତାଙ୍କୁ ବାଣ ବିନ୍ଧିବାକୁ କାମ
ହୁଏ ତେତେ ତରତର । ୨୦ ।
ଇନ୍ଦ୍ର ନେଇ ବଜ୍ରେ ଗଢ଼ା ନୁହଇ କି
ରହିଛି ମୋ ପଥେ ଦୃଢ଼େଁ,
ସତ୍ୱର କାର୍ଯ୍ୟରେ ମନ୍ଥର ମୁଁ, ଧିକ
ଦୂତଗୁଣ ମୋର ନାହିଁ । ୨୧ ।
ଏହା କହି ତୂନୀ ହୁଅନ୍ତେ ନୃପତି
ଭାବିଲେ ବିଦୁଷୀ ସତୀ,
କନ୍ଦର୍ପ ସୁନ୍ଦର ଦୂତ ନାହିଁ ପାଣେ
ଚେପିବାର ନୁହେ ମାତ । ୨୨ ।

Digitized by srujanika@gmail.com

ଦେଖିଛନ୍ତି ଯାଙ୍କୁ ଜଳାଧିପ (୧) ଅଧା
ବାତୁଳ ମରୁତ ପତି (୨)
କିବା ପ୍ରେତରାଟ, ନ ଭୁ'ବା ଅନଳ
ଊର୍ଦ୍ଧ୍ୱମୁଖେ ଯାଙ୍କ ଗତି । ୨୩ ।
ସତୀ ଶିରୋମଣି ବିଦର୍ଭନନ୍ଦିନୀ
ମନେ ମନେ ହସି ସୁଖେ,
ପ୍ରକାଶ୍ୟେ ଭାବରେ କହି ଆରମ୍ଭିଲେ
ବିଳାସ-ବିଲୋଳ ମୁଖେ । ୨୪ ।
ବୃଥା ପରିହାସ ପ୍ରଗଲ୍‌ଭତା ପିନା
ନାହିଁ କରିବାର ନୁହେ,
ଉତ୍ତର ନ ଦେଲେ ଅବଜ୍ଞା ତ ହେବ
ବୋଲି କହିବାକୁ ବୃହେ । ୨୫ ।
"ମାନବୀ ପକ୍ଷରେ କିପରି ଏପରି
କରୁଣା ସମ୍ଭବପର,"
ଭକ୍ତବତ୍ସଳ ଦେବତାଙ୍କ ଛଳ
ବୁଝିବ କିପରି ନର ? । ୨୬ ।
ସୁରାଙ୍ଗନା ସଙ୍ଗ- ସୁଲଭ ବାସବ
ବଶ କି ମାନବୀ ଲୋଭେ,
ହଂସାବଳୀ ଯୋଗେ ସୁନ୍ଦର ତଡ଼ାଗ
ବଳାକୀ ଦେନି କି ଶୋଭେ ? । ୨୭ ।
ସୁରନାରୀ ପାଶେ ଅମାର, ସୁନାରୀ
ରସାରେ କେବଳ ଶୋହେ,

(୧) ଜଡ଼ାଧିପ ('ଡ' 'ଳ' 'ୟୋ'ରଭେଦ) ।
(୨) ଇନ୍ଦ୍ର, ପକ୍ଷେ ବାତରୋଗଗ୍ରସ୍ତ ।

Digitized by srujanika@gmail.com

ସୁନା ଅଳଙ୍କାର ନ ଥାଏ ଯାହାର
ପିତ୍ତଳ ତା ମନ ମୋହେ । ୨୮ ।
ବଧିର ମୋ ଶ୍ରୁତି ତାଙ୍କ ବଚନରେ
ଯେପରି କହନ୍ତୁ ଦେବେ,
ଗଜରାଜ ଯଙ୍ଗ ଲଭ ଇଚ୍ଛଇ କ
କୁରଙ୍ଗ କଣ୍ଠୋଷ୍ଠ ହେବେ ? । ୨୯ ।
କହୁ ମୃଗପୋତ ନରବରେ ଭେମୀ,
କହୁଳ ସଜନୀ ପୁଣ,
"ଲକେ ହୃଦେ ପଶି କହନ୍ତୁ ଯା' ସଖୀ
ତାହା ମୋ ମୁଖରୁ ଶୁଣ । ୩୦ ।
ଅଗୁଁ ନଇଷଧେ ଅରପିଛୁ ଚିତ୍ତ
ତେଣୁ ଏ ଚନ୍ଦ୍ରାରେ ଖିତ,
ଅଳପ ଅଘାତେ ତୁଟଇ ମୃଣାଳ
ସୂତଭଳି ସତ୍ତା ସ୍ଥିତ । ୩୧ ।
ସ୍ୱପନରେ ହେଲେ ନଳ ବିନୁ ଆନେ
ଚନ୍ତା କରନାହୁଁ କେବେ,
ସମସ୍ତ ସାକ୍ଷିଣୀ ଆପଣା ବୁଦ୍ଧିକୁ
ପଚ୍ଛୁର ବୁଝନ୍ତୁ ଦେବେ । ୩୨ ।
ଅବା ପରଦାର- କାମନା ପାତକ
ଜାଣି ନ ଅର୍ଜ୍ଜିବା ପାଇଁ,
ଅପଥ-ଅର୍ଣ୍ଣବେ ନାବିକ, ଅମରେ
ଶୋଇଲେ ଅସ୍ୱପ୍ନ ଥାଇ । ୩୩ ।
ମୋ ଭଳି ମାନବୀ ଯ୍ଥରକୁ, ଏ ଭଳି
ଅନୁଗ୍ରହ ହେଲ ଯେବେ,
ପ୍ରଭୁତା ତ୍ୟଜାଣି ନଳ ଭିକ୍ଷା ମୋତେ
ଦିଅନ୍ତୁ ପ୍ରସନ୍ନ ଦେବେ । ୩୪ ।

Digitized by srujanika@gmail.com

ରଜ୍ଜୁ ଦେଇ ଗଳେ ମରିବି, ଝାସିବି
ଅନଳେ ବୁଡ଼ିବି ଜଳେ,
ଆତ୍ମହତ୍ୟା ପାପେ ନ ଡରିବି ମୁହିଁ
ନ ଲଭିବି ଯେବେ ନଳେ । ୩୫ ।
ବାଗଦତ୍ତ ସତ୍ତା ସ୍ୱୀୟା ନ ରଖିଲେ
ଅକ୍ରିୟା ହୁଅଇ କାର୍ଯ୍ୟ,
ବର୍ଷାଜଳେ ପଥ ପିଚ୍ଛିଳ ହୋଇଲେ
ଅପଥରେ ଗମେ ଆର୍ଯ୍ୟ । ୩୬ ।
ଅବଳା ହୋଇ ମୁଁ ବିବୁଧଗଣଙ୍କୁ
କି ଉତ୍ତର ଦେବି କହ,
ଯେନ ମୋ ମାଗୁଣି ବିସ୍ତାର ମୋ ବାଣୀ
ଜଡ଼, ଅନ୍ତରସ୍ଥ ନୁହ । ୩୭ ।
ଭାଷିଲେ ନାରଦେ ପ୍ରିୟଭାଷୀ ଦୂତ
ଛଟଦୁଷ୍ଟ ବର୍ଣ୍ଣାବଳୀ,
କୁଚୁଙ୍କୀ ବାଳକ କୁହୁରବେ ତୁଷି
କୋକିଳ ଗରବଳଭଳ । ୩୮ ।
"ଯାଚକ ସୁମନେ, ବିମନା ମାନବୀ"
ମଣୁଛି ଆଶ୍ଚର୍ଯ୍ୟ ଭଳି,
ପାଇଲ ନାଧିକ ନାରଦେ କି ରଙ୍କ
ବଚନ-କବାଟ କଳି । ୩୯ ।
ଇନ୍ଦ୍ର ଅନୁରାଗେ ଅବଳା ସମାଜେ
ଧନ୍ୟ ଏକା ସିନା ତୁହ,
ଆପେ ଉପଗତ ଏଭଳି ସୁଯୋଗ
ନ ଛାଡ଼ ଚନ୍ଦ୍ରମା ମୁହ । ୪୦ ।
ସୁରେ ବରିବାକୁ ବିମୁଖ ମାନବୀ
ତୋ ମୁଖୁଁ ଶୁଣିଲ ନୂଆ,

Digitized by srujanika@gmail.com

ଗୁରୁ(୧) ଅନୁକୂଳେ ଗ୍ରହଦୋଷ ଘୋର
କଟି ଯାଉନାହିଁ କାହିଁ । ୪୧ ।
ମର୍ତ୍ତ୍ୟର ମାନବ ଦେବତା ପାଲଟେ
ଲଭିଲେ ଦେବ କରୁଣା,
ସିଦ୍ଧ ରସ ସ୍ପର୍ଶେ ଲୁହା ସୁନା ହେଲେ
ଲୁହାରେ ନୁହଇ ଗଣା । ୪୨ ।
ହରି ତେଜ, ନଳେ ରସ୍ତୁ, ଜଳ ନାହିଁ
ନଳକୁ ପଣ୍ଡିତା ବୋଲୁ,
ଇକ୍ଷୁ ତେଜ, ଶମୀ- ଲୋଲୁପ କରଭ
ବଳିଲୁ ତୁ କରଭୋରୁ ! । ୪୩ ।
ପଦ୍ମେହରି ସର୍ବ ସୁଯବ ନାୟକେ
ନଳକୁ ଲୋଡ଼ିବା ଭ୍ରମ,
ମୁଗ୍ଧ ପଦ୍ମେହରି- ନାସା ପଥେ ଧାଏଁ
ସୁସିତ ର ବୃଥା ଶ୍ରମ । ୪୪ ।
ତପୋନଳେ ତନୁ ଦଅନ୍ତି ଋଷିଏ
ଅରଜନ୍ତେ ସ୍ୱର୍ଗ ପାଇଁ,
ବଳେ ହାତଧରି ଠାଣିଲେ ସେ ତୋତେ
ନ ଲୋଡ଼ୁ, ହେଲୁ କ ବାଇ ? । ୪୫ ।
ଜନ୍ମଜନ ଯୋଗେ ଝୁଲିବାକୁ ନଭେ
ଗଲେ ତୁ ନଳଙ୍କ ପାଇଁ,
ଅନ୍ତରୀକ୍ଷ ଗତ ଦେବତାଙ୍କ ପଦ
ହରି କ ହରିବେ ନାହିଁ ? । ୪୬ ।
ନଳ ବନ୍ଧା ଯେବେ ଅନଳେ ପଶିବୁ
ଲଭିବେ ସେ ତୋର ଦୟା

(୧) ବୃହସ୍ପତି ଓ ପିତା

Digitized by srujanika@gmail.com

ନ ରଖି ପ୍ରାର୍ଥନା   ଯାଚ ଦେବୁ ଯିନା
ପ୍ରାର୍ଥୀତ ଦୁର୍ଲ୍ଲଭ ଭାପ୍ସା । ୪୭ ।
ନଳ ବିନା ଯାଇ   ସଲଲେ ପଶିଲେ
ବରୁଣ ପାଇବେ ମାନ,
ଜୀବନ ସଦୃଶ   ତୁମ୍ଭଙ୍କୁ ଆଦରେ
ବକ୍ଷରେ ଦେବେ ସେ ସ୍ଥାନ ; ୪୮ ।
ମରଣ ପାଇଁକ   ଅଭ ଯେ ଉପାୟ
ଲୋଡ଼ିବୁ ପଣ୍ଡିତ ପଣେ,
କୃତାର୍ଥ ହୋଇବେ   ଧର୍ମ୍ମରାଜ ଲଭି
ପ୍ରିୟ ଅତିଥି ସଦନେ । ୪୯ ।
ଏ ନୈଷଧ ବେଷ   ବଧି ଅବା ତୋର
ରସିକା ତୁ ଶ୍ଳେଷ ସୁଖେ,
ବକ୍ରବାକ୍ୟ ଯୋଗେଁ   ଧ୍ୱନିର ବିଳାସ
ତା' ବାସ ଚତୁର ମୁଖେ । ୫୦ ।
ଭ୍ରମିବ ଭୈମୀ ! ତୋ   ସରସ୍ୱତୀ ରସ-
ପ୍ରବାହ ତରଙ୍ଗରେ କେତେ,
ସୁର ସମାଜରୁ   ତାହାକୁ ବରିବୁ
ଲଜ ତେଜି କହ ମୋତେ । ୫୧ ।
ଐରାବତ କୁମ୍ଭ   କଇତବ-ସ୍ତନ
ପ୍ରାଚୀ ଦଗ୍‌ବଧୂ-ଧବ,
ସହସ୍ରଲୋଚନ   ବିନା କେ' ଜାଣିବ
ତୋ ଅଙ୍ଗ-ଶୋଭା-ବିଭବ । ୫୨ ।
ପୁଲୋମ-ଦୁହିତା   ନେତ୍ର ଯୁଗଳର
ସୁତୀକ୍ଷ୍ଣ କଣ୍ଟକ ସଙ୍ଗି,
ତୋର ଅଙ୍ଗ ସଙ୍ଗ   ସମ୍ଭବ ପୁଲକ
ଶଙ୍ଖରେ ଧରନ୍ତୁ ହରି । ୫୩ ।

Digitized by srujanika@gmail.com

ବଳାପିନୀ ! ତୋର ହୁତାଶନେ ଚନ୍ଦ୍ର
ଅଧିକ ବୋଲି ମୁଁ ଜାଣେ,
ଯାଦକୁଳେ ଜନ୍ମି ସେଭଳି ତେଜସ୍ୱୀ
ତେଜ ରସନ୍ତୁ କି ଆନେ ? । ୫୪ ।
ନ ହୁଅ ବିମନା ତନୁ-ତାପେ ତର
ସୁତନୁ ! ନୁହ ତୁ ଊଣା,
ସତୀ ପରୀକ୍ଷାରେ ତୁଷାର ଶୀତଳ
ଅନଳ ଏକଥା ଜଣା । ୫୫ ।
ଧର୍ମଶୀଳତାରେ ଅଭିମତ ତୋର
ଯେବେ ଧର୍ମରାଜ ଯମ,
ଅସୁନ୍ଦର କନ୍ୟା ଅସଂଗତ ନୁହେ
ଅନୁରୂପ ସମାଗମ । ୫୬ ।
କୁମ୍ଭସୁତ ତେଜେ ନିର୍ମଳ କଳୁଷେ
ମୃତ୍ୟୁ ଶଙ୍କା ପରିହର,
ରତି ଉତ୍ସବରେ ନିରବଧି କାଳ
କଟାଅ ନିମେଷଭଳି । ୫୭ ।
ଶୀତଳତା ଲୋଭେ ବରୁଣେ ବରୁ କି
ଶିଷ୍ଟଭାଗୀ ତୁ ନବୀନା,
ଆନେ ତେଜ ନିଶା, ଶଶାଙ୍କେ ରସିକ
ଶୀତଳତା ଲଗି ସିନା । ୫୮ ।
ବନ୍ଧୁରନ୍ତ ପନ୍ଥି ଲକ୍ଷ୍ମୀ-ନାରାୟଣ
ସୁରପୁର ଅବହେଳି,
ସେ କ୍ଷୀର-ସାଗରେ ବରୁଣଙ୍କ ସଙ୍ଗେ
ଇଚ୍ଛା ସୁଖେ କର କେଳି । ୫୯ ।
ଅନାଦର ବଶେ ଦିଗୀଶ ସନ୍ଦେଶ
ସତେ ନ ଶୁଣିଲ ଭଳି,

Digitized by srujanika@gmail.com

କରତଳେ ଏକ କପୋଳ କର୍ଣ୍ଣକୁ
ଦୁଃଖେ ନିହ୍ନ କୃଶୋଦରୀ ।
ନଳ ବଚନରେ ଶ୍ରଦ୍ଧା ପରକାଶି
ମୁକ୍ତ ରଖି ଆନ କାନ,
ସେକାଳେ କେବଳ ତାଙ୍କ ବାକ୍ୟ-ସୁଧା
କରୁଥିଲେ ଅବା ପାନ । ୬୦ ।

କ୍ଷଣେ ମୁଖ ପୋଛି ମୌନବ୍ରତ ଧରି
ବିଚକ୍ଷଣା ଦମୟନ୍ତୀ,
ତେଜି ଦୀର୍ଘଶ୍ୱାସ ଫେଡ଼ି ମୁଖମୁଦ୍ରା
ଭାଷିଲେ କରୁଣେ ଅତି । ୬୧ ।

ତୀକ୍ଷ୍ଣ-ସୂଚି ଭଳି ଦିଗୀଶ ସନ୍ଦେଶେ
ପୀଡ଼ ମୋ ପାପ ଶ୍ରୁତିକି,
ଜୀବନ ନେବାକୁ ଧରିଅଛ ପରା
କୃତାନ୍ତ-ଦୂତ ଘାତକ ? । ୬୨ ।

ତୁମ୍ଭ ମୁଖୁଁ ମୋର ଅଯଶ ରୂପିଣୀ
ମସୀମୟୀ ବର୍ଣ୍ଣାବଳୀ,
ଆସି ପୀଡ଼େ, ପଶି ଶ୍ରବଣ ବିବରେ
ଢୁକୁଥିବା କୀଟ ଭଳି । ୬୩ ।

ଏହାକହି ନଳେ ନୀରବିଲେ ଭୈମୀ
ସକମ୍ପା ଭାଷିଲ ବାଣୀ,
ଆନ ରସନା ମୁଁ ଅଟଇ ସତ୍ୱର
କହୁଛି ତା' ମନ ଜାଣି । ୬୪ ।

ବରଣମାଳାରେ ନଳ ପୂଜା ଲାଗି
କାଲି ହେବ ସ୍ୱୟମ୍ବର,
ମୋ ଜୀବନ ନେଇ ବାଧା ଦେବାପାଇଁ
ଆସିଛି ଏହି ବାସର । ୬୫ ।

Digitized by srujanika@gmail.com

ଜଗତେ ମୁଁ ଅଜ ଦନଜ, ଏଣୁରେ
ରଖ ଅନୁଗ୍ରହ କରି,
ହଂସ-ନଖ-ଲେଖା ନଳ ରୂପ ଭଳି
ଦେଖି ତୁମ୍ଭ ରୂପଶିରୀ । ୬୬ ।
ତୁମ୍ଭ ମୁଖଲକ୍ଷ୍ମୀ ଦର୍ଶନେ ବଞ୍ଚିଛ
ତୁମ୍ଭ ନୟନ ଯୁଗଳ,
ନଳ ମୁଖେ ସେହି ଶୋଭା ଦେଖି କାଲି
ମଣିବ ଜନ୍ମ ସଫଳ । ୬୭ ।
ଅଗ୍ନି ସାକ୍ଷିକ ମୋ ବିବାହ ପ୍ରସଙ୍ଗେ
ନଳ ଦରଶନ ଫଳେ,
ଅଗ୍ନି ସଙ୍ଗମରେ ବନ୍ଧୁତା ଅର୍ଜିବା
ପାଇଁକି ମନ ନ ବଳେ ? । ୬୮ ।
ଦେବତାଙ୍କ ଲାଗି ଦଅ ନାହିଁ ପୀଡ଼ା
ନୟନୁ ଲୋତକ ଝରେ,
ପ୍ରସନ୍ନତା ଭିକ୍ଷା ବରମ ତହୁଁକୁ
ମାଗୁଅଛୁ ଯୋଡ଼କରେ । ୬୯ ।
ଦଗ୍ଧୀଭୂତ ହେବ ସେ, ଯେବେ ନ ଦେଖେ
ନଳ ରୂପ ତୁମ୍ଭଦ୍ୱାରେ,
ସନ୍ତାପ ଅନଳେ ପ୍ରାଣ ତୃଣ ମଣି
ଦଗ୍ଧ କାମକୁ କେଁ ଉରେ । ୭୦ ।
ବୁଦ୍ଧ ଦତ୍ତ ଜିନ ଧର୍ମ ଚନ୍ତାମଣି (୧)
ଘୋଟେ ଯେ ବିରହାନଳେ,
ହର କୋପାନଳ ପାଉଁଶ ଯେନ ସେ
କୁଳକୁ ପାଂଶୁଳ କରେ । ୭୧ ।

---

(୧) ସମ୍ୟକ୍ ଦର୍ଶନ, ସମ୍ୟକ୍ ଜ୍ଞାନ, ସମ୍ୟକ୍ ଚରିତ୍ର ।

Digitized by srujanika@gmail.com

ନଳ କାମାନଳେ ଅଦ୍ଭୁତ ସନ୍ତପ୍ତ
ସୁଧା ମଧୁର ଭାରତୀ,
ଶୁଣି ଯମଦୂତ ନ ମଣି ନଳଙ୍କୁ
ଯମ ମଣିଲେ ନୃପତି । ୭୨ ।
ଦୀନ ବଚନରେ ଭିନ୍ନ ମର୍ମ୍ମ ନଳ
ଦୂତଧର୍ମ୍ମ ଅନୁସରି,
ସଙ୍ଗୋପନେ ଶ୍ୱାସ ତେଜି ଦରଚଲେ
ଗିର ବୃହସ୍ପତି ଭଳି । ୭୩ ।
ନଳ ଅଗଣାର କଳ୍ପ-ପାଦପଙ୍କୁ
ସେ ତୋତେ ଯାଚିଲେ ଖାନ୍ତ,
କୋହବୁ କପରି ଇନ୍ଦ୍ର ମନୋହାରୀ
ବାଞ୍ଛାବନ୍ତ କଳ୍ପତରୁ । ୭୪ ।
ତୋତେ ପାଇବାକୁ ଆପଣା ମୂର୍ତ୍ତିରେ
ଆହୂତ ଦେଲେ ଅନଳ,
ବେଦ ବହ୍ନି ସେ ସର୍ବ କାମପ୍ରଦ
ସେତୁ କି ହେବ ବିଫଳ ? । ୭୫ ।
ଯାମ୍ୟ ଦିଶେ ସଦା ବସନ୍ତ ଅଗସ୍ତି
କରରୂପେ ତୋର କର,
ସେ ତାଙ୍କୁ ମାଗିଲେ କହ, କେଉଁ ଗତି
ନ ଦେବେ ସେ ମୁନିବର ? । ୭୬ ।
ସେତୁ ଲଗି ଯୋଷା ବରୁଣ-ଭବନେ
କାମଧେନୁ ଶତ ଶତ,
ଗୋଟିକୁ ମାଗିଲେ ନ ହେବୁ କି ଭୈମୀ
ତୁ ତାଙ୍କର କରଗତ ? । ୭୭ ।
ସ୍ୱତ ଅନୁଷ୍ଠାରେ ପତିବ୍ରତା ଶଚୀ
ନ କଲେ ବଜ୍ର ବାରଣ,

Digitized by srujanika@gmail.com

ସ୍ୱୟମ୍ବର ନୋହିଁ ରଜ ସମାଜରେ
ନୋହିବ କ ଘୋର ରଣ ? ।୭୮।
କ୍ଷେତ୍ରପ ଭଗ୍ନଜନ ରଜ-ସମାଜରେ
ଜନ୍ତ ତାଣ୍ଡବ ଲୀଳା,
ପତଙ୍ଗ ଭୂକାଲୁକ ଯୁଦ୍ଧ ଦେଖିବାକୁ
ବସୁଛୁ କ ସ୍ୱଚ୍ଛନ୍ଦଶୀଳା ? ।୭୯।
ପୂର୍ବବ୍ୟଥା ଫୁତ୍କୃତ- ଶ୍ରମ ଅବହେଳା
ନ କଲେ ହୁତାଶନ,
ଅନଗ୍ନି ସାକ୍ଷିକ ବୈବାହ ବ୍ୟବସ୍ଥା
ଦେବେ କ ନଳ ରଜନ ? ।୮୦।
ବଧୂ ଅବା ବର- ପକ୍ଷରୁ ଅତିଥି
ହେଲେ କେହୁ ଯମଙ୍କର,
ସହନ୍ତେ ନିଫଳ ନୋହିବ କ ଘୋର
ସ୍ୱୟମ୍ବର ଆଡମ୍ବର ? ।୮୧।
ନଳକୃତ ବୃଷ୍ଟି ଉତ୍ସର୍ଗ ଜଳକୁ
ବର୍ଜିଲେ ବାରି ଦେବତା,
ବିନା ଜଳଦାନେ ତୁମ୍ଭଙ୍କୁ କପରି
ନଳ କରେ ଦେବେ ପିତା ।।୮୨।
କହୁଅଛୁ ହିତ- କଥା ଦମୟନ୍ତୀ
ସୁଚନ୍ତେ ବରୁଣ କର,
ଭବଗତ ଅର୍ଥ ନଜର ନୁହଇ
ବଧ୍ନ ଆରମ୍ଭିଲେ ସୁର ।୮୩।
ନଳ କଥା ସତ ମଣିଲେ ଭଇମୀ
ହୃଦୟ ହେଲ ବକଳ,
ଶ୍ରାବଣ-ସଲିଳ- ଧାରା ପର ତାଙ୍କ
ନୟନୁ ଝରଇ ଜଳ ।୮୪।

Digitized by srujanika@gmail.com

ବିକଚ ସୁନ୍ଦର- କମଳରୁ ଦନ୍ତ-
ଦଳନ୍ତ ଚକୋରନ୍ତ ପାଶେ,
ଉଡୁଗଣ ଛଳ ଅଳି ସଙ୍ଗେ ଅଳି-
ବଧୂ ମଧୁଲୋଭ ଆଶେ ।
ନୟନୁ କଜ୍ଜଳ ଆବିଳ ସଲିଳ
ବିନ୍ଦୁ ପଡ଼ ବକ୍ଷସ୍ଥଳେ,
ବିମଳ ଧବଳ ନୀଳମଣି ମାଳ
ଖେଳିଲା ପରାଏ ସ୍ଥଳେ । ୮୫ ।
ପୁଷ୍ପ-ଶିଳୀମୁଖ ଆଶୁଗେ କମ୍ପିତ
ଭୈମୀ ଶୋକ ସମ୍ଭବରେ,
ସନାଳ ସୁନ୍ଦର କମଳ ସଦୃଶ
ନେତ୍ର ଦେଲା ନୀର ଝରେ । ୮୬ ।
ପ୍ରିୟ ଲଭ ଆଶେ ନିରାଶ ଭଇମୀ
ବିମନା ଉନ୍ମାଦଭରେ,
କରୁଣ କ୍ରନ୍ଦନ ଆରମ୍ଭିଲେ ଦୁଃଖେ
ଅଧୀର ମଧୁର ସ୍ୱରେ । ୮୭ ।
ମୋ ପାଇଁ ସେ ନଳ ବିସ୍ତାର ଜଗତେ
କାମାନଳ ! ମୋତେ ଜାଳି,
ପୋଡ଼ାପ୍ରାଣେ ପ୍ରୀତି ଦିଅ ବନ୍ଧୁ ! ପର-
ଇଚ୍ଛା ଭଙ୍ଗ-ବ୍ରତ ପାଳି । ୮୮ ।
ଲଭିବା ନୋହୁ ହୃଦ ନ ଧରନ୍ତୁ ତେଣୁ
ଲଭ କାମ ତାପ ଏବେ,
ବଜ୍ର ନୋହୁ କାମ- ବାଣେ ଭିନ୍ନ ହେବ
କାହିଁକି ନ ଫାଟୁ ତେବେ ? । ୮୯ ।
ବିଳମ୍ବ ନ କରି ବେଗେ ପଳା ପ୍ରାଣ-
ପୋଡ଼ୁଛି ମୋ ହୃଦ ଘର,

Digitized by srujanika@gmail.com

ନ ଛାଡ଼ୁଛୁ ଯେବେ   ସେ ଯୋଡ଼ା ନୟନ
ଅପୂର୍ବ ଅଲକ୍ଷ୍ୟ ଚୋର । ୯୦ ।
ପାଦ ମନୋରଥ   ଠକ ଦେଲ, ନେତ୍ର
ଦେଖି ନ ପାରିଲ୍ଲ ନଳ,
ଶତବର୍ଷ ଧରି   ଧୂଅ ସେ ପାତକ
ଅନାଡ଼ି ଲୋତକ-ଜଳ । ୯୧ ।
ନ ଲଭିଲ ମନ !   ନଳ, ବା ମରଣ
ଇଚ୍ଛାକଲ୍ଲ ତୁହି ଯାହା,
ଛିପ୍ର-ବପ୍ରଯୋଗ   ଇଚ୍ଛା କର ଏବେ
ତୋ ପ୍ରସାଦେ ନୋହୁ ତାହା । ୯୨ ।
ବରଧ୍ମାଣୀ-ବୈଷ୍ଣ-   ସମାଜରେ ସଜା
ଦୁରନ୍ତ ଅନଙ୍ଗ କାମ,
ନ ମାଗଇ ତାକୁ   କାକୁ ବଚନରେ
ଉତ୍ତରେ ସେ ଅତି ବାମ ।
ଯାଉଁ କେବଳ   ଦକ୍ଷିଣ ଅନଳ
କର, ଅଭିଳାଷ ସିଦ୍ଧି,
ନଳ ପାଶେ ମୋର   ଭସ୍ମ ଦେଇ ଚଳ
ବଧାବଧି ବୈରବଧି । ୯୩ ।
ଯୁଗପତ୍ ମୋତେ   ଲଗଇ ଯାଉଁକ
ମରଣ ମୋହର ନାହିଁ,
କପାଳରେ ମୋର   ଲେଖାଅଛୁ ଚିର
କଷଣ ସହିବା ପାଇଁ,
ନ ହୋଇବେ କାନ୍ତ   ଅନ୍ତରୁ ଅନ୍ତର
ତାଙ୍କୁ ନ ତେଜିବ ମନ,
ମନକୁ ତ ମୋର   ତେଜି ନ ପାରିବେ
ସୂକ୍ଷ୍ମଦେହେ ଥିଲେ ପ୍ରାଣ । ୯୪ ।

Digitized by srujanika@gmail.com

ମୋର ଭଗ୍ନତାପ ଶମନେ ସମର୍ଥ
ଯାହାର ଶୀକର ବିନ୍ଦୁ,
ଦେବେ ! ତେ' ପିଇଲ ତୁମ୍ଭର ସେ ଜଳ
ଅପାର କରୁଣାସିନ୍ଧୁ ।
ସଂକଳ୍ପ ଚଳରେ ଅଳ୍ପ ଆୟାସରେ
ଆପଣା ବିନୋଦ ପାଇଁ,
ମୋହଠାରୁ ବଳି କୋଟିଏ ଅବଳା
ସୃଜି କି ପାରନ୍ତ ନାହିଁ ? । ୯୫ ।
ଅହର୍ନିଶ ମୋର ଅଶ୍ରୁ ଦୁର୍ଦ୍ଦିନରେ
ହେବାରୁ ବରଷା କାଳ,
ଶୋଇଲେ (୧) ଦେବତା ନ ଶୁଣିଲେ, ହେଲ
ଅରଣ୍ୟ ରୋଦନ ସାର । ୯୬ ।
ଦେଖି ନ ପାରିଲ ତୁମ୍ଭଲାଗି ନଳ !
ସହିଲି ଯାତନା ଯେତେ,
ଦହନ୍ତା ପକ୍ଷୀକି ଲଗୁଇଲ ବନ୍ଧ
ନ ଖୋଲିଲ ଅବା କେତେ ? । ୯୭ ।
ତୁମ୍ଭ ପାଦେ ମନ ଦେବା ଜାଣି, ଦୟା
ନ କଲ ଯା' ଦୟା ଧନ !
ନାହିଁ ତୁମ୍ଭ ଦୋଷ ନାନ୍ଦୁଛି ବିଧି କି
ଭୁଲଏ ସେ ପରମନ । ୯୮ ।
ତୁମ୍ଭଲାଗି ମୋର ଜୀବନ ଯିବାର
ଶୁଣିବ ଯେ କାଳେ ନଳ,
ସେ କାଳେ କରୁଣା କଣା ବିତରିବ
ଏବେ ପଛେ ନ ବିତର । ୯୯ !

(୧) ବର୍ଷାଋତୁ, ଦେବଶୟନ କାଳ ।

ଅର୍ଥିକଳ୍ପଦ୍ରୁମ ମୋ ହୃଦ କପାଟ
ରହିଛି ଫାଟିବା ପାଇଁ,
ଜୀବ ଯିବାବେଳେ ହୃଦୟ-ସଦନୁ
ନ ଯିବ ଜୀବନ-ସାଇଁ । ୧୦୦ ।
ପ୍ରିୟା ବାକ୍ୟବାଣୀ ଶୁଣି ନୃପମଣି
ପାଶୋରିଲେ ଦୂତପଣ,
ଭ୍ରାନ୍ତି ସଙ୍ଗେ ଯୋଗ (୧) ବିୟୋଗ ବେଦନା
ଆଣିଦେଲା ରଣରଣ । ୧୦୧ ।
ବିଳାସ ବିଳେଇ ପ୍ରିୟା କ୍ରିୟାମାନ
ମାନସେ କରି କଳ୍ପନା,
ଦୂତଧର୍ମ ଭୁଲି ଆରମ୍ଭିଲେ ନଳ
ପାଗଳ ଭଳି ଜଳ୍ପନା । ୧୦୨ ।
କାହାଲାଗି ପ୍ରିୟେ ! ବିକଳେ ଭସାଅ
ମୁଖକୁ ଲୋତକ ଜଳେ,
କଟାକ୍ଷେ ନଳକୁ ନ ଚାହଁ କାହିଁକି
ନତ ତବ ପାଦତଳେ । ୧୦୩ ।
ମସାରତାରକ୍ଷି (୨) ସ୍ୱଗୁଣେ ଅସାର
ସଂସାରେ ସସାର କର,
ଅଶ୍ରୁବିନ୍ଦୁ ଛଳେ ଦେଖାଉ କି ବଳେ
ବିନ୍ଦୁ ଚ୍ୟୁତକ (୩) ଗୃହସ୍ଥ । ୧୦୪ ।
କରେ ମୁଖ ରଖି କ୍ରୀଡ଼ାପଦ୍ମ କରୁ
ବରଜି ଲୀଳା କମଳ,

---

(୧) ଦୂତହେବା ପ୍ରଥମରୁ ଦମୟନ୍ତୀର ଅଦର୍ଶନରେ ।
(୨) ଇନ୍ଦ୍ରନୀଳମଣି
(୩) ଅନୁସ୍ୱାର ଲୋପରେ ଅର୍ଥାନ୍ତର ବୋଧକ ବିଚିତ୍ର ବାକ୍ୟ ।

Digitized by srujanika@gmail.com

ଅଦୋଷେ ଛୁଣ୍ଡାଇ ହାର, ଭକ୍ତ କଅାଁ
ହୃଦରେ କେତକ ଜଳ । ୧୦୫ ।
ଅମଙ୍ଗଳକର ନୟନ ସକଳ
ଯୋଡ଼ୁଦଏ-ନିଜ କରେ,
ଦୋଷ ଯେବେ, ତୋର ପଙ୍କଜ ପୟର
ରଜ ପଡ଼ୁ ମୋର ଶିରେ । ୧୦୬ ।
ମୋ ମୂକୁଟମଣି- ମୟୂଖ ମଞ୍ଜୁଳ
ଶୋହଣୀ (୧) ଗୃହ୍ଣ ଚରଣ,
ନଖ ଚନ୍ଦ୍ରମାର ଉପାସନା କରୁ
ତେଜ ଶ୍ରେଷ ଅକାରଣ, । ୧୦୭ ।
ମାନେ ମୁଖପୋତ ଥାଉ ଯେବେ ଚଣ୍ଡି !
ପେନୁଛୁ ତା ବଡ଼ କରି,
ଶେଷେ ମୁଖପୋତ ଥିଲେ ମୁଁ ନମୁଛୁ
ତୋ ଚରଣତଳେ ପଡ଼ି । ୧୦୮ ।
ପ୍ରଭୁପଣେ ଦୟା କର ବା ନ କର .
ପ୍ରଣତ ମାଦ ଗ୍ରହଣେ,
ଯାଚକ କଳପ- ଲତା ହୋଇ କହାଁ
କୃପଣ କୃପା ନୟନେ । ୧୦୯ ।
କୋମଳାଙ୍ଗି ! କାହୁଁ ସ୍ମରଶର ସହୁ
ଅବା ତୋ ହୃଦରେ ପଡ଼ି,
କଠିନ କୁଚରେ ପ୍ରତିଘାତ ଲଭ
ଅଧୋମୁଖେ ପଡ଼େ ଝଡ଼ି । ୧୧୦ ।
ଚଞ୍ଚଳାକ୍ଷି ! ଖେଳୁ ଲୀଳାରେ ଭ୍ରୂଲତା
ଅଧରେ ବକ୍ରୁ ସ୍ମିତ,

(୧) ଚନ୍ଦ୍ରମଣି ପକ୍ଷେ ଚନ୍ଦ୍ରପଙ୍କ୍ତୀ ।

Digitized by srujanika@gmail.com

ହେଳାରେ ଅଳସ   ଅପାଙ୍ଗେ ଅନାଇ
ବଳେ କଣିନାଅ ଚିତ୍ତ । ୧୧୧ ।
ସମାପନ କର   କୌତକ-ବରଷା,
କୌମୁଦୀ ବିତର ସ୍ମିତେ,
ନୟନ-ଖଞ୍ଜନ-   ଯୁଗ ଖେଳୁ, ମୁଖ-
ବିକଚ-କମଳ ହ୍ରଦେ । ୧୧୨ ।
କର୍ଣ୍ଣକୂପେ ସୁଧା-   ରସ ଢାଳିଦେଇ
ମଦରକ୍ଷି ! ତୋ ଅକ୍ଷର,
ସ୍ମିତଶୋଭା ଲଭି   ପୀୟୂଷ ପାରଣା
କରୁ ମୋ ନେତ୍ରଯୁଗଳ । ୧୧୩ ।
ମଣ୍ଡ ଅର୍ଦ୍ଧାସନ   ପ୍ରିୟେ ! ନାହିଁ, ନାହିଁ,
ହୁଅ ମୋ ଅଙ୍ଗଭୂଷଣ,
ଦୋଷ କ୍ଷମା କର,   ବକ୍ଷ ବିନା ମୋର
କେଉଁଠି ତବ ଆସନ ? । ୧୧୪ ।
ଅନ୍ତରରେ ଅଛୁ   ବକ୍ଷେ ବସିଲେ
ହୃଦୟ ସଂପୁଟେ ଥାଇ,
କାଣୁ କାମବାଣ   ବଞ୍ଚନା, ମୋ ହୃଦ
ବାମକୁ ଡରିବ ନାହିଁ । ୧୧୫ ।
ଗାଢ଼େ ଭିଡ଼ ମିଶୁ   ହୃଦେ ହୃଦ, ଛିଦ୍ର
ନ ଲଭୁ ସେ ବାମଶର,
ଦୃଢ଼ ବକ୍ଷ ମୋର   କଠୋର କୁଚର
ହେଉ ଯୋଗ୍ୟ ପରିକର । ୧୧୬ ।
ଚଖା ସେ ଅଧର   ଯା' ଅମୃତ ଝରେ
ଶ୍ରବଣ ମଧୁର ଗିର,
ଉଚ୍ଚ କୁଚ ତଟେ   ଲେଖା ମୋ ନଖରେ
ବାଳେନ୍ଦୁ ଲେଖା ରୁଚିର । ୧୧୭ ।

Digitized by srujanika@gmail.com

ମଥାମଣି ଦ୍ୱିଜ- ରାଜ, ବିଦୂଷକ
ରୋମାଳୀ-ସୂତ୍ରଧାରଣୀ,
ଅଙ୍ଗହାରେ ରାଜେ ନାୟକ, ମନ୍ମଥ
ନାୟିକା ତୁ ବିଳାସିନୀ ।୧୧୮।
ହସି ହଁସ, କୁଚ- ସେବା ରଚିବାକୁ
ସଦୟେ ଦଅ ଚୁମ୍ବନ,
ନିଶାପରି ଚନ୍ଦ୍ର- କିରଣର ଗୋସି
ତୁ ଏକା ନଳ ଜୀବନ ।୧୧୯।
ଆମ୍ଭ ପ୍ରକାଶକୁ ବୁଝିପାରି ନଳ
ଚେତା ଲଭି ମୃଣାପରି,
ସଂସ୍କାର ବଶରୁ କହିଲେ ପ୍ରିୟାକୁ
ପ୍ରକୃତସ୍ଥ ଦେଖିକରି ।୧୨୦।
କି ବୋଲିବେ ମୋତେ ଅମର ନାୟକ ?
ଆଗେ ଭକ୍ତ ନମ୍ର ଥାଇ,
ଲଜ୍ଜେ ଏବେ ମୁଖ- ଯୋଡି ମୁଁ ରହିବ
ନ ପାରିବ ତାଙ୍କୁ ଚାହିଁ ।୧୨୧।
ଧଳା ଦିଶୁଥିଲା ଯେଉଁ ଦୂତ ପଥ
ହନୁମନ୍ତଙ୍କର ଯଶେ,
ମୋ ଯୋଗେ ଏଣିକ କଳା ହେବ ତାହା
ଅମରମାନଙ୍କ ତଟେ ।୧୨୨।
କରିନାହିଁ ଜ୍ଞାତେ, କି ବୋଲିବେ ଜନେ
ପାରୁଅଛୁ ତାହା ଭଲ,
ବିଷନାଶି 'ଶିବ' ହେଲେ ଲୋକମୁଖେ
"ଜନାର୍ଦ୍ଦନ" ଜନେ ପାଳ ।୧୨୩।
ଭଲେ ହୁଅ ହୃଦ ବ୍ରୀଡ଼ାରେ, ବିବୁଧ
ଦେଖନ୍ତୁ ବିଶୁଦ୍ଧି ତୋର,

Digitized by srujanika@gmail.com

ବୁଝନ୍ତୁ ଯାହା ସେ ଦେବ କ କଏସେ
ଲେକମୁଖେ ଦେଇ କର ? । ୧୨୪ ।
ଚେତାଥିଲେ ଚେଷ୍ଟା ଫଳଥାନ୍ତା, ସ୍ରଷ୍ଟା
ବଳେ ଅଣି ମୂର୍ଚ୍ଛା ଦେଲେ,
ଇନ୍ଦ୍ର ସାହା ଥାଇ ରଖି ନ ପାରନ୍ତ
ବିଧାତା ବିଧିନ ହେଲେ । ୧୨୫ ।
ଅମ୍ଳ ପ୍ରକାଶରେ ଶୋକ ପାରାବାରେ
ଭାସୁଥିଲେ ନରଈଶ,
ବ୍ୟଥା ନାଶିବାକୁ ଅସି ମିଳଗଲ
ସେ କାଳେ ସେ ସୁନାହଂସ । ୧୨୬ ।
ପକ୍ଷ ନାଦେ ଊର୍ଦ୍ଧ୍ୱେ ଗୃହିଁ ନଳ ଭୂପେଁ
"ଏହୁ ସେ ଧ୍ୱନିଲା ସେହୁ,
"ନୈର୍ଦ୍ଦସ୍ଯ ! ନ କର ନରେଶ ଏଣିକ
ଜୀବନ ଦେଖିବ ସେହୁ । ୧୨୭ ।
ଦେବତାଙ୍କ ପାଇଁ ବହୁ କଷ୍ଟ ସହୁ
ଅପଣାକୁ ଦୋଷୀ ମଣ,
ସାଧୁ ତୁମେ, ଚିତ୍ତ- ଶୁଦ୍ଧିରେ ତୁମର
ସାକ୍ଷୀ ଏକା ନିଜ ମନ" । ୧୨୮ ।
ଅଦରେ ସମ୍ଭାଷି ଉଡ଼ିଗଲା ହଂସ
ଦୁହିଁଙ୍କୁ ସାନ୍ତ୍ୱନା ଦେଇ,
ଦଗୀଶେ ପ୍ରଣମି କଳପିଲେ ନଳ
ଦମୟନ୍ତୀ ମନ ନେଇ । ୧୨୯ ।
"ଦେବାଦେବେ ଅସି ଦୃଢ଼ଧର୍ମ୍ମେ ରସି
ପ୍ରିୟେ ! ସେମାନଙ୍କ ପାଇଁ,
ତୁମ୍ଭ ଅନୁରାଗ ଅଣି ନ ପାରିଲି
ଏତେ କଦର୍ଥନା ଦେଇ । ୧୩୦ ।

Digitized by srujanika@gmail.com

ଦେଖି ଅବା କ୍ଷମା ଆଚରନ୍ତୁ ସୁଚିରେ
ଅକପଟ ବ୍ୟବହାର,
ନୋହିଲେ ଦଅନ୍ତୁ ଦୋଷ ଦେଖି ଦଣ୍ଡ
ତହିଁକି ନାହିଁ ମୋ ଡର । ୧୬୧ ।
ଜାଣି ନ ପାରିଲା ବିଯୋଗ ବେଦନା
ଉନ୍ମାଦ ହେଲା ମୋ ଚିତ୍ତ,
ଅଜ୍ଞାନେ ପାତକ କ୍ଷୀଣ ହେଲା ଭଲା
ଦୋଷେ ଦୋଷ ଆଚ୍ଛାଦିତ । ୧୬୨ ।
କଦର୍ଥନା ଦେଇ ମଦନ-ଅନଳ-
ଉନ୍ମାଦେ ଚଢ଼ାଇ ମୋତେ,
ଉପକାର କଲ ପଚ୍ଛକୁ ଭସାଇ
ଦୁହିଙ୍କୁ କରୁଣା ସ୍ରୋତେ । ୧୬୩ ।
ଇଚ୍ଛୁ ଯେବେ ହେବ କଙ୍କର ମୁଁ ତୋର
ଲେଡ଼ନ୍ତୁ ତାହା ଅମରେ,
ଯିବ କାର୍ଯ୍ୟ କର, ନ ପଡ଼ ପଚ୍ଛକୁ
ଅନୁତାପ ଅନଳରେ । ୧୬୪ ।
ଉଦାସୀନ ଭବେ କହିଲ ଯା ସିନା
କାମଦେବ ଭସ୍ମ ନାହିଁ,
ତୁମ୍ଭ ହିତେ ପ୍ରାଣ ଦେବି, ପ୍ରେମ ଋଣ-
ପରିଶୋଧ ହେବାପାଇଁ । ୧୬୫ ।
ଶିଶିର ଅନୁଜା ବସନ୍ତ ସୁଷମା
ମଧୁର କୋକିଳ ସ୍ୱରେ,
ସାଜିଲ ପତ୍ରସ୍ୱେ ଗଜିଲେ ଭ୍ରମରା
ସୂନୃତ ମଧୁରେ ଗିରେ । ୧୬୬ ।
କାନ୍ଦୁଥିଲେ ସତୀ ନିଜକୁ, ନଳଙ୍କୁ
ଦେବଦୂତ ବୋଲି ଜାଣି,

Digitized by srujanika@gmail.com

ନଳ ବୋଲି ଚାହିଁ ଚେତିଲେ ମନରୁ
ଘୃଣା ସଙ୍ଗେ ଆତ୍ମଗ୍ଳାନ । ୧୩୭ ।
ଜନକ ମନକୁ ବୁଡ଼ାଇ ପାପରେ
ମନୋଜ ତୁ ନିଜ ତେଜ,
କୁପୁତ୍ର ତୁ ବୋଲି କାମେ ନିନ୍ଦି ସତୀ
ରହିଲେ ସ୍ଥିରତା ଭଜି । ୧୩୮ ।
ଆନନ୍ଦ ନୟନ ବରଷା, ପୁଲକ,
ସେ କାଳେ ରଙ୍ଗ ସଞ୍ଚାର,
ଦମୟନ୍ତୀ-ତନୁ ଦର୍ଶିଲା, ଫୁଟିଲା
କଦମ୍ବ କୁସୁମ ସର । ୧୩୯ ।
ନଳ ନାମ ଧରି ବଳପିଲା ବେଳେ
ମୋତେ ଏ ଜାଣିଲା ମଣି,
ନାକେ ଚାହାଁ ଦେଇ ଦମୟନ୍ତୀ-ଭ୍ରାନ୍ତି
ଭାଙ୍ଗି ଥିଲେ ନୃପମଣି । ୧୪୦ ।
ନିଜେ ଭୈମୀ କରୁ କହି ନ ପାରିଲେ
ନଳଙ୍କୁ ଦେଖି ଅଗରେ,
ନିଜ ତେଜ ଆଗେ କହିଥିବା ଯୋଗେ
ବୁଡ଼ିଲେ ଲାଜ ସାଗରେ । ୧୪୧ ।
ଉତ୍ତର ନ ଦେଇ ମଖି କାନ ପାଖେ
ମୁଖ ଢାଙ୍କି ହେଲେ ଠିଆ,
ହସିଲା, ଭାଷିଲା ସଜନୀ ଲାଜରେ
ବୁଡ଼ିଲା ତୁମ୍ଭର ପ୍ରିୟା । ୧୪୨ ।
ତୁମ୍ଭ ଚାକପଦ- ଚରଣ ଯୁଗଳେ
ଅଜାଡ଼ ଲୋଚନ-ଜଳ,
କହିଥିଲା ଯେଉଁ ମଦନ କହାଣୀ
କହୁଛୁ ଶୁଣ ତା' ନଳ । ୧୪୩ ।

Digitized by srujanika@gmail.com

ତୁମ୍ଭ ବିରହରେ ସନ୍ଦେହ ଜୀବନୀ
କହି ନାହିଁ ଯାଇ ହଂସ,
ନୋହିଲେ କି ଏତେ ନିର୍ଦ୍ଦୟ ହୁଅନ୍ତ
ଚନ୍ଦ୍ରବଂଶ-ଅବତଂସ । ୧୪୪ ।
ମୁଖେ ବିଧୁ, ରୂପେ- କାମ, ହାର ମୋତେ
ତୁମ୍ଭର ବକ୍ଷର ଯେବେ,
ପୀଡ଼ନ୍ତି ତା' ହେଲେ ଜଣା ପଡ଼େ ମୋର
ସଫଳ ସଂକଳ୍ପ ଦେବେ । ୧୪୫ ।
ମୋତେ ପୋଡ଼ ବିଧୁ ମୋ ଭସ୍ମେ କଳଙ୍କ
ମାଜିବାକୁ ଇଚ୍ଛୁ ସୁଖେ,
ବଧୂ ବଧ ପାପେ ବଢ଼ିବ କଳଙ୍କ
ହାଟେ ଯିବୁ ନଳ ମୁଖେ । ୧୪୬ ।
ନାଥ ! ତୁମ୍ଭ ଶର ଦଅ ମଦନକୁ
ବିନାଶୁ ମୋତେ ସେ ବାଣେ,
ତୁମ୍ଭଙ୍କୁ ସୁମରି ମରି ଜନ୍ମି, ତୁମ୍ଭ
ରୂପେ ସେ ପାପକୁ ଜିଣେ । ୧୪୭ ।
ଗାଇଲେହେଁ ଶ୍ରୁତି ଦେବତାଙ୍କ ସ୍ତୁତି
ମଗ୍ନ ମୁଁ ଚରଣେ ତବ,
ସ୍ନାନକାଳେ ରବି- ସ୍ତବେ, କୁମୁଦନୀ
ଲଭେ କି ଆନନ୍ଦ ଲବ ? । ୧୪୮ ।
ତୁମ୍ଭଲାଗି ଆଜ ଗଲେ ଏ ଜୀବନ
ବୁଝିବ ସିନା ମୋ ମତି,
ନୋହିଲେ ଜାଣିବ କାହିଁ ପ୍ରାଣନାଥ !
ତୁମ୍ଭ ବିନା ନାହିଁ ଗତି ? । ୧୪୯ ।
ଶୂରଂ ସାଧାରଣ ରଖନ୍ତି ଶରଣ-
ପଶିଲେ ବଜ୍ରକୁ ଡରି,

Digitized by srujanika@gmail.com

ବ୍ରତ କ୍ଷତ ନାଥ ! ତୁମ୍ଭର, ଯେବେ ମୁଁ
ଫୁଲଶରେ ଯିବ ମରି । ୧୫୦ ।
ତୁମ୍ଭର ମୁଁ, ମୋର ଘାତୁକେ ନ ଗୁଡ଼
ଅମର ନୁହେଁ ମଦନ,
ଚଣ୍ଡାଳ ସେ ସ୍ମର, ସଖା ମଧୁ ତାର
କରଇ ବାଣ ନିର୍ମାଣ । ୧୫୧ ।
ହୀନ ଶକ୍ତ ପାଶେ ସାଧୁ ହାତବଳା
ତେଜନ୍ତେ ବଳ୍ପଜନ,
ଅଗେ ତୃଣ କ୍ରମେ ଗୋମୟ ଇନ୍ଧନ
ଅନଳ କରେ ଭକ୍ଷଣ । ୧୫୨ ।
ସ୍ୱୟମ୍ବର ପତି କରୁଣା ବହିଲେ
ଦେବେ ବହିବେ କି ଦ୍ୱେଷ,
ଯଜ୍ଞେ ତୃପ୍ତ ସ୍ୱରେ ଚକ୍ଷୁ-ଲଜ୍ଜାବଶେ
ନ ଧରିବେ ତୁମ୍ଭ ଦୋଷ । ୧୫୩ ।
ବରିବ ତୁମ୍ଭଙ୍କୁ ଦେବତାମାନଙ୍କୁ
ତୋଷି ସ୍ୱୟମ୍ବର ସ୍ଥଳେ,
ନୁହନ୍ତ ମଦନ ନୁହନ୍ତ ସେ ତୁମ୍ଭେ
ନିର୍ଦ୍ଦୟ ହେବାକୁ ଏଡ଼େ । ୧୫୪ ।
ତୁମ୍ଭ ଶରପଟ୍ଟ ଦେଖି କାମେ ଲଜେ
ବୁଡ଼େ ଏ ରସରଙ୍ଗିଣୀ,
ମୌନମୟ ଅନ୍ତ- ସ୍ୱପେ ମନୋହର
ସୁଧାରସ ତରଙ୍ଗିଣୀ । ୧୫୫ ।
ଚଣ୍ଡାଳ ଅଟେ ସେ ବିଷମ ବିଶିଖ
ଦରଶନ ଯୋଗ୍ୟ ନୁହେ,
ଛେଦିଛ ଅଙ୍ଗୁଳି ଜାଣି ତାକୁ ତେଣୁ
ଅନଙ୍ଗ ନାମ ସେ ବହେ ।

Digitized by srujanika@gmail.com

ବନ ମଧ୍ୟେ ଥାଇ ମଧୁକୁ ଆଦରେ
ବଧୂ ପ୍ରାଣ ହରେ ନାଥ,
ବଧ ସେ ପାପକୁ ଦଗାଙ୍ଗନାମାନେ
ଗାଆନ୍ତୁ ତୁମ୍ଭର ଯଶ । ୧୫୬ ।

ଶୁଣି ଦମୟନ୍ତୀ ରହସ୍ୟ ଏକାନ୍ତେ
ନଳମୁଖେ ନରସାଇଁ,
ଅଙ୍ଗୀକାର କଲେ ଦେବତାଙ୍କ ସଙ୍ଗେ
ସ୍ୱୟମ୍ବରେ ଯିବା ପାଇଁ । ୧୫୭ ।

କାଲ ପ୍ରିୟ ମେଳ ଭଲ ଖେଳାଇଲେ
ପୁଲକତ ଗଣ୍ଡେ ବାଳା,
ବେଗବତୀ ସ୍ନେହ- ବହି ନଦୀପୁର
ଆନନ୍ଦ-ଲୋତକ ଧାର।

କାମ-ତାପ ବଶେ ଚାରି ପହର ସେ
ରଜନୀ ଅସହ୍ୟ ହେଲ,
ଦେଖି କୃପା ବହି ସେ ଦିନୁ ବିଧାତା
ରାତିକୁ ତ୍ରିଯାମା କଲ । ୧୫୮ ।

ନଳ ଦୂତପଣେ ଘଟଣା-ଚକ୍ରରେ
ଘଟିଥିଲ ଯାହା ଯାହା,
ଦମୟନ୍ତୀ ପାର୍ଶ୍ୱେ ଫେର ଅବଲମ୍ବେ
ଅବକଳ ତାହା ତାହା ।

ତ୍ରିଭୁବନ ଜନ- ଯାବତ ବୃତ୍ତାନ୍ତ
ଜାଣିବାରେ ପଟୁ ଅତି,
ଇନ୍ଦ୍ର ଆଦ ଦେବେ ନିରାନନ୍ଦ ଭାବେ
ନବେଦଲେ କ୍ଷିତପତ । ୧୫୯ ।

କନ୍ଦରାଜ ରଜ ମୁକୁଟ ଭୂଷଣ
ଶୀର୍ଷର ଯାହାର ପିତା,

Digitized by srujanika@gmail.com

ସାଗର ସମାନ କବିତା ପାଦ୍ୱାର
ମାମଲ୍ଲ ଦେବୀ ଯା' ମାତା ।
ରଚିଲେ ଶ୍ରୀହର୍ଷ କୋଟୀନ୍ଦ୍ରସୁନ୍ଦର
କବିକୁଳ ଚୂଡ଼ାମଣି,
ବୀରସେନ ସୁତ- ଚରିତ ନବମ
ସ୍କନ୍ଦ ଏ ପୀୟୂଷ ଖଣି । ୧୬୦ ।

Digitized by srujanika@gmail.com

ଦଶମ ସର୍ଗ

ଧନରେ କୁବେର ମଦନ ସୁନ୍ଦର
ଶସ୍ତ୍ର-ଶାସ୍ତ୍ର-ବିଚକ୍ଷଣ,
ସ୍ୟନ୍ଦନ ଆରୋହି ସ୍ୱୟମ୍ବରେ ଗଲେ
କୁଳୀନ କୁମାରଗଣ । ୧ ।
ଭୈମୀ ସ୍ୱୟମ୍ବର କାହାକୁ ନ କଲା
କାମବାଣେ ଜରଜର,
ସଭିକୁ ନ ଯାଇ ରହି ପାରିଲା କି
କେଉଁ କୁଳଜ କୁମର ?
ସମକାଳେ ଗଲେ ଭୂପାଳ ସମାଜ
ଭୈମୀ ସ୍ୱୟମ୍ବର ସ୍ଥଳେ,
ସାମାନ୍ୟ ଦେଶରେ ଅପନ୍ଥା ରହିଲା
ନାହିଁ, ଏ ଅବନୀ ତଳେ । ୨ ।
ବରିବା ପାଇଁକି ଯାତ୍ରା ଆରମ୍ଭିଲେ
ଯୋଗ୍ୟ ନୃପମାନେ ସୁଖେ,
ବଳେ ହରିବାକୁ ବଳବନ୍ତ ନୃପେ
ବାହାରିଲେ ସମ୍ମୁଖେ ।

Digitized by srujanika@gmail.com

ସେବା ଧର୍ମ୍ମେ କିବା ଚଳିଚଲେ ଭୂପତି-
ଦେଖିବା ପାଇଁକି ଅନେ,
ଚଳନ୍ତେ ସକଳେ ଧରଣୀ ମଣ୍ଡଳେ
ଶୂନ୍ୟ ହେଲେ ଦିଗମାନେ । ୩ ।
ଜନତା ଗହଳେ ଦିଗଭିତ୍ତିମାନେ
ଲଭୁଥିଲେ ଘୋର ଦୁଃଖ,
ମହୀରମା ଭୈମୀ ଲଟେଖ ତା ଚଳନ୍ତେ
ଲଭିଲେ ବିଶ୍ରାମ ସୁଖ । ୪ ।
ତିଳ ପଡ଼ିବାକୁ ସ୍ଥାନ ନ ମିଳିଲା
ପଥେ ଯେନା ଜନ ଗତି,
ହସ୍ତଗତ ଭୈମୀ- ହେଲା ମନେ କଲେ
ଆଗେ ଯିବା ନରପତି । ୫ ।
ଆଗେ ରୁନ୍ଧ ଥାଇ ପଛୁଁ ତଡ଼ା ଖାଇ
ଯନ୍ତ୍ରସ୍ଥ ସର୍ଷପ ପରି,
ଟେକୁଁ ନରପତି ନିଜକୁ ମଣିଲା
ବ୍ୟର୍ଥ ମନୋରଥ ଭଲି । ୬ ।
ଜନତା ଗହଳେ ବିଳମ୍ବେ ଚଳିଲା
ଯେବଣ ନୃପତିବର,
ଭମ ବ୍ୟାଜେ ତାକୁ ସେ ପୁଷ୍ପ ପତାକା
ତାଡ଼ିଲ କି ଗୂଳ କର ? ୭ ।
ବର-ସେନା ଆଗେ ଧବଳ ତୁରଗେ
ତା ପଛେ ଗଲେ ଖଚର,
ଆଗେ କର୍କୋଟକ (୧) ପଛେ ଅଶ୍ୱତର (୨)
ମଧ୍ୟେ ଯଥା ନାଗବର । ୮ ।

(୧) ଶୀଘ୍ରଗାମୀ ଶ୍ୱେତାଶ୍ୱ, ପକ୍ଷେ ସର୍ପ ବିଶେଷ ।
(୨) ନାଗ ବିଶେଷ, ଆଗରେ ଘୋଡ଼ା ମଝିରେ ହାତୀ, ପଛରେ ଅଶ୍ୱତର ।

Digitized by srujanika@gmail.com

ପତି ବିରହରେ ପତ୍ନୀ ମୁଖ-ଶୋଭା
ଅବଲ ଦିଶିଲା ଭଲା,
ଦିଗଙ୍ଗନା ମୁଖ ଘୋଡ଼ାଇ ରଖିଲା
ରାଜବ୍ରଜ-ସେନା ଧୂଳି ।୯।
ଆଖଣ୍ଡଳ, ଯମ କୃଶାନୁ, ବରୁଣ,
ଭୈମୀ ଗୁଣେ ବନ୍ଧାଥାଇ,
ସଭାକୁ ଆଇଲେ ଆନ ଦିଗପାଳେ
ଆହବ ପାରିଲେ ନାହିଁ ।୧୦।
ଧାମ ପୁରୋହିତ- ମନ୍ତ୍ରେ ସୁରକ୍ଷିତ
ସେ ପୁରେ କେଉଁ ରାକ୍ଷସ,
ପଶନ୍ତା କପଟ ତେଣୁ ଯାତୁଧାନ (୧)
ନ କଲା ସିନା ସାହସ ।୧୧।
ଭୈମୀ ନେତ୍ର-ପଦ୍ମେ ବିଜିତ, ଲଜ୍ଜିତ,
ବିମୁଖ ନିଜ ବାହନ, (୨)
ହେବାରୁ ସଭାକୁ ଯିବାକୁ ଶଙ୍କିଲେ
ସିନା ଦେବ ସମୀରଣ ।୧୨।
କାନ୍ତି, ବିତ୍ତ ଗୁଣ ନ ଜେଡ଼େ ମଦନ
ଲେଡ଼ଇ ସୁନ୍ଦର ପଣ,
ସ୍ୱଚ୍ଛଶୈଳେ (୩) ନିଜ କୁରୂପ ନିରେଖି
ଭାଙ୍ଗିଲା କୁବେର ମନ ।୧୩।
ଅର୍ଦ୍ଧାଙ୍ଗପାର୍ବତୀ ସହିତେ କପର
ସ୍ୱୟମ୍ବରେ ଗଲେ ପତି,
ସଙ୍ଗତେ ନ ଯାଇ ସେ ସିନା ରୋଧିଲେ
ଶିବଙ୍କର ସ୍ୱୈର ଗତି ।୧୪।

---

(୧) ରାକ୍ଷସ, ନୈଋତଦିକ୍‌ପତି ।
(୨) ବାୟୁର ବାହନ ମୃଗ ।
(୩) କୈଳାସ ।

Digitized by srujanika@gmail.com

ଅଧୋଦେଶୁଁ ଶେଷ   ଆସି ନ ମଣ୍ଡିଲେ
ଭୈମୀ ସ୍ୱୟମ୍ବର ସ୍ଥାନ,
ଗୁରୁ ମହୀ ଭର   ବହିବା ପାଇଁକି
ସମର୍ଥ କିଏ ସେ ଆନ । ୧୫ ।
ଧର୍ମପଥ ଚନ୍ଦ୍ର   ଊର୍ଦ୍ଧ୍ୱଦେଶ ମତ
ସ୍ୱୟମ୍ବରେ ଗଲେ ନାହିଁ,
ପିତାମହ ସଙ୍ଗେ   ପରିଣୟୁ ବିଧି
ସ୍ମୃତି ବା ଶ୍ରୁତିରେ କାହିଁ ? ୧୬ ।
ଦମୟନ୍ତୀ ନାହିଁ   କରିବାର ଶୁଣି
ଦୂତ ମୁଖୁଁ ମନ ଦୁଃଖେ,
ଇନ୍ଦ୍ର ଆଦି ସୁର   ଦିଗପତି ଗଲେ
ଧୀରେ ଧୀରେ ସଭ ମୁଖେ । ୧୭ ।
ନଳ ଭ୍ରମେ ଅବା   ବରିବ ଆମ୍ଭଙ୍କୁ
ସୁନ୍ଦରୀ, ଏ ଆଶା କରି,
ବିଜେକଲେ ସୁରେ   ଦିଗପାଳମାନେ
ମାୟା ନଳ ରୂପ ଧରି । ୧୮ ।
ଯତ୍ନେ ନଳ ଭଳି   ହେଲ ମୁଁ ବିଚାରି
ଆପଣା ଅଙ୍ଗକୁ ଚାହିଁ,
ପରଚି ବୁଝିଲେ   ନଳ ସାମ୍ୟସିଦ୍ଧି
ବିକୃତ ବପୁରେ ନାହିଁ । ୧୯ ।
ପୂର୍ଣ୍ଣଚନ୍ଦ୍ରେ ପୁଣି   ପ୍ରଫୁଲ୍ଲ ପଙ୍କଜେ
ଗଢ଼ି ମୁଖ ସୁରଗଣେ,
ସେ ଭଳ ମଞ୍ଜୁଳ   ନୋହିଲ ଭଳିଲେ
ଚାହିଁ ଚାହିଁ ଦରପଣେ । ୨୦ ।
ନିଜ ନିଜ ମୁଖେ   ନଳ ମୁଖଶୋଭା
ନ ଲଭି ଦେବତାଗଣେ,

Digitized by srujanika@gmail.com

ପୁନରୁକ୍ତ ଦୋଷ ବରନେଲେ କରି
ଅନଳ ମୁଖ (୧) ଧାରଣ । ୨୧ ।
ଉର୍ବଶୀ ଅଧରେ କ୍ଷୀଣ ପୁରୁରବା
ଗନ୍ଧର୍ବ ସୁଧାକର,
ଉଚ୍ଛିଷ୍ଟ କାମ ଠାରୁ, ସାର ଦେଲେ
ନଳ ଭଳ ହେଲେ ସୁର । ୨୨ ।
ନଳେ ଆନ ନୃପେ କେତେ ଭେଦ ତାହା
ଦେଖିବାକୁ ଦମୟନ୍ତୀ,
ସ୍ୱୟମ୍ବର ସ୍ଥଳେ ସକଳ ନୃପଙ୍କୁ
ମୂଳକର ପ୍ରଜାପତି ।
ଭୈମୀ ଅଭିଳାଷୀ ଦିଗୀଶ ମାନଙ୍କୁ
ନଳ ରୂପେ ସୃଷ୍ଟି ଦେଇ,
ଦେବ ସମାଜରେ ପ୍ରଶଂସିଲ ଏବେ
ନଳଙ୍କ ଉତ୍ତମା ନେଇ । ୨୩ ।
ନଳ ରୂପୀ ଅଳଂ- କୃତ ଗୃହ ଦେହେ
ନଳ ବନା ସଭାସ୍ଥଳୀ,
ଅଶୋଭ ଦିଶିଲ ପାରିଜାତ (୨) ବିନା
କଳ୍ପଦ୍ରୁମେ ସ୍ୱର୍ଗ ଭଳି । ୨୪ ।
ଫଣ ଭୂଷା ବସ୍ତ୍ରେ ଧବଳ ଶରୀର
ବାସୁକି ସଭ ସଦନେ,
ବସିଲେ, ପ୍ରସୀଦ, ଜୀବ, ଉଚ୍ଚାରିଲେ
ଫଣୀନ୍ଦ୍ର ସେବକଗଣେ । ୨୫ ।

---

(୧) ଅଗ୍ନିମୁଖ, ଜଳମୁଖ ନୁହେଁ (ଦେବତାମାନଙ୍କ ମୁଖ ଅନଳ ଅର୍ଥାତ୍ ଅଗ୍ନି)

(୨) ଏକସମୟରେ ପାରିଜାତ ସ୍ୱର୍ଗରୁ ଯାଇ ସତ୍ୟଭାମାଙ୍କ ପୁରରେ ଥିଲା

Digitized by srujanika@gmail.com

ଦ୍ୱୀପାନ୍ତରର ନୃପ, ଦେବତା କଳାପ
ମଣ୍ଡିଲେ କୁଣ୍ଡିନପୁରୀ,
ମଦନ ଅଶୁଗ- ଦକ୍ଷ ବାଟକ୍ଷିପ୍ତ
ତୁଳା ଲୀଳା ଅନୁକରି । ୨୬ ।
ବିନୟ ପ୍ରକାଶି ଆତିଥ୍ୟ ଆଚାର
ରମ୍ୟ ହର୍ମ୍ମ୍ୟ ଦେଇ ବସା,
ନାନା ଉପଚାରେ ତୋଷିଲେ ନୃପଙ୍କୁ
ମହୀପତି (୧) ମହାଯଶା । ୨୭ ।
ସାଗର ମେଖଳା ରାଜ ଅବରୋଧେ
ନୃପ-କୀର୍ତ୍ତି-ଦାରା ସଙ୍ଗେ,
ସୁନୃତ, ଆତିଥ୍ୟ ଦୟା, ଦାନ, ଗୃହ
କଞ୍ଚୁକୀ ବସନ୍ତି ରଙ୍ଗେ । ୨୮ ।
ଭୀମ ଭୂପତିଙ୍କ ସନ୍ତୋଷ ସତ୍କାରେ
ଅଭ୍ୟାଗତ ନୃପଗଣ,
ହଟେଲମାନ ହେଲେ ବାରି ନ ପାରିଲେ
ଇଷ୍ଟ ବେଶ୍ମୀ ଲଭ ଚିହ୍ନ । ୨୯ ।
ମୂର୍ତ୍ତିର ହୃଦରେ ସଂସାର, ଅଗସ୍ତି
ହସ୍ତରେ ସାଗର ଭଳି,
ସେ ଭଳି ବସାଇ ରାଜ-ସମାଜକୁ
ଧଇଲ ବିଦର୍ଭ ପୁରୀ । ୩୦ ।
ଉତ୍ସବ ବାଞ୍ଛାରେ ଚର୍ଚ୍ଚୀକୃତ ହେଲା
ପୁର, ପଥ, ଘର ଦ୍ୱାର,
ଗଗନେ ଖେଳିଲା ମହୀପତିଙ୍କର
ଅଲଂକାର ପ୍ରଭା ଜାଲ । ୩୧ ।

---

(୧) ଭୀମ ନୃପତି ।

Digitized by srujanika@gmail.com

ଯେ କାଳେ ବିଳାସ- ଭୂଷଣ-ସୁଷମା
ଗୃହସ୍ଥି ନୃପ ସେବକେ,
ନରେଶ, ନାୟିକ ମନେ କଲେ ତାଙ୍କୁ
ବନିତା, ଅଙ୍ଗ, ବାଳକେ, । ୩୨ ।
ଚକ୍ଷେ ଚକ୍ଷୁ ସ୍ଥିର ଛନ୍ଦ ଛାୟା ଯୋଗେ
ମଉଳନ୍ତ ନାହିଁ ମାଳ,
ଭୂମଧ୍ୟ ଭ୍ରମଣେ ସ୍ୱେଦ ସଙ୍ଗେ ଭେଦ
ଗଲ ନର ଦେବଙ୍କର, (୧) । ୩୩ ।
ପରସ୍ପର ଭାଷା ବୁଝିବା ଅକ୍ଷମ
ବଶେ ସଂସ୍କୃତ ଭାଷାରେ,
ଜଳପିଲେ ଜନେ ନ ରହିଲ ଭେଦ
ସୁର ନର ସମାଜରେ । ୩୪ ।
ଲେଖା ଭୈମୀ ଚନ୍ଦ ଚନ୍ଦ୍ରେ ନରେଶ
ନୃତ୍ତଗଣ ହରଷେ,
କଟାଇଲେ ଦିନ ରଜନୀ ସ୍ୱପନ-
ସମ୍ଭୋଗ-କଳା ବିଳାସେ । ୩୫ ।
ସ୍ୱପ୍ନେ ଲଭି ଭ୍ରାନ୍ତି- ବଶେ ଦମୟନ୍ତୀ
ସର୍ବେ ହେଲେ ହୃଷ୍ଟମନା,
ବିଫଳ ନ କଲେ ସତୀ ଦମୟନ୍ତୀ
ଅର୍ଥି-ନୃପଙ୍କ କାମନା । ୩୬ ।
ବିଦର୍ଭ ଭୂପତି- ଦୂତ ଅନୁନୟେ
ପରଦିନ ପ୍ରାତେ ଆସି,
ସଭାରେ ଶୋଭିଲେ ନରପତିଗଣ
ଶୃଙ୍ଗାର ଭଙ୍ଗୀ ପ୍ରକାଶି । ୩୭ ।

(୧) ସ୍ୱେଦ, ନର ଓ ଦେବ । ଦେବତାମାନଙ୍କର ଝାଳ, ନିମେଷପାତ ଓ ମାଳର ମ୍ଳାନତା ହୁଏ ନାହିଁ ।

Digitized by srujanika@gmail.com

ଭୂଷିତ କାମକୁ ଭୁଞ୍ଜ ମଣିଥିଲେ
ତାହାଙ୍କୁ ଦେଖି ମଘବା,
ନିରେଖିଲେ ଏବେ ସେ ନଳଙ୍କ ଯୋଗେ
ଅଳଂକୃତ ହେଲ ସଭା । ୬୮ ।
ଅଙ୍ଗରାଗ ଧରି ସେ ସଭ ଗଗନେ
ରାଜୁ ରାଜଚନ୍ଦ୍ର ନଳ,
କ୍ଷତ୍ରିୟ ନକ୍ଷତ୍ର- କୁଳ କାନ୍ତି ହେଲ
ନୟନର ଅଗୋଚର । ୬୯ ।
ସହସ୍ରୟ ନେତ୍ରେ ନରପତିଗଣ
କ୍ଷଣେ ଚୁମ୍ବି ନଳ-ଗାତ୍ର,
ତକ୍ଷଣେ ଧଇଲେ କୁଟିଳ ଭ୍ରୂକୁଟି
ଈର୍ଷ୍ୟା କଳୁଷିତ ନେତ୍ର । ୭୦ ।
ପ୍ରଥମ ସୁଧାଂଶୁ (୧) ଦ୍ୱିତୀୟ ମଦନ (୨)
ତୃତୀୟ ଅଶ୍ୱିନୀ ସୁତ (୩),
ବୋଲି କ ନଳଙ୍କୁ ସ୍ତୁତିଲେ ନିନ୍ଦା
ଭଲେ ଈର୍ଷୀ ମହୀଭୁତ । ୭୧ ।
ମାୟା ନଳ ଦ୍ୱାରା- ହରଣ ଦେଖାଇ
ଯାଙ୍କ ପରି କେତେ ଭୂପ,
ଏଠାରେ ଅଛନ୍ତି ବୋଲି ପ୍ରଚ୍ଛରିଲେ
ସଭାରେ ମହସ୍ୱି ନୃପ ।
ନିଜ ଅପକର୍ଷ ଘୋଡ଼ାଇବା ପାଇଁ
ଈର୍ଷ୍ୟା ପରବଶ ନର,
ଆନର ସେ ଭଳି କ୍ଷମତା ଦେଖାଇ
ନେଡ଼େ ସିନା ପରିହାର । ୭୨ ।

---

(୧) କ୍ଷୀଣ ଚନ୍ଦ୍ର, (୨) ପକ୍ଷେ ଅପ୍ରସିଦ୍ଧ ମଦନ,
(୩) ଅପ୍ରସିଦ୍ଧ ଅଶ୍ୱିନୀ ସୁତ ।

Digitized by srujanika@gmail.com

ସୁନ୍ଦରପଣରେ ଅନାଦୃତ ନଳ
କଲେହେଁ ସଭା ମଣ୍ଡନ,
ସେ ମହାସଭାରେ ନର ବୋଲି, ତାଙ୍କୁ
ଦୋଷ ଦେଲେ ସୁରଗଣ । ୪୩ ।

ହେଉଁ ପଛେ କେହୁ ସୁନ୍ଦର, ସୁଶୀଳ
ସକଳ ଗୁଣ ନିପୁଣ,
ତାର ନିନ୍ଦାବାଦ ଖଳ ଲୋକଙ୍କର
ସ୍ୱାଭାବିକ ଅବଗୁଣ । ୪୪ ।

ପଚାରିଲେ ନଳ ପାଖେ ଥିବା ଦେବେ
ମିଥ୍ୟା ନଳ ରୂପ ଧରି,
ଦିଶୁଛ ତ ତୁମ୍ଭେ ପୁରୁହରିବା, କାମ
ଅଶ୍ୱିନୀକୁମାର ଭଳି । ୪୫ ।

ନାହାନ୍ତି ଏଠାରେ ପୁରୁହରିବା ଅବା
ଅଶ୍ୱିନୀକୁମାର ବେନି,
ଅଦର୍ପକ (୧) ଅମ୍ଭେ ହୋଇଅଛୁ ଏବେ
ତୁମ୍ଭ ରୂପଗୁଣ ଦେନି । ୪୬ ।

ସେମାନଙ୍କ ଠାରୁ ଭିନ୍ନ ହେଁ ଅମ୍ଭେ
ରୂପେ ନୋହୁ କାମ ସରି,
ତୁମେ ଦୈମୀ ଅବା ବରିବ ଅମ୍ଭଙ୍କୁ
ଅଛୁ ଏହି ଆଶା କରି । ୪୭ ।

ଛଳି ତୁମ୍ଭ ରୂପ ମୁଗ୍ଧ ଭବ ବହି
ଅଇଲୁ ଯା' ଅକାରଣ,
ଆଶା (୨) ପରିହରି ଧିକ୍ ନରନାଥ
ଆମ୍ଭର ବିବୁଧ (୩) ପଣ । ୪୮ ।

---

(୧) ଦର୍ପଶୂନ୍ୟ, ଅକନ୍ଦର୍ପ, ଅର୍ଥାତ୍ ଅସୁନ୍ଦର ।
(୨) ପକ୍ଷେ ଦିଗ, (୩) ଦେବତାପଣିଆ ଓ ପଣ୍ଡିତପଣିଆ ।

Digitized by srujanika@gmail.com

ନାଗରନ୍ତ ଜରେ ଉଚିତ ସମୃଦ୍ଧେ
ନିମଗ୍ନ ଥିବାରୁ ନଳ,
ଅବହେଳା ବଶୁଁ କଳି ନ ପାରିଲେ
ଦେବତାଙ୍କ ବାକ୍ୟ ଛଳ । ୪୯ ।
ସ୍ପର୍ଦ୍ଧାବଶେ ନିଜ ପ୍ରତିଷ୍ଠା ଜୋଡ଼ଇ
ପର ଗୁଣ ଗାଇ ସାନ,
ନିଜ ମୁଖେ ନିଜ ହାନି ବଖାଣିଲେ
ନ ପାଏ କେ' ଅପମାନ । ୫୦ ।
ଉଦ୍ଧତ ଜଗତ ଧନ ମନୋହର
ପ୍ରଶଂସିତ ବାଣୀ ମୁଖେ,
ଶୂନ୍ୟ ଥାଇ ସ୍ୱୟଂ- ବର ଆଡ଼ମ୍ବର
ଦେଖିଲେ ଶ୍ରୀହର (୧) ସୁଖେ । ୫୧ ।
ଶିବ ଶିର ସୀମା ନ ଦେଖି ଯେ ବ୍ରହ୍ମା
କେତକୀକ କଲେ ସାକ୍ଷୀ (୨),
ସର୍ବ ଦରଶନ ଇଚ୍ଛି ସେ ନହୁଲେ
ଆଠ ଦଗେ ଆଠ ଅଖି । ୫୨ ।
ଏକ ଦେହେ ମେରୁ ଭୂମି ଆନ ଦେହ
ମୃଗର ନୟନ ଭରି,
ଜନାକାର୍ଣ୍ଣ ଦଶ- ଦଶ ନିରେଖିଲେ
ଆଜ ଦଶ ଦେହେ ହରି (୩) । ୫୩ ।

---

(୧) ଶ୍ରୀ (ଲକ୍ଷ୍ମୀ) ଓ ହର

(୨) ପୂର୍ବେ ବ୍ରହ୍ମା ଶିବ ଶିର ନ ଦେଖି ଦେଖିଲି ବୋଲି କହି ଶିବ ଶିରଚ୍ୟୁତ କେତକୀକୁ ମିଥ୍ୟା ସାକ୍ଷୀ କରିଥିବା କଥା ପୁରାଣପ୍ରସିଦ୍ଧ ।

(୩) ସୂର୍ଯ୍ୟ । ଦ୍ୱାଦଶ ଆଦିତ୍ୟ ମଧ୍ୟରୁ ଗୋଟିଏ ବସ୍ତୁଙ୍କର ଚକ୍ଷୁ ।

Digitized by srujanika@gmail.com

ରଜନୀ-ରମଣ ଅନ୍ତରଙ୍ଗ ମେରୁ
ଗିରି ପ୍ରଦକ୍ଷିଣ କରି,
ସର୍ବ ଦରଶନୁ ବଞ୍ଚିତ ନୋହିଲେ
ଉପେନ୍ଦ୍ର (୧) ନୟନ ଧରି । ୫୪ ।
ବରବେଶ ଶୋଭି ନିରୀକ୍ଷଣ କଲେ
ସେ ଭାଳେ ଅପ୍‌ସରାଗଣ,
ଜନ ସାଗରରେ ଖେଳାଇଲେ ସୁଖେ
ମୁଖ ଅମ୍ଭୋରୁହ-ବନ । ୫୫ ।
ଲକ୍ଷ ଲକ୍ଷ ଯକ୍ଷ ଦେଖିଲେ ସେ ସବୁ
ପୂର୍ଣ୍ଣଥିଲ ସିଦ୍ଧଗଣେ,
ସେବିଲେ କନ୍ଦରେ ଦେଖି, ସୁଖୀ ହେଲେ
ମୁନି ଋଷି ମନେ ମନେ । ୫୬ ।
ବହୁ ଶାଖାମୟ ବେଦ ପାଦପର
ଛାୟାରେ ଶୀତଳ ଅତି,
ଯା'ର କଣ୍ଠ ପଥେ ଉଛୁଳାଇଲେ ଆଗେ
ରସମୟୀ ସରସ୍ୱତୀ ।
ଛନ୍ଦ ବନ୍ଧାଥାଇ (୨) ତ୍ରିଦିବ ଧାମରୁ
ଧରାଧାମେ ନିଜ ସୁଖେ,
ସେ ବାଲ୍ମୀକି ଋଷି ଏ ସବୁ ପ୍ରଶଂସା
ଗାଇଲେ ଆପଣା ମୁଖେ । ୫୭ ।
ହାସ-ରସମୟୀ ବାକ୍ୟ-ଦେବୀଙ୍କର
ଅସ୍ଥାନ ଯାହା ରସନା,

(୧) ବିଷ୍ଣୁ, ଚନ୍ଦ୍ର ମଧ୍ୟ ବିଷ୍ଣୁଙ୍କର ଆଉ ଗୋଟିଏ ଚକ୍ଷୁ ।
(୨) ବାଲ୍ମୀକି ସଂସ୍କୃତ ଛନ୍ଦ ନିୟମରେ ପ୍ରଥମେ ରାମାୟଣ ରଚନା କଲେ ତାହା ବେଦ ନିହିତ ଉପଦେଶରେ ପୂର୍ଣ୍ଣ ।

Digitized by srujanika@gmail.com

ସର୍ବ ଷଡ଼ୁପଭ ଗ୍ରନ୍ଥ ବିରଚିଲେ
ହେ ସଖି ଶୋଭା ବର୍ଣ୍ଣନା । ୬୮ ।
ସ୍ୱର୍ଗରେ ବଚନ- ମାଳ ଗୁନ୍ଥାମାଳ
ଦୈତ୍ୟ ମାତ୍ର ଧୁରନ୍ଧର,
ସୁର ନର ଗୁଣ ସେ ସବୁ ସୁଷମା
କାବ୍ୟରେ କଲେ ପ୍ରଚୁର । ୬୯ ।
ଜୁଟାଇ ନାହାନ୍ତି ଶ୍ରମ ଏ ରାଜାଙ୍କୁ
ଅବା ଭୈମୀ ଗୁଣେ ଟାଣି,
ଜୁଟାଇଛନ୍ତି ବିଧି ନିଜ ଶିଳ୍ପ ସୀମା
ଦେଖାଇବା ଇଚ୍ଛି ଆଣି । ୭୦ ।
ଏକାକୀ କାମକୁ ଭସ୍ମ କରିବାରୁ
ପୂର୍ବକାଳେ ତ୍ରିପୁରାରି,
ସେ ଭୟ କାରଣେ ଜନ୍ମିଲା କିବା ସେ
କୋଟି ଯୁବା ରୂପ ଧରି । ୭୧ ।
ମାସେ ମାସେ ଜନ୍ମ ପୂର୍ଣ୍ଣେନ୍ଦୁ ମଣ୍ଡଳ
ଶିଳ୍ପୀ ବିଧି ନିହି କାହିଁ,
ତହିଁରେ ଗଢ଼ିଛନ୍ତି ଏମାନଙ୍କ ମୁଖ-
ଚନ୍ଦ୍ରମା ସନ୍ଦେହ ନାହିଁ । ୭୨ ।
ବୃଥା ବିହିଛନ୍ତି ଶିରୋରତ୍ନ ନୃପେ
ଆପେ ଆପେ ରତ୍ନ ଥାଇ,
ସ୍ୱରୂପ ଚୈତନ୍ୟ (୧) ବୁଝିବା ପାଇଁକି
ଆନ ଜ୍ଞାନ ଲୋଡ଼ା ନାହିଁ । ୭୩ ।
ପଶିଲେ କୁହୁକେ ଏ ସୁନ୍ଦର ବୃନ୍ଦେ
ଅଶ୍ୱିନୀକୁମାର ବେଶ,

(୧) ଆତ୍ମଜ୍ଞାନ ଆପେ ଆପେ ହୁଏ, ଅନ୍ୟର ସାହାଯ୍ୟ ଲୋଡ଼େ ନାହିଁ ।

Digitized by srujanika@gmail.com

ସହସ୍ର ବରଷେ ହୋଇ ନ ପାରିବେ
ଭାଇ ଭାଇ ଶତ୍ରୁଶତ୍ରୁ । ୭୪ ।
ଥାଅନ୍ତେ ଏଭଳି ବିଦଗ୍ଧ (୧)ପୁତ୍ରବେ
କେଉଁ ଯଶ କାମ ଦାହେ,
ଏକମାତ୍ର ଜଳ- ବିନ୍ଦୁ ଶୁଖିଗଲେ
ସାଗର କି ଶୁଖିଯାଏ ? । ୭୫ ।
କବି ପ୍ରଶଂସାକୁ ଅଙ୍ଗୀକାର କଲେ
ଋଷିଏ ଓଁକାର ଛଳେ,
ବେଦ ପାଠ କାଳେ, ଗୀତ ଧ୍ୱନି ଦୃତରେ
ଗନ୍ଧର୍ବେ ଗାଇଲ ବେଳେ । ୭୬ ।
ବସାଇଲେ ନେଇ ବିଦର୍ଭ-ଭୂପତି
ରାଜ-ସିଂହେ ସିଂହାସନେ,
ରାଜଲ ସେ ସଭା ମେରୁ ଶୃଙ୍ଗ ଅବା
ବସିଗଲେ ସୁରଗଣେ । ୭୭ ।
ଅନନ୍ତର ଅସମ୍ଭବ ତ୍ରିଭୁବନ ଭୂପ-
ଚରିତ, ଗୋତ୍ର ବର୍ଣ୍ଣନ,
କରିବ କଏସେ ତନୁଜା ଆଗରେ
ଭଲ ନୃପତି ବିପର୍ଣ୍ଣ । ୭୮ ।
ଅକୂଳେ ନୃପତି ଚିନ୍ତାକଲେ କ୍ଷଣେ
ହୋଇ ଏକତାନ ମନ,
ଭକ୍ତ ବାଞ୍ଛା-କଳ୍ପ- ତରୁ କୁଳଦେବ
ରଥାଙ୍ଗପାଣି ଚରଣ । ୭୯ ।
ତହୁଁ ନାରାୟଣ ବାକ୍ୟ ଦେବତାଙ୍କୁ
କହିଲେ ସସ୍ମିତ ଦୃଷ୍ଟି,

(୧) ପ୍ରଗଲ୍‌ଭ, ପକ୍ଷେ ଅପରାଧ ।

Digitized by srujanika@gmail.com

ରାଜ ସମାଜର ନାମ, କୁଳ, ଶୀଳ,
ସ୍ୱୟମ୍ବରେ କହ ଯାଇ । ୭୦ ।
କୁଳ, ଶୀଳ, ବଳ, ଜାଣ ତ ଭାରତ
ତ୍ରିଭୁବନ ଭୂପଙ୍କର,
ପ୍ରଖ୍ୟାପନ କର, ନୀରବ ରହିବା
ନୁହଇ ଏ ଅବସର । ୭୧ ।
ନ ଥିଲ ନୋହିବ ତ୍ରିଲୋକ ଦୁର୍ଲ୍ଲଭ
ପଣ୍ଡିତ ସଭ୍ୟ ଏ ଭଳି,
ଶୁଣାଅ ବଧୂପେ ଉପନ୍ୟାସ ଏବେ
ନୃପ ଗୁଣଗାନ ଛଳି । ୭୨ ।
ଗୀର୍ବାଣ-ମୁକୁଟ- ମଣି-ମରାଜିତ
ଚରଣୁ କେଶବଙ୍କର,
ଆଜ୍ଞା ସଙ୍ଗେ ରାଗ ରେଣୁ ଆଣି, ବାଣୀ
ମଣ୍ଡିଲେ ଆପଣା ଶିର । ୭୩ ।
ତହୁଁ ସଭ୍ୟ ମଧ୍ୟେ ରାଜାଲେ ଭାରତୀ
କଳିତା ଦୃଷ୍ଟି ତରଙ୍ଗ,
ଗାନ ବିଦ୍ୟାମୟ କଣ୍ଠନାଳୀ ଯା'ର
ତ୍ରିବେଦ ତ୍ରିବଳି ଭଙ୍ଗ । ୭୪ ।
ତ୍ରିବେଦ-ତ୍ରିବଳି- ମୂଳୁଁ ଜନ୍ମି, ବୃଦ୍ଧି
ଲଭି ଅଙ୍କୁର ଫଳେ,
ଘନ ମାଳ କାନ୍ତି ଅଥର୍ବଣ ବେଦ
ରୋମରେଖା ଯା' ଉଦରେ । ୭୫ ।
ମୂର୍ତ୍ତିମତୀ ଶିକ୍ଷା ଚରିତ ଯାହାର
କଳ୍ପ ଯା'ର ପ୍ରସାଧନ,
ବେଦ ବନହୃତ ନିରୁକ୍ତ ବିଦ୍ୟା ଯା'
ବେଦ ବ୍ୟାଖ୍ୟା (୧) ପ୍ରଖ୍ୟାପନ । ୭୬ ।

(୧) ଷଡଙ୍ଗ ମଧ୍ୟରୁ ବେଦବ୍ୟାଖ୍ୟା ପରଦ ନିରୁକ୍ତ ।

Digitized by srujanika@gmail.com

ଜାତ (୧) ବୃତ୍ତ (୨) ଭେଦେ ଦ୍ୱିଧା ଭଦ୍ୟମାନ
ଛନ୍ଦ ଯା' ଭୁଜ-ଯୁଗଳ,
ଶ୍ଳୋକ ମଧ୍ୟବର୍ତ୍ତୀ ଯତିପାତ ଯା'ର
ବେନି ପର୍ବ ସନ୍ଧିସ୍ଥଳ । ୭୭ ।
ଗୁଣ ଦୀର୍ଘ ଭବ (୩) ଯେନି ଯେ ବିପୁଳ
ବିସ୍ତୃତ କରେ ଧାରଣ,
ଶବ୍ଦ ପରମ୍ପରା ସାଧନ ସମର୍ଥ
କାଞ୍ଚୀ ଯା'ର ବ୍ୟାକରଣ । ୭୮ ।
ଗ୍ରୀବା ଚୁମ୍ବି ଲମ୍ବି ଅଙ୍କେ ବିଲୁଳିତ
ତରଳ ତାରକା ବ୍ୟାଜେ,
ପୃଥୁହାର ଯଷ୍ଟି ଜ୍ୟୋତିର୍ମୟୀ ଜ୍ୟୋତି
ର୍ବିଦ୍ୟା ପରି ଯା'କୁ ଭଜେ । ୭୯ ।
ବାଦୀ ପ୍ରତିବାଦୀ ଉଭୟ ପକ୍ଷର
ଗାଢ଼ ଅନୁରାଗ ଯେନି,
ସ୍ତୁତି ପର ବେନି- ପକ୍ଷେ ବିନିର୍ମିତ
ଯା' ରଦନଚ୍ଛଦ ବେନି । ୮୦ ।
ବ୍ରହ୍ମ ଅର୍ଥେ କର୍ମ ଅର୍ଥେ ଦ୍ୱିଧା ଭକ୍ତ
ବେଦ ଯାହା କଳେବର,
ମୀମାଂସା-ବିଚାର ଗୂଢ଼ ଅଚ୍ଛାଦନ
ମାଂସଳ ଉରୁ ଯୁଗଳ । ୮୧ ।
ପ୍ରତ୍ୟକ୍ଷ ପ୍ରମାଣ ଫଳେ ଦ୍ୱିଗୁଣିତ
ଷୋଡ଼ଶ ପଦାର୍ଥେ (୪) ବ୍ୟକ୍ତ,

(୧) ମାତ୍ରା ନିୟମରେ ଜାତ ।
(୨) ଅକ୍ଷର ନିୟମରେ ବୃତ୍ତ । ସଂସ୍କୃତ ଛନ୍ଦର ଏହା ଦୁଇଟି ପ୍ରଧାନ ଭାଗ ।
(୩) ପ୍ରକ୍ଷେ ଦୀର୍ଘ କାଞ୍ଚୀ (ମେଖଳା ଗୁଣ) ପକ୍ଷେ ବ୍ୟାକରଣ ଗୁଣ ଓ ବୃଦ୍ଧି ଭାବ ।
(୪) ପ୍ରାଚୀନନ୍ୟାୟ, ପ୍ରମାଣ ପ୍ରଭୃତି ଷୋଡ଼ଶ ପଦାର୍ଥ ସ୍ୱୀକାର କରେ ।

Digitized by srujanika@gmail.com

ଆନ୍ୱୀକ୍ଷିକୀ ଛଳ ଦନ୍ତପନ୍ତି ବେନି
ମୁକ୍ତାମାଳ (୧) କଳିତ । ୮୨ ।
ବାଦେ ସମରଥ ଦନ୍ତାବଳୀ ତର୍କ
ବଦ୍ୟା (୨) ହୁଏ ଅନୁମାନ,
ଗୁଣୀଶାଳୀ-ପୂଗ- ପତ୍ର (୩) ଦେଣ୍ଡି ବାକୁ
ସମର୍ଥ କଏସେ ଆନ ? । ୮୩ ।
ମସ୍ତ୍ରୀ ସମ୍ବାଦରେ ଉପଲକ୍ଷ ମାଣ
ବେଦ ବେଦାନ୍ତର ସନ୍ଧୁ,
ଏମନ୍ତର ବ୍ୟାସ- ପ୍ରଣୀତ ପୁସ୍ତକ
ସ ପଲ୍ଲବ ପାଣି ପଦ୍ମ । ୮୪ ।
ଅକଳ୍ପ ବିଚ୍ଛେଦ ବର୍ତ୍ତ୍ତିତ (୦) ଶ୍ରୁତି
ମୂଳଶାଳୀ (୫) ସୁ-ସୁଚିର,
କଣ୍ଠେ ବୃତ୍ତିଯୁକ୍ତ ସର୍ବଧର୍ମଶାସ୍ତ୍ର
ଯାହାର ସୁନ୍ଦର ଶିର । ୮୫ ।
ପ୍ରଣବର ବେନି ବୀଜ ଦଳେ ଲୁଚ୍ଛି,
ବିନ୍ଦୁରେ ଭାଲ ତିଳକ,
ଅର୍ଦ୍ଧଚନ୍ଦ୍ରେ କୋଣ- ଧନୁ, (୬) ରଚ ଯା'ର
ଷଧାତା ଶ୍ରମ ସାର୍ଥକ । ୮୬ ।
କାଞ୍ଚନ ଲେଖନୀ- ସାରେ ଯା' ଅଙ୍ଗୁଳି
ମସୀ ସାରେ କେଶପାଶ,
ଲିପି ସାରେ ଗଢ଼ା କୁଣ୍ଡଳ, କଠିନୀ-(୭)
ସାଙ୍ଗେରେ ମନ୍ଦହାସ । ୮୭ ।

---

(୧) ପକ୍ଷେ ମୁକ୍ତାମାଳା ସଦୃଶ, ପକ୍ଷେ ମୁମୁକ୍ଷୁ ସମୂହ ଭଳ । (୨) ବାଦାନୁବାଦ । (୩) ଗୁଣୀମାନଙ୍କର ପ୍ରତିଜ୍ଞାପତ୍ର, ପକ୍ଷେ ମସଲ୍ଲଯୁକ୍ତ ଗୁଆ ପାନ । (୪) ସନାତନ, ପକ୍ଷେ ନତ୍ୟଭୂଷିତ, (୫) ବେଦମୂଳକ ପକ୍ଷେ କର୍ଣ୍ଣଯୁକ୍ତ, (୬) ବୀଣାବାଦନ ଦଣ୍ଡ । (୭) ଖଡ଼ି ।

Digitized by srujanika@gmail.com

ସୋମ ସିଦ୍ଧାନ୍ତ (୧) ଯା’ ବଦନ ଉଦର
ଶୂନ୍ୟାମୃତା’ ବାଦମୟ,
ଜ୍ଞାନମୟ ଯା’ର ଅନ୍ତର, ଯେ ସର୍ବ
ସାକାରତା ସିଦ୍ଧିମୟ । ୮୮ ।
ଭୂଷିଲେ ଭୀମଙ୍କୁ ଆନନ୍ଦିତ ହୁଅ
ନୁହେ ଏ ବିଷାଦ ବେଳ,
କହିବି ମୁଁ ଏବେ ରାଜାମାନଙ୍କର
ନାମ, କୁଳ, ଶୀଳ ବଳ । ୮୯ ।
ମକରନ୍ଦ ଲୀଳା ରଚେ ମନ୍ଦାକିନୀ
ଚରଣାରବିନ୍ଦେ ଯା’ର,
ତାଙ୍କ ଆଦେଶରେ ନୃପ ଗୁଣଗାନେ
ଏଠି ମୋର ଅବତାର । ୯୦ ।
ଶୁଭ ଶକୁନରୁ ହୃତ ତାଙ୍କୁ ମଣି
ଲୋକପାଳ ସମ ରାଜା,
ସହସା ଆଗତ ସରସ୍ୱତୀଙ୍କର
ବିଧିମତେ କଲେ ପୂଜା । ୯୧ ।
ରାଜ ସମାଜକୁ ଝିଙ୍କି ଆଣିବାକୁ
ସିଦ୍ଧି ବିଦ୍ୟା ସ୍ୱରୂପିଣୀ,
ନିଜ ତନୁଜାକୁ ରାଜସଭା ମଧ୍ୟେ
ଅଣାଇଲେ ନୃପମଣି । ୯୨ ।
ଆଗେ ଥିବା ଦାସୀ ଦରଶନେ ଜାତ
ଆଲି ଦେଖି ଉଚ୍ଛୁଳିତ,
ଭୈମୀ ଶୋଭା ବୃଦ୍ଧି ବିସ୍ମୟ ସାଗର
ଢୋଇଗଲା ଉଦ୍ବେଳିତ । ୯୩ ।
ଢାଙ୍କିଥିଲା ଅଙ୍ଗ ଶୁକ୍ଲ, ସୂକ୍ଷ୍ମ, ଚେଲ,
ଶୁଦ୍ଧ ଚନ୍ଦ୍ରକାନ୍ତ ଦଳ,

(୧) କାପାଳିକ ଦର୍ଶନ, ପକ୍ଷେ ଅଖଣ୍ଡଚନ୍ଦ୍ର ।

ଅଳା ଥିଲେ ଭୂଷା ମଣି ପ୍ରଭା ଛଳେ
ନିଜ ପ୍ରତିବିମ୍ବ ପରି । ୯୪ ।
ବିଲେପନା ମୋଦେ ଆସି କର୍ଣ୍ଣୋତ୍ପଳ
ଚୁମ୍ବି ମଧୁ ବ୍ରତମାନେ,
ରତିପତି-ଦୂତି- ରୂପେ କି ରହସ୍ୟ
କହୁଥିଲେ ବାଳା କାନେ ? ୯୫ ।
କଙ୍କଣେ ମଲ୍ଲ ଯୁଦ୍ଧ ରଚୁଥିଲେ
ଆଭରଣ ମଣି କାନ୍ତି,
ଭ୍ରୂଲତା ନର୍ତ୍ତନ ଆଣୁଥିଲା ସ୍ମର-
ଚାପ କମ୍ପନ ଭ୍ରାନ୍ତି । ୯୬ ।
ଗଜ-ବ୍ରଜ କଳ୍ପ- ପାଦପେ ବାଞ୍ଛିତ
ବସନ୍ତ ଲକ୍ଷ୍ମୀ ସେ ବାଳା,
ମୃଦୁ ପୁଷ୍ପାଶୁଗ ସୁବାସିତ ଅଙ୍ଗ,
ପାଣି-ପଲ୍ଲବାଳି ମାଳା । ୯୭ ।
ପୀତ, ନୀଳ, ରକ୍ତ, ଶ୍ୱେତ ମଣି କାନ୍ତି
ହେବାରୁ ଅନୁଲେପନ,
ରୋଚନା, କସ୍ତୁରୀ କୁଙ୍କୁମ, ଚନ୍ଦନ
ଲେପ ହେଲା ଅକାରଣ । ୯୮ ।
ସ୍ମର ଫୁଲଧନୁ ଧରି କାମାନଳେ
ଜଣି ନ ପାରିବ ମଣି,
ଭୂଷାମଣି କାନ୍ତି- ଗଢ଼ା ଇନ୍ଦ୍ରଧନୁ
ବଢ଼ାଇ ଦେଲେ କି ଧନୀ । ୯୯ ।
ଭୂଷଣୁ ଅଧିକ ଗୃହ୍ଣ ଚେଳେ, ଉର୍ଦ୍ଧ୍ୱେ
ସୁନ୍ଦର ମଣି କିରଣେ,
ଚକିଣୀକି ଚକ୍ଷୁ ନୃପମାନଙ୍କର
କାହିଁ ସ୍ଥିର ନୋହୁ କ୍ଷଣେ । ୧୦୦ ।

Digitized by srujanika@gmail.com

ବର୍ଷିଲ କୁସୁମ, ଭ୍ରମିଲେ ଭ୍ରମରେ
ଉଦ୍ୟେ ନବଗୀତ ଦୃଷ୍ଟି,
ଇଷ୍ଟ ଦରଶନ ନୋହିଲା, ଅଭୂତ
ବଧାଭାବ ବର୍ଣ୍ଣ ସୃଷ୍ଟି । ୧୦୧ ।
ଅପାଙ୍ଗୁଁ ସୁନ୍ଦରୀ କର୍ପୂର କସ୍ତୁରୀ
ଭାକୁଥିଲ ଯେଉଁ ମୁଖେ,
"ସେ ସଜନୀ ମୁଖ ହେବାଭଲ" ନୃପେ
ପାଞ୍ଚୁଥିଲେ ମନସୁଖେ । ୧୦୨ ।
ସ୍ମିତ ଛଳେ ଦନ୍ତ- କିରଣ ପ୍ରକାଶି
ମହୀନ୍ଦ୍ର ମୁଖାରବିନ୍ଦ,
ଫୁଟାଇ ଅଳପ କମ୍ପାଇ ଅଧର
ଭଙ୍ଗିଲ କୌମୁଦୀ-ମଦ । ୧୦୩ ।
ବାନ୍ଧ ରଖିଥିଲ ଲୋକ ଲୋଚନକୁ
ଅଙ୍ଗେ ରତ୍ନ ଅଳଂକାର,
ହୀର ମରକତ ଢେକେ ସାନ୍ଦ୍ର ଥିଲ
ନାଭିରନ୍ଧ୍ର-ଅନ୍ଧକାର । ୧୦୪ ।
ବାଳା-ସାରସ୍ୱତେ ମୁଗ୍ଧ ଚନ୍ଦ୍ରକାର
ଶିରଃ କମ୍ପ ଅନୁକରେ,
ଶୁଭ୍ର ଚୃମରାଳ ନାନା ମରାଳୀର
ଲାସ୍ୟ ଲୀଳା ଥିଲ ଧରି । ୧୦୫ ।
ସ୍ତୁତିପାଠ କାଳେ ମଧ୍ୟେ କଳକଣ୍ଠ
ସ୍ୱର୍ଗ ଅପସରଗଣ,
ଭେଟି ପାଉଥିଲେ ନିଜ ଅଳଂକାର
ନିଜ ହୃଦୟ ମଣ୍ଡନ । ୧୦୬ ।
ଦନ୍ତେ ତାରା, କେଶେ ଆକାଶ, ଚନ୍ଦ୍ରକୁ
କିଣିଥିଲ ବାଳା ମଥେ,

Digitized by srujanika@gmail.com

ଦେଖି କେଉଁ ନୃପ   ନେତ୍ରେ ନ ପିଇଲ
ଅଖଣ୍ଡ ଅମୃତ ସୁଖେ । ୧୦୭ ।
ଅଳଂକୃତ ଅଙ୍ଗ   ବଳ ମନୋହର
କେବଳ ଯା' ଅଙ୍ଗ ଶୋଭା,
ସ୍ତୁରୁଁ ବଳ ଯା'ର   ସାକ୍ଷାତ ସୁଷମା
ଯୋଗୀଜନ ମନଲୋଭା;
ସଭାରେ ପଶିଲେ   ସତୀ ଦମୟନ୍ତୀ
ଚଢ଼ି ଚତୁରସ୍ର ଯାନେ,
ଅନ୍ତରେ ସେ ରୂପ-   ମାଧୁରୀ ପିଇଲେ
ନେତ୍ର-କୋଣେ ନୃପମାନେ । ୧୦୮ ।
ରୂପ ଶୋଭା ଦେଖି   ସର୍ବାଙ୍ଗେ ରୋମାଞ୍ଚ
ନ ଧରି ସେ ସଭାସ୍ଥଳେ,
ଜଣେ କେହି ଭୂପ   ନ ଥିଲେ ନ ବୁଡ଼ି
ବିସ୍ମୟ ସାଗର ଜଳେ । ୧୦୯ ।
ଭୈମୀ ଶୋଭା ଚାହିଁ   ଅଙ୍ଗୁଷ୍ଠ ପ୍ରାନ୍ତରେ
ମଧ୍ୟମାର ମଧ୍ୟଭାଗେ,
ନିପୀଡ଼ିତ ପ୍ରାନ୍ତ   ତର୍ଜ୍ଜନୀ ଅଙ୍ଗୋଷ୍ଠ
ନ ଭଳ କେ' ଅନୁରାଗେ । ୧୧୦ ।
ଖଞ୍ଜନାକ୍ଷୀ ଶୋଭା   ନିରେଖି ବିସ୍ମିତ
କେବଳ ମନୁଜେଶ୍ୱର,
ଲଲାଟ ମଣ୍ଡଳ   ଉର୍ଦ୍ଧ୍ୱେ ନ ଟୁଳାଇ
କୁଟିଳ ଭୂରୁ ଯୁଗଳ । ୧୧୧ ।
ସ୍ୱୟମ୍ବର ସ୍ଥଳେ   ଆଗତ ଗ୍ରାମଜା
ଭବନାରେ ହୋଇ ହେଳ,
ସ୍ଖଳିତ ବଚନେ   କହି ଆରମ୍ଭିଲେ
ଏହା ମହୀପତି କୁଳ । ୧୧୨ ।

Digitized by srujanika@gmail.com

"ସୁରାଙ୍ଗନା ଲୋଭେ କର୍ମ୍ମବନ୍ତ ଜନେ
ନ ଚରନ୍ତୁ ଶୂନ୍ୟ ଧରା,
ମର୍ତ୍ତ୍ୟ ଲୋକଉଚ୍ଛୁ ଦେବତାଙ୍କୁ ବୈରୀ
ରୂପେ ଜଣି ଅପସରା । ୧୧୩ ।
ଲୋକମୁଖୁଁ ଯେଉଁ ରୂପ କଥା ଶୁଣି
ଆସିଥିଲୁଁ ଆମ୍ଭେମାନେ,
ପ୍ରତ୍ୟକ୍ଷ ଏ ଶିରୀ ସାକ୍ଷୁଁ ସେ ବର୍ଣ୍ଣନା
ହୀନତର ବହୁଗୁଣେ । ୧୧୪ ।
ଶୃଙ୍ଗାର ରସର ମନ୍ଥା ପାରାବାର
ଅବଶ୍ୟେ ରହୁଛୁ କାହିଁ,
ନୋହିଲେ ଏଭଳି ସୁନ୍ଦର ଲାବଣ୍ୟ-
ନିଧି ତ ଜନ୍ମନ୍ତା ନାହିଁ । ୧୧୫ ।
ସାକ୍ଷାତେ ଚନ୍ଦ୍ରମା ଦମୟନ୍ତୀ ମୁଖ,
ଲକ୍ଷଣିକ ଶଶଧର,
ମୁଖ୍ୟ କାମରୂପ ଭ୍ରୂଲତା ଯୁଗଳ,
ଗୌଣ ଫୁଲଧନୁ ତା'ର । ୧୧୬ ।
କାମ ଲକ୍ଷେ ଚକ୍ର ଧରେ କି ସୁଦନ୍ତୀ
କୁଣ୍ଡଳ ଯୁଗଳ ଛଳେ,
ସବ୍ୟସାଚୀ ସ୍ମର ଶର ପ୍ରସରେ କି
ଟେଷ ବେଣିଙ୍କ ଅନ୍ତରାଳେ । ୧୧୭ ।
କାମ ଅପକୀର୍ତ୍ତି ପ୍ରଚୁରଇ ସତୀ
କର୍ଣ୍ଣପୂର ଇନ୍ଦୀବରେ,
ଶ୍ରବଣ ଯୁଗଳେ ଲକ୍ଷଭ୍ରଷ୍ଟ ସ୍ମର
ନ ରହିବେ ନିକ ଖଳେ । ୧୧୮ ।
ଅଳ ଦୂସରେତ ଷଟପଦ-କୀଟ-
ଦଷ୍ଟ ଜୀର୍ଣ୍ଣ ଫୁଲଧନୁ,

Digitized by srujanika@gmail.com

ଫିଙ୍ଗି କାମ ଏବେ ଅନ୍ତର୍ଦ୍ଧିତ ମୂର୍ତ୍ତି
ଭୈମୀ-ଭ୍ରୂରୁ ଧନୁ ଘେନୁ । ୧୧୯ ।
ତୁମେ ପଦ୍ମ, ପୁଣି ପ୍ରାବୃଟେ ଖଞ୍ଜନ
ଠାରୁ ବହୁ ସାର ଘେନ,
ସେହୁ ସାରେ ସିନା ଗଢେ ବର୍ଷେ ବର୍ଷେ
ସୁନ୍ଦରୀ ନୟନ ବେନ । ୧୨୦ ।
ଭୈମୀ ନେତ୍ର ପଦ୍ମେ ଅଛୁ କେତେ ଭେଦ
ଏ କଥା ଜାଣିବା ପାଇଁ,
ପଙ୍କଜ ରସଜ୍ଞ ଅଳି ମିଥୁନକୁ
ଲୋକେ ପଚାରନ୍ତୁ ଯାଇ ।
ଏହା ଭଲ କବା ରଖିଛୁ ବିଧାତା
ସାକ୍ଷୀ ରୂପେ କଉଶଳେ,
ଅଳି ଅଳକାକ ବାଳା ନେତ୍ର-ପଦ୍ମେ
ବେନି ବସାଇବା ଛଳେ । ୧୨୧ ।
ଭୈମୀ ହୃଦକ୍ଷେତ୍ରେ ରତି ରତିପତି
କରିବା ପାଇଁ କି ବାସ,
ଯୌବନ ଗଢିଛି ଅଟ୍ଟାଳିକା ବେନି
କୁଚ ତା' ସୁନା କଳଶ । ୧୨୨ ।
ଭୁଜ ଯୁଗେ ଭୈମୀ ମୃଣାଳକୁ ଜିଣି
ବଳି ରୂପେ ତା ସୁମନ,
ଲଭିବାରୁ ବର- ପଦ୍ମ ବୋଲି ତାକୁ
ବୋଲୁଛନ୍ତି ସିନା ଜନ । ୧୨୩ ।
ପାଣି ପଦ୍ମ ଭୁଜ- ଯୁଗଳ ମୃଣାଳ
କଣ୍ଟକ ତୀକ୍ଷ୍ଣ ନଖର,
ଯଥାର୍ଥ କମଳ ଭୈମୀ କରତଳ
ଶମ୍ବରଜ ପଦ୍ମ ଛଳ । ୧୨୪ ।

Digitized by srujanika@gmail.com

ମର୍ତ୍ତ୍ୟ ଦମୟନ୍ତୀ ତୁଲା କେହୁ ନାହିଁ,
ନାହିଁ ସ୍ୱରଗେ ପାତାଳେ,
ଥିଲେ ତିନିଲୋକ ଲୋକେ ଆସନ୍ତେ କି
ସ୍ୱୟମ୍ବର ସଭାସ୍ଥଳେ ? । ୧୨୫ ।
ଗଢ଼ୁଁବା ନ ଗଢ଼ୁ ଏ ସୁନ୍ଦର ରୂପ
ବିଧି କରେ, ନମସ୍କାର,
ମନେହୁଏ ତୁଇଁ, ନାହିଁ ଏ ରୂପକୁ
ବୁଝି ହେଲେ ବିଧାତାର ।
ତୁଇଁ, ଗଢିଥିଲେ ଏ ରୂପ ସମ୍ପଦ
ମଉଳି ନ ଥାନ୍ତା କାହିଁ,
ମନୋଭୂ ଅନଙ୍ଗ ଗଢ଼ିଛି ଏ ରୂପ
ଏଥିରେ ସନ୍ଦେହ ନାହିଁ । ୧୨୬ ।
ଅହରହ କୁଶ- ସଂଗ୍ରହେ କର୍କଶ
ବିଧାତା ପାଣି ଯୁଗଳ,
ବିଧାତା ମାନସ ସମ୍ଭୂତ ହୁଅନ୍ତା
କାହୁଁ ଏ ଶୃଙ୍ଗାର ଧାର,
ବିଷୟ ବୈରାଗ୍ୟ ନୀରସତା ହୃଦ
ମରୁ ମଧ୍ୟଚ୍ଛନ୍ଦ ପର । ୧୨୭ ।
ନିତମ୍ବ ଯୁଗଳ ଅବା କୁଚଯୁଗ
ମଧ୍ୟରେ କେ ଗୁରୁତର,
ଜାଣିବା ଇଚ୍ଛାରେ ନୀବ ଅପସାରି
ହୋଇଣି ତଉଳ କର ।
ଟେକ ଉଦରକୁ ତୁଳି ଅରମ୍ଭିଲ
କଉତୁକ ବଶେ ବିଧି,
ତା ତ୍ରିର ଅଙ୍ଗୁଳି ଚିହ୍ନ କ୍ଷୁଦ୍ର ସିନା
ବଳି ରୂପେ ଝଲସଇ । ୧୨୮ ।

Digitized by srujanika@gmail.com

ନକାମୃତ ଜାତ ନବମୀରେ ଗଢ଼ି
ଅଙ୍ଗ ପୀୟୂଷ ପୀତଉର,
ବଧୂ ନଳେ ଦେଲ ନବ୍ରାହ୍ମ ପଦ୍ମରେ
ଦୁର୍ଦ୍ଦଷ୍ଟ ମୁଖ ବାଳାର । ୧୨୯ ।
ଚତୁର ବସନ୍ତ କାରଗର ସ୍ୱାର
ଶ୍ୱାସ ମଳୟ ପବନେ,
ଅଙ୍ଗ ଫୁଲେ ଗଢ଼ି ବଚନ ରଚନ୍ତି
ପିକ ପଞ୍ଚମ ନିଃସ୍ୱନେ । ୧୩୦ ।
ସ୍ମରକୃତ ଏହା, ନୁହେ ବଧାତାର
ଆନେ ସେ ଅପଗ୍ରନ୍ତ,
ରୂପଶିଳ୍ପୀ ବହ୍ମ ମଦନ କଙ୍କର
ଯତବନେ ପଗ୍ରଭୂତ । ୧୩୧ ।
ଭୈମୀ ବର୍ଣ୍ଣନାରେ ବୃହସ୍ପତଙ୍କର
ନବାଚନ ଗର୍ବ ଭଙ୍ଗି,
ଗଲ ସେ କହିଲେ ମୁକ୍ତ-କାମୀଙ୍କର
କାମ ପାଶ ଏ ଶୃଙ୍ଗୀ । ୧୩୨ ।
ନଚର ନ ଦେଚୁଣ୍ଟି ସହସ୍ର ନୟନେ
ସର୍ବାଙ୍ଗ ନିରେଖି ଇନ୍ଦ୍ର,
ଗାଥା-ସୁଧା-ହ୍ଲେଷ- ଭଳା ବଳାସରେ
ମଣ୍ଡିଲେ ବଦନ ଚନ୍ଦ୍ର । ୧୩୩ ।
(୧) ସ୍ମିତର ଗୌରୀ, ନେହେ ହରଣୀ, ମଧୁର
କଣ୍ଠ ଘେନ ବାଣାବତୀ,
କାନ୍ତ ଯୋଗେ ହେମା ଆନ ଅବୟବେ
ଅତୁଳ ମେନକାସତ । ୧୩୪ ।

(୧) ଗୌରୀ, ହରଣୀ, ହେମା, ମେନକା, ପକ୍ଷେ ଅପ୍ସରଗଣ ।

Digitized by srujanika@gmail.com

ପ୍ରବେଶିଲ ବେଳେ ଏ ଛଳି ମଘବା
ପାଶେ ଥାଇ ଗୂଢ଼ଁ ନଳ,
ମତ୍ତ୍ୟୋଚିତ ଭବେ ବ୍ୟାଖ୍ୟା କରି ତାର
ନଳ ଶଙ୍କା କଲେ ଦୂର । ୧୯୫ ।

ଦୂତ ରୂପେ ପେପି ନଳଙ୍କୁ, ଆପଣେ
ମାୟା ନଳ ରୂପ ଧରି,
ଛନ୍ନ ବ୍ୟାଖ୍ୟା କରି ନିଜ ଟେକ ରଖି
ଦୁଷ୍ଟ ହେଲେ ଅହୋ ହରି । ୧୯୬ ।

ପଥେ ମନ୍ତ୍ରୁ ଭୂଷା ଭୂତଳ ଉର୍ବଶୀ
ଯାଉଛନ୍ତି ମଣ୍ଡି ବ ଦେବୀ,
ଉଚ୍ଛୁଳ ପଡ଼ିଲ ହର୍ଷ କୋଳାହଳ
ବଶୋଳ ଜନତା ଭେଦ ।

ବୃନ୍ଦଗଣ ତହିଁ ମଘବା ମୁଖରେ
ଦମୟନ୍ତୀ ଗୁଣ-ଗାନ,
ତୋଷି ନ ପାରିଲ ନଳଙ୍କ ହୃଦୟ
ନ ଶୁଣିଲ ତାଙ୍କ କାନ । ୧୯୭

କବିରାଜ ରାଜ- ମୁକୁଟ ଭୂଷଣ
ଶ୍ରୀହୀର ଯାହାର ପିତା,
ସାଗର ସମାନ କବିତା ଯାହାର
ମାମଲ୍ଲ ଦେବୀ ଯା ମାତା ।

ରଚିଲେ ଶ୍ରୀହର୍ଷ ତାର୍କିକ ଭୂଷଣ
କବିକୁଳ ଚୂଡ଼ାମଣି,
ଭୈମୀ ସ୍ୱୟମ୍ବର- ବର୍ଣ୍ଣନା ଦଶମ
ଛାନ୍ଦ ଏ ପୀୟୂଷ ଖଣି । ୧୯୮ ।

Digitized by srujanika@gmail.com

ଏକାଦଶ ସର୍ଗ

ପ୍ରସାଦ-ଵିମଳ- ଇନ୍ଦୁନିଭାନାନା
ରସେ ପ୍ରଫୁଲ୍ଲ ନୟନା,
ଦେବତା ସଦୃଶୀ ସଭାକୁ ଉଦିଲେ
ବର ଲଭେ ବରାଙ୍ଗନା । ୧ ।
କେବଳ ନୟନେ କମ୍ୱା ହୃଦୟରେ
ନ ମଜ୍ଜି ନାରୀ ରତନେ,
ପ୍ରତିବିମ୍ୱ ବ୍ୟାଜେ ସର୍ବାଙ୍ଗେ ମଜ୍ଜିଲେ
ସର୍ବାତ୍ମାରେ ଯୁବାଗଣେ । ୨ ।
ସଭା ଦରଶନେ ଆଗତ ଦେବତା-
ମାନଙ୍କ ବିମାନେ ବ୍ୟାପ୍ତ,
ଅନ୍ତରୀକ୍ଷ ଛିଲେ ନୂତନ ତ୍ରିଦିବ
ରଚିଲେ କି ବିଶ୍ୱାମିତ୍ର ? । ୩ ।
ଅଧିବାସ ଧୂପେ ବାସିତ ଭ୍ରମର
ମାରୁତ ସେମାନଙ୍କର,
ଅର୍ଚ୍ଚନା ବହନ୍ତ, ଅନ୍ତରୀକ୍ଷେ ରହି
ଦେଖୁଥିଲେ ସ୍ୱୟଂବର । ୪ ।

Digitized by srujanika@gmail.com

ନୃପ ଅଙ୍ଗରାଗ ଚନ୍ଦନ କର୍ପୂର
ଗନ୍ଧ ଗନ୍ଧବହେ ଲୁବ୍ଧ,
ଅଳେଡ଼ୁଲେ ଅଳି କାମଶର ଭଳି
ବେଗେ ଆସି ଶ୍ରେଣୀ ବାନ୍ଧ । ୫ ।
ମଙ୍ଗଳ ମୁରଜ- ଧ୍ୱନି ଅନୁକରି
ପତାକା ସଂକେତ ଚୃଳି,
ଆପଣା ତାଣ୍ଡବ ପଣ୍ଡିତପଣ କି
ପ୍ରକୃରଲ ସୌଧାବଳି ? । ୬ ।
ବନସ୍ତେ ବନନ୍ତି- ବଦନା ଶ୍ୟାମକା
ଦକ୍ଷିଣ ପକ୍ଷ ଆଦରି,
ଭୁବନ ବନ୍ଦିତା ଭାରତୀ ଭାଷିଲେ
ତାଙ୍କୁ ସମ୍ବୋଧନ କରି । ୭ ।
"କୋଟିଏ ଦେବତା ଜୁଟିଛନ୍ତି ଆସି
ଗୋଟିକେ ଅକଥ୍ୟ ଗୁଣ,
ବରୁରି ଜଣକୁ ବର, ଦମୟନ୍ତୀ
ଯାହାକୁ ତୋହର ମନ । ୮ ।
ସ୍ୱତଃ ଅନିମେଷ, ଅନିମେଷ ମୁଗ୍ଧେ !
ଲଭି ତୋର ଦରଶନ,
ଚନ୍ଦ୍ର ସୁଧା ସଙ୍ଗେ ତୋ ଅଧର ସୁଧା
କରନ୍ତୁ ସେ ଦ୍ୱିଧାପାନ । ୯ ।
ଭୂ-ସୁରଭୀ କ୍ଷୀର- କ୍ଷାଳିତ ମେରୁର
ପଞ୍ଚଶାଖ (୧) କଳ୍ପତରୁ,
ରତ୍ନ ଉପହାର ଅରପି ତୋ କରେ
ଇଷ୍ଟ ସମ୍ପାଦନ କରୁ । ୧୦ ।

(୧) ପଞ୍ଚଶାଖା ବିଶିଷ୍ଟ, ପକ୍ଷେ ହସ୍ତ ।

Digitized by srujanika@gmail.com

ମୁଖେନ୍ଦୁ ସମୀପେ ସଂକୁଚିତ ଦଳ
କମଳ-ଯୁଗଳ ଭ୍ରାନ୍ତି,
ଆଣି ଶିରେ କର ଅଞ୍ଜଳି ଲଗାଇ
ଚଳାକ୍ଷୀ ଦମୟନ୍ତୀ,
ଅପରାଧେ ଡର କାତରେ ଶୁଦ୍ଧାନ୍ତେ
କୃପା ତାଙ୍କଠାରେ ହେଲ,
ଅନ୍ୟନ୍ନ ଯିବାକୁ ଦେବତା-ସମାଜ
ଅନୁମତି ତାଙ୍କୁ ଦେଲ । ୧୧ ।
ଅଂଧସ୍ଥ ବାହୁକେ ଭଇମୀ ବରଗ
ଚହ୍ନ, ଦେଖି ନ ପାରିଲେ,
ଅସଲ ନାୟକ- ବଦନ୍ତ ବଦନୁ
ଅନୁମାନ କରି ନେଲେ । ୧୨ ।
ରାଷସଙ୍କୁ ଡର, ଗନ୍ଧର୍ବ ସମାଜେ
ସ୍ଵରଗନ୍ଧ ନାହିଁ ବଳ,
କୁରୂପେ କନ୍ଦରେ ନ ଗଣି, ବାହୁକେ
ଆପେ ଗଲେ ଅପସର । ୧୩ ।
ଦରନ୍ଦ୍ରେ ନ ଦେଇ ସଞ୍ଚିବାରୁ ଧନ
ଆପେ ଆପେ ଲଜପାଇ,
ଦମୟନ୍ତୀ ଆଗେ ଯକ୍ଷଗଣ ମୁଖ
ଦେଖାଇ ପାରିଲେ ନାହିଁ,
ଜାଣିଥିଲେ ଯେଣୁ ଅଗନ୍ତୁ ସେମାନେ
ଖ୍ୟମ ଭୂମୀନ୍ଦ୍ର-ଦୁହିତା,
ଚଳନ୍ତନ୍ତୁ ନଳ- ପନ୍ନୀ ଅବତୀର୍ଣ୍ଣ
ଭୂତଳେ କଳପଲତା । ୧୪ ।
ନଖିଳ ସଲିଳ ପ୍ରବାହୁଁ ଯେପର
ଜାଅନ୍ତି ନବ ଅମ୍ବୁଜେ,

Digitized by srujanika@gmail.com

ମଞ୍ଜିଷ୍ଠା ମଞ୍ଜୁଳ- ଓଷ୍ଠ-ପାଦ-ହଂସ-
ଶ୍ରେଣୀକୁ ମାନସ ହ୍ରଦେ,
ଦେବ ସମାଜରୁ ଘାମ ଦୁହୁଡାଙ୍କୁ
ଶିବିକା ବାହକମାନେ,
ସେହୁଂଭଳି ନେଇ ପହଞ୍ଚାଇ ଦେଲେ
ସର୍ପରାଜ ସନ୍ନିଧାନେ ।୧୫।
ଅର୍ଦ୍ଧେନ୍ଦୁ ସୁନ୍ଦର- ଭାଲ ଘାମକାଙ୍କୁ
ସଭ୍ୟ ପ୍ରଗଲ୍‌ଭ ଭାରତୀ,
ଭାଷିଲେ ଅଖିଳ ବଚନ ପ୍ରପଞ୍ଚ
ଯାହାଙ୍କର ପରିଣତି ।୧୬।
"ଗିରିଜା-ଉରଜ କୁଙ୍କୁମେ ଅରୁଣ
ଯଜ୍ଞ ଉପବୀତ ଭ୍ରାନ୍ତି,
ଜନ୍ମାଇ ସତତ ଶିବ ସେବା ରତ
ବାସୁକୀ ଏ ସିତକାନ୍ତି ।୧୭
ରମଣୀୟ ମଣି- ସୁନ୍ଦର କଙ୍କଣ
ଏହୁ ଭୁଜପତି ଭୁଜେ,
ଧନୁର୍ଗୁଣ, କଟୀ- ବନ୍ଧନ, ଆଉର
ଯୋଗ ପଟ୍ଟରୂପେ ରାଜେ ।୧୮।
ଏକ ରସନାରେ ଶିବ-ଶିର-ଚନ୍ଦ୍ର-
କଳାରୁ ଅମୃତ ପାଇ,
ଆନ ରସନାରେ ତୋ ଅଧରାମୃତ
ଆସ୍ୱାଦ ପାତାଳସାଇଁ ।
ଜଗତ୍ତ୍ରୟ ମଧ୍ୟରେ ଅଛୁ ଭେଦେ ଭେଦ
ସହଜେ ପାରିବେ ଦାର,
ଦ୍ୱିଜିହ୍ୱ ଏ ଆନେ ଅସମ୍ଭବ ଏହା
ବର ଯୁବାଙ୍କୁ ସୁକୁମାର ।।୧୯।

Digitized by srujanika@gmail.com

ଆଶୀବିଷ ଯେବେ ଦଂଶନ କରିବ
ଜନ୍ମିବ ଅଧରେ ପୀଡ଼ା,
ବୃଥା ଏ ଚନ୍ଦ୍ରାରେ ପ୍ରୟୋଜନ ନାହିଁ
ପୀୟୂଷ ସାରେତା ଗଡ଼ା । ୨୦ ।
ଘରଣି ପ୍ରଶଂସା ଶୁଣି ବିସ୍ମାରିତ
ହେଲ ଫଣୀପତି ଫଣା,
ଯହିଁ ଝଡ଼ବଶେ ବେପଥୁ ରୋମାଞ୍ଚ
ଧଇଲେ ରାଜ-ନନ୍ଦନା ।
ସାତ୍ତ୍ୱିକ ବିକାର ମନେକରି ତାଙ୍କୁ
ନାଚନ୍ତେ ସେବକମାନେ,
ଜାଣିଣ ବାସୁକୀ ନିଷେଧିଲେ ତାଙ୍କୁ
ଲାଜ ପାଇ ମନେ ମନେ । ୨୧ ।
ତା ଦେଖି ଅପଣା ବଦନେ ଇତର
ନାଗେ ହୋଇଣ ନିରସ,
ନିଜ ଅମଙ୍ଗଳ ଭଆଇଲେ ନିଜେ
ବହିଲ ଦୀର୍ଘ ନିଃଶ୍ୱାସ ।
ଇଚ୍ଛାଥିଲେ ହେଲେ ବିମାନ ବାହକେ
ଆଗକୁ ମାଡ଼ିଲେ ନାହିଁ,
ପ୍ରତୀପ ପବନେ ମୁଖ ଫେରାଇଲେ
ଅଶକୁନ ଶଙ୍କା ବହି । ୨୨ ।
ତହୁଁ ଫଣିପତି ଫଣା ମଣ୍ଡଳକୁ
ସଂକୁଚିତ କଲେ ଲାଜେ,
ବିମାନ ବାହକେ ଭୀମଜାକୁ ନେଇ
ଗମିଲେ ରାଜ ସମାଜେ ।
ସାୟାହ୍ନେ ଯେପରି ସଂକୁଚିତ ଦଳ
କମଳୁଁ ଇନ୍ଦୁ କାରଣ,

Digitized by srujanika@gmail.com

ମନ୍ଦହାସ ନେଇ ସମ୍ପାଦନ କରେ
କନ୍ଦର୍ପର ମୁଖ ମଣ୍ଡନ । ୨୩ ।
ଅବଧୂତେ ଶୁଣ ଯାନ୍ତୁ ! ନୃପଗଣ !
ଭୈମୀକୁ ଅନାଅ ନାହିଁ,
ନୟନେ ପିଇଲେ କୋଟି ସମ୍ବତ୍ସରେ
ପିପାସା ମେଣ୍ଟିବ କାହିଁ ? । ୨୪ ।
ଫଳେ ଅନୁରାଗ ବରାଗ ଯାହାର
ଲକ୍ଷପଦେ ନିରନ୍ତର,
ଜଗତର ପଞ୍ଚ- ଇନ୍ଦ୍ରିୟେ ସଂକ୍ଷୋଭ
ଦିଅଇ ଯା' ପଞ୍ଚଶର ।
ଶୃଙ୍ଗାର ବୈରାଗ୍ୟ ଦର୍ପଣରେ ଯେହୁ
ବ୍ରହ୍ମା ବିଷ୍ଣୁ ଶିବେ ହାଣେ,
ସେ ଅନଙ୍ଗ ଏବେ ଅନୁକୂଳ ହେଉ
ତୁମ୍ଭର ମୁଦ ବଧାନେ । ୨୫ ।
ଶୃଙ୍ଗାର ସାଗର- ଜନ୍ମା କୃଶୋଦରି !
ନୃପ ସମାଜକୁ ଚାହାଁ,
ବାଣ ମୋକ୍ଷ କାଳେ ଅନଙ୍ଗ ହୁଂକୃତ
ମନ୍ତ୍ରେ ଖାର୍ଯ୍ୟିଗ୍ରାନ ଅହା ! । ୨୬ ।
ପଙ୍କଜ ନୟନା ପୁଷ୍କର ଦ୍ୱୀପର
ଅଧିପ ଏ, ଯାଙ୍କୁ ବର,
ମଧୁର ଜଳଧି ତରଙ୍ଗେ 'ସବନ' (୧)
ସଙ୍ଗେ ଜଳକେଳି କର । ୨୭ ।
ସୁନାଭି ! ସ୍ୱଭାବେ ଭୂତଳେ ସ୍ୱରଗ
ଏହାଙ୍କର ଜନପଦ,

(୧) ପୁଷ୍କର ଦ୍ୱୀପ ରାଜାଙ୍କର ନାମ ।

Digitized by srujanika@gmail.com

ଏ ମହୀ ମଘବା ଯାଙ୍କ ସହବାସେ
ଲଭ ତୁ ଶଚୀ ସମ୍ପଦ । ୨୮ ।
ତୁଷାର ଶୀତଳ ବଟମୂଳେ ଥାଇ
ବନ୍ଧୁ, ମଣ୍ଡନ୍ତୁ ସେ ଦ୍ୱୀପ;
ଅନନ୍ୟ କଳପ ନିଜ ଶିଳ୍ପ ଚୋଟେ
ଦେଖି ସେ କରନ୍ତୁ ଦର୍ପ । ୨୯ ।
ଆକାଶୁଁ ପତିତ ଭୂସ୍ପର୍ଶୀ ଓହଳେ
ସମ୍ଭାଳି ଆପଣା ଭର,
ସୁନ୍ଦର ଶ୍ୟାମଳ ଗହଳ ପଲ୍ଲବେ
ନିରୋଧି ଖର ଅସାର,
ଚନ୍ଦ୍ରରାଗ ଫଳେ ପତ୍ର ମରକତେ
ରଚନ୍ତି ବର୍ଣ୍ଣ ବନ୍ଧୁର,
ରାଜଇ ସେ ବଟ ଶିଖି ପତ୍ର ଜାତ
ଛତ୍ରପରି ସେ ଦ୍ୱୀପର । ୩୦ ।
ସୁକୁମାରି ! ରାଜ- ହଂସ ସବନଙ୍କ
ପ୍ରସୃତମା କୀର୍ତ୍ତି ଦାରା,
ନ ବାଣ୍ଟଇ ନିକ ନିଜ ଧବଳିମା
ବିଚରି ଭୁବନ ସାରା ?
କ୍ଷୀର ନୀର ଭେଦ ଭବକୁ ନ ଦେଇ
ଏକାକାର କରେ ଯାହା,
ଜାତି ଧର୍ମ ଭୁଲି ଏ ଧାରା ଜଗତେ
ବିଚରେ କେବଳ ତାହା । ୩୧ ।
ଥିଲେହେଁ 'ସବନ' ଶୂର, ବଙ୍କବର,
ଶୃଙ୍ଗାରଭଙ୍ଗୀ ନିପୁଣ,
ନ ଥିଲା କୋମଳ ନଳ ନାମ, ତହଳ
ଏତିକ ମାତ୍ର ଦୂଷଣ । ୩୨ ।

Digitized by srujanika@gmail.com

କଣ୍ଠେତ କୁଆଁର ଭ୍ରୂଲତା ବଦୂଷୀ
ସୂଚବାନ୍ତୁ ଅନାଦର,
ନୃପ ମଲନମା ଧୂମ ଜଣାଇଲା
ଜଳାଇ ସନ୍ତାପାନଳ । ୩୩ ।
ଇନ୍ଦୁମୁଖୀ ମନ ଜାଣିଲ ତତ୍ପରେ
ବିଶ୍ୱସ୍ତ ସେବକମାନେ,
ଆନ ରାଜା ମୁଖେ ଘେନିଗଲେ ତାଙ୍କୁ
ନ ରହି ଆଦେଶ ଦାନେ । ୩୪ ।
ସୁନ୍ଦର ସୁଶୀଳ କୁଳଜ ଇତର
ନୃପେ ଦେଖାଇ ଭରତି,
କହିଲେ "ଅନାଥ ବ୍ରୀଡ଼ାନମ୍ର ମୁଖ
ଟେକ ଯାଙ୍କୁ କୁନ୍ଦଦନ୍ତୀ । ୩୫ ।
ବନ୍ଦ ମୁଖେ ସୁଖେ ଯାଙ୍କ ଗୁଣଗାନ
ପୂରି ରହିଛି ଆକାଶ,
ପୁନରୁକ୍ତ ମାନି ମୋ ବଚନ ପାଇଁ
ନାହିଁ ଅଜ ଅବକାଶ । ୩୬ ।
ବଦୂଷି ! ମାଗଧ ମୁଖେ ପ୍ରଶଂସିତ
ଶାକଦ୍ୱୀପ ମହୀପତି,
'ହବ୍ୟ' ଗୁଣ ଗ୍ରାମ ଶୁଣି ତାଙ୍କଠାରେ
ନ ବଳେ କି ତୋର ମତି ? । ୩୭ ।
ତହିଁ ଶୁକନଭ ଶ୍ୟାମଳ କୋମଳ
ପଲ୍ଲବମାଳେ ମଣ୍ଡିତ,
ଜନ ମନୋହର ଦିବ୍ୟ ଶାଳ ତରୁ
ହରିବ ତୋହର ଚିତ୍ତ ।
ନା' ହରିତ ଛଦ- ଛାୟାରେ ଛୁରିତ
ହୋଇ ଏବେ ଦିଗମାନେ,

Digitized by srujanika@gmail.com

ନିଖିଳ ଜଗତେ ଲୋକ ମୁଖେ ଖ୍ୟାତ
'ହରିତ' ଏ ଅଭିଧାନେ । ୩୮ ।
ଶାଳ୍ମଳୀରୁ ପନ୍ଦ ପରଶି ସେ ଦ୍ୱୀପେ
ପ୍ରସରି ମନ୍ଦ ମରୁତ,
ଛୁଇଁଲେ ତନୁକୁ ଆହ୍ଲାଦ ଅଦ୍ଭୁତ
ଆହ୍ଲାଦ ହୁଏ ସମ୍ଭୂତ ।
ଅନୁଭବ କରି ସେ କୁତୂହଳ ତୁ
ବିଶ୍ୱାସ କରିବୁ ଧନି,
ପରାଶର କୃତ ବିଷ୍ଣୁ-ପୁରାଣରେ
ଅଛିରି ଯେତେ କାହାଣୀ । ୩୯ ।
ବେଳାବନୀ-ବନ- ପ୍ରତିବିମ୍ବ ଚୁମ୍ବି
ଚଞ୍ଚ ତରଙ୍ଗ ଭଙ୍ଗୁର,
କ୍ଷୀର ସିନ୍ଧୁ ଶିଙ୍ଖୁ ଚାହିଁ, ତୋ କଟାକ୍ଷ
ଛଟା-ବିଳାସ ମଧୁର । ୪୦ ।
କଳ୍ପିତ ବପୁ ବିଶାଳ ଭୁଜଗ
ତରଙ୍ଗ ଦୋଳାରେ ଦୋଳି,
ଖେଳ ଖେଳି ସୁଖେ ବେଳାଭୂମି ପାଖେ
ସହସ୍ର ରସନା ଗୁଳି ।
ଅମର ଔଷଧି ରସପାନେ ରସି
ଚାହିଁ କ୍ଷୀର ସିନ୍ଧୁ ତଟେ,
ଅନନ୍ତ ଶ୍ୱେନ- ରୂପେ ଶ୍ରୀହରିଙ୍କ
ଚରଣ-କମଳେ ଖଟେ । ୪୧ ।
ପାଦ ସମ୍ବାଳନ୍ତି ଏକାନ୍ତେ କମଳା
ଅନନ୍ତ ଶଯ୍ୟାରେ ଥାଇ,
ଭାଳନ୍ତୁ ଶ୍ରୀହରି ଭଜବେ ବା ଛୋଡ଼େ
ତୋ ସୁନ୍ଦର ରୂପ ଗୁହିଁ ।

Digitized by srujanika@gmail.com

କେଶବ ଚରଣେ କୋମଳ ଅଙ୍ଗୁଳି
ଗୃଲନ୍ତୁ ଦରସ ନଶି,
ଅସୁ ଯୋଗନିଦ୍ରା ଚଞ୍ଚଳ କପର
ଚଞ୍ଚଳା ଏଭ୍ରବେ ରସି । ୪୨ ।
ଏବେ ବ୍ରାଳାତପ ଦୁଜେ ଚୋର ନୀଳା
ବଦ୍ଧାର ଶ୍ରମଜ ବାରି,
ଯୋଗେ ଆର୍ଦ୍ର ପଦ ଅଙ୍ଗୁଳି ଚଳାଇ
ନଖ ଲକ୍ଷା ହୃଦେ ଧରି ।
ତହିଁ ଶାକଦ୍ୱୀପେ ଉଦୟ ଅଚଳ
ଶିଳା କରୁ ଅନୁଭବ,
ଲଭିଲ ପଦ୍ମଯ୍ୟେ ଉଭୟ ପ୍ରକାରେ
କୃତ୍ରିମ ଗୈରିକ ଲବ । ୪୩ ।
ହେ ଅନଙ୍ଗଜଙ୍ଘି ! କୁଙ୍କୁମ ଲେପନେ
ସୁନ୍ଦର ତୋ ମୁଖକାନ୍ତି,
ଉଦୟ ଅଚଳେ ଆଣିଦେବ ମନେ
ଉଇଁଲ ଚନ୍ଦ୍ରମା ଭ୍ରାନ୍ତି । ୪୪ ।
ପୂର୍ବ ପୌର୍ବ ପେନ ଲବଧାନ୍ୱସୁ ହେବେ
କଲେ ଯାଙ୍କୁ ଅଙ୍ଗୀକାର,
ଅନ୍ୟଥା ବରନ୍ଧ ପାବକେ ସାନ୍ତ୍ୱସୁ
ହୋଇବ ନାମ ଯାଙ୍କର । ୪୫ ।
ଲକ୍ଷ୍ମୀଲତା-ଶିଳ୍ପ ହେଲେହେଁ ବଳିଷ୍ଠ
ଭୁଜପାଦପ ଯୁଗଳ,
ଥିଲେହେଁ କମଳ ସରସ୍ୱତୀ-ବସତି
ମଞ୍ଜୁଳ ମୁଖ କମଳ ।
ଦେଖିଲେ ଖାମଜା, ଏବା ତାଙ୍କ ଠାରେ
ଏତିକ ମାତ୍ର ଦୂଷଣ,

Digitized by srujanika@gmail.com

କେବଳ ଯା ତାଙ୍କ ନିକଟେ ଯାଚକ
ନୋହିଲେ ଯାଚ୍ଞ ଶାସନ । ୪୬ ।
ଗୁଣଗ୍ରାମ ଯା'ର ପ୍ରସିଦ୍ଧ ଜଗତେ
କମଳା ବିଳାସ ଗୃହ,
ମୁଖ୍ୟ ସୁମନରୁ ସୌରଭ ସମ୍ପଦ
ଆନ ପୁଷ୍ପେ ଗନ୍ଧବନ୍ଧ ।
ନେଲା ପରି ନେଇ ଅଡ଼େଇ ବାଳାକୁ
ବିମାନ ବାହକମାନେ,
ସେ ନୃପ ପାଖରୁ ଯାଇ ଉଭା ହେଲେ
ଆନ ନୃପ ସନ୍ନିଧାନେ । ୪୭ ।
ନିଖିଳ ବାଙ୍ଗ ମଧ- ଦେବତା ଭାଷିଲେ
କୁନ୍ଦରଦ ନିଭଦନ୍ତୀ !
ହେମଗୌରି ! ଭଜ ଯାଙ୍କୁ, ଭୁଜବଳେ
ଅଗ୍ରତ ଏ ବାହିନ୍ତି । ୪୮ ।
'କ୍ରୌଞ୍ଚ-ଦ୍ୱୀପପତି "ଦ୍ୟୁତିମନ୍ତେ" ଅନା
କୃପା କଟାକ୍ଷେ ସୁନ୍ଦରି !
ଦଧିମଣ୍ଡମୟ ପାଣ୍ଡୁର ପୟୋଧି
ଯା' ଦେଶେ ପରିଖା ପରି । ୪୯ ।
ହଂସାବଳୀ କଳ- କଳ ପ୍ରତିନାଦ
ବଚନେ ସ୍କନ୍ଦ-ସାୟକ,
ବୃନ୍ଦେ ବିରଚିତ ବିବର ବଦନେ
ତୋ ଗୁଣଗାନେ ଉତ୍ସୁକ;
ସୁ-ବିଶାଳ ବପୁ ପୁରାଣ ପ୍ରସିଦ୍ଧ
କ୍ରୌଞ୍ଚ-ଦ୍ୱୀପ ମଞ୍ଚ ସରି,
କ୍ରୌଞ୍ଚ-ଗିରି ଯାରେ ତୋ ଗୃହ ଚରଣେ
ବନ୍ଧୁରଣ କୃଶୋଦରି ! । ୫୦ ।

Digitized by srujanika@gmail.com

କୁଶଧ୍ୱଜେ ମାତ୍ର ପୂଜିଲେ ଯାହାଙ୍କୁ
ଜନମ ଯାତନା ନାହିଁ,
ପ୍ରଧାନ ଦେବତା ଶିବ ସେବା ଫଳେ
ସଫଳ ଜନମ ତହିଁ । ୫୧ ।
ବ୍ୟୋମକେଶ, ସୂର ଶଇଳ ସଂକାଶ
ରମ୍ୟ ଅଟ୍ଟାଳିକା ବ୍ରଜ,
ଛୁଟ ମଣ୍ଡି, ସ୍ୱନା- କଳଶେ ତା'ଶିର
ତହିଁ ଚନ୍ଦ୍ରଚୂଡ଼େ ଭଜ । ୫୨ ।
ଦଧି ମହୋଦଧି ତରଳ ତରଙ୍ଗ
ଚୂମର ମହୁତ-ଚୈର,
ପଶି କେଳିପୁରେ ଶୈବଜ ତରୁଣି !
ସ୍ୱେଦ ମୋତିମାଳ ଢୋର । ୫୩ ।
ନବ ନବ ସ୍ୱାଙ୍ଗ କୀରତ ମଗଲ
ବେଶ ଧରି ପଲ୍ଲବରେ,
ଶିଖି ସନ୍ତରଣ, ସନ୍ତରି ମାଗଧ
ଉଡ଼ିବୁଲେ ଦିଗନ୍ତରେ । ୫୪ ।
ଥିଲେହେଁ ତାଙ୍କର ଜନ ମନୋହର
ଗୁଣ-ଗଣ ଅଗଣିତ,
ପ୍ରୀତି ନ ଭଜଳ ସେ ନୃପ-ପୁଙ୍ଗବେ
କୃଷ୍ଣାର୍ଦ୍ଧ ଭଇମୀ ଚିତ୍ତ ।
ବହୁ କ୍ଳେଶ ଫଳେ ଅର୍ଜିଲେ ହେଲେହେଁ
ପୁରୁଷକାର ପୁଷ୍କଳ,
ଦୈବ ପ୍ରତିକୂଳ ହେଲେ ସେ ସବୁରେ
ନ ମିଳଇ ଶୁଭଫଳ । ୫୫ ।
ଅଂସ-ଅବତଂସ ଶିବିକାର ଅଂଶ
ସମ୍ଭାଳି ସେବକେ ଧୀରେ,

Digitized by srujanika@gmail.com

ପହଞ୍ଚାଇ ଦେଲେ ନାରୀ-ରତନକୁ
ଅନ ନୃପ ସନ୍ନିଧିରେ ।
ତୁଷାର ମୟୂଖ- ଲେଖା ରତ୍ନାକର
କୁହୁଁ ଦେବ-ଅନୁଚରେ,
ନେଇ ପହଞ୍ଚାଇ ଦେଲେ କି ଆନନ୍ଦେ
ଆଦରେ ମହେଶ ଶିରେ ? । ୫୬ ।
ତେଜ ଏକେ ଏକେ ବିଗୁଣ-ବର୍ଜିତ
ସୁ-ଗୁଣ ନୃପନନ୍ଦନେ,
ଆନ ଆନ ପାଶେ ଯାଇ ସେମାନଙ୍କୁ
ସ୍ଥାନ ନ ଦଅନ୍ତେ ମନେ ।
ଜଗତେ ବନ୍ଦିତ ଚରଣ-ପଙ୍କଜ
ଭରତ ଭାଷିଲେ ସୁଖେ,
ବିଷ୍ଣୁ-ଅଙ୍କ ଚ୍ୟୁତ କମଳା ପ୍ରତିମ
ଅନାଇ ସେ ବାଳା ମୁଖେ । ୫୭ ।
କୁଶ ଦ୍ୱୀପ-ଈଶ ଏ ଜ୍ୟୋତିଷ୍ମନ୍ତଙ୍କୁ
ଇଚ୍ଛାଥିଲେ ବର ବାଳେ !
ଘୃତ-ସିନ୍ଧୁ ତୀରେ ହୃଦୟ ବିନୋଦ
କର ଘୋର-ବନମାଳେ । ୫୮ ।
ପବନେ କମ୍ପିତ ଦଳ-ଖଡ଼ଗରେ
ଚର୍ଣ୍ଣୁକ ବାରିଦ ଭେଦ,
ତହୁଁ ବିଗଳିତ ସଲିଳ ଧାରରେ
ସାଧି ଅଭିଷେକ ବିଧି ।
କନକ ଚୂଡ଼ାରେ ଗଗନ ପରଶି
କୁଶସ୍ତମ୍ଭ ରାଜେ ତହୁଁ,
ବିସ୍ମୟ ଭଜବୁ ସହଜେ ସେଠାରେ
ସେ ଶୋଭା ନୟନେ ଗ୍ରହି । ୫୯ ।

Digitized by srujanika@gmail.com

ମନ୍ଥନ ସମୟେ ସାଗର-ସମ୍ଭୂତା
କମଳା ପାଦ-ପଙ୍କଜେ,
ରତନ କଡ଼ିତ ଯା ସକଳ ଶିଳା
ପବିତ୍ର ହେଲା ସହଜେ ।
ଚନ୍ଦ୍ରମୁଖି ! ସେହି ମନ୍ଦର ଭୂଧର
କନ୍ଦରା ମାଳେ ବନ୍ଧୁର,
ବିଳାସ ବାସନା ପୂରାଅ ତୁ ସୁଖେ
ଏ ନୃପଙ୍କ କର ଧରି । ୭୦ ।
ମୂର୍ଦ୍ଧ୍ନ ଚୂଳଯାଏ ବାସୁକି ବେଷ୍ଟନ
ମାର୍ଗେ ଘରଷଣ ରୂପେ,
ଛପି ହୋଇ ରହି ଚାରି ଗଣ୍ଡପଥ
ମନ୍ଦର ଭୂଧର ଅଙ୍ଗେ ।
ମସୃଣ ଶିଳାରେ ସୁନ୍ଦର ସୋପାନ
ବେଷ୍ଟନ ଛଟାରେ ଧରି,
ତୋର ଆବେଦନ ଲାଗି ସଜ୍ଜୀଭୂତ
କନକ କେତକୀ-ଗୋରି ! । ୭୧ ।
ବହୁଧା ବାସୁକି ଘର୍ଷଣ ରେଖାରେ
ଝରଇ ଧବଳ ଝର,
ଦଣ୍ଡକୁ ମନ୍ଦର- ପର୍ବତ ମନ୍ଥନ
ଦଣ୍ଡଧର ମନୋହର ।
ଲୁଚିବାକୁ ଶେଷ- ମସ୍ତକ ଆପଣା
ଗରବଶେ ଗିରିବର,
ଆନ ଅଙ୍ଗ ତାକୁ ଗୁଡ଼ାଇ ଧରିଛି
ବୋଲି ଭ୍ରମଅଣୁ ତୋର । ୭୨ ।
ସୁନ୍ଦରି ! ଏ ତୋର ପାଣିଯୁଗେ ରହୁଁ
କଳପ-ଦ୍ରୁମ ପଲ୍ଲବ,

Digitized by srujanika@gmail.com

ଜଇ କୁଚ ବେନି ନରେଶ ନୟନେ
ଐରାବତ ଗଜ-କୁମ୍ଭ ।
ବଦନ ସୁଷମା ଦରଶନ କରି
ସିନ୍ଧୁଜାତ ସୁଧାକର,
ମନ୍ଥନ ସମ୍ଭୂତ ବସ୍ତୁଜାତ ସୁଦ୍ଧ
ସ୍ୱଚ୍ଛନ୍ଦେ ଗିରି ମନ୍ଦର । ୭୩ ।
ଲୋକେ ବେଦବାକ୍ୟେ ବଦନ୍ତି ଯାହାର
ଅମୂଲ୍ୟ କୀର୍ତ୍ତି ରତନ,
ହେତୁ ବନା ଯେହୁ କରନ୍ତି ନରତେ
ପରାର୍ଥ ପାଇଁ ଯତନ ।
ଷଡ଼ୈଶ୍ୱର୍ଯ୍ୟଶାଳୀ ଅମୃତାଂଶୁମାଳୀ
ଈଶ୍ୱରେ ମୀମାଂସା ପର,
ସେ ନୃପ ପୁଙ୍ଗବେ ନ କଲେ ଆଦର
ଦମୟନ୍ତୀ ମନୋଦର । ୭୪ ।
ନାଗ ଭୁଜେଶ୍ୱରଙ୍କ ଚରଣ, ଖ୍ୟମଳା
ଇଙ୍ଗିତ ବୁଝି ବାହକ,
ନେଲେ ଅନ ପାଶେ ଭେଳ ବନ୍ଦିଗଣେ
ଧନାଢ୍ୟ ଭଜେ ଯାଚକ । ୭୫ ।
ବିଷ୍ଣୁ ବାମଭାଗ ପଦ୍ମବକାରିଣୀ
ପ୍ରସନ୍ନ ବଦନା ବାମା,
ବଖାଣିଲେ ରାଣୀ ଖ୍ୟମଳାଙ୍କୁ ପୁଣି
ଗରିମାରେ ଅଭିରାମା;
ଅରି ନିସୂଦନ ନିଷ୍ଠୁର କୃପାଣ-
ପାଣି ଏ ନୃପତିବର;
ଯାଙ୍କ କର ଧରି ଅନନ୍ୟ ସୁନ୍ଦରୀ!
ଗୁଣ-ଗଣକୁ ତୁ ବର । ୭୬ ।

Digitized by srujanika@gmail.com

ସୁରା-ସିନ୍ଧୁ ବଳ- ୟିତ ସୁବିଖ୍ୟାତ
ଶାଲ୍ମଳ ଦ୍ୱୀପ ଈଶ୍ବର,
'ବପୁଷ୍ମନ୍ତ' ଯାଙ୍କ ନାମ, ଏ ଚେତନ୍ତ
ନିଖିଳ ଗୁଣ ସାଗର ;
ନ ଅଣନ୍ତ ନକ ତୋ ମନେ ବିସ୍ମୟ
ଏହାଙ୍କର ଗୁଣ-ଗଣ,
ନ ବଳେ କି ତଳ- ସୁମନନାସିକ !
ଯାଙ୍କ ଠାରେ ତୋର ମନ ? । ୬୭ ।
ଅଗସ୍ତି ଶୋଷିଲେ କ୍ଷୀରସିନ୍ଧୁ, ଶୁଣି
ଇତର ପାଞ୍ଚ ସାଗର,
ଡ଼ରିଲେ ନର୍ଭୀକ ହେବେ ଏକା ଥିଲା
ସୁରା ସାଗର କେବଳ ।
ତହିଁ ନୃପତିଲେ ସଜନୀମାନଙ୍କ
ସଙ୍ଗେ ପ୍ରସନ୍ନ ମାନସେ,
ରସ କୃଶୋଦରି ! ସୁଧା ସୁମଧୁର
ଶୀଧୁ-ପାନ କେଳିରସେ । ୬୮ ।
ସଞ୍ଜୀବନୀ ଆଦି ଔଷଧି ତେଜରେ
ସେ ଦ୍ୱୀପର ଦୀପ ସବୁ,
ଚନ୍ଦ୍ରା ଚନ୍ଦ୍ରୀ ମେଘେ ଦଳିତ କଜ୍ଜ୍ୱଳ-
କାନ୍ତି ଦର୍ଶାନ୍ତି ଶିଖା ।
ଦ୍ରୋଣ ଗିରିପତି ବର୍ଣୀଶ୍ୱରଙ୍କୁ
ଭେଷଜ ଦେବ ଯୋଗାଇ,
ସ୍ୱାମୀ ସୁହାଗିନୀ ହେବୁ ତୁ ଶୁଭଙ୍ଗି !
ଯୋଗ୍ୟ ଉପହାର ପାଇ । ୬୯ ।
ସେ ଦ୍ୱୀପ-ସଙ୍କେତ ଶାଲ୍ମଳୀ ବୃକ୍ଷରୁ
ନିପତିତ ତୂଳାରାଶି,

Digitized by srujanika@gmail.com

ସଜାଏ ଭୂତଳେ ସୁନ୍ଦର ସ୍ୱର୍ଗରେ
ମୃଦୁ ସମୀରଣ ଆସି;
ସରସ-ସାରସ- କୋଷ-କୋମଳାଙ୍ଗି !
ତୋ ଲୀଳା ବିହାର କାଳେ,
କୋମଳ ଚରଣ ନିକ୍ଷେପଣ ଯୋଗ୍ୟ
ସ୍ଥଳୀ ସେ ମାନସେ ଭଳେ । ୭୦ ।
ଏହାଙ୍କର ଗୁଣ- ବର୍ଣ୍ଣନା ସମୟେ
ନୟନ ଅଞ୍ଚଳ ଗ୍ଳନ,
ଅନିଚ୍ଛା ସୂଚନେ ଭ୍ରମକା ବାହକେ
ଆନ ପାଖେ ଗଲେ ଚଳି । ୭୧ ।
କୁଙ୍କୁମ କପଟେ ଜନ-ଅନୁରାଗ
ଚନ୍ଦନା ଲେପନ ଛଳେ,
ଦିଗ୍‌ବିଜୟ କୀର୍ତ୍ତି ବିରାଜଇ ଭୁଜେ
ଏ ନୃପେ ଭଜ ଗୋ ବାଳେ ! । ୭୨ ।
ପ୍ଲକ୍ଷ ବୃକ୍ଷେ ଉପ- ଲକ୍ଷିତ ଦ୍ୱୀପର
ଅଧୀଶ ଏ 'ମେଧାତିଥି'
ରାଜ ଯୁବାଙ୍କ ବକ୍ଷେ କେଶର ବକ୍ଷରେ
ଲକ୍ଷ୍ମୀ ତୁଲ୍ୟ ଦମୟନ୍ତୀ । ୭୩ ।
ମଣ୍ଡି-ଆତପତ୍ର ସେ ପ୍ଲକ୍ଷ ବୃକ୍ଷର
ଶାଖାରେ ଝଟଇ ଦୋଳି,
ଝରତ ଦୋଳଇ ଜନତା, ନିରତେ
ଅନୁରାଗ ଅଙ୍ଗେ ବୋଳି ।
ଜନ ମନୋହର ସେ ସୁନ୍ଦର ଦୃଶ୍ୟ
କଲେ ତୁହି ଦରଶନ,
ସେ ବୃକ୍ଷରେ ଦୋଳି- ଖେଳ ରଚିବାକୁ
ବଳବ ତୋହର ମନ । ୭୪ ।

Digitized by srujanika@gmail.com

ଗୃହଅଡ଼େ ସେହୁ ସୁନ୍ଦର ଦ୍ୱୀପର
ପରିବେଷ ବେଶ ଧରି,
ରାଜଇ ସାଗର ସରସ ସୁରସ
ଦିବ୍ୟ ଇକ୍ଷୁରସେ ପୂରି ।
ଚକିତ ଚକୋର ଚଞ୍ଚଳ-ନୟନା !
ତୋ ଅଧର ସୁଧା ପାଇ,
ବସୁଧା ସୁଧାଂଶୁ, ଇକ୍ଷୁ-ସିନ୍ଧୁ ରସେ
ପସନ୍ଦ କରିବେ ନାହିଁ । ୭୫ ।
ଦୂର ଅଦର୍ଶନେ ସୌରଭର ତହିଁ
ଇନ୍ଦୁ ନ ଦେଖି ଯାଦବ,
ସେବକ ନ ଇଚ୍ଛନ୍ତି ଇନ୍ଦୁ ବିନା ପୁଣି
ନ ଗଣେ ଯେ ଆନ ଦେବ ।
ନ ଘଟୁ ତାହାର ବ୍ରତଭଙ୍ଗ ଦୋଷ
ସଫଳ ନୋହୁ ପାରଣା,
ଡିଁଆସ ତଥିରେ ତୋ ମୁଖ-ଚନ୍ଦ୍ରମା
ନିରେଖି ଚନ୍ଦ୍ରବଦନା । ୭୬ ।
ତହିଁ ଅନୁଦ୍ଧତ ବିପାଶା ସରିତ
ଜାତ ନବ ପଦ୍ମମାଳେ,
ନତ ହେଉ ତୋର ନେତ୍ର ମାରଜନା
ଭଜ ତୁ ଏ ମଧୁପାଳେ । ୭୭ ।
ଦୁଗ୍ଧ ହୋଇଅଛି ନିର୍ମଳ ସଲିଳ
ଏହାଙ୍କ ବିମଳ ଯଶେ,
ମୁଗ୍ଧ ହୋଇଛନ୍ତି ପ୍ରଭେଦ ପାଶୋର
ବିବେକ ହରାଇ ହଂସେ ।
କ୍ଷୀରେ ନୀରେ ପଦ୍ମ ଶବ୍ଦ ପ୍ରଶସ୍ତ
ନାନା ଅର୍ଥବୋଧେ ଜଣା,

Digitized by srujanika@gmail.com

ଦ୍ୱିବିଧ ସେ ଅର୍ଥ ମିଥ୍ୟା ହୋଇଯିବ
ଲୋକମୁଖେ ହେଉ ଗଣା । ୭୮ ।
ନ କରିବ ଶଙ୍କା ମହୀପତିଏ
ଅଷ୍ଟମ ଏ ନଳ ଭଳି,
ଆଦେଶ ଦଅନ୍ତି ଦୁହେଁ ଏକାବେଳେ
ନିଜ ଦ୍ୱୀପ ସୀମା ବଳା ।
ସିନ୍ଧୁ ପରପାରେ ଆନ ଆନ ରାଜ୍ୟ
ବଳେ କରି ଆକ୍ରମଣ,
ବିମଳ କୀରତି ଅବାଧରେ ଉଡ଼ୁଁ
କରୁ ବୋଲି ବିଚରଣ । ୭୯ ।
ହେଲେହେଁ ସେ ଯୁବା- ନୃପଙ୍କର ରୂପ
ତ୍ରିଲୋକ ମନ ମୋହନ,
ଶୁଣିଲେ ହେଲେହେଁ ଭାରତୀ ବଦନେ
ତାଙ୍କ ପ୍ରଶଂସା ବଚନ ।
ଅମ୍ଭୋଜ-ଗରବ- ହରଣା ଝୁମକା
ବୈରାଗ୍ୟ ରୁକ୍ଷ ନୟନେ,
ଅନାଇଲେ ଥରେ କାମକୁ ପୂର୍ବର
ତୃଣଯୁ ନେନହେ ଯେସନେ । ୮୦ ।
ଜଗତ ପ୍ରଦୀପ ମାର୍ତ୍ତଣ୍ଡ ମଣ୍ଡଳୁଁ
ଉଦ୍‌ଗ୍ରୀବ କୁନ୍ଦ ବନ,
ସୁକୃତ ପ୍ରବେଶ ଶୁଭ୍ର ଚନ୍ଦ୍ରଲେଖା
ଜଳପର ଆକର୍ଷଣ ।
ବିମାନ ଦଣ୍ଡର ସମ ଧୁରନ୍ଧର
ଅଭଙ୍ଗ ବାନ୍ଧବଗଣ,
ଝୁମକାକୁ ଦେଖି ତାଙ୍କଠୁ ଚଳିଲେ
ଭଳି, ବିରାଗ ଲକ୍ଷଣ । ୮୧ ।

Digitized by srujanika@gmail.com

ନ ଦେବାକୁ ଶତ୍ରୁ କଣ୍ଠରେ ମୃଗାକ୍ଷୀ
ସେହ୍ନ ସେହ୍ନ ନରବରେ,
ଭୂଷିଲେ ଭାରତୀ ସ୍ମିତଶୋଭୀ ମୁଖେ
ବୀଣା-ବନନ୍ଦିତ ସ୍ୱରେ । ୮୨ ।
ଯେବଣ ଦ୍ୱୀପର ମଙ୍ଗଳ-ରଞ୍ଜନ
ଅଟୁ ତୁ ସୁଦର୍ଶ-ସାର,
ତୋ ପେନ ମିଳଇ ଯୁବକେ ଏ ଜମ୍ବୁ-
ଦ୍ୱୀପ କବା ମନୋହର ?
କ୍ଷୀର ଉପ୍ଯେ ଜାତ କମେ ଦୋଳାୟିତ
କନ୍ଦର୍ପ ଜଗତ ଅବା,
ଛାଡ଼ିମଣ୍ଡ ସୁର- ଲୋକରୁ ଭୂତଳେ
ଉପାଇଛୁ ଏହ୍ନ ସଭା । ୮୩ ।
ରାଜାପର୍ ଗ୍ରକେ ଏହ୍ନ ଜମ୍ବୁଦ୍ୱୀପ
ମେରୁ ଆତପତ୍ର ସର,
କୈଳାସ ଗୃମର ଅନ୍ୟ ଦ୍ୱୀପମାନେ
ଖଟନ୍ତି ସେବକ ଭଳି । ୮୪ ।
ଗ୍ରକେ ଗ୍ରଜ-ଜମ୍ବୁ- ପାଦପ ଏ ଦ୍ୱୀପେ
ଅବନତ ଫଳଭରେ,
କରନ୍ତୁଥି ଭଳି ମାଂସଳ ଯା ଫଳ
ସିଦ୍ଧ ବଧୂ-ଚକ୍ଷୁ ହରେ । ୮୫ ।
ଜମ୍ବୁକଣ୍ଠି ସେହ୍ନ ଦ୍ୱୀପ ଜୟକଣ୍ଠେ
ବଢ଼ାଇ ଜମ୍ବୁ ଗରିମା,
ଜମ୍ବୁରସ ଜାତ ସୁମଧୁର ରସେ
ପାରଇ ଅମୃତ ଜଣି ।
ତୋର କାନ୍ତିପାଶେ ହାର ସେ ଗରିମା-
ତଟର ମୃତ୍ତିକା ଏବେ,

Digitized by srujanika@gmail.com

ଜାମ୍ବୁନଦ ବୋଲି ଲୋକମୁଖେ ଯିନା
ପ୍ରସିଦ୍ଧି ଲଭିଛୁ ଭବେ ? । ୮୬ ।
ଶୋଣିତେ ତିନ୍ତାଇ ଅରାତି ଶରୀର
ବଇରି ବନିତା ମୁଖ
ଅଶ୍ରୁଜଳେ ଧୋଇ ବସନ୍ତ ଏ ଦ୍ୱୀପେ
ସହସ୍ର ନୃପ-ତିଳକ;
ସେମାନଙ୍କ ମଧ୍ୟେ ସୁନ୍ଦର, ସୁଶୀଳ,
କତିପୟ ନୃପଙ୍କର,
ପରିଚୟ ଏବେ ଦେଉଛୁ, ରମ୍ଭୋରୁ !
ସୁଚିତ୍ତେ ଶ୍ରବଣ କର । ୮୭ ।
ପ୍ରତୀପ ଭୂପାଳ ବନିତା ଶ୍ରବଣ-
ଭୂଷଣ-ତମାଳ-ତମ,
ବିନାଶିବା ପାଇଁ ପ୍ରତାପ ଯାହାର
ପ୍ରଚଣ୍ଡ ତପନ ସମ ।
ସମସ୍ତ ସଦ୍‌ଗୁଣ ବିଶ୍ରାମ ଧାମ ଏ
ଅବନ୍ତୀ ନୃପତି ଠାରେ,
ଦମୟନ୍ତୀ ତୋର ! ମନ ବଳୁଛି କି
ଜାଣିବାକୁ ଦଅ ବାରେ । ୮୮ ।
ହାସ୍ୟ ଅନୁବନ୍ଧେ ସରସ ସୁନ୍ଦର
ସଜ-ସରୋରୁହ ମୁଖି,
ତୀର ତରୁବନେ ବସନ୍ତ ଯାହାର
ବିପ୍ରଗଣ ହୋଇ ସୁଖୀ
ସଖୀପରି ସିପ୍ରା ତରଙ୍ଗ ଭୁଜରେ
କରୁ ତୋତେ ଆଲିଙ୍ଗନ,
ଜଳକେଳି କାଳେ କଳ କଳ ସ୍ୱନେ
ହରିନେଉ ତୋର ମନ । ୮୯ ।

Digitized by srujanika@gmail.com

ଦୁର୍ଭଗ ଯୁବତୀ- ସମାଜ ମଙ୍ଗଳ
ମୁକୁଟମଣି ଭବାନୀ,
ପ୍ରସାଦ ଦୃଷ୍ଟିରେ ପଛନ୍ଦ କରନ୍ତି
ଯାଙ୍କ ପୁଣି ଉତ୍କୃଷ୍ଟିମା ।
ସେବା ଫଳେ ତୁଷ୍ଟ ଅଭୀଷ୍ଟ ଦେବତା
ସେ ତୋଷେ ଦଅନ୍ତୁ ବର,
ତାଙ୍କ ଶିଷ୍ୟା ରୂପେ ପତି ଅର୍ଦ୍ଧ ଅଙ୍ଗ
ମଣ୍ଡନ୍ତୁ ରମଣୀବର ।୯୦।
ଚୂଡ଼ାମଣି ଚନ୍ଦ୍ର- ମୟୂଖ ସେଚନେ
ଶଙ୍କା ତେଜ ରତିପତି,
ସେ ପୁର ସୁନ୍ଦରୀ- ବୃନ୍ଦ ହୃଦୟରେ
ଅଙ୍କୁରିବା ନିତି ନିତି ।
ନରେଶ ନୟନେ ତେବେ ହେଁ ମାନସେ
ନକରି ଅଭିଳାଷ ଧରି,
କାମ ଦେହ ଦାହେ କେଜାଣି କାହିଁକି
ରସିଲେ ତ୍ରିପୁର ଅରି ? ।୯୧।
ଅନଧ୍ୟାୟ ତିଥି ଶଙ୍କା ଚନ୍ଦ୍ରଲେଖା
ଶିବ ଶିରେ ନିତି ରହି,
ପତି ଅପରାଧେ ପ୍ରମଦା ପରୁଷ
ଅକ୍ଷର ଘୋଷନ୍ତି ନାହିଁ ।୯୨।
ଅତି ଅନୁରକ୍ତ ସେ ଅବନ୍ତୀ ନୃପେ
ଶ୍ୟାମଳା ରହିଁଲେ ନାହିଁ,
ତୁଷ୍ଟି ରହିବାଠୁଁ ନ ରହିଁବା ଭଲ
ଅନେ ଅନୁରକ୍ତ ଥାଇ ।୯୩।
ନ ଜାଣିଲେ ହେଲେ ଭଇମୀ ଭଙ୍ଗିତ
ବାହେ ଯାନତଳେ ଥାଇ,

Digitized by srujanika@gmail.com

ଜାଣିଲେ ସମ୍ମୁଖେ ନୃପ-ବଳ୍ଲୁକଣେ
ଦେଖି ଦମୟନ୍ତୀ ସ୍ଥାଇ । ୯୪ ।
ବର ବପୁ ଯା'ର ହାର (୧) ଚୂଡ଼ାମଣି
ସମାଗମେ ବିଭୂଷିତ,
ସୁରସ ସରସ ଯା' କୁଚ-କଳଶ
ଯୁଗଳ ଗାଙ୍ଗେୟ (୨) ପୀତ ।
ସେ ବାଳାକୁ ନେଇ ପହଞ୍ଚାଇ ଦେଲେ
ବାହକେ ଅନ୍ୟ ଭୂପାଳେ,
ରଦୁବଂଶ ଦୀପ ସୁର ସରିତକୁ
ନେଲପରି ଧରି ତଳେ । ୯୫ ।
କଣ୍ଠେ ନମିତ ମକରକେତନ
ଶୃଙ୍ଗେ ମାରକତ ଭୃଙ୍ଗ,
ଶ୍ରୀମଜାକୁ ଶୃଙ୍ଗ ଭଷିଲେ ଭଷିତ
ଦେବତା ବଚନ ଶୃଙ୍ଗ ।
"ବ୍ରୀଡ଼ା ନତମୁଖି ! ଗଉଡ଼ ଦେଶର
ବଡ଼ୋଜା ଏ ମହୀପତି,
ସୂଚନା ଦଅ ତୁ ଯାଙ୍କ ସଙ୍ଗେ ତୋର
କ୍ରୀଡ଼ାରସେ ଯେବେ ମତି ? । ୯୬ ।
ସୁଧା ସିନ୍ଧୁ ନାଥ ବଧୂ କରଣକୁ
ତୃଣ ମଣି ଯାଙ୍କ ଯଶେ,
ଘାସ ଗ୍ରାସ ଲଭ ଲୋଭେ ସିନା ମୃଗ
ଇନ୍ଦୁ ମଣ୍ଡଳରେ ବସେ ? । ୯୭ ।
ନବୀନ ପୟୋଦ ସଙ୍ଗ ଲଭି ନଥା
ଶୋଭଇ ସୁମେରୁ ଗିରି,

(୧) ହାର ସମ୍ବନ୍ଧୀୟ,
(୨) ସୁବର୍ଣ୍ଣ ପକ୍ଷେ ଶ୍ରେଷ୍ଠ,

Digitized by srujanika@gmail.com

ଶ୍ୟାମଳ ଏ ନୃପେ ଅଙ୍ଗୀକାର କର
ଲଭ ତୁ ମୋହର ଶିକ୍ଷା ।
କାମ କେଶପାଶ ମଣ୍ଡନ ଚମ୍ପକ-
ମାଳା ତୋ ଅଙ୍ଗ ବକ୍ଷସ୍ଥ,
ଆଲିଙ୍ଗନ କାଳେ ନୃପ ଅପଘନେ
ଲଗନ୍ତୁ କଞ୍ଚୁକ ପରି । ୯୮ ।
ତୀକ୍ଷ୍ଣ ଖଡ୍ଗାଘାତେ ମାତଙ୍ଗ ମସ୍ତକ
ଛେଦନ୍ତେ ଏ ମହାବଳୀ,
ଭଗ୍ନ କରିକୁମ୍ଭୁଁ ବିମଳ ତରଳ
ମୁକୁତା ଯା' ପଡ଼େ ଗଳି,
ମନେହୁଏ ଭୁଜ ପ୍ରତାପ ନ ସହି
ପାରିବାରୁ ଯାଙ୍କ ଡରେ,
ଶତ୍ରୁ ନୃପ ଲକ୍ଷ୍ମୀ ବଦନ ମଣ୍ଡଳୁଁ
ସ୍ୱେଦବିନ୍ଦୁ ଅବା ଝରେ ? ୯୯ ।
ଆଜାନୁ ଲମ୍ବିତ ଭୁଜୁଁ ସମୁଦ୍ଭୂତ
ପ୍ରତାପେ ଦିଗନ୍ତ ତପ୍ତ,
ମସ୍ତକୁ ଜାତ ଯଶ-ପଟେ ବ୍ୟାପ୍ତ
ଚଉଦ ଭୁବନ [illegible] । ୧୦୦ ।
ଉପେକ୍ଷା ବୁଦ୍ଧିରେ ଉଦାସ-ନୟନା
ଭୀମଜା ମାନସ ଜାଣି,
ଚଳିଲେ ବାହକେ ଚତୁର ପକ୍ଷରେ
ଇଙ୍ଗିତ ଆଦେଶ ବାଣୀ । ୧୦୧ ।
ଭାଷିଲେ ଭାରତୀ ସରୋଜମୁଖୀ ତୁ
ନିପୁଣ ରମଣୀବର,
ହଜସରସିଜ ସୋଦର ନୟନେ
ନୃପେ ଆଲିଙ୍ଗନ କର । ୧୦୨ ।

Digitized by srujanika@gmail.com

ପ୍ରତ୍ୟର୍ଥୀ-ପାର୍ଥିବ   ପୟୋଧି ମନ୍ଥନେ
ସମର୍ଥ ମନ୍ଦର ଗିରି,
ପୃଥୁ-ଯଶା 'ପୃଥୁ'   ନାମେ ସୁବିଦିତ
ମଣ୍ଡନ୍ତି ମଥୁରାପୁରୀ;
ଅଜାତଶତ୍ରୁ ଏ   ଯାଙ୍କ ମୁଖପଦ୍ମେ
ତୁଳନା ଲଭିବା ପାଇଁ,
କଳଙ୍କ ସଙ୍କୁଳେ   ରାକା ନିଶାକର
ପାସଙ୍ଗ ପଡ଼ିବ ନାହିଁ । ୧୦୩ ।

ଶିଞ୍ଜିନୀ ଦର୍ପଣ   ବିଜନିତ କଟଣ
ରଞ୍ଜିତ କାର୍ମ୍ମଣ ମଣି,
ରାଜ ଯାଙ୍କ କରେ   ଶତ୍ରୁ ରାଜାଙ୍କର
ଦୀପ୍ତ ଧୂମକେତୁ ଜାଣି । ୧୦୪ ।

ଭୃଙ୍ଗାରଣି ଜାତ   ଖଡ୍ଗ ବହ୍ନିର
କିବା ଧୂମରେଖା ସରି,
ଅରାତି ମକେ   ନାରୀ ତାଙ୍କ ନାରୀ
ନୟନୁ ବୁହାଏ ବାରି । ୧୦୫ ।

ମାଥୁରୀ ନାଗରୀ   କସ୍ତୁରୀ ରସରେ
କୃଷ୍ଣବର୍ଣ୍ଣ ମଧ୍ୟ ଦେଲେ,
କାଳନ୍ଦୀ ହ୍ରଦରେ ·   ସ୍ନାନ୍ତି ଯମୁନା
ଆବିଳା ଶ୍ୟାମଳ କଲେ । ୧୦୬ ।

ଗୋବର୍ଦ୍ଧନ ଗିରି   ବିହାରି ମୟୂର
ଭୟେ ନିବାସିତ ଅହି,
କୁସୁମେ ସୁଗନ୍ଧ   ତହିଁ ବୃନ୍ଦାବନେ
ବହର କୁହୁକେ ତୁହି । ୧୦୭ ।

କରତୁହାଙ୍କୁର   କୋରକେ ମଞ୍ଜୁଳ-
କରେ ରମଣୀ ରତନ,

Digitized by srujanika@gmail.com

ବୃନ୍ଦାବନ ବଲ୍ଲି-   ପଲ୍ଲବ ନିଚୟ
କଲବେଳେ ତୁ ଚୟନ ।
ତୋ ମୁଖ ନିର୍ମାଣେ   ହୃତ ଅନ୍ତଃସାର
ତୁଷାର ମୟୂଖ ସର,
ଦନ୍ତ ଦନ୍ତେ ଗଢ଼ା   କଙ୍କଣେ ତୋ କର
ବଲ୍ଲରୁ ହେଉ ବାର । ୧୦୮ ।
ରତ୍ନାନ୍ତେ ପ୍ରମୋଦ   କଣ୍ଟକିତ ତୋର
କୂଟ ପର୍ବତ ଦୁର୍ଗମେ,
ବିକଳ ପିପାସୁ   ସଦାଗତ ପାନ୍ଥ
ସଞ୍ଚର ନିତାନ୍ତ ଶ୍ରମେ ।
ଟଙ୍କା ପଟେଶ୍ୱର   ପାନକରୁ ସୁଚିଖ
ନସ ବନେ ଶ୍ରମ-ସଲିଳ,
ଧୌତ ପତ୍ରଲେଖା   ମୃଗମଦ ଦ୍ରବେ
ହେଲେ ହେଁ ତାହା ପଙ୍କିଳ । ୧୦୯ ।
ଦେବ ପୂଜା ଯୋଗ୍ୟ   ପଣ୍ଡିତଗଣର
ବିମଳ ପାଣି ସରୋଜେ,
ଶ୍ରୀମନ୍ତ ଏ ନୃପ   ପ୍ରଦତ୍ତ ହାଟକ
ବରାଟକ ପରି ଗଜେ । ୧୧୦ ।
ନୟନ ପ୍ରିୟ ଏ   ମଥୁରାଧିପତି
ଯାଙ୍କ ପରି ବୀର ନାହିଁ,
କଳ୍ପତରେ ହେଲେ   ବୈଭବରାଜଲକ୍ଷ୍ମୀ
ଯାଙ୍କୁ ତୋଷି ନ ପାରଇ ।
ସନ୍ତୋଷ ଲଭନ୍ତୁ   ଏବେ ଏ ଭୂପତି
ସୁଦତି ! ତୋ ସଙ୍ଗ ପାଇ,
ଗଳି ପଡୁଥିବା   ମଦନେଷୁ ବୃନ୍ଦ
ନିଃଶ୍ୟନ୍ଦିତ ମଧୁ ପିଇ । ୧୧୧ ।

Digitized by srujanika@gmail.com

ଫେରାଇ ନୟନ ସେ ନୃପୁଁ ଭୂପଜା
ନାହୁଲେ ଗନ୍ତବ୍ୟ ପଥେ,
ଜଣାଇଲେ ଯାନ ବାହକେ ପଣ୍ଡିତ-
ପଣ ତାଙ୍କ ମନୋରଥେ । ୧୧୨ ।
ଚକିତ ହରିଣ ଚଞ୍ଚଳ-ନୟନା
ଦମୟନ୍ତୀ ମୁଖ ଚାହିଁ,
ଲକ୍ଷି ଆନ ନୃପ ଆଦରି ଭାରତୀ
ଆରମ୍ଭିଲେ ଏହା କହି ।
ଅବଲୋକ ଏବେ ସୁଷମା ସମ୍ଭାର
କାଶୀବାସୀ ନୃପଙ୍କର,
ଅଞ୍ଜନ ଖଞ୍ଜନ- ନୟନା, ନୟନ
ଜନମ ସଫଳ କର । ୧୧୩ ।
କୁଳ ରାଜଧାନୀ ଅଟଇ ଯାଙ୍କର
ପବିତ୍ର କାଶୀ ନଗରୀ,
ସୁଖେ ଭବସିନ୍ଧୁ ତରିବା ପାଇଁକି
ସ୍ୱର୍ଗରଙ୍କ ଧର୍ମତରି ।
ଦୁରିତ ପୂରିତ ଚିତ୍ତ ଯେଉଁ ଜନ
କଲେ, ହେଲେ ଆଗମନ;
ଚିର କୃତ ପାପ ବରଜ ଏଠାରେ
ହୁଅଇ କଲୁଷହୀନ । ୧୧୪ ।
ନିରେଖି ନୟନେ ବିଧିସୃଷ୍ଟ ଲୋକ
ସୃଷ୍ଟିର ଭାବୀ କଷଣ,
ଦୀନ ଦୟାମୟ ଭକତବତ୍ସଳ
ଭବ ଭୟ ବିନାଶନ ।
କରୁଣା ପ୍ରକାଶି ଶୋଧନ ଆରମ୍ଭି
ବ୍ୟାକେ ରୁଦ୍ର ନାମ ଧରି,

Digitized by srujanika@gmail.com

ଲୋକହିତ ଲାଗି ସୃଜିଲେ ସେ ପୁରୀ
ସଂସାର ତାରଣ ତରୀ । ୧୧୫ ।
ବସୁନ୍ଧରା ମଧ୍ୟେ ଗଣନା ନୁହଇ
ପୂତ ବାରାଣସୀ ପୁରୀ,
ସେ ପୁରେ ବସନ୍ତି ତ୍ରିଦିବାର ପିତା
ସୁରପୁରେ ବାସ ସଦା ।
ସେ ତୀର୍ଥରେ ପ୍ରାଣ ତେଜଇ ଯେ ପ୍ରାଣୀ
ମୁକତି ତାହାର ହୁଏ,
ସ୍ୱର୍ଗରୁ ଅଧିକ ଆନନ୍ଦ ଦାୟକ
ଅପବର୍ଗ କିବା ନୁହେଁ ? । ୧୧୬ ।
ଭୈମି ! ଭୂତପତି ଅଧିଷ୍ଠାନେ ପୂତ
ବସି ବାରାଣସୀ ପୁରେ,
ଭବସିନ୍ଧୁ ଜନ୍ତୁ ସାଯୁଜ୍ୟ ମୁକତି
ଶିବ ସଙ୍ଗ ଲାଭ କରେ । ୧୧୭ ।
ଅବିଚ୍ଛେଦେ ଭୁଞ୍ଜି ବିଷୟ ବାସନା
କାଶୀପୁରେ ଜାୟାପତି,
ଇଚ୍ଛା ସୁଖେ ପୁଣି ଉଭୟେ ଏକାନ୍ତେ
କ୍ରୀଡାରସେ ଦେଇ ମତି ।
ଏତଦ୍ଧ ଭବକୁ ବରନ୍ତି ମରଣେ
ମୁକ୍ତିପଥ ଅନୁସରି,
ଆନନ୍ଦ ଲହରି- ଦୋଳାରେ ଦୋହଲି
ଅର୍ଦ୍ଧନାରୀଶ୍ୱରନ୍ତି ବଳି । ୧୧୮ ।
ନ କରିବୁ ଯେବେ ବିଶ୍ୱାସ ମୋ ବାକ୍ୟ
ନ କହିବି ମୁଁ ଅଧିକ,
ଅନୁଭବ ଫଳେ ଜାଣିବୁ ସୁନ୍ଦରି
ବାରାଣସୀପୁରୀ ଠିକ ।

Digitized by srujanika@gmail.com

ମୃଦର ମଣ୍ଡନ କୋଦଣ୍ଡ ପାଣିରେ
ଅଛଇ ଯେ ରାଜନ୍ୱିତା,
କାଶୀପୁରୀ ଠାରୁ ନୁହଇ କି ହୀନ
ସେ ପୁରୀ ଅମରାବତୀ ? ।୧୧୯।
ଜ୍ଞାନାଧିକେ ! ଧନ୍ୟ ହୁଅଇ କାଶୀରେ
ବହୁତ ସୁକୃତ କରି,
ଅଧିକ କହିଲେ ଅଛୁ କେଉଁ ଲାଭ
ଘନକେଶି ! କୃଶୋଦରି !
ମୃତ୍ୟୁଞ୍ଜୟ ପଦ ଲଭନ୍ତି ମାନବେ
କାଶୀରେ ମରଣ ଫଳେ,
ଅଯାଚତେ ତହିଁ ଅମୃତ ବିତରେ
ମନ୍ଦାକିନୀ ମଜ୍ଜିତଲେ ।୧୨୦।
ମୂର୍ତ୍ତିମତୀ ରତି- ପରାଏ ହୁଅ ତୁ
କାଶୀବାସୀ ନୃପବରେ,
ମୂର୍ତ୍ତିମନ୍ତ ମୀନ- କେତନ ପରାଏ
ହୁଅନ୍ତୁ ସେ ନୃପବରେ ।
ଚାଳେ ଋତୁକୂଳ ଶିବ ପୂଜାଲାଗି
ଶୁଭ ଅବସର ପାଇ,
ଅବତୀର୍ଣ୍ଣ ସ୍ୱର- ଦମ୍ପତୀ ସଦୃଶ
ବିହର ସେ ପୁରେ ଯାଇ ।୧୨୧।

ଦ୍ୱାଦଶ ସର୍ଗ

ଅସମୁଦ୍ର କ୍ଷିତି- ମଣ୍ଡଳୁ ଇତର-
ଶ୍ରେଷ୍ଠ ନରପତିମାନେ,
ହ୍ରିୟା ପ୍ରେମେ ଲଜ- ବଟେଣ୍ଟୁ ବଳମ୍ବେ
ଅଇଲେ ଅବଳ ମନେ;
ଏଥେ ଉପନୀତ ହୋଇ ମହାରଥ
ବଳାସୀ-ନୃପତି ଗଣ,
ସୁଷମା ସମ୍ଭାରେ ମଣ୍ଡିଲେ ସେ ସଭା
କୁଣ୍ଡିନପୁର-ମଣ୍ଡନ । ୧ ।
ଅଗ୍ରୁଁ ଆସିଥିବା ନରପତିମାନେ
ଭୀମ-ନରେନ୍ଦ୍ର ନନ୍ଦନା-
କସ୍ରଗ ଲଳନା- କରି ଦୀର୍ଘଶ୍ୱାସ
ବରଜ ହେଲେ ବମନା;
ନବାଗତେଛ ନୃପେ ବରଣ ଆଶାରେ
ଆନନ୍ଦ ସାଗର ଜଳେ,
ନିମଜ୍ଜିଲେ ସୁଖେ, ପ୍ରବର୍ତ୍ତିଲେ ତହୁଁ
ସ୍ୱୟମ୍ବର ସଭାସ୍ଥଳେ । ୨ ।

Digitized by srujanika@gmail.com

ଚରଣ ନୋଦନେ ଚଳତ୍‌ପଦ ବାହେ
ଚାତୁରୀ ଇଙ୍ଗିତ କଲା,
ରାଜଗଣ ପାଶେ ରଖିଲେ ବାଳାକୁ
ବିଶ୍ରାମ ଦେବାକୁ ଛଳ । ୩ ।
ସନାତନୀ ବାଣୀ ଭାଷିଲେ ହରଷେ
ଅସୀନ ଧରଣୀ ଈଶେ,
ସୁଧାସରେ ସ୍ନାନ ସାରି, ସେ ବଚନ
ଜୀମୂତ ବର୍ଷିଲା କି ସେ ! ୪ ।
'ବର୍ଣ୍ଣରେ ସୁବର୍ଣ୍ଣ କେତକୀ ସୁମନ
ଦନ୍ତୁଁ ବଳି ଯା ଆଦର,
ଋତୁପର୍ଣ୍ଣ ନୃପେ ସୁମନା ଲଲାମ
ସୁମନେ ବରଣ କର ।
ଦ୍ୱନ୍ଦ୍ୱସ୍ଥ ହୋଇ ଏ ଅବନୀ ତିଳକ
ପବିତ୍ର ଅଯୋଧ୍ୟା ପୁରୀ;
ନିଜ ରାଜଧାନୀ ପାଶୋର ଅଛନ୍ତି
ଭୀମ-ଭୂମୀନ୍ଦ୍ର-କୁମାରି ! । ୫ ।
ଯାଙ୍କ ମୁଖଚନ୍ଦ୍ର ଚନ୍ଦ୍ରିକା ଚକୋର
ଜିହ୍ୱାରେ ପଡେ ନ ଯେବ,
ଚିରକାଳ ଲାଗି ତୋ ନେତ୍ର ଚକୋର
ନ କରିବ କି ତା ପାନ ? । ୬ ।
ଜଳକେଳି କାଳେ ସରଯୂ-ତରଙ୍ଗେ
ଭଙ୍ଗୁର ବୁଦ୍‌ବୁଦ ପନ୍ତି,
ତୋ କଟିନ ପୀନ ଉଚ୍ଚ କୁଚତଟେ
ଅଣୁ ଛିନ୍ନହାର ଭ୍ରାନ୍ତି । ୭ ।
ଯାଙ୍କ କଣ୍ଠେ ଜନ୍ମି ଖେଳିଲେ କେ ସିନ୍ଧୁ,
କିଏ ଅବା ଗଙ୍ଗାଜଳେ

Digitized by srujanika@gmail.com

ଦୃଗଇଲେ, ତାକୁ ବାନ୍ଧିଲେ ବେ ପୁଣି
ଲଙ୍ଘିଲେ ଏ ଯଶୋବଳେ । ୮ ।
ବର୍ଣ୍ଣିବା ପାଇଁକ କ୍ଷୀର-ସିନ୍ଧୁ ଗ୍ରାସି
ଏହାଙ୍କ ବିମଳ ଯଶ,
ଅବଲମ୍ବେ ଯାଇ ସୁକବି ବଚନ
ଗମ୍ଭୀରତମ ପ୍ରଦେଶ ।
ଅଙ୍କପାତ କଲେ ଗଣିବା ପାଇଁକ
ଏହାଙ୍କର ଗୁଣ-ଗଣ;
ଅଗ୍ରତ-କୀରତ- କଟିମା ହୁଅଇ
ଅଟେ ଅଟେ ଅତି କ୍ଷୀଣ । ୯ ।
ଧୀପ୍ତିମନ୍ତ ବଂଶ- କଣ୍ଠୀର ସଦୃଶ
ଅଟନ୍ତି ଏ ନୃପବର,
ବିଷମ ସମରେ ପୁଲକି ଉଠଇ
ବିଶାଳ ବପୁ ଯାଙ୍କର ।
ବନ୍ଦୀ ମୁଖେ ଯାଙ୍କ ନାମ-ବର୍ଣ୍ଣ-ମନ୍ତ୍ର
ଶୁଣି ସମର ପ୍ରାଙ୍ଗଣେ,
ବିପକ୍ଷ ଭୂପଙ୍କ ବାହୁ-ଭୁଜଙ୍ଗମ
ସ୍ତମ୍ଭୀଭୂତ ହୁଏ କ୍ଷଣେ । ୧୦ ।
ସାଗର ଗରଭେ ବାଡ଼ବାଗ୍ନି ଶଙ୍କା
ଅଣେ ଯା'ର ପ୍ରତିବିମ୍ବ,
ବ୍ୟୋମ ବ୍ୟାପି-ନନ୍ଦ ଯଶ ତାରାଗଣେ
ଧାଅଇ ଯେ ପରିଭବ,
କ୍ଷମତା ଯାହାର ବିରଞ୍ଚି-ବାସର
ସୀମାକୁ ବଢ଼ାଇ ପାରେ,
ନୁହେଁ ସେ ପ୍ରତାପ ତପନ ଯାଙ୍କର
କେଉଁ ବାକ୍ୟ ସୀମା ପାରେ ? । ୧୧ ।

Digitized by srujanika@gmail.com

ଅସ୍ତ-ଅଙ୍ଗୀତ୍ରି କଳିନ୍ଦ-ତନୟା
ସଙ୍ଗତେ ରଣ ପ୍ରାଙ୍ଗଣେ,
ଭାଗିରଥୀ ଭଳି କୀର୍ତ୍ତି ଶ୍ରେଣୀମୟ
ଏହାଙ୍କ ଭୁଜ ମିଳନେ ।
ମଳ୍ଲି ବୀରକୁଳ ଲଭନ୍ତି ସହଜେ
ପ୍ରୟାଗରେ ସ୍ନାନ ଫଳ,
ନନ୍ଦନକାନନ ବିହାର ଅମୋଦେ
ରମ୍ଭା ଆଦି ସଙ୍ଗ ମେଳ । ୧୨ ।
ଭାରତୀ ବଦନେ ଶୁଣି ଏହି ନୃପଙ୍କ
ଶ୍ରୁତ ସୁମଧୁର ସ୍ତୁତି,
ସଂଗ୍ରହିଳ ମହିଳ ହୃଦେ ଅନାଦର
ନ ଦେଖିଲେ ଦମୟନ୍ତୀ । ୧୩ ।
ବଚନ ଦେବତା ଅଙ୍ଗୁଳି ନିର୍ଦ୍ଦେଶି
ଦେଖାଇ ଆନ ଯୁବାକୁ,
ଅମୃତ ମଧୁର- ବଚନେ ଭାଷିଲେ
ଚନ୍ଦ୍ରମୁଖୀ ଶ୍ରୀମତୀଙ୍କୁ । ୧୪ ।
ନ ରୁନ୍ଧିଲେ ନାହିଁ ଅସ୍ଥିର ଲୋଚନେ
ଚଞ୍ଚଳ ମୃଗନୟନା,
ସୁଧାଂଶୁ-ସୁନ୍ଦର- ମୁଖ ପାଣ୍ଡ୍ୟ ନୃପେ
ଅଳପ ଅପାଙ୍ଗେ ଅନା । ୧୫ ।
ଭୁବନ ଭ୍ରମଣ ସାର ନିରାଲମ୍ବ
ଅନନ୍ତ ଗଗନ ତଳେ,
ଏ ମହା ବଂଶକୁ ଆଶ୍ରୀକର କୀର୍ତ୍ତି
ନାଚୁଅଛେ କୁତୂହଳେ । ୧୬ ।
ଯାଙ୍କ ଭଟ୍ଟେ [illegible] ବନୁ ବନାନ୍ତରେ
[illegible] କରନ୍ତେ [illegible] ଭ୍ରମଣ,

Digitized by srujanika@gmail.com

ମହାରଣ୍ୟେ ଯିନା ଦୁଏ ପରିଣତ
ତାଙ୍କ ରାଜଧାନୀ ଗଣ ।
ଭ୍ରମି ଭ୍ରମି ବାଟେ ବହୁକାଳ ପରେ
ଲେଉଟନ୍ତି ନିଜ ନଗରେ,
ନୃପପୁର ମଣି ବାସ ଆରମ୍ଭିଲେ
ପୁଣି କଳାସ-ମନ୍ଦିରେ । ୧୭ ।
ଦଗ୍‌ବଳୟ ଯାଏ ମଳୟଜ ଲେପ
ବିମଳ କୀର୍ତ୍ତି ଯାହାର,
ସପ୍ତସିନ୍ଧୁ ତଟେ ଉଦ୍‌ଘୋଷିତ ଦୁଏ
କୋଦଣ୍ଡ ଟଙ୍କାର ଯାର ।
ପଦାନତ ବହୁ ନୃପ ଚୂଡ଼ାରତ୍ନ
ତାରକା ନାଯିବା ପୂଜା,
ଲଭେ ସୁଖେ ଯାର ନଖ-ନିଶାକର
ତା' ଭୁଲେ ଅଛୁ କେ' ରାଜା । ୧୮ ।
ଅଯତ୍ନେ ମଳିନ ବକତ ଅଗୁରୁ
ପୂତନା (୧) ତିନ୍ଦୁକ (୨) ବନ,
ଲଭୁ ଜଳଭଠି ତଡ଼ତଡ଼ ନାଦେ
ଏହାଙ୍କ ତେଜୋ ଦହନ ।
ଚନ୍ଦ୍ର ବସୁମୂଳଙ୍କ ଉଠି ଏଣେତେଣେ
ବରିଜେ ଜଗତ (୩) ତଳେ,

---

(୧) ହେନା ।
(୨) କେନ୍ଦୁବଣ ।
(୩) ପୃଥିବୀ ।

Purchased with the assistance of the Govt. of India Under the Scheme of Financial Assistance

Digitized by srujanika@gmail.com

ହର ଭାଲ-ନେତ୍ର ଭାନୁ, ବସୁବନ୍ଧୁ (୧)
ଜମ୍ଭାରି (୨)-ଦମ୍ଭୋଳି ଛଳେ । ୧୯ ।
ଯାଙ୍କ ଉଗ୍ରପୃଷ୍ଠ ଦର୍ଶନେ ଅଗତ
ଦେବତା ମଧ୍ୟେ ଅସୀନ,
ପୃଥ୍ୱୀଶାନ୍ତ୍ର ପୃଥୁ (୩) ରଣେ ଗଜମୂର୍ଥେ
ପୂରିତ ଦେଖି ଭୁବନ ।
ଜଙ୍ଗମ ପର୍ବତ- ସମୃଦ୍ଧ ପରାୟେ
ମଣି ସେ ମାତଙ୍ଗଗଣେ,
ଅବନୀରୁ ପୁଣି ଛାଡ଼ିବେ ପର୍ବତ
ବଶୁରିଲେ ମନେ ମନେ । ୨୦ ।
ମନ ଜାଣି ବାଣୀ ଭଷିଲା ଏକାଳେ
ସ୍ୱାମିନି ! ସୌଭାଗ୍ୟବତି !
ଦର୍ଶ୍ୟରତ୍ନେ ଏବେ ଅବଧାନ ହେଉ
ଏଣେ ଏ କୌତୁକ ପ୍ରତି;
ବାତେ ଫରଫର ଦୁକୂଳ-ଅଞ୍ଚଳ
ସଉଧ-ଶିଖରେ ନାଚେ,
ବଚନ ଏ ଦୃଶ୍ୟ କରୁଁ (୪) ଉର୍ଦ୍ଧ୍ୱେରେ
ପଦ ଦେବାପାଇଁ ପାଞ୍ଚେ । ୨୧ ।
ସେହ୍ନ ଅପ୍ରସ୍ତୁତ ଭାଷିତରେ ହସି
ଉଠନ୍ତେ ସଦସ୍ୟ-ଗଣେ,

---

(୧) ଅଗ୍ନି ।

(୨) ଇନ୍ଦ୍ର ।

(୩) ପୂର୍ବେ ପୃଥୁ ନାମରେ ଜଣେ ରାଜା ଥିଲେ । ସେ ପର୍ବତମାନଙ୍କର ପକ୍ଷଚ୍ଛେଦନ କରିଥିଲେ ବୋଲି ପୁରାଣ ପ୍ରସିଦ୍ଧ ।

(୪) କୂଆ ।

Digitized by srujanika@gmail.com

ସେ ବସନ୍ତ ହାସ୍ୟ ତରଙ୍ଗେ ସମସ୍ତ
ସଭ ହେଲ ଶୁକ୍ଳବର୍ଣ୍ଣ ।
ଭଜଥିଲେ ମ୍ଳାନ ପାଣ୍ଡ୍ୟ ନରପତ
ଧର୍‌ ପଡ଼ିଗଲେ ଏବେ,
ଧଳା କନାସରେ ଲଗିଲେ କାଳିମା
ଲୁଚ ପାରଇ କ କେବେ । ୨୨ ।
ଜଗତେ ପୂଜିତ ମୂରତି ପରମ
ଜ୍ୟୋତିର୍ମୟୀ ସରସ୍ୱତୀ,
ଉର୍ଦ୍ଧ୍ୱମ ନଦେଶି ଭ୍ରଷିଲେ ଭୈମୀଙ୍କୁ
ମଧୁ ମଧୁର ଭାରତୀ । ୨୩ ।
ମହେନ୍ଦ୍ର ଶୈଳର ମହେନ୍ଦ୍ର ଏ ନୃପ
ଏହାଙ୍କୁ ବରଣ କର,
କଳଙ୍ଗ-ମାତଙ୍ଗ କୁମ୍ଭ, କଳଙ୍କୁ
କୁଚ-କୁମ୍ଭ ସଙ୍ଗେ ତୋର । ୨୪ ।
ଅସନ୍ତ ଏ ନୃପ ଶୁଣି ଏ ବଚନ
ପୌରଜନଙ୍କର ମୁଖେ,
ବୃଥା ବନେ ସିନା ପଡନ୍ତି ଉପୁଏ
ପ୍ରାଣଭୟେ ମନୋଦୁଃଖେ ।
ଶୁଣି ତାଙ୍କ ସ୍ୱପ୍ନ- ପ୍ରଳାପ ବଚନ
ସେ ବନେ ଶବରକର,
ଉପୁକାନ୍ତ ପୁଣି ମନେ ମହାଭୟ
ଅନୁକର ତାଙ୍କ ଗିର । ୨୫ ।
ପ୍ରିୟା ଛଡ଼ ନୃପେ ପଳାଇ ପଡନ୍ତି
ସ୍ୱାଙ୍କ ଭୟେ ସଂଗୋପନେ,
ବନେ ବନିତାଙ୍କୁ କରେଖି ତାଙ୍କର
ପୁଚ୍ଛନ୍ତି କିରାତଗଣେ ।

Digitized by srujanika@gmail.com

"କହ କହ ଶୁଣୁ ତମ ଗ୍ରଇକରେ
ଅଦ୍ଭୁତ କି ଅଛି" ଶେଷେ,
ଲଭନ୍ତି ଉତ୍ତର ନିଶାକର କର
ଶୀତଳ ଅମ୍ବର ଦେଶେ" । ୨୬ ।
ଧନୁର୍ବାଣ ତୂଣ ଦେଖି ନୃପଗଣେ
ବଶ କରୁଛନ୍ତି ଏହି-
ଗୁଣେ ବାନ୍ଧି ଯାଙ୍କୁ ବୀରତ୍ୱରେ ବଳି
ଭୂତଳଜୟଶ୍ରୀ ! ତୁହ୍ମ । ୨୭ ।
ଯାଙ୍କ ଡରେ ଯାପି ଗୁହାରେ ବାସର
ଅରି ନାରୀ ଯେବେ ଫେରେ,
ଚନ୍ଦ୍ର ଚାହିଁ ଶିଶୁ କ୍ରୀଡ଼ାହଂସ ମଣି
ଦେବାକୁ ପ୍ରାର୍ଥନା କରେ ।
କାନ୍ଦନ୍ତେ ଜନନୀ ଲୋତକେ ତିମିତ
ଚନ୍ଦ୍ର ହଂସ ଶିଖି ଧରେ,
ହସେ ଶିଶୁ ହର୍ଷେ ତେଜଇ ନିଃଶ୍ୱାସ
ଜନନୀ ଆଶ୍ୱାସ ଭରେ । ୨୮ ।
ଦିଗ୍‌ବିଜୟ-ଯାତ୍ରା କରନ୍ତେ ଏ ନୃପ
ଏ ମୋ ପତି ହେବେ ଭବି,
ରିପୁନୃପ-ଦାରା ଧରାଦେବୀ କଂପେ
ସାତ୍ତ୍ୱିକ ବିକାର ଲଭି ।
ଯାଙ୍କ ଅଭିମୁଖେ ବିପକ୍ଷ ପାର୍ଥିବେ
ବିଷମ ସମର କାଳେ,
ଊର୍ଦ୍ଧ୍ୱଗତି ଲଗି ଛଳମୟ ପନ୍ଥା
ଦେଖନ୍ତି ରବିମଣ୍ଡଳେ (୧) । ୨୯ ।

---

(୧) ଆସନ୍ନମୃତ୍ୟୁ ବ୍ୟକ୍ତି ରବିମଣ୍ଡଳକୁ ସଚ୍ଛିଦ୍ର ଦେଖେ ବୋଲି ପ୍ରସିଦ୍ଧି ଅଛି ।

Digitized by srujanika@gmail.com

ସମର ପ୍ରାଙ୍ଗଣୁ ନସ୍ତ ରିପୁଗଣ
ପଳାନ୍ତି ସମ୍ମୁଖ ତେଜି,
ଜଗତେ ବିଶ୍ରୁତ କୀର୍ତ୍ତିମନ୍ତ ବେନ୍ଧୁ
ଫେଣରେ ଯେବେ ଶ୍ରେଷେ ଗର୍ଜି ।
ମିଳନ୍ତେ ଅଗ୍ରତେ ଛୁରିକା ଅଧାତେ
ଛିଣ୍ଡଯାଏ ତାର ଶିର,
ଲୋଟଇ ଭୂମିରେ ସମ୍ମୁଖ ସମରେ
ବିମୁଖ ହୁଏ ସେ ବୀର । ୩୦ ।
ନୋହିଲେ ସେ ନୃପଙ୍କ ଗୁଣେ ମୁଗ୍‌ଧ ଥାଇ
ନିଜ ମୁଖ-କମଳରେ,
ନିଯୋଜି ଅଙ୍ଗୁଳି- ନାଳ ଚତୁରତା
ପରକାଶି ଇଙ୍ଗିତରେ ।
କହିଲେ କି ସତେ ସତୀ ଦମୟନ୍ତୀ
ନ କହୁ ଏମନ୍ତ ଗିର,
ସୁଖେ ମୁଖ-ମୁଦ୍ରା ବିଧାନିବା ପାଇଁ
ବର ଦେବ ! ଅଙ୍ଗୀକାର । ୩୧ ।
ନୟନ ପଟଳରେ ଲକ୍ଷ୍ୟ ଆନ ନୃପେ
ବଖାଣିଲେ ସରସ୍ୱତୀ,
ଚତଳେ ତୃଣ ମଣି କୁସୁମ ଶରକୁ
ଜଗତ ଏ ଜିଣିଛନ୍ତି । ୩୨ ।
ଦୂତ ମୁଖେ ଯାହା ବୃତ୍ତାନ୍ତ ଏ, ଷଷ୍ଠ
ନାହିଁ, ଅଙ୍ଗୀକାର କର,
ବଳେ ତୋର କାଞ୍ଚୀ ଗ୍ରହଣ କରନ୍ତୁ
କାଞ୍ଚୀପୁର ପୁରନ୍ଦର । ୪୦ ।
ଅଗ୍ରତଙ୍କୁ ମାତ- ଶିକ୍ଷା ଏ ଦଅନ୍ତି
କୋଦଣ୍ଡରେ ଯୋଚ ବାଣ,

Digitized by srujanika@gmail.com

ନମ୍ର ହେଲେ ସ୍ଥିତ ପାଇବ, ନୋହିଲେ
ପଳାଇବ ଘେନ ପ୍ରାଣ । ୩୪ ।
ସମ୍ମୁଖ ସମରେ ମୃତ ବୀରଙ୍କର
ବିରହେ ବଧୂଙ୍କ ନାରୀ,
କର୍ଣ୍ଣ ଭଗ୍ନ ଶଂଖା- ବଳୟ-କୋମଳ
ମୃଣାଳ କବଳ କରି ।
ବୀରଙ୍କ ବନିତା ନେତ୍ରୁଁ ବିଗଳିତ
ଲୋତକ ନିର୍ଝର ଜଳେ,
ରଚି ରହ ଗତ ନିରତେ ଯାଙ୍କର
କୀର୍ତ୍ତି-ହଂସାବଳୀ ଖେଳେ । ୩୫ ।
ଘନ ନୀଳକାନ୍ତି ଯାଙ୍କ କର ସେନା
ସିନ୍ଦୂର ଚର୍ଚ୍ଚିତ ଶିରେ,
ଗଗନ ପରଶି ଜଳିତ ଗତିରେ
ଧାଆନ୍ତେ ସମରାଜିରେ;
ସନ୍ଧ୍ୟାରାଗେ ମିଶି ପ୍ରତିଦୋଷ ଅନ୍ଧାର
ମାଡ଼ିଆସେ ମନେ କରି,
ବୀରଯଶ କ୍ଷତ୍ରିୟ ତେଜ ଦିବାକର
ଅଧାକରେ ଅସ୍ତଗିରି । ୩୬ ।
ଦିଗନ୍ତ ବିସ୍ତୃତ କାନ୍ତି-କଳମୂରେ
ଲୂତା ତନ୍ତୁଜାଲ ଲେଖି,
ଚେତନ ସ୍ମୃଭିବନ ହରିଭର ଶିଷ୍ଟ-
ଶୂନ୍ୟତା ଦୋଷ ନରେଖି ।
ଚେତନ ପୁଣି ନଳ ସଦ୍ମ ପଦ୍ମ ମଧ୍ୟେ
ବନ୍ଧା ଲୂତା ତନ୍ତୁଜାଳେ,
ବିଶ୍ରାମ ଭବନ ଦନାଇଛ୍ଛ ଯାଙ୍କ
ଭୁଜ-ଯୁଗ ଅନ୍ତରାଳେ । ୩୭ ।

Digitized by srujanika@gmail.com

ଖୋଳଛନ୍ତି ଏଥୁ ନୃପ-ସିନ୍ଧୁ କଣା
ପବନ ଖାଉଛ ଯେତ,
ସ୍ନାନ ସାର ତହିଁ କେଉଁ ଜନ ଅବା
ଧରଇ ମଉନ ବ୍ରତ ?
ଯାର ବନ୍ଦୁ ଶୋଭା ଧର ଇନ୍ଦୁ କଳେ
ପଣି ଅଦୃଶ୍ୟତା ଭଳେ,
ସ୍ଫଟିକ ନିର୍ମିତ ସକଳ ଦେବତା
ଶିବଲିଙ୍ଗ ପର ସାଜେ । ୩୮ ।
କୀର୍ତ୍ତି ଶୁଣି ଜାତ ଆନନ୍ଦ ଲୋତକେ
ନ ହୁଅଇ ଚକ୍ଷୁପାତ,
ଲୋମ ଅଗ୍ରରୁ ଆନନ୍ଦ ସମ୍ଭବ
ଧୂଳକ ନୁହଇ ଜାତ ।
ମହାପାତ ଭୟେ ନ କମ୍ପଇ ଶିର
ତେଣୁ ନୁହଇ ପ୍ରତୀତ,
ଶୁଣି ଯାଙ୍କ କୀର୍ତ୍ତି କପର ଆନନ୍ଦ
ପ୍ରକାଶେ ଜଗର-ଚିତ ? ୩୯ ।
ଭୂମ୍ନ ଜୁଗ୍ଯ୍ୟଗେ କନ୍ଦେଗନ୍ଧ କୁମ୍ଭେ
ସ୍ପର୍ଦ୍ଧା କରନ୍ତି ଧାରଣ,
ଜାଣି ରଣେ ଏଥୁ ଅରି କର-କୁମ୍ଭେ
ପୁଂଖ ମୁଖ ଯାଏ ବାଣ ।
ପେଷ ପୀଡ଼ା ଯାହା ଦଅନ୍ତି ତାହାକୁ
ତା' ପିନା ଭୂମ୍ନର ସେବା,
ତେଣୁ ତାଙ୍କ ପ୍ରତି ସୁନ୍ଦର ! ଭୂମ୍ନର
ଉଚିତ ପ୍ରସନ୍ନ ହେବା । ୪୦ ।
କାଂଚୀପତି-ଗୁଣ ଶ୍ରବଣେ ମାନସେ
ସନ୍ତୋଷ ଲଭିଲ ପର,

Digitized by srujanika@gmail.com

ଉପହାସ ଛଳେକ — ମନ୍ଦ ହାସ ପ୍ରଭା
ଅଧର ପ୍ରାନ୍ତରେ ଭରି ।
ଇଙ୍ଗିତେ କହିଲେ — ଭୀମଜା କୀରତି
ବର୍ଣ୍ଣିହୁଏ ଏହାଙ୍କର,
ନିଷଧ ନୃପତି — ବିପୁଳ ବିଭୂତି
ବଚନର ଅଗୋଚର ।୪୧।
ପରନ୍ତୁ ଆନ — ନୃପେ ଅଖିଠାରି
ବଖାଣିଲେ ସରସ୍ୱତୀ,
ହରିଣ ଶାବକ- — ନୟନା ! ସଭାରେ
ଯାଙ୍କର ଆଦର ଅତି ।୪୨।
ଲଜ୍ଜେ ମୁଖପୋତି — ରହିଲେ ସକଳ
ନୃପେ ତେବେ କରୁଣା ବିନା,
କୃପଣ ନୋହି ତୁ — ନେପାଳ ନୃପାଳେ
ଅଳପ ଅପାଙ୍ଗେ ଅନା ।୪୩।
ଶ୍ରୁତି ପାରଗତା, — ମଣ୍ଡନ, ଋଜୁତା
ଭଳି ଗୁଣେ ମନୋହର,
ପର ପ୍ରାଣଦେନା — ସୁଦୀର୍ଘ ଦାମ୍ଭିକ
ଅଛଇ ଯାଙ୍କର ଶର ।୪୪।
ନ ତେଜନ୍ତି ଜନ- — ରଞ୍ଜନ ବ୍ରତ ଏ
ସମ୍ମୁଖେ ହେଲେ ରଣେ,
ଛେଦି ଶିର ରକ୍ତ- — ଲେପେ ଅନୁରକ୍ତ
କରନ୍ତି ବିରକ୍ତ ଜନେ ।୪୫।
ସ୍ପର୍ଦ୍ଧାବଶେ ଯେବେ — ପଡ଼ିବ ପତଙ୍ଗ(୧)
ଯାଙ୍କର ପ୍ରତାପାନଳେ,

(୧) ସୂର୍ଯ୍ୟ,

Digitized by srujanika@gmail.com

ଲଭିବ ଜଟାର ତାର ପ୍ରତିଫଳ
ପତଙ୍ଗ-ବିଯଦ ବଳେ ।
ଅରଜିବା ଇଚ୍ଛି ଯାହାଙ୍କର ଭାରତ
ଅଶକତ ହୋଇ ବିଧି,
କ୍ଷୀରସିନ୍ଧୁ ଯାହା ସରଜ ଅଛନ୍ତି
ସେ ସିନା ତା ଦୁହିତାଧି । ୪୬ ।

(୧) ଅବାଚୀ-ଅବଳା ସୀମ ରେଖା ସମ
ସେତୁବନ୍ଧ ରାମେଶ୍ବର,
କୁବେର-କକୁଭ (୨) ଉତ୍ତରୀୟ ପର
ହିମାଦ୍ରି ହିମ ଶିଖର ।
ପ୍ରାଚୀ ପ୍ରାଚେତସୀ ନଗରୀ ନିର୍ମାଣେ
ଦେବି ଶୁଭ୍ରସ୍ତମ୍ଭ ଭଳି,
ସନ୍ଧ୍ୟାରାଗେ ରକ୍ତ- ପତାକା ଶୋଭନ୍ତି
ଉଦୟାଦ୍ରି ଅସ୍ତଗିରି ।
ଏ ଦୁଇ ଦିଗନ୍ତ- ସୀମା ଅନ୍ତରାଳେ
ଅନ୍ତରୀକ୍ଷେ, ଜଳେ, ସ୍ଥଳେ,
ନେପାଳ ନୃପତି ବିମଳ କୀରତି
ସୁଖେ ବିଚରଣ କରେ । ୪୭ ।

ବଳ କଷି ରଣେ ଆୟୁଧ ବିରଜି
ଚରଣେ ଏ ନୃପଙ୍କର,
ଲୋଟନ୍ତି ଅରିଏ ଶରେ ଛିନ୍ନ, ଅବା
ଭୟେ ଅବନତ ଶିର । ୪୮ ।

ବାଣ-ଉଦ୍ଧରଣ, ସନ୍ଧାନ, କର୍ଷଣ
ଲକ୍ଷ୍ୟ ଲକ୍ଷ୍ୟେ ଗତି କାଳେ,

(୧) ଦକ୍ଷିଣ ଦିଗ
(୨) ଉତ୍ତର ଦିଗ

Digitized by srujanika@gmail.com

ନୟନ ଗୋଚର ନୁହେ ଯାଙ୍କ ଶର
ଅଥବା ଧରଣୀ ତଳେ ।
ଲକ୍ଷ ଭେଦ ଯାଙ୍କ ସୁତୀକ୍ଷ୍ଣ ଶାୟକ
ପଳାଇ ପଶିଛି କାହିଁ,
ବୋଲି ଅନୁମାନେ ଆସଇ କେବଳ
ରମ୍ଭ ବକ୍ଷେ ଛିଦ୍ର ରହି । ୪୯ ।
ମନ ଜାଣି ଦାସୀ ଭଷିଲ ଭରତ !
ନ କର ଏତେ ବର୍ଣ୍ଣନା,
କହ ଗୁଣମାନେ ଲଭନ୍ତି ଏଠାରେ
ସଙ୍କଟ-ବାସ-ଯାତନା । ୫୦ ।
"ଅସଙ୍ଗତ ବାଣୀ ଭଣେ ମତ ରେଟି
ଏଠାରେ ପ୍ରଲ୍‌ଭଗ ଭରେ,
ଧନ୍ୟ ସର୍ବ ଶ୍ଳେଷେ ବୋଲିଁ ନୃପାନୁଗେ
ଆନଜନେ ନବାରଲେ । ୫୧ ।
କୃପାମୟୀ ବାଣୀ- ଦେବତା ଭତନ୍ତ୍ରେ
ଆପଣା ମୁଖ ଫେରାଇ,
ସମ୍ବୋଧିଲେ ଶ୍ୟାମ- ସ୍ୱସାକୁ ଆଦରେ
ଇତର ନୃପେ ଅନାଇ ।
"ଦେଖ ଦେଖ ଏହି ନୃପ ଚୂଡ଼ାମଣି
ଶ୍ୟାମଳା କେଡ଼େ ସୁନ୍ଦର,
ଇଳା-ସୁତ ଭଳି କନ୍ଦର୍ପରୁ ବଳି
ଯାଙ୍କ ରୂପ ମନୋହର । ୫୨ ।
ଇନ୍ଦୀବରଗନ୍ଧ ନୟନ-ଚନ୍ଦ୍ରିକା
ଚର୍ଚ୍ଚିତ ଅପାଙ୍ଗ ପଥେ,
ଲଜ ଟଭକ ଅନା କାନ୍ତିକୂଳ ଅଧି-
ଦେବତା ମାଳଯନାଥେ । ୫୩ ।

Digitized by srujanika@gmail.com

ଉଣେ ହାରି ଅରି ଅପଣା ଶରଣେ (୧)
ପଳାଇ ପଶିଲେ ଯାଇ,
ଶଇଳ ସମ୍ଭବ- ଦୁର୍ଗାଶ୍ରୟେ ହେଲେ
ଯାଙ୍କଠୁଁ ଉଦ୍ଧାର ନାହିଁ । ୫୪ ।
ଅର୍ଥିଗଣେ ଆଶା- ଅନୁରୂପ ଧନ
ଦେବାରୁ ଏ ନୃପବର,
ଉପେକ୍ଷିଛି ଏବେ ମେଦଧ୍ୱନିଜାତ-
ରତ୍ନ ମେଦୁର ବିଦୂର (୨) ।
ଅଦୂରେ ନିହିତ ରତନେ ପିହିତ
ସେହି ବିଦୂର ପର୍ବତ,
ଅନନ୍ୟ ସୁନ୍ଦରି ! ହେଉ ଏବେ ତୋର
କ୍ରୀଡ଼ା ଶୈଳେ ପରିଣତ । ୫୫ ।
ଅବନତ ନୃପ- ବଦନ-କମଳ
ମଳିନିମା ହୃଦେ ଧରି,
ପାଦ ନଖମାନେ ରାଜନ୍ତି ଯାଙ୍କର
ସାକ୍ଷାତେ ମୃଗାଙ୍କ ପରି ।
ଭୂ-ଲୋକ ପାଳକ ରଣପଟୁ ଯାଙ୍କ
ଭୁଜ ଭୁଜଙ୍ଗ ଯୁଗଳ,
ତୃପ୍ତ ଅରି ପ୍ରାଣ- ପବନ ପାୟସ
ପାନକରି ସିନା ସ୍ଥୂଳ । ୫୬ ।
ଯାଙ୍କ କୀର୍ତ୍ତିପୂର ଶିବ-ଶିର-ଚନ୍ଦ୍ର-
କଳାର ପରିପୂରକ,
ଶେଷଦେବ ଫଣା ସଂଖ୍ୟା ସମ୍ମତେ
ସହସ୍ର ଶରୀର ଯାଚ;

(୧) ଗୃହେ ।
(୨) ପର୍ବତ ବିଶେଷ ।

Digitized by srujanika@gmail.com

ଅଗସ୍ତି ଚୈଳାରେ ସ୍ଥିତ କ୍ଷୀରସିନ୍ଧୁ
ଭୟ ଭଞ୍ଜନ ଉପାୟ,
କାହିଁ ବା ଜଗତେ ନ ଲଭେ ପ୍ରକାଶ
ଏହାଙ୍କର କୀର୍ତ୍ତିଚୟ । ୫୭ ।
ସୁତୀକ୍ଷ୍ଣ ଶରାଗ୍ନି ଆୟୁଧ ଯାଙ୍କର
କ କରିବେ ଅରି ଶତେ,
ଲକ୍ଷେ କ କରିବେ ଲକ୍ଷ୍ୟଭେଦ ପଟୁ
ପଦ୍ମକୁ ନୟନ କଟେ ।
ପଞ୍ଚେଷୁ କ ହେବ ସର୍ବ ପରଚ୍ଛେଦୀ
ଅଟନ୍ତି ଯେଣୁ ଏ ବୀର,
ସଂଖ୍ୟାଦ୍ୟାନେ ଉଙ୍ଗ ବିନା ଆନ ଗତି
କାହିଁ ଯାଙ୍କ ଅଗୋଚର ? । ୫୮ ।
ତୁମ୍ଭ ମୁଖେ ବାଣି ! ନିଜ ଅବଦାନ (୧)
ନିବେଦନ ଅଭିଳାଷୀ,
ଦେଖ ଆନେ, ଯାଙ୍କୁ ଠେକ ମନ ଜାଣି
ଭାଷୁ ଦାସୀ ମନେ ହସି । ୫୯ ।
"ନୃପ ଗୁଣଗାନେ କେବଳ ଭାରତୀ
ପାଇଛନ୍ତି ଅଧିକାର,
ଏଥିର ଉତ୍ତର ଦେବାକୁ ଯୋଗ୍ୟ କ
ହେବ ପର କଙ୍କଣ ସ୍ବର" ।
ପ୍ରକାଶି ଏଭଳି ବଚନ ସେଠାରେ
ନୃପ ସେବକ ସକଳ,
ନିବର୍ତ୍ତିଲେ ଦେଖି ଆପଣା ପ୍ରଭୁର
କୁଟିଳ ଭ୍ରୂର ଯୁଗଳ । ୬୦ ।

(୧) କର୍ମ ବୃତ୍ତାନ୍ତ ।

Digitized by srujanika@gmail.com

କୁଳେ, ଶୀଳେ, ବଳେ ଅଠନ୍ତ୍ର ଏ ନୃପ
ଜଗତେ ପୃଥିବୀ-ପତି,
ବୋଲି ଅନନ୍ୟମୁଖେ ବିରୁଦ ବୁଲାଇ
, ସୂଚିଲେ ଦେବୀ ଭାରତୀ । ୬୧ ।
ନବାଗତ ନୃପେ ନ ଦେଖିବା ପାଇଁ
କାହିଁକି ପ୍ରତିଜ୍ଞା ତୋର,
ନେତ୍ରେ ପାଣିକର ମିଥିଳା-ନାଥଙ୍କୁ
ନୟନ ଶିଥିଳ କର । ୬୨ ।
"ରକ୍ଷ, ରକ୍ଷ, ଯେଣୁ ନ କହିଲୁ ତେଣୁ
ଏ ଦଶା ଘଟିଲା ତୋର"
ବୋଲି ରଣଭୂମେ ଅଧର କାମୁଡ଼ି
ଗଡ଼େ ଯାଙ୍କ ଅରି ଶିର । ୬୩ ।
ଗୁଣବନ୍ତ ଶର ଧରି ଦକ୍ଷକର
ରଣେ ଯେବେ ପଛେ ଦୁଙ୍କେ,
ପୁରଃସର ବାମ- ଭୁଜେ ଆଲିଙ୍ଗିବା
ପାଇ ଯାଙ୍କ ଧନୁ ଇଚ୍ଛେ । ୬୪ ।
କଇଲାସ ଗର୍ବ- ଗଞ୍ଜନ ଯାଙ୍କର
କୀରତି ପୂର୍ଣ୍ଣିମା ଇନ୍ଦୁ,
କମ୍ବୁ ତ୍ରିଭୁବନ କି ଅବା ଶରଦ
ଅମ୍ବୁଧର, କ୍ଷୀରସିନ୍ଧୁ ? । ୬୫ ।
ରୁଧିର ପ୍ରବାହେ ଧୋଇ ଧରା ତଳ
ବିଷମ ସମରେ ପଶି,
ଚତୁରଙ୍ଗ ସେନା ତୁରଙ୍ଗ ଖୁରରେ
ରଙ୍ଗେ ରଣଭୂମି ଚଷି;
ଖଡ଼୍ଗ ପ୍ରହାରେ ଭଞ୍ଜନକରି କୁମ୍ଭ
ମୁକୁତା ପ୍ରକର ଗାଳି,

Digitized by srujanika@gmail.com

ଯଶୋବୀଜ ରୂପେ ବପନ କରନ୍ତି
ଏହୁ କୃଷୀବଳ ଭଳି । ୬୬ ।
ଯାଙ୍କ ଦାତୃପଣେ ଯାଚକ ଅଭାବେ
କଳପ ପାଦପ ଲାଜେ,
ଅଧୋମୁଖ ହୋଇ ରହିଲଣି ଏବେ
ବହୁ ଫଳଭର ବ୍ୟାଜେ ।
ମାଣ ରତ୍ନାଚଳ ବୃଦ୍ଧ ଅଯଶେ
ଯାଚକ ବର୍ଜନ ଫଳେ,
ଅଦାତା ହୋଇ ସେ କପର ରହିଛି
ମୁଣ୍ଡ ହେଟ ଧରାତଳେ ? । ୬୭ ।
"ଯାଙ୍କ ପ୍ରଶଂସାରେ ଅଣିବ କ ବର୍ଣ୍ଣ
ଇଙ୍ଗିତେ ପୁଛନ୍ତି ସଜନୀ,
ସ୍ମିତ ଲାଗି ମୁଖ- ବୃକଇ ବମୁଖ
ହେଲେ ବଦର୍ଭ-ନନ୍ଦନୀ । ୬୮ ।
ଆନ ନୃପ ଗୃହିଁ ଭାରତୀ ବଦନ-
ଚନ୍ଦ୍ରରୁ ସୁଧା ବରଷି,
ବଚନ ପୀୟୂଷ ରସେ ପୂରାଇଲେ
ଭୀମଜା-ଶ୍ରୁତି-ସରସି । ୬୯ ।
ଦେଖ କାମରୂପ ଅଧିପ ଅଦେଖା
କାମରୁ ଏ ମନୋହର,
ସୁ ଦୁର୍ଲଭ ତୋର ରୂପ ସମାଦର
ଏକା ଅନୁରୂପ ବର । ୭୦ ।
ଅଦଗ୍ଧ ଶାଯୂକ- ଫଧେ ବନ୍ଧବପୁ
ସମରେ ଯାଙ୍କର ଅଶ,
ଫିଙ୍ଗି ଅଗଷାଣ ଭେଦ ରବବମ୍ବ
ଭବସିନ୍ଧୁ ହୁଏ ପାର । ୭୧ ।

Digitized by srujanika@gmail.com

ଯାଙ୍କ ଭୁଜତାପେ   ଅଗଣିତ ବୈଶ୍ୱନରେ
ପ୍ରବର୍ତ୍ତିଲେ ଗ୍ରୀଷ୍ମକାଳ;
ନ ବାଣ୍ଟଇ ନାକ   ଅରି-ବଧୂ ନେତ୍ର
ଉପୁଲେ ବାସିନ୍ତ ଜଳ ? । ୭୨ ।
ଯାଙ୍କ ଜୈତ୍ରଯାତ୍ରା   ବିଷମ ସମର
ଦେଖିଥିବା କେଉଁ ନର,
ଦେଖି ସେନା ମୁଖେ   ଅଶ୍ୱ-ଖୁରାଘାତେ
ଉତ୍ଥିତ ରଜ-ନିକର ।
ତୀକ୍ଷ୍ଣ ଅସିରେଖେ   ରକ୍ତସ୍ରାବ-ସାନ୍ଦ୍ର
ଅଗଣିତ ବଂଶ ଇନ୍ଧନେ,
ପ୍ରଜ୍ୱଳିତ ଭୁଜ-   ପ୍ରତାପାନଳର
ଧୂମ ନ ମଣିବ ମନେ । ୭୩ ।
ବିରମନ୍ତେ ଦୁଃଖେ   କ୍ଷୀରସିନ୍ଧୁ ଜଳ
ମନ୍ଥି ସାରି ଦେବଗଣ,
ଆଣିମି ସ୍ୱବଳେ   ଯାଙ୍କ ଯଶ ତର୍କି
ବିରଚନ୍ତ ସିଂହାସନ ।
ଅଭିଷେକ ଏବେ   ନ ବହନ୍ତି ଅବା
କେଉଁ ଜନେ ସେ ସୁଯଶେ,
କବିତା ଅମୃତ-   ରସ-ତରଙ୍ଗିଣୀ
ପିପାସୁ କର୍ଣ୍ଣକଳସେ । ୭୪ ।
ରଣେ ଘାତନାଶି-   ବାରତା ଶ୍ରବଣେ
ବିଧୁରି ଅଗଣିତ ଯୋଦ୍ଧା,
ପ୍ରଖର ନଖର   ଟଙ୍କେ (୧) ନ ଲେଖେ କି
ଯାଙ୍କର ଯଶ ପ୍ରଶଂସା ?

(୧) ନଖ ରୂପକ ପାଷାଣ ଭେଦକ ଅସ୍ତ୍ରେ ।

Digitized by srujanika@gmail.com

ଦୁଃଖେ ଅଙ୍କିତ ପାଷାଣ-ପ୍ରତିମ
ନିଜ ନିଜ ବକ୍ଷସ୍ଥଳେ,
ନିର୍ଦ୍ଦୟ ନିର୍ମମ ହେବେ ଘନଘନ
ଦୃଢ଼ କରାଘାତ ଛଳେ ? । ୭୫ ।
ତାମ୍ବୂଳକରଙ୍କ ବାହୁମା ଭଷିଲ
ତାମ୍ବୂଳ ବାଟିକା ଦେଇ.
"ମୁଖଶ୍ରାନ୍ତି ନାଶି ଚଳ ଦେବ ! ଏଠି"
ଦମୟନ୍ତୀ ମନ ନାହିଁ । ୭୬ ।
ଅଙ୍ଗୁଳି ନିର୍ଦ୍ଦେଶି ଭଷିଲେ ଧାରଣୀ
କାମକଳ୍ପ ଯାଙ୍କୁ ଅନା,
ଯାତ ବାଳ-ମୃଗ- ଚଞ୍ଚଳନୟନା
ଶୁଭାଙ୍ଗୀ ସର୍ବ-ରଞ୍ଜନା । ୭୭ ।
ନିଖିଳ ଉତ୍କଳ ରଞ୍ଜନ ଏ ରାଜା
କୁଳେ ସକଳ ଗୁଣେ,
ଅତି ଉତ୍କଣ୍ଠାରେ ବସିଛନ୍ତି ଏବେ
ତୋ ମୁଖଶୋଭା ଦର୍ଶନେ ।
ଗୁଣାନୁରାଗିଣୀ ରୂପାମୃତ ଖଣି
କୁସୁମ-କୋମଳ-ଅଙ୍ଗି !
ଏ ନୃପ-ପୁଙ୍ଗବେ ଚୁମ୍ବୁ ତୋ ନେତ୍ରର
କଟାକ୍ଷ ତରଙ୍ଗ ଭଙ୍ଗୀ । ୭୮ ।
ସକଳ ଯାଚକ କୃତାର୍ଥ ହୁଅନ୍ତି
ଏହାଙ୍କ ଦାନ ବିଭବେ,
କାମଧେନୁ କଳ୍ପ- ପାଦପ ଏ ବେନି
ଯାଚକ ଅଭାବେ ଏବେ ।
ଗୋରସ ସେଚନ, ପଲ୍ଲବ-ଅଶନ
ଅନ୍ୟୋନ୍ୟ ପ୍ରଦାନ କରି,

Digitized by srujanika@gmail.com

ନିଜ ନିଜ ଦାନ   ବ୍ୟସନ ସାଧନ
କରୁଛନ୍ତି ଏହୁପରି । ୭୯ ।
ଚରଣେ ପଡନ୍ତି   ଯେଉଁ ନୃପଗଣେ
ପ୍ରସାଦ ଦୃଷ୍ଟିରେ ଗୃହିଁ,
ତୋଳିଲେ ଆପଣା   ହାତେ ଏ ନୃପତି
କରୁଣା କୃପଣ ନୋହି ।
ଯେ ନୃପଗଣର   ମୁକୁଟ-ଭୂଷଣ
ଯାବଗ-ମଣି କିରଣ,
ଦେଇ ଏ ମଞ୍ଜିମା   ରଞ୍ଜିଅଛି ସିନା
ଯାଙ୍କ ଏ କରଚରଣ । ୮୦ ।
ଯାଙ୍କ ଭୁଜ ତେଜେ   କେବଣ ଦଗରେ
ସ୍ଥିର ନୁହଇ ତପନ,
ଡରି ଦାବାନଳ   ଘନ ବନେ ଯାଇ
ପଶିଛି ଏବେ ଶରଣ ।
ସମ୍ପଚନ୍ତ ଡାହା   ସେହୁ ଦୁହିଁଙ୍କର
ଧୂକ ଏ ବଡ଼ବାନଳେ,
ଡ଼ରେ ଯେଣୁ ଯାଇ   ପଳାଇ ପଶିଛି
ଆପଣା ଅସ୍ତ ଘରେ । ୮୧ ।
ଜୈତ୍ର ଯାତ୍ରାକାଳେ   ଯାଙ୍କ ଚଳଚମୂ-
ମାତଙ୍ଗ କର ଶୀକରେ,
ଆରମ୍ଭ ହୁଅନ୍ତେ   ଶୀତଳ ହେମନ୍ତ-
କାଳ, ଏ ଧରାଧାମରେ ।
ନ କମନ୍ତା କମା   ଅସ୍ତ ଅନ୍ତର
ନୁହନ୍ତା କାହିଁ ମଳିନ,
ଅରି ନାରୀଙ୍କର   ବଦନ କମଳ
ନୁହନ୍ତା କିକ ଦୁର୍ଦ୍ଦିନ ? । ୮୨ ।

Digitized by srujanika@gmail.com

ଗୁଣବନ୍ତ ଏହୁ ନରପତିଙ୍କର
ରଣପଟୁ ବାଣଗଣ,
ଆନ ଅଙ୍ଗ ତେଜି ଶତ୍ରୁ-ସ୍କନ୍ଧ ହୃଦ
ଭେଦନ୍ତି ଅତି ବିଚକ୍ଷଣ ।
ଅହଙ୍କାର କରେ ଅରାତି ହୃଦୟ
ନଇଁ ନ ପଡ଼େ କନ୍ଧର,
ତେଣୁ ମର୍ମଭେଦ ଦଣ୍ଡଦେବା ମାତ୍ର
ଉଚିତ ବିଚାର ତାର ।୮୩।
ଗୌରଗୁଣେ ଅତି ମାନ୍ୟ ଅହଂକୃତ
ଦ୍ରବ୍ୟ ଜାତ-ଜିଗୀଷାରେ,
ଯାଙ୍କ ଭୁଜଯଶ ଚନ୍ଦ୍ରେ କୁମୁଦ
ଗତରେ ନଷ୍ଟଏ ଡ଼ରେ ।
ମଲ୍ଲିକା କୁସୁମ- ମାଳା ଗ୍ରଥିତ ଭଜ
ଚୋର କେଶମାନେ ଲୁଚେ,
ଭୟେ ଥରଥର ଶୀତଳ ମୟୂଖ
ସୁଧାଛଳେ ସ୍ୱେଦ ମୁଞ୍ଚେ ।୮୪।
ଯାଙ୍କ ଗନ୍ଧ-ଗଜ ଦ୍ୱୀପାନ୍ତର ହୋଇ
ଆକଣ୍ଠ ସଲିଳେ ମଜ୍ଜି,
ଦିଗଦନ୍ତି-ଜିଣା- ମଦ ଭଳି ଫେନ-
ପୁଞ୍ଜେ ଧାଣ୍ଡୁରତା ଭଜି ।
ବେଳଦନ୍ତ ପ୍ରତି- ବିମ୍ବେ ଚତୁର୍ଦନ୍ତ
ଐରାବତ ଶୋଭା ଧରେ,
ଭର ଶୀକରମ୍ବ ଦମ୍ଭେ ଅମ୍ଭୋଧିର
ଷଡ ଦାନ-ତାପ ହରେ ।୮୫।
କରିବାକୁ ସ୍ନାନ ମଧୂକ-ମାଳାରେ
ନଳ ନାମ ଜପି ସୁଖେ,

Digitized by srujanika@gmail.com

ଧ୍ୟାନ ନିମୀଳିତ ନେତ୍ରେ ନଳ ରୂପ
ଦେଖି ନିଜ ଅନ୍ତର୍ମୁଖେ ।
ଉଜ୍ଜ୍ୱଳ ଭୂପଙ୍କ ସୁଧା ସୁମଧୁର
ଏ ଅଦ୍ଭୁତ ଗୁଣ ଗାନ,
ହୃଦେ ଆସ୍ୱାଦନ- ପର ଦମୟନ୍ତୀ
ମୁଦିଲେ ମୁଦେ ନୟନ । ୮୬ ।
ସାୟଂକାଳ ଅଧି- ଦେବତା ଭାରତୀ
ଉପାନ୍ତେ ସର୍ବ ମଣ୍ଡନ,
ନୃପମାନଙ୍କର ଗୁଣଗାନ ପାଇଁ
ଭାଷିଲେ ପୁଣି ବଚନ । ୮୭ ।
"ସୁନ୍ଦରି ! ଅପାଙ୍ଗ- ରଙ୍ଗସ୍ଥଳେ ଲାସ୍ୟ-
ଲମ୍ପଟ କଟାକ୍ଷ ଧାରା,
ଖେଳାଅ ମଗଧ- ନରପତିଙ୍କର
ହେଉ ସେ ନୟନ-ତାରା । ୮୮ ।
କଳଙ୍କ କପଟେ ଅଗ୍ରତ ବଦନେ
ସୁଧାକର-ମଣ୍ଡଳରେ,
ଲିଭଇ ଅନ୍ଧାର ମଗଧ ନୃପଙ୍କ
ସୁଯଶ-ଚନ୍ଦ୍ରିକା ତରେ । ୮୯ ।
ଯାଙ୍କ ଅର୍ଥିଗଣେ ବର୍ଜିତ ମଣିରେ
ବର୍ଦ୍ଧିତ ରୋହଣ ଗିରି,
ରୋଧିବ ଆକାଶ, ବିଫଳ ଅଗସ୍ତି-
ଚେଷ୍ଟା ବନ୍ଧ୍ୟବୃଦ୍ଧି ବାରି । ୯୦ ।
ପରାକ୍ରମ ଫଳେ ଉପାର୍ଜିତ ଏହ
ଭୂମି-ବାସବଙ୍କ ଯଶେ,
ଦନ୍ତିଦନ୍ତ-ଧବ- ଳିମା ମ୍ଲାନ ଭଜେ
କବି-କଳ୍ପନା ନ ପଶେ ।

Digitized by srujanika@gmail.com

ଅନ ନୃପ-ଯଶ ପାରଦ ଲେପନେ
ରଜତ ସୁବର୍ଣ୍ଣ ଗିରି,
ଯାଙ୍କ ତେଜୋବହ୍ନି ତାପେ ତାଡ ଅପେ
ଧରଇ ସୁବର୍ଣ୍ଣ ଶିରୀ । ୯୧ ।
ରୁଧିର ବରଷା କରେଣି ସହସା
ସନ୍ଧ୍ୟା ହେଲା ମନେ ଭ୍ରାନ୍ତି;
ସେ କାଳ ବହୁତ ଦଗ୍‌ଦାହ-ସମ୍ଭୂତ
ଭସ୍ମେ କଳ ତନୁ ବୋଳି ।
ପ୍ରଚଣ୍ଡ ତାଣ୍ଡବ ନୃତ୍ୟ ରତେ ତହିଁ
କ୍ଷିତିମୟୀ ରୁଦ୍ରମୂର୍ତ୍ତି,
ଲଭେ ଯେଉଁ ରାଜ୍ୟ ଏ ମଣ୍ଡ-ବାସବ
ବିପୁଳ ସେନା ସଙ୍ଗତି । ୯୨ ।
କାନ୍ତ କୋପୁଁ, ବହୁ ଟିକଏ ଲଗାଇ
କର୍ମିଣି ଜଗତ ସାରା,
ମୃଗେନ୍ଦୁ ପର୍ଯ୍ୟନ୍ତ ଯାଙ୍କ ବପୁ ଗନ୍ଧୁ
ଗନ୍ଧୁଁ ତା' ନିଃଶେଷ ହେଲା ।
ସୁଖଲଭ୍ୟ ତହୁଁ ହେଲା ଅନ୍ଧକାର
ସରିବାରୁ ଦ୍ୟୁତ-କୋଷ,
ସେ ଅନ୍ଧାରେ ବହୁ କର୍ମିଣିକା କଳେ
ଶେଷେ ଯାଙ୍କ ବେଶପାଶ । ୯୩ ।
ଦଗ୍‌ବିଜୟେ ଯାଙ୍କ ତୁରଗ ଖୁରରେ
ଉତ୍‌ଥିତ ଧୂଳି ପଟଳ,
ନିର୍ବାପିତ ଅରି ପ୍ରତାପ ଅନଳ
ସଦୃଶ ସୃଜେ ଅନ୍ଧାର ।
ଯାଙ୍କର ବିମଳ କୀର୍ତ୍ତି ସୁଧାକରେ
ସମାବୃତ ହୋଇ ରଣେ,

Digitized by srujanika@gmail.com

ଭୟେ ଭୂମି ଗ୍ରସ୍ୱା- ମାସ୍ତା ଧରେ ଗଣ୍ଡ
ଜଣା ତା' ଗଣକ ଗଣେ । ୯୪ ।
ମୁଗର-ଉଦର- ଦଗ୍ଧରେ ନିଗେକେ ପୀଙ୍କ
ବିପୁଳ ଯଟ ସ୍ୟାଙ୍କର,
ନ ସମ୍ଭାଇ ନାଭି- ପଦ୍ମ ବ୍ୟାକେ ଗକେ
ଦନ୍ତିଦନ୍ତ କାନ୍ତି-ହର । ୯୫ ।
ସ୍ୱ କୋଷ ଲବନ୍ତ ବନିର୍ଗତ ସ୍ୟାଙ୍କ
ଅସି କୃଷ୍ଣ ଭୁଜଙ୍ଗର,
ପ୍ରକଟ କୁଟିଳ- ଗୁଲ ଦେଖି କେଉଁ
ଅଗତ ନୃପପ୍ରବର ।
*ଅଙ୍ଗୁଳ-ଔଷଧି- ଲତା ମୁଖେ ନହୁ
ଧରି ଜାଙ୍ଗୁଳିକ ସ୍ୱତ,
ପ୍ରାଣ ରକ୍ଷିବାକୁ ନ ଇଚ୍ଛଇ ଅବା
ରଣସ୍ଥଳେ ଭଜ ଖ୍ୟାତ । ୯୬ ।
ଧରି କୁଟିଳତା କରି ଘୋରଧ୍ୱନି
ପୃଷ୍ଠ ଯେ ଦଅଇ ରଣେ,
ତା ଲଗି ସେ ଭଳ ଗୃପ-ଗୁଣଗ୍ରାହ୍ମି
ଏ ଏକା ଗ୍ରାହକପଣେ । ୯୭ ।
ସ୍ୟାଙ୍କ ଅରକୁଳ ସାୟକ ନକର
ପଶିଲେ ବିଷମ ରଣେ,

* ମୁଖ-ନହୁତ ଔଷଧ ଗାରୁଡ଼ିଙ୍କକୁ ସର୍ପଦଂଶନ ନ କଲା ପରି ପ୍ରଣତ ଶତ୍ରୁକୁ ଏ ବାଧନ୍ତି ନାହିଁ ।
୯୭ । ଯେଉଁ ଗୃପ ସେ ଶତ୍ରୁପର ଯୁଦ୍ଧରେ ପୃଷ୍ଠ ଦଏ, କୁଟିଳତା ଧରେ ଏବଂ ଘୋର ଧ୍ୱନି କରେ, ସେ ଗୃପର ଗୁଣକୁ ଏ ପଳାତକ ଶତ୍ରୁର ଧନୁଦ୍ଧରେ ଗ୍ରହଣ କରିବାରେ ସ୍ୟାଙ୍କର ଗୁଣଗ୍ରାହକତା । ଏହାହିଁ ଫଳତାର୍ଥ ।

Digitized by srujanika@gmail.com

ସାମୁଜ୍ୟ ସିଦ୍ଧିର ଅବା ଗାଯକମ୍ପ
ନା ଭଜଇ ହେଲେ କ୍ଷଣେ ।
ଅପୁନରାବୃତ୍ତି ଦୁହିଁଙ୍କର ଗତି
ଉଭୟେ ମୋକ୍ଷର ସ୍ଥାନ,
ଏତିକ ବଚନ ଏକ ଭେଦେ ମିତ୍ର (୧)
ଅମିତ୍ର ଭେଦଇ ଆନ । ୯୮ ।
ଖୁରୁ ରବେ ଦିଗ ପୂରଇ, ଧୂଳିରେ
ରୁନ୍ଧ ରଣେ ସୁରଲୋକ,
ବେଗେ ପବନକୁ ଖଞ୍ଜି କରି, ଗୁଣେ
ସ୍ତାବକଙ୍କୁ କରି ମୂକ,
ଅଖିଳ ଜଗତେ ଧର୍ମ ଅବତାର
ଏ ନୃପଙ୍କୁ ପୃଷ୍ଠେ ଧରେ;
ଗୋ (୨) ଜ୍ଞାନେ ଧରାକୁ ଖୁରରେ ନ ଛୁଇଁ
ଯାଙ୍କ ଅଶ୍ୱ ଶୂନ୍ୟେ ଚଳେ । ୯୯ ।
ଦ୍ରୁତଗତି ଯାଙ୍କ ଅଶ୍ୱ ଖୁରାଘାତେ
ଧୂମ ଧୂମ୍ର ଧୂଳିରାଶି,
ଉଠି ଧରାତଳୁଁ କୁଞ୍ଚିତ ଗତିରେ
ଗଗନେ ବୁଲଇ ଭାସି ।
ରଣରଙ୍ଗେ ଯାଙ୍କ ଶରେ ଛିନ୍ନ ରୁଣ୍ଡ
କବନ୍ଧ-ନୃତ୍ୟଦର୍ଶନ,

---

(୧) ସୂର୍ଯ୍ୟ; ଶତ୍ରୁ ସଂସାରରୁ ଏବଂ ବାଣ ଚାପରୁ ମୁକ୍ତିଲାଭ କରେ । ଉଭୟଙ୍କର ପୁନରାବୃତ୍ତି ନାହିଁ (ଅର୍ଥାତ୍ ଉଭୟେ ଫେରନ୍ତି ନାହିଁ ।) ତେବେ ବୀର ସୂର୍ଯ୍ୟମଣ୍ଡଳ ଭେଦ କରିଯାଏ ଏବଂ ବାଣ ଶତ୍ରୁକୁ ଭେଦେ, ଏହାହିଁ ପ୍ରଭେଦ ।

(୨) ଭୂମି । (ଗୋରୁ, ବ୍ରାହ୍ମଣ, ଅଗ୍ନି ଓ ଭୂମି ଏମାନଙ୍କୁ ପାଦରେ ଛୁଇଁବା ଶାସ୍ତ୍ର ନିଷିଦ୍ଧ) ।

Digitized by srujanika@gmail.com

କରି ନ ପାରନ୍ତି ଦର୍ଶିକମଣ୍ଡଳୀ
ଅନ୍ଧାରେ ମେଲି ନୟନ । ୧୦୦ ।
ଲୀଳା ଉନ୍ମୀଳିତ ମାଳୋତ୍ପଳ ଦଳ
ଦଳରେ ଆମୋଦେ ଭରି,
ଫୋଲେ କ୍ରୀଡ଼ାରତ ପକ୍ଷୀ ପକ୍ଷବାତେ
ଜାତ ତରଙ୍ଗେ ମୁଖରି ।
ତୀର-ତରୁବନ କରିତ ପଲ୍ଲବେ
ଘୋର ପଥଶ୍ରାନ୍ତି ନାଶି,
ପଥିକ-ନୟନ ପ୍ରୀତି ସଂପାଦଇ
ଯାଙ୍କ ଖୋଦିତ ସରସୀ । ୧୦୧ ।
ବୟସ (୧) ଦଦ୍ଧଳ- ଚଳହଂସାବଳୀ
ପଳିତେ (୨) ପାଣ୍ଡୁର ଅଙ୍ଗ,
ବୃଦ୍ଧ ବାରିଧି ସେ ବିଶାଳ ସରସେ
(୩) ତରଙ୍ଗ ବଳି ବିଭଙ୍ଗ ।
ବିକଚ ଚନ୍ଦ୍ରିକା- ଯୁକ୍ତ ଜଳ ଶିର
ଯଷ୍ଟି କଳାତ (୪) ସେ ସରେ,
ପ୍ରଣତ ବନ୍ଦନ୍ତି ଧର୍ମପ୍ରାଣ ଜନେ
ପୂତ ସ୍ନାନବିଧି ଛଳେ । ୧୦୨ ।
ବାଳେ ! ସେ ତଡ଼ାଗେ ଏ ଯୁବାଙ୍କ ସଙ୍ଗେ
ରଙ୍ଗେ ଜଳକେଳି କରି,
ନୀଳ ଇନ୍ଦୀବର- ବୃନ୍ଦେ ନିନ୍ଦାକରୁ
ନେତ୍ର ପ୍ରତିବିମ୍ବ ତାରି ।

---

(୧) ବହୁପକ୍ଷୀ ଯୁକ୍ତ; ପକ୍ଷେ ବର୍ଷୀୟାନ ।
(୨) ଜରା ଜନିତ ଶୁକ୍ଳତା ।
(୩) ବିକଶିତ ଚନ୍ଦ୍ର କିରଣ ଯୁକ୍ତ, ପକ୍ଷେ କେଶହୀନ ଚନ୍ଦ୍ରାଯୁକ୍ତ ମୁଣ୍ଡ ।
(୪) ଯଷ୍ଟି (ପ୍ରଣାଳୀଦଣ୍ଡ ବା ସ୍ତମ୍ଭ) ।

Digitized by srujanika@gmail.com

ତୋର ତନୁକାନ୍ତି ବରିଜ ସେପରେ
ସକଳ ଦେବତା ବ୍ୟାଜେ,
ତହିଁ ତୋ ମୁଖର ଅଭିଷେକ ହେଉ
ପ୍ରଫୁଲ୍ଲ ପଙ୍କଜ ରାଜ୍ୟ । ୧୦୩ ।
ଏହାଙ୍କର ଯଶ- ବଳାପେ କ୍ଷାଳିତ
ଦିଗ୍‌ଲୋକୁଁ ତାଡ଼ନ୍ତ ହୋଇ,
ଶ୍ୟାମଚନ୍ଦ୍ର-କାନ୍ତି ସ୍ଥବିର ଲୋକଙ୍କ
କଥାରେ ରହିଲେ ଯାଇ ।
ଖ୍ୟାତ ପରବଶ ଅପକୀର୍ତ୍ତି ସ୍ଥିତି
ଯାଙ୍କକୀର୍ତ୍ତି କଥା ପଥେ,
ପଥିକ ହେବାକୁ ଭରସି ନ ପାରି
ନ ରସିଲେ ମନୋରଥେ । ୧୦୪ ।
ଜାଣି ସଖୀ ଭଣେ ଯାଙ୍କ ଅପକୀର୍ତ୍ତି
ନ ଇଚ୍ଛନ୍ତି ଯେବେ ବେଧୁ,
ସପ୍ତକଣ୍ଠପୂର ତମାଳ-ବଲ୍ଲୀପ
ଭବ ନବାରେ (୧) ଇଚ୍ଛଇ । ୧୦୫ ।
ପରାର୍ଦ୍ଧରୁ * ଊର୍ଦ୍ଧ୍ୱ ସଂଖ୍ୟାରେ ବଲକ୍ଷ୍ୟ
ପ୍ରଜ୍ଞାଚକ୍ଷୁ ପ୍ରେକ୍ଷମାଣ,
ଅନ୍ଧାର ଭଳି ଏ କ୍ଷୌଣି-ପତିଙ୍କର
ଅପଯଶ ଗାଥାମାନ ।
ବନ୍ଧ୍ୟାସୁତ ମୂକ- ମାନଙ୍କ ମୁଖରେ
ଶମ୍ଭୁଙ୍କ ଅଷ୍ଟମ ସ୍ୱରେ,
ଗୀତ ହୁଏ ଏବେ କୂର୍ମନାରୀ କ୍ଷୀର-
ମୟ ପାରାବାରର ପାରେ । ୧୦୬ ।

---

(୧) ନବାରେ (ନେବାରେ) ଇଚ୍ଛଇ, ପକ୍ଷେ ବାରେ ନ ଇଚ୍ଛଇ ।

* ମୁଁ ଯାଙ୍କର ଅପକୀର୍ତ୍ତି, ସଭାକୁ ଶୁଣାଇବାକୁ ଚାହେଁ ।
ଯାଙ୍କର ଲେଶମାତ୍ର ଅକୀର୍ତ୍ତି ନାହିଁ ଏହାହିଁ ଫଳିତାର୍ଥ ।

Digitized by srujanika@gmail.com

ଏ ବାଣୀ ଶ୍ରବଣେ ବିସ୍ମୟ ଜନିତ
ସ୍ମିତେ ସୁନ୍ଦର ବଦନା,
ସଭିଙ୍କୁ ନୟନ ମୁଖେ ପାନକରି
ଭୀମ ନରେନ୍ଦ୍ର ନନ୍ଦନା ।
ହସିଲେ କି ନାହିଁ ମଗଧ ନୃପତି
ଏ କଥା ଜାଣିବା ପାଇଁ,
ଚାହାନ୍ତେ ସେ କାଳେ ତାଙ୍କ ନେତ୍ରଯୁଥେ
ପଡ଼ିଲେ ହସ ନିରସାଇଁ । ୧୦୭ ।
ନଳୁଁ ଆନେ ଚାହିଁ ଅପରାଧୀ ହେଲା
ଭୀମସୁତା କଳାତୋଳା (୧)
ଶୁଚି ରକ୍ତ (୨) କାନ୍ତ ଅପାଙ୍ଗ ଭଙ୍ଗିତେ
ସତେ ନଳ ସେବା କଲା । ୧୦୮ ।
ଯଦରି ଅନଙ୍ଗ (୩) କରେ ନଳଚକ୍ଷ
ଚନ୍ଦ୍ର ଛଳେ ବକ୍ରଧନୁ,
ଆକର୍ଣ୍ଣ (୪) ଆକୃଷ୍ଟ ନଳ ନେତ୍ର-ଶରେ
ପୀଡ଼ିଲା ଭୀମଜା ତନୁ । ୧୦୯ ।

---

(୧) ଭୈମୀ କଳାତୋଳା ଅନ୍ୟ ନୃପଙ୍କୁ ଚାହିଁ ଅନ୍ୟାୟ କଲା (ମଲ୍ଲିନାଥର କାର୍ଯ୍ୟ ମଳିନ) ।

(୨) ଶ୍ୱେତରକ୍ତ ବା ଶୁଦ୍ଧାନୁରକ୍ତ ଅପାଙ୍ଗ ଦୃଷ୍ଟିପଥରେ ନଳଙ୍କର ସେବା (ଅନୁରଞ୍ଜନ) କରି ସାଧୁକାର୍ଯ୍ୟ କଲା । ସତୀ ବଚନର କାରଣ ଅନୁସନ୍ଧାନ ପାଇଁ ଦମୟନ୍ତୀଙ୍କର ଋଜୁ ଚାହାଣୀ ନିର୍ଦ୍ଦୋଷ ।

(୩) ଅଶରୀରୀ କାମ ।

(୪) ଅତି ଆୟତ, ପକ୍ଷେ କର୍ଣ୍ଣ ପର୍ଯ୍ୟନ୍ତ ଟଣା ହୋଇଥିବା (ନଳ ମାନୁଷଗରେ ଦମୟନ୍ତୀଙ୍କୁ ଚାହିଁଲେ ଏହା ଫଳିତାର୍ଥ) ପର ଆୟୁଧରେ ପରକୁ ପୀଡ଼ା ଦେବା ବିଷୟରେ ପଟୁତା ଯୋଦ୍ଧାର ବିଶେଷତ୍ୱ ।

Digitized by srujanika@gmail.com

ଅନୁରାଗ ମିଶା ଆମୋଦ ସମ୍ଭାରେ (୧)
ଦେଲା ବପୁ ଅତିଗୌରି (୨)
ବିଳାସ ବିକୋଳ ପତ୍ରାବଳୀ ଛଳେ
କଣ୍ଟକିତ ତନୁ ଧରି ।
ବର୍ଜନ ଜନିତ ରୋଷେ ସମାଗତ
ଧୂବର୍ଣ୍ଣ କେତକୀ ସରି,
ଛଦ୍ମ ହେତୁ କାମ ବଶୁରି ନଳଙ୍କୁ
ସେବିଲା କି ସୁକୁମାରୀ । ୧୧୦ ।
ସତ୍ୟନଳେ ଚୂହିଁ ବୁଡ଼ି ଦମୟନ୍ତୀ
ଆନନ୍ଦ ସାଗର ଜଳେ,
ତା' ତଳ ଭୂଷଣ ନାଗକନ୍ୟା ଭ୍ରମ
ଜନନେତ୍ରେ ଆଣିଦେଲେ ।
ତହିଁ ତାଙ୍କ ପାଶେ ଥିଲେ ଚୂରଦେବେ
ମିଥ୍ୟା ନଳ ରୂପ ଧରି,
ଉଦାସ ନୟନେ ଥରେ ସେମାନଙ୍କୁ
ନ ଚୂହିଁଲେ କୃଶୋଦରୀ । ୧୧୧ ।
ମାନସ ସଙ୍କଳ୍ପ ସେ ବାଳା-ରତନେ
ପ୍ରୀତିପୂର୍ଣ୍ଣ ନେତ୍ରେ ଚୂହିଁ,
ଅମର ଦୁର୍ଲ୍ଲଭ ଉତ୍ତରଙ୍ଗ ଦୃଷ୍ଟି
ଇଷ୍ଟ ବନ୍ଧୁ ରୂପେ ପାଇ ।
ସୁଧାସାରେ ଦଗ୍ଧ କାମବାଣେ ବିଦ୍ଧ
ଆନନ୍ଦରେ ଅନ୍ଧ ଭଳି,

(୩) ସୁବାସ, ପକ୍ଷେ ଆନନ୍ଦ ।
(୪) ଗୌରୀଙ୍କୁ ଅତିକ୍ରମ କରି ଅତିଗୌରୀ, ପକ୍ଷେ ଅତି ଗୌରବର୍ଣ୍ଣା। ବିଶେଷଣଗୁଡ଼ିକ ଦମୟନ୍ତୀ ଓ କେତକୀ, ଉଭୟ ପକ୍ଷେ ପ୍ରଯୁଜ୍ୟ । ଶିବଙ୍କର କେତକୀ ବର୍ଜ୍ଜନ ପୁରାଣ ପ୍ରସିଦ୍ଧ ।

Digitized by srujanika@gmail.com

ନୃପ, ନୃପଜାର କୃପା କଟାକ୍ଷରେ
ଛଟା ନ ପାରିଲେ କଳା । ୧୧୨ ।
କତରାଜ ରାଜ ମୁକୁଟ ଭୂଷଣ
ଶ୍ରୀମ୍ନାର ସାହାର ପିତା,
ସାଗର ସମାନ କରୁଣା ଯାହାର
ମାନଙ୍କ ଦେବୀ ଯା' ମାତା ।
ରଚିଲେ ଶ୍ରୀହର୍ଷ ଜନମ ବତ୍ସଳ
କବିକୁଳ ଚୂଡ଼ାମଣି,
ଗୁଜଗଣ ରୂପ- ବର୍ଣ୍ଣନା ଦ୍ୱାଦଶ
ଗ୍ରନ୍ଥ ଏ ପୀୟୂଷ ଖଣି । ୧୧୩ ।

Digitized by srujanika@gmail.com

ତ୍ରୟୋଦଶ ସର୍ଗ

ନନ୍ଦନକାନନ- ତରୁ ସମାଜରୁ
ଆଶ୍ରିତ ମଧୁପମାଳ,
ଫିଟାଇ କୁଶଳେ କଳ୍ପଦ୍ରୁମ ଘ୍ରାଣେ
ନେଲପରି ପରିମଳ (୧)
ଗଜ ସମାଜରୁ ଗଜନନ୍ଦନକୁ
ଘେନିଗଲେ ଯାନ(୨)ମାନେ,
ନଳରୂପ-ଧର ପଞ୍ଚ ନୃପବର
ବସିଥିଲେ ଯେଉଁ ସ୍ଥାନେ । ୧ ।
ନିଖିଳ ଜଗତ- ଜନଙ୍କ ଚରିତ
ନାଚେ ଯା’ ନୟନ ପଥେ,
କହି ଆରମ୍ଭିଲେ ସେ ଦେବୀ ଭାରତୀ
ଲକ୍ଷ୍ୟ କରି ସୁରନାଥେ ।
ଜଣା ନ ପଡ଼ିବେ ନର ସମାଜରେ
ଯେ ଭଳି ଅମରସାଇଁ,
ଯେପରି ତାଙ୍କର ମାୟା ନଳରୂପ
ପ୍ରକାଶ ପାଇବ ନାହିଁ । ୨ ।

(୧) ବିମର୍ଦ୍ଦ ଜନିତ ଗନ୍ଧ ବିଶେଷ ।
(୨) ଯାନ-ବାହକମାନେ ।

Digitized by srujanika@gmail.com

ବରବର୍ଣ୍ଣିନ ! ଏ ବୀରସେନ (୧) ପ୍ରିୟ
ଅଚିନ୍ତ୍ୟ ବଳ ଦଳନ (୨)
ଗଜାନନ (୩) ଦାନ- ବାର (୪) ବାସେ (୫) ଯାଙ୍କ
ସେନାସୁରଶ୍ରୀ (୬) ସଦନ । ୩ ।
(୭) ଶୁଭ୍ରାଂଶୁ ସଙ୍କାଶ ହାସ (୮) ହାରଗଣେ (୯)
ପୟୋଧର (୧୦) ଅନ୍ତରାଳେ,

---

(୧) ବୀର ସେନା ପ୍ରିୟ ଯାହାଙ୍କର ଅର୍ଥାତ୍ ଇନ୍ଦ୍ର । ପକ୍ଷେ ବୀରସେନଙ୍କର ପ୍ରିୟ (ପ୍ରିୟପୁତ୍ର) ନଳ ।
(୨) ବଳ ନାମକ ଅସୁରର ଦଳନକର୍ତ୍ତା । ପକ୍ଷେ ବିପକ୍ଷ ବଳର ଦଳନକର୍ତ୍ତା ।
(୩) ଗଣେଶ, ପକ୍ଷେ ଗଜମୁଖ ।
(୪) ଦାନବ+ଅର (ବଜ୍ର), ପକ୍ଷେ ମଦଜଳ ।
(୫) ବାସ କରିବାରୁ, ପକ୍ଷେ ସୁବାସରେ ।
(୬) ସେନା+ଅସୁରଭୀସଦନ (ଅସୁରମାନଙ୍କର ଭୟସ୍ଥାନ) । ପକ୍ଷେ ସେନା+ସୁରଭି ସଦନ (ସୁବାସର ସ୍ଥାନ) ।
(୭) ଚନ୍ଦ୍ର । ପକ୍ଷେ ଉଜ୍ଜ୍ୱଳ ।
(୮) ହର ପୁତ୍ର (କାର୍ତ୍ତିକେୟ) ପକ୍ଷେ ମନୋହର
(୯) ହର ସମ୍ବନ୍ଧୀୟ (ଶିବଗଣ), ମାଳସମୂହରେ ।
(୧୦) ମେଘ ପକ୍ଷେ, ସ୍ତନ ।

ଇନ୍ଦ୍ର ପକ୍ଷେ ଏ ବୀର ସେନାପ୍ରିୟ, ବଳ ନାମକ ଅସୁରର ଦମନ କର୍ତ୍ତା । ଗଜାନନ (ଗଣେଶ) ଦାନବାର (ବଜ୍ର) ଯାଙ୍କ ସେନା ମଧ୍ୟରେ ବାସ କରୁଥିବାରୁ, ଏ ଇନ୍ଦ୍ରଙ୍କର ସେନା ଅସୁର ମାନଙ୍କର ଭୟର ସ୍ଥାନ ହୋଇଅଛି ।

ନଳପକ୍ଷେ ଏ ବୀରସେନଙ୍କରପୁତ୍ର, ବିପକ୍ଷ ବଳର ଦଳନ କର୍ତ୍ତା, ଗଜଗଣ୍ଡ ନିଃସୃତ ମଦଜଳର ସୁବାସରେ ଯାଙ୍କ ସେନା ସୁରଭିସଦନ (ସୁବାସିତ) ହୋଇଅଛି । "ତନ୍ନେପେ ପୂର୍ବସ୍ୟ ବାର୍ଦ୍ଧୋଽଣଃ"

Digitized by srujanika@gmail.com

ଗୃହ୍ଣ ଇନ୍ଦ୍ରଚାପ ସୁଷମା ଖେଳାଇ
ଦ୍ୟୁମଣି (୧) ପ୍ରଭ ପଟଳେ ।
ରୁଚିର (୨) ଚାମର- ବାହିନୀ ଯାଙ୍କର
ବହୁଳଭ (୩) ରଣାଞ୍ଚିତ,
ସମିତିରେ (୪) ଧ୍ୱନି ଶୋଭାଯାତ୍ରା କାଳେ
ଅହରହ ଅନୁଗତ । ୪ ।
ବହୁ (୫) ମହୀଭୃତ ଜିଷ୍ଣୁ ଯା ଅଟନ୍ତି
ଅପବ୍ୟପାୟ (୬) ଏ ରଣେ,

---

(୧) ସୂର୍ଯ୍ୟ, ଉଭୟଙ୍କ ସମାନ ।
(୨) ରୁଚ (ଦୀପ୍ତି) + ଇର (ଗଢ଼ା) + ଅମରବାହିନୀ (ଦେବସେନା) ଅର୍ଥାତ୍ ଦୀପ୍ତିମତୀ ସୁରସେନା, ପକ୍ଷେ ରୁଚିର (ସୁନ୍ଦର) + ଚାମର ବାହିନୀ (ଚାମର ଧାରଣୀ) ମାନେ
(୩) ବହୁଲଭ = ଲଭଜନକ + ରଣାଞ୍ଚିତ (ଯୁଦ୍ଧରେ ପୂଜିତ), ପକ୍ଷେ ବହୁଳ (ପ୍ରଚୁର) + ଆଭରଣାଞ୍ଚିତ (ଅଳଙ୍କାର ମଣ୍ଡିତ)
(୪) ଯୁଦ୍ଧରେ, ପକ୍ଷେ ସଭାରେ ।
(୫) ପର୍ବତ, ପକ୍ଷେ ରାଜା ।
(୬) ଅ (ଅବିଦ୍ୟମାନ) + ପବି (ବଜ୍ର) + ଅପାୟ (ନାଶ) ଯାହାର ଅର୍ଥାତ୍ ସଦା ବଜ୍ରହସ୍ତ ଇନ୍ଦ୍ର । ପକ୍ଷେ ଅପ (ଅପଗତ) + ବ୍ୟପାୟ (ଉଦ୍ୟମ ହୀନତା) ଯାହାର ଅର୍ଥାତ୍ ସର୍ବଦା ଉଦ୍ୟମଶୀଳ ନଳ ।

ଇନ୍ଦ୍ର ପକ୍ଷେ ତ୍ରିଲୋକ ବିଜୟ ଜନିତ ବହୁ ଲାଭଜନକ ଯୁଦ୍ଧରେ ପ୍ରଶଂସିତ, ଚନ୍ଦ୍ର, କାର୍ତ୍ତିକେୟ ଆଦି ଶିବଗଣରେ ଯୁକ୍ତ, ଦୀପ୍ତିମତୀ ଇନ୍ଦ୍ରସେନା ସୂର୍ଯ୍ୟତେଜରେ ମେଘ ଦେହରେ ଇନ୍ଦ୍ରଧନୁ ଶୋଭା ଖେଳାଇ ଯୁଦ୍ଧରେ ଏବଂ ଶୋଭାଯାତ୍ରାରେ ସର୍ବଦା ଯାଙ୍କର ଅନୁଗତ ଥାନ୍ତି ।

ନଳପକ୍ଷେ:— ବହୁ ଅଳଙ୍କାର ମଣ୍ଡିତ ଯାଙ୍କର ଚାମର ବାହିନୀ-ଗଣ, ଉଜ୍ଜ୍ୱଳ ସୁନ୍ଦର ହାର ମାନଙ୍କରେ ନିପତିତ ସୂର୍ଯ୍ୟ ତେଜ ଦ୍ୱାରା, ସ୍ତନ ଅନ୍ତରାଳରେ (ବକ୍ଷ ସ୍ଥଳରେ) ଇନ୍ଦ୍ରଧନୁ ସଦୃଶ ନାନାରଙ୍ଗକାନ୍ତି ଖେଳାଇ, ସଭାରେ ଏବଂ ଶୋଭାଯାତ୍ରାରେ ଯାଙ୍କର ଅନୁଗତ ଥାନ୍ତି ।

Digitized by srujanika@gmail.com

କର-କୁମ୍ଭସ୍ତନା ଯାଙ୍କୁ (୧) ବହୁନେତ୍ର
ମଘବନ୍ତ (୨) କେ ନ ଜାଣେ ? । ୫ ।
ବଳାଦ (୩) ସମୃଦ୍ଧ ରାଜ୍ୟ ଭୋଗ ପ୍ରାଜ୍ୟ (୪)
ପିଶୁନ (୫) ଲେଖା (୬) ଲକ୍ଷଣ,
ଯାଙ୍କ କର ଧରି ସୁଖେ ଶଚୀପତି
ହରି (୭) ସଙ୍ଗେ ହୋଇ ଦନ । ୭ ।

---

(୧) ବହୁନେତ୍ର (ଚକ୍ଷୁ) ଯାହାର ଅର୍ଥାତ୍ ସହସ୍ର ନେତ୍ର, ପକ୍ଷେ ବହୁ-ଲୋକଙ୍କର ନେତ୍ର (ନୟନ୍ତା) ବା ପାର୍ଥନେତ୍ର ।
(୨) ଇନ୍ଦ୍ର, ପକ୍ଷେ - ମଘ (ସୁଖ ବା ପୂଜା) ଅଛୁ ଯାହାର ଅର୍ଥାତ୍ ସୁଖୀ ବା ପୂଜ୍ୟ ।
ଇନ୍ଦ୍ରପକ୍ଷେ :— ଏ ସହସ୍ର ନେତ୍ର ବଜ୍ରଧର ଇନ୍ଦ୍ର, ବହୁ ପର୍ବତର ପକ୍ଷ-ଚ୍ଛେଦନ କରିଅଛନ୍ତି ।
ନଳପକ୍ଷେ :— ବହୁ ଲୋକଙ୍କର ନୟନ୍ତା, ପୂଜ୍ୟ, ପ୍ରାତଃସ୍ମରଣୀୟ ଉଦ୍ୟମଶୀଳ ଏ ନଳ, ଯୁଦ୍ଧରେ ଅନେକ ରାଜାଙ୍କୁ ଜିଣିଅଛନ୍ତି ।
(୩) ବଳ ପ୍ରଭୃତି ଅସୁରମାନଙ୍କର ପକ୍ଷେ :—ମନ୍ତ୍ରୀ, ଦଣ୍ଡ, କୋଷ, ବଳ, ପ୍ରଭୃତି ରାଜ୍ୟାଙ୍ଗରେ ।
(୪) ପ୍ରଚୁର ଉଭୟ ପକ୍ଷେ ସମାନ ।
(୫) ପିଶୁନ ପ୍ରକାଶକ; ପକ୍ଷେ :— ସୂଚକ ।
(୬) ଦେବତା; ପକ୍ଷେ :— ରେଖା ।
(୭) ଇନ୍ଦ୍ର ।

ଇନ୍ଦ୍ରପକ୍ଷେ :— ବଳ ପ୍ରଭୃତି ଅସୁରମାନଙ୍କର ସମୃଦ୍ଧିଶାଳୀ ପ୍ରଚୁର ରାଜ୍ୟ ଭୋଗ, ପିଶୁନ (ପ୍ରକାଶକ) ଲେଖା (ଦେବତା) ଲକ୍ଷଣ (ଚିହ୍ନ)+ଯୁକ୍ତ ଇନ୍ଦ୍ର, ଏ ।

ନଳପକ୍ଷେ :— ବଳ ପ୍ରଭୃତି ରାଜ୍ୟାଙ୍ଗ ଦ୍ୱାରା ସମୃଦ୍ଧିଶାଳୀ ପ୍ରଚୁର ରାଜ୍ୟର ଉପଭୋଗ ସୂଚକ, ଲେଖା (ରେଖା) ପ୍ରଭୃତି ସାମୁଦ୍ରିକ ଲକ୍ଷଣ ଯୁକ୍ତ ନଳ ଏ ।

Digitized by srujanika@gmail.com

ଆଖଣ୍ଡଳେ (୧) ନଳେ ତୁଲ୍ୟ ରୂପ ବାଣୀ
ଶୁଣି ନ ବାରି ସୁଦତୀ,
ରୂପସାମ୍ୟ ସିଦ୍ଧି- ବର୍ଣ୍ଣ ନ ଚହ୍ନିଲେ
କରେ ତାଙ୍କୁ ନେବା ତଥି । ୭ ।

ଆଖଣ୍ଡଳ କି, ଏ ନିଷଧ-ନୃପତି
ନ ଜାଣି ଚଞ୍ଚଳମତି,
ଭୀମଜାକୁ ଜାଣି ଅନଳେ ଅନାଇଁ
ଭର୍ତ୍ସିଲେ ଦେବୀ ଭାରତୀ । ୮ ।

ପ୍ରତାପନିଧି (୨) ଏ ସଦା ଉର୍ଦ୍ଧ୍ୱଗତି (୩)
ଧନଞ୍ଜୟ (୪) ଯାଙ୍କ ଖ୍ୟାତି,
ଶୁଚି (୫) ଏଥୁ, ନାହିଁ ଆନର ଏପରି
ଭାସ୍ୱର (୬) ରୂପ ସମ୍ପତ୍ତି । ୯ ।

---

(୧) ଇନ୍ଦ୍ରଙ୍କ ଠାରେ ।
(୨) ଅଧିକ ତାପର ସ୍ଥାନ, ପକ୍ଷେ ପ୍ରବଳ ପ୍ରତାପୀ ।
(୩) ଉର୍ଦ୍ଧ୍ୱଶିଖ, ପକ୍ଷେ ଉନ୍ନତଶୀଳ ।
(୪) ନାମଧେୟ; ଧନକୁ ଯେ ଜିଣି ଆଣିଛି ।
(୫) ପବିତ୍ର । ଅଗ୍ନିରେ ପୋଡ଼ିଗଲେ ଅପବିତ୍ର ପଦାର୍ଥର ପାଉଁଶ ମଧ୍ୟ ପବିତ୍ର ହୁଏ । ଆଉ ମଧ୍ୟ ନଳଙ୍କ ନାମ ଧରିଲେ ଲୋକେ ପବିତ୍ର ହୁଅନ୍ତି । ଅତଏବ ଦୁହେଁ ଶୁଚି ।
(୬) ଦୀପ୍ତ, ପକ୍ଷେ ତେଜସ୍ୱାନ୍ ।

ଅଗ୍ନିପକ୍ଷେ :— ଏ ଅଧିକ ତାପର ସ୍ଥାନ, ସଦା ଉର୍ଦ୍ଧ୍ୱଶିଖ, ଯାଙ୍କର ନାମ ଧନଞ୍ଜୟ । ଏ ପୋଡ଼ି ପାଉଁଶ କଲେ ଅଶୁଚି ମଧ୍ୟ ଶୁଚି ହୁଏ । ଯାଙ୍କ ଦୀପ୍ତିପରି ଦୀପ୍ତି ଆଉ କାହାର ନାହିଁ ।

ନଳପକ୍ଷେ :— ଏ ବଡ଼ ପ୍ରତାପୀ ଏବଂ ଉନ୍ନତଶୀଳ, ଶତ୍ରୁରାଜ୍ୟ ଜିଣି ବହୁଧନ ଆଣିଛନ୍ତି । ଯାଙ୍କର ନାମ ଧରିଲେ ଲୋକ ପବିତ୍ର ହୁଏ ଏବଂ ଏ ତେଜସ୍ୱୀ ରାଜା ଅଟନ୍ତି ।

Digitized by srujanika@gmail.com

ଗୃହକର୍ତ୍ତ୍ରି ! ଯାଙ୍କ   ହେତି (୧) କବଳିତ
ପାର୍ଥିବ ଅଧିକ (୨) ରଣେ,
ସମ୍ଭୂତ (୩) ବିଭୂତି   ଯୋଗୀଶ୍ୱରଙ୍କର (୪)
ହେଲେ ଅନୁରାଗ ଆଣେ । ୧୦ ।
ବିବୁଧ-ସମାଜ-   ମୁଖ (୫), ଉଚ୍ଚଶିଖ (୬)
ମହସ୍ୱୀ (୭) ଅରୁଣ (୮) କର,

---

(୧) ଶିଖା, ପକ୍ଷେ ଆୟୁଧ ।

(୨) ପୃଥିବୀ ସମ୍ବନ୍ଧୀୟ ପଦାର୍ଥରେ, ପକ୍ଷେ ପାର୍ଥିବ (ପୃଥିବୀପତି ରାଜାମାନଙ୍କର) । ଅଧିକରଣେ (ଘୋର ଯୁଦ୍ଧରେ) ।

(୩) ପାଉଁଶ, ପକ୍ଷେ ସମ୍ପତ୍ତି ।

(୪) ମହାଦେବଙ୍କର, ପକ୍ଷେ ଶ୍ରେଷ୍ଠ ଯୋଗୀ ବା ବିରାଗୀ ଜନର ।

ଅଗ୍ନି ପକ୍ଷେ :— ଯାଙ୍କ ଶିଖା ଦଗ୍ଧ ପାର୍ଥିବ ପଦାର୍ଥରୁ ସମ୍ଭୂତ ଭସ୍ମ ଶିବଙ୍କର ହେଲେ ଆଲେପନ ପାଇଁ ଆଗ୍ରହ ଆଣେ ।

ନଳପକ୍ଷେ :— ଯାଙ୍କ ଆୟୁଧ କବଳିତ ରାଜାମାନଙ୍କ ଠାରୁ ଲବ୍ଧ ଅତୁଳ ସମ୍ପତ୍ତି ବିଷୟ ବିମୁଖ ମହାତପସ୍ୱୀ ମାନଙ୍କର ମଧ୍ୟ ଆସକ୍ତି ଆଣେ ।

(୫) ବିବୁଧ (ଦେବତା) ସମାଜ (ସମୂହ)ର ମୁଖ ଅଗ୍ନି ଅର୍ଥାତ୍ ଦେବତାମାନେ ଅଗ୍ନି ମୁଖରେ ପାଆନ୍ତି; —ବିବୁଧ ସମାଜ (ପଣ୍ଡିତ ସମୂହ)ର ମୁଖପାତ୍ର ।

(୬) ଉଚ୍ଚଶିଖ, ପକ୍ଷେ ଉଚ୍ଚଶିଖା (ମସ୍ତକ) ଯାହାର ଅର୍ଥାତ୍ ଉନ୍ନତ ମସ୍ତକ ।

(୭) ତେଜସ୍ୱୀ, ପକ୍ଷେ ଉତ୍ସବଶାଳୀ ବା ନତ୍ୟୋତ୍ସବମୟ ।

(୮) ଆରକ୍ତ କିରଣ, ପକ୍ଷେ ଈଷତ୍ ଲାଲ୍ କରତଳ ।

Digitized by srujanika@gmail.com

ଜାଣ ପିତୃମୁଖ (୧) ଇନ୍ଦ୍ର ଯମୁବରେ
ମଧ୍ୟସ୍ଥପଣ (୨) ଯାଙ୍କର ।୧୧।
ଅନଳ୍ପ ପ୍ରତାପ ପଟୁତା ଯାଙ୍କର
ଅବାଧିତ ଆନ ବଳେ,
ରିପୁ (୩) ତୃଣ ଜାଳେ ଜଳି ଉଠିଲେ ଏ
ସମ୍ଭାଳି ନୁହଇ ଜଳେ (୪) ।୧୨।
ଶୁଣି ଦୂତଙ୍କ ତୁଲ୍ୟ ରୂପ ବାଣୀ
ଉଷର୍ବୁଧ (୫) କହୁଅଛେ,

---

(୧) "ଧନ୍ୟା ପିତୃମୁଖୀ କନ୍ୟା, ଧନ୍ୟୋ ମାତୃମୁଖଃ ସୁତଃ"

(୨) ଦକ୍ଷିଣ-ପୂର୍ବ କୋଣରେ ଅଗ୍ନି ଥିବାରୁ, ସେ ପୂର୍ବ ଦିକ୍‌ପତି ଇନ୍ଦ୍ର ଓ ଦକ୍ଷିଣ ଦିକ୍‌ପତି ଯମ ଏ ଦୁହିଁଙ୍କ ମଧ୍ୟରେ ଅଛନ୍ତି, ପକ୍ଷେ ଇନ୍ଦ୍ର ଓ ଯମଙ୍କ ଠାରୁ ନଳଙ୍କର ମଧ୍ୟସ୍ଥ ପଣ (ନିରପେକ୍ଷତା ବା ସମଦର୍ଶିତା) ଅଧିକ ।

ଅଗ୍ନି ପକ୍ଷେ :— ଏ ଦେବତାମାନଙ୍କର ମୁଖ, ଉଚ୍ଛିଖ, ତେଜସ୍ୱୀ, ଅରୁଣ କର ଅଟନ୍ତି ଏବଂ ଇନ୍ଦ୍ର ଆଉ ଯମ ଏ ଦୁହିଁଙ୍କ ମଝିରେ ଅଛନ୍ତି ।

ନଳ ପକ୍ଷେ :— ଏ ପଣ୍ଡିତଗଣର ମୁଖପାତ୍ର, ଉନ୍ନତ ମସ୍ତକ ନିତ୍ୟୋତ୍ସବମୟ ଅଟନ୍ତି । ଯାଙ୍କର କରତଳ ଆରକ୍ତ ବର୍ଣ୍ଣ ଏବଂ ଇନ୍ଦ୍ର ଓ ଯମଙ୍କ ଠାରୁ ବଳି ଏ ସମଦର୍ଶୀ ।

(୩) ତୃଣ ଅଗ୍ନିର ଶତ୍ରୁ । ତୃଣରେ ଅଗ୍ନି ଲାଗିଲେ ଜଳରେ ସମ୍ଭାଳ ନ ହୋଇ, ଅସମ୍ଭାଳ ହୋଇ ଜଳେ । ପକ୍ଷେ ତୃଣପରି ଶତ୍ରୁମାନଙ୍କ ମଧ୍ୟରେ ନଳ ରାଗି ଉଠିଲେ, ଯୁଦ୍ଧରେ କେହି ବାରଣ କରିପାରନ୍ତି ନାହିଁ ।

(୪) ଜଳିଉଠେ, ପକ୍ଷେ ଜଳରେ ଦବ୍ୟାଗ୍ନିର ନିର୍ବାଣ ନାହିଁ ।

(୫) ଅଗ୍ନି ।

Digitized by srujanika@gmail.com

ଅନଳ କି ନଳ ବିଷମ ସନ୍ଦେହ
ଖେଳିଲା ଶ୍ରୀମତୀ ହୃଦେ । ୧୩ ।
କରି ଶ୍ରୀମତୀଙ୍କୁ ସନ୍ଦେହ ଗ୍ରାସରେ
ବିଚଳିତ ଚିତ୍ତବୃତ୍ତି,
ଅରବିନ୍ଦ-ବନ୍ଧୁ ସୁତଙ୍କୁ (୧) ଦେଖାଇ
ଭାଷିଲେ ଦେବୀ ଭାରତୀ । ୧୪ ।
ଚିର ଏ ଜଗତ ପଙ୍କେ (୨) ନ ପଡ଼ଇ
ଯାଙ୍କ ଦଣ୍ଡଧର (୩) ପଣେ,
ଅଶ୍ୱିନୀକୁମାର ଅହଙ୍କାର ତ୍ୟଜି
ଡରନ୍ତି ଅମରଗଣେ । ୧୫ ।

---

(୧) ସୂର୍ଯ୍ୟ ସୁତ ଯମ । ଉକ୍ତ ଶ୍ଳୋକମାନଙ୍କର ଅର୍ଥ ସ୍ପଷ୍ଟ ।
(୨) ପଙ୍କେ (ପାପ ପଙ୍କରେ) ଉଭୟତ୍ର ସମାନ ।
(୩) ଯମ, ପକ୍ଷେ ରାଜା ।

ଯମ ପକ୍ଷେ :— ଯମଙ୍କର ଦଣ୍ଡଧର ପଣରେ (ଅର୍ଥାତ୍ ଯମଦଣ୍ଡକୁ ଭୟ) ଜଗତ ପାପ-ପଙ୍କରେ ପଡ଼େ ନାହିଁ ଅର୍ଥାତ୍ ଯମଦଣ୍ଡ ଭୟରେ ଲୋକେ ପାପରୁ ନିବୃତ୍ତ ହୁଅନ୍ତି । ପୁଣି ଯାଙ୍କ ନିକଟରେ ଅଶ୍ୱିନୀ-କୁମାରଙ୍କର ଅହଙ୍କାର ତୁଟେ ଅର୍ଥାତ୍ ମୃତ୍ୟୁଦେବତା ସେ ରକ୍ଷା କରି-ପାରନ୍ତି ନାହିଁ, ଯମକୁ ଦେବତାମାନେ ମଧ୍ୟ ଡରନ୍ତି ।

ନଳ ପକ୍ଷେ :— ନଳଙ୍କର ଦଣ୍ଡଧର ପଣରେ ଅର୍ଥାତ୍ ନଳଙ୍କ ଠାରୁ ରାଜଦଣ୍ଡ ଭୟରେ ଲୋକେ ପାପରୁ ନିବୃତ୍ତ ଥିଲେ । ନଳଙ୍କ ରୂପ ଶୋଭା ନିକଟରେ ଅଶ୍ୱିନୀକୁମାରଙ୍କର ସୌନ୍ଦର୍ଯ୍ୟ ତୁଚ୍ଛ । ନଳଙ୍କର ଯୁଦ୍ଧ ଦେଖି ଦେବତାମାନେ ମଧ୍ୟ ଡରନ୍ତି ।

ଏକ ବ୍ୟକ୍ତିର ଦଣ୍ଡ ଧାରଣରେ ଅନ୍ୟର ପାପ-ପଙ୍କରେ ଅପତନ ଏଠାହିଁ "ଚିତ୍ର" ।

Digitized by srujanika@gmail.com

ମିହ ପ୍ରିୟୋପୃତ୍ତି ହେତୁ ଯାଙ୍କ ସଂଜ୍ଞା
ଜଗତେ ଅଜଣା କାହିଁ ?
ଲୋକେ ଲୋକଚକ୍ଷୁ- ପ୍ରଣୟିନୀ ଛାୟା
ପ୍ରସବିଛୁ ଶୁଣା ନାହିଁ ।
ନିଖିଳ ଜଗତେ କାହାର ପୁଣି ଏ
ନୁହନ୍ତି ସଦା ସୁହୃଦ,
ଯମ ନିୟମରେ ବହୁ ତପ କରି
ଲଭିଛନ୍ତି ଉଚ୍ଚପଦ । ୧୬ ।(୧)

---

(୧) ଯମ ପକ୍ଷେ :— ମିତ୍ର (ସୂର୍ଯ୍ୟ) ପ୍ରିୟା (ପତ୍ନୀ) ସଂଜ୍ଞାଦେବୀ ଯାଙ୍କ (ଯମଙ୍କ) ଉତ୍ପତ୍ତି (ଜନ୍ମ)ର ହେତୁ ବା ଜନନୀ । ସଂଜ୍ଞାଙ୍କ ଗର୍ଭରେ ସୂର୍ଯ୍ୟଙ୍କ ଔରସରେ ଯମଙ୍କର ଜନ୍ମ ଏ କଥା ଜଗତରେ ଜଣା । ଲୋକ-ଚକ୍ଷୁ (ସୂର୍ଯ୍ୟ)ଙ୍କର ପ୍ରଣୟିନୀ (ଅନ୍ୟ ପତ୍ନୀ) ଛାୟା ଯମଙ୍କୁ ପ୍ରସବିଛୁ ବୋଲି ଲୋକରେ ଶୁଣା ନାହିଁ (ଛାୟା ଯମଙ୍କୁ ପ୍ରସବ କରିନାହାନ୍ତି) । ଏ (ଯମ) ଜଗତରେ କାହାର ସଦା ଅସୁହୃତ୍ (ପ୍ରାଣ ନାଶକ) ନୁହନ୍ତି ? ଅର୍ଥାତ୍ ସମସ୍ତଙ୍କର ପ୍ରାଣନାଶକ ଅଟନ୍ତି । ଏ ଯମ ନିୟମରେ (ଇନ୍ଦ୍ରିୟ ନିଗ୍ରହରେ) ବହୁ ତପସ୍ୟା କରି ଏ ଉଚ୍ଚପଦ ଅର୍ଥାତ୍ ସ୍ୱର୍ଗରେ ଦଣ୍ଡଧର ବା ଯମ ପଦଲାଭ କରିଛନ୍ତି ।

ନଳ ପକ୍ଷେ :— ଯାଙ୍କ ସଂଜ୍ଞା (ନାମ) ବା ହସ୍ତାଦି ଚେଷ୍ଟା । ସମାନଙ୍କର ପ୍ରିୟ ଉତ୍ପାଦନର ହେତୁ ବୋଲି ଜଗତ ଜାଣେ, ଲୋକେ (ଜଗତରେ) ଲୋକଚକ୍ଷୁ ପ୍ରଣୟିନୀ (ଲୋକଚକ୍ଷୁ ପ୍ରୀତିକର) ଯାଙ୍କ (ନଳଙ୍କ) ଛାୟା (କାନ୍ତି) ଅନ୍ୟତ୍ର ପ୍ରସବିଥିବାର ବା ଜନ୍ମିଥିବାର ଶୁଣା-ନାହିଁ । ଅର୍ଥାତ୍ ନଳଙ୍କର ରୂପର ଛାୟା ମଧ୍ୟ ଜଗତରେ ଜନ୍ମିନାହିଁ । ନିଖିଳ ଜଗତରେ ନଳ ସମସ୍ତଙ୍କର ସଦା (ସବୁବେଳେ) + ସୁହୃଦ (ବନ୍ଧୁ) ଅଟନ୍ତି । ଏ ନଳ ଯମ (ସଂଯମ) ଆଉ ନିୟମ (ନିଷ୍ଠା)ରେ ବହୁ ତପକରି ଏ ଉଚ୍ଚ ଅଧିକାର ଅର୍ଥାତ୍ ରାଜପଦ ପାଇଛନ୍ତି ।

Digitized by srujanika@gmail.com

ଗଦାଳି ପ୍ରୟୋଗେ ସର୍ବ-ପ୍ରାଣହର
କ୍ରୂରକର୍ମ୍ମା, କୃଷ୍ଣ ଯୁାଙ୍କ,
ପିତାମ୍ବରମଣି ରମଣୀୟ ମୂର୍ତ୍ତି
ରାଜ ତେଜ ନିର୍ବାପକ । ୧୭ । (୧)
ମୁଗ୍‌ଧେ ! ପରେତରେ (୨) ପ୍ରକଟ ପ୍ରଭବ
ଭୂତରେ (୩) ଅଦ୍ଭୁତ ସିଦ୍ଧି,
ଦସ୍ର (୪) ସହୋଦର ଯୁାଙ୍କଠାରେ ତୋର
ଜନମୁ ଜାଣେଣ (୫) ବୁଦ୍ଧି । ୧୮ ।

---

(୧) ଯମ ପକ୍ଷେ :—ଏ ଗଦ (ରୋଗ)+ଆଳି (ସମୂହ) ପ୍ରୟୋଗରେ ସର୍ବପ୍ରାଣହର କ୍ରୂରକର୍ମ୍ମା (ନିର୍ଦ୍ଦୟ), ଅତଏବ କୃଷ୍ଣ (କୃଷ୍ଣକାୟ) ବା କଳା ଅଟନ୍ତି । ରମଣୀୟ ମୂର୍ତ୍ତି (ସୁନ୍ଦର) ରାଜ(ଚନ୍ଦ୍ର)ର ତେଜ ନିର୍ବାପକ, ଅମ୍ବରମଣି (ସୂର୍ଯ୍ୟ) ଯୁାଙ୍କର ପିତା ଅଟନ୍ତି ।

ନଳ ପକ୍ଷେ :— ରାଜତେଜ ନିର୍ବାପକ (ରାଜାମାନଙ୍କର ଜେତା) ଅମ୍ବରମଣି ରମଣୀୟମୂର୍ତ୍ତି(ସୂର୍ଯ୍ୟପରି ତେଜସ୍ୱୀ) ଗଦା ସମୂହ ପ୍ରୟୋଗରେ ସର୍ବପ୍ରାଣହର କ୍ରୂରକର୍ମ୍ମା (ବିଚିତ୍ରକର୍ମ୍ମା), କୃଷ୍ଣଙ୍କ ସଦୃଶ ବୀରସେନ ଯୁାଙ୍କ ପିତା ।

(୨) ପରେତରେ (ପ୍ରେତଠାରେ), ପକ୍ଷେ ପରଠାରୁ ଇତର, ବା ପର ଓ ଇତର ।

(୩) ଭୂତ ସମୂହରେ, ପକ୍ଷେ ପ୍ରାଣୀ ସମୂହ ବା ପଞ୍ଚମହାଭୂତ ମଧ୍ୟରୁ ପୃଥିବୀରେ ।

(୪) ଅଶ୍ୱିନୀକୁମାରଙ୍କ ଭାଇ ଯମ, ପକ୍ଷେ ଅଶ୍ୱିନୀକୁମାରଙ୍କ ପରି ସୁନ୍ଦର ।

(୫) ଯମ, ପକ୍ଷେ ପତି ।

'ପ୍ରେତରେ ପ୍ରକଟ ପ୍ରଭାବ, ଭୂତଗଣରେ ଅଦ୍ଭୁତ ସିଦ୍ଧି (ପ୍ରତିଷ୍ଠା) ଯାହାର, ଆଉ ଅଶ୍ୱିନୀକୁମାରଙ୍କର ଭାଇ, ଯୁାଙ୍କୁ ତୁମେ ଯମବୋଲି ଜାଣ ।

Digitized by srujanika@gmail.com

ଯମେ ନଇଷଧେ ତୁଲ୍ୟ ରୂପବାଣୀ
ଅନେକ ନଳ ଦର୍ଶନ,
ଯୋଗେ ହେଉଁ ଶଙ୍କା ଭ୍ରମ·ଦୁହିତାର
ପକ୍ଷେ ତା' ପିଣ୍ଡ ପେଷଣ । ୧୯ ।
ସନ୍ଦିଗ୍ଧ ମାନସେ ରହନ୍ତେ ଭ୍ରମକା
ଅତି ଉଦାସୀନ ଭାବେ,
ଭାଷିଲେ ଭାରତୀ ବରୁଣଙ୍କ ପ୍ରତି
ଅଙ୍ଗୁଳି ନିର୍ଦ୍ଦେଶି ଏବେ । ୨୦ ।
ପର-ରୋଧ (୧) ଚର ଅଜଣା ଯାଙ୍କର
ଭୂରିତର (୨) ବାରିନିଧି,
ବହୁ ବଦାରକ (୩) ବହୁମୁଖୀ (୪) ସେନା
ଯାଦୋରଣେ (୫) ଲବ୍ଧ ସିଦ୍ଧି । ୨୧ ।

ନଳ ପକ୍ଷେ :— ମିତ୍ର ଏବଂ ଶତ୍ରୁ ଆଉ ଇତର ସାଧାରଣ ପ୍ରକଟ ପ୍ରଭାବ ପ୍ରକାଶିତ (ସାମର୍ଥ୍ୟ) ପ୍ରାଣୀ ଜଗତରେ ବା ପଞ୍ଚ ମହାଭୂତ ମଧ୍ୟରୁ ପୃଥିବୀରେ ଲବ୍ଧପ୍ରତିଷ୍ଠ, ପୁଣି ଅଶ୍ୱିନୀକୁମାରଙ୍କ ପରି ରୂପବନ୍ତ, ଏ ନଳଙ୍କଠାରେ ତୁମ୍ଭର ପତି ବୁଦ୍ଧି ହେଉ, ଅର୍ଥାତ୍ ଏହାଙ୍କୁ ପତି ବୋଲି ଜାଣ ।

(୧) ପରପାର, ପକ୍ଷେ ଶତ୍ରୁ ଆକ୍ରମଣ ।

(୨) ଭୂରିତର (ପ୍ରଚୁର) + ବାରିନିଧି (ଜଳର ସ୍ଥାନ), ପକ୍ଷେ ବହୁତର ବାରିର ସ୍ଥାନ ।

(୩) କୂପ ପ୍ରଭୃତି ବିଶିଷ୍ଟ କୂଳବର୍ତ୍ତୀ ଗର୍ତ୍ତସବୁ ଯାହା ଜଳ ଯୋଗାଇବା ପାଇଁ ଉଦ୍ଦିଷ୍ଟହୋଇଥାଏ, ପକ୍ଷେ ବହୁଶତ୍ରୁ ବିଦାରକ ।

(୪) ସର୍ବତୋମୁଖୀ ବା ସର୍ବବ୍ୟାପୀ, ପକ୍ଷେ ନଳ ସେନା ସର୍ବତ୍ର ଗତିଶୀଳ ବା ଚତୁରଙ୍ଗ ବଳଯୁକ୍ତ ।

(୫) ଯାଦୋ (ଜଳଜନ୍ତୁମାନଙ୍କ) + ରଣେ (ଶବ୍ଦରେ), ପକ୍ଷେ ଯା' (ଜଳ ସେନା) + ଦୋରଣେ (ବାହୁ ଯୁଦ୍ଧରେ) ଲବ୍ଧ ପ୍ରତିଷ୍ଠ ।

Digitized by srujanika@gmail.com

ସମ୍ମୁଖଶ ମୁଖର (୧) ଅନଳ୍ପ କୁମ୍ଭୀର (୨)
ଦାନବାର (୩) ସହଚର,
ଜପ୍ଦ୍ମ (୪) କାନନ- ସୁଖ ବସ୍ତ୍ରଜନ୍ତ
ନଦୀନ (୫) ଏ ରତ୍ନାକର (୬) । ୨୨ ।

ବରୁଣ ପକ୍ଷେ :— ବହୁ ଗର୍ତ୍ତ ବିଶିଷ୍ଟ ଦୂରର ଜଳର ଆଧାର ସର୍ବବ୍ୟାପୀ ଏ ସମୁଦ୍ରର ପରପାର ଅଜଣା । ଯାଙ୍କ ସେନା ଜଳଜନ୍ତୁମାନଙ୍କ ଶବ୍ଦରେ ପ୍ରସିଦ୍ଧି ଲଭିକରିଛୁ ।

ନଳ ପକ୍ଷେ :— ବହୁତର ବାଣର ବା ଖଡ୍ଗର ସ୍ଥାନ, ବହୁ ଛଦାରକ ବହୁମୁଖୀ ସେନା ଶତ୍ରୁ ଆକ୍ରମଣ କ'ଣ ଜାଣେନାହିଁ । ବାହୁ ଯୁଦ୍ଧରେ ମଧ୍ୟ ସେ ଲବ୍ଧପ୍ରତିଷ୍ଠ ।

(୧) ବେଳା ନିକଟରେ ଶବ୍ଦାୟମାନ, ପକ୍ଷେ ସେନାମୁଖରେ ଶବ୍ଦାୟମାନ ।
(୨) ଜଳଜନ୍ତୁ ବିଶେଷ, ପକ୍ଷେ ହସ୍ତୀର ।
(୩) ବିଷ୍ଟୁ, ପକ୍ଷେ ମଦଜଳ ।
(୪) ଉଦ୍‌ଗତ ହୋଇଛନ୍ତି ପଦ୍ମା (ଲକ୍ଷ୍ମୀ) ସମୁଦ୍ରରେ ଥିବା ଯେଉଁ ପଦ୍ମକାନନରୁ ତଦ୍‌ବିଶିଷ୍ଟ ବା ପଦ୍ମବନଯୁକ୍ତ, ପକ୍ଷେ ଉଦ୍‌ଗତ ପଦ୍ମକ (ଶୁଣ୍ଡାଗ୍ରତ) + ଆନନ (ମୁଖ) ଯଥା ଯାହାର ।
(୫) ନଦୀ + ଇନ (ସ୍ୱାମୀ), ପକ୍ଷେ ନ + ଦୀନ (ଅଶୂନ୍ୟ) ।
(୬) ସମୁଦ୍ର, ପକ୍ଷେ ରତ୍ନାଳଙ୍କାରଯୁକ୍ତ ।

ବରୁଣ ପକ୍ଷେ :— ତଟଦେଶରେ ଶବ୍ଦାୟମାନ, ବହୁତ କୁମ୍ଭୀର, ବିଷ୍ଟୁ ଓ ପଦ୍ମକାନନଯୁକ୍ତ ନଦୀପତି ରତ୍ନାକର ଏ ଏହି ସଭାରେ ବର୍ଦ୍ଧମାନ ଅଛନ୍ତି ।

ନଳ ପକ୍ଷେ :— ଅଶୂନ୍ୟ ଅତଏବ ନାନା ଅଳଙ୍କାର ମଣ୍ଡିତ, ସେନା ମୁଖରେ ଶବ୍ଦାୟମାନ ବହୁହସ୍ତୀର ଦାନ ବାରି ସହଚର ଶୁଣ୍ଡାଗ୍ର ଭାଗ ବିଶିଷ୍ଟ ମନୋହର ଯଥା ସହାୟ ନଳ ଏଠାରେ ବର୍ଦ୍ଧମାନ ଅଛନ୍ତି ।

Digitized by srujanika@gmail.com

ସୁମୁଖି ! ସ୍ୟନ୍ଦନେ (୧)   ପୁଣି ପ୍ରବହଣେ (୨)
ମହାସିକତା (୩) କର୍କଶ,
ପ୍ରତିକୂଳ (୪) ପାତେ   କେବଣ (୫) ବାହିନୀ
ନ ଘୋଷଇ ଯାଙ୍କ ଯଶ ? । ୨୩ ।
ଭୁବନାଧିନାଥ (୬)   ଯାଙ୍କୁ ନ ଭଜନ୍ତି
କେତେ ବା କମଳାଶୟେ, (୭)
ଶୋଣ (୮) ଗୁଣେ ଯାବେ   ଖଟନ୍ତି ଯାଙ୍କର
ସରସ୍ୱତୀ (୯) ମନମୋହେ । ୨୪ ।

---

(୧) ପ୍ରସ୍ରବଣେ, ପକ୍ଷେ ରଥରେ ।

(୨) ପ୍ରବାହରେ; ପକ୍ଷେ କର୍ଣ୍ଣୀରଥ ବା ଶ୍ରେଷ୍ଠ ରଥରେ ।

(୩) ମହାସିକତା (ବାଲୁକା) ଦ୍ୱାରା କର୍କଶ (ରୁକ୍ଷ) । ପକ୍ଷେ ମହା+ଅସି କତା (ଖଡ୍ଗିକତ୍ୱ) ରେ କର୍କଶ ବା କଠୋର ।

(୪) ପ୍ରତିକୂଳ ପାତେ ବା ଦୁଇକୂଳ ଖାଇବାରେ; ପକ୍ଷେ ବିପକ୍ଷ ଧ୍ୱଂସରେ ପଡ଼ି ।

(୫) ନଦୀ, ପକ୍ଷେ ସେନା ।

ବରୁଣ ପକ୍ଷେ :—ଝରଣା ଏବଂ ପ୍ରବାହରୁ ଉତ୍ପନ୍ନ ଉତ୍ତପ୍ତ ବାଲୁକାରାଶି ଯୋଗେ କର୍କଶ, କୂଳଂକଷା କେଉଁ ନଦୀ ବରୁଣଙ୍କର ଯଶ ଘୋଷୁ ନାହିଁ ?

ନଳ ପକ୍ଷେ :—ବଡ଼ ସାନ ନାନା ରଥରେ ବହୁ ଖଡ୍ଗଧାରୀଙ୍କ ଅସ୍ତ୍ରଚାଳନାରେ ଭୀଷଣ କେଉଁ ସ୍ୱପକ୍ଷ ବା ବିପକ୍ଷ ସେନା ନଳଙ୍କର ଯଶ ନ ଘୋଷେ ?

(୬) ଜଳର ଅଧୀଶ୍ୱର, ପକ୍ଷେ ଜଗତର ପ୍ରଭୁ ।

(୭) ଜଳାଶୟମାନେ; ପକ୍ଷେ ଧନଆଶାରେ ।

Digitized by srujanika@gmail.com

ଜଳେଶ୍ବରେ ନଳେ ତୁଲ୍ୟ ରୂପବାଣୀ
ଅଭେଦକା ଭୈମୀ ପ୍ରତି,
ଆଣିଦେଲ ଯେଉଁ ବହୁନଳ ଙ୍କୋ
ସେ ଏକା ବଚନ ଅତି । ୨୫ ।
ମାସ୍ବା ନଳରୂମୀ ବବୁଧେ ଧାମଳା
ନ ଭୁଲନ୍ତେ ଭଗବତୀ,
ଘୁଷିଲେ ସଭରେ ଅଙ୍କୁଳ ନିର୍ଦ୍ଦେଶି
ନିଷଧ-ନୃପତି ପତି । ୨୬ ।
ପ୍ରତ୍ୟର୍ଥୀ-ଦାନବ- ଶତାହିତ(୧)-ଚେଷ୍ଟା
ବିଧାନେ ନିପୁଣତର,
ଜୀମୂତ (୨) ବାହନ ଭ୍ରାନ୍ତ ଦାତା (୩) ରୁଚ
ପଦ ସୁପୁରୁଷ ବର ।

---

(୮) ଗୁଣେ ବଶୀଭୂତ ଶୋଣନଦୀ ଯାଙ୍କ ପାଦରେ ଖଚେ ଅର୍ଥାତ୍ ସମୁଦ୍ରରେ ପଡ଼ୁଛୁ । ପକ୍ଷେ ଶୋଣ ଗୁଣେ (ରକ୍ତିମା ଗୁଣମାନେ) ନଳଙ୍କ ପାଦସେବା କରନ୍ତ ଅର୍ଥାତ୍ ନଳଙ୍କର ପାଦରେ ରକ୍ତିମା ଅଛୁ ।

(୯) ନଦୀ ବଶେଷ, ପକ୍ଷେ ବଚନ ଦେବତା ।
ବରୁଣ ପକ୍ଷେ :—ଜଳପତି ବରୁଣଙ୍କୁ ସବୁ ଜଳାଶୟ ଆଶ୍ରୟ କରି ଅଛନ୍ତ, ଶୋଣ ଓ ସରସ୍ୱତୀ ନଦୀ ଦୁହେଁ ସମୁଦ୍ରରେ ପଡ଼ିଥଛନ୍ତ ।
ନଳ ପକ୍ଷେ :— ଧନଲାଭ ଆଶାରେ ଅନେକ ଭୁବନପାଳକ ନଳଙ୍କୁ ଭଜଛନ୍ତ । ରକ୍ତିମା ନଳଙ୍କର ପାଦସେବା କରୁଛୁ; ସରସ୍ୱତୀ ନଳଙ୍କ ମନ ମୋହୁଛନ୍ତ ।

(୧) ପ୍ରତ୍ୟର୍ଥୀ (ଯାଚକ) + ଦାନବଶତା (ଦାନପରବଶତା) ହତ ଚେଷ୍ଟା ବଧାନରେ ନପୁଣ, ପକ୍ଷେ ବପକ୍ଷ ଦାନବ (ରାକ୍ଷସ) ଶତର ଅହତ ଚେଷ୍ଟା ବଧାନରେ ନପୁଣ ।

(୨) ଜୀମୂତବାହନଙ୍କ ପରି ଦାତା, ପକ୍ଷେ ମେଘବାହନ ବା ଇନ୍ଦ୍ର ।

(୩) ରୁଚପଦ :—ରୁଚର ଚରଣ ବା ରୁଚକର, ପକ୍ଷେ ଅରୁଚ ପଦ :— ଅରୁଚକର ବା ଦମୟନ୍ତୀ ଇଚ୍ଛାର ପ୍ରତକୂଳ ଇନ୍ଦ୍ର ।

Digitized by srujanika@gmail.com

ମହାଯୁଦ୍ଧେ ଲବ୍ଧ ବିଜୟ (୧) ପ୍ରସବ
ମଘ୍ଲୀ (୨) ମହେନ୍ଦ୍ର ଏ ଜାଣ,
ବିଳମ୍ବ ନ କର ବରଣମାଳାରେ
ବିସ୍ତରେହା ବାନ୍ଧିଆଣ । ୨୨ ।
ମୁଗ୍ଧେ ! ଯେ ସୁବଧ୍ୱ-(୩) ରାଜ୍ୟ ଅଭିଷେଚକ
(୪) ମହାନଳ ନାମ ବହେ,
ତତ୍ପର ଚକ୍ଷୁରେ ତା'ଠାରେ କପର
(୫) ଆକର୍ଷଣା ବୁଦ୍ଧି ଶୋହେ ? । ୨୮ ।

---

(୧) ଘୋର ଯୁଦ୍ଧରେ ଲବ୍ଧ ବିଜୟ ସମ୍ପତ୍ତି ଯେଉଁ ନଳଙ୍କ ଦ୍ୱାରା; ପକ୍ଷେ ଲବ୍ଧ (ଲାଭ ହୋଇଅଛୁ) ବିଜୟ (ଅର୍ଜୁନ) ପ୍ରସବ (ସନ୍ତାନ ବା ପୁତ୍ର) ଯାହାଦ୍ୱାରା ଅର୍ଥାତ୍ ଇନ୍ଦ୍ର ।

(୨) ମଘ୍ଲର (ପୃଥିବୀର) ଇନ୍ଦ୍ର ସ୍ୱରୂପ, ପକ୍ଷେ ମହୀତଳ ଗତ ଇନ୍ଦ୍ର ।

(୩) ସୁବଧ୍ୱ (ବେଦ ନିର୍ଦ୍ଦିଷ୍ଟ ଧର୍ମ ମାର୍ଗରେ) ରାଜ୍ୟାଭିଷିକ୍ତ, ପକ୍ଷେ ସୁବଧ୍ୱର (ଦେବ ଯଜ୍ଞେ)ର ଆଜ୍ୟ (ହୋମ ଘୃତ, ଅଭିଷେକେ (ସେଚନରେ) ବା ଆହୁତ ଦାନରେ ।

(୪) ମହାନ୍+ନଳ=ମହାନଳ, ପକ୍ଷେ :—ମହା+ଅନଳ=ମହାନଳ ।

(୫) ଗୋଲଆ ବୁଦ୍ଧି, ପକ୍ଷେ ଅଙ୍ଗୀକାର ବୁଦ୍ଧି ।
ନଳ ପକ୍ଷେ : —ଯାଚକ ମାନଙ୍କର ପକ୍ଷରେ ଦାନପରାୟଣତା ରୂପ ବ୍ରତ ଚେଷ୍ଟାରେ ନିପୁଣ, ଜୀମୂତବାହନଙ୍କ ପରି ଦାତା, ତୋର ମନୋମତ ପୁରୁଷ ମହାଯୁଦ୍ଧରେ ବିଜୟୀ ପୃଥିବୀନ୍ଦ୍ର ନଳ ଏ ।
ଇନ୍ଦ୍ରପକ୍ଷେ :—ବିପକ୍ଷ ବହୁ ଦାନବର ଅହିତ ଚେଷ୍ଟାରେ ନିପୁଣ, ମେଘ ବାହନ, ତୋର ଇଚ୍ଛାର ପ୍ରତିକୂଳ, ଅର୍ଜୁନ ପିତା, ମହୀତଳ-ଗତ ଇନ୍ଦ୍ର ଏ ।

ନଳ ପକ୍ଷେ :—ବେଦ ନିର୍ଦ୍ଦିଷ୍ଟ ଧର୍ମ ମାର୍ଗରେ ରାଜ୍ୟାଭିଷିକ୍ତ ନଳଙ୍କ ଠାରେ ତୁମ୍ଭର ଗୋଲଆ ବୁଦ୍ଧି ବିଗ୍ରେ ଚକ୍ଷରେ ସୁନ୍ଦର ନୁହେଁ ।

ଅଗ୍ନି ପକ୍ଷେ :—ଦେବ ଯଜ୍ଞ ହୋମ ଘୃତ ଭକ୍ଷଣରେ ପ୍ରଦୀପ୍ତ ଅନଳଙ୍କ ଠାରେ ତୁମ୍ଭର ଆକର୍ଷଣ ବୁଦ୍ଧି ସୁନ୍ଦର କି ?

Digitized by srujanika@gmail.com

ଅନୁରକ୍ତ ଚଣ୍ଡି (୧) ମାରଣ ବଧିରେ
ଦକ୍ଷିଣ ଆଶାର (୨) ପଥ,
ଅନା (୩) ଅନଳଙ୍କୁ ଧର୍ମରାଜ (୪) ଜ୍ଞାନେ
ସ୍ୱୟମ୍ବରା ଦମୟନ୍ତୀ । ୨୯ ।

ଯାଙ୍କ ମହାଶୟ (୫) ଅନ-ପାଶ (୬) ହେଉ
ତୋ ପାଣିଗ୍ରହଣ ପାଇଁ,
ଏ ଭଳି ଭାବନା ଅନୁଚିତ ନୁହେଁ
ଯେଣୁ ଏ ଭୁବନ ସାଇଁ । ୩୦ । (୭)

---

(୧) ଚଣ୍ଡିମା (ଅତିଭୟଙ୍କର) ରଣ ବଧିରେ ଅନୁରକ୍ତ, ପକ୍ଷେ:-ହେ ଚଣ୍ଡି ମାରଣ ବଧିରେ ଅନୁରକ୍ତ

(୨) ଆଶାର (ଇଚ୍ଛାର) ଦକ୍ଷିଣ (ଅନୁକୂଳ) ପଥ, ପକ୍ଷେ ଦକ୍ଷିଣ ଦିଗର ପଥ ।

(୩) ଅନାଅଁ ନଳଙ୍କୁ, ପକ୍ଷେ ଅନଳଙ୍କୁ (ଅର୍ଥାତ୍ ନଳରୁ ଭିନ୍ନ) ଯମଙ୍କୁ

(୪) ଧାର୍ମିକ ରାଜା; ପକ୍ଷେ ଧର୍ମରାଜ (ଯମ) ଜ୍ଞାନରେ

(୫) ମହା + ଆଶୟ (ଅଭିପ୍ରାୟ) ପକ୍ଷେ ମହା + ଶୟ (ପାଣି ବା ହସ୍ତ)

(୬) ନ + ଆପ + ଆଶାଯୁକ୍ତ, (ସଫଳ), ପକ୍ଷେ ଅନପାଶ ଅର୍ଥାତ୍ ପାଶ ରହିତ

(୭) ଜଗତର ପ୍ରଭୁ ନଳ, ପକ୍ଷେ ଜଳପତି ବରୁଣ

ନଳ ପକ୍ଷେ:—ଚଣ୍ଡିମା ରଣ ବଧିରେ ଅନୁରକ୍ତ, ଆଶାର ଅନୁକୂଳ ପଥ, ଧାର୍ମିକ ରାଜା ନଳଙ୍କୁ ଅନାଅଁ ।

ଯମ ପକ୍ଷେ:—ହେ ଚଣ୍ଡି ଦମୟନ୍ତୀ ! ମାରଣ ବଧିରେ ଅନୁରକ୍ତ ଦକ୍ଷିଣ ଦିଗର ପଥ । ନଳରୁ ଭିନ୍ନ ଧର୍ମରାଜ ଯମଙ୍କୁ ଅନାଅଁ ।

ନଳ ପକ୍ଷେ:— ଯେଣୁ ଏ ଲୋକପ୍ରଭୁ ନଳ ତେଣୁ ତୋର ପାଣି-ଗ୍ରହଣ ବିଷୟରେ ଯାଙ୍କ ଉଦାର ଇଚ୍ଛା ସଫଳ ହେଉ, ତୋର ଏ ଭଳି ଭାବନା ଅନୁଚିତ ନୁହେଁ ।

, ବରୁଣ ପକ୍ଷେ:—ଯେଣୁ ଏ ଜଳଦେବତା ବରୁଣ ତେଣୁ ଯାଙ୍କ ପ୍ରଶସ୍ତରେ ତୋର ପାଣିଗ୍ରହଣ କାଳରେ ପାଶ ଶୂନ୍ୟ ହେଉ, ଏଭଳି ଭାବନା ତୋର ଅନୁଚିତ ଅଟେ ଏବଂ କରିବାର ମଧ୍ୟ ନୁହେଁ ।

Digitized by srujanika@gmail.com

ପ୍ରଥମ ଶ୍ଳୋକରେ ନଳ ସଙ୍ଗେ ଇନ୍ଦ୍ର
ଦ୍ୱିତୀୟରେ ଜିଷ୍ଣୁ ଧ,
ତୃତୀୟରେ ଯମ ଚତୁର୍ଥେ ବରୁଣ
ସମତା କରେଣି ମୁଗ୍ଧ ।
ଶ୍ରୀମତୀଙ୍କୁ ଜାଣି ବରଚଲେ ବାଣୀ
ନୂତନ ବଚନ-ମାଳି,
ଜନ ମନୋହର ସେ ମହାସଭରେ
ପୁଣି ନୂଆ ସାଞ୍ଚେ ଢାଳି । ୩୧ ।
ନ ମାନଲା ମନ ବଦୁଷି ! ତୋହର
ଏତେ ତ କହିଲ ଏବେ,
ଏ ମହାସଭରେ ନଳ ବରଣରେ
ଅଶୁଦ୍ଧ ଦେଖିଲ, ଯେବେ ।
ତୋ ଅଭିଳଷିତ ନଳ ରୂପ ଧରି
ବଳସନ୍ତି ଗୃହ ଦେବେ,
ମନ ଖୋଲି ସୁଖେ କହ ଦମୟନ୍ତୀ
କାହାକୁ ବରିବୁ ତେବେ । ୩୨ ।
ବଦୁଷି ! ଏ ଧନ୍ୟ- ଜଗତର ପତି
ନୁହନ୍ତି ଦେବ ପ୍ରବର,
ନା ନଳ ବୁଦ୍ଧିରେ ନ ବରିଲେ ଯାଙ୍କୁ
ଅସୁଲଭ ଦବ୍ୟ ବର । ୩୩ ।

ନଳପକ୍ଷେ :— ହେ ବଦୁଷି ଦମୟନ୍ତି ! ଏ ଧନ୍ୟ ଜଗତର ପତି ଅଟନ୍ତି । ଦେବ ପ୍ରବର ନୁହନ୍ତି । ନା ନଳ (ନଳ ନୁହନ୍ତି) ଏ ଭ୍ରାନ୍ତିରେ ଯାଙ୍କୁ ବରଣ ନ କଲେ ତୋର ଦବ୍ୟବର (ଉପଯୁକ୍ତ ବା ସୁନ୍ଦର ବର) ଅର୍ଥାତ୍ ସତ୍ୟ ନଳ ଲଭ ଅସୁଲଭ ହୋଇ ପଡ଼ିବ ।

ଦେବତାମାନଙ୍କ ପକ୍ଷେ :— ଏମାନେ ଧନ୍ୟ ଜଗତର ପତି ନୁହନ୍ତି । ଦେବ ପ୍ରବର ଅଟନ୍ତି । ନା+ନଳ (ନରରୂପୀ ନଳ)

Digitized by srujanika@gmail.com

ଇନ୍ଦ୍ର ଆଦି ଚତୁର ଦେବେ ପୁଣି ନଳେ
ସମାନ ସେ ବାଣୀ ଭଳି,
ତରଳିଲେ ବାଳା ବଡ଼ବା ଅନଳେ
ଲବଣ୍ୟ (୧) ଲହରୀ ଭଳି । ୩୪ ।
ସନ୍ନିହିତ ଚତୁର ପକ୍ଷ (୨) ଚୁମ୍ବି ଘୂରି
ପଞ୍ଚମ କୋଟି ଆଦର,
ବାରି ନ ପାରିଲେ ଯଥାର୍ଥ ନଳଙ୍କୁ
ଅଦ୍ୱୈତେ ସନ୍ଦେହ ଭଳି । ୩୫ ।
ସୁଶୀଳ ନଳଙ୍କୁ ସ୍ୱେଚ୍ଛେ ପରାଭବ
ଦେବ ଯିବା କଲି କେବେ,
ସୁକୁମାରୀ ନଳ- ପ୍ରିୟା ଭୀମଜାକୁ
ଦ୍ୱାପର (୩) ପୀଡ଼ଇ ଏବେ ।
ସହି ନ ପାରିଲେ ନଳ ଦମୟନ୍ତୀ
ବିବାହ କଲି ଦ୍ୱାପର,
ଦେଖି ନ ପାରନ୍ତି ପରଶ୍ରୀ ଭବେ
ଈର୍ଷ୍ୟା ପରବେଶ ନର । ୩୬ ।
ସମଝାଇଲେ ପଞ୍ଚ ନଳେ ତରଳାଇ
ତରଳାକ୍ଷୀ ଭୈମୀ ମନ,
ନିଜ ବାଣ ସଂଖ୍ୟା ସଫଳ କଲା କି
ସମର୍ଥ ମୀନକେତନ ? । ୩୭ ।

ବୁଦ୍ଧିରେ ଏମାନଙ୍କୁ ବରଣ ନକଲେ, ତୋର ଦିବ୍ୟ (ସ୍ୱର୍ଗୀୟ) ବର ଅର୍ଥାତ୍ ଦେବତା ବରଣ ଅସୁଲଭ ହେବ ।

(୧) ଲବଣ ସମୁଦ୍ରର ଲହରୀ ।
(୨) ସାଂଖ୍ୟ, ନ୍ୟାୟ, ବୌଦ୍ଧ ଆର୍ହତ ଏ ଚତୁର ମତ ।
(୩) ସନ୍ଦେହ ।

Digitized by srujanika@gmail.com

ନଳ ରୂପଧର ଦେବତା ବର୍ଗଙ୍କୁ
ଭୂପେ ନଳାନୁରାଗିଣୀ,
ନୋହି ପୂର୍ବଜନ୍ମ ସୁକୃତର ଫଳେ
ନଳେ ବରିଥିଲେ ଧନୀ । ୩୮ ।
ଅମର ଆଳୟ ପ୍ରିୟ ଦୂତ ଭୂତ
ମରାଳ ଅରାଳବେଣୀ,
ସ୍ମରିଲେ ସେ କାଳେ ସତ୍ୟ ନଳ କଏ
ପୁଚ୍ଛିବାକୁ ଇଚ୍ଛା ପୋଷି । ୩୯ ।
ଜଣ ଜଣ କରି ପରମ ଆଦରେ
ଅନାଇ ଥରକୁ ଥର,
ସେ ପାଂଚ ପୁରୁଷେ ଭଲେ ହେଲେ ଭେଦ
ନ ଦେଖି ସେ ବାଳାବର ।
ଉନ୍ମାଦନୀ ପରି ଶଙ୍କାକୁଳ ହୋଇ
ପୁଣି ଶଙ୍କା ପରିହରି,
ଦୋ-ସନ୍ଧରେ ପଡ଼ି ମନେ ମନେ ଏହା
କହିଲେ ରାଜକୁମାରୀ । ୪୦ ।
ଯେବେ ଚନ୍ଦ୍ର ଭ୍ରମ ହୁଏ ଅଙ୍ଗୁଳରେ
ଚଳେ ନେତ୍ର ସଙ୍କୋଚନ,
ପ୍ରଥମା ଦର୍ଶନେ ହେତୁ ଅଟେ ଯିନା
ସ୍ୱଚ୍ଛ ଦ୍ରବ୍ୟ-ସନ୍ନିଧାନ ।
ବିନା କାରଣରେ ପଞ୍ଚନଳ ଭ୍ରମ
ହୁଅଇ ଯାହା ମୋହର,
ବିଚିତ୍ର ଚରିତ୍ର ନିଖିଳ ଜଗତେ
ଏ ଏକା ବିଚକ୍ଷଣର । ୪୧ ।
ବହୁ ରୂପ ଧରି ପରିହାସ ମୋତେ
କରନ୍ତି ବା କ୍ଷିତିପତି,

Digitized by srujanika@gmail.com

ବିଜ୍ଞାନ କୁଶଳ ସେ ନୃପ ପ୍ରବର
କେଉଁ ବିଦ୍ୟା ନ ଜାଣନ୍ତି ?
ତୁରଗ-ଅଶୟ ସେହୁ ତ ଜାଣନ୍ତି
ବିଜ୍ଞାନ ପଟୁତାବଳେ,
ବହୁ ରୂପ ଧରି ଛଳନା କରିବା
ଶିଖି କି ବିଳାସୀ ନଳେ ? । ୪୨ ।
ଜଣେ ନଳ ଥାଉ ଜଣେ ପୁରନ୍ଦର
ଅପର ଜଣକ କାମ,
ଅଶ୍ୱିନୀକୁମାର ଯୁଗଳ ଦେବଙ୍କ
ଆନ ଦୁହିଁଙ୍କର ନାମ ?
ରୂପ ଶୋଭା ଯେନ ବିଶ୍ରୁତ ଜଗତେ
ଅଟନ୍ତି ଏ ପାଞ୍ଚଜଣ,
ତେଣୁ ଅବା ମୋର ଏମାନଙ୍କ ଠାରେ
ହେଉଅଛି ନଳ ଭ୍ରମ । ୪୩ ।
ପୂର୍ବେ ମୁଁ ବିରହ- ଖେଦେ ଦେଖୁଥିଲି
ସବୁଠାରେ ନଳ ନୃପ,
ଫେରି ଅଇଲା କି ସେ ଦଶା ମୋହର
ଯେନ ତାଙ୍କ ମିଥ୍ୟା ରୂପ ? । ୪୪ ।
ମୋହ ବଶେ ଅପ- ଶଙ୍କା କରେ ସିନା
ଶଚୀକନ୍ତୁ ଅଦ ଦେବେ,
ମୋ ବଞ୍ଚନା ପାଇଁ ମୂଳର ରଚନା
କରିଛନ୍ତି ଏହା ଏବେ ।
ନୋହିଲେ କାହିଁକି ପୂର୍ବ ଗାଥାମାନ
ଉଚିତ ଭାରତୀ ଗୀରେ,
ଦୂରୁଇ ଜଗୀଷ ପୁଣି ଆନ ପକ୍ଷେ
ନଳଙ୍କୁ ବୁଝାନ୍ତା ଥରେ । ୪୫ ।

Digitized by srujanika@gmail.com

ମାନସ ବଞ୍ଚକ ପୁରୁଷ ସଙ୍ଗରେ
ନଳ ରୂପେ ନରଚନ୍ଦ୍ର,
ନ ବଢ଼ଇ କଅଁ ନ ଧରନ୍ତି ପୁଣି
ଅମରେ ଦେବ ଲକ୍ଷଣ । ୪୬ ।
ଯାଚବି ବାହିଁକ ଦେବତାମାନଙ୍କୁ
ନଳଙ୍କୁ ଲଭିବା ପାଇଁ,
ବହୁ ପୂଜା ଫଳେ ବୁଝିଛୁ ତାଙ୍କର
ମୋଠାରେ କରୁଣା ନାହିଁ ।
କନ୍ଦର୍ପ-ଶୋଷଣ ବାଣେ ଶୁଷ୍କ ମୋର
କରୁଣା ନୀରଧି ଖାତ,
ଯୋଗେ ଭୟଙ୍କର ହୋଇଅଛୁ ଏବେ
ପୁଣି ସେମାନଙ୍କ ଚିତ୍ତ । ୪୭ ।
ମୂର୍ଖ ଅନ୍ଧକୂପେ ପୁସ୍ତକ ନଚେତ୍
ପରି, ସତ୍ତିଗନ ପରି,
ଗୁଣବନ୍ତ ଦେବେ ! ଧଇଲେ କମାଇ
ନଳ ନଷ୍ଟ ବର୍ଣ୍ଣ ଶିରୀ ?
ଦେବତାମାନଙ୍କ ସ୍ୱଭାବ ସୁଲଭ
ଦାକ୍ଷ୍ୟ ବିଭବ ସମ୍ମତ,
ଅସ୍ତଗତ ଏବେ ନୋହିଲା କ ଅହା
ପର ଉପକାର ବ୍ରତ ? ୪୮ ।
ଲେଖିଥାନ୍ତି ବିଧି ଯେ ଭଲ ଯା ମନ
ସେ ଭଲ ଫଳ ସେ ପାଏ,
ଚେଷ୍ଟା କଲେ ବିଧି- ଲିପି ଖଣ୍ଡିବାକୁ
ତା କକ ସଫଳ ହୁଏ ?
ବିଧି ବଶେ ସିନା ନଳ ଲାଭ ଲାଗି
ବାସନା ଉଠଇ ଅପେ,

Digitized by srujanika@gmail.com

ହିମେ ଜଳିଯାଏ ସଲିଳେ କମଳ
ନ ଜଳି ତପନ ତାପେ । ୪୯ ।
ଯାଚିଲେ ମୁଁ ନଳ କଳପ ପାଦପ
ସଙ୍କୋଚି ପଲ୍ଲବ ପାଣି,
କୃପଣ ପରାଏ ବଦ୍ଧମୁଷ୍ଟି ହେବ
ଅଗ୍ରୁଁ ଧାରୁଛି ଜାଣି । ୫୦ ।
ଅଥବା ବରଣ- ମାଳା ଅରପିଣ
ବଚନ ଦେବତା କରେ,
କହିବ ଯେବେ ମୁଁ ଲମ୍ବାଇ ଦେବାକୁ
ନୈଷଧ ନୃପତି ଗଳେ;
ଦେବଦ୍ରୋହୀ ହେବେ ଧୂରତା ସେ କର୍ମେ
ହେବି ସିନା ମୁଁ ଦୂଷିତ,
ଭ୍ରୂଣ ସମ ଆତ୍ମ- କର୍ମେ ବନ୍ଧୁ ରତ୍ନ
ହରାଇବା ଅନୁଚିତ । ୫୧ ।
"ଯଥାର୍ଥ ନଳଙ୍କୁ ଏ ବରଣମାଳା
କରୁଛି ମୁଁ ଅରପଣ,
ମୋ ବରଣ ଲାଗି ଗ୍ରହଣ କରନ୍ତୁ
ଉଠି ନୈଷଧ ରାଜନ" ।
ଅବଳା ହୋଇ ମୁଁ ଏ ମହା ସଭାରେ
ଲାଜ ପରିହରି ତାହା,
କପଟି କହିବ ଶୁଣି ଏ ଜଗତେ
କି ବୋଲିବେ ମୋତେ ଅହା । ୫୨ ।
ନଳ ପରି ମୋତେ ଏମାନେ ଦିଶନ୍ତି
ତେବେ କମ୍ପା ମନ ମୋର,
ସୁଧା ସିକ୍ତ ଭଳି ଲଭଇ ଅହ୍ଲାଦ
ଦେଖି ଏ ପଞ୍ଚମ ନଳ;

Digitized by srujanika@gmail.com

ପ୍ରଥମ ଚରଣ   ଏକାଭିନ୍ନ ଶବ୍ଦ
ଥିଲେ ହେଲେ ଅନୁପ୍ରାସ,
ଅଳଙ୍କାର ଶାସ୍ତ୍ର   ସଙ୍ଗତ ବସ୍ତୁରେ
ଶେଷେ କରଇ ବିଳାସ । ୫୩ ।
ବସ୍ତୁରେ ଭ୍ରମକା   ଯଥାର୍ଥ ନଳଙ୍କୁ
ନ ଚିହ୍ନି ହେଲେ ବିକଳ,
ମୁଖ ନିନ୍ଦାକଲ   ରବି ତାପେ ମ୍ଳାନ
ଭଜିଲ ଇନ୍ଦୁମଣ୍ଡଳ । ୫୪ ।
କବିରାଜ ରାଜ   ମୁକୁଟ ଭୂଷଣ
ଶ୍ରୀହୀର ଯାହା ଜନକ,
ସାଗର ସମାନ   କବିତା ଯାହାର
ଶ୍ରୀହର୍ଷ କବି ତିଳକ ।
ତାଙ୍କ ବିରଚିତ   ମଧୁ ସୁମଧୁର
ରସେ ଭରି ଜଳନିଧି,
ନଳ ଚରିତର   ତ୍ରୟୋଦଶ ସର୍ଗ
ନିସର୍ଗ ସୁନ୍ଦର ବିଧି । ୫୫ ।

Digitized by srujanika@gmail.com

ଚତୁର୍ଦ୍ଦଶ ସର୍ଗ

ନଳ ଲାଭ ଲାଗି ଦେବତା-ପ୍ରସାଦ
ଲଭିବାକୁ ଦମୟନ୍ତୀ,
ଅନନ୍ୟ ମାନସେ ଦେବ ଆରାଧନା
ପାଇଁ ବଳାଇଲେ ମତି ।
ଦେବତା-ଲୋକରେ କାମଧେନୁ ଯିନା
ଅଭୀଷ୍ଟ ପୂରଣ କରେ,
ମାନବ-ଲୋକରେ ଦେବତା ପ୍ରସାଦ
ସୁରଭି ବିଧାତା ବରେ । ୧ ।
ପ୍ରଦକ୍ଷିଣ ପ୍ରଣ- ମଣି, ଆଲବାଳ,
ବିଲେପ, ଧୂପ, ସେବନ,
ଇଷ୍ଟଫଳ ଲଭେ ଦେବତା କଳାପ
କଳପ ଦ୍ରୁମ ସମାନ । ୨ ।
ଭକ୍ତିପ୍ଲୁତ ହୋଇ ଦେବତାମାନଙ୍କ
ନାମ ଉଚ୍ଚାରଣ କରି,
ଚରଣ କମଳେ ପରମ ଆଦରେ
ନମିଲେ ଭୀମ କୁମାରୀ ।

Digitized by srujanika@gmail.com

ଶ୍ରଦ୍ଧାରେ ପ୍ରଣତ ହିହୁଲେ କେବଳ
ସନ୍ତୁଷ୍ଟ ଦେବତାଗଣେ,
ଅଦୃଷ୍ଟ ପ୍ରଦାନେ ବିମୁଖ ନୁହନ୍ତି
ବିଶ୍ୱାସୀ ଭକତ ଜନେ । ୩ ।
ସର୍ବବ୍ୟାପୀ ଦେବେ ଦେଖିଲ ଶ୍ରୀମଜା
ସାକ୍ଷାତ ଭାବନାବଳେ,
ନରଲୋକେ ଯିନା ବରଲଭ ହୁଏ
ଦେବତା ଦର୍ଶନ ଫଳେ । ୪ ।
ବସ୍ତୁଦ୍ୱୟେ ଦେଖିଲେ ସଭିଜନମାନେ
ସୁମନେ ସୁମନାବର,
ପୂଜା ଆରମ୍ଭିଲ ଦେବରୁଷ୍ଟି ପାଇଁ
ଲଭିବାକୁ ଯୋଗ୍ୟବର । ୫ ।
ଗୀତମନ୍ତ୍ର ଷଟ୍- ପଦେ ନିସେବିତ
ଜାତଗନ୍ଧ ମୋଦେ ଭରି,
ଅଭିନବ ସ୍ତବ- ପ୍ରସୂନ ସ୍ତବକେ
ସୁମନେ ପୂଜିଲା ବାଳା । ୬ ।
ସ୍ତବେ ସନ୍ତୁଷ୍ଟ ସେ ଚାରି ଅମରେ
ଭକ୍ତିରେ ପ୍ରସନ୍ନ ହେଲେ,
ଲୋଢ଼େ ଅବା କେତେ ଫୁଲାର ଅନଳ
ଜଳିବାକୁ ଇଚ୍ଛାକଲେ । । ୭ ।
ବାଣୀ-ଶ୍ଳେଷ ଭାଷା ବୁଝିନେଲେ ଭୈମୀ
ଦେବତା ପ୍ରସାଦ ପାଇ,
ସାଧୁ ବୁଦ୍ଧି ଯିନା ଦିଅନ୍ତି ଦେବତା
ଆନ ସେ ଦିଅନ୍ତି ନାହିଁ । ୮ ।
ଶେଷେ ନଳ ଲକ୍ଷ୍ୟେ ବିରଚିତ ଯେଉଁ
ଗାଥା ଆନ ଆନ ଦେବେ,

Digitized by srujanika@gmail.com

ସ୍ଫୁରୁଥିଲ ତାରୁ   ବୁଝିନେଲେ ଭୈମୀ
ନଳଙ୍କୁ ବୁଝାଏ ଏବେ ।୯ ।
ଏକ ଏକ ଗାଥା   ଏକ ଏକ ଦେବେ
ଏକ ଏକ ଅଂଶ ପରି,
ଭଜିଥିଲେ ଏବେ   ସର୍ବ ଅଂଶ ବଶ
ନଳ ନୃପେ ନେଲେ ବରି । ୧୦ ।
ଶେଷେ ସତ୍ୟ ନଳେ   ଚିହ୍ନି ପାରି ଭୈମୀ
ଆନନ୍ଦ ଗଦ୍‌ଗଦ ଚିତ୍ତେ,
ଭାରତୀ-ବଚନ-   ଭଙ୍ଗିକୁ ପ୍ରଶଂସା
କଲେ ବୃହି ଚିତ୍ତାନେଧେ । ୧୧ ।
ମୂର୍ତ୍ତିମତୀ ଯେଣୁ   ବଚନ ଦେବତା
ଅପୂର୍ବ ଶ୍ଳେଷ କୌଶଳ,
ପ୍ରକାଶି ଚିହ୍ନାଇ   ନ ଦେଲେ କି ମୋତେ
ଦେବତାରୁ ବଡ ନଳ ? । ୧୨ ।
ଚିହ୍ନାଇ ଦେବାକୁ   ନଳଙ୍କୁ ସହଜେ
ବଚନ ମାଳିକା ଗୁରି,
ଅନୁଗ୍ରହ କରି   ଗୁନ୍ଥିଲେ ଭାରତୀ
ମୋହେ ନ ପାରିଲ ବାରି । ୧୩ ।
ଭାରତୀ ବଚନେ   ଶ୍ଳେଷ ଗାଥାମାନ
ଦେବଙ୍କୁ ଚକ୍ରର ଖେଳା,
ଦିଗପାଳମାନେ   ନଳରୁ ଅଲଗା
ଭଜ ସେ ଭୂପାଳ ଲୀଳା । ୧୦ ।
ଦେବେ ତେଜ ନଳେ   ନଯୋଜିଲେ ମୋତେ
ଧନ୍ୟ ତାଙ୍କ ଅନୁଗ୍ରହ,
ଆହାକି ଅପୂର୍ବ   ସୂକ୍ତି ଦେବୀଙ୍କର
କମ୍ପୁଚ ମୋହର ମୋହ । ୧୫ ।

Digitized by srujanika@gmail.com

ପରଶି ନ ଥିଲେ   ଧରଣୀ ଅମରେ
ମନେକର ପର ଦାଗ,
ଦେଖିଲେ ଭୀମଜା   ଭକ୍ତିରେ ପଡ଼ଙ୍କ
ଚରଣ ସେବନ୍ତ ଧରି । ୧୬ ।
ଦେବତା-ଅଙ୍ଗନେ   ନ ଦେଖି ନିମେଷ
ଦେଖିଲେ ନଳ ନୟନେ,
ଆସି ନଳସଙ୍ଗେ   ମିଳନ୍ତ ହେବାକୁ
ସ୍ପୃହୁଥିଲ ତା ଯେସନେ । ୧୭ ।
ନ ଦେଖିଲେ ଧରା-   ସ୍ପର୍ଶ ଅମରେ
ଦେଖିଲେ ନୃପତି ନଳେ,
ଲଗିଥିଲ ସିନା   ରଜ ତାଙ୍କ ଦେହେ
ଗାଢ ଆଲିଙ୍ଗନ ଫଳେ । ୧୮ ।
ବିରହ ସନ୍ତାପ   ବିନାଶିଲ୍ ଭଳି
ନଳ ଅଙ୍ଗେ ସ୍ୱେଦକଣା
ବିଶୁଦ୍ଧ କାଞ୍ଚନେ   ହୀରକ ଅଙ୍କୁର
ଭଳି ପଡ଼ୁଥିଲ କଣା । ୧୯ ।
ନିରଖିଲେ ବାଳା   ମ୍ଳାନ ଭଜଥିଲ
ଫୁଲମାଳା ନଳ ଗଳେ,
ମଉଳି ନ ଯାଇ   ରାଜୁଥିଲ ତାହା
ଦେବତାଙ୍କ ବକ୍ଷସ୍ଥଳେ ।
ସୁକୁମାରୀ ରାଜ-   କେମାକୁ ଲଭିଲେ
ଶ୍ରଦ୍ଧା କ କରିବେ ମୋତେ,
ବଚୃିର ମାନସେ   ନିଳକଣ୍ଠେ ମାଳ
ମଉଳି ଥିଲା କ ସତେ ? । ୨୦ ।
ନଳ ନୃପ ସଙ୍ଗେ   ସମାନ ନୂହନ୍ତି
ସୁନ୍ଦର ପଣରେ ଦେବେ,

Digitized by srujanika@gmail.com

ନାହିଁ ନାହିଁ ନାହିଁ ନାହିଁ ତାଙ୍କ ଛାଇ
ଦେବତା ସମାଜେ ଲବେ ”
ଏହାବୋଲି ସତେ ଚାହାଁଇଲା ନିଜ
ଛାୟା ତହିଁ ସତ୍ୟ ନଳେ,
ଛାଇ ଦେଖି ତାଙ୍କୁ ସତୀ ଦମୟନ୍ତୀ
ଚିହ୍ନିନେଲେ ସଭାସ୍ଥଳେ । ୨୧ ।

ଏ ସବୁ ଲକ୍ଷଣେ ଆଗେ ଉପଗତ
ନଳଜ୍ଞାନ ଦୃଢ ହେଲା,
ଲକ୍ଷଣ ବ୍ୟକ୍ତିକୁ ଦେବତା-ପ୍ରସାଦ
ବୋଲି ଭୈମୀ ମନେକଲା । ୨୨ ।

ବଳାଇଲା କାମ ବାମାକୁ ମାଳାରେ
ନଳଙ୍କୁ ବରିବା ପାଇଁ,
ଅବଳା ସୁଲଭ- ଲାଜ ନିରୋଧିଲା
ପଥ ଅନ୍ତରାଳେ ଥାଇ । ୨୩ ।

ମାଳାରେ ନଳଙ୍କୁ ଆଲିଙ୍ଗିବା ପାଇଁ
ବଦ୍ଧ ଯନ୍ତ୍ରକର ରସେ,
ନ ଚଳିଲା ପାଣି- ପଲ୍ଲବ ବାଳାର
ସ୍ତମ୍ଭ ଆଉ ଲଜା ବଶେ । ୨୪ ।

ଭୀମ ଦୁହିତାର ଏ ଭାବ ନିରେଖି
ଅନୁରାଗ ପରବଶ,
ନଳ ହୃଦେ ଲଜ କାମ ବିରଚିଲେ
ଶୃଙ୍ଗାର ଦୋଳା ବିଳାସ । ୨୫ ।

ମାଳା ଯେନ ସୁଖେ ନଳ ମୁଖେ ଯାଇ
ବିରମିଲା ବାଳା କର,
ନଳ ମୁଖ ଚୁମ୍ବି ଚଞ୍ଚଳ କଟାକ୍ଷ
ଫେରି ନେଲେ କଲା ଘର । ୨୬ ।

ଚିତ୍ତ ଯାଇ ସୁଖେ ନଳଙ୍କୁ ଭଜିଲା
ନୟନ-ପାରିଲା ନାହିଁ,
"ଲଜ୍ଜା ନୟନରେ" ଏ ଜନ ପ୍ରବାଦ
ବିଫଳ ନୋହିଲା ତହିଁ । ୨୭ ।
ଅତିକଷ୍ଟେ ନଳ- ମୁଖ-ପଦ୍ମ-ଶୋଭା
ଅଳପେ ଅବଲୋକନ,
କରି ଭୈମୀ ବାଣୀ- ବଦନ-ଚନ୍ଦ୍ରରେ
ନିହିଲେ ଅର୍ଦ୍ଧନୟନ । ୨୮ ।
ବୁଝି ଅଭିପ୍ରାୟ ଗୃହାଣୀରୁ ବାଣୀ
କହିଲେ ପ୍ରକାଶି ଛଳ,
"ଲଜ୍ଜା-ଯବନିକା ଢାଙ୍କି ରଖିଲା ତ
ମନୋଗତ ଭାବ ତୋର" । ୨୯ ।
ନଳ ଅର୍ଦ୍ଧ ନାମ- 'ନ' କାର ମାତର
ଭାରତୀ-ବଦନୁଁ ଶୁଣି,
ଲାଜେ ନମ୍ରଭାବ ଭଜିଲେ ଭୀମଜା
ଶିରେ ଯୋଡ଼ି ବେନିପାଣି । ୩୦ ।
ହସି ହସି ବାଣୀ ଇନ୍ଦ୍ରମୁଖେ ପୁଣି
ଟାଣିବାରୁ କର ଧରି,
ବଳଭିଦ ଭଜ ବାମାପଦଙ୍କା କ
ସାର୍ଥକଲେ ସୁକୁମାରୀ । ୩୧ ।
ଇନ୍ଦ୍ର ଅଭିମୁଖୀ ଭୀମଜାଙ୍କୁ ଦେଖି
ରୁଷିଥିଲେ ସ୍ୱର୍ଗଶିରୀ,
ତେଜନ୍ତେ ଭୀମଜା ଇନ୍ଦ୍ରଙ୍କୁ ଭଜିଲେ
ନିତାନ୍ତ ଲଜ୍ଜି ଭାପରି । ୩୨ ।
"ଅନିଚ୍ଛା କି ନଳେ" ଭାଷନ୍ତେ ଭାରତୀ
ଘାରିହୋଇ କାମ-ଲାଜେ,

Digitized by srujanika@gmail.com

ନଳଙ୍କୁ ବରିବା- ପାଇଁ ନିବେଦିଲେ
ଅନାଇଁ କଟାକ୍ଷ ବ୍ୟାଜେ । ୭୩ ।
ଅପସରୀ କରେ କରତାଳି ଦେଇ
ହସିଉଠିଲେ ସିଦିଶେ,
ପଥେ ପାନ୍ତୁ ଦୁର୍ଗା କଲେ ତାଙ୍କୁ ବାଣୀ
ଅଲଗି ଅଙ୍ଗ ହରଷେ । ୭୪ ।
ଅପଣା ଇଚ୍ଛାରେ ମନ୍ଦଗତି ଭୈମୀ
ଗମନ୍ତେ ନୈଷଧ ଲକ୍ଷେ,
ଅର୍ଦ୍ଧପଥେ ତାଙ୍କୁ ନିରୋଧିଲେ ବାଣୀ
ନେବାକୁ ଦେବଙ୍କ ପାଶେ । ୭୫ ।
ପତି ଆକର୍ଷିତ ନବବଧୂ ପରି
ଭାରତୀ-ପରିରମ୍ଭଣ,
ଦେଖିଲେ ଖ୍ୟାମକା ନୈଳନାଳ-ମୁଖ
ପଦ୍ମକର ବିବର୍ତ୍ତିନ ।
ନିରେଖିଲେ ଜନେ ଆନନ୍ଦ କୁତରେ
ଦର୍ଶମାସ୍ତ ତାହା ହେଲ,
ମଟୁପ ଗୁଞ୍ଜନେ ମୁଖର ସୁନ୍ଦର
ପଦ୍ମ-ଶଙ୍କା ଆଣିଦେଲ । ୭୬ ।
ଦେବ ସମାଜରେ ଉପେକ୍ଷା ନିରେଖି
ଚନ୍ଦ୍ରମୁଖୀ ଖ୍ୟାମଜାର,
ସ୍ମିତଶୋଭି ମୁଖେ ଭାଷିଲେ ଭାରତୀ
"ମୁଁ ଥାଉଁ କ ଶଙ୍କା ତୋର" ? । ୭୭ ।
ଦେବତା ଚରଣେ ପ୍ରଣାମ ନ କରି
ତାଙ୍କ ଅନୁଜ୍ଞା ନ ଘେନି,
ବୀରସେନ-ସୁତେ ବରିବା ଉଚିତ
ମନେକଲ୍ନି କିବ ଧମୀ । ୭୮ ।

Digitized by srujanika@gmail.com

ଅଶ୍ୱାସ ବଚନେ ବିଶ୍ୱାସ ଜନ୍ମାଇ
କର ଧରି ପୁଣି ଅଣି,
ଦେବତା ଚରଣେ ପ୍ରଣାମ କରାଇ
କହୁ ଅଛନ୍ତି ଲେ ବାଣୀ ।
ଭକ୍ତିରେ ବନତ- ବଦନା ଖ୍ୟମଜା
ନଳଙ୍କୁ ବରିବା ପାଇଁ,
ଦେଉ ଅନୁମତ ଦେବତା ସମାଜ
କରୁଣା କଟାକ୍ଷେ ଚାହିଁ । ୩୯ ।
ବହୁ ଦେବତାଙ୍କୁ ବରନ୍ତା କରିବ
ପତିବ୍ରତା ଦମୟନ୍ତୀ,
ଅନେ ଅପମାନ ନୁହନ୍ତା କ ପୁଣି
ଜଣକୁ ଦେଲେ ସେ ମତ ?
ତେଣୁ ଲୋକପାଳ ଅପଣମାନଙ୍କ
ଅଂଶେ ଯାର ଅବତାର,
ନରଦେବ ନଳେ ବରିବା ପାଇଁକ
ବଳିଅଛି ମତ ତାର । ୪୦ ।
ଆଗୁଁ ଅନ୍ତଃପୁରେ ଦୂତରୂପୀ ନଳେ
ମାଳାଦାନେ ଅଲିଙ୍ଗନେ,
ବହିଛି ବଧୂତା ସ୍ୱୟମ୍ବର ବିଧି
କେଉଁ ଲଭ ବାଧାଦାନେ ? ୪୧ ।
ବର୍ଣ୍ଣାଶ୍ରମ ଧର୍ମ ପରଜା ପାଳନେ
ପ୍ରସନ୍ନ ଅପଣମାନେ,
ମଣ୍ଡିଛନ୍ତ ସିନା ଚରଣେ ଧରଣୀ
ନଳକୀର୍ତ୍ତି ସଂବର୍ଦ୍ଧନେ । ୪୨ ।
ଭାରତୀ ବଚନେ ତୁଷ୍ଟ ଦେବଗଣେ
ମୁଖ ମଣ୍ଡି ମନ୍ଦହାସେ,

Digitized by srujanika@gmail.com

ନେଷ ବନୋଦଟେନ   ଅନୁମତି ଦେଲେ
"ଭୈମୀ ଯାଉ ନଳ ପାଶେ" । ୪୩ ।
ଲାଜେ ଜଡ଼ିତନୁ   ରାଜ-ତନୁଜାର
ଅଚଳ କନ୍ଦର୍ପ ବଳେ,
ପଲ୍ଲବ-ପାଟଳ-   ଗୁଚ୍ଛ କରତଳ
ମଧୁର ମଧୂକ ମାଳେ ।
ଜଗତ ବନ୍ଦିତା   ବଚନ ଦେବତା
ସମ୍ଭାଳି ଆପଣା କରେ,
ବସୁଧା-ସୁଧାଂଶୁ   କଣ୍ଠ ଉପକଣ୍ଠେ
ବଳେ ବଳେ ନେଇ କଲେ । ୪୪ ।
ସତେ ଆପଣାର   ଅଙ୍ଗୀକାର ଲେଖା
ଲେଖି ସମର୍ପିଲା ଭଳି,
ନଳକଣ୍ଠେ ଦେଲା   ବଧୂ ଦୂର୍ବାଦଳ
ମିଳିତ ମଧୂକ ମାଳ । ୪୫ ।
ଶୃଙ୍ଗାର ରସର   ସ୍ରଗ୍ଧର ମାଳ
ସୁଶ୍ୟାମଳ ଦୂର୍ବାଦଳେ,
ପ୍ରସୂନ ଆୟୁଧ   ପାଶପରି ଛାଦ୍ୱା
ବରଜିଲା ନଳଗଳେ । ୪୬ ।
ନଳ ଅଙ୍ଗ ଚୁମ୍ବି   ଉଲ୍ଲାସେ ଅକୁଳ
ପୁଲକିତ ଦୂର୍ବାଙ୍କୁରେ,
ମାଳକୁ ଅନାଇ   ରହିଲେ କି ଭୈମୀ
ମୁଖପୋତି ମାନଭରେ ? । ୪୭ ।
ପ୍ରତିବିମ୍ବ ରଚି   ନଳଙ୍କ ବିମଳ-
ହୃଦେ ସେ ମଧୂକ ମାଳା,
ଅର୍ଦ୍ଧମଗ୍ନ କାମ-   ବିଶିଖ-ଆବଳି
ଭ୍ରମ ଆଣି ନେତ୍ରେ ଦେଲା । ୪୮ ।

Digitized by srujanika@gmail.com

ପୁର-ନାରୀଙ୍କର ଆନନ୍ଦେ ଅସ୍ଫୁଟେ
ମଙ୍ଗଳ ଗୀତିକା ଛଳେ,
ହୁଳହୁଳି ଧ୍ୱନି ଖେଳିଲା ସେ କାଳେ
ସେ ସର୍ବ ଗଗନ ତଳେ । ୪୯ ।
ପୁଲକିତ ବପୁ ଶ୍ରମ ଦୁହିତାର
ଅଭିନବ ରୋମାବଳୀ,
କର ଦରଶନେ ଉଦ୍‌ଗ୍ରୀବ ହୋଇଲା କି
ବାଳ-ଚପଳତା ଧରି ? । ୫୦ ।
ସ୍ୱଜିଲା ଶ୍ରମିକା ରୋମାଞ୍ଚିତ ଅଙ୍ଗ
ସୁନ୍ଦର ଅଧର-ବିମ୍ବେ,
ମଣ୍ଡିତ କାମର- ରେ ଉପାସନା-
ବେଦିକା କି ଲକ୍ଷ୍ୟ-ସ୍ତମ୍ଭେ ? ୫୧ ।
ମଞ୍ଜୁଳିକ ସବୁ- ଚେଷ୍ଟା ଶ୍ରମିକାର
ଅବା କାମବାଣ ଛାପେ,
ମୃଦୁ ଭୂକି ପାଇଁ ମାଗିନେଲା କଳି
ସାଜିବାକୁ କିବା ଆପେ ? । ୫୨ ।
ନାଳ ରୁହୁଁ ଗଲେ ସ୍ୱେଦ ନଳ ବରେ
ଜନ୍ମାଇଲା ଯାହା ସ୍ୱର,
ହବୀ ପରିଣୟ ଉତ୍ସବର ଯୋଗ୍ୟ
ତାହା ପିନା ଅର୍ଘ୍ୟଜଳ ? ୫୩ ।
କମ୍ପୁ ପଟେ ତୁଳା- ତୁଳା ବୈମୀ ବପୁ
ମନମଥ ବାଣପାତେ,
ମହା ନମ୍ରୀଭୂତ ନଳ ଯା' କର୍ମିଲେ
ଆଶ୍ଚର୍ଯ୍ୟ ହୁଅଇ ପ୍ରତେ । ୫୪ ।
ଆନ ନୃପନେତ୍ର ଢାଙ୍କି ଥିଲା ମାଳ
ପ୍ରତିବିମ୍ବ ଅଶ୍ରୁଜଳେ,

Digitized by srujanika@gmail.com

ସଂଗେ ନେତ୍ର ପୀତ- ହୋଇ ଝୁଲୁଥିଲ
ନଳଙ୍କ ହୃଦୟ ସ୍ଥଳେ । ୫୫ ।
ଭୈମୀ କରସ୍ପର୍ଶେ ସାତ୍ତ୍ୱିକ ବିକାର
ଭଜ ଆନନ୍ଦରେ ହେଲ,
କାମ ଲକ୍ଷ୍ୟ ଶିକ୍ଷା- ଦମ୍ଭ ସ୍ତମ୍ଭିତ
ଶରସ୍ଥିର ହେଲେ ନଳ । ୫୬ ।
ସାମ୍ରାଜ୍ୟ ଉପେକ୍ଷି ଭିକ୍ଷୁ ସ୍ୱଭ ଯଥା,
ଯୌବନ ବରଙ୍କ କରି,
ନଳରୂପ ଛାଡ଼ି ନିଜରୂପ ଦେବେ
ଧଇଲେ ତେଜବେ ଧରି । ୫୭ ।
ସାତ୍ତ୍ୱିକ ସମ୍ଭୂତ ଭୈମୀ ଅଙ୍ଗଶୋଭା
ଦେଖିବାକୁ ଇଚ୍ଛାକରି,
ଉଦ୍‌ଭୂତ ହେଲ କି ଇନ୍ଦ୍ର-ନେତ୍ରମାଳ
ଅହଂପୂର୍ବିକାକୁ ବରି ? ୫୮ ।
ଗୋତ୍ର ଅନୁକୂଳ ବିବାହ ଏ ଭବେ
ବିରୁଦ୍ଧ ଗୋତ୍ରାରି ଠାରେ,
ସଖା ପ୍ରବରଙ୍କୁ ଦେଖୁଥିଲେ ଭୈମୀ
ପେଷିଥିଲେ ସେ (୧) ଅଗରେ । ୫୯ ।
ନିଜ କାମ ମୋହ ଅନ୍ଧାର ବିନାଶେ
ପ୍ରଜ୍ୱଳିତ ଯାପର,
ଜ୍ୱାଳା-ମାଳା ବ୍ୟାପ୍ତ ଦୀପ୍ତ ନିଜବପୁ
ବାୟୁସଖ ନେଲେ ବରି । ୬୦ ।
ଅଗ୍ନି ତେଜ, ଭୈମୀ ନଳଙ୍କୁ ବରନ୍ତେ
ପତି-ଅପମାନେ ଶିଖା,

(୧) ଇନ୍ଦ୍ର

Digitized by srujanika@gmail.com

କେତକଙ୍କେ ଡର ମୁଖ ଢାଙ୍କିଲ କ
ଧବସେ ନ ଦେଇ ଦେଖା । ୭୧ ।
ସେ କାଳେ ସେଠାରେ ନୃପଗଣ ହୃଦେ
ଉପଗତ କୋପଜ୍ୱର,
ଅନ୍ଧାର ଶ୍ୟାମଳ କାଳ ବରିକଲେ
ଦଣ୍ଡ ବକ୍ରନେତ୍ର ଧର । ୭୨ ।
ଦେଖାଦେଲେ ତହିଁ ସ୍ୱଗୁଣ କାୟସ୍ଥ
ମସୀମୟ ଲିପିକର,
ଚିତ୍ରଗୁପ୍ତ ତହିଁ ମସୀଠାରୁ କଳା
ଥିଲେ ସେ ଅଧିକ କାଳ (୧) ୭୩ ।
ଭୀମଜା ମାନସ- ବନ୍ଧନ ମୋଚନ
ସମର୍ଥ ସୁନ୍ଦର ପାଶ,
କରେ ଧରି ସୁଖେ ଆବର୍ଭୂତହେଲେ
ସେଠାରେ ସଲିଳ ଈଶ । ୭୪ ।
ସପହାୟ ହୋଇ ନାରୀକୁ ଭେଟିବା
ଏଡ଼ େମାତବାଚନ,
ଏକା ଦେଇ ଦେଖା ସମ୍ମୁଖ ହୋଇଲେ
ସେଠାରେ ଜଳରାଜନ । ୭୫ ।
ଚନ୍ଦ୍ରପାଣି ମୋଦ- ବଢ଼ାଇ ମାନୁଷୀ-
ତନୁ ତେଜି ସେହିବେଳେ,
ଦିବ୍ୟ ବପୁଧର ବରିକଲେ ବାଣୀ
ସେ ସବୁ ଗଗନତଳେ ।
ପ୍ରକାଶିତ ବୀଣା, ମୁସ୍ତକ ପ୍ରମୁଖ
ଲକ୍ଷଣେ ତାଙ୍କୁ ବାର,

(୧) କୃଷ୍ଣ ବର୍ଣ୍ଣ ।

Digitized by srujanika@gmail.com

ତାଙ୍କ ନିର୍ବାଚନେ ଶିଥିଳ ବସ୍ତ୍ରରୁ
ହେଲେ ଭୂମୀନ୍ଦ୍ର-କୁମାରୀ । ୬୬ ।
ନଳରୂପ ତେଜି ସ୍ୱରୂପ ପ୍ରକାଶି
ଇନ୍ଦ୍ର ଆଦି ଦିଗପାଳେ,
ଲୋକ-ଲୋଚନକୁ ତୋଷିଲେ କି ଅବା
ଇନ୍ଦ୍ରଜାଲ ବିଦ୍ୟାବଳେ ? । ୬୭ ।
ପରସ୍ପର ପ୍ରେମ- ରସେ ମନୋହର
ଲବ୍ଧ କାମ ଭୈମୀ-ନଳେ,
ସମ୍ବୋଧି କହିଲେ ସ୍ୱର୍ଗ ସାର୍ବଭୌମ
ବାସବ ସେ ସଭାସ୍ଥଳେ । ୬୮ ।
ମୋର ଅନୁଗ୍ରହେ ଲଭିଲ ବୈଦର୍ଭି !
ଏବେ ଏ ଦୁର୍ଲ୍ଲଭ ବର,
ଅକପଟ ଭାବେ ଦୃଢପଣ କରି
ପାଇଲ ଏବର ନଳ । ୬୯ ।
ଭୂମିଯାଗେ ହବି ଭକ୍ଷଣ କରିବି
ପ୍ରତ୍ୟକ୍ଷ ମୂରତି ଧରି,
ଅଶ୍ୱୋଶ୍ୱ ଦେବେ ଜନସମାଜରୁ
ଖଣ୍ଡାଯିବ ଅପସରି । ୭୦ ।
ଭୋଗ ଶେଷେ ମର୍ତ୍ତ୍ୟ- ଧାମ ପରିହରି
ନଳ ଦମୟନ୍ତୀ ବେନି,
ଅର୍ଦ୍ଧନାରୀଶ୍ୱର ମୂର୍ତ୍ତିରେ ମିଶିବ
ସାଯୁଜ୍ୟ ମୁକତି ଘେନି ।
କହିଲ ଏ ଗୂଢ଼- ରହସ୍ୟ ସାନ୍ତ୍ୱନା
ଦେବାପାଇଁ ତୁମ୍ଭ ପ୍ରାଣେ,
'ମଲେ କସ ହେବ' ଏ ଚିନ୍ତା ଜନ୍ମିର
ଅନ୍ତରେ ସନ୍ତାପ ଆଣେ । ୭୧ ।

Digitized by srujanika@gmail.com

ସୁଖେ କାଶୀ ପାଶେ ଅସି ନଦୀକୂଳେ
ନଳନାମେ ପୁର ରଚି,
ମୁକ୍ତିକାମୀ ହୋଇ ବହୁବ ସେ ପୁରେ
ଭୈମୀ ଭୋଗେ ରହି ରୁଚି । ୭୨ ।
ଧୂମାବଳି-ଶ୍ମଶ୍ରୁ ସଖାଳ ଭାଷିଲେ
ଦେବତାମାନଙ୍କ ମୁଖ,
ମୋ କଟାକ୍ଷପାତେ ଭୁଞ୍ଜ ତୁମ୍ଭେମାନେ
ଅତୁଳ ଐଶ୍ୱର୍ଯ୍ୟ ସୁଖ । ୭୩ ।
ପାକ ସାଧନରେ ଏକାନ୍ତ କୁଶଳ
ଯେବଣ ମୂରତି ମୋର,
ନୃପକୁଳ-କ୍ଷୀର- ସିନ୍ଧୁ ସୁଧାକର
ହେଉ ସେ ତୁମ୍ଭ କିଂକର ।
କାମେ ପୋଡ଼ିଥିଲ ଯେ ତନୁ ମୋହର
ହର ଭାଲନେତ୍ରେ ଥାଇ,
ସେ ତନୁର ତୁମ୍ଭେ ଅଧୀଶ୍ୱର ରୂପେ
ବରିଲ ନିଷଧସାଇଁ । ୭୪ ।
ଅନ୍ନ, ମୀନ ଆଦେ ତୁମ୍ଭ କର ପାକେ
ସ୍ୱାଦେ ଜିଣୁ ସୁଧାରସେ,
ଶ୍ରଦ୍ଧା ସୂପକାର ବଦ୍ୟାରେ ତୁମ୍ଭର
ଏ ବର ଦେଲି ହରଷେ । ୭୫ ।
ଅଯାଚିତ ଧର୍ମ- ସୁତ ପ୍ରୀତହୋଇ
ସେ କାଳେ ବୋଇଲେ ନଳ !
ତୁମ୍ଭ ଅବଦାନେ ବର ଦେବାଲାଗି
ଉସ୍ତୁକ ରସନା ମୋର । ୭୬ ।
ସାଙ୍ଗହୋଇ ରଣେ ଭଜନ୍ତୁ ତୁମ୍ଭଙ୍କୁ
ଅମୋଘ ଶସ୍ତ୍ରସକଳ,

Digitized by srujanika@gmail.com

ଅସ୍ୱାଳଙ୍କ ବଳ ଅଧିକ କ ଅଛି
ଖରବ୍ରତ ମାନଙ୍କର ? । ୭୭ ।
ବଚନ ହେଲେହେଁ ଧର୍ମରୁ ତୁମ୍ଭର
ମତ ନୋହୁ ବିଚଳିତ,
ନ ତେଜେ ଯେ ଧର୍ମ, ଧର୍ମ, ଅର୍ଥ, କାମ
ହୁଅଇ ତା' କରଗତ । ୭୮ ।
ପ୍ରସନ୍ନ ପ୍ରଚେତା ହସି ପ୍ରକାଶିଲେ
"ଦମୟନ୍ତୀ ଦାନଦେଶେ,
ଯୌତୁକ କୌତୁକେ ଯେନ ଦେବା ବର
ଦେଉଛୁ ଏବେ ହରଷେ । ୭୯ ।
ମରୁ ପଛେ ହେଉ ଇଚ୍ଛାକଲେ ତୁମ୍ଭେ
ସେଠାରେ ମିଳିବ ଜଳ,
ଜଳଠାରୁ ବଳି ଲୋକରକ୍ଷା ଲାଗି
କାହିଁ ଅଧିକ ସମ୍ବଳ ? । ୮୦ ।
ତୁମ୍ଭ ଇଚ୍ଛାବଳେ ଶୁଚି-ଭାନୁକରେ
ମହାନନ୍ଦ ମେଳକର,
ନିଳୟ ସାଗରେ ପରିଣତ ହେଉ
ସୁ ବିଷମ ମରୁସ୍ଥଳ । ୮୧ ।
କୁସୁମ-ଆମୋଦ ଅମ୍ଳାନତା ଭଜୁ
ତୁମ୍ଭ ଅଙ୍ଗ ସଙ୍ଗ ପଲେ,
ଧର୍ମ-ଶର୍ମ-ନିଷ୍ଠ ସୁମନ ସମାନ
ଅଜ୍ଞ କେ ଅବନୀତଳେ । ୮୨ ।
ସ୍ମିତ ମଣ୍ଡି ମୁଖ- ମଣ୍ଡଳ ଭାରତୀ
ଭାଷିଲେ ସନ୍ତୁଷ୍ଟଭାବେ,
ଦମୟନ୍ତୀ ମୁଦ ବିଧାନୁ ଅଧିକ
ମୋ ଠାରୁ ନ ବୃଦ୍ଧିଁ ଏବେ । ୮୩ ।

Digitized by srujanika@gmail.com

ଶନା ପ୍ରାର୍ଥନାରେ ଆସି ଉପଗତ
ହେଲେହେଁ ଅଳପ ଦ୍ୱୃତ,
ଧୀରଜନ, ତାକୁ ବହୁ ମାନ କରେ
ଯେଣୁ ତାହା ପ୍ରୀତିଦତ୍ତ । ୮୪ ।
ଅର୍ଦ୍ଧେନ୍ଦୁଶେଖର ଅର୍ଦ୍ଧନାରୀଶ୍ୱର
ମନ୍ତ୍ର ମୂର୍ତ୍ତି ମୋର ସିନା,
ଜପ ନମସ୍କାର ଚିନ୍ମୟ ସେ ରୂପ
ସଫଳ ହେଉ କାମନା । ୮୫ ।
ମୋର ସାରସ୍ୱତ ମନ୍ତ୍ର ଚିନ୍ତାମଣି
ଉପାସନା ଯେହୁ କରେ,
ସରସ, ସୁରସ, ସୁନ୍ଦର କବିତା
ସହଜେ ତା କଣ୍ଠୁଁ ସ୍ଫୁରେ ।
ସ୍ୱର୍ଗ-ମୃଗୀଦୃଶା ବଶୀକରଣକୁ
ହୁଏ ସେ ସାକ୍ଷାତେ ମାର,
ଇଚ୍ଛାକରେ ଯାହା ଲଭେ ଅନାୟାସେ
ବହୁବାକ୍ୟେ କେଉଁ ଫଳ ? ୮୬ ।
ଗୃହସ୍ଥ ହଂସମାନେ ମୋର ମନ୍ତ୍ରମୂର୍ତ୍ତି
ଚିତେ ଚିନ୍ତ ନିରନ୍ତର,
ସୁଗନ୍ଧ ସୁମନ ଗନ୍ଧାଦରେ ଯେହୁ
ପୂଜିବାକୁ ତତ୍ପର ।
ବହ୍ନିମନ୍ତ୍ରେ ଯାର ଶିରେ ସେହୁ କର
କରଇ ଥରେ ପ୍ରଦାନ,
ଅକସ୍ମାତେ ସେହୁ ରଚଇ କବିତା
ମନ୍ତ୍ରର ଅଦ୍ଭୁତ ଗୁଣ । ୮୭ ।
ରସିବ ଯେ ତବ- ଚରିତ ବର୍ଣ୍ଣନେ
ବସିବ ତା' କଣ୍ଠେ ଯାଇ,

Digitized by srujanika@gmail.com

ଘୋଷିବେ ସେ ଜନେ ସୁନ୍ଦର ସ୍ୱଗୁଣ
ମଧୁର କବିତା ଗାଇ । ୮୮ ।
ପୁଣ୍ୟଶ୍ଲୋକ ବୋଲି ଖ୍ୟାତହେବ ତୁମ୍ଭେ
ନିଖିଳ ଧରଣୀତଳେ,
ହରିନାମ ଭଳି ତୁମ୍ଭନାମ ହେବ
କଳିକଳୁଷ ନାଶନ ବଳେ । ୮୯ ।
ଭାରତୀ ସହିତେ ଦେବତା ସକଳ
ବୋଇଲେ "ଦେବୁଁ କି ବର ?"
ପତିବ୍ରତା ଯେଣୁ ଅଟୁ ଦମୟନ୍ତୀ
ଦୁର୍ଲ୍ଲଭ କି ଅଛୁ ତୋର ?
ବ୍ରତଲୋପ ତୋର ଇଚ୍ଛିବ ଯେ ତାʼର
କାୟା ଗ୍ରାସୁ କାଳଫଣୀ,
ରକ୍ଷାକରୁ ତୋତେ ପତିବ୍ରତା ଧର୍ମ
ରମଣୀ ମୁକୁଟମଣି ! ୯୦ ।
କୂଟକାୟା ତେଜ ନିଜ ନିଜ ରୂପ
ଧରିବାରୁ ଅମ୍ଭେମାନେ,
ଭୈମୀ ଏକାବେଳେ ଆନନ୍ଦ ବିସ୍ମୟ
ଜପୁଜେ ଯେଣୁ ତୋ ମନେ ।
ଲଭିବା ପାଇଁକି ନୂଆ ନୂଆ ରୂପ
ନିଜ ଇଚ୍ଛା ଅନୁସାରେ,
ଅମ୍ଭ ଅନୁଗ୍ରହେ ସେ ବିଦ୍ୟା ଉଦୟ
ହେଉ ତୋର ହୃଦୟରେ । ୯୧ ।
ବରଦେଇ ଦେବେ ଅମ୍ବର ମଣ୍ଡିଲେ
ଧରି ନିଜ ନିଜ ବେଷ୍ଟ
ଉଠିଲେ ଭୂପାଳେ ହର୍ଷ କୋଳାହଳେ
ପୂରିଲା ଆକାଶ ଦେଶ ।

Digitized by srujanika@gmail.com

ପରିଜନଙ୍କର ମଧୁର ଅଳାପେ
ସେ ନାଦ ହେଲା ପୃଥୁଳ,
ସ୍ଵର୍ଗବାସୀଙ୍କର ଦୁନ୍ଦୁଭି ନିନାଦେ
ହେଲା ତା' ପୃଥୁଳତର । ୯୨ ।
ଗୁଣମୟ ନଳେ ନ ଥିଲା ତ ଛଳେ
ହେଲେ ଦୋଷ ଅବକାଶ;
ଈର୍ଷାବଶେ ହେଲେ ସମାଗତ ନୃପେ
ନ କଲେ ତାହା ପ୍ରକାଶ ।
ପ୍ରାପ୍ତ ଦବ୍ୟବର ପୁଣ୍ୟଶ୍ଳୋକ ନଳେ
ରଣାରମ୍ଭ ସ୍ଥାନ ନାହିଁ,
ଜାଣି ନୃପ ଭୈମୀ କରୁଣା ଅଣିଲେ
ଦୁଃଖେ ନିଃଶ୍ଵାସ ପକାଇ । ୯୩ ।
ଭବେ ମୂର୍ତ୍ତିମତୀ ? କରୁଣା ଖ୍ରୀମତୀ
ଯାଚଲେ ପିତୃ ଚରଣେ,
ଅପଣା ସଖିଙ୍କୁ ଜଣେ ଜଣେ ଦେଇ
ତୋଷିବାକୁ ନୃପଗଣେ ।
କେଜାଣି କ ବଦ୍ୟା ଜେମାଠାରୁ ଶ୍ରିଷ୍ଟ
ଅନୁରୂପ ସଖୀମାନେ,
ଭଇମୀ ଅନଭ- ଦୁଃଖ ନୃପଙ୍କର
ଘୁଞ୍ଚାଇଲେ ସୁଖ ଦାନେ । ୯୪ ।
ସମ୍ପତ୍ତି ଖ୍ୟାତରେ ମହେନ୍ଦ୍ର ପ୍ରତିମା
ଅହା ସେ ନଳ ରାଜନ,
ସଭା ସଦନରୁ ବାସଗୃହ ମୁଖେ
ଉଚକଲେ ଗମନ ।
ବର୍ଷୁଥିଲା ପୁଷ୍ପ, ବାଦ୍ୟବନ୍ଦ ଚଳେ
ବାଜୁଥିଲା ତହିଁ ଅଳ,

Digitized by srujanika@gmail.com

ସୁରପତିଙ୍କର ମୂର୍ତ୍ତିମତୀ କୀର୍ତ୍ତି
ଗଳାଯାଉଥିବା ଭଳି । ୯୫ ।
ନିଜ ଅଂଶ ନେଲେ ବିରଞ୍ଚି ସ୍ୱ ପୁରେ
ଚଳିଲେ ହିଁ ଦେବଗଣ,
ନଳ ବିଯୋଗକୁ ମନେ କରୁଥିଲେ
ଅଙ୍ଗଚ୍ଛେଦନ-କଦନ,
ସଖି ଚେଳ ବାଣୀ ଆମଣା ଭବନେ
ଗଲାବେଳେ ଧୀରେ ଧୀରେ,
ଫେରି ଚାହୁଁଥିଲେ ରାଜନନ୍ଦନାକୁ
ଉତ୍କଣ୍ଠାରେ ଥରେ ଥରେ । ୯୬ ।
ତନୟା ବିବାହ- ଉତ୍ସବରେ ଖେଳ
ଆପଣେ ଭୀମ ଭୂପତି,
ସନାହୂତ ଶୁଭ- ବିବାହେ ଉଦ୍ଧୃକ୍
ନଳ ଆଉ ଦମୟନ୍ତୀ ।
ସ୍ୱର୍ଗୀୟ ଶିବିରେ ବିଜେ କଲାବେଳେ
ତଥା ଆନ ନୃପଗଣ,
ଅନଷ୍ଟ ନିବୃତ୍ତ ଇଚ୍ଛାବର ସର୍ବେ
କଲେ ମଙ୍ଗଳ ବିଧାନ । ୯୭ ।
କବିରାଜ ରାଜ ମୁକୁଟ ଭୂଷଣ
ଶ୍ରୀହୀର ଯାହା ଜନକ,
ସାଗର ସମାନ କବିତା ଯାହାର
ଶ୍ରୀହର୍ଷ କବି ତିଳକ ।
ତାଙ୍କ ବିରଚିତ ଶରଦିନ୍ଦୁ ଶୁଭ୍ର
ସୁନ୍ଦର ଭକ୍ତି ପୂରିତ,
ନଳ ଚରିତର ଚତୁର୍ଦ୍ଦଶ ସର୍ଗ
ହେଲା ଏବେ ସମାପତ । ୯୮ ।

Digitized by srujanika@gmail.com

ପଞ୍ଚଦଶ ସର୍ଗ

ବରଣମାଳାରେ ବରବପୁ ମଣ୍ଡି
ବିରଚି ବଚନ ଶତ,
ଆପଣା ଶିବିରେ ବିଜେ କଲାବେଳେ
ନୈଷଧ ଅବନୀପତି;
ଗତପଥେ ବହୁ ଧନ ଦାନକଲେ
ଅକାତରେ ହୃଷ୍ଟମନେ,
ବିଶେଷରେ ଭୈମୀ- ଗୁଣଗାନ ପଠୁ
ବିଦଗ୍ଧ (୧) ମାଗଧଗଣେ । ୧ ।
ଶିବିରୁଁ ବହି- ନ ପାରି ବନ୍ଦିଏ
ଢେଙ୍କଲେ ଯା ତୃଣଙ୍କାନେ,
କଣ୍ଟକରୂପେ ତାହା ଉତ୍ସୁକେ ସହିଲେ
ବନ୍ଧୁଦାନ ଧରି ଜନେ । ୨ ।
"ଲୋକସମାଜରେ ପ୍ରିୟା ସମାଗମେ
ଲାଜ-ଭୟ ନାହିଁ ଯାଇ,

---

(୧) ପଣ୍ଡିତ ।

Digitized by srujanika@gmail.com

ଅଛି ରୂପବନ୍ତ ଜନମାନଙ୍କର
ଅଛୁ କି ସୁଖସଂସାର ?"
ରାଜଗଣହିତ୍ୟ ନଳ-ନିନ୍ଦାବାଦ
ଲୋକମୁଖେ ଏ ବଚନ,
ନିରାକୃତ ହେଲା ବନ୍ଦ କବିମୁଖେ
ଶୁଣି ନଳ-ଗୁଣଗାନ । ୩ ।
ସାଧୁ ସୁଜନର ନିର୍ଦ୍ଦୋଷତା ଅଣେ
ମିଥ୍ୟାଦୋଷ-ଅନ୍ୱେଷଣ,
ପର-ନିନ୍ଦାବାଦ ଲୁଚି ନ ପାରଇ
ଥିଲେହେଁ ଲବେ ଦୂଷଣ । ୪ ।
ବିଦର୍ଭ ରାଜନ- କନ୍ୟାସଙ୍ଗେ ସୁଖେ
ନିଜ ଅନ୍ତଃପୁରେ ଯାଇ,
କହିଲେ "ମହିଷି ! ସୁଖୀ ହୁଅ ଏବେ
ନଳଙ୍କୁ ଜାମାତା ପାଇ । ୫ ।
ଜନମନୋଲୋଭା ତାଙ୍କ ଶୋଭା ପାଶେ
କି ଛାର ଅବା ସେ ମାର,
ଅତିଭାଗ୍ୟ ଫଳେ କୁଳକୁ ଅମ୍ଭର
ପବିତ୍ର କରିବେ ନଳ ।
ଜୁଟିଥିଲେ ଅସି ସ୍ୱୟମ୍ବର ସ୍ଥଳେ
ତିନି ଭୁବନ-ନାୟକ,
ସୁଗୁଣ ସୁଶୀଳ ବର ଯା ବରିଲା
ଧନ୍ୟ ସୁତାର ବିବେକ । ୬ ।
ଅବଳା-ସୁଲଭ ବିବାହ ମଙ୍ଗଳ
ରଚନ୍ତୁ ପୁରନ୍ଧ୍ରୀଗଣ,
ଯାଜନ୍ତୁ, କେଉଁରୁ ଶ୍ରୁତି-ସ୍ମୃତି-ଗତ
ମଙ୍ଗଳମନ୍ତ୍ର ବିଧାନ" । ୭ ।

Digitized by srujanika@gmail.com

ଅନ୍ତଃପୁରୁଁ ଆସି ଡକାଇ ନୃପତି
ଅଙ୍କଜ୍ଞ ଗଣକଗଣ,
ବୁଝି ଶୁଭଲଗ୍ନ କନ୍ୟାଦାନ ପାଇଁ
ଆରମ୍ଭିଲେ ଆୟୋଜନ । ୮ ।
ଦୂତମୁଖେ ନୃପ ଜଣାଇଲେ ନଳେ
ଆନନ୍ଦରେ ହୋଇ ଭୋଳ,
ସ୍ୱର୍ଣ୍ଣହର ଦୁହିତା ଅନୁଗ୍ରହ ଲଭି
ଉଜ୍ଜ୍ୱଳ ହେଉ ମୋ କୁଳ;
ପଲ୍ଲବିତ ହେଉ ମନୋରଥାଙ୍କୁର
ଚରଣ-ଉଦକ ପାଇ,
ନୃପକୁଳ-କ୍ଷୀର- ସିନ୍ଧୁ-ସୁଧାକର
ନୈଷଧ-ଅବନୀ-ସାଇଁ । ୯ ।
ଦୂତ-ମୁଖ ବଚୁଁ ଗ୍ରାମ-ଦ୍ୱିପିତର
ପ୍ରତିଧ୍ୱନି ମାତ୍ର ଶୁଣି,
"ଯାଉଛୁ ବନ୍ଦିବ ଗୁରୁ ପାଦପଦ୍ମ"
କହୁ କଲେ ତା' ମେଲଣି । ୧୦ ।
ଦୂତମୁଖୁଁ ଶୁଣି ପ୍ରସନ୍ନ ନୃମଣି
ରହିଲେ ପ୍ରତୀକ୍ଷା କରି,
ପ୍ରାତେ ତାମ୍ରଚୂଡ଼- ଡାକେ, ଚକ୍ରବାକ
ମିଳୁରେ ଗୃହିଁଙ୍କ ପରି । ୧୧ ।
ଆଲେପନ-ଦାନ- କର୍ମରେ କୁଶଳ
କେବଣ ମହିଳାବର,
ପୁରସ୍କୃତ ହୋଇ ପରମ ଆଦରେ
ବରନେଲା ଅହଙ୍କାର;
ଅପୂପ (୧)-ନିର୍ମାଣ ପଟୁ ଆନବାଳା
ଅନୁଚ୍ଚ ଆସନେ ଥାଇ,

(୧) ପିଠା ।

ସେ କାଳେ ମାଧବ ଗରବେ ଫୁଲିଲେ
ସ୍ନେହ ସମାଦର ପାଇ । ୧୨ ।
ପ୍ରୀତିପ୍ରଦ ମଣି- ମୁକୁତା କରଣେ
ସୁନ୍ଦର ତୋରଣ ଧରି,
ପ୍ରତିଗୃହ-ମୁଖ ଶୋଭିଲା ସେ ପୁରେ
ଆନନ୍ଦେ ହସିଲାପରି । ୧୩ ।
ଗନ୍ଧାମୋଦେ ମଧୁ- ବ୍ରତ-ଭ୍ରାନ୍ତିପ୍ରଦ
ପଟ୍ଟଚ୍ଛଦେ (୧) ବିନିର୍ମିତ,
'ଅମ୍ଳାନ ଅଭିଖ (୨) ପୁଷ୍ପ-ଚନ୍ଦ୍ରାତପେ
ଅନାତପ ହେଲା ପଥ । ୧୪ ।
ଅନୁପମ ଶୋଭା ଧଇଲା ଧରଣୀ
ମଣି କୁଟ୍ଟିମେ (୩) ସେ ପୁରେ,
ବିଭୂଷଣେ ଜନେ ବିମଣ୍ଡିତ ହେଲେ
ଗୃହ ବିଚିତ୍ର ଚତ୍ୱରେ । ୧୫ ।
ସେ ପୁରେ ସେକାଳେ କାଂସ୍ୟ ତାଳ ଆଦ
ନିନାଦିଲା ଘନ ଘନ,
ଶ୍ରୁତି-ସୁଖକର ବିପଞ୍ଚୀ ନିକ୍ୱଣେ
ମୁଖର ହେଲା ଗଗନ;
ତାଡ଼ିତ ମୁରଜେ ମର୍ଦ୍ଦଳ ନାଦିଲା
ତାନ ମାନ ଅନୁସରି,
ପୁଣି ପୁଣି ଆସି ଶ୍ରବଣ ଚୁମ୍ବିଲା
ମୁରଲୀ ସ୍ୱର-ମାଧୁରୀ । ୧୬ ।

---

(୧) ଚିତ୍ର ପଟ୍ଟରେ ଗୁନ୍ଥା ।
(୨) ଭିନ୍ନ ସମ୍ବନ୍ଧୀୟ ।
(୩) ମଣିମୟ ଚଟାଣରେ ।

Digitized by srujanika@gmail.com

ବେଣୁ ଧ୍ୱନି ସଙ୍ଗେ ବିବାଦ ବଢ଼ିଲା
ମଧୁର ବିତନ୍ତ୍ରୀ-ତାନ,
ଝର୍ଝର-ନିନାଦେ ଲୀଚି ନ ପାରିଲା
ବିପଞ୍ଚୀ-ଗାୟକ-ଗାନ;
ହୁଡୁକେ (୧) ଝର୍ଝର (୨) ଟକ୍କାରେ ହୁଡୁକ
ମର୍ଦ୍ଦଳରେ ଟକ୍କାନାଦ,
ଘୋଡ଼ାଇ ନୋହିଲ କେହି କାହାବଳେ
ପରସ୍ପର କଲେ ବାଦ । ୧୭ ।
ଜନକୋଳାହଳ ବିଚିତ୍ର ବାଦିତ୍ର
ନିନାଦେ ବର୍ଦ୍ଧିତ ହୋଇ,
ସିନ୍ଧୁଘୋଷେ ମିଶି ଉଚ୍ଛୁଳି ପଡ଼ିଲା
ଦିଗନ୍ତେ ସମ୍ଭାଳି ନୋହି । ୧୮ ।
ସୁନ୍ଦର ମଣ୍ଡପେ ପୁରନାରୀମାନେ
କୁଳାଗ୍ରର ଅନୁସରି,
ସ୍ନାନ କରାଇଲେ ଜେମାଙ୍କୁ ଆଦରେ
ସୁନାକୁମ୍ଭ ଢାଳି ବାରି । ୧୯ ।
ଜେମା କୁଚେ କୁମ୍ଭ ଧାରି ଦାସୀପଣେ
ରଖି ଜଳ ଆନୟନେ,
ସ୍ୱପାଦରେ ଚୂତ- ପଲ୍ଲବ ଦମ୍ଭେ କି
ମ୍ଳାନି ଭଜେ ନତାନନେ ? । ୨୦ ।
ପୁଣି ପୁଣି ଅଭି- ଷେକ ଲଭି ବାଳା
ଲାଗିହୋଇ ଶୁଭ୍ରଚେଲେ,
ବରଷା-ଶରତ- ସନ୍ଧିସ୍ଥଳ-ସ୍ଥାୟୀ
ସୁଷମା ଉପମା ଧରେ । ୨୧ ।

---

(୧) ବାଦ୍ୟ ବିଶେଷ ।
(୨) ବାଦ୍ୟ ବିଶେଷ ।

Digitized by srujanika@gmail.com

ବାଳା-ବେଶପାଶେ   ପ୍ରାବୃଟ ଦୁର୍ଦ୍ଦିନ
ପରାଭବ ମାନନେଲା,
ଚନ୍ଦ୍ରିକା ଧବଳ   ଶରତ-ନିଶାକୁ
ଶୁଭ୍ରତେଜେ ନିନ୍ଦାକଲା । ୨୨ ।
କୃଷ୍ଣ କେଶପାଶୁ   ସ୍ୱଚ୍ଛ ଜଳବିନ୍ଦୁ
ପଡୁଥିଲା ଯାହା ଖସି,
ଭ୍ରମରକୁ ଜିଣି   ପଞ୍ଚୁଥିଲା କି ସେ
ନୀରବ-ମୁକୁତା ରାଶି ? । ୨୩ ।
ସ୍ନାତ ସୂକ୍ଷ୍ମ ଚେଲେ   ପୂତ ଅଭିଷେକେ
ସମୁଜ୍ଜ୍ୱଳ ବପୁ ଧରି,
ଆସିଲା ବାଳା   ଶାଣଶୀର୍ଣ୍ଣ କାନ୍ତି
ସୁବର୍ଣ୍ଣ ପ୍ରତିମା ପରି । ୨୪ ।
ଦର ବିଦଳିତ   ସୁବର୍ଣ୍ଣ କେତକୀ
ସୁବାସ ଅଭ୍ୟାସ ଫଳେ,
ସୁଗନ୍ଧ ସୁକାନ୍ତ   ବାଳା ବପୁସଙ୍ଗେ
ତୁଳା ବା ଲଭନ୍ତା ଛଳେ । ୨୫ ।
ବେଦୀରେ ବସାଇ   ଶ୍ୟାମକାକୁ କଳା-
କୁଶଳା ସଜନୀଗଣ,
ଅଭ୍ୟାସ ପାଟବେ   ରଙ୍ଗେ କରିଲେ
ପ୍ରତିଅଙ୍ଗେ ପ୍ରସାଧନ । ୨୬ ।
କୁହାକୁହି ହେଲେ   ଚତୁରୀ ପ୍ରକାଶି
ସଜନୀ ଏ ବେଶ ସାରି,
ବିନା ଅଳଙ୍କାରେ   ଶିରୀ ସୀମା ପିନା
ଅଟଇ ଏ ସୁକୁମାରୀ ।
ନ ଶୋଭେ ଭୂଷଣେ   ବାଳା-ଦର ବପୁ,
ବାଳାବର ବପୁ ପାଶେ,

Digitized by srujanika@gmail.com

ସୁନ୍ଦର ଦନ୍ତନ୍ତ ଭୂଷାମାନେ ସିନା
ଏ ଭାବ ମନକୁ ଆସେ । ୨୭ ।
ସୁଖ ମନଃଶିଳା- ତିଳକେ, ଅଧରେ,
ନୟନେ ସୁନ୍ଦର ଦିଶେ,
ଚମ୍ପକ-କଳିକା, ବନ୍ଧୁଜୀବ, ପଦ୍ମେ
ପୂଜିତ ଚନ୍ଦ୍ରମା କି ସେ" ? ୨୮ ।
ମଦନ-ଅଙ୍ଗାର- ପଟ୍ଟ ବୁଣିବାକୁ
ତନ୍ତୁ ସମବାୟ ସର,
ଛୁଟର ଚିକୁର ବାନ୍ଧିବସିଲ ଜେ
ଧୂପ-ଧୂମେ ସ୍ନିଗ୍ଧ କର । ୨୯ ।
କେଶପାଶ ଭ୍ରମେ ଧୃପଜାତ ଧୂମେ
ବାନ୍ଧିଲେ କେବଣ ଖିନ୍ନ.
ସର୍ଷି-ହାସେ ଭ୍ରମ- ବୁର୍ହି ସଜାଡ଼ିଲ
ଚିକୁର ଗୁମର ଗ୍ଭୁଣ୍ଠ । ୩୦ ।
⁸ କରୁଣ-କଳିକା (୧) ଯେଣ ମନୋହର
ଶ୍ୟାମଳ କୁଟିଳ କେଶ,
ମଗ୍ନିଳ ମାଳମା ଯମୁନା-ତରଙ୍ଗେ
କରୁଥିଲ ଉପହାସ । ୩୧ ।
ଚିକୁର ଅମୃତ- ସୌଦାମିନୀ ଦମ୍ଭେ
ଭାଲେ ସ୍ୱର୍ଣ୍ଣପଟ୍ଟ ରାଜେ,
ମୁଖ-ବଧୂ-ସୁଧା- ପାନେ ମୁଗ୍ଧ ଅଳି
ତର ସ୍ଥିରଭାବ ଭଜେ । ୩୨ ।
ଲଳାଟିକା ସୀମା ପରଶି ଚଞ୍ଚଳ
ଅଳକ ସୁନ୍ଦର ଦିଶେ,

(୧) କରୁଣା ଫୁଲର କଢି ।

Digitized by srujanika@gmail.com

ମନଃ ଶିଳା-ଚନ୍ଦ ତିଳକ-ପ୍ରଦୀପୁଁ
କାତ ଧୂମବଳ୍ଲୀ କି ସେ ? ୩୩ ।
ଅପାଙ୍ଗ ଆଲିଙ୍ଗି ଦୂର ପ୍ରସାରିତ
ଅଞ୍ଜନରେଖା କୈତବେ,
ସୂତ୍ରପାତ ବନ୍ଧୁ ବିଶାଳ ଲୋଚନ
ସୀମା କି ସୂଚଇ ଏବେ ।
ଵାମ କ୍ରୀଡ଼ାରତ ବାଳା କଳାଡ଼ୋଳା
ଅପାଙ୍ଗ ସରିକ ଧାଏଁ,
ତା କରଣ କାନ୍ତି- ପଦ୍ଧତି ନକି ଏ
ଅଞ୍ଜନରେଖା ବା ନୁହେଁ । ୩୫ ।
ସବ୍ୟସାଚ ମାର- ନୀଳୋତ୍ପଳ ଶର
ଶୋଭି ନେତ୍ରଯୁଗ ଧରେ,
ଗୁଣ ଧରଷଣ- କଣ ପର ତାର
କଜ୍ଜ୍ୱଳ ରଚନା ଝଲେ । ୩୬ ।
ଯେତେବେଳେ ବାଳା- ନେତ୍ରସଙ୍ଗେ ତୁଳା
ଅପରାଧେ କୃଷ୍ଣସାର,
ନୟନ ଯୁଗଳେ ତାଡୁ ଥିଲ ବନ୍ଧୁ,
ରାଜେ ନଖକ୍ଷତ ତାର । ୩୭।
ନିତାନ୍ତ ପୀଡ଼ିତ ହୋଇ ନେତ୍ର ଯୁଗେ
ଝୁମକା-ଶ୍ରୁତିଯୁଗଳ,
ତାର ପ୍ରତିଦ୍ୱନ୍ଦ୍ୱୀ- ରୂପେ ବରିଲେ କି
ଅବତଂସେ ନୀଳୋତ୍ପଳ ? । ୩୮ ।
ଝୁମକାକୁ ବୃନ୍ତି କାମେ ଅଙ୍ଗୀଭୂତ
ରସିକ-ଲୋଚନ ପର,
ଇନ୍ଦୀବର-କର୍ଣ୍ଣ- ପୁର ବସ୍ତ୍ରଜଳ
ଚିର ସ୍ଥିରତ୍ୱ ଧର । ୩୯ ।

Digitized by srujanika@gmail.com

ବୈଦର୍ଭୀ-ଶ୍ରବଣ ଭୂଷାମଣି ଜ୍ୟୋତି
ସୁନ୍ଦର କଂଶୁକ ରୂପେ,
ନେତ୍ରୋତ୍ପଳ-ବାଣ ସନ୍ଧି ମନୋଭବ
ବନ୍ଧେ କି ନଳଙ୍କ ଲକ୍ଷେ ? । ୪୦ ।
ବେନି ଚନ୍ଦ୍ରେ ହତ ମିତ୍ର ଭୈମୀମୁଖ
ବସ୍ତୁର ନ କରି ଚିତଲ,
ବାନ୍ଧିଲ କି ଦ୍ୱେଷେ କର୍ଣ୍ଣଲତା ପାଶେ
କୁଣ୍ଡଳ ଯୁଗଳଛଳେ । ୪୧ । *
ପିନ୍ଧାଇ କୁଣ୍ଡଳ ପରିହାସ ଛଳେ
ଭୂଷିଲ କେଉଁ ସଜନୀ,
ତୋର ମୁଖ ସୁଧା- କର ସଙ୍ଗ ଲଭି
ଏ ମଣି କୁଣ୍ଡଳ ବେନି;
ଶୁକ୍ର ବୃହସ୍ପତି ମଧ୍ୟରେ ଯା ଯୋଗେ
ବଧୂ-ସୁଷମା ବିକାଶେ,
ପ୍ରିୟ-କାମ-ଜନ୍ମ- ଉତ୍ସବକୁ ତୋର
ଦୁରଧୁର ଯୋଗ (୧) କି ସେ ? ୪୨ ।
ଲକ୍ଷୁ ଏ ଯାବକ- ରସେ ଚକ ଚକ
ବସ୍ତୁର ସଜନୀଗଣ,

---

*ଭୈମୀ ମୁଖ ସତ ମିତ୍ର ବସ୍ତୁର ଅପେକ୍ଷା ନ ରଖି କୁଣ୍ଡଳ ଯୁଗଳକୁ ନିଜର ପ୍ରତିଦ୍ୱନ୍ଦୀ ଦୁଇଟି ଚନ୍ଦ୍ର ମନେକରି, ଦ୍ୱେଷବଶରୁ ସେ ଦୁହିଁଙ୍କୁ କର୍ଣ୍ଣ-ଲତା ପାଶରେ ବାନ୍ଧି ରଖିଲା କି ? ଏହାହିଁ ଫଳିତାର୍ଥ ।

(୧) ଫଳିତ ଜ୍ୟୋତିଷର ଯୋଗବିଶେଷ । ପୂର୍ବ ରାଶିରେ ବୃହସ୍ପତି, ପରବର୍ତ୍ତୀ ରାଶିରେ ଶୁକ୍ରଥାଇ ମଧ୍ୟବର୍ତ୍ତୀ ରାଶିରେ ଚନ୍ଦ୍ର ରହିଲେ ଏହି ଯୋଗ ହୁଏ ।

Digitized by srujanika@gmail.com

ଓଷ୍ଠେ ମଧୁଚ୍ଛିଷ୍ଟ (୧) ନିନ୍ଦିଲେ କି ମୁଖେ
ତୋଷିବାକୁ ଜନମନ;
ମଧୁ ତେଜ ସୁଧା- ରସ ଗୃହିବାକୁ
ଉତ୍ସୁକ ରସିକପର,
ବିମ୍ବଫଳ ତାହା ଅଧର ପ୍ରାନ୍ତରେ
ଅପୂର୍ବ ସୁଷମା ଧରି । ୪୩ ।

ସ୍ୱରମାଧୁର୍ଯ୍ୟରେ ବୀଣା ନିନ୍ଦିମୀ କଣ୍ଠ
ବୋଲି କେକେ ଥିଲେ ଜାଣି,
ସପ୍ତ-ମୁକ୍ତାହାର- ତନ୍ତ୍ରୀଯୁକ୍ତ ହୋଇ
ହେଲା ତା ପରିବାଦିନୀ (୨) । ୪୪ ।

ଶିକ୍ଷା କରିବାକୁ ମୃଦୁତା ମୃଣାଳେ
ଉପାସିତ ହେଲପରି,
ବିସଜଳ ଭୁଜ ମାଙ୍ଗଳିକ ଶଙ୍ଖ-
ବଳୟ ଯୁଗଳ ଧରି । ୪୫ ।

ଚରଣ ଯୁଗଳେ ଯାବକ ରଚନା
ରଜନୀ ବିଯୋଗ ଶେଷେ,
ନବ ରବିକରେ ଗାଢେ ଅଲଙ୍କୃତ
ପ୍ରଭୃତ ପଙ୍କଜ କି ସେ । ୪୬ ।

ଆଗୁଁ ଅପରାଧୀ କାନ୍ତ ସମାଗମେ
ଅଧୁନା କାମ ପାବକ,
ସରାଗେ ସେବେ କି ବାମା ପାଦପଦ୍ମ
ନୁହେଁ ଅବା ତା ଯାବକ । ୪୭ ।

୪(୧). ମହମ

(୨) ବୀଣା ସପ୍ତତନ୍ତ୍ରୀ ଯୁକ୍ତହେଲେ ତାକୁ ପରିବାଦିନୀ କହନ୍ତି । ସରସ୍ୱତୀଙ୍କ ବୀଣା ପରିବାଦିନୀ ଏବଂ ନାରଦଙ୍କ ବୀଣାକୁ ମହତୀ କହନ୍ତି ।

Digitized by srujanika@gmail.com

ସ୍ୱଭାବେ ସୁନ୍ଦର (୧) ପୁଣି ପରସ୍ପର
ମେଳନେ ସୁନ୍ଦରତର,
ମୃଦୁ ଅବୟବେ ବାଳାବର ବପୁ
ମଣ୍ଡି ଦେଲା ଅଳଙ୍କାର (୨)
ବାମା ବାମଅଙ୍ଗେ କରଣ (୩) ତାଙ୍କର (୪)
ହେଲ ହେଣୁ ଅକାରଣ,
'ଅଳଂକରଣ' ଏ ନାମକୁ ଧାରଣ
କଲାନ କ ବଭୂଷଣ ? । ୪୮ ।
ଭୂଷଣ ଚୁମ୍ବନେ ଅବୟବ ଶୋଭା
ସହଜେ ନୁହେଁ ବଖାଣି,
ଏକୁଁ ବଳି ଆନେ ଆନେ ଗୃହ୍ଣପଣ
ଗ୍ରେଠଇ ବୁଦ୍ଧି-ପ୍ୟୋରଣି । ୪୯ ।
ମଣି-ଦରପଣେ ମୁଖ-ଚନ୍ଦ୍ରବିମ୍ବ
ନିରେଖେ ଯେ ପ୍ରେମଶୀଳା,
ଅଦୂରେ ବଧୂର ମୁଖରଶ୍ମି ସୁଖେ
ପ୍ରଭେଦ ବାରେ କି ବାଳା । ୫୦ ।
ହାରମାନ ବେନି ମୂରତି ଧରନ୍ତେ
କଳାନିଧି ମାୟାବଳେ,
ସମକାଳେ ସଖୀ- ଯୁଗ ପ୍ରଦର୍ଶିତ
ମଣି-ଦରପଣ ତଳେ ।

---

(୧) ଅର୍ପଣ ।
(୨) ଅଳଙ୍କାରମାନଙ୍କର ।
(୩) ଅର୍ପଣ ।
(୪) ଅଳଙ୍କାର ମାନଙ୍କର ।

Digitized by srujanika@gmail.com

ଅନୁରୂପ ବେଳ ପ୍ରତିବିମ୍ବ ଘେନ
ଅପେ ଅପେ ଭୈମୀମୁଖ,
ଛଳମୂର୍ତ୍ତି ଧରି ଚନ୍ଦ୍ରମାକୁ ପୁଣି
ଦେଲା ପରାଭବ ଦୁଃଖ । ୫୧ ।
ମୁକୁରେ ମୁଖର ପ୍ରତିବିମ୍ବମାନ
ପଦ୍ମବନପରି ଦିଶେ,
ନଣା ଯାପି ଧ୍ୟାନେ ହିମେ ହାଣି ମୁଖ-
ସାଲୋକ୍ୟ ଲଭନ୍ତି କି ସେ (୧) ? ୫୨ ।
ପଳାଶ କୁସୁମ- ଦାମ ଭ୍ରମଆଣି
ନସେବନ୍ତି ଶିଳୀମୁଖେ, (୨)
ଆଭରଣ-ମଣି- ପ୍ରଭାପଟଳରେ
ଅଚ୍ଛାଦିତ ହୋଇ ସୁଖେ ।
ରାଜଲେ ଭୀମଜା ମଦନରାଜାର
ସକଳ ସମ୍ପଦପରି,
ଜଗିଥିଲେ ତାଙ୍କୁ ପ୍ରହରୀମାନେ କି
ଲକ୍ଷ୍ୟ ସଂଖ୍ୟା ଧନୁ(୩) ଧରି । ୫୩ ।
ଯମୁନା, ସରଯୂ ପ୍ରମୁଖ ବିଶେଷ
ତୀର୍ଥଯୋଗେ ଗଙ୍ଗାପରି,
ବିନୟ ସୌଜନ୍ୟ ଆଦି ଗୁଣଗଣେ
ଭୂଷିତ ଜନସୁଭଳା ।

---

(୧) ପଦ୍ମବନ ।

(୨) ଭ୍ରମର ପକ୍ଷେ ବାଣ ।

(୩) ଏଠାରେ ଅଳଙ୍କାର ପ୍ରକ୍ଷଜାଲକୁ ଲକ୍ଷ୍ୟକରାଯାଇଅଛି । ରାଜଧନ ଶସ୍ତ୍ରଧାରୀମାନଙ୍କ ଦ୍ୱାରା ରକ୍ଷିତ ହୋଇଥାଏ ।

Digitized by srujanika@gmail.com

ଅନୁକୂଳ ଦୈବ- ଯୋଗେ ନିସେବିତ
ସୁଚରିତ ମାତପର,
ଲଭିଲେ ପରମ- ଶୋଭା ବିଭୂଷଣେ
ଖ୍ୟମ ନରେନ୍ଦ୍ରକୁମାରୀ । ୫୪ ।
ବୈଧବ୍ୟ କଷଣ ନ ଦଅନ୍ତୁ ନଳ
ପତିଙ୍କୁ ବିନାଶି ରଣେ,
ମନାସି ମାନସେ ଅଦ୍ଭୁତ ଇତର
ରାଜ୍ୟ ରାଜବଧୂଗଣେ,
ମଙ୍ଗଳ ସିନ୍ଦୂର- ବିନ୍ଦୁ ରୂପେ ଲଭି
ଭୈମୀପଦ-ଲକ୍ଷା ରସ ।
ଚରଣେ ପ୍ରଣାମ ବନ୍ଦିଲେ ଆଦରେ
ବଢ଼ିବାକୁ ପ୍ରିୟାପୂଷ । ୫୫ ।
ଗୁରୁ-ପତିବ୍ରତା ବ୍ରାହ୍ମଣ ଚରଣେ
ନତେ ନମି ରାଜବାଳା,
ଦେବବାଣୀ ଭଳି ଅମୋଘ ଆଶିଷ
ବେଶ ଶେଷେ ଲଭିଲ । ୫୬ ।
ସେପରି ସେ କାଳେ ପ୍ରସାଧନ କର୍ମେ
କୁଶଳ ସେବକଗଣ,
ଦିବ୍ୟ ବରବେଶେ ସାଜିଲେ ନଳଙ୍କୁ
ଖଞ୍ଜି ନାନା ବିଭୂଷଣ । ୫୭ ।
କୁଶଳ ସେବକେ ଶ୍ୟାମଳ କୁନ୍ତଳ
ସାଜଦେଲେ ଭଳି ଭଳି,
କଳାପି କଳାପ- ଲୀଳା ବିଳାସକୁ
ତା' ସୁଷମା ଗଲା ଦଳି । ୫୮ ।
ମାର୍ଜିତ ପ୍ରଲମ୍ବ କୁନ୍ତଳେ ଗୁନ୍ଥିଲ
ବିବିଧ କୁସୁମ-ଦଳ,

Digitized by srujanika@gmail.com

କୁସୁମ କୋଦଣ୍ଡ- ଗୁଣେ ନଯୋଜିତ
ସାୟକ ସଂଘାତଭଳି । ୫୯ ।
ଅମୂଲ୍ୟ ରତନେ ମଣ୍ଡିତ ମୁକୁଟ
ମସ୍ତକେ ସୁନ୍ଦର ଧରେ,
ଅର୍ଥୀ-କଳ୍ପଦ୍ରୁମ ଅଟନ୍ତି ତ ଅଗେ
ତା' ମଞ୍ଜୁ ମଞ୍ଜରୀ କ ସେ ? । ୬୦ ।
ଚନ୍ଦ୍ରୁ ବଳି ନଳ- ସୁରେଖ ମାଡବାକୁ
ଅନେକତ ହୋଇ ଲକେ,
ଇନ୍ଦ୍ର ପରବେଷ ଭଲେ ଗ୍ରଜନ କ
ମଣି-ହାର ପଛଦ୍ୟାକେ । ୬୧ ।
ବାନ୍ଧବାକୁ ଭୈମୀ- ମାନସ-ସରସୀ
ହଂସାଗ୍ରେ ଧୈର୍ଯ୍ୟ-ମରାଳେ,
ଭ୍ରୂଯୁଗ-ଧନୁପାଶେ ରଖିଛନ୍ତି କ କାମ
ତିଳକ (୧) ଗୁଳବା ଛଳେ ? । ୬୨ ।
ପଙ୍କଜ ସୁନ୍ଦର- ନଳମୁଖ ଚୁମ୍ବି
ଚନ୍ଦନ ବନ୍ଦୁ ମଣ୍ଡଳୀ,
ଦରସେ ଶଶାଙ୍କ- ଅଙ୍କ-ବଳାପିମା
ଅବା ସେ ତାରସୁନ୍ଦରୀ । ୬୩ ।
ଅଥବା ଚନ୍ଦ୍ରକୁ ପଠାଇ ଅଛନ୍ତି
ଦୁରଣାବଶେ ମଘବା,
ବଧିଲପି ପଢ଼ି- ଆସିବା ପାଇଁକି
ଯେ ଯାଏ ନୋହୁଛି ଦବା । ୬୪ ।
ଗଣ୍ଡସ୍ଥଳ ଚୁମ୍ବୀ କୁଣ୍ଡଳ ଯୁଗଳେ
ପ୍ରତିବମ୍ବ ଦେଖି ମିଶେ,

(୧) ରଜାମାନଙ୍କର ଗୋଲ୍ ତିଳକ ଧାରଣ ଶାସ୍ତ୍ରସମ୍ମତ ।

Digitized by srujanika@gmail.com

ମନମଥ ରଥ ଗୃହ୍ଣ ଗୃହଚକ୍ର
ଚକ୍ରଳପରି ସେ ଦିଶେ । ୭୫ ।
ନତ କାଳେ କଣ୍ଠ- ଲମ୍ବୀ ମୋତିମାଳ
ଚିବୁକ ଚୁମ୍ବି ବିଳସେ,
ବଦନ-ଚନ୍ଦ୍ରୁ ଅବିରଳଧାରେ
ସୁଧା-ବିନ୍ଦୁ କି ଖସେ ? । ୭୬ ।
ରତନ-ଉର୍ମିକା (୧) ଦେନି ରତ୍ନାକର(୨)
ବଳିଷ୍ଠ ଭୁଜଯୁଗଳ,
ବଳ ଦଳନ ପ୍ର- ଦଳ ଦନ୍ତାବଳ (୩)
କମଳା (୪) ଜନମସ୍ଥଳ ।
ସମୁଦ୍ର (୫) ଭାବକୁ ଭଜି କମଳାର୍ଥୀ (୬)
ଜନ ଘନ ମନ ତୋଷି,
ରଣେ ବଳହସ୍ତ (୭)- ସିଦ୍ଧି ଲୋଡ଼ିଲ ବା
ବାରଣ (୮) ସାଧନେ ରସି । ୭୭ ।
ଅର୍ଥୀ ମନୋରଥ ପୂରଣ ସମର୍ଥ
କଳ୍ପତରୁ ନଳ କର-

(୧) ମୁଦ୍ରିକା, ପକ୍ଷେ ଲହରୀ,
(୨) ରତ୍ନର ଖଣି,
(୩) ଐରାବତ,
(୪) ଲକ୍ଷ୍ମୀ (ଐରାବତ ଓ ଲକ୍ଷ୍ମୀ ସମୁଦ୍ରରୁ ଜାତ),
(୫) ପକ୍ଷେ ମୁଦ୍ରାସହିତ (ମୁଦ୍ରିକା ଯୁକ୍ତ ଅଳଂକୃତ),
(୬) ଧନାର୍ଥୀ ଜନ ଓ ଜଳାର୍ଥୀ ଘନ (ନଳ ଲୋକମାନଙ୍କୁ ଧନ ଏବଂ ସମୁଦ୍ର ମେଘକୁ ଜଳଦାଏ ଏହାହିଁ ଫଳିତାର୍ଥ)
(୭) ଇନ୍ଦ୍ର
(୮) ନିବାରଣ କ୍ଷେତ୍ର ବଳରେ, ଇନ୍ଦ୍ରପକ୍ଷେ ଐରାବତ ରୂପ ଯୁଦ୍ଧୋପକରଣ ରେ

Digitized by srujanika@gmail.com

ମୃଚ୍ଛେ ବନଦ୍ୱତ   କନକ ବଳୟ
    ଅଳବାଳ ପିନା ଭାର । ୬୮ ।
ସିତ ରକ୍ତକାନ୍ତ   ବିବିଧ ଭୂଷଣେ
    ଭୂଜ କି ସୁନ୍ଦର ଦଶଣେ,
ସ୍ୱବଳେ ଅର୍ଜ୍ଜିତ   କୀରତ୍ତି ପ୍ରତାପ
    ବରଷେ ବା ଦଶଦିଶେ । ୬୯ ।
ପ୍ରତିଅଙ୍ଗେ ଭୂଷା-   ମଣି-ଦରପଣେ
    ନିଜ ରୂପଶୋଭା ଗ୍ରହି,
ସେବକ ସମାଜେ   ଅର୍ପିତ ମୁକୁରେ
    ନଳ ଅନାଇଲେ ନାହିଁ । ୭୦ ।
ଆଭରଣ ଶୋଭା   ନ ଦେଖିଲେ ଜନେ
    ବିସ୍ମୟ ବିହ୍ୱଳ ହୋଇ,
ପରସ୍ପର ଶୋଭା   ଦେଖିଲେ ଭୂଷଣେ
    ରତନ-ଲୋଚନ ଫେଇ । ୭୧ ।
ବାର୍ଷ୍ଣେୟ (୧) ନାମକ   ସୂତ ନିୟୁକ୍ତିତ
    ମହାରଥେ ଜୟଦ୍ରଥ,
ପରନ୍ତପ ନଳ   ଜନ୍ୟ (୨) ଯାତ୍ରାକଲେ
    କରା ସେ କର୍ଣ୍ଣାଟି ପାର୍ଥ । ୭୨ ।
ବିଦର୍ଭ-ଡ଼ୁଦବ-   ଅପସର୍ଗ ସରେ
    ନାରୀଗଣ ରସବଶେ,
ପ୍ରସାଧିତ ହୋଇ   ଛୁଣ୍ଡ ହେଲେ ପଥେ
    ନଳ ଦରଶନ ଆଶେ । ୭୩ ।
ପବନେ ଭରଜୁଁ   ବାସ ଖସିବାର
    ନ ଜାଣି କେତେଁ ଅଙ୍ଗନା,

(୧) ନଳଙ୍କ ରଥର ନାମ, ପକ୍ଷେ ବୃଷ୍ଣି ବଂଶୋଦ୍ଭବ ଅର୍ଜ୍ଜୁନ ସାରଥୀ କୃଷ୍ଣ
(୨) ବିବାହ ଯାତ୍ରା, କର୍ଣ୍ଣାଟିପକ୍ଷେ ଯୁଦ୍ଧଯାତ୍ରା

Digitized by srujanika@gmail.com

ଗତପଥେ କୁଚ- ଯୁଗେ ନ ଭଳ କ
ମଙ୍ଗଳ କୁମ୍ଭ ଘଟନା । ୭୪ ।
ହାତଟେକ ନଳେ ଚନ୍ଦ୍ରାନନସଖୀକ
ବାଜ ବା କରକଙ୍କଣ,
ଛୁଡ଼ି ମୁକ୍ତାହାର ପଡ଼ ଧରାତଳେ
କଲ୍ଲ କ ଲଜ (୧) ମୋକ୍ଷଣ । ୭୫ ।
ନଖାଦର୍ଶ, ମୁଙ୍କ- ପଦ୍ମ, ପାଣି ଯନ
ସ୍ମିତ ପୁଷ୍ପ, ବାଣୀ ମଧୁ,
ମଙ୍ଗଳ ସୂଚକ ଭବ୍ୟ ଦ୍ରବ୍ୟ ହେଲେ
ଯାହାକାଳେ ପୁରବଧୂ । ୭୬ ।
ତାମ୍ବୁଲ'ବାଟିକା- ଭ୍ରମେ ଲୀଳାପଦ୍ମ
ମୁଖେ ଦେଳ କଏ ଆଣି,
ସତେ ଯେତେହେ ମୁଖ- ସୁଧା-ମୟୂଖର
ଅସ୍ତ ତାହାକୁ ଜାଣି । ୭୭ ।
ନଳ ଦରଶନେ ବିପଯ୍ୟସ୍ତମୁଖ
ଉଦାସନୟନା ବାଳା,
ଜାର ପୁରୁଷର ଗାଢ଼ ଅଶ୍ଳେଷକୁ
ବଧୂବୋଲି ମନେକଲା । ୭୮ ।
ପାଦ ପ୍ରାନ୍ତେ ଉଭା- ହୋଇ କଏ ଅବା
ଅନମେଷେ ଅନାଇଲା,
ପାଦେ ଛୁଇଁ ଧରା ନୁହେଁ ଅପସରା
ବୋଲି ସିନା ଜଣାଇଲା । ୭୯ ।
ଭୂଷଣ ଖସନ୍ତେ କେଉଁ ମଦାଳସୀ
ସଖୀ କରେ ତଡାଖାଇ,

(୧) ପକ୍ଷେ ଲଆ ଫିଙ୍ଗିବା

Digitized by srujanika@gmail.com

ବେପଥୁ ପ୍ରେମାର୍ଦ୍ଧ ଯେବେ ଜନତାରେ
ପଶୁଥିଲା ବଢ଼ିଲ ଯାଇ । ୮୦ ।
ଅବତଂସ ନୀଳୋ- ତ୍ପଳ ନୟନରେ
ନିରେଖି ଅନନ୍ୟମନା,
ଅବଳା ଶ୍ରବଣ ଶୁଣି ନ ପାରିଲା
ଜନ କୋଳାହଳ ସିନା । ୮୧ । *
ଭୂଷା ମଣିମାନେ ଅତୁଳ ମଣ୍ଡିତ
ନଳଙ୍କୁ ନୟନେ ପିଇ,
ଦେଉଁ କୃଶୋଦରୀ ଭଳ ଏ ଅଙ୍କୋ
ମୋହ ପରବଶ ହୋଇ,
ଜ୍ୟୋତିଷ୍ଟୋମ ଆଦି ଯଜ୍ଞଫଳେ ଲଭି
ସ୍ୱର୍ଗ-ସାର୍ବଭୌମ ପଦ ।
ହୋଇଛନ୍ତି କଏ ନିମେଷ ବିହୀନ
ସହସ୍ରନେତ୍ର-ଆସ୍ପଦ । ୮୨ । †
ପ୍ରଦ୍ୟୁମ୍ନ ନୃପତି ଧରି ନାରୀମୂର୍ତ୍ତି
ହୋଇଥିଲେ ଯାର ମାତା,
ସେ ଉର୍ବଶୀ ପ୍ରାଣ ପୁରୁରବାଙ୍କର
ରୂପ ଗୁଣେ ଯେ ବିଜେତା;
ହର କୋପାନଳ- ଇନ୍ଧନ-ମଦନ-
ସିଂହାସନ ଅଧିକାରେ,

---

* ଅବଳା ମାନଙ୍କର ଶ୍ରବଣ କର୍ଣ୍ଣଭୂଷଣ ନୀଳୋତ୍ପଳରୂପ ନୟନରେ ନଳ ଶୋଭା ଦର୍ଶନରେ ଅନ୍ୟମନସ୍କ ଥିବାରୁ କାହାର କଥା ଶୁଣିପାରୁ ନ ଥିଲେ ।
† ପୁରନାରୀମାନେ ମଣିଭୂଷଣ ନଳଙ୍କୁ ସହସ୍ରନେତ୍ର ବିଶିଷ୍ଟ ଇନ୍ଦ୍ର ବୋଲି ମନେକଲେ । ରତ୍ନକାନ୍ତି ଏଠାରେ ନଳଙ୍କର ବହୁନେତ୍ର ଭ୍ରାନ୍ତି ଆଣିଦେଲା ।

Digitized by srujanika@gmail.com

ଅମୀୟ ମୂରତି — ଏ ନଳ ନୃପତି
କଳିଚନ୍ଦ୍ର କ ଧରାରେ ? ୮୩ । *
ଏହୁ ଯୁବାଳଗି — ଚେତନଲେ ଯା ଭୈମୀ
ଅର୍ଥୀଥିଲେ ସୁରପତି,
ଧନ୍ୟା ତୁମ୍ଭେ ଧନ୍ୟ — ତୁମ୍ଭ ନିର୍ବାଚନ
ଧନ୍ୟ ବିଶେଷଙ୍କ ମତି
ବରନ୍ତେ ନଳଙ୍କୁ — ସୁମନସ ଦେବେ
ହେଲେ ଯାହା ଦୁର୍ମ୍ମନସ,
କ୍ଷମିବାର କେବେ — ନୁହଇ ଉଚିତ
ତାଙ୍କର ଏ ଦୁଃସାହସ । ୮୪ ।
ଉଲ୍ଲସିତ ନଳ- — କଣ୍ଠେ ଲମ୍ବମାନ
ବରଣମାଳା ଅନାଇ,
ନ ପାଇଲା ଯେବେ — ଦେବବୃନ୍ଦ ଏବେ
ଶସ୍ତ୍ରେ ନ ଫୁଟନ୍ତି କମ୍ପାଇଁ ।
ବ୍ୟର୍ଥ ମନୋରଥେ — ଫେରନ୍ତେ ସ୍ୱବାସେ
ରୋଷେ ମୁଖ ବକ୍ରକରି,
ନ ରହିଁଲେ ଟୀ — ଲାଜ ବଶେ ତାଙ୍କୁ
କପଟେ ତୋଷିବେ ହରି । ୮୫ ।
ନୁହେଁ ଅବଗୁଣୀ — ଦମୟନ୍ତୀ, ଜାଣେ
ଆନନ୍ଦେ କୀରତି କ୍ଷେତ୍ର,

---

* ପ୍ରଦ୍ୟୁମ୍ନ ନାମକ ରଜା ମୃଗୟାସକ୍ତ ହୋଇ ହିମାଳୟ ନିକଟସ୍ଥ ପାର୍ବତୀ ବନରେ ପ୍ରବେଶ କରି ଈଶ୍ୱରଙ୍କ ଶାପରୁ ସ୍ତ୍ରୀତ୍ୱ ଲାଭପୂର୍ବକ ବୁଧଙ୍କ ଔରସରେ ଚନ୍ଦ୍ରବଂଶ ପ୍ରବର୍ତ୍ତକ ପୁରୁରବାଙ୍କୁ ପ୍ରସବ କରିଥିବା କଥା ପୌରାଣିକ । ଏଠାରେ ପୁରୁରବା ନଳରୂପେ ଜନ୍ମିଥିବାହିଁ ବିତର୍କ ।

ନ ବର ବାସବେ କରିଅଛୁ ଭଲ
ମଣି ଶଚୀପଦ (୧) ହେୟ ।
ଭବ, ଲେଭ୍‌ଙ୍କର କରନ୍ତୁ ବର୍ଣ୍ଣନ
ଶଚୀଦେବୀଙ୍କ ଚରିତ,
ନ କରିବ କିଏ ରସନାଗ୍ର ପାବେ
ଭୀମଜା-ଚରିତ ଚିହ୍ନ ? । ୮୭ ।
ଭୀମଜାର ବପୁ- ଜନ୍ମ-ତପଃଶିଳ୍ପ-
ସୀମା ନଳରୂପଶିଖା,
ଅବନୀ ନିବାସୀ ପୁଷ୍ପଶର ପର
ନିଏ ଜନ ନେଇ ହର ।
ଗୀର୍ବାଣ-ଅଳୟ- ସାର୍ବଭୌମଙ୍କର(୨)
ସୁଦୁର୍ଲ୍ଲଭ ପୁଣ୍ୟପୁଞ୍ଜେ,
ଭୈମୀ ସହଯୋଗେ ବହରନ୍ତୁ ନଳ
ଅଦ୍ୱୈତ(୩) ଏ କାନ୍ତିକୁଞ୍ଜେ(୪) । ୮୭ ।
ନାରୀ-ପୁଂସ ଯୋଗ କରୁଥିଲେ ନିକ
ନିତ ନିତ ପ୍ରଜାପତି,
ପରପକ୍ୱ ହେଲେ ଅଭ୍ୟାସ ପାଟବ
ଗଢିବାକୁ ଏ ଦମ୍ପତି ?
ଅଦ ସୃଷ୍ଟିକାଳୁଁ ପ୍ରାଣୀ ମିଥୁନକୁ
ପ୍ରେମ ଅପୁ'ଥିଲା ମାର,

---

(୧) ଦ୍ୱିତୀୟ ଶଚୀପଦକୁ ହେୟଜ୍ଞାନ କରିବା ଦମୟନ୍ତୀର ବଦୁଷୀ ଲକ୍ଷଣ ।
(୨) ସ୍ୱର୍ଗ ସାର୍ବଭୌମ ଇନ୍ଦ୍ରଙ୍କର ପୁଣ୍ୟବଳରେ ମଧ ଦମୟନ୍ତୀ ଦୁଷ୍ପ୍ରାପ୍ୟ ହୋଇଥିଲେ ।
(୩) ଅସାଧାରଣ
(୪) ଏହି ଦମୟନ୍ତୀ ରୂପ କାନ୍ତିକୁଞ୍ଜରେ ।

Digitized by srujanika@gmail.com

ଏହୁ ଦମୟନ୍ତୀର ଗାଢ଼ ଅନୁରାଗେ
ଫୁଟିଲ ପ୍ରକର୍ଷ ତାର । ୮୮ ।
ସେହୁ ନାରୀମାନେ ଗଢମନ୍ତ ନଳେ
ଲେଖିଲେ ସିନା ନୟନେ,
ଦୋଳ ମହୋତ୍ସବେ ଦେଖିଥିଲେ ଯେହୁ
ଦୋଳାରୂଢ଼ ନାରୀଗଣେ ।
ନ ବୁଡ଼ ପ୍ରୟାଗେ ଅଜାଣି ମାଧେ
ଏ ପୁର ନାରୀନଳରେ,
ବହୁ ଦୁଅନ୍ତେ କ ଧବଳ ଶ୍ୟାମଳ
ନଳଙ୍କ ନେତ୍ରଗୃମଙ୍କରେ । ୮୯ ।
ଅନୁରାଗେ ସତୀ ନୃପ-ଚକ୍ରବର୍ତ୍ତୀ
ବରନ୍ତେ ନଳରାଜନେ,
ସୌଭାଗ୍ୟ ତାଙ୍କର ମହତ୍ତର ବୋଲି
ବୁଝିନେଲେ ସର୍ବଜନେ ।
ଇନ୍ଦ୍ର ଅନ୍ତରଣେ ପ୍ରସନ୍ନ ଇନ୍ଦ୍ରାଣୀ
ଦେଲେ ଆଶୀର୍ବାଦ ଦାନ,
ସ୍ୱାମ ଦୁହିତାର ସୌଭାଗ୍ୟ ବଧାନେ
ହେଲ ସିନା ତା' ନିଦାନ । ୯୦ ।
ବାସବ ପ୍ରମୁଖ ଦେବତାଙ୍କୁ ଦେଖି
କଲେ ଯା ନଳ ବରଣ,
ଉପଯୁକ୍ତ ସେହୁ ଚକ୍ଷୁଲଜ୍ଜା ତ୍ୟାଗ,
କର୍ତ୍ତବ୍ୟ ଅବଧାରଣ ।
ଅମରେ ସନ୍ତ୍ରାପି ସଚେତ ଦମୟନ୍ତୀ
ନେଲେ ତାଙ୍କ ଅଙ୍ଗୀକାର,
ଲଜ୍ଜା, ରୋଷ; ଅପ- ଯଶ ଅବସର
ନ ରହିଲ ଦେବଙ୍କର । ୯୧ ।

Digitized by srujanika@gmail.com

ପଞ୍ଚଦଶ ସର୍ଗ

ପଦ୍ମରାଗ ରକ୍ତ- କର ନିକରସ
ଅଶେଷ ସ୍ପର୍ଶସ୍ପନ୍ଦନ,
କରନ୍ତେ ଗମନ ଅଙ୍ଗୁ-ଅଙ୍ଗେ ବଳି
ଝୁଲୁଥିଲା ବିଭୂଷଣ ।
ପୁରନାରୀମାନେ କରେଣି ନୈଷଧେ
ଆଳପିଲେ ଏହି ମତେ,
ଆନନ୍ଦେ ସତେ କି ଦେଖିଲେ ଇନ୍ଦୁକୁ
ପ୍ରାଚୀ-କ୍ରୀଡ଼ା ପରବତେ । ୯୨ ।
କବିରାଜ ଶ୍ରିକ ମୁକୁଟ ଭୂଷଣ
ଶ୍ରୀହୀର ଯାହା ଜନକ,
ମାମଲ୍ଲ ଦେବୀଙ୍କ ଗରଭୁଁ ସମ୍ଭୂତ
ଶ୍ରୀହର୍ଷ କବିତିଳକ ।
ରଚିଲେ ସତତ ସଂଯତ ଭାବରେ
ଚିତ୍ତେ ଚିନ୍ତ୍ର ଚିନ୍ତାମଣି,
ତାଙ୍କ ଚରିତର ପଞ୍ଚଦଶ ସର୍ଗ
ଶୃଙ୍ଗାର-ଭଙ୍ଗୀର-ଖଣି । ୯୩ ।

Digitized by srujanika@gmail.com

ଷୋଡ଼ଶ ସର୍ଗ

ରାଜ-ପୁରୋହିତ ଜ୍ଞାନୀ ଗଉତମେ
ପୂଜ ପୁରସ୍କୃତ କରି,
ଗୃହୀତ-ମଙ୍ଗଳ ନଳ ବିଜେକଲେ
ପଛେ ବେଶଭୂଷା ଧରି ।
ମହାରଥ ନଳ ରଥାରୋହୀ ହେଲେ
ଆରୋହି ସୁନ୍ଦର ରଥେ,
ବିଦର୍ଭ ଭୂପତି- ପୁରମୁଖେ ଗଲେ
ସୁସଜ୍ଜିତ ରାଜପଥେ । ୧ ।
ବଧୂପ୍ରଭ ଚିତ୍ତ ଚାମର ଚଳାଇ
ସେବୁଥିଲେ ବାମାଦଳ,
ସ୍ୱଗୁଣ ନିବନ୍ଧ ମାଗଧଜନ ହେଳ-
ପଣ ଶୁଣୁଥିଲେ ନଳ । ୨ ।
ବିବିଧ-ଭୂଷଣ ସୁନାସୀରଗଣ
ଆଗେ କରୁଥିଲେ ଗତି,
ସୁନାସୀର-ପଦ- ବାଚ୍ୟ ହେଲେ ତହିଁ
ନିଷଧ-ଅବନୀ ପତି । ୩ ।

Digitized by srujanika@gmail.com

ସେନା ଧୂଳିଯୋଗେ ଗାଢ଼ୁଁ ଗାଢ଼ତର
ରଜନୀ-ଅନ୍ଧାର ଦଳି,
ନାସୀର (୧) ନୃପଙ୍କ କଣ୍ଠ ରତନ
ରଜିଲ ପ୍ରତାପଭଳି । ୪ ।
ବର୍ଣ୍ଣାଢ୍ୟ ମୂର୍ତ୍ତି ସନ୍ନିହିତ କାଣି
ସତ୍ୱର ଘମେ ପ୍ରହିତ,
ଦୂତରୂପୀ ନୃପ- ସଙ୍ଗେ ନଳ-ସେନା
ମିଶି ହୋଇଲ ଅପ୍ରମିତ । ୫ ।
ହସ୍ତୀ,-ସିଂହ-ବ୍ୟାଘ୍ର- ଶଙ୍ଗେନ ବ୍ୟଗ୍ର-
ଅଶ୍ୱସେନ୍ୟ ଧ୍ୱନେ ଝଳ,
ଶ୍ୱାପଦ ସଙ୍କୁଳ ବାତବ୍ୟସ୍ତ ବଲ୍ଲୀ-
ବନ ହୋଇଲ ନଭସ୍ଥଳୀ । ୬ ।
ଦଶ କର୍ଣ୍ଣଠାଳେ କଣ୍ଟୁଛେ କୁଞ୍ଚାଇ
ତୋରଣ ମାଳିକା ଭୂରୁ (୨)
ଭୈମୀ ଦୂତରୂପେ ପ୍ରତୀହାର ଭୂମି (୩)
ଡ଼ାକୁଥିଲ୍ଲ ଅବା ଦୂରୁଁ । ୭ ।
ଦ୍ୱାରେ ଶ୍ଳଥଦଳ ରମ୍ଭାସ୍ତମ୍ଭ ବେନ
ନରେଶ ଦୃଅଇ ମନେ,
ସ୍ୱାଗତ ପୃଚ୍ଛେ କ ଚଣ୍ଡାତକ (୪) ପିନ୍ଧ
ଭୈମୀ ସଖୀ ତୂର୍ଯ୍ୟସ୍ୱନେ ? । ୮ ।

---

(୧) ସେନାଗ୍ରବର୍ତ୍ତୀ
(୨) ତୋରଣ ମାଳିକା ରୂପକ ଭୂରୁ
(୩) ଦ୍ୱାରଦେଶ, ହାତୀର କାନ ପବନରେ ଈଷତ୍ କମ୍ପିତ ଦ୍ୱାରଦେଶସ୍ଥ ତୋରଣ ମାଳିକା, ଭୈମୀଦୂତୀ ପ୍ରତୀହାର ଭୂମିର ଭ୍ରୂଭଙ୍ଗୀ ବୋଲି ବୁଝିବାକୁ ହେବ ।
(୪) ସ୍ତ୍ରୀଲୋକମାନଙ୍କର ଅର୍ଦ୍ଧୋରୁ ପର୍ଯ୍ୟନ୍ତ ବସ୍ତ୍ର ବା ଜଙ୍ଘା (ପୂର୍ବେ ଚେଟୀମାନେ ରଜାଘରେ ଜଙ୍ଘଆ ପିନ୍ଧୁଥିଲେ)

Digitized by srujanika@gmail.com

ବେନି ସେନା ସିନ୍ଧୁ ମିଶି ଏକାକାର
ହେଲେ ଭେଦ ଫିଙ୍ଗି ଦୂରେ,
ଆନନ୍ଦସୂଚକ ଜନ କୋଳାହଳ
ଉଚ୍ଛୁଳିଲା ସିଂହଦ୍ୱାରେ ।
ସୁଶାସକ ନଳ, ଭୀମ ନୃପତିଙ୍କୁ
ନମ୍ରତା ଜାଣି ନକର,
ହଂସା ପରିହରି ହରଷେ ମିଶିଲେ
ସଇନକେ ପରସ୍ପର । ୯ ।
ନଳ-ବାନ୍ଧବଙ୍କୁ ବସାଇ ଆସନେ
ନଳଙ୍କୁ ପାଶ୍ଚୋଟି ଯାଇ,
ଆଣିଥିଲେ 'ଦମ' (୧) ଏଣେ ଏଣେ କହି
ଆଦରେ କରପତାଇ ।
ପୂଜିତ, ସତ୍କୃତ, ବମିଛ ନଳଙ୍କୁ
ଦେଖିଲେ ବିଦର୍ଭପତି,
ସିଂହ ଦ୍ୱାର ଠାରୁ ଦମଙ୍କ ସଙ୍ଗେ ସେ
ହୋଇଥିଲେ ପାଦଗତି । ୧୦ ।
ଭିଡି ବାହୁଯୁଗେ ଆଲିଙ୍ଗନ କଲେ
ନଳଙ୍କୁ ଭୀମ ଭୂପତି,
ତରଙ୍ଗ ଭୁଜରେ ଗଙ୍ଗା ପ୍ରବାହକୁ
ବାନ୍ଧିଲା କି ସରିତ୍ପତି ? ୧୧ ।
ବାହିନୀ-ଈଶ୍ୱର (୨) ମହାଭୂତ (୩) ପତି
- ପୁରୁଷ ଉତ୍ତମ(୪) ଶିବେ (୫)

---

(୧) ବିଦର୍ଭ ଯୁବରାଜ (ଭୀମରାଜାଙ୍କର ପୁତ୍ର) ।

(୨) ବାହିନୀ (ନଦୀ) + ଈଶ୍ୱର = ସମୁଦ୍ର, ପକ୍ଷେ ସେନାମାନଙ୍କର ଅଧିପ ଭୀମରାଜ ।

Digitized by srujanika@gmail.com

ସ୍ୱାଧୀ ଲକ୍ଷ୍ମୀ ଶିବା ସ୍ୱଜନନନ୍ଦନାଙ୍କୁ
ସମର୍ପିଲେ ସର୍ବଶୁଭେ । ୧୨ ।
ଉପୁଲେ ଏ ତର୍କ ନଳ ମଧୁପର୍କ
ଆସ୍ୱାଦନ କଲେ ଯାହା,
ସ୍ୱାମଜା-ଅଧର- ମଧୁ ପାନ ଲାଗି
ଧୃଷ୍ଟ୍ୟାହ ବାଚନେ ତାହା । ୧୩ ।
ପଙ୍କଜ-ସୁଷମା ଚୋରାଇ ଆଣିଛୁ
ସମର୍ଥ ଶ୍ୟାମନା ପାଣି,
ନଳକର-ପର- ପାତ (୧) ଭଜୁରକ
ବୋଲି ତାଙ୍କୁ (୨) ଦୋଷୀ ଜାଣି,
ଦଣ୍ଡଯୋଗ୍ୟ ବେନ କରବଧ୍ୟ କର-
ଏ ଉଭୟ ଅପଯଶେ,
ତେଣୁ ସୁଶାସିତ ବିଦର୍ଭମଣ୍ଡଳେ
ବନ୍ଧା କ କର୍କଶ କୁଶେ । ୧୪ ।
ନଳଙ୍କର ତଳେ ଭୈମୀକର-ପଦ୍ମ
ଯେ ଭାବେ ହେଲା ନହ୍ୟତ,
ପୁରୁଷାଗ୍ର୍ୟ ତର ସୁବପାତ ମଣି
ସଜନୀଏ କଲେ ସ୍ମିତ । ୧୫ ।

---

(୩) ମହୀଭୃତ (ପର୍ବତ) + ପତ = ହିମାଳୟ, ପକ୍ଷେ ମହୀଭୃତ(ରାଜା) + ପତ = ସମ୍ରାଟ, ଶ୍ୟାମଜା ।
(୪) ବସ୍ତୁ, ପକ୍ଷେ ପୁରୁଷଶ୍ରେଷ୍ଠ ନଳ ।
(୫) ଶିବେ (ଶିବଙ୍କୁ), ପକ୍ଷେ ମଙ୍ଗଳମୟ ନଳଙ୍କୁ । ସମୁଦ୍ର ବସ୍ତୁଙ୍କୁ ଲକ୍ଷ୍ମୀ ପ୍ରଦାନ କରିବା ।ହିମାଳୟ ଶିବଙ୍କୁ ଗୌରୀ ପ୍ରଦାନ କରିବା ଏହାର ଶ୍ଳେଷ ।
(୧) ଶତ୍ରୁଘାତୀ
(୨) ବର କର ଓ ବଧୂ କର ଉଭୟଙ୍କୁ

Digitized by srujanika@gmail.com

କୁବେରଙ୍କ ପାଶୁ   ଉପହାର ରୂପେ
        ଲଭି ଯାହା ଭୂମାପତି,
ନାମ ସାମ୍ୟଯୋଗେ   ଭୀମ ଭୂପତିଙ୍କୁ
        ଦେଇଥିଲେ ବହୁ ପ୍ରୀତି;
ସର୍ବ କାମପ୍ରଦ   ସୁବିରଚିତ ସେହୁ
        ଦିବ୍ୟ ଚିନ୍ତାମଣି ମାଳ,
ଯଉତୁକ ରୂପେ   ଜାମାତାଙ୍କୁ ଦେଲେ
        ବିଦର୍ଭ ଅବନୀପାଳ । ୧୬ ।
ବର ଲକ୍ଷେ ଯଉ-   ତୁକ ଦେବାଲାଗି
        ଠୁଳ ଅମୂଲ୍ୟ ବସ୍ତୁର,
ପ୍ରତିବିମ୍ବ ଭଳି-   ତବେ ମଣିମାଳ
        ଆଲିଙ୍ଗି ନ ନଳ ଉର;
ଅର୍ଥୀ ମନୋରଥ   ପୂରଣ ନିମିତ୍ତ
        ଆପଣା ହୃଦେ ଫଳିତ (୧)
ଦୁର୍ଲ୍ଲଭ ବସ୍ତୁର   ବହିଃ ପ୍ରତିବିମ୍ବ
        ଭଳି ତାʼ ହେଲା ଝଳିତ । ୧୭ ।
ଆଗେ ଯେ ଖଡଗେ   ମହିଷାସୁରକୁ
        ବଧିଥିଲେ ମହାମାୟା,
ଜାମାତାଙ୍କୁ ତାହା   ଉପହାର ଦେଲେ
        ବିଦର୍ଭ ଅବନୀନାହା;
ମହିଷମର୍ଦ୍ଦିନୀ   ଦେଖି ରଣସ୍ପୃହା
        ଶମ୍ଭୁ ସମ୍ଭୋଗରେ ମାତି,

---

(୧) ଏହି ଚିନ୍ତାମଣି ମାଳ ନିଜେ ଦାତା ଥିବାରୁ (ସର୍ବକାମପ୍ରଦ ଥିବାରୁ) ଯାଚକମାନଙ୍କୁ ଦେବାଲାଗି ତା ମନ ମଧ୍ୟରେ ଥିବା ଅମୂଲ୍ୟ ପଦାର୍ଥ ମାନଙ୍କର ଏହା ବାହ୍ୟ ପ୍ରତିବିମ୍ବ । ଏହାହିଁ ଫଳିତାର୍ଥ ।

Digitized by srujanika@gmail.com

ଧବ ନାମ ଧାରୀ ଗ୍ରାମକୁ ସେ ଆସି
ଦେଇଥିଲେ ଭଙ୍ଗଶାନ୍ତ୍ର । ୧୮ ।
ଶିବ ବାମଭାଗେ ମିଶାଇ ଭବାନୀ
ଅପଣା ଦକ୍ଷିଣ ଅଙ୍ଗ,
ଭେଜଥିଲେ ସୁଖେ ପରାଙ୍ଗ ଦାରଣ
ଦକ୍ଷିଣାଙ୍ଗ ଶୋଭା ଖଡ୍ଗ । ୧୯ ।
ରାଜନ ସେ ଆସି ଶୌର୍ଯ୍ୟ-(୧) ଉପନର
ଉଦୟ ଅଚଳ ପରି,
ଘନ ଗୁଲ୍ମ-ବନ, ତୀକ୍ଷ୍ଣ ଘାତ ଝର,
ଶତ୍ରୁ ରକ୍ତ-ସନ୍ଧ୍ୟାଧରି । ୨୦ ।
ଗ୍ରାମଙ୍କୁ ଗ୍ରାମଜା ମାଟିବାକୁ ଯାଇ
ଆପଣା ରସନାଭଳି,
ଯେ ଅସିପୁତ୍ରିକା ଦେଇଥିଲେ ଯମ
ଗ୍ରାମେ ସମାଦର କରି ।
ପାଣିଗ୍ରହ ଯୋଗ୍ୟ ସେ ତକ୍ଷଣ ଛୁରିକା
ପିନ୍ଧାଇ ସୁନ୍ଦର କୋଷେ,
ଉପହାର ରୂପେ ଗ୍ରାମ ଭୂମିପତି
ନଳଙ୍କୁ ଦେଲେ ହରଷେ । ୨୧ ।
ବିଷମ ସମରେ ଅରାତିଘାତିନୀ
ସୁତୀକ୍ଷ୍ଣ ଛୁରିକା ବର,
ସ୍ଥଣ୍ଡିଳ-ଶୟନ- ବ୍ରତ ରଣସ୍ଥଳେ (୧)
ସମ୍ପାଦ ଅରାତିଙ୍କର ।

---

(୧) ସ୍ଥଣ୍ଡିଳଶୟନବ୍ରତ ଶେଷରେ ପତ୍ନୀ ଆଭରଣ ଦାନକରିବା ବିଧି, ଶାସ୍ତ୍ର- ସଙ୍ଗତ । (ଅସି ପୁତ୍ରିକାର କୃଷ୍ଣତ୍ୱ ଓ ସେଥିରେ ଶତ୍ରୁର ଭୂମି-ଶୟନ ପରେ ଶତ୍ରୁପତ୍ନୀର ବୈଧବ୍ୟ ବ୍ୟଞ୍ଜିତ ହୋଇଅଛି) ।

Digitized by srujanika@gmail.com

ଦକ୍ଷିଣାରେ ତାଙ୍କ ପତ୍ନୀ ଆଭରଣ
କୁଚ ପଦାବଳି ସଙ୍ଗେ,
ନୟନ ଚଞ୍ଚଳ ଯେମନ କାନ୍ତିଛଳେ
ଖେଳୁଥାଇ କବା ରସେ ? । ୨୨ ।

ସାଗର, ଭୂଧର ଲଙ୍ଘି ପାରେ ଯେତୁ
ଅପନ୍ଥା ଯାହାର ପଥ,
ଭୈମୀ କାମୀ ଅଗ୍ନି ଯାହାଙ୍କୁ ଅଗଷ୍ଟ
ଦେଇଥିଲେ ଯେଉଁ ରଥ ।

ସୁମନେ ସେ ରଥ ନିଷଧନାଥଙ୍କୁ
ଦେଲେ ଭୀମ ଭୂମିପାଳ,
ଯଉତୁକ ରୂପେ ପରମ ଆଦରେ
ଆନନ୍ଦରେ ହୋଇ ଭୋଳ । ୨୩ ।

ଅନଳ ପ୍ରଦତ୍ତ ସେହି ମହାରଥ
(୧) ନଳ କୂବରତା ବରି,
ସୁସାରଥି ନଳ କୁବେର ସମ୍ପର୍କେ
ଧୃଷ୍ଟତାକୁ ଗଲା ବଳି । ୨୪ ।

ପ୍ରଚେତା ବାସବେ ଉଚ୍ଚୈଃଶ୍ରବା ଦେଇ
ତା' ଠାରୁ ଉତ୍କୃଷ୍ଟତର,
ଯେଉଁ ହୟରତ୍ନ ସ୍ୱଚ୍ଛନ୍ଦ ବରୁଣେ
ଦେଇଥିଲେ ରତ୍ନାକର ।

ବରୁଣ ସେ ଅଶ୍ୱ ଭୈମୀ ଅନୁରୋଧେ
ଯାହାଙ୍କୁ ସମର୍ପିଥିଲେ,

---

(୧) ନଳକୂବରତା (ନଳରଥତ୍ୱ) । କୂବର (ରଥ) ନଳକୂବର କୁବେରଙ୍କର ପୁତ୍ର । ପୁଷ୍ପକ କୁବେରଙ୍କର ରଥ । ମହାରଥ ନଳ ନିଜେ ସୁସାରଥି ଥିବାରୁ କୁବେରଙ୍କର ପୁଷ୍ପକଯାନଠାରୁ ତାଙ୍କ ବିଶେଷତ ଅଛି ବୋଲି ବୁଝିବାକୁ ହେବ ।

Digitized by srujanika@gmail.com

ଘ୍ରାମ ସେ ଅଶ୍ୱଙ୍କୁ ଜାମାତା ନଳଙ୍କୁ
ଯଜ୍ଞତ୍ରୁଳ ଏବେ ଦେଲେ । ୨୫ ।
ଦ୍ରୁତଗତ ଅଶ୍ୱ ଲଙ୍ଘି ଦୂରପଥ
ଦକ୍ଷତା ଜଣାଇ ମନେ,
ଧୂଳିପଟଳରେ ନେଇ ତାଙ୍କ ଫେରେ
ଦେଖି ନ ପାରନ୍ତି ଜନେ । ୨୬ ।
ବିଶ୍ୱକର୍ମା କରେ ଗୋଟିଏ ମାଣିକେ
ଗଢ଼ା, ମଘବା ପ୍ରଦତ୍ତ,
ଦିବ୍ୟ ପିକଦାନ ଉପହାର ଦେଲେ
ନଳଙ୍କୁ ଘ୍ରାମଭୂପତ । ୨୭ ।
ତାମ୍ବୂଳ ରଳାଗ୍ରି ନଳ ପାନପିକ
ପଡ଼ନ୍ତୁ କ ନାହିଁ ତହିଁ,
ପଦ୍ମରାଗ-କାନ୍ତି- ମୟୂଖମଣ୍ଡଳେ
ସହଜେ ବାରନ୍ତୁ ହଇ । ୨୮ ।
ହରନ୍ମଣିମୟ ଭୋଜନ-ଭାଜନେ
ନଳଙ୍କୁ ଘ୍ରାମ ତୋଷିଲେ,
ପ୍ରଦ୍ଭୁନାମ ସାମ୍ୟ ଯେଣୁ ଯେଉଁପାଏ
ମନ୍ତୁ ତାଙ୍କୁ ପୂଜିଥିଲେ ।
ଯେଉଁ ହରନ୍ମଣି (୧) ଛବି ଛନ୍ଦେ ଧରେ
କେକା ସର୍ପେ ନ ଡରଇ,
ନୀଳକଣ୍ଠ ଶିବ ହୋଇଥାଆନ୍ତେ କି
ସେ ପାନରେ ବିଷ ଖାଇ । ୩୦ ।
ଦୁର୍ବାସା ଶାପରେ ମହାତଳ-ଗତ
ଅବା ସେ ଅଇରାବତ (୨)

(୧) ଗାରୁଡ଼ ମଣି ବିଷହାରକ ।
(୨) ଦୁର୍ବାସାଙ୍କ ଦ୍ୱାରା ଇନ୍ଦ୍ରଙ୍କୁ ପ୍ରଦତ୍ତମାଳା ଐରାବତ ଫିଙ୍ଗିଦେଇ ତାହାଙ୍କ ଶାପରେ ସ୍ୱର୍ଗଚ୍ୟୁତ ହୋଇଥିବା କଥା ପୁରାଣରେ ଅଛି ।

Digitized by srujanika@gmail.com

ମଦସ୍ରାବୀ ଅଭ୍ର- ମାତଙ୍ଗ (୧) କବା ସେ
ଚେଉଁ ହସ୍ତୀ ହେଲ ଦତ୍ତ । ୩୧ ।
"ବଳ ଥିଲେ ଦମ୍ଭ- ଙ୍କର ଠିଆହୁଅ,
ନଇଲେ ଜୀବନ ଘେନ,
ପଳାଅ ଦଗନ୍ତୁ" ସୂଚେ କ ଦଗ୍ଭଜେ
ଗୃଳ ସେ ଶ୍ରବଣ ବେନ ॥ ୩୨ ।
ଦନ୍ତଯୁଗ ନଜ କୀର୍ତ୍ତିବୀଜ, ଶତ୍ରୁ-
ଅପକୀର୍ତ୍ତି ଦାନବାର,
ଶ୍ରବଣ ବ୍ୟଜନେ ସେଚବ ସ୍ୱେଦବାର
କୁମ୍ଭ କୁଚ୍-ଶିର ଶିରୀ । ୩୩ ।
ବବାହ ଦକ୍ଷିଣା ହସ୍ତୀ ଅଶ୍ୱ, ସ୍ୱର୍ଣ୍ଣ
ଅସଂଖ୍ୟ ରତନମାନ,
ସଂଖ୍ୟା କରିବାକୁ ସମର୍ଥ ନୋହିଲେ
ସହଜେ ବଦୁଷ ଜନ । ୩୪ ।
ପାଣିଗ୍ରହଣରେ ଆପଣେ ଅନଳ
ଧରିବାରୁ ବାମପଣ,
ପୁରସ୍କୃତ କରି ଭୈମୀ ନଳ ବେନ
କଲେ ତାଙ୍କୁ ପ୍ରଦକ୍ଷିଣ । ୩୫ ।
"ଶିଳାପରି ସ୍ଥିର- ହୁଅ ଦମୟନ୍ତୀ !"
ବୋଲି ଆଶୀର୍ବାଦ ଦେଇ,
ଚଢ଼ିବା ମାତ୍ରେ ଲୁଚଲ କ ସତେ
ମନ୍ତ୍ରବାକ୍ୟ ଲାଜପାଇ ।
ମାନବ ଚେଷ୍ଟାରେ ଅଳ୍ପ ଆୟାସରେ
ଶିଳାହୁଏ ବଚଳିତ,

(୧) ମେଘରୂପ ଗଜ ବା ଆକାଶ ଗଜ ।

Digitized by srujanika@gmail.com

ବହ୍ନିଜ୍ୱାଳା ବଳେ ବି   ପତିବ୍ରତା-ମାର୍ଗୁଁ
ନ ଟଳନ୍ତି ବାଳାଗଣ । ୩୬ ।
ନଳ ଉତ୍ତରୀୟେ   ଭୈମୀ-ଉପରଣ
ବସ୍ତ୍ରବାନ୍ଧ ଗଣ୍ଠିଦେଇ,
ରାଜ ପୁରୋହିତ   ସର୍ବଜ୍ଞ ଗୌତମ
ସୂଚିଲେ କି ଏହା ଚହିଁ ।
ଧନେ ପଟଚ୍ଛେଦ   ବିଚ୍ଛିନ୍ନ ହୋଇବେ
ତୁମ୍ଭଠାରୁ ନଳବଳେ,
ଆଗୁଁ ସାବଧାନ   ହୋଇ ଦମୟନ୍ତୀ
ବାନ୍ଧିରଖ ବସ୍ତ୍ରାଞ୍ଚଳେ । ୩୭ ।
ଧ୍ରୁବତାରା ପ୍ରତି-   ଅଙ୍ଗୁଳି ନିର୍ଦ୍ଦେଶି
ଦମୟନ୍ତୀ ମୁଖେ ଚହିଁ,
"ଅଣିମା ଯାଙ୍କର   ନିରୀକ୍ଷଣ କର"
ଭାଷିଲେ ନିଷଧସାଇଁ ।
ଦୂରେ ଥାଇ ସୁଦ୍ଧ   ଦିଶନ୍ତି ସିନା ଏ
ନୁହନ୍ତି କଦାପି ସାନ,
ଥାଉ ଆନକଥା   ମହିମା ଯାଙ୍କର
ନିଗମ କରଇ ଗାନ । ୩୮ ।
ବରାହ ପୂର୍ବରୁ   ବାସବଙ୍କୁ ତୁମ୍ଭେ
ଚେଳିବାରୁ ବ୍ରଣୋଜ୍ଞାନେ,
ଅଣୁତ୍ୱ ଧରନ୍ତି   ଦେଖ ଅରୁନ୍ଧତୀ
ଭଣାବୋଲି ସତ୍ୟପଣେ । ୩୯ ।
ଦମୟନ୍ତୀ-କର-   ପଲ୍ଲବ ପରଶି
କୁସୁମ ସୁଷମା ଧରି,
ନିକ୍ଷେପଣ ବେଳେ-   ଅନ୍ତରୀକ୍ଷ ଚୁମ୍ବି
ଚଳିଷ୍ଣୁ ତାରକା ଭଳି;

Digitized by srujanika@gmail.com

ଅବଶେଷେ ଯାଇ ଅନଳରେଂ ପଡ଼ି
ଦେବତାମାନଙ୍କ ମୁଖେ,
ଦମୟନ୍ତୀ ଛବି ଧରି ଝଲସିଲା
ହୋମଶାଳେ ନିଜ ସୁଖେ ।୪୦ ।
ଲାଜାହୃତ ଲଭି ଉଠେ ଧୂମରେଖା
କୁଞ୍ଚିତ ଗତି ଆଦରି,
ସଜଳ ଛଟରେ ଶ୍ୟାମଳା କପୋଳେ
ମୃଗମଦ-ଚିହ୍ନପରି ।
ଶ୍ରବଣେ ତମାଳ- ଦଳ-ମାଳା ରଚି,
ନୟନେ ଅଞ୍ଜନରେଖା-
ତୁଲ୍ୟ ଲଭି, ଚୂର୍ଣ୍ଣ- କୁନ୍ତଳ ପରାଏ
ଭାଲପଟ୍ଟେ ଦେଲା ଦେଖା । ୪୧ ।
ସାତ୍ତ୍ୱିକ-ଜନିତ ସ୍ୱେଦ ଆର୍ଦ୍ରତର
ଅବିରତ ଦାନଜଳେ,
ଆଚ୍ଛାଦିତ ହେଲା, ସାତ୍ତ୍ୱିକ ଲୋତକ
ଲୁଚିଗଲା ଧୂମଜାଳେ । ୪୨ ।
ବହୁ ଧନ ଦାନ କଲନ୍ତେ ନୃପତି
ସକଳେ ପୁଲକ ଧରି,
ବଧୂବରଙ୍କର ରୋମାଞ୍ଚ ବିକାର
ସୁଖେ ନ ପାରିଲେ ବାରି । ୪୩ ।
ବିବାହ ସମୟେ ବେଦୋକ୍ତ କର୍ମର
ଅନୁଷ୍ଠାନେ ଚଞ୍ଚଳତା,
ବର-ବଧୂଙ୍କର ସ୍ତମ୍ଭ ନାଶିବାକୁ
ପ୍ରକାଶିଲା ଅକ୍ଷମତା;
ସମିଧେ ପ୍ରଦୀପ୍ତ- -ହୋଇ ହୁତାଶନ
ବେଦଙ୍କ ସମ୍ମୁଖେ ଥାଇ,

Digitized by srujanika@gmail.com

ସାତ୍ତ୍ୱିକ ଜନିତ   କମ୍ପ ବିକାରକୁ
ଘୋଡ଼ାଇ ପାରିଲେ ନାହିଁ । ୪୪ ।
ଅଙ୍ଗିରା-ବହ୍ନିତ   ଶଚୀ ପୁରନ୍ଦର
ବିବାହ ମଙ୍ଗଳ ସମ,
ନଳ-ଦମୟନ୍ତୀ-   ବିବାହ ବିଧାନ
ସାଙ୍ଗକଲେ ଗଉତମ । ୪୫ ।
ସହସ୍ର ଛିଦ୍ରରେ   ବର-ବଧୂଙ୍କର
ଶଶ୍ରୂ-ସାକ୍ଷଣ ପାଇଁ,
କୌତୁକ-ଅଗାରେ   ବିଜେକଲେ ନଳ
ପୁରନ୍ଧ୍ରୀ ଗହଣେ ଯାଇ ।
ସୁନ୍ଦର ଗବାକ୍ଷ-   ଜାଲେ ବିମଣ୍ଡିତ
ଅଧିଷ୍ଠିତ ଜନ୍ତୁନେଲେ,
ସହସ୍ରାକ୍ଷ ସାଙ୍ଗ   ଉପମା ଧଇଲା
ସେ କାଳେ ସେ ଗୃହ ବଳେ । ୪୬ ।
ଚନ୍ଦନ ଧରି   ବଧୂବର ବେନି
ଶାସ୍ତ୍ରବିଧି ଅନୁସାରେ,
ପର୍ଯ୍ୟାପ୍ତ ଭୋଜନ   ପରିହାର କରି
ଅପେ ଅପେ ଲଜ୍ଜ ଭରେ ।
ପ୍ରକାଶ୍ୟ ଭବରେ   ପରସ୍ପର ହିମ୍ବା
ନ ଦେଖିଲେ ଇଚ୍ଛାମତେ,
ସମ୍ଭୋଗ କରକ   ଶୟନ ମଣ୍ଡିଲେ
ସ୍ପୃହାରଖି ଅନ୍ତର୍ଗତେ । ୪୭ ।
ବର, ବରଜାତ-   ମାନଙ୍କୁ ତୋଷିବା-
ପାଇଁ ପରିହାସ ଛଳେ,
ଭୋଜ ଯୁବରାଜ   ସ୍ୱଜନମାନଙ୍କୁ
ଠାରିଦେଲେ ନେହାଁଠେଳେ ।

Digitized by srujanika@gmail.com

ଅବମ-ଅପସର୍ଗ ନାଗ୍ନିମାନଙ୍କର
ହାତେ ଭୋଜ୍ୟ ବସ୍ତୁ ଦେଇ,
ବରଯାତ୍ରୀଙ୍କର ଭୋଜନ ବ୍ୟବସ୍ଥା
କରି ବୁଝାଇଲେ ତାହିଁ । ୪୮ ।

"କାହାର ଚେମନ (୧) ତବ ରୁଚିକର
କାମୋଦନେ (୨) ଅବା ସ୍ନେହ,
ପାନ (୩) କରିବାକୁ ଇଚ୍ଛାକି ଏ ମୁଖ
ଫିଟାଇ ସେ କଥା କହ" । ୪୯ ।

"ବସ୍ତୁ (୪) ତୁମ୍ଭମୁଖେ ଏ ସଖୀ" ବୋଲି କେ
ଅନୁମତ ଯେନି ହସେ,
ବସନ୍ତ ପକ୍ଷୀରେ ସେ ବରାଙ୍ଗ (୫) ତୁମ୍ଭ
ମୁଖ କି ? ପଚାରନ୍ତେ ଭସେ । ୫୦ ।

"ପ୍ରିୟତମେ ତୁମେ ଦୁହେଁ" ବରଯୁବା (୬)
ଭସ୍ମ, ପରିହାସେ ରସି,
"ଏ ଭସ୍ମାକୁ ✱ ଭୃଙ୍ଗ- ଗଳ (୭) ନ ଶୋଭଇ
ବଖାଣିଲ ଜଣେ ହସି ।

---

(୧) କାହାର ଚେମନ (ଚରକାସ୍ତ୍ର)ରେ ତମର ରୁଚ, ପକ୍ଷେ କାହା ଉଦରେ ତୁମର ପ୍ରୀତ ।

(୨) କାମ (ଦୁଚରି)+ଓଦନେ (ଅନ୍ନରେ) ତୁମର ସ୍ନେହ, ପକ୍ଷେ କା (କାହାର) ମୋଦନେ (ଆନନ୍ଦଲାଗି) ସ୍ନେହ ।

(୩) ଜଳପାନ, ପକ୍ଷେ ମୁଖପାନ

(୪) ତୁମ୍ଭ ଆଗରେ ବସ୍ତୁ, ପକ୍ଷେ ତୁମ୍ଭ ମୁହଁରେ ଝାଡ଼ା ଫେରୁ ।

(୫) ମସ୍ତକ, ପକ୍ଷେ ଗୁହ୍ୟଦେଶ

(୬) ବରଯୁବା-ବର ପକ୍ଷ ଯୁବା ।

✱ ଦୁହେଁ ତୁମେ, ପ୍ରିୟତମେ ଏହା ଶେଷରେ ଥିବା ମେ ମେ ଶବ୍ଦ ଏଠାରେ ଲକ୍ଷ୍ୟ ।

(୭) ଭୃ-ଭୃଗଳ (ଛେଳ) ପକ୍ଷେ ଭୃଙ୍ଗ (ଖାଲ)+ଗଳ (ବେକ) ବା ହାର-ସ୍ଥାନ ।

Digitized by srujanika@gmail.com

ଇତର ଜଣକ ନିଜ ଦ୍ୱାର ଯଷ୍ଟି
ଲମ୍ବାଇ ସେ ଯୁବା ଗଲେ,
ଏହୁ ଗଳଗୁଚ୍ଛ (୧) ବୋଲି ଓଷ୍ଠାରିଲା
ଧରି ଢାହା ବଳେ ବଳେ । ୫୧ ।
ନଳଙ୍କ ଗୃମର- ଧାରଣୀ ପଦ୍ମରେ
'ଦମ' ଦାସୀ ଅନଦାଳା,
ଗୋପନେ ସରଟ (୨) ଡେଜନ୍ତେ ତା' ବେଗେ
ବକ୍ଷିଯାଏ ଉଠି ଗଲା ।
ସନ୍ତ୍ରେ ବ୍ୟସ୍ତେ ବାଳା ବବସନ ହୋଇଁ
ହସିଲେ ସକଳ ଜନେ,
ଭଡ଼ ତରତରେ ବାସ ପିନ୍ଧିଲା ସେ
ଲଜାପାଇ ମନେ ମନେ । ୫୨ ।
ଜାଣିଶୁଣି କେ ବା ଅଗକୁ ଲାଙ୍ଗୁଳ
ରଖି ଚର୍ମାସନ ଦେଇ,
ବସନ୍ତେ ତହିଁରେ ବରପକ୍ଷ ଦ୍ୱିଜ
'ଭ୍ରମ ମୋର' ବୋଲି କହି ।
ଉଠାଇ ସେ ଦ୍ୱିଜେ ପକାଇ ଆସନ
ଲାଙ୍ଗୁଳ ପଛକୁ ରଖି,
ବସାଇ ପୁଣି ସେ ବ୍ରାହ୍ମଣେ ହସିଲା
ପଶୁ (୩) ବୋଲି ତାକୁ ଲେଖି । ୫୩ ।
ବରପକ୍ଷ ନାରୀ- ମନକୁ ଭୁଲାଇ
ଇଷ୍ଟାଳାପେ ହେଉଁ ଖଳ,

---

(୧) ଛେଳିର ଗଳଦେଶରେ ଥିବା ଦାଢି ।
(୨) ଏଣ୍ଡୁଅ,
(୩)ପଶୁମାନଙ୍କର ଲାଙ୍ଗୁଳ ପଛକୁ ଆଏ ।

Digitized by srujanika@gmail.com

ବାଠ-ଭୂଷ କରି ଠିଆ କରାଇଲ
ଦେଖିଲେ ପଛପଟୁଁ ତାର ।
ଆନ ଯୁବା କଠରେ ଗୋପନେ ମୁକୁର
ପାଦଯୁଗ ଅନ୍ତରାଳେ,
ଥୁଆଇ ବରାଙ୍ଗ (୧) ପ୍ରତିବିମ୍ବ ଗୃହିଁ,
ହସିଉଠିଲା ସେ କାଳେ । ୫୪ ।
ଉପଗୃହରେ ରତ ପରିଚାରିକାର
ବିଳାସ ଗୃହିଁ ଉତ୍ସୁକେ,
ଜନ-ବାସକର ମଦନ ବିକାର
ଧଇଲେ ବରଯାତ୍ରିକେ । ୫୫ ।
ଯୁବକ ହସନ୍ତେ ହସିଲା ଯା ଯୁମା
ହୋଇ କଳଙ୍କ (୨) କନ୍ଧର,
ଯୁବକ-ହୃଦୟେ ନ ବାନ୍ଧିଲା କାକ
ପରୋକ୍ଷେ ସେ ସ୍ମିତଶର ? । ୫୬ ।
କର୍ତ୍ତବ୍ୟ ବରଜ ଅକର୍ତ୍ତବ୍ୟ ଭଜ
ଦକ୍ଷୁ ନୟନେ ବାଳା,
ଦାରିବା କପଟେ ତା' ପ୍ରଣୟକୋପ
କାମୁକକୁ ଜଣାଇଲା । ୫୭ ।
ଜଳ ଦେବାକାଳେ ନତ ବଦନାର
ମୁଖ ଚୁମ୍ବନେ ଅଧୀର,
କେଉଁ ବରଯୁବା ଶ୍ଳଥକର ବ୍ୟାଜେ
ଚରଣେ ପକାଇ ନୀର ।

---

(୧) ଗୋପ୍ୟ ପ୍ରଦେଶ ।

(୨) ମୁହଁ ବୁଲାଇ ।

Digitized by srujanika@gmail.com

ନୂଆଇଁ ଆପଣା   ବଦନା ସେ କାଳେ
ପାଦକୁ ଚାହାଁଧା ଛଳ,
ପରକାଶି ନେଡେ   ଜନତା-ନୟନ
ଏଡ଼ାଇବା ଅବସର । ୫୮ ।
ଟେକି ବା ଶ୍ଲଥ ପାଣି-   ପୟୋଜ ନାଳରେ
ଢଳାନ୍ତି ସଖୀ-ମୁଖ,
ଜଡ଼ାଇ ଯୁବକେ   ଅନାଇ ଲଜ୍ଜିନ
ଗାଢ଼ ଆଲିଙ୍ଗନ ସୁଖ । ୫୯ ।
ନତମୁଖେ ବାଳା   ଜଳ ଦେବାକାଳେ
ଅପରୂପ ରୂପଧର,
ଦେଖିଥୁ ପ୍ରେମାର୍ଦ୍ର   ଧର ଏବାବେଳେ
ତତ୍କ୍ଷଣ କାମବାଣେ ଡର ।
ବାମା ବାମପାଦ-   ନଖ ଦରପଣେ
ପ୍ରତିବିମ୍ବ ଛଳେ ଯୁବା,
"ଚରଣେ ଶରଣ   ପଶିଲି ବୋଲି ମୁଁ"
ନ ଛାଡ଼ୁ ବନ୍ଧନ ଅବା । ୬୦ ।
ଲାଜେ ନତମୁଖ   ବକ୍ଷମୁଖେ ସ୍ମିତ
ମୃଦୁ ଗଦ୍‌ଗଦ୍ ବଚନ,
ଦେଖି ଶୁଣି ଭେଟି   ଯୁବା ମନେକଲା
'ଏ ତ ପ୍ରାପତ ଲକ୍ଷଣ' । ୬୧ ।
ସାତ୍ତ୍ୱିକ ଜନିତ   ସ୍ୱେଦେ ଆର୍ଦ୍ର କେହି
ଗ୍ରୀଷ୍ମର ଛଳନା କରି,
ବ୍ୟଜନକାରିଣୀ   ମୁଖେ ଅନାଇଲା
ଲାଜଭୟ ପରିହରି । ୬୨ ।
ଚାହିଁ ତାଳବୃନ୍ତ   କୁଚଚୁମ୍ବି ଭୁଜେ
ଚଳ-ଦଳ ଲତା ମଣି,

Digitized by srujanika@gmail.com

ପିଞ୍ଜର ନିବଦ୍ଧ ପକ୍ଷିପର ଲୁବ୍ଧ
ହେଲା କେଉଁ ପୁରାମଣି । ୬୩ ।
ଯୁବା ଯୁମା ଟବନ କେଉଁ ହାବଭାବ
ସେଠାରେ କଲେ ପ୍ରକାଶ,
ସୁରତ ପ୍ରସଙ୍ଗେ ନ ରହିଲା ଆଜ
ଦୂତ ଶ୍ରମ-ଅବକାଶ । ୬୪ ।
ପାନକାଳେ ଜଳ- ଗଣ୍ଡୁଷେ ବିମ୍ବିତ
ମୁଖ ଭୁରୁଟଶୋଭାଧାର,
କୁତୂହଳେ ଚୁମ୍ବିଲା ବାରମ୍ବାର ଯୁବା
ନ ପିଇଲେ ହେଲେ ନୀର । ୬୫ ।
ହରିନ୍ମଣିମୟ- ଭୋଜନ ଭାଜନେ
ପରଶିଲବେଳେ ଅନ୍ନ,
ଘେନେ ଗନ୍ଧା ତାହା ଶଷ୍ପର ଛୁପିଲେ
ଭ୍ରମେ ବରଯାତ୍ରିଗଣ,
"କରଣେ ହରିତ ଦଶ୍ଚତୁ ପିନା ଏ
ପଦର ସମ୍ପର୍କ ନାହିଁ"
ପରିହାସ ଛଳେ କନ୍ୟାପକ୍ଷ ଜନେ
ହସି ବଖାଣିଲେ ତହିଁ । ୬୬ ।
ସ୍ଫଟିକ ଭୂମିରେ ଭଗ୍ନ ଶୁଭ୍ରାଙ୍ଗୀର
ନରେଶ ବସଙ୍ଗ ଗ୍ଲାଇ,
ହସି ପ୍ରଶଂସିଲା କେଉଁ ଯୁବାକର
ତା' ବଦନେ ନ ଅନାଇଁ । ୬୭ ।
ଅଭଗ୍ନ ତଣ୍ଡୁଳ ଡିଙ୍ଗ, ସ୍ୱାଦୁ, ହୃଷ୍ଟ
ତୁଷ୍ଟ, ସରସ, କୋମଳ,
ସୁନ୍ଦର, ସୁଗନ୍ଧ ପଲ୍ଲଭ ଭୁଞ୍ଜିଲେ
ସୁଖେ ବରଯାତ୍ରି ଦଳ । ୬୮ ।

Digitized by srujanika@gmail.com

ବର୍ଦ୍ଧମାନ-କୁଟ୍ଟ ନବକଶୋଖିକ
ଯୁବା ଚୁମ୍ବୁ ନେଷଭୋଣେ,
ସୁପ୍ତ ଜପବଣ ଭୁଙ୍ଗସ୍ତନେ ନେଲ
କେଜଁ ଯୂମୀ ଅଭିମାନେ । ୬୯ ।
ସୁରଭି ପ୍ରସୂତ କେ ସୁରଭି ଘୃତ-
ପ୍ରବାହ ଢ଼ାଳନ୍ତେ ଦ୍ନେହେ,
ଘୃତନଦୀ-ତଟ- ନୈକତ ପଶସ୍ୟେ
ପାୟସ ତା' ପାଶେ ଶୋହେ । ୭୦ ।
ନ ହେଲେହେଁ ସୁଧା ମର୍ତ୍ତ୍ୟେ ଆସ୍ୱାଦିତ
ଅଧିକ ତା' ଠାରୁ ଦ୍ଧୃତ,
ଯଜ୍ଞାନଳ ଦଗ୍ଧ- ଗନ୍ଧ ଆଜ୍ୟେ ଯେଣୁ
ଦେବତା ହୁଅନ୍ତି ତୃପ୍ତ । ୭୧ ।
ବୁଝିଲକ ଯୁବା ଗୂଢ଼ ମୋ ଇଙ୍ଗିତ ?
ଅଥବା ବୁଝିକ ନାହିଁ,
ଯାଇ ଖଣ୍ଡେହୁର ଫେର ବୁଝିନେକ
ଦର ଦରନେ ଗୃହିଁ । ୭୨ ।
କଟୁ ରସାଶ୍ରିତ ଶକଟା (୧)-ସାଧିତ,
ଦଧି ପ୍ରଧାନ ବ୍ୟଞ୍ଜନ,
ଭୁଞ୍ଜି ଜନ୍ୟଜନେ (୨) ସହଜେ ଭଣନ୍ତେ
ସୀତ୍କାର, ଶିରଃକମ୍ପନ । ୭୩ ।
ବରଘା-ହୁଦାହେ ଚନ୍ଦ୍ରଖଣ୍ଡ ସମ
ଶୁଭ୍ର ଶକଟା ନକର,
ଆପାତ ମଧୁର ଖଳ ମିତ୍ରପରି
ପଛେ ହେଲା ଦାହକର । ୭୪ ।

---

(୧) ଶଇ ଷୋଲଷ
(୨) ବରଯାତ୍ରିମାନେ

ଅଗେ ଯୁବା-ଯୁଗ୍ମ ଭୂମି ଏଣେତେଣେ
ଭାବ ସଂଗୋପନ ଛଳେ,
ପରସ୍ପର ମୁଖେ କଟାକ୍ଷ ନାହୁଁଲେ
ଦେଖାହେଲ ଯେହ୍ନେ ବଳେ । ୭୫ ।

ସୁକୋମଳ ମାଂସ- ଝୋଲ ଗୁଣ୍ଠି ବର-
ଯାତ୍ରୀ ବଦ୍ଧିଲେ ଚେଷ୍ଟେ,
ସଚେତକ ଏ ଚନ୍ଦ୍ର- କୁରଙ୍ଗ-ପିଣିତ
ଯତ୍ନେ ଡକ୍ଷ ସୁଧାରସେ । ୭୬ ।

ଜନତା ପୂରତେ ଯୁବକ ଯୁବତୀ
ନେତ୍ର ନମ୍ରୀତନ ଛଳେ,
"ଶୋଇଲେ ସକଳେ ମିଳନ ହୋଇବ
ପ୍ରଭୃତ୍ୱ ଇଙ୍ଗିତ ବଳେ । ୭୭ ।

'ରତିକଳି ଧନ କି ଅବା ରଜନୀ
ପଚ୍ଛରିବା ବ୍ୟାଜେ ବଟ,
ହେମ କଷ୍ଟ ଶୀତ ଅନ୍ୟ ପରଶିଲ
ଜାଣିବାକୁ ବାଳାଚଟ୍ଟ;
ଜାଣି ଯୁବାମନ ଉତ୍ତରକ ବେଗେ
ଚତୁର୍ଥ ଇସାକ୍ଷରେ,
ଅଙ୍କିତ ଅଣି ନଚେଣି ଅଙ୍ଗୁଳି
ସନ୍ଧ୍ୟା ମଧୂର ଅଧରେ । ୭୮ ।

ଅଣି ଚେତେଅନ୍ନ ଅଟ୍ଠେଇ ଚେତେକ
କର ଗତାଗତ ଛଳେ,
ପଚ୍ଛୁରିଲ ଯୁବା 'ଅସିବୁକି ? ଯିବ ?'
ଜାଣିବାକୁ କୁତୂହଳେ ।
ଲାଜବ୍ୟାଜେ ବାଳା ନୁଆଇଁ ବଦନ
ଚରଣ ତଳକୁ ଚୁହିଁ,

Digitized by srujanika@gmail.com

ମୃତ୍ୟୁ ପ୍ରକାଶି   ନ କହ କହନ୍ତି
ଯୁବା-ଅଭିସାର ପାଇଁ । ୭୯ ।
ନିରାମିଷେ ମାଂସ   ପୁନଶ୍ଚ ଆମିଷେ
ଦେଇ ନିରାମିଷ ଜ୍ଞାନ,
ହସାଇ ହସାଇ   ଭୁଞ୍ଜାଇଲେ ସୁଖେ
ସୁଦକ୍ଷ ପାଚକଗଣ । ୮୦ ।
ଖୋଳୁଁ ନେଇ ମାଂସ   ଅଧର ସଦୃଶ
କରି ଦେ ଚିରି ନଖରେ,
ହସି ଦଂଶି ରସେ,   ପ୍ରଶଂସିଲ ଗୃହୀ
ପରିବେଷିକା-ଅଧରେ । ୮୧ ।
କଠା, ବଠା, ନାନା-   ମସଲା ସଂଯୋଗେ
ସିଦ୍ଧ ଅଛି ସାବଧାନେ,
ବିବିଧ ବ୍ୟଞ୍ଜନ   ଆସ୍ୱାଦିଲେ ଜନେ
ଅକାଳିକ ଦ୍ରବ୍ୟଜ୍ଞାନେ । ୮୨ ।
'ଜଳ ପିଇସାରି   ପିପାସୁ ମୁଁ' ବୋଲି
ଭଣନ୍ତେ କେଉଁ ନାଗର,
ଧରନ୍ତୁ ପାନପାତ୍ର   ତୁନି, ନିବର୍ତ୍ତିଲ
ସଖୀହାସେ ବାଳାକର । ୮୩ ।
ଦୃଢ଼ପାତ୍ରେ ପ୍ରତି-   ବିମ୍ବିତ ବାଳାର
ମୀନାଦେଖେ ଯୁବାକର,
ଚକାନ୍ତେ ସେ ପ୍ରତି-   ବିମ୍ବ ହୋଇଗଲ
ପୁଲକରେ ଜରଜର । ୮୪ ।
ଲେହ୍ୟ ଦ୍ରବ୍ୟ ଦେବା   ବାଳା-ପ୍ରତିବିମ୍ବ
ଅଜାଇଁ ଚାଖିବା ଦମ୍ଭେ,
ସଗେ କରାଙ୍ଗୁଳି   ଛୁଆଇଁ ଓଷ୍ଠରେ
ବାରମ୍ବାର ନେଇ ଚୁମ୍ବେ । ୮୫ ।

Digitized by srujanika@gmail.com

'ମୀନ, ମୃଗ, ଛାଗ,   ଖଗ ମାଂସେ ପାକ
ସ୍ୱାଦୁ, ସୁଗନ୍ଧ କୋମଳ,
ବିବିଧ ବ୍ୟଞ୍ଜନ   ଗୃହସ୍ଥ ବା କଏ
ଗଣିବା ହେଲ ଦୁଷ୍କର । ୮୬ ।
କେତେଁ ମାନିମଙ୍କ   ମନାଇ ନ ପାରି
ହୃଷ୍ଟପୁଷ୍ଟ ସ୍ୱଭାବର,
ଭୁଞ୍ଜି ବସି ମୁଖେ   ଅଙ୍ଗୁଳି ଅରପି
କୃପାପାତ୍ର ହେଲ ତା'ର । ୮୭ ।
ଅଗୁରୁ, ଉଶୀର,   ସୁଗନ୍ଧି, ତୁଷାର-
ଶୀତଳ ପଙ୍ଖା ପବନେ,
ସଲିଳ ସୁବର୍ଣ୍ଣ-   ପାତ୍ରେ ପାନକରି
ଗାଇଲେ ତା' ଗୁଣ ଜନ । ୮୮ ।
ସାଧୁ ବିଧାତାର   ବିଶ୍ୱସ୍ରଷ୍ଟା
ସଫଳ ତାହାର ଶ୍ରମ,
ସୃଷ୍ଟିକର ଯାହା   ଜଳକୁ ଦେଇଛୁ
ଜୀବନ, ଅମୃତ ନାମ ।
ପାନକଲ୍ଲ ଜନେ   ନ କରି ଯା ଭଳ
ନଳକୁ ସର୍ବତୋମୁଖ,
ବିଜ୍ଞ ବିଧାତାର   ଏବେଡ଼େ ଅବସ୍ଥର
ବିଶ୍ୱର ଚକ୍ଷୁରେ ଦେଖ । ୮୯ ।
ପକ୍ଷେ ଥିଲେ ହେଲେ   ଅନ୍ନ ଯାଚୁଁ ଯୁବା
କୋରକିତ କରି କର,
'ତୁମେ ଦିଅ ବୋଲି   ବୋଲାବୋଲି ହେଲେ
ବେନି ସଖି ପରସ୍ପର । ୯୦ ।
ବସନେ ପିନ୍ଧିଛ   ଜଳଦାୟୀ-ବକ୍ଷେ
ରହୁଁ ପରିହେଲ ପର,

Digitized by srujanika@gmail.com

ସୂଚନା ଚତୁର୍ଥ — କୁଚ-ପୃଥୁଳତା
ବେଳକରେ କୁମ୍ଭ ଧର । ୯୧ ।
ସୁଧା-ହ୍ରଦୁଁ ଉଠା- — ପଙ୍କ ଚନ୍ଦ୍ର ଅବା
ମଣ୍ଡିତ ଶର୍କରା ସର,
ମହାର୍ଘୀ ଦୁର୍ଧର୍ଷ — ଜାତ ବସା ଦହି
ଭୁଞ୍ଜିଲେ ଆକଣ୍ଠ ଭର । ୯୨ ।
ସରଳ ରସ ଦହି — ବରଳ ନ ପାରୁ
ଗ୍ରୈବାଇ ଗୃଞ୍ଜିନ୍ତୁ ବନ୍ଧୁ,
ଏଣୁ ତେଣୁ ଗୃଳ — ଚଞ୍ଚଳ ରସନା
ଛଳେ ଛୁଦ୍ର ତହିଁ ନନ୍ଦୁ । ୯୩ ।
'ସଗଦ୍ଗଦ ସିତା — ଦେଉ ଯା ବପଛ
ନୁହଇ ତା' ଛୁଟଚର,
ବୋଲି ଯୁବା ବମ୍ଭା- — ଧର ସମର୍ପିଲ
ଛୁଟିଛଳେ ବମ୍ଭଫଳ । ୯୪ ।
ଦା' ଜଣଙ୍କୁ ଯୁବା — ଇଙ୍ଗିତ କରନ୍ତେ
ଜଣେ କଲ ପ୍ରତାରିତ,
ଗମ୍ଭୀର ଅସର — ସଜମାଙ୍କୁ ବାର
ହରନେଲ ଯୁବାଚନ୍ଦ୍ର । ୯୫ ।
ଇଙ୍ଗିତ ବୁଝି ବେ — କହିଲ 'ସଖୀ ଏ
କ୍ଷୁଧାତୁର ଯୁବାଜନ,
ହମ ଷଣ୍ଢ ଅଗେ — ଅରସ ବ୍ୟଞ୍ଜନ (୧)
ବଳେମରେ (୨) ସ୍ବାଙ୍କ ମନ । ୯୬ ।
ପାବେ ଗଇଚେଳ, — ବର୍ତ୍ତୁଳ ଗୋଲବ
ଭଲ, ଯେଉଁ କ୍ଷୀରବର୍ଣ୍ଣ,

(୧) ଗୁହ୍ୟ ଅଙ୍ଗ ।
(୨) ଲୋମରହିତ ।

Digitized by srujanika@gmail.com

ଭୋଜନ ସମାପ୍ତି ଚହଲପି ପର
ପଦପ୍ରକ୍ଷେ ବର୍ଗଜଳ । ୯୭ ।
ଅବମା ଉର୍ବଶୀ- ଛବ ପାନପାତେ
ଚୁମ୍ବିଲ ଭେ ଯୁବାଦର,
ଜଳପାନ ବଇ- ଉବେ ବାରମ୍ବାର
ରଚ ଚୂଷଣ-ଚୁଁ କାର । ୯୮ ।
ଇନ୍ଦ୍ରଗୃପ ଗୃଛ ଧନ ବରଷିଲ
ଙ୍କରଙ୍ଖାନକର ପଣ,
ଚନ୍ଦ୍ର ସଜରଭ ଲଡ୍ଡୁ ପରଷିଲେ
ଭୁକେ ରତ୍ନଭୂଷା ସ୍ଥଳ । ୯୯ ।
ପୂର୍ଣ୍ଣହେଲ ଆଜ ନ ଦଅ, ଭଷିଲେ
ହେଲେ ବରଯାତ୍ରୀଗଣ,
ଲଡ୍ଡୁଛଳେ ଖଡ଼- ଗୋଠାଳି ଦେଲେ କ
ଗଣିବାପାଇଁ ବ୍ୟଞ୍ଜନ । ୧୦୦ ।
ବଦଗ୍ଧ ବନଡା ଗୂଢ ଇଙ୍ଗିତର
ସମୁଚିତ ଟୀକାପର,
ଭେବଣ ନାଗର ପ୍ରତାଙ୍ଗିତ ଭଳା
ପ୍ରକାଶି ନାନା ଗୃହସ୍ତ । ୧୦୧ ।
ଘୃତସିକ୍ତ ପାତେ ବାଳା ପ୍ରତିବିମ୍ବ
ଦୃହିଁ ଯୁବା ସୁଖୀ ହେଲ,
ବକ୍ଷେ ବେନ ଲଡ୍ଡୁ ରଖି, ନଖେ ଚର
ନର୍ଦ୍ଦୟେ ମର୍ଦ୍ଦନ କଲ । ୧୦୨ ।
ହସି ବୃନ୍ଦ ଯୁବା ସଖୀଆଗେ ଯୂମ୍
ମୁଖପୋଛୁଁ ଲଜ୍ଜଭରେ,
ଶାର୍ଦ୍ଦସ୍ତ (୧) ପୁତ୍ତଳିକା ଆଣି ତା ସଜମା
ହସି, ଦେଲ ଯୁବାଙ୍କରେ । ୧୦୩ ।

---

(୧) ଝଣ୍ଡ ଘୋଡ଼ା ।

Digitized by srujanika@gmail.com

ନିରେଖି ସୁନ୍ଦରୀ ପରିବେଷିକାଙ୍କୁ
ତୃପ୍ତି ଲଭିବାରୁ ଯୁବା,
ଅଖଣ୍ଡ ଭୋଜନ- କରି ବହୁଖାଦ୍ୟ
ପକେ ଛାଡ଼ିଗଲେ ଅବା ? । ୧୦୦ ।
ଇଙ୍ଗିତେ ଅଶକ୍ତ ପ୍ରକାଶନ୍ତେ ଯୁବା
ଉଦାସୀନ ଥାଇ ବାଳା,
ନିରଖେ ସେ ପୁଣି ଆନେ ଅନୁରାଗୀ
ହୁଅନ୍ତେ ତୁଷ୍ଟି, ତୋଷିଲ । ୧୦୫ ।
ମନୋହର ଅନ୍ନ- ବ୍ୟଞ୍ଜନ-ଧାରଣୀ,
ପଯୁଃସ୍ମିତା, ବିମ୍ବାଧରା,
ଦିବ୍ୟକାନ୍ତିମତୀ ଅପୂର୍ବ-ମାଳିନୀ,
ବିବିଧ ରସପସରା ।
କ୍ଷୀରବକ୍ଷମୁଖୀ, ପୃଥୁ-ଲଡ଼ୁସ୍ତନୀ
ଲୁଚପଦ ଭେଳଙ୍କିୟା,
ମଣ୍ଡପ-ମଣ୍ଡଳ ବାସପିଣ୍ଡ ହେଲ
ବରଯାତ୍ରୀଙ୍କର ପ୍ରିୟା । ୧୦୬ ।
ବିବିଧ ସଙ୍କେତେ ଆପଣା ପ୍ରାର୍ଥନା
ଜଣାଇଲେହେଁ ନାଗର,
ସବିଶେଷ ଇଙ୍ଗିତେ କଲ ଅନାଦର
ଯେବଣ ରମଣୀବର ।
ପରିଣାମେ ଯୁବା- କର ପ୍ରକ୍ଷାଳନ
ଛଳେ ରଚନ୍ତେ ଅଞ୍ଜଳି,
ତୋଷେ ବାଳାମଣି ସୂଚଲ ସ୍ୱୀକାର
କମ୍ପ୍ର ବାରିଧାର ଢାଳି । ୧୦୭ ।
ଯୌବନ-ବିଳାସ- ସମ୍ଭୂତ ଶୃଙ୍ଗାର-
ମଧୁ ସପଞ୍ଚମ ରସ,

Digitized by srujanika@gmail.com

ଭୋଜନ ସମୟେ ବଟୁଜନେ ଦେଲେ
ଷଡ଼ରସୁଁ ବଳ ଘୋଷ । ୧୦୮ ।
ବୃଶ୍ଚିକ-ଆକାରେ ମୁଖବାସ 'ଦମ'
ଦିଅନ୍ତେ ନଳ ସେବକେ,
ସମ୍ମୁଖେ ତାମ୍ବୂଳ ମୁଖୁଁ ଫିଙ୍ଗିଦେଲେ
ହସିଉଠିଲେ ଦର୍ଶକେ । ୧୦୯ ।
ଜନମନୋହର ସହଜ, କୃତ୍ରିମ
ଚବଣରନୁ କରେ ଧରି,
ଦେଖାଇ କହିଲେ ଗ୍ରାମ ଭୂମିପତି
"ଭଲ ବାଛିନିଅ ବୋଲି" ।
କୃତ୍ରିମକୁ ତଥ୍ୟ ବସ୍ତୁର ରସନ୍ତେ
ବରଯାତ୍ରୀ ଭ୍ରମବଶେ,
ହସି ଅରପିଲେ ବେଣରନୁ ତାଙ୍କୁ
ବିଦର୍ଭ ଭୂପତି ତୋଷେ । ୧୧୦ ।
ଦିବସେ ଦି'ଥର ଶୁଚି ସୁମଧୁର
ଭୋଜନରେ ଭଜ ତୃପ୍ତି,
ନିଶାରେ ଷୋଡ଼ଶୀ- ବାରଯୋଷାଙ୍କର
ପରଷାରେ ଲଭି ପ୍ରୀତି;
ନଳ ଅନୁଚରେ ପରମ ସୁଖରେ
କଟାଇଲେ କେତେଦିନ,
ନାନା ଉପଚାରେ ବିଦର୍ଭ ନଗରୀ
କିଣିନେଲା ତାଙ୍କ ମନ । ୧୧୧ ।
କୃଶାଙ୍ଗୀ ଶ୍ୟାମଜା ପାଣିଗ୍ରହ ଶେଷେ
ନିଷଧ ଅବମାଗତ,
ବନ୍ଧୁଙ୍କ ବଧାଇନେ ବିଦର୍ଭ ନଗରେ
ସୁଖେ ଯାପି ପାଞ୍ଚରାତ;

Digitized by srujanika@gmail.com

ବାର୍ଷ୍ଣେୟ (୧) ଗୃହୀତ ~~ସୁଦୃଢ଼ ସ୍ୟନ୍ଦନେ~~
ବସି ଦମୟନ୍ତୀ ସଙ୍ଗେ,
ଚଳିଲେ ଆପଣା ଦେଶ ଅଭିମୁଖେ
ନିଷଧ ନୃପତି ରଙ୍ଗେ । ୧୧୨ ।
"ପ୍ରିୟା ମୋର ଶିଶୁ, ଉନ୍ନତ ସ୍ୟନ୍ଦନେ
ଉଠିପାରିବ କି ନାହିଁ,
ପରଶିବ ତନୁ ଇତର ଜନର
ଏତେ ଅଧିକାର କାହିଁ ?"
ଏହା କହି ନଳ ଭୀମଜାକୁ ନିଜେ
ଚଢ଼ାଇଲେ ରଥେ ଯାହା,
ବିସ୍ମିତ ଚକ୍ଷୁରେ ଦେଖିଲ ଜନତା
ଆଲିଙ୍ଗନ ନୁହେଁ ତାହା । ୧୧୩ ।
ମୃଦୁ ଅବୟବ ପୀଡ଼ନେ ଭୟରୁ
ନଳଙ୍କ ଶିଥିଳ କରୁଁ,
ସ୍ନିଗ୍ଧତନୁ ଭୈମୀ ପଡ଼ିଯିବେ ବୋଲି
ଅବଧାନେ ଧରୁଁ ଧରୁଁ ।
ବିସ୍ମିତ ମାନସେ ହୃତପାଞ୍ଚ ଶେଷେ
ସୁକୁମାର ଫୁଲଶର,
କରଷଣ କଲ ପୁଲକ ବ୍ୟାଜେ କି
ବରବଧୂ କଳେବର । ୧୧୪ ।
କନ୍ୟା ପିତାମାତା ବିନୀତ ଜାମାତା
ବିଦାୟରେ ଦୁଃଖ ଯେତେ,
ଲଭିଲେ, ଅଜନ୍ମ ଉତ୍ସଙ୍ଗବର୍ଦ୍ଧିତା
ଦୁହିତା ବିଦାୟେ ସେତେ ।

(୧) ବାର୍ଷ୍ଣେୟ-ନଳଙ୍କ ସାରଥି, ବୃଷ୍ଣିବଂଶ ଜାତ ।

Digitized by srujanika@gmail.com

ନ ଲଭିଲେ ଦୁଃଖ ବିନୟ ସମ୍ପଦେ
ଲକ୍ଷଗୁଣୀକୃତ ଗୁଣ,
ନଳ ଲଭିଥିଲେ ଯେଣୁ ସେ ଦୁଷ୍ଟଙ୍କ
ହୃଦୟରେ ଉଚ୍ଚସ୍ଥାନ । ୧୧୫ ।
ବାତ-ଅନୁଗତ ତଡ଼ାଗ-କଲ୍ଲୋଳ
ତହୁଁ ନିବର୍ତ୍ତିଲ ପର,
ଯଦି ଗୃହୁ ଯାଏ, ସ୍ୱରାଜ୍ୟ ସୀମାରୁ
ନତ ଲଭିଗଲେ ଫେର । ୧୧୬ ।
ଫେରିଯିବା ବେଳେ କହିଲେ "ମା ତୋର
ପିତା,ମାତା ପୁଣ୍ୟବଳ,
କ୍ଷମା, ଧନ, ତୁଷ୍ଟି, ଅଭୀଷ୍ଟ ଦେବତା,
ସକଳ ସମ୍ପଦ ନଳ;
ଅଜଠୁ ମୁଁ ତୋର କଷ୍ଟନୁହେଁ ଜାଣି
ପତିଙ୍କୁ ସେବିବୁ ସୁଖେ"
ଏହାକହି କନ୍ୟା ବିସର୍ଜିଲେ ଗ୍ରାମ
ଦୁଃଖେ ଅଶ୍ରୁ ସିକ୍ତ ମୁଖେ । ୧୧୭ ।
ଜନକ ବିଯୋଗ- ଦୁଃଖ ଗ୍ରାମକାର
ବିରମିଲା ବହୁକାଳେ,
ଜନନୀ-ବିଚ୍ଛେଦ- ବାଡବ ଚଳିଲା
ପ୍ରିୟ-ପ୍ରେମ-ପାରାବାରେ । ୧୧୮ ।
ମୃଗନେତ୍ରୀ ଗଜ- ଗତି ଦମୟନ୍ତୀ
ସେବିତ ମଣ୍ଡିତ ନଳ,
ଉପତ୍ୟକା ଯୁକ୍ତ ସ୍ୱର୍ଣ୍ଣଶୃଙ୍ଗ ମେରୁ-
ପରି ହେଲେ ମନୋହର । ୧୧୯ ।
ଭୈମୀଗତ ମତ ସ୍ୱାମୀଙ୍କ ପୀରତ
ଜଣା ନୋହୁ ମୋହଠାରେ,

Digitized by srujanika@gmail.com

ବର୍ବର ମାନସେ ଚିର ସନ୍ତେଣିଚା
ରାଜଲକ୍ଷ୍ମୀ ଅଚାଉରେ ।
ଭୁଲ ସପତଣି- ଗଣ ଗ୍ରାମଜାଙ୍କ
ଅଭୀଷ୍ଟ ପୂରଣ କରି,
ରଞ୍ଜି ତାଙ୍କ ମନ ଚିରକାଳ ପାଇଁ
ହେଲେ ପ୍ରିୟ ସହଚରୀ ।୧୨୦।
ଦେଖିଲେ ନୃପତି ସ୍ୱର୍ଣ୍ଣଥିଲା ପଥେ
ଉଚ୍ଚଗୃହ-ଶ୍ରୀବା ତୋଳି,
ଇନ୍ଦ୍ରନୀଳ ମାଳା- ପ୍ରଲମ୍ବ କୁନ୍ତଳା
ବରହ-ବଧୂଗ୍ର ପୁଗ୍ର ! ୧୨୧ ।
ପୁଗ୍ର ନଗ୍ରଷଣେ ଅନ୍ୟମନା ନୃପେ
ଚୈତ୍ୱଗ୍ର ଗୃହାନ୍ତେ ବାଳା,
ବେଗେ ଫେରିଅସି ନଳଙ୍କ ନୟନ
ଅର୍କପଥେ ମିଶିଗଲ ।୧୨୨।
କୁସୁମ ସନାଥ ବସନ୍ତେ ଉଜଳ
ଉଲ ଅଳଗଣ ତୋଷେ,
ପାନ୍ଥ-ମନ୍ତ୍ରୀ ଅସି ନଗରୁ ଭେଟିଲେ
ସେ ଗ୍ରଜଦମ୍ପତି ପାଶେ ।୧୨୩।
ଦେଖି କୁତୂହଳ ବଖାଣିଲେ ନଳ
କେତେକଥା ନିଜମୁଖେ,
ତାଙ୍କମୁଖୁଁ ଦେଶ- କଥା ଶୁଣି ଶୁଣି
ପୁରେ ପ୍ରବେଶିଲେ ସୁଖେ ।୧୨୪।
ସୁକୁମାରପଣେ ଅମୃତ ସଲିଳ-
ସମ୍ଭୃତ ମୃଣାଳସର,
କୁମାରୀ ସକଳ ପଥ ପଥେ ଅସି
କଲ୍ୟ ଶବଦ ଉଚ୍ଚାରି ।

Digitized by srujanika@gmail.com

ନିଜ ଭୁଜବଲ୍ଲୀ- କୋରକ-ପ୍ରକର
ସଦୃଶ ଲାଜ ବରଷି,
ବଧୂମତେ ସିତ- ପତଙ୍କୁ ପୂଜିଲେ
ଲୋକଗଣ୍ଡଳରେ ପଶି । ୧୨୫ ।
ବଧୂ ଦମୟନ୍ତୀ- ଅଭିନବ କାନ୍ତି
ଦର୍ଶନ କରିବା ଆଶେ,
ନିଖିଳ ନଗର ଚନ୍ଦ୍ରଶାଳା ଚୂଳେ
ଆରୋହି ଉଲ୍ଲଣ୍ଠାବଶେ ।
ପୂର୍ଣ୍ଣ ଚନ୍ଦ୍ରମୁଖୀ ପୁରନ୍ଧ୍ରୀ ସମାଜ
ଚକିତେ ଗୃହିଁଲବେଳେ,
ଚନ୍ଦ୍ରଶାଳା ନାମ ସଫଳ ହୋଇଲା
ମୁହୂର୍ତ୍ତେ ଧରଣୀ ତଳେ । ୧୨୬ ।
ଅତୁଳ ପିପାସା- ପାଂଶୁଳ ପୁରନ୍ଧ୍ରୀ-
ବୃନ୍ଦ ନେତ୍ର ଇନ୍ଦୀବର,
ସୌଧ ବାତାୟନ ବିବରେ ପ୍ରବୃତ୍ତ
ଉର୍ଣ୍ଣିଶ୍ରେଣୀ ମନୋହର-
ନାଳେ ଉପମିତ ନଳମୁଖ-ଚନ୍ଦ୍ର-
କାନ୍ତି-ସୁଧା ପାନକର,
ସଂକୋଚ ବରଜି ପରମ ଆଦରେ
ପ୍ରଫୁଲ୍ଲିତା ନେଲା ବର । ୧୨୭ ।
ପୁର, ପଥେ, ସୌଧ- ଶିଖରୁଁ ପୁରନ୍ଧ୍ରୀ-
ପାଣି-ପଲ୍ଲବୁଁ ପତିତ,
ସୁରଭି ସୁନ୍ଦର ଲାଜ ବୃଷ୍ଟି ବ୍ୟାଜେ
ସୁର କୁସୁମ ନିପାତ ।
ଜୀଘବେଗ କରି ଲଙ୍ଘିଲେ ନଳ
ଉନ୍ନତ ସଉଧେ ଯାଇ,

Digitized by srujanika@gmail.com

ନୃଅଦ୍ଧୋଇ ଯାହା ଗଡ୍ଡାଦ୍ଦୋଇଥିଲ
ଦମୟନ୍ତୀ ପ୍ରୀତିପାଇଁ । ୧୨୮ ।
ନଳ-ଦମୟନ୍ତୀ ବିବାହ ଉତ୍ସବ
ଏକତ୍ର ଗମନ ଯାନେ,
ଦେବନଙ୍କର ଦର- ଚକିତ ଗୃହାଣୀ,
କୁତୂହଳେ ଦର୍ଶିମାନେ ।
ନିରେଖି ଅନନ୍ଦ- ପୂରିତ ଅନ୍ତରେ
ସୁର ଗଗନପଥେ ଥାଇ,
ଅବଶେଷେ ଦଦ୍ୟ- ରଥ ବଳାଇଲେ
ନିଜ ପୁରେ ଯିବାପାଇଁ । ୨୯ ।
ଚତୁର୍ଦ୍ଦଶବର୍ଷ ବିଦ୍ୟାରେ କୁଶଳ
କାଶ୍ମିରସ୍ଥ ପଣ୍ଡିତଗଣ-
ମୁଖେ ପ୍ରଶଂସିତ ଭବକୁଳ ରବ
ଶ୍ରୀହୀର ଯୋଗ୍ୟ ନନ୍ଦନ ।
ଶ୍ରୀହର୍ଷ ରଚିତ ନଳ-ଚରିତର
ସୁନ୍ଦର ଷୋଡ଼ଶ ଛନ୍ଦ,
ହାସ ରସମୟ ସାଗର ସମ୍ଭୂତ
ଶାରଦ ପୂର୍ଣ୍ଣିମା ଚନ୍ଦ । ୧୩୦ ।

ସପ୍ତଦଶ ସର୍ଗ

ସିନ୍ଧୁତଟେ ଧାଇଁ   ଉଲ୍ଲୋଳ କଲ୍ଲୋଳ
ସ୍ୱସ୍ଥାନେ ଫେରିଲାପରି,
ବୃଥାରମ୍ଭି ଧରା-   ଧାବନ ପ୍ରୟାସ
ସୁଟରେ ପୁଟରେ ଗଲେ ଫେରି । ୧ ।
ବିମାନକୁ ଶଦ୍ୟା   ଦେଲାପରି ଗୁଣ୍ଠ,
ନୈଷଧ ନୃପତି କରେ,
ଶର ଆକାଙ୍କ୍ଷିତ   ଭ୍ରମକାକୁ ଦେଇ
ଶମନା ନୋହୁଲେ ସୁଟରେ । ୨ ।
କାନ୍ତମନ୍ତ ବ୍ୟୋମ-   ଯାନ ଚଳସିଲେ
ପ୍ରଭଟରେ ଭସ୍ମର ସୁଟରେ,
ରବ ପ୍ରତିବିମ୍ବ   ଖେଳିଲା କ ଅବା
ସ୍ଫଟିକ ଶୈଳତଟରେ (୧) ? ୩ ।
ଆକର୍ଷଣ କରି   ମେଘମଣ୍ଡଳୀକୁ
ରଥଗତ ବାତବଳେ,

---

(୧) ଏତଦ୍ୱାରା ବିମାନର ଏବଂ ବିମାନରକ୍ଷୀମାନଙ୍କର ତେଜସ୍ୱୀତା ପ୍ରକାଶ ପାଉଛି ।

Digitized by srujanika@gmail.com

ସୂଚନ୍ତ କ ସତେ ତା'ର ଗତିବେଗ
ବାତ୍ୟାବେଗ ଠାରୁ ବଳେ ? ୪ ।
ଦୂରୁଁ ଦୂରତର ଦୃଅନ୍ତେ ସେ ଦେବେ
ଅପ୍ସରିଲେ ଅଣୁପରି,
ଅଦୃଶ୍ୟ ଅଙ୍ଗସ୍ପର୍ଶୁଁ କେବଳ ଅଣିମା
ଅବଶିଷ୍ଟ ଥିଲା ସରି । ୫ ।
ତାହିଁ ଧ୍ୱଜଦଣ୍ଡେ ବଦାରିତ ମେଘ-
ଲେଖାଗତ ସୌଦାମିନୀ,
ସ୍ୟନ୍ଦନ ସମୀପେ ଶୋଭୁଥିଲା ପୀତ-
ପତାକା ସୁଷମା ଦେନି । ୬ ।
ପଥେ ମିଶୁଥିଲେ ଯେଉଁ ମେଘମାନେ
ଆସି ଇନ୍ଦ୍ରରଥ ସଙ୍ଗେ,
ରଥାଲମ୍ବୀ ଇନ୍ଦ୍ର- ଧନୁ ବିଭୂଷଣ
ଦେଉଥିଲା ତାଙ୍କ ଅଙ୍ଗେ । ୭ ।
ପଯୋଦପଟଳ- କଳେ ପ୍ରତିବିମ୍ବି
ରଶ୍ମି-ବଜ୍ର ସେହୁକାଳେ,
ସେହୁ ଦନୁ ପିନ୍ଧା ଅଶନି-ସନାଥ
କଲା ନୀଳ ମେଘମାଳେ ? । ୮ ।
କାହିଁ ଯମଦଣ୍ଡ ଚଣ୍ଡାଂଶୁ ମଣ୍ଡଳ-
ଚୁମ୍ବି କ ସୁନ୍ଦର ଦଣେ,
ସୂର୍ଯ୍ୟବଂଶେ ଜାତ ନରପତିଙ୍କର
କୁଳଚିହ୍ନ ଅବା କ ସେ ? ୯ ।
ନଳ ଭୈମୀ ପ୍ରେମେ ବର୍ଦ୍ଧିତ ହିଂଦଶ-
ବନିତା-ଶିରଃ କମ୍ପନେ,
ସ୍ରସ୍ତ ଅବତଂସ ଶ୍ରୁତି ଶୋଭା ଧରେ
ପାଣି ପାଶ ଦୃଏ ମନେ । ୧୦ ।

Digitized by srujanika@gmail.com

ବାୟୁ ସ୍କନ୍ଧେ ଚଢ଼ି ନଗ୍ନର ଶ୍ରୀକର
ଉଠନ୍ତେ ହବ୍ୟବାହନ,
ଲଭିଲେ ଏ ଭୈମୀ ନଷ୍ଟେ ବୋଲି ଭ୍ରମେ
ଘୁଲିଟଲେ ଦେବତାଗଣ । ୧୧ ।
ଭଇମୀ ବଚନ ବିରହେ ସିରତି
ନଥାନ୍ତ ଦୁଃଖିତ ଚତ୍ତେ,
ସେ ବଚନ ସରି ବିପକ୍ଷୀ ଜନାଦେ
ବିନୋଦ ବିହ୍ୱଲେ (୧) ପଥେ । ୧୨ ।
ଦେବଗଣ ଏବେ ଦେଖିଲେ ଅସନ୍ତ
ଅନ୍ତନାଭ ଜନଗଣ,
ପାଗ୍ରେଛି ନେବାକୁ ଅସୁନ୍ତୁ କ ତାଙ୍କୁ
ବ୍ୟୋମ ହୋଇ ମୂର୍ତ୍ତିମାନ ? । ୧୩ ।
ଦେଖିଲେ ସେ ସୁରେ ଅଗ୍ରସର ଉହିଁ
ହୋଇଅଛୁ କାମ ବଳୀ,
ଇନ୍ଦ୍ରିୟ ଦୁର୍ମ୍ମତି ଶିକ୍ଷା ଦେବାଲଗି
ଗୃଳେ ତାକୁ ଆଗେ କଳ । ୧୪ ।
ଅଗମ୍ୟା ଗମନେ ପ୍ରାଣ ବ୍ରଣମଣି
ଅସନ୍ତ ତା’ ଅନୁଚରେ,
(୨) ସମ୍ବଲୀ-ଶୋଷିତ- ସର୍ବସ୍ୱ ତାଙ୍କର
ଲାଜ ଭୟ ନାହିଁ ଖଳେ । ୧୫ ।
ବୃଦ୍ଧଦେବେ ସ୍ପର୍ଦ୍ଧା ଭଜାପର ସେହ୍ (୩)
ଲୋକଜତ ଭାବ ବହେ,

---

(୧) ନଳର ଏବଂ ଦେବତାମାନଙ୍କର ଚର୍ଚ୍ଚ ବନୋଜନ କଲେ ।

(୨) କୁଟ୍ଟନୀ । (୩) ବୃଦ୍ଧଙ୍କୁ ଲୋକଜତ୍ୱ ଇହନ୍ତ, କାମ ମଧ୍ୟ ଲୋକଜତ୍ୱ ଘଣ୍ଟର ଅଣସ୍ପୃଷ୍ଟ, କାମ ଅଣସ୍ପୃଷ୍ଟ ହେଲେ ମଧ୍ୟ ଇଶ୍ୱରଙ୍କ ପରି ଲୋକ-ସମାଜରେ ତାର କର୍ତ୍ତୃତ୍ୱ ଅଛୁ ।

Digitized by srujanika@gmail.com

ଈଶ୍ୱର ଭୁବନେ ହୋଇ ଅଗ୍ରେଶ୍ୱ
ଭର୍ତ୍ସୃଚ୍ଛେ ଜଗଡ ମୋହେ । ୧୬ ।
ଶିବବୈରି ସ୍ମର ତାଙ୍କ ଏ ସୃଷ୍ଟିକୁ
ଅକୁଳ କରିବା ଲାଗି,
ଅସ୍ତ୍ରକଣ ନାସ୍ୱ ସତେ ସେ ଯେପରି
ଅବିରତ ଥିଲ ଜାଗି । ୧୭ ।
ନଳ ଶୋଭ୍ୱ ଲେଭ୍ୱ ଦେବତା ନୟନେ
ଭାମ ହେଲ ଅଗ୍ରେଚଳ (୧)
ଭରି ନ ପାରିଲେ ଚକସ୍ତ୍ରା ଯାହାର
ସୁର ଲେକ ଚକସ୍ତ୍ରକ । ୧୮ ।
ଭାମ ପାଶେ ଦେବେ କ୍ରୋଧକୁ ଦେଖିଲେ
ଭର୍ମିତ ଅରୁଣ କାନ୍ତ,
ଅଦ୍ରୋଣେ ଡ଼ାକଇ ଯାହା ପାଏ ତାହା
ଫିଙ୍ଗିଦିଏ ଚଳଚଳ । ୧୯ ।
ରକ୍ତାକ୍ଷ କ୍ରୋଧର ଅନୁଗେ ଅଧର-
ଭାମୁଡ଼ ରୁଧିର କାଢ଼ି ।
ଭ୍ରୁକୁଟି-ଫଣିମ- ଫୁଲ୍ଲାର ସଦୃଶ
ନିଃଶ୍ୱାସ ଦଅନ୍ତ ଛାଡ଼ି । ୨୦ ।
ମଦନେ ଦୁର୍ଭେଦ୍ୟ ଦୁର୍ବାସା ହୃଦୟ-
ଦୁର୍ଗ ଅବଲମ୍ବୀ କ୍ରୋଧ,
ଇନ୍ଦ୍ରର ସନାଥ ଜନେ କରିବାକୁ
ଅନାୟାସେ ବଦଗଧ । ୨୧ ।
ଅଧିକ ବିସ୍ତର ଆଣିଦିଏ ଏହୁ
ରାଗେ ରଞ୍ଜି ଅପଘନ,

(୧) ଚକ୍ଷ ରୋଗ ବିଶେଷ ।

Digitized by srujanika@gmail.com

ଅତି ଘୋର ତମ ଜନମାଇ କରେ
ସାର୍ବ୍ବଦ୍ରିମ ଅବରଣ । ୨୨ ।
କାମ ଜୟ କାଳେ ଶିବ କଲେ କ୍ରୋଧ,
କ୍ରୋଧ କଲା ତାଙ୍କୁ ଜୟ,
"ଆନେ ବଗ୍ରହ୍ଯାଡ ଅରିକୁ ବାଧିବା" (୧)
ଅବଲମ୍ବ ଏହି ନୟ । ୨୩ ।
କେନ ହସ୍ତ ଫେଇ ଅନ୍ୟ ପାଶେ ଥାଇ
ଭୟେ ବାକ୍ୟ ନ ସ୍ଫୁରଇ,
ଭୟେ କାଳୁବାଣୀ ଦେଖିଲେ ସେ ଝଦବେ
ଲୋଭ ଶବ୍ଦମାନ ତହିଁ । ୨୪ ।
ଅତ୍ୟାହାରେ ରୋଗୀ ରୋଗେ ଅତ୍ୟାହାରୀ,
ଦୈନ୍ୟ ସ୍ଥୈର୍ଯ୍ୟ ଧୁରନ୍ଧର,
ଭୁଞ୍ଜିବା ଲୋକର ମୁଖେ ରହିଥାନ୍ତି
ଆଗ୍ରହେ ତା ଅନୁଚର । ୨୫ ।
ଧର୍ମ-ଦାନଜଳ- ବର୍ଷଣେ ସେ ଲୋଭ
ସତତ ଯେସନ୍ତେ ଅବଗ୍ରହ,
ନିର୍ଦ୍ଧନ ଅର୍ଥୀଙ୍କୁ ହଳେ ଧର୍ମ ଘାତେ
ଦୀସ ପର ଅହରହ । ୨୬ ।
ମହା ପାତକରୁ ଗୋଟିଏ ସେ କ୍ରୋଧ
ଯୋଡ଼ିଏ କରଇ କାମ,
ପଞ୍ଚ ପାପ ଲୋଭ କରଇ ସାଧନ,
ମଣେ ସେ ଦୁର୍ବୁଦ୍ଧିଙ୍କୁ ତ୍ରୁଣ । ୨୭ ।

---

(୧) ଶତ୍ରୁ ଅନ୍ୟ ସଙ୍ଗେ ଯୁଦ୍ଧରେ ରତ ଥିଲାବେଳେ ତାକୁ ଜିଣିବା-ସହଜ ।

୨୭ । କ୍ରୋଧ, ବ୍ରହ୍ମହତ୍ୟା କରିପାରେ, କାମ ମଦ୍ୟପାନ ଓ ପରଦାରା ଗମନ ଏହି ଦୁଇଟି ମହାପାତକ କରିପାରେ, କିନ୍ତୁ ଲୋଭ ପଞ୍ଚମହାପାତକ ଅର୍ଥାତ୍ ବ୍ରହ୍ମହତ୍ୟା, ମଦ୍ୟପାନ, ପରଦାରାଗମନ, ସ୍ୱର୍ଣ୍ଣସ୍ତେୟ ପ୍ରଭୃତି ସାଧନ କରିପାରେ ।

Digitized by srujanika@gmail.com

ବସନ୍ତ କଲେହେଁ ସର୍ବେନ୍ଦ୍ରିୟେ ଲୋଭ
ଜନ୍ମା ତା' ପ୍ରିୟ ବସନ୍ତ,
ଯାଚ୍ଞା-ପଟୁ ପଣେ ସୁଷ୍ଠୁ ଅର୍ଜିବ
ବୋଲି କି ତହିଁରେ ରତ ? ୨୮ ।
ନ କରେ ଆଦର ଯେହ୍ନ ବନ୍ଧୁଙ୍କର
ଅତି ପଥ୍ୟ ତଥ୍ୟ ଗିରେ,
ଅକଟେ ଶୂନ୍ୟକୁ ଧରି ଅସେ ମୋହ
ଦେଖିଲେ ତହିଁ ଅମରେ । ୨୯ ।
ଉପାସକ ତାର କୁଟୁମ୍ବ ଜଞ୍ଜାଳ-
ଜାଲେ ବୁଡ଼ି ହତଜ୍ଞାନ
ଘଣ୍ଟାନ୍ତର କାଳେ ଈଶ୍ବର ସ୍ମରଣେ
କୁଣ୍ଠିତ ତାଙ୍କର ପ୍ରାଣ । ୩୦ ।
ମୋକ୍ଷଜ୍ଞାନ ଦୀପେ ଦୀପିତ ଅନ୍ତର
ମୁନି ଋଷି ମାନଙ୍କର,
ବିମଳ ଆତ୍ମାକୁ ମଳିନ କରେ ଏ
ବିରଚି ମୋହ ଅନ୍ଧାର । ୩୧ ।
ମୋହକୁ ଆଦରି ରଖିଥାନ୍ତି ସଦା
କ୍ରୋଧ, ଲୋଭ ପଞ୍ଚବାଣ,
ବ୍ରହ୍ମଚାରୀ, ଯତି ବାନପ୍ରସ୍ଥଙ୍କର
ଗୃହୀ ଯଥା ଅଲମ୍ବନ । ୩୨ ।
ଚକ୍ଷୁ ଥାଇ ଅନ୍ଧ ହେଲେହେଁ ଜାଗ୍ରତ
ଗାଢ଼ ନିଦ୍ରା ଅଭିଭୂତ;
ଶାସ୍ତ୍ରଜ୍ଞାନ ସତ୍ତ୍ୱେ ଦଶନ୍ତି ହୁଅନ୍ତ
ଅନ୍ଧକାରେ ଅବିରତ । ୩୩ ।
ପୂର୍ବ ପରିଚୟୁଁ ତହୁଁ କେତେଜଣେ
ଚିହ୍ନିଲେ ଦେବତାମାନେ,

Digitized by srujanika@gmail.com

କଳବୃକ୍ଷ-କଞ୍ଚୁକେ ସର୍ବାଙ୍ଗ ଆବୃତ
ଅଚଞ୍ଚଳ ରହିଲେ ଅନେ । ୩୦ ।
ଜଦେବିଳ ସାଗର- ସର ଜଳ ସେବା
କରନ୍ତେ ପାଶେ ଗମନ,
ଶୁଣିଲେ ଅମରେ , ଜଣଙ୍କର ଉକ୍ତି
ବର୍ଣ୍ଣ କରନ୍ତେ ଶ୍ରବଣ । ୩୫ ।
"ହେ ପଣ୍ଡିତ ଗଣ ! ବେଦ ମୁଖେ ଶୁଣ
ସ୍ୱର୍ଗ ମିଳେ ଯଜ୍ଞ ଫଳେ,
ଏ ପ୍ରତ୍ୟକ୍ଷ ସ୍ୱର୍ଗ କାମ ମାର୍ଗ ଛାଡ଼ି
ଭୁଲ କି ବିଶ୍ୱାସ ବଳେ ? ୩୬ ।
ଅନ୍ୟ ବୋଧିସତ୍ତ୍ୱ ଦୃଶ୍ୟ ସତ୍ୟ
ବେଦମନ୍ତ୍ର ଭେଦ କରି,
'ଜଗତ ଅସ୍ଥିର' କେବେ କର୍ମ ମୃତ୍ୟୁ
ମର ପରଲୋକ ଭଳି ? "୭ ।
ଅଗ୍ନିହୋତ୍ର, ବେଦ, ଓଁନ୍ଧ ଉପାସନା
ଦଣ୍ଡ, ତ୍ରିପୁଣ୍ଡ୍ର, ଧାରଣ,
ତୁଚ୍ଛ ପଜରୁଷ- ହୀନ ଲୋକଙ୍କର
ଜୀବନ ଯାତ୍ରା ଉଆଣ । ୩୮ ।
ପିତା, ମାତା ପୁଣି ତାଙ୍କ ପିତାମାତା
ଏମନ୍ତେ ଅନନ୍ତ କୁଳେ,
ଶୁଦ୍ଧି ଅଛି କା'ର ? କାହାର ବିଶୁଦ୍ଧ
କେଣ ଭଜ ରବ ଓଳେ ? ୩୯ ।
କାମିନୀ ସଂସର୍ଗ ( ) କେଉଁ ନରେ ଅବା
ସକ୍ରମେ ନାହିଁ ପାତକ,

(୧) ସ୍ତ୍ରୀ ସନ୍ନିକର୍ଷରେ ।

Digitized by srujanika@gmail.com

ବୃଥା ଉପବାସ, ସ୍ନାନ ବ୍ରହ୍ମଚର୍ଯ୍ୟ
କି ମୋହେ ଜାଗ୍ରତ ଲୋକ ? ୪୦ ।
ଧିକ ପୁରୁଷକୁ, କୁଳସ୍ଥିତ ଦମ୍ଭେ
ଈର୍ଷ୍ୟାବଶେ ରୋଧେ ନାରୀ,
ଉଭୟେ ସମାନ କାମୁକତା, ତେବେ
ପୁରୁଷେ ରଖ ସମ୍ଭାଳି । ୪୧ ।
ଅହଲ୍ୟା-ପୀରତି ଇନ୍ଦ୍ର ଶଚୀପତି
କଲେ ଯେଉଁ ବ୍ୟବହାର,
ପରଦାର ଗତ- ନିବୃତ୍ତି ମାତଙ୍କ
ଆପେ କଲେ ଅନାଦର । ୪୨ ।
ଗୁରୁତଳ୍ପ ଗତେ କଳୁଷ କଳନା
ତେଜ ଅହେ ଦ୍ୱିଜଗଣ, !
ଚନ୍ଦ୍ର କୁଳପତି 'ସୋମ' କରିଛନ୍ତି
ଗୁରୁ କାମିନୀ ହରଣ । ୪୩ ।
*"ପାପୁଁ ତାପ, ପୁଣ୍ୟେ ମିଳଇ ଆନନ୍ଦ
ମୃତ୍ୟୁ ପରେ" କହେ ଶ୍ରୁତି,
ବିପରୀତ ଫଳ ସାକ୍ଷାତେ ଘଟଇ
ଭଲ କଲାବେଳ ଏଥି । ୪୪ ।
ମଲେ ଜନ୍ମାନ୍ତର ସନ୍ଦେହଟି ଯେବେ
ତେଜ ବୃଜିନ ଶ୍ରୋତ୍ରିୟେ !
ତେଜ ଜୀବବଧେ କଳୁଷିତ ଯଜ୍ଞ,
ହିଂସା ଦୂଷଣ ସଂଶୟେ । ୪୫ ।

---

* ଯାନ ଗମନାଦି ପାପର ସୁଖ ଓ ଯଜ୍ଞାଦି ପୁଣ୍ୟ କର୍ମ ଅନୁଷ୍ଠାନରୁ ଦୁଃଖ ଏ ବିପରୀତ ଫଳ ସାକ୍ଷାତରେ ଦେଖୁଁ ଦେଖୁଁ ଦେବ ଓ ପ୍ରତ୍ୟକ୍ଷ ମଧ୍ୟରେ କିଏ ବଡ଼ ତା ବ୍ରାହ୍ମଣମାନେ ବିଚାର କରନ୍ତୁ ।

Digitized by srujanika@gmail.com

ତ୍ରିବେଦେ ପଣ୍ଡିତ ବନ୍ଦ୍ୟ ବ୍ୟାସଦେବ
ବିଧାନ ଅଛନ୍ତି କରି,
କାମାର୍ତ୍ତ ହୋଇଣ ପୁରୁଷେ ନେଉଡ଼ିଲେ
ବିବାହେ ତୋଷିବ ନାରୀ । ୪୬ ।
ଯୁକ୍ତିରେ କପାଇଁ ହେଧା ଭ୍ରମର ?
ନ ହୁଏ କମା ପୁରତେ ?
କରିବ ସେ କର୍ମ ପୁରୁଷ ଯତନେ
ଯହିଁ ସୁଖଲଭ ଅନ୍ତେ । ୪୭ ।
'ବଳତ୍କାରେ କୃତ ପାତକ ସଂଘାତ
ନ କଳ ସଙ୍ଗେ ସମାନ',
କହିଛନ୍ତି ମନୁ ବଳେ ଯାହା ହୁଏ
ଅକୃତ ପରି' ତା ଜାଣ । ୪୮ ।
ଅହେ ଶାସ୍ତ୍ରୀଗଣ ! ମନୁଙ୍କ ଭଷଣେ
ନ କର ସଂଶୟ ତଳେ,
ଇଚ୍ଛା ହୁଏ ଯହିଁ ଆଚର ସ୍ୱଚ୍ଛନ୍ଦେ
ଆନନ୍ଦ ଯହିଁରୁ ମିଳେ । ୪୯ ।
ଶ୍ରୁତି, ସ୍ମୃତି ଅର୍ଥେ ଭେଦେ ଏକମତ
ନୁହନ୍ତି ବିବୁଧଗଣ,
ବ୍ୟାଖ୍ୟାନ ନିର୍ଭର କରେ ବୁଦ୍ଧିବଳେ
ସୁଖୋନ୍ମୁଖୀ ବ୍ୟାଖ୍ୟା ଘେନ । ୫୦ ।
ଅସ୍ତିତା ଯେ ଦେହେ ହେଲେ ତାହା ଭସ୍ମ
ଯାତନାର ସ୍ଥାନ ନାହିଁ,
ପର ଭକ୍ତ ମତ ଅମ୍ଭର କଳ୍ପନା
ତହିଁରେ କି ଫଳ, କାହିଁ ? ୫୧ ।
'ମଲେ ନେଇ ସ୍ୱର୍ଗ ନିଜ କର୍ମମାନ
ଭୁଞ୍ଜେ ତା'ର କର୍ମଫଳ,

Digitized by srujanika@gmail.com

ଅନେ ଲୁଣ୍ଠାଇଲେ ମୃତ ହୁଏ ଭୃତ୍ୟ
ଧୂର୍ତ୍ତି ବଚନ କେବଳ । ୫୨ ।
ସିଦ୍ଧ ବା ଅସିଦ୍ଧ ହେବ ଇଷ୍ଟ, ହେଲେ
କେଳ ମନ୍ତ୍ର ଜପ ଫଳେ;
ନ ହେଲେ ଦକ୍ଷିଣା ଅଦମନ୍ତ୍ର ଅଙ୍ଗେ
ଦେଖାନ୍ତି ଦୋଷ ସେ ଖଳ । ୫୩ ।
ଶ୍ରେରେ ତ ଅମ୍ବା ଜାଣନ୍ତି ସକଳେ
ଅହୋ ! ଅତ୍ତ ଧୂର୍ତ୍ତ ଶ୍ରୁତି;
ଶ୍ରେରନ୍ତୁ ଅମ୍ବା ଭିନ୍ନ ବୋଲି କହ
ଭୁଲାଏ ସବୁରି ମତି । ୫୪ ।
ଅଦ୍ୱିତୀୟ ମତେ ସାଂଖ୍ୟ ବସ୍ତୁ ପାପେ
ଅମ୍ବା ପର ପାପମୟ,
ଜଣକର ପାପେ କେତେ ବା ବଡ଼ିବ ?
ଦୁରନ୍ତକୁ କମା ଭୟ । ୫୫ ।
କୃତ୍ରତ୍ୟତ ପୁଷ୍ଟେ. କେଉଁ ପ୍ରୟୋଜନ,
ବୃନ୍ତେ ସିନା ତାହା ଫଳେ;
ପାଷାଣ ମସ୍ତକେ ନ ଅରପି ତାହା
ଘେନ କେବେ ନିଜ ଶିରେ । ୫୬ ।
ବସା, ରକ୍ତ, ମାଂସେ ଜୁଗୁପ୍‌ସିତ ବାଳା
ଗଣେ ଭୃଶପର ମଣ,
ନିଜେ ତ ସେ ଭଲ ଉପଦାନେ ଗଢ଼ା
ପରକୁ କାହିଁକ ଖୁଣ । ୫୭ ।
ବୃନ୍ଦ୍ରା ଆଦ ଦେବେ ଅଲଙ୍ଘିତ ଦବେ
କାମଦେବ-ଆଜ୍ଞା-ମାନ,
ଦେବତା ଆଦେଶ ଏଡ଼େଦ ହେବେ, କାହିଁ
ଏ ଆଦେଶ ହେବ ମ୍ଳାନ ? ୫୮ ।

Digitized by srujanika@gmail.com

ଅର୍ଥବାଦ ଭାଗ ବେଦର ପ୍ରଳାପ,
ମଣ ଯେବେ ହେ ବିଦୁଷେ,
ସେହିପରି କର୍ମ ଦୁଃଖ ବିଧିଭାଗ
ନ ମଣ କି ଭାଗ୍ୟଦୋଷେ । ୫୯ ।
ଆହେ ମୀମାଂସକେ ଭ୍ରାନ୍ତିବଶେ ଯେବେ
କର ବେଦରେ ବିଶ୍ୱାସ,
ତେବେ ଯୂପଛିଦ ପାପିମା ବଧିକ
ବୋଲି ପ୍ରକ୍ଷେପିତ ଅଂଶ । ୬୦ ।
ଯେଉଁ ଶ୍ରୁତି ବୋଲେ ପରଜନ୍ମ ଫଳ
ବିଦିତ ନୁହେଁ କାହାର,
ସେ ଶ୍ରୁତି ପ୍ରମାଣେ ପରଲୋକ ଅଛି
ବିଶ୍ୱାସ କାହିଁକି କର ? ୬୧ ।
ଧର୍ମ ଅରଜନ ଅଧର୍ମ ବର୍ଜନ
ଦୁହେଁ ଦୁଃଖକର ବୋଲି,
ଦଣ୍ଡମାତ୍ର ଛଳେ କହିଛନ୍ତି ମନୁ
ତହିଁରେ ନ ଯାଅ ଭୁଲି । ୬୨ ।
ବ୍ୟାସ (୨) ବାକ୍ୟ ବୋଲି ହେ ତାନ୍ତ୍ରିକେ ଯେବେ
ବିଶ୍ୱାସ କର ତହିଁରେ,
ମତ୍ସ୍ୟପ୍ରାୟ ତୁମେ ମତ୍ସ୍ୟ ଉପଦେଶେ
କିଏ ତୁମ୍ଭଙ୍କୁ ପଚାରେ । ୬୩ ।
ପାଣ୍ଡବାଧାଙ୍କର ଚୈତ୍ୟ ପଠ କବି
ପଣ୍ଡିତ ପିନା ସେ ବ୍ୟାସ,

(୨) ବ୍ୟାସ ପ୍ରଣୀତ ମତ୍ସ୍ୟ ପୁରାଣରେ କହିଛନ୍ତି ମନୁଙ୍କର ବାକ୍ୟ ଗ୍ରହଣୀୟ ।

Digitized by srujanika@gmail.com

ପୂଜିଛୁ ତାଙ୍କର ନିନ୍ଦା ପ୍ରଶଂସାରେ
ପାଣ୍ଡବଙ୍କ ଅଭିଳାଷ । ୭୪ ।
କାମେ ଅନ୍ଧ ବ୍ୟାସ ଭ୍ରାତୃ ବନିତାରେ
ନୋହିଥିଲେ ଯେବେ ରତ,
ଦାସୀ ରତିକାଳେ କେବଣ ଜନମ
ଦେଇଥିଲେ ତାଙ୍କୁ ମତ ? ୭୫ ।
କରନ୍ତି ଗନ୍ତୁ ଦେବ ଦ୍ୱିଜେ ବୋଲି
ଯେବେ ତାଙ୍କର ଆଦର,
ପ୍ରଣମି ଗାଈଙ୍କୁ ପଶୁଠାରୁ କିକ
ଆତ୍ମା ନୁହେଁ ହୀନତର ? ୭୬ ।
'ସାର କାମୁକତା ବୋଲନ୍ତି ଯାଜ୍ଞିକେ
ଶୁଦ୍ଧ କର ତାଙ୍କ ଚିତ୍ତେ,
* ଯଜ୍ଞଫଳେ ସ୍ୱର୍ଗେ ସାରଙ୍ଗଲୋଚନା
ଇଚ୍ଛନ୍ତି ହୋଇ ସେ ମୃତ । ୭୭ ।
ଧର୍ମ ଅର୍ଥ ଛାଡ଼ି କାମେ ମୋକ୍ଷଫଳ
ସେ ପାଣିନି ମୁନିବର,
ଲଗାଇ ଅଛନ୍ତି ସମ୍ବନ୍ଧ ପଶ ହେ
ଅପବର୍ଗେ ତୃତୀୟାର (୧) । ୭୮ ।
ତୀର୍ଥଜଳେ ବୁଡ଼ି ପାପରେ ଲୋଡ଼ନ୍ତି
ଉର୍ଦ୍ଧ୍ୱେ ଉଠିବାକୁ ପଥ,

---

* ଯଜ୍ଞ ଫଳରେ ମୃତ୍ୟୁପରେ ସ୍ୱର୍ଗ ସୁଖକାମୀ ଯାଜ୍ଞିକମାନେ କାମୁକତା ଛାଡ଼ିଲେ କପରି ?

(୧) ଅପବର୍ଗେ (କ୍ରିୟା ସମାପ୍ତିରେ) ତୃତୀୟା—ଏ ତୃତୀୟା ବିଭକ୍ତି ବିଷୟକ ପାଣିନି ସୂତ୍ର । ଧର୍ମ, ଅର୍ଥ, କାମ, ମୋକ୍ଷ, ମଧ୍ୟରୁ ତୃତୀୟ, କାମ ଅପବର୍ଗ (ମୋକ୍ଷ) ନିମନ୍ତେ—ଏହି ଶ୍ଳେଷାର୍ଥ ।

Digitized by srujanika@gmail.com

ଅଗେ ଯୁଝିବାରେ ପଛେ ଘୁଞ୍ଚେ ମେଷ
ଯେସନ ଡେଣ୍ଢେ ଏଡ ମନ୍ତ । ୬୯ ।

ବିରାଗ ବିରକ୍ତ ଅନୁରାଗ ଭକ୍ତ
ପ୍ରିୟା ପ୍ରେମେ ଦଅମତ୍ତ,
ଭସ୍ମ ହେଲାପରେ ଆଉ ଏ ଦେହର
ଅଛି କି ପୁନରାବୃତ୍ତି ! ୭୦ ।

ଏହି ପାପ ଫଳେ ପକ୍ଷୀ ଯୋନି ହେବ
କେଉଁ ବିଶ୍ୱାସିକା ଏହୁ,
ନିଜ ସୁଖେ ରହେ ଯେଉଁ ପତଙ୍ଗମ
ରାଜାପର ସୁଖୀ ସେହୁ । ୭୧ ।

ଯୁଦ୍ଧେ ମଲେ ଯେବେ ବଳସନ୍ତ୍ର ଦବେ
ତେବେ କମ୍ପାଇ ଦାନବେ,
ରଣେ ମରି ସ୍ୱର୍ଗେ ଦାନବାର ସଙ୍ଗେ
ମାତନ୍ତି ନାହିଁ ଅହବେ ! । ୭୨ ।

ସଂସାର ଚକ୍ଷୁରେ ଜୀବ ବ୍ରହ୍ମ ଭେଦ
ମୋକ୍ଷହିଁ ବ୍ରହ୍ମ କେବଳ,
'ଜୀବ-ନାଶେ ମୁକ୍ତି' ଏ ଉକ୍ତି ଗୃହସ
ସିନା ବାବଦୂକଙ୍କର । ୭୩ ।

ଯାହା ଶାସ୍ତ୍ର କହେ "ପ୍ରାଣୀମାନଙ୍କର
ପାଷାଣ ଅବସ୍ଥା ମୁକ୍ତି,
ଯଥାର୍ଥ 'ଗୋତମ' (୧) ଅଟେ ସିନା ସେହୁ
ପ୍ରମାଣ ତାହାର ଯୁକ୍ତି । ୭୦ ।

---

(୧) ନ୍ୟାୟ ଶାସ୍ତ୍ର ପ୍ରଣେତା; ପକ୍ଷେ ଗୋଶ୍ରେଷ୍ଠ ବା ପଥର ।

Digitized by srujanika@gmail.com

କମଳା ପାବଂଗା ହୋଇ ଭକ୍ତଂଗା
ଅର୍ପି ଚିତ୍ତ-ହରିହରେ (୧)
କାହିଁ ପାଇଁ ତେବେ ନ ଲଭେ ମୁକତି
ବଦ୍ଧକାମ କାରାଗାରେ ? ୭୫ ।
ଅଛନ୍ତି ଯେବେ ସେ କରୁଣା ନିଳୟ
ଅନ୍ତର୍ଯ୍ୟାମୀ ମହେଶ୍ୱର,
କଥା ପଦେ କହି ନ ତୋଷନ୍ତି କମା
ଭକ୍ତକୁ ଭକ୍ତବତ୍ସଳ ? ୭୬ ।
ଅକାରଣ ବୈରି ଅଟନ୍ତି ଈଶ୍ୱର
ସକାରଣ ଅନୁମାନେ,
ନିମିତ୍ତ ମାତର ହୋଇ କର୍ମଫଳ
ଦିଅନ୍ତି ଯେଣୁ ସେ ଜନେ । ୭୭ ।
ଅନନ୍ତ ଯୁକ୍ତିରେ ସମବଳ ହୋଇ
ଦର୍ଶନର ପକ୍ଷ ଧରି,
ପରସ୍ପର ଦୋଷ ଦେଇ କେଉଁମତ
ନୁହେଁ ଅପ୍ରମାଣ ପରି ? ୭୮ ।
ଶିକ୍ଷାନ୍ତି ଅପରେ ଅବୋଧ, ସୁବୋଧ
ନିଜେ ଯେଉଁ ଉପୋଧନ,
ନିର୍ଦ୍ଧନେ କରନ୍ତି ଧନ ଲଗି ସିନା
ଧାତୁ ବଦ୍ୟା (୨) ଶିକ୍ଷାଦାନ ? ୭୯ ।
ଦିଅ କମା ଧନ ସନ୍ତୁଷ୍ଟ ହୁଅନ୍ତି
ଲକ୍ଷ୍ମୀ ଅଦାତ୍ମକଠାରେ ।

---

(୧) ହରିହର ଉପାସନା ବା ହିରଣ୍ୟଗର୍ଭ ଉପାସନାରେ ମୁକ୍ତି, ଏ ମତର ଖଣ୍ଡନ କରା ହୋଇଅଛି ।

(୨) ତମ୍ବା ରୂପା ପ୍ରଭୃତି ମୁଦ୍ରାକୁ ସ୍ୱର୍ଣ୍ଣାଦି ମୁଦ୍ରାରେ ପରିଣତ କରିବା

Digitized by srujanika@gmail.com

ମୃତ୍ୟୁ ରଣସଜ୍ଜା   ଲଭିଲ ବନ୍ଧନ
ସର୍ବଧନ ଦାନଫଳେ । ୮୦ ।
ଧର୍ମାର୍ଜନ ଧନ   ଦୁହିଁବାକୁ ଖଳେ
ବିଧି ଉପଦେଶଦାୟୀ,
ଲୋଭ, କ୍ଷୋଭ ଚେଳ   ଉଦାସୀନ ଜନେ
ଦୁଇ ଜଣ ଅବା କାହିଁ ? ୮୧ ।
ଦାନତାର ଆସ୍ଥ   ବଢ଼ାଏ ଅଶ୍ରେୟ
ଅଭକ୍ଷ୍ୟ କୁକ୍ଷି-ବଞ୍ଚନା,
ଆଶ୍ରାକର ସୁଖ   ସ୍ୱେଚ୍ଛାଗୃହ, ତାହା
ଆନନ୍ଦ କନ୍ଦଳୀ ସିନା ? ୮୨ ।
ଶୁଣି ଏ ପରୁଷ   ବଚନ ସର୍ବଶ୍ରେଷ୍ଠ
ପଚାରିଲେ ସୁନାସୀର,
"ଜନ୍ମ, ଜନ୍ମ, କଏ,   କଏ ତୁ, ଯାମର
ଧର୍ମ ମର୍ମ ଜୟକର ? ୮୩ ।
ନିର୍ଲୋକଶାସକ   ପାକଶାସନ ମୁଁ
ବଜ୍ର ଥାଉଁ ମୋର କରେ,
ତିନି ବେଦ ନେଇ   ଏ ତିନି ଲୋକରେ
କଏ ଏ ପ୍ରଳାପ କରେ ? ୮୪ ।
ବ୍ରହ୍ମହତ୍ୟା ଆଦ   ପାତକେ ଦୂଷିତ
ବର୍ଣ୍ଣିଙ୍କର କ ନୁହେଁ,
ଜଣାପଡେ ତାହା   ମାଣ୍ଡୁ ଧାରଣରେ
ପରୀକ୍ଷା ଯେ କାଳେ ହୁଏ । ୮୫ ।
ଅଗମ୍ୟାଗମନେ   କେବେହେଁ ମାନବ
ନ ଲଭେ ଦିବ୍ୟେ (୧) ବିଜୟ,

---

(୧) ଶପଥ ।

Digitized by srujanika@gmail.com

ଅନେକ ବଂଶର ବିଶୁଦ୍ଧି ସୂଚଇ
ସେହୁ ପରୀକ୍ଷାରେ ଜୟ । ୮୬ ।
ବେଦ ବିଧିମତେ ଅଗ୍ନି ଜଳାଦିରେ
ଦିବ୍ୟ ପରୀକ୍ଷାର ଫଳ,
ଅର୍ଦ୍ଧଚନ୍ଦ୍ର ଦେଇ ନାସ୍ତିକ ବୁଦ୍ଧିରେ
କରଇ ତାକୁ ଧିକ୍କାର । ୮୭ ।
ପତି ସଙ୍ଗେ ମେଳ ହୋଇଲେହେଁ ଅନେକ
ନାରୀର ସନ୍ତାନ ନାହିଁ,
ନାସ୍ତିକ ! ଅଦୃଷ୍ଟ ଫଳ ବୋଲି ଯାକୁ
ନ ମଣ ବା କାହିଁପାଇଁ ? ୮୮ ।
ପଶି ଆନଦେହେ ଭୂତ ସ୍ଥାନେ ସ୍ଥାନ
ଗୟାଶ୍ରାଦ୍ଧ ଭିକ୍ଷାକରେ,
ନାନାଦେଶ ଜନେ ଶୁଣନ୍ତି ଏ କଥା
ବିଶ୍ୱାସ କପାଇଁ ଥିଲେ ? ୮୯ ।
ନାମ ଭ୍ରମେ ଦୂତେ ଇତର ଜଣକୁ
ନେଇଗଲେ ଯମ ପାଟେ,
ଫେରାଏ ସେ ତାକୁ ପରଲୋକ ଅଛୁ
ନ କର କିଆଁ ବିଶ୍ୱାସ ? ୯୦ ।
କଳି କ୍ରୋଧଭରେ ପଶିଲେ ଜ୍ୱଳନ
କରେ ତାକୁ ତିରସ୍କାର,
"ଏଡ଼େ ମୂର୍ଖ ଚୋର, ଏଣୁ ତେଣୁ ବକୁ"
ମୋର ଆଗେ ଅନର୍ଗଳ । ୯୧ ।
ନ ଖାଇଲେ ଦିନେ ମୂର୍ଚ୍ଛାଭଜେ ଜନ
ନୁହେଁ କି ବିସ୍ମୟ ଘୋର,
ଶୁଣ ଧର୍ମବଳେ ମାସ ମାସ ଧରି
ଉପବାସେ ରହେ ନର । ୯୨ ।
ପୁତ୍ର-ଇଷ୍ଟି, ଶ୍ୟେନ(୧) କାରୀରୀ (୨) ପ୍ରଭୃତି
ଯଜ୍ଞେ ଫଳ ଦୃଷ୍ଟ ହୁଏ,

(୧) ମାରଣ ଯଜ୍ଞ ।
(୨) ବୃଷ୍ଟି ଯଜ୍ଞ ।

Digitized by srujanika@gmail.com

ପରମ-ସନ୍ଦେହ ସନ୍ଦେହ (୧) ବଳଦେୟୁ
ଭାନୁସମ ସେ କି ନୁହେଁ ? । ୯୩ ।
ହୋଇ ମର୍ମାହତ ଦିବାକର-ସୁତ
ଦଣ୍ଡତାଣ୍ଡବ ସରଜି,
ବର୍ଷି ଅଗ୍ନିକଣା ଆକାଶ ପ୍ରାଙ୍ଗଣେ
ରହିଲେ ରୋଷେ ଗରଜି । ୯୪ ।
"ରହ ରହ ଶଠ ଭାଙ୍ଗିବି ତୋ କଣ୍ଠ
ହଟେ ଦୂଣି ଏଥୁ ମୋହ,
ଗୋଷ୍ଠିମଧ୍ୟେ ତୁହି ପ୍ରତିକୂଳ କଥା
ପାଠକରୁ ଗାଢ଼ ରଢ଼ । ୯୫ ।
ଅରେ ରେ ନାସ୍ତିକ ! ବେଦେ ପୁଣି ବେଦୁଁ
ଭିନ୍ନ ଶତ ଶତ ମତେ,
ସ୍ଥିର ପରଲୋକ, ତୋହର ବଚନେ
ବର୍ଜିବ କେ ଜଗତେ ? । ୯୬ ।
ଆସ୍ତିକ ବହୁଳ ଇହ ଜଗତରେ
କେତୋଟା ନାସ୍ତିକ ଏହି,
ପରଲୋକ ପୁଣି ଅପନ୍ତାରେ ପାଦ
ନ ଦେବେ ବା କାହିଁପାଇଁ ? (୨) । ୯୭ ।
ସ୍ୱର୍ଗଲାଭ ଲାଗି କନ୍ୟାଦାନ ରୀତି
ସର୍ବଜ୍ଞ ଅନୁମୋଦିତ, (୩)

---

(୧) ସୂର୍ଯ୍ୟଙ୍କୁ ଗ୍ରାସ କରିବା ପାଇଁ ତା ସଙ୍ଗେ ଯୁଝୁଥିବା ରାକ୍ଷସ ।

(୨) ନାସ୍ତିକ ଅବାଟରେ ଯାଇ ସ୍ୱର୍ଗରେ ଯମଦଣ୍ଡ ଭୋଗେ । ବେଦ-ବିରୋଧୀ ବୌଦ୍ଧ ଦର୍ଶନ ମଧ୍ୟ ପରଲୋକ ସ୍ୱୀକାର କରେ ।

(୩) ସ୍ୱର୍ଗଲାଭ ନଥିଲେ ଲୋକେ ଆପଣା କନ୍ୟାକୁ ପର ପୁଅ ହାତେ ଦାନ କରନ୍ତେ କାହିଁକି ?

ଜାଣି ପରଲୋକ   ଅଛି ବୋଲି ଚୋର
ବୁଦ୍ଧି ନୁହେଁ ସମୁଚିତ ? ।୯୮ ।
ଇତ୍ୟାଦି ମତ   ହୁଏ ଯେବେ ସତ
ସର୍ବମତ ତ୍ୟାଗୀ ମରେ,
ଦେଖି ଏ ସକଳ   ବ୍ୟର୍ଥ ଏ ବିଚାର
ଅନର୍ଥ ଧର୍ମ୍ମେ ନ ଫଳେ । ୯୯ ।
ବେଦ ଅସ୍ୱୀକାର   ଅବୈଦିକାଚାର
ପାପ ବୋଲି ମତେ ଜଣ,
ଇହ ଜଗତରେ   ଚଳିବା ଉଚିତ
ବେଦବିଧି ଅନୁସର । ୧୦୦ ।
କ୍ରୋଧରେ ଅରୁଣ   ଶୁଣିଲେ ବରୁଣ
କରି ବରୁଣା ଗର୍ଜ୍ଜନ,
"ରେ ପାଷଣ୍ଡ ପଶୁ   ମୋର ଦଣ୍ଡପାଶୁଁ
ନୁହେଁ କି ଭୟ ଅଜ୍ଞାନ । ୧୦୧ ।
ଆରେ ମୂଢ଼ କପି   ନ ହୁଏ ବିଶ୍ୱାସ
ବୈଦିକ ଧର୍ମ୍ମେ ତୋହର,
ଦେଖି ଶାଳଗ୍ରାମେ   ଏ ମର୍ତ୍ତ୍ୟ ଦୁର୍ଲ୍ଲଭ
କୂର୍ମ୍ମାଦି ଚିହ୍ନ ପ୍ରଚୁର ? । ୧୦୨ ।
ଶତକ୍ରତୁ ମୁଖ   ବାହୁ, ଉରୁ, ପାଦୁଁ
ଜାତ ଚାରିଜାତି ଖ୍ୟାତ,
ଜାଣି କଥାଁ ବେଦ   ସମ୍ବାଦେ ତୁମ୍ଭର
ନୁହେଁ ଚମତ୍କାର ଜାତ ? । ୧୦୩ ।
ଗୟା ଶ୍ରାଦ୍ଧ ଆଦ   ନାନା ଲୋକ ଦେହେ
ଆବେଶିଣ ମାଗିବାର,
ପ୍ରତ୍ୟକ୍ଷେ ଦେଖନ୍ତି   ଭୂତଗଣେ, ତେବେ
ବେଦ ବିଶ୍ୱାସ ନ କର ? । ୧୦୪ ।

Digitized by srujanika@gmail.com

ନାମ ଭ୍ରମ ଯୋଗୁଁ ଯାଇ ଦମୟୁରେ
ଫେରି ତହୁଁ ସନ୍ଦେହରେ,
ସମ୍ବାଦ ଦଅନ୍ତ ନଳକେ, ଦେଖି ଶୁଣି
ବିଶ୍ୱାସ କର ଶ୍ରୁତିରେ" । ୧୦୫ ।
ଇନ୍ଦ୍ରାଦିଙ୍କ କୋପେ ଦୁଷ୍କଗତି କଳି-
ବନ୍ତୁଁ କେ ଅଗକୁ ବଳି,
କରଯୋଡ଼ି ଶିରେ କହିଲା ଅମରେ
ଅବିନୟ ପରିହରି । ୧୦୬ ।
"ନାକନାୟକ ! ମୁଁ ନୁହେଁ ଅପରାଧୀ
ଅଟଇ ମୁଁ ପରାଧୀନ,
କଳି କାଳର ମୁଁ ଅଟେ ସିନା ବନ୍ଦୀ
ତା' ଗୃହ-ଚତୁଷ୍କାନନ" । ୧୦୭ ।
ଶୁଣି ତା ବଚନ ଚାହିଁ ଦେବଗଣ
ଦେଖିଲେ ରଥ ଉପରେ,
ବିକଟାଳ ଭଳି କରାଳ ମୂରତି
ଦ୍ୱାପରକୁ ତା ଆଗରେ । ୧୦୮ ।
ତେଜ ତଜନ୍ତନୁ ଦେବତାମାନଙ୍କୁ
ତାପେ ପରିବୃତ ଭଳି,
ଗ୍ରୀବାଟୋଳି ମୁଖ ଟେକି ଅନାଇଲେ
ନିତାନ୍ତ ନାରକୀ ଭଳି । ୧୦୯ ।
ପୁରନ୍ଦର ତେଜେ ହୋଇ ଅଭିଭୂତ
ହିଁଶଙ୍କୁ ସମ ସେ କଳି,
ଲାଜବଶେ କ୍ଷଣେ ମହୀକୁ ଅନାଇ
ହୋଇଲା ନତ ମଣ୍ଡଳ । ୧୧୦ ।
ଭଳି ଦରଶନେ ବିମୁଖ ସେ ଦେବେ
ଚଣ୍ଡାଳେ ବ୍ରାହ୍ମଣ ପରି,

Digitized by srujanika@gmail.com

ତେବେ ହେଁ ଅବଜ୍ଞା- ଭରେ ଅନାଇଲ
ମଦେ ମତ୍ତ ହୋଇ କଲି । ୧୧୧ ।
'ବାସବ ! ମଙ୍ଗଳ ହେଉ ତେ, ପାଚେ
ଦୁଃଖ ନାହିଁତ ତୁମ୍ଭର ?
ପ୍ରାଣପ୍ରାଣି ! ସବୁ ଆନନ୍ଦ ତ ତବ ?
ସୁଖଟିକି ସଖା କାଲ" ? । ୧୧୨ ।
ତରତର ହୋଇ ଯାଉଅଛୁଁ ଆମ୍ଭେ
ଦମୟନ୍ତୀ-ସ୍ୱୟମ୍ବରେ,
ଅନୁମତି ଦିଅ ଯିବାପାଇଁ ଏବେ
ଦେଖାତ ହେଲ ପଥରେ । ୧୧୩ ।
କଳିର ଏ ଭଳି ବୃଥା ଆଟୋପକୁ
ଅବହେଳି ଦେବଗଣ,
ମରମ୍ଭର ମୁଖେ ଗୂଢ଼ ପରିହାସେ
ହସି କହିଲେ ଏସନ । ୧୧୪ ।
"ବିଧାତା-ସୃଷ୍ଟିରେ ଅଛ ପରା ତୁମ୍ଭେ
ନିଷ୍ଠାପର ବ୍ରହ୍ମବ୍ରତୀ,
ଦମୟନ୍ତୀ-ପାଣି- ଗ୍ରହଣ କରିବ
ଏ କଥା ହେବ କପରି ? । ୧୧୫ ।
ବିଧାତା ବିଧାନ ଲଙ୍ଘନ୍ତି ସେବକେ
କପାଁ ନ ଲଙ୍ଘିବୁ ତୁହି,
ଯତିବ୍ରତ ତୁହି ପୁଣି ଦେବଦ୍ରୋହୀ
ବୁଝନ୍ତୁ ତୋ କଥା ବିହି । ୧୧୬ ।
ତ୍ରିଭୁବନ-ଯୁବା- ଗର୍ବ ଖର୍ବକାରୀ
ସରିଛି ସେ ସ୍ୱୟମ୍ବର,
ଫେରୁଅଛୁଁ ଏବେ ଆମ୍ଭେମାନେ ପିନା
ସ୍ୱୟମ୍ବରୁଁ ନିଜପୁର । ୧୧୭ ।

Digitized by srujanika@gmail.com

ନାଗଲୋକେ ପୁଣି ଦେବତା ନକର
ଆଦରେ ଥିଲେଟି ଗୃହିଁ,
ଅନାଦର ତାଙ୍କୁ ନଳ ଗଲେ ମାଳା
କୃଶୋଦରୀ ଦେଲ ଯାଇ । ୧୧୮ ।
ନାଗକନ୍ୟାଗଣେ ଭେଟିମି ଭୁବନ କୁଟବେଶ,
ବାନର ଇନ୍ଦର ନରେ,
ଅମଟରେ ମଣିଳ ପାମର କେବଳ
ଗୁଣୋଜ୍ଜ୍ୱଳ ନୃପନକଲେ" । ୧୧୯ ।
ଶୁଣି ଏ ବଚନ ସେ ଚରମଯୁଗ
କଲ ଖେଷେ ଅନ୍ଧହୋଇ,
ଭୁପିଳ ପ୍ରଳୟ- ରଜନୀରେ ଛନ୍ଦ୍ର
ସଦୃଶ ଆକୃତ ବହି । ୧୨୦ ।
"କ୍ରୀଡ଼ା କରୁ ବ୍ରହ୍ମା କାହା ସଙ୍ଗେ, ତୁମ୍ଭେ
ହେଉକର ଦବ୍ୟନାଶୀ,
ତୁମ୍ଭ ପ୍ରି ପୃଲଗି ମନ୍ଥ କଲ ହେଲ
ଅଜନମ ବ୍ରହ୍ମଚୃଶୀ । ୧୨୧ ।
କାନେ ଶୁଣିବାକୁ ଉତ୍ତମାଢ଼େ ଯାହା
କଳେ କର ସେହି କର୍ମ,
ଧନ୍ୟ ଏ ତୁମ୍ଭର ପର ଉପଦେଶ
ବଚନ ତୁମ୍ଭର ଧର୍ମ । ୧୨୨ ।
ସେହି ସ୍ୱୟମ୍ବରେ ପୃଥିବୀର ଶିରୀ
ଲଭିଲେ ନଳ ରାଜନ,
ତୁମ୍ଭେ ଲଭିଲ ପୃଥିବୀର ଲଜ୍ଜା
ଦୁହିଁଙ୍କ ସୁଖ ସମାନ । ୧୨୩ ।
ଲଜେ ବୃଦ୍ଧ ଅନ୍ଧ ମୁଖ ଦରଶନେ
ଅସମର୍ଥ ହୋଇ ଯାହା,

Digitized by srujanika@gmail.com

ତୁଚ୍ଛ ଦେଖି ଶଙ୍କ ! ମୁଖ କଲ ବଙ୍କ
ଅନୁଚିତ ନୁହେଁ ତାହା । ୧୨୪ ।
ଉଦାସୀନ ହୋଇ ରହିଲ କପଟ
ଦେଖିଲ ବରିଲ ନଳେ,
ଦୁର୍ବିନୀତା ଭୈମୀ ନୋହିଲ ଦଗଧ
କମ୍ପା ତବ ହୋମାନଳେ ? ୧୨୫ ।
ମହତ କାମନା କଲୁ ଦମୟନ୍ତୀ
ଅନାଦର ମହାବଂଶେ,
ସେ ବରିଲ ନଳେ କଲ ଅଙ୍ଗୀକାର
ଅହୋ କେଉଁ ଦୁଃସାହସେ । ୧୨୬ ।
ଇଚ୍ଛିଲେ ହେଁ ସେହି ମୃଗନୟନାକୁ
ଉବାହୁଁଶ ଦଗପାଳେ,
ଲଜେ ନମସ୍କାର କଲ ଯେ ସ୍ୱୀକାର
କ୍ଷମିଲ ସେ ଭୃଣ ନଳେ ? ୧୨୭ ।
କୃଷ୍ଣ ଅଶ୍ରାକର ଏ ଦାରୁଣ ଶିଖୀ
ସାକ୍ଷୀ ହୋଇ ଏ ବବାହେ,
ଦେବତା ହୋଇଣ କୃଷ୍ଣ ସାକ୍ଷୀପଣ
ଅପେ ଧରନାହିଁ କହେ ? ୧୨୮ ।
ଅମୃତ କରଣ ଆଦରଣ କ୍ଷମା
ବହୁଛୁ କଳଙ୍କ ପଙ୍କ,
ତେଜୋମୟ ତୁମ୍ଭେ ଅଶ୍ରାକର କ୍ଷମା
ହେଲଟି କଳଙ୍କଭର । ୧୨୯ ।
ବରିଲ ସେ ଯା'କୁ ତାକୁ ପରିହର
ଈର୍ଷ୍ୟା କଅଁ ମୋହଠାରେ ?
'କହ ଏବେ ଯାଇ ସେହି ଦୋଷୀ ନକୁଁ
ଅଶିବ ବୈଦର୍ଭୀ ଛଳେ । ୧୩୦ ।

Digitized by srujanika@gmail.com

ତୁମ୍ଭେମାନେ ମୋର ସଦାସୁଖୀ ହେଲେ
ପାଞ୍ଚାଳୀ ପଞ୍ଚ ପାଣ୍ଡବେ,
ଭୋଗିଲା ପରାୟେ ଭୋଗିବା ତାହାକୁ
ବାଣ୍ଟି ଅମ୍ଭେ ପାଞ୍ଚଦେବେ" । ୧୩୧ ।
ମୁଖର କଳିର ମୂର୍ଖତା ନଟରଣି
ସହି ନ ପାରି ଭାରତୀ,
ସାର ତତ୍ତ୍ୱ ଗିରେ ଶରାଘାତ କଲେ
ହୋଇ ଅତି ରୁଷ୍ଟମତି । ୧୩୨ ।
"ଯାଇଥିଲେ ସୁରେ ନଳଙ୍କୁ ଦେବାକୁ
କୀର୍ତ୍ତି, ଦମୟନ୍ତୀ, ବର,
ସୁଧୀ ହରେ ଧୀର ଗମ୍ଭୀର ଗୂଢ଼ସ୍ୱ
ଆନ ବୁଦ୍ଧି ଅଗୋଚର । ୧୩୩ ।
ପ୍ରତିବାକ୍ୟ ଦାନେ ଅଶକତ କଳି
ପ୍ରଗଲ୍‌ଭ ଭାରତୀ-ଗିରେ,
ଅନାଦର ଯେହେ ଅବହେଳି ତାଙ୍କୁ
ଭଣିଲା ଏମନ୍ତ ସୁରେ । ୧୩୪ ।
"ଦମୟନ୍ତୀ ଆଶା ଛାଡ଼ିଲ ସମ୍ପ୍ରତି
ପ୍ରୟୋଜନ ନାହିଁ ତହିଁ,
ଦୋଷୀ ନଳ ପ୍ରତି ଅସ୍ମମାନଙ୍କର
ଟିକିଏ କରୁଣା ନାହିଁ । ୧୩୫ ।
ନ ଥିଲୁଁ ସେଠାରେ ହେଲା ସ୍ୱୟମ୍ବର
କି କରିବୁଁ ସେଥିପାଇଁ,
ଶୁଣ ଏବେ ସୁରେ ଯାହା କାଳୋଚିତ
ପ୍ରତିକାର ଏବେ ତହିଁ । ୧୩୬ ।
ନଳ ହୃଦୟରେ କଳିର ପ୍ରତିଜ୍ଞା
ଶୁଣ ଶୁଣ ବିଜ୍ଞ ସୁରେ,

Digitized by srujanika@gmail.com

ଛଡ଼ାଇବ ବୈରୀ, ଭୂମି ଏହାବେଳେ
ଜିଣିବ ତାହାଙ୍କୁ ବଳେ । ୧୩୭ ।
ଚଣ୍ଡଗୁଣେ ମୋର ତେଜ ଭୟଙ୍କର
ବିରୋଧ ନଳ ସଙ୍ଗତେ,
ରବି ଢାଇରବ ବିରୋଧ ସିନ୍ଧୁ ତା'
ଗାଆନ୍ତୁ ଜନେ ଜଗତେ । ୧୩୮ ।
ସାଧୁ, ସାଧୁ ବୋଲି ଜଳ-ସହଚର
ଦ୍ୱାପର ତେଜକଳ ସୁଖେ,
ଧୀରେ ପୁରନ୍ଦର ଭଣିଲେ ଅଙ୍ଗୁଳି
ନବେଶି ଶ୍ରବଣ ମୁଖେ । ୧୩୯ ।
"ଜଗତର ନଳ ଆମ୍ଭଠାରେ ଦେଖୁ
ବିଚକ୍ଷଣ ବୁଦ୍ଧି ତୋର,
ଆନଙ୍କେ ଅଳପ ଦାନକଲେ ନଳ
ହୁଅଇ ସିନା ଦାତାର ? ୧୪୦ ।
ମୋକ୍ଷଲାଭ କ୍ଷମ ଶତାଂଶରୁ ଅଂଶେ
ଭକ୍ତି ଯେଉଁ ନଳଙ୍କର,
ସେଥିଲାଗି ଏକା ଦମୟନ୍ତୀ ଦାନ
ନଳ ଆମ୍ଭମାନଙ୍କର । ୧୪୧ ।
ସାଧୁମତି ନଳେ ବିରୋଧ କୋହୁବ
ପରିଣାମେ ହିତକର,
ଇତର ନୁହନ୍ତି ନୈଷଧ-ସୁଧାଂଶୁ
ସୁବିଶାଳ ଲୋକପାଳ । ୧୪୨ ।
କ୍ଷମା ଭୁଡ଼େ ଉର୍ବୀ ନ ଦଶଇ କାହିଁ
କଳି ଅବକାଶ ଛଳେ,
ଦ୍ୱାପରର ମଧ୍ୟ ନ ଦେଖୁଁ ଉଦୟ
ମହା ଧର୍ମବନ୍ତ ନଳେ । ୧୪୩ ।

Digitized by srujanika@gmail.com

ଅଯଥା ଅନର୍ଥ ସୃଜ ପତବ୍ରତା
ଯମଜାକୁ ପୀଡ଼ ନାହିଁ,
ମିଥ୍ୟାଜ୍ଞାନ ଅନ୍ଧ- ଭୂତକୁ କେବେହେଁ
ବାଧା ଦେଇ ନ ପାରଇ । ୧୪୪ ।
ଧରମେ କେବଳ ବଜାଚନ୍ତ୍ର ଭବେ
ନଳ ଦମୟନ୍ତୀ ଦୁହେଁ,
ଷମ କ ଦ୍ୱାପର, କଳ ତାଙ୍କ ପାଶେ
ସତ୍ୟ, ତ୍ରେତା ସବୁ ନୁହେ । ୧୪୫ ।
କରିବ ଅବଶ୍ୟ ଋଷି ଇଚ୍ଛାକଶ
ହୋଇଲଣି ଦୋଷୀ ତୁହି,
କାର୍ଯ୍ୟ ସମ୍ପାଦନେ ଦୃଷ୍ଟା ଦୃଷ୍ଟ ହେତୁ
ଅପୂତ ତୋହର ନାହିଁ । ୧୪୬ ।
ଅଜ୍ଞାନରେ ହେଲେ ଆଚରେ ଯେ ଦ୍ରୋହ
ସୁଶୀଳ ନଳଙ୍କଠାରେ,
ଲଭଇ ତତ୍କ୍ଷଣ ତା'ର ପ୍ରାୟଶ୍ଚିତ୍ତ
ସେ ପାପ ସମ୍ଭବ ଫଳେ । ୧୪୭ ।
ଉଚିତ ନୁହଇ ନଳ ନୃପପ୍ରତ
ଯୁଗଶେଷ ! ତୋର ଦ୍ୱେଷ,
ନୋହିବ ମଙ୍ଗଳ ପରିଣାମେ ତା'ର
ଉପୁଜିବ ତୀବ୍ର ଦ୍ୱେଷ । ୧୪୮ ।
ତହୁଁ ଯିବୁ ବୋଲ ତୋହର ସ୍ୱଜସ
ଅସଦ୍ ଜ୍ଞାନ ପରିହର,
ଯାଇ ଏଥୁଁ ତହୁଁ ସ୍ୱଜ ଦରବାରେ
ନୁହ ଉପହାସ ସ୍ଥଳ । ୧୪୯ ।
ଅନ୍ୟ ଦେବଗଣେ କଲେ ବାସବଙ୍କ
ବଚନ ଅନୁମୋଦନ,

Digitized by srujanika@gmail.com

ମାତ୍ର ତ୍ରେତାଯୁଗ ସେ କଳି, ଦ୍ୱାପର
ନ କଲେ ତାହା ଗ୍ରହଣ । ୧୫୦ ।
କଳିକୁ ଦେବତା, ଦେବତାଙ୍କୁ କଳି
ଲକ୍ଷକରି ପରସ୍ପରେ,
ସମାନ ଅକ୍ଷରେ ଉପହାସ ଗର୍ଭେ
ଭାଷିଲେ ଏହା ତା'ପରେ । ୧୫୧ ।
"ବୀରସେନ ସୁତେ ବର୍ତ୍ତୁଛି ଶ୍ରୀମତା
ଉଚିତ ତବାଗମନ (୧)
ଉଦ୍ଧଗ ଅମ୍ବର ସୂଚଇ ବିମାନ (୨)
ଅନୁଚିତ ଏହା ଜାଣ । ୧୫୨ ।
ଅମ୍ଭ (୩) ଆଗେ ଯାହା ଦମୟନ୍ତୀ ନଳେ
ବରିନେଲା ସ୍ୱୟମ୍ବରେ,
ଲୋକହାସକର ଚରିତ ଅମ୍ଭର
ପ୍ରକଟିବ ଜଗତରେ । ୧୫୩ ।
ଯା' ଲାଗି ଗମନ ହେତ ଆନପତି
ବରନ୍ତୁ ନୃପ ବାମନା,
ବୃଥା କଷ୍ଟ ଦିନା ଅକ୍ଷମ ହେବ ଅମ୍ଭେ
ଲୋକରେ ଏ କଥା ଜଣା । ୧୫୪ ।
କାମ ଜିଣି ରୂପେ ସୁନ୍ଦର ସ୍ୟନ୍ଦନେ
ଯା'ନ୍ତ କାହିଁ ? ଆନବର,

---

(୧) ତବ+ଆଗମନ; ପକ୍ଷେ ତବ+ଅଗମନ ।

(୨) ରଥ, ପକ୍ଷେ ମାନହାନି ।

(୩) ଅମ୍ଭ ସମକ୍ଷରେ; ପକ୍ଷେ ଅମ୍ଭେ ଯିବା ଆଗରୁ ।

Digitized by srujanika@gmail.com

ବରଅଙ୍ଗ ପଗ — ଭୈମୀ ଘୋର ଲଜ୍ଜା
ନୁହେ କ ଅବ (୧) ପାମର । ୧୫୫ ।
ନଳଙ୍କୁ ପୀଡ଼ିବା — କଳି ଦ୍ୱାପରଙ୍କ
ଇଚ୍ଛା ଜାଣି ଅତଦୁଃଖେ,
ପୁରନ୍ଦର ଆଦ — ଦେବେ ଯାବାକଲେ
ସ୍ୱରପୁର ଅଭିମୁଖେ । ୧୫୬ ।
ସହାୟ ସ୍ୱରୂପେ — ଦ୍ୱାପରକୁ ଘେନ
ମତ୍ସର-ମୂର୍ତ୍ତି ହୋଇ,
ଅତି ଆଗ୍ରହରେ — ଯାବାକଲ କଳି
ନଳଙ୍କୁ ପୀଡ଼ିବା ପାଇଁ । ୧୫୭ ।
ଧୂର୍ତ୍ତି-ଚରଣକୁ — ମୂର୍ତ୍ତିମନ୍ତ ବଧୂ
ମନେକଲ ଧୂର୍ତ୍ତି କଳି,
ନୈଷଧ ଦୁର୍ଗକୁ — ଯିବାପାଇଁ ତାକୁ
ସତେ ନଶେଧିଲ ଭଳି । ୧୫୮ ।
ବହୁ କଷ୍ଟ ପାଇ — ବହୁକାଳ ପରେ
ସେ ପୁରେ ମିଳନ ଯାଇ,
ଅହଙ୍କାରୀ କଳି — ପାଳନ୍ତି ଯେ ପୁର
ନୈଷଧ-ଅବନୀ ସ୍ୱାମୀ । ୧୫୯ ।
ଚମକ ସେ ପୁରେ — ବିପ୍ରମୁଖୁଁ ଶୁଣି
ସ୍ପଷ୍ଟ ଉଚ୍ଚାରିତ ବେଦ,
ଏକପଦ ମାତ୍ର — ଅଗ୍ରସର ହେବ
ନ ଚଳଇ ତାର ପାଦ । ୧୬୦ ।
ଅନ୍ତେବାସିଙ୍କର — ମୁଖରୁ ସେ ପୁରେ
ଶମ ଅକୀର୍ତ୍ତନ କରି,

---

(୧) ଅବ + ପାମର; ପକ୍ଷେ ଅତ୍ୟପ + ଅମର ।

Digitized by srujanika@gmail.com

ତା'ର ପଦଭ୍ରମ ହେଲ ସଂକୁଚିତ
ରହିଲ ଦ୍ୱାରେ ମସ୍ତକ । ୧୬୧ ।
ସେତେ ଦୂରଯାଏ ସେହୁ ପାଠ କଲା
ବହିଲ ଅଟୋପେ ଗନ୍ଧ,
ଯେତେ ଦୂର ଯାଏ ବେଦପାଠୀ କଣ୍ଠୁଁ
ଶୁଣାଯାଏ ନାହିଁ ଶ୍ରୁତି । ୧୬୨ ।
ଯଜ୍ଞ-ଧୂମ ଯୋଗେ କଦର୍ଥନା ପାଇ
ଆକ୍ଷି ଖୋଲି ନ ପାରିଲ,
ବତୁରିଲ ଜଳ ହୋମ ଆଜ୍ୟ ଗନ୍ଧେ
ନାସିକା ତାହାର ଗଳି । ୧୬୩ ।
ଅତିଥିଗଣଙ୍କ ପାଦ ପ୍ରକ୍ଷାଳନ
ଜଳେ ନିତାନ୍ତ ପିଚ୍ଛିଳ,
ଗୃହସ୍ଥ ପ୍ରାଙ୍ଗଣେ ଖସିଗଲ ଗୋଡ
ଭଟୁଡ଼ି ପଡ଼ିଲ ଖଳ । ୧୬୪ ।
ଯଜ୍ଞ ହୁତାଶନ- ମହାତାପ ହେଲ
ତା'ର ପୃଷ୍ଠପାକ ପରି,
ପୁଚ୍ଛି ଉର୍ମ୍ମିରୂପ ବ୍ୟଜନ ଅନିଳ
ଲୁଣ ପରି ଗଲ ଗଳି । ୧୬୫ ।
ସେ ପୁରେ ନରେଶ ଘରେ ଘରେ ଜଳ
ପିତୃତରପଣେ କାର୍ଣ୍ଣ,
କାଳ ଉଠେ ଜାଳି ମଣି ଅପସରି
ଗଲ ଦୂରେ ହୋଇ କ୍ଷୁର୍ଣ୍ଣ । ୧୬୬ ।
ସ୍ନାତକଗଣର ତେଜଟେକ ନରେଶ
ମନେ କଲ ତାକୁ କଲି;
କୃପାଣ ଆକାରେ ପଶି ହୃଦପୁରେ
ଅନ୍ତ ବଦାରିଲ ପରି । ୧୬୭ ।

Digitized by srujanika@gmail.com

ମିଥ୍ୟାବାଦୀ କେଉଁ ପୁଚ୍ଛନ୍ତେ ନରେଶ
ସେଠାରେ ହେଲା ଉପସ୍ଥିତ,
ନାସ୍ତି ପ୍ରତି ତା'ର ରହସ୍ୟ ଅଳୀକ
ଜାଣି ହୋଇଲେ ଦୁଃଖିତ । ୧୬୮ ।

ଚନ୍ଦ୍ର ଯଜ୍ଞ-ଯୂପେ ପୂର୍ଣ୍ଣପୁର ଦେଖି
ଶୂନ୍ୟ ପୂର୍ଣ୍ଣ ମନେକଲେ,
ଧାର୍ମିକ ନବହେ ପୂର୍ଣ୍ଣ ଦେଖି ପୁଣି
ବ୍ୟାଳମୟ୍ ବର୍ତ୍ତିଲେ । ୧୬୯ ।

ଅହା ସେ ବରକ (୧) ନ ପାରିଲ ଯାଇ
ପାଖେ କୃଚ୍ଛ୍ର ବ୍ରତୀଙ୍କର,
ମାସ ଉପବାସୀ ସ୍ତମ୍ଭା ଲଙ୍ଘନରେ
କଚ୍ଛୁଡ଼ ପଡ଼ିଲ ଖଳ । ୧୭୦ ।

ଅଗ୍ନ୍ୟାଗାର ଦ୍ୱିଜେ ଅର୍କମଣ୍ଡଳକୁ
ଗାୟତ୍ରୀ ଅସନ୍ତି ପାଶେ,
ଦେଖି ତାହା ଖଳ ଭରେ ମଳପଣ
ଦର୍ଶ'ନ ଧଶିଲ ଦେଶେ; । ୧୭୧ ।

ଗୃହସ୍ଥପୂର୍ଣ୍ଣ ଗୃହେ ଯତି ସମାକୁଳ
ବୈଖାନସ ପୂର୍ଣ୍ଣବନେ,
ଦେବାଳୟେ ସ୍ଥାନ ନ ପାଇଲ କଳି
ପାଣ୍ଡି ହେଲ ମନେ ମନେ । ୧୭୨ ।

ମଠେ ହଂସ ଗଦା ନରେଶ ଅଗ୍ରହେ
ଯିବାକୁ ଇଚ୍ଛିଲ ତହିଁ,
ସୌମ୍ୟ (୨) ବୃଷାସକ୍ତ ଦେଖି ତାକୁ ପୁଣି
ଫେରିଲ ନଗରେ ହୋଇ । ୧୭୩ ।

---

(୧) ବଟର୍ବ ।

(୨) ସୌମ୍ୟ (ଶ୍ୱେ.ମ ଜା'ଗ) ରୂପ ବୃଷ (ଧର୍ମ) ଆସକ୍ତ ।

ନିଜ ପ୍ରିୟା ହଂସୀ ନ ଦେଖିଲେ କାଳ
ଖୋଜି ଖୋଜି ପୁଷ୍କର କାହିଁ,
ମୂର୍ଖ ମୁଖେ ସୁଜ୍ଞା ନିଜ ପ୍ରିୟ ଭଳି
କେଉଁଠି ଦେଖିଲା ନାହିଁ । ୧୭୪ ।
ବ୍ରତନିଷ୍ଠଙ୍କର ମୌନାବଲମ୍ବନେ
ଶାସ୍ତ୍ର ବୋଲି ମନେ କଲ,
ପୂଜା ବନ୍ଦନାକୁ ଆପଣା ମସ୍ତକେ
ପଦାଘାତ ବଟୁବର୍ଗ । ୧୭୫ ।
କୁଶ ଦେଖି ମୁନି- ଜନଙ୍କ ପାଣିରେ
ପ୍ରହାରେ ମୁଦ୍‌ଗର ମଣେ,
ଆଚମନ ଜଳେ ଦେଖି ସେ ବଟୁରେ
ଉଦ୍ୟତ କି ଶାପ ଦାନେ ? । ୧୭୬ ।
ମୌଞ୍ଜୀ, ଦଣ୍ଡଧାରୀ ଦେଖି ବ୍ରହ୍ମଚାରୀ
ବଟୁବର୍ଗ ଅନ୍ତର୍ଗତେ,
ପିଟିବ ଦଣ୍ଡରେ ବାନ୍ଧିବ ରଜ୍ଜୁରେ,
ବୋଲି କି ଅସୁସ୍ଥ ସତେ ? । ୧୭୭ ।
ଦେଖି ପୁରୋଡ଼ାଶ (୧) ପୂରିତେ ସେ କାଳ
ହୋଇଲା ଉଦ୍ୟୋଗ ବହୁଳ,
ସ୍ରୁଚ (୨) ଦେଖି ତହିଁ ପଣିମା ବଟୁର
ବରଜିଲା ଅଶ୍ରୁଜଳ । ୧୭୮ ।
ମନ୍ଦର ଗ୍ରହଣ ଭରେ ଯେଉଁ ଦ୍ୱିଜ
ଦେଖି ହର୍ଷେ ଉଲ୍ଲସିଲା,

---

(୧) ପିଷ୍ଟକ ବିଶେଷ ।

(୨) ହୋମପାତ୍ର ବିଶେଷ ।

Digitized by srujanika@gmail.com

ସୌତ୍ର ମଣି (୧) ଯଜ୍ଞ କରିବାର ଜାଣି
ପୁଣି ଦୁଃଖେ ମଉଳିଲ । ୧୭୯ ।
ବ୍ରହ୍ମବାଦୀଙ୍କର ଦେଖିଲ ସେଠାରେ
ଯେତେକ ବଦ୍ଧ-ଅଞ୍ଜଳି,
ତାହାର ହୃଦରୁ ଗଲ ସେ ପ୍ରମାଣେ
ରକତ-ଅଞ୍ଜଳି ଗଳି । ୧୮୦ ।
ମଣିଲ ସ୍ନାତକେ(୨) ଘାତକ ସମାନ
ଦାନ୍ତେ (୩) କୃତାନ୍ତ ଯେସନ,
ଦେଖି ବାଟଂ ଯମେ (୪) ଡରିକି ସତେ କ
ଦେଖିଲ ଯମ ଗଜନ ? ୧୮୧ ।
ପାପଣ୍ଡ ମାନବ ଖୋଜିବାକୁ ଯାଇ
ବେଦ-ପଣ୍ଡିତ ସେ ପୁରେ,
ଲଭି ଅଗ୍ନି ତାପେ ତୃଷାତୁର ପରି
ଯେ୍ହିଗଲ ପାପ ଦୂରେ । ୧୮୨ ।
ବ୍ରହ୍ମଘାତୀ ନରେ ନିରେଖି ସେ ପୁରୁ
ଲଭିଲ ଅତି ସନ୍ତୋଷ,
ସର୍ବ ମେଧ- (୫) ଯଧ୍ୱ- ନିଷ୍ଠା ଜାଣି ତାକୁ
ତୋଷାଇଲ ପୁଣି ବରଷ । ୧୮୩ ।
ଯତି ହସ୍ତସ୍ଥିତ ବେଣୁଦଣ୍ଡେ ତହିଁ
ହେଲ ତର୍ଜନା ଦୁଷ୍କର,
ବ୍ରହ୍ମଚାରୀଗଣଙ୍କର ବେଦଧ୍ୱନି ଯୋଗେ
କ୍ଳେଶ ହେଲ ଗୁରୁତର । ୧୮୪ ।

(୧) ସୂତ୍ରାମଣି ନାମକ ଯଜ୍ଞରେ ମଦ୍ୟପାନ ବିଧି ଅଛି ।
(୨) ଯେ ବେଦ ସମାପ୍ତ କରିଛି ।
(୩) ତପସ୍ୱୀ ।
(୪) ମହାନ ବ୍ରତ ।
(୫) ସର୍ବମେଧ ନାମକ ଯଜ୍ଞର ଯାଜକ ।

Digitized by srujanika@gmail.com

ଛତ୍ରିଳ-ଶାସ୍ତ୍ରୀଙ୍କୁ ନାରେଖି ବକଲେ
ମଣ୍ଡଳ ତ୍ୟାଗ ବାଞ୍ଛିଲ;
ପବନା ଟେକନେ (୧) ପୁଣି ସେ ଦୁଷ୍କର
ପଟେ୍ୱାସ(୨) ଉପୁଜିଲ । ୧୮୫ ।
ଟୋଳୁଁ ଟୋଳୁଁ ଜନ (୩) ଦେଖିଲ ଅଜନ (୪)
ତହିଁ ବୃଦ୍ଧବୃଷ୍ଟଙ୍କର;
କ୍ଷପଣାର୍ଥୀ (୫) ହୋଇ ଦେଖିଲ ସେ ପୁରେ
ଅକ୍ଷପଣ(୬) ଦୀକ୍ଷିତର (୭) । ୧୮୬ ।
ଜପେ ଅକ୍ଷମାଳା- ଗ୍ରନ୍ଥ ଅକର୍ଷଣ
ନାସ୍ତିକ କର କଳି,
ବୃଷଳରେ(୮) ବରୁର ଜୀବ ଆକର୍ଷଣ
ଉଦ୍ଧାର ବଷଣ୍ଡ ଭଳି । ୧୮୭ ।
ବିହନ୍ଧ୍ୟାରେ ତହିଁ ବପ୍ରମାନଙ୍କର
ନାରେଖି ଅଘମର୍ଷଣ (୯),

---

(୧) ପବନ (କୁଶ + ଆଲେକନ (ଦେଖିବା)
(୨) ବଜ୍ର ଭସ୍ମ ।
(୩) ବୌଦ୍ଧ ସନ୍ନ୍ୟାସୀ
(୪) ଜଳ ଗନ୍ଧଦ୍ରବ୍ୟ ବା କୃଷ୍ଣାଞ୍ଜନ ।
(୫) ପଶାଖେଳ; ଛପଣଙ୍କ କରାହୃତ୍ୟ ।
(୬) ରାଜସୂୟ ଦୀକ୍ଷିତ ନୃପତ ମାନଙ୍କର ଅଷ୍ଟପ୍ରକାର ଅକ୍ଷକ୍ରୀଡ଼ା ବୈଦକ ବଧି ।
(୭) ଯଜ୍ଞରେ ଦୀକ୍ଷିତ ।
(୮) ଶାଳ ବଲ୍ମୀକରେ, ଜୀବ ।
(୯) ପାପନାଶନ ।

Digitized by srujanika@gmail.com

ମଣିଲ କେବଳ ହେଲ ଆପଣାର
ନୟନ-ଅପକର୍ଷଣ । ୧୮୮ ।
ଭୈମୀ, ନଳଙ୍କର ଦୋଷ ଲେଶ ପ୍ରଶ୍ନ
କରିବାକୁ ପାଞ୍ଚି ମନେ,
ଭ୍ରମି ଭ୍ରମି ତହିଁ ନ ଦେଖିଲ କାହିଁ
ନିଜ ପରିଚିତ ଜଣେ । ୧୮୯ ।
ଅକାଣ୍ଡେ ତାପସ ବିଗ୍ରୋଧୀ ସେ କଳି
ଜଳିଗଲ ଈର୍ଷ୍ୟାନଳେ;
ବୈଶ୍ୱ ବେଦପାଠ, ଯଜ୍ଞ ତପସ୍ୟାର
ଶିଖ୍ୟ ଦେଖି ସେହିଠାରେ । ୧୯୦ ।
ଅପେ ଜପଗତ ରମଣୀରେ ରତ
କାମୁକକୁ ଦେଖି ପ୍ରୀତ,
ବାମଦେବ (୧) ବଧି ଉପାସକ ଜାଣି
ପୁଣି ହେଲ ସନ୍ତପତ । ୧୯୧ ।
ବଇର ସମାନ ପତିବ୍ରତା ଙ୍କୁ
ସ୍ଥାନ ନ ଦେଲ ଭୂତଳେ,
ବେଦ-ଧ୍ୱନି ପୁଣି ନ ଦେଲ ଆଶ୍ରୟ
ଅନନ୍ତ ଅମ୍ବର ତଳେ । ୧୯୨ ।
ଦର୍ଶ (୨) ଅଗ୍ନିଷ୍ଟୋମ ଗୃହସ୍ଥଙ୍କ ସଙ୍ଗେ
ଆଣିଦେଲ ମତିଭ୍ରମ,
ପୌର୍ଣ୍ଣମାସୀ ଇଷ୍ଟି (୩) ଭୁଷ୍ଟି ନ ବହିଲ
ସୋମଯାଗ ହେଲ ଯମ । ୧୯୩ ।

---

(୧) ବାମଦେବ ବଧିମତେ (ନ କାଞ୍ଚନଂ ସ୍ୱସ୍ତ୍ରୀମାଗତଂ ପରିହରେତ୍)
(୨) ଅମାବାସ୍ୟା ବିହିତ ଅଗ୍ନିଷ୍ଟୋମ ।
(୩) ଯଜ୍ଞ ।

Digitized by srujanika@gmail.com

ନିରେଖିଲେ ଭଳି   ବୀରଘ୍ନ (୧) ସେ ପୁରେ
ନ ଦେଖିଲ ବୀରହଣ, (୨)
ଅଭିନିର୍ମ୍ମୁକ୍ତ (୩) ସେ   ନ ଦେଖି ଦେଖିଲେ
ତହିଁ ଜୀବନ୍ମୁକ୍ତ (୪) ଜନ । ୧୯୦ ।
ଛୁଆଁ ଛୁଇଁ ହୋଇ   ଭୁଞ୍ଜୁଛନ୍ତି ବିପ୍ରେ
ଦେଖି ଲଭିଲେ ସନ୍ତୋଷ,
ହୋମ-ଅବଶିଷ୍ଟ   ସୋମ (୫) ତାହା ଜାଣି
ହେଲା ତା ଦୁଃଖ ଅଶେଷ । ୧୯୫ ।
ଧୂଳି ଧୂସରେ   ଭେଟିଁ ଜନେ ଦେଖି
ଲଭିଲା ପରମ ପ୍ରୀତ,
ବାୟବ୍ୟ ସ୍ନାନରେ   ନିରତ ସେ ଜାଣି
ଧଇଲା ଅବଳ ମତ । ୧୯୬ ।
ଗାଈ ହଣା ହେବା   ଦେଖି କେଉଁଠାରେ
ଆନନ୍ଦେ ଧାଇଁଲା ଭଳ,
ଅତିଥି ସକାଶେ   ହେଉଛୁ ତା’ ଜାଣି
ବିଷାଦେ ଅଇଲା ଫେରି । ୧୯୭ ।
ନିତ୍ୟ ନୈମିତ୍ତିକ   କର୍ମ୍ମତ୍ୟାଗୀ ଦ୍ୱିଜେ
ଦେଖି ଧାଇଁ ହର୍ଷଭରେ,
ଯଜମାନ (୬) ତାକୁ   ଜାଣି ଅସ୍ତବ୍ୟସ୍ତ
ପଳାଇ ପଶିଲା ଦୂରେ ।୧୯୮ ।

(୧) ଯୁଦ୍ଧରେ ବୀରଘାତୀ ।
(୨) କ୍ଷାତ୍ରହନ୍ତା ବା ଅଗ୍ନିତ୍ୟାଗୀ ।
(୩) ସନ୍ଧ୍ୟାକାଳରେ ସୁପ୍ତ, ପାପ ପୁରୁଷ ।
(୪) ଆତ୍ମାରାମ ପୁରୁଷ ବା ପୁଣ୍ୟପୁରୁଷ ।
(୫) ସୋମରସ ।
(୬) ଯଜମାନର ନିତ୍ୟକର୍ମ୍ମ ନିଷେଧ ।

Digitized by srujanika@gmail.com

ଅସ୍ଵଧାତା ଜନେ ନରେଶ ଲଭିଲା
ଅନ୍ତରେ ପରମ ପ୍ରୀତ,
ସଂସ୍କାର (୧) ଯଜ୍ଞ ଅନୁଷ୍ଠାନ କରେ
ଜାଣି ହେଲା ସ୍ଵର୍ଣ୍ଣ ଅତ । ୧୯୯ ।
ମହାବ୍ରତ ଯଜ୍ଞେ ବ୍ରହ୍ମଚର୍ଯ୍ୟ ସଙ୍ଗେ
କୁଳଟାର ଦେଖି ରତ,
ଯଜ୍ଞ କର୍ମକାଣ୍ଡ ଖଣ୍ଡଙ୍କ ତାଣ୍ଡବ
ମନେକଲା ମୂଢମତ । ୨୦୦ ।
ଯଜମାନ ପତ୍ନୀ ବସଗେ ନରେଶ
ଯଜ୍ଞ-ଅଶ୍ଵ-ଲିଙ୍ଗ ସଙ୍ଗ,
ଅପଣ୍ଡିତ କଲି ମଣିଲା ଶ୍ରୁତିକ
ଷଣ୍ଡଙ୍କ ତାଣ୍ଡବ ରଙ୍ଗ । ୨୦୧ ।
ଗ୍ରାମଜା ସେବତ ଦୁର୍ବର୍ଣ୍ଣ ନଳଙ୍କୁ
ଦୋଷଦୁଷ୍ଟ ନେତେ କଳି,
ନିସ୍ପଣ କଳ ଚଣ୍ଡାଂଶୁ ମଣ୍ଡିତ
ମାର୍ତ୍ତଣ୍ଡ-ମଣ୍ଡଳ ଭଳି । ୨୦୨ ।
ଦେବଙ୍କର ପ୍ରେମ ଅମର୍ଷ କଳିକୁ
ବାଧାଦେଲା ଶେଲଭଳି,
ଦେବଙ୍କର ହାସ ପରିହାସ ଦେଲା
ହୃଦୟକୁ ତାର ଦଳି । ୨୦୩ ।
ନଳ ଦମୟନ୍ତୀ- ପୁଣ୍ୟପୁଞ୍ଜ ଘେର
ଆଣି ଦେଲା ରାଜ-ପୁରେ,
ନେତେ ଛୁଇଁ ତାକୁ ଅସମର୍ଥ ହୋଇ
ପଳେଇଗଲା ପାପ ଦୂରେ । ୨୦୪ ।

(୧) ଏ ଯଜ୍ଞରେ ମନ୍ତ୍ରପୂତ ଘୋର ଅଗ୍ନିରେ ଦଅନ୍ତି ।

Digitized by srujanika@gmail.com

ନଳଦ୍ୱେଷୀ କଳି ସହାୟ ଅନ୍ୱେଷି
ଦୁଃଖେ ତେଜି ଦୀର୍ଘଶ୍ୱାସ,
ସ୍ୱମଂସମ ଶିଶୁ ନଳଙ୍କ ସୁନ୍ଦର
ଉଦ୍ୟାନେ କଲା ପ୍ରବେଶ ।୨୦୫।

ଲକ୍ଷ ଲକ୍ଷ ତହିଁ ଜଗନ୍ତି ପ୍ରହରୀ
ନାହିଁ ତପୋଧନୁ ଭୟ,
ମାମା କଳି ତେଣୁ ଉଦ୍ଦେଶ୍ୟ ସାଧନେ
ମଣିଲା ତାକୁ ସହାୟ ।୨୦୬।

ପୂଜିବେ, ବ୍ରାହ୍ମଣ ଫୁଲେ, ଫଳେ, ପତ୍ରେ
ଭଜି ନିଷଧ ଈଶ୍ୱର,
ରୋପିଥିଲେ ବୃକ୍ଷ ଅର୍ପିବା ପାଇଁ
କଳି ହୋଇଲା ତାହାର ।୨୦୭।

ଅପର ନୋହିବ ଯେଉଁ ବୃକ୍ଷ ହୋଇ
ରୋପିଥିଲେ ସ୍ୱୟେ ନଳ,
ଦେଖିଲା ଧରମେ ନୁହେ ଉପଯୁକ୍ତ
ବାହାଡ଼ା ପାଦପ କଳି ।୨୦୮।

ନୈଷଧ-ସୌଧ ନିକଟେ ଉଦ୍ୟାନ
ଧ୍ୱଜ ପର ଶୋଭମାନ,
ଦେଖି ସେ ଦ୍ରୁମକୁ ବର୍ତ୍ତମାନ କଳି
ମଣି ନିଜ ଅଲମ୍ବନ ।୨୦୯।

ନିରାଶ୍ରୟ କଳି ଆଶ୍ରାଦାନେ ଦକ୍ଷ
ସେହୁ ବିଭୀତକ ଦ୍ରୁମ,
ନୋହିଲା କେବଳ କଳିଦ୍ରୁମ ହେଲା
କଳି ବାଞ୍ଛା କଳ୍ପଦ୍ରୁମ ।୨୧୦।

ଧର୍ମ୍ମ ଉଦ୍ଧରିବାକୁ ଏକପାଦ ସ୍ଥାନ
ଦେଇଥିଲା ଯେଉଁ କଳି,

Digitized by srujanika@gmail.com

ମନେହୁଏ ଚତୁର ମିଳନ ତାହାକୁ
ସେହି ଏକପଦ ସ୍ଥଳୀ । ୨୧୧ ।
ବୃକ୍ଷେ ଥାଇ କଳି ଜନ୍ମୁକ ଉପ୍ପରେ
ଇତର ପକ୍ଷୀଙ୍କ ପରି,
ଅଗ୍ନିପ୍ରଭ ନଳ- ରାଜାଙ୍କୁ ନିରେଖି
ଭୟେ ଉଠୁଥିଲା ଥରି । ୨୧୨ ।
ନଳ ଛିଦ୍ର ଖୋଜି ନିରନ୍ତର କଳି
ବିଭୀତକ ବୃକ୍ଷେ ଥାଇ,
ଦମୟନ୍ତୀ କାମୀ ରାଜର୍ଷି ନଳଙ୍କୁ
ନ ପାରିଲା ବାଧାଦେଇ । ୨୧୩ ।
ଥାଇ ସେ ବୃକ୍ଷରେ ଦୁଷ୍ଟ ମତ କଳି
ନଳ ଦମୟନ୍ତୀଙ୍କର,
ଛିଦ୍ର ଅନ୍ୱେଷଣେ ତତପରହୋଇ
କାଟିଲା ବହୁ ବତ୍ସର । ୨୧୪ ।
ଯେପରି ସେ ବନେ ଥାଆନ୍ତି ଲୁବ୍ଧକ।
ବନ୍ଦ୍ର କୋରକ ଧରି,
ସେହିପରି କଳି ଥିଲା ଜାଗର
କପଟି ଛଳିବ ବୋଲି । ୨୧୫ ।
ନଳ-ଦୋଷ ଖୋଜି ଖୋଜି ସେ ଦ୍ୱାପର
ବୁଲୁଥିଲା ଏଣେ ତେଣେ,
ଭାବୁଥିଲୁ ଲୋକ- ମୂଖେ ତା'ର ଦୋଷ
ଦୁର୍ଲ୍ଲଭ ଭବ ଭବନେ ? । ୨୧୬ ।
ସତତ ଦୋହଦେ ଧୂଷ୍ଟିତ ସେ ବନ
ସଜୁଥିଲା ଚନ୍ଦ୍ରପରି,
ଭାଦମ୍ବ-ବିହଙ୍ଗ ଛଦ ରୁଚି କଳି
ହେଲା ତା' ଭଲଙ୍କ ଭଳି । ୨୧୭ ।

Digitized by srujanika@gmail.com

ଧ୍ୱଜା ପୁଣ୍ୟ ପୁଞ୍ଜେ ନାଚାନ୍ତ ହିଲ୍ଲୋଳ
ନଳଙ୍କ ନଗରେ ଭଳି,
ବନ୍ଧୁ ବାଧାପାଇ ଫାଟିଥିଲା ଛାଳ
ଯେହ୍ନେ ନମ୍ରଭାବ ଧରେ । ୨୧୮ ।
ଢେଢେଢେବେଳେ ସ୍ୱର ଶ୍ରୁତିମୂଳ ଯାଏ
ଧନୁ କଲା ଅକର୍ଷଣ,
ନଳ ଦମୟନ୍ତୀ ଆଗମନ ପାଇଁ
କଲାଇ ଆପଣା ମନ । ୨୧୯ ।
ଭବରାଜ ରାଜ- ମୁକୁଟ ଭୂଷଣ
ଶ୍ରୀହୀର ଯାହାର ପିତା,
ଗୃହେ ସୁଗୃହିଣୀ ଆଦର୍ଶ ମହିଳା
ମାମଲ୍ଲ ଦେବୀ ଯା' ମାତା ।
ଶ୍ରୀହର୍ଷ ରଚିତ ନଳ ଚରିତର
ରମ୍ୟ ସପ୍ତଦଶ ଛନ୍ଦ,
ନିଖିଳ ବେଦାନ୍ତ- ସାଗର ସମ୍ଭୂତ
ବିଦୁଷ-ହୃଦୟ ଗୃନ୍ଦ । ୨୨୦ ।

Digitized by srujanika@gmail.com

ଅଷ୍ଟାଦଶ ସର୍ଗ

ଦାରଗଣେ ସାର ଭୀମ-ନନ୍ଦନାକୁ
ଲଭି ନୃପତି ଜଗତରେ,
ଶୃଙ୍ଗାର-ସାଗର ତରିବାକୁ ତଥି
ମଣି ରମିଲେ ନୀରବତେ । ୧ ।

ଆତ୍ମଜ୍ଞାନୀ ନଳ ପାତକୀ ନୋହିଲେ
ରମିଲେହେଁ ଅହର୍ନିଶ,
ଜ୍ଞାନବାରି-ଧୌତ ହୃଦୟ ଯାହାର
ବିଷୟ ତାହାର ଦାସ । ୨ ।

ପ୍ରିୟାସଖ ନଳ ରାଜ୍ୟଭାର ଦେଇ
ମନ୍ତ୍ରୀମାନଙ୍କର କରେ,
କାମ ଆରାଧନା କଲେ ମଣିମୟ
ସୁବର୍ଣ୍ଣ-ଧୌତ-ଭୂଧରେ । ୩ ।

ଦିବ୍ୟ ମଣିମାଳ ସଂକଳ୍ପ ପୂରଣ
କରୁଥିଲା ନଳଙ୍କର,
ତେଣୁ ସେ ସଉଧ ପାଶେ ତୃଣସମ
ଥିଲା ମେରୁ ମହୀଧର । ୪ ।

Digitized by srujanika@gmail.com

ଗବାକ୍ଷ କବାଟ ଚନ୍ଦନ କର୍ପୂର
ଧୂଳିଧୋକ ସମୀରଣ,
ଅଗୁରୁ ଧୂପରେ ଧୂପିତ ସେ ପୁରେ
କରୁଥିଲା ବିଚରଣ । ୫ ।
କାହିଁ କଉଳ ଧାଡ଼ ସୁରଭି ତଇଳ
କର୍ପୂର ବଳିତା ଧରି,
ଅନ୍ଧାର ହରାଣି କାମଭୃଙ୍ଗ-ତେଜ
ଅଙ୍କୁର-ସୁଷମା ଧରି । ୬ ।
କୁଙ୍କୁମ କସ୍ତୂରୀ- ପଙ୍କେ ଲିପ୍ତ ମଣି-
କୁଟ୍ଟିମ କର୍ପୂର ଜଳେ,
ସିଞ୍ଚୁଥିଲା, ପୁର- ପଥ ସାଜୁଥିଲା
ଶ୍ରେଣୀଲେଖ୍ୟ ସୁମନ-ମାଳେ । ୭ ।
ନଳ-ଅଙ୍ଗ-ପରି- ମର୍ଦ୍ଦନେ ମେଦୁର (୧)
ଆମୋଦ ମାର୍ଦ୍ଦବେ ଭରି,
ଗର୍ଜୁଥିଲା ପୁଷ୍ପ- ଶଯ୍ୟା ସେ ଭୂମିର
ଲଲାଟିକା (୨) ଲକ୍ଷ୍ମୀ ପରି । ୮ ।
ପାର୍ଶ୍ୱେ ଉପବନେ ସୁରଭି ସୁନ୍ଦର
କୁସୁମ କୋରକାବଳି,
ପରିମଳ ମୁଖ୍ୟ ହରଜୁଥିଲା କି
ଭୈମୀ-ନାସାପୁଟ ଭଳି ? । ୯ ।
ଉପବନେ ଆମ୍ର- ମଞ୍ଜୁଳ ସଙ୍ଗରେ
କାଟୁଥିଲେ ଶୁକଗଣ,

(୧) ଘନ, ଚକ୍କଣ, କୋମଳ ।

(୨) ଚନ୍ଦନପାଟୀ ।

ତା’ ସୁବାସ ଭେଟି- ଦେଇ ତୋଷୁଥିଲା
ଜନ-ପ୍ରାଣ ସମୀରଣ । ୧୦ ।
କନକ ମଣ୍ଡିତ କାହିଁ ସେ ସଉଧ
କେବଳ ରତନେ ଝୁଲେ,
କାହିଁ ଚନ୍ଦଶାଳା ବଳସେ ଉହିଁରେ
ଚାହିଁ ଭୋଜବଦ୍ୟା ଖେଳେ । ୧୧ ।
ଜୀବନ୍ତ ପ୍ରତିମା- ପରି ସୌଧ ଦେହେ
ଗଠନ ଚନ୍ଦ୍ରମୂର୍ତ୍ତିମାନ,
ରୂପଶିଳ୍ପୀ ବହୁ ବସ୍ମିତ ହୁଅଇ
ଲଭିଯା’ର ଦରଶନ । ୧୨ ।
ଭିତ୍ତିଗର୍ଭେ ଥାଇ ଅଦଭୁତେ କାହିଁ
ଜଳଯନ୍ତ୍ର ଜଟନେ ଉଠେ,
ସୃଜ ଯନ୍ତ୍ରେ କେବା କୁଣ୍ଡାଇ ନଗ୍ରଇ
ଚନ୍ଦ୍ର ଗୋପଲାଳା ରଟେ । ୧୩ ।
ଭିତ୍ତିଗତ ରନ୍ଧ୍ର- କରଣ ,ତାମସୀ
ନଶା ଚନ୍ଦ୍ରକାନ୍ତ ବଳେ,
ଗ୍ରୀଷ୍ମକାଳେ ଜନ୍ମ ଚନ୍ଦ୍ରଁ ଝର ଜଳ
ସହଜେ ସନ୍ତାପ ହରେ । ୧୪ ।
ଚାହିଁ କାମ-ଶାସ୍ତ୍ର- କାରିକା ସାରିକା
ସୁଖେ ନାଗଦନ୍ତେ ଥାଇ,
ନଳ ଦମୟନ୍ତୀ ରତକାଳ ବଧି
ଅବଧି ସବୁ ଦେଖଇ । ୧୫ ।
ରତି ଶେଷେ ସ୍ବର୍ଗେ- ସ୍ମର ଦେଖୁଥାନ୍ତି
ନଳ ଦମୟନ୍ତୀ ବେନ୍ନି
ଚଟକ ଦମ୍ପତି କ୍ରୀଡାରସେ ମାତି
ଥିଲାବେଳେ ପ୍ରୀତି ଘେନ । ୧୫ ।

Digitized by srujanika@gmail.com

ସରସିଭୂଷଣ ସାରସ-ମିଥୁନ
କେଳି କଲାଟବଳେ ଜଟଳ,
ତାଙ୍କ ରାସକ୍ରୀଡ଼ା ସେ ନବ ଦମ୍ପତି
ଦେଖୁଥିଲେ କୁତୂହଳେ । ୧୬ ।
ବେଣୁ ବୀଣା ତାନେ ସଉଧ ସଦନେ,
ସନ୍ନିହିତ ଉପବନେ,
ଭ୍ରମର ଝଙ୍କାରେ ପତ୍ର ମରମରେ
କୋକିଳ ପଞ୍ଚମ ତାନେ;
ଲାସ୍ୟ ଲୀଳାରତ ନର୍ତ୍ତକୀଗଣର
ମଣି ଭୂଷଣେ-କୂଜନେ,
ନବଦମ୍ପତିର ସୁରତ-କୂଜିତ
ଲୁଚିରହିଲା ଗୋପନେ । ୧୭ ।
କୃଷ୍ଣହାର ଶୃଙ୍ଗ- ଭଙ୍ଗୁର ମଧୁର
ରତି-ରଙ୍ଗ-କୁଣ୍ଠାପର,
କଳାପୀ-ସଙ୍ଗୀତ- ଝଙ୍କାରେ ସଉଧ
ଅବିରତ ଥିଲା ପୂର । ୧୮ ।
ଇତିହାସ କଥା ଗାଜେ ସେ ସଉଧ
ଭାନୁ ଦେବଙ୍କ ଶାସନକାଳେ;
ସୁଭାଟରେ ପୀରତ ବ୍ରହ୍ମାଙ୍କର ଦେଖି
ହଂସ କାମ କୁତୂହଳେ । ୧୯ ।
ଉନ୍ମୀଳିତ କାନ୍ତି ହର୍ଷ୍ୟଦେବଙ୍କ କାମ
ବିଜୟ ଉଣ୍ଡ୍ରିମ ପର,
ଦେବରାଜଙ୍କର ପର ଦାର ଗତ
ଲକ୍ଷ୍ୟ ଗଉତମ ନାରୀ । ୨୦ ।
ବୈଜୟନ୍ତୀ ଜୟେ ଅର୍ଜିତ ଶାରଦ
ପୂର୍ଣ୍ଣିମା ରଜନୀ ସର,

Digitized by srujanika@gmail.com

ସୌଧର ସେ କାନ୍ତି ଛଳେ ଉଡ଼ୁଥିଲେ
ତାଗ୍ ପୁଞ୍ଜ ନଭେ ପୂର । ୨୧ ।
ଶିଷ୍ୟ ଚନ୍ଦ୍ରଙ୍କର ଗୁରୁତଲ୍ପ ଗତ
ତୁଚ୍ଛ କନ୍ଦର୍ପ ବେଶର,
ଭରତ-ପ୍ରଣୀତ ନାଟିକାଭିନୟ
ବଳୁଥିଲା ପୁରଦ୍ୱାର । ୨୨ ।
ଦେବଦାରୁବନେ ଶିବଙ୍କ ବହାର
ବୃନ୍ଦାବନେ ରାସକେଳି,
ଅଙ୍କିତ ସେ ସୌଧେ ସୁବର୍ଣ୍ଣ ବଟକେ (୧)
ଶୃଙ୍ଗାରବୀର୍ଯ୍ୟ-କାବ୍ୟାବଳୀ । ୨୩ ।
ତନେ (୨) ପରାଶର ଦାସ କନ୍ୟା ସଙ୍ଗେ
ରମନ୍ତେ ଯମୁନା ଜଳେ,
ଚିତ୍ର ଶୁକ (୩) ତାଙ୍କୁ ପିତାମହ ଲେଖି
କାହିଁ ପରିହାସ କରେ । ୨୪ ।
ପ୍ରାଣ ପଣେ ତପଃ- ସାଗର ସନ୍ତରି
ଲଭିଲେ ବେଳକୁ ଫଳ,
ଅପସରା କୁଚ- କୁମ୍ଭ ଆଶ୍ରିତ
ଚିତ୍ର କାହିଁ ମୁନିଦଳ । ୨୫ ।
ରତିମଦନଙ୍କୁ ଜିଣିବା ପାଇଁକି
ନଳ ବଳାଇଲେ ମତ,
ତାଙ୍କ ପରାଭବେ ଥିଲେ ସେ ଦମ୍ପତି
ନୂଆ ରତି-ରତିପତି । ୨୬ ।

---

(୧) ପାଗ୍ ଖୋପ ।
(୨) ଉତ୍ସବରେ ।
(୩) ପରାଶର ଶୁକଙ୍କର ପିତାମହ ।

Digitized by srujanika@gmail.com

ମେରୁସର ସୌଧେ   ନଳ ଦମୟନ୍ତୀ
କଲେ ଯେଉଁ କାମ କେଳି,
ଶିଖି ନ ଥିବେ ତା'   କୋକ ଶାସ୍ତ୍ରକାର
କ ଅବା ପାଶୁଁଳା ନାରୀ । ୨୭ ।
ନଳଙ୍କୁ ସବଳ,   ସମର୍ଥ, ସୁବଳ
ପ୍ରଭୁ ଜାଣି ରାଜବାଳା,
ନିଜକୁ ଅବଳା,   ଶିଶୁ, ଦାସୀ ମଣି
ଦମୟନ୍ତୀ ଉସ୍ତୁକଲେ । ୨୯ ।
ଦେବଦୂତ ନଳ-   ସଙ୍ଗେ ସମ୍ଭାଷଣ
ଚପଳତା ମନେକରି,
କ କରିବେ ସ୍ଥିର-   ତର ନ ପାରିଲେ
ଲଜେ ବୁଡ଼ି ସୁକୁମାରୀ । ୨୯ ।
ମାଳ ଦେଇ ଗଲେ   ଲଜ ଟେକି ଯାହା
ବରିଥିଲେ ସ୍ୱୟମ୍ବରେ,
ପଞ୍ଚେନ୍ଦ୍ର ତା ମନେ   ଚପଳତା ସ୍ମରି
ଚୁମ୍ବି ନ ପାରିଲେ ନଳେ । ୩୦ ।
ମଣିପୀଠେ ବସି   ମଦ୍ୟପାତ୍ର ନଳ
ଯେ ଦରକୁ ଥିଲେ ଚୁମ୍ବି,
ସପତ୍ନୀ ସୁଲଭ   ଈର୍ଷ୍ୟାବଶେ ତାକୁ
ମାନିନୀ ଚୁମ୍ବିଲେ ନାହିଁ । ୩୧ ।
ଲଜ-ସରୋବରେ   ବୁଡ଼ିଲ ପରାୟେ
ମୁଖ ଅବନତ କରି,
ଚନ୍ଦ୍ରପର ଦ୍ୱାରେ   ରହିଲେ ସୁନ୍ଦରୀ
ଡାକ ନ ଶୁଣିଲ ପରି । ୩୨ ।
ଭୟେ ପଞ୍ଚପୁରେ   ନ ପଶିଲେ ଭୈମୀ
ପୁଚାଇଲେ ହେଲେ ସଖୀ,

Digitized by srujanika@gmail.com

ନ ଭଜିଲେ ଶେଯ ନ କଲେ ଶୟନ
ବଳେ ବଳେ ନଆହୋଇ ।
ଶୁଆଇଲେ ହେଲେ ସମୀପେ ଆଦରେ
ମୁଗ୍ଧ-ବଧୂଭାବ ଧରି,
ସୂଚି ଅନାଦର ବିମୁଖ ହୋଇଲେ
ଅଙ୍ଗେ ଅଙ୍ଗେ ସୁକୁମାରୀ । ୩୩ ।
ଧରିବା ପାଇଁକ ମନେ ମନେ ଭୈମୀ
ବିଚାରନ୍ତି ଯାହା ଯାହା,
ସେଥିଲାଗି ସ୍ୱାମୀ ଅନୁରୋଧ କଲେ
ନ କରନ୍ତି ଲାଜେ ତାହା । ୩୪ ।
ସମ୍ମୁଖ ହୁଅନ୍ତେ ଲାଜେ ଦମୟନ୍ତୀ
ବିରାଗ ଶଙ୍କି ରାଜନ,
ଦୂତୀପଣେ ଗଳ- ବେଳ କଥା ଭାବି
ସନ୍ଦେହ କଲେ ମୋଚନ । ୩୫ ।
ଆଳୀଗଣ ସଙ୍ଗେ ପାଟକୁ ଅଣାଇଁ
ଏକମାତ୍ର ସଖୀ ରଖି
କାର୍ଯ୍ୟଛଳେ ଦୂରେ ପେଷି ସେ ସଖିକ
ବାଳାକୁ କଲେ ଏକାକୀ । ୩୬ ।
ସଖିଏ ଚଳନ୍ତେ ନରପତି ନଳ
କାମଶାସ୍ତ୍ର ଧୂରନ୍ଧର,
ଦୂରେ ଥିଲା ପର ମଣି ଭ୍ରମଜାକୁ
ପାଶେ ଆଣି କଲେ କୋଳ । ୩୭ ।
ଲଲାଟେ ଚୁମ୍ବିଲେ ଆଗେ ଟେକି ମୁଖ
କପାଳେ ଦେଲେ ଚୁମ୍ବନ,
ତହୁଁ ମୁଖ ଚୁମ୍ବି ବିସ୍ମିତ ପ୍ରିୟାର
ହସି ଉଠିଲେ ରାଜନ । ୩୮ ।

Digitized by srujanika@gmail.com

ଶିଶୁ ସୁର ହ୍ରଦେ ଖେଳନ୍ତି ଦେଖନ୍ତୁ ,
ହଂକାରେ ବାରନ୍ତ କ୍ରୀଡ଼ା,
ଶିଶୁତ ସେ ତେଣୁ ଡ଼ରି ପଳାଇଲା
ଦୂରକୁ ବରଜ କ୍ରୀଡ଼ା । ୩୯ ।
ଭୁଜ ଯୁଗେ କାନ୍ତ ଆଲିଙ୍ଗନ ଇଚ୍ଛୁଁ
ବାରି ତାଙ୍କ କର କରେ,
ଶୋଇଲେ ଧ୍ୱମଜା ଶେଯେ ସ୍ବରଗ୍ରହ
ସୁଯୋଗ ନ ଦେଲା ନଲେ । ୪୦ ।
ମନୋହର ହାର- ଶୋଭି ଦରଶନ
ଇଇତବେ ନୃଷବର,
କୁଚଚୁମ୍ବୀ କରେ ଛୁଇଁଲେ ପ୍ରିୟାର
ମନୋହର କର୍ଣ୍ଣମୂଳ । ୪୧ ।
ସ୍ୱପ୍ନରେ ଯେଣୁ କରିଛୁ ଅର୍ଚ୍ଚନା
ଫୁଲମାଳ ଦେଇ ଗଳେ;
ତେଣୁ ମୋର ପୂଜା କରିବା ଉଚିତ
ଭଷି ଏହା କୌତୁହଳେ;
ନୀଳହାର-ଯଷ୍ଟି ଲମ୍ବାଇଲେ ନେଇ
ଧ୍ୱମଜା ସୁନ୍ଦର ଗଳେ,
ପ୍ରାଣ ପ୍ରେୟସୀର ଉରଜ ଚୋରକ
ଯୁଗଳ ଛୁଇଁବା ଛଳେ । ୪୨ ।
ନଦ୍ରିତ ପ୍ରିୟାର ନୀବଦେଶେ କର
ଅରପନ୍ତେ କାମ ଘେଳେ,
ଚେଇଁଲେ ସୁଦତୀ ଫିଙ୍ଗିଲେ କମ୍ପ-
କର ନଳ ବଳେ ବଳେ । ୪୩ ।
ବସନେ ପିହିତ ଗୁରୁ ଉରୁଯୁଗ
ଚୁହିଁ ହର୍ଷିବାରୁ ନଳ,

Digitized by srujanika@gmail.com

ଅବସର ଉଚ୍ଚ ଭ୍ରମ ସଯାଣୀଳା
ଅବଶର ବସ୍ତ୍ରାଞ୍ଚଳ । ୪୦ ।
ବୁଦ୍ଧିମନ୍ତ ନଳ ପ୍ରିୟା ମନୁଁ ଭୟ
କ୍ରମେ କ୍ରମେ କଲେ ଦୂର,
ଶ୍ରମଜା ମାନସେ ନଳ (୧) ସଙ୍ଗ ଧନୁ
ନୁଆଁଇଲ ଫୁଲଶରେ । ୪୧ ।
ସ୍ମିତବନା ହାସ ପ୍ରକାଶ ନ କଲା
ପରିହାସେ ପ୍ରୀତ ବାଳା,
କ୍ଷପାଣୀଳା ଭଟେ ଦେଖାଏ କି ଭେଦେ
ଦନ୍ତ-କୁନ୍ଦବନମାଳା ? । ୪୨ ।
ଶ୍ରମ କନ୍ୟା-ସ୍ତନ ଯୁଗଳ ନିରେଖି
ହାରମଣି ମୁଦ୍ରାଙ୍କିତ,
ଗାଢ଼ ଆଲିଙ୍ଗନ ସହାସ୍ତ ସୁମୁଖୀ
କଲା ନେଳ ଆଳ-ଚାଷ୍ଠ । ୪୩ ।
ପରିଧାପିକାକୁ (୨) ଯାଚନ୍ତେ ସୁମୁଖୀ
ଗାଢ଼େ ଭଉଁବାକୁ ମନ,
ପତି ପାଣି-ଚପଳତା ହେତୁ ତା'ର
ହଜମାଏଁ କେଲେ ଖବ । ୪୪ ।
ନଳବଦଶେ କେତେ ଘଟଣା ସଙ୍କୋଚ
ସ୍ନେହେ କେତେକ ବଖାଣି,
କୋରକ ସ୍ତମନେ ଶୋଭ ପଦ୍ମମୀକ
ଜଣିଥିଲେ ସେ ପଦ୍ମମା । ୪୫ ।
ଦେଖାଇ ନ ଦେଲ ନଳ, ନ ଦେଖାଇ
ରଖାଇ ନ ଦେଲ ସ୍ୱର;

(୧) ନଳ ଆଉ ଫୁଲଶର ଉଭୟେ ମନୋଜ ।
(୨) ଲୁଗା ପିନ୍ଧାଇବା ପରିଚାରିକା

Digitized by srujanika@gmail.com

ପତିଳକେ ଧାଇଁ ପଥେ ସଙ୍କୁଚିତ
ହେଲା ଅକ୍ଷି ମୃଗାକ୍ଷୀର । ୫୦ ।
ପ୍ରବେଶ ବିଷୟ ନଥିଲେ ସେ ନାଳ
ନ ଧାଇଁଲେ ଭୈମୀ ଦୃଷ୍ଟି ;
ବାରମ୍ବାର ତାଙ୍କୁ ଦୃହୁଁଥିଲେ ଧନୀ
ଏଣେ ତେଣେ ଦୃଷ୍ଟି ନନ୍ଦ । ୫୧ ।
ଅଧ ନିଶା, ହେଉ ପତି ସଙ୍ଗେ ମେଳ
ହରଷେ ଭରଇ ବାଳା,
ନିଶାରେ ଦିବସ ଉଦୟ କେଉଡ଼ଇ
କ୍ରୀଡ଼ାରସେ ବ୍ରୀଡ଼ାଶୀଳା । ୫୨ ।
"ସଖୀପରି ତୋର ଅଟେ ମୁଁ କିଙ୍କର
ଏକଥା ମନରେ ହେଜ,
କରିବ ଯା' ଯାହା କରିବୁ ସ୍ୱୀକାର
ପ୍ରିୟେ ! ଲଜ୍ଜା ଭୟ ତେଜ" । ୫୩ ।
ପ୍ରିୟ ମୁଖ ଚୁମ୍ବି ପ୍ରିୟ କଥା ମାନ
ହେଲା ସିଦ୍ଧ ମନ୍ତ୍ରଭଳି,
ଲଜ୍ଜା ମହୌଷଧି- ଛୁଙ୍କି କାମାନଳ
ହୃଦେ ଉଠିଲା ଜଳି । ୫୪ ।
ପ୍ରିୟକର ବାରି କରଯୁଗେ କୁଚ
ଯୁଗ ଆଚ୍ଛାଦିଲେ ଧନୀ,
ହୃଦ୍‌ଗତ ନଳଙ୍କୁ ଆଲିଙ୍ଗିଲେ ଅବା
ଦେଖା ନଲେ ଲାଜ ଦେନ ? । ୫୫ ।
"ଥରେ ମାତ୍ର ଦେବେ ଅଧର-ଚୁମ୍ବନ,
ଆଉ କିଛି ମାଗୁ ନାହିଁ"
ଶୁଣି ତାକୁ, ନଳେ ପିଇଲେ ପ୍ରିୟାର
ଅଧର ନିଷ୍ୟ-ସାଇଁ ।

Digitized by srujanika@gmail.com

"ଏ ଦାସ ପିଇଛୁ ଅଧର ଅମୃତ
   କିନ୍ତୁ ପାଦ ସେବା ଏତେବ"
ବୋଲି ଦମୟନ୍ତୀ– ଚରଣ ଧଇଲେ
   ନୃପତି କର ପଲ୍ଲବେ । ୫୬ ।
"ଚମ୍ପୂନାଦ ଫଳେ କ ହେଲା ତୋହର
   ଏଥୁ ପର ସବୁ ଜାଣ"
ଏହା କହି ନଳ ଭଲେ ଖ୍ରମଜାଖ
   ପହିଲେ କାଞ୍ଚିମୋଚନ । ୫୭ ।
ନାଥଧ ସଙ୍ଗରେ ଉଲ୍କଣ୍ଠା ଯହିଁରେ
   ସ୍ୱେଦ ସଙ୍ଗେ କମ୍ପଯହିଁ,
ଭୟ ସଙ୍ଗେ ବାଞ୍ଛା ପୀଡ଼ା ସଙ୍ଗେ ସୁଖ
   ଗୃହିଁଲେ ରତେ ସୁମୁହିଁ । ୫୮ ।
"ନବ ସମାଗମେ ଏ ଲଜ ଦେଖର
   ଉଚିତ ତୁମ୍ଭର ପ୍ରିୟେ ।
ଅଜସ୍ର ସଙ୍ଗମେ ଅପତ୍ରପ ମୋତେ
   ଲଜ ଅଜ ବାଧା ଦଏ " । ୫୯ ।
ରତ ହିନ୍ଧ୍ୱା ବଧ୍ଣ ଲଜ୍ଜା ନୋପନନ୍ତି
   ପ୍ରକାଶି ଏପର ଛଳ,
ଦମୟନ୍ତୀ ମନୁ ଲଜ ଉଡ଼ଦେଲେ
   ସମ୍ଭୋଗ କୁଶଳ ନଳ । ୬୦ ।
କ୍ଷିତଶଚୀ ଶେଯ ତେଜଗଲା ବେଳେ
   ନବୋଢ଼ୀ ମଣ୍ଡୀ ବାସବ,
ଚମ୍ପୂନାଦ ଲଞ୍ଚ ପାଇ ଛାଡ଼ଦେଲେ
   ଦଦସେ ଯା ଅସମ୍ଭବ । ୬୧ ।
ଯେବେଁ ପ୍ରାତେ ଅସି ସଜନୀ ମାନଙ୍କ
   ହସ ହସ ମୁଖ ଦେଖି,

Digitized by srujanika@gmail.com

ନବ କାମ କେଳ ଅପଣାର ସ୍ବର
ଲଜେ ଭୁଲିଲେ ସୁମୁଖୀ । ୭୨ ।
ଏକାନ୍ତେ ଶୟନେ ସଖୀଗଣେ ଭୈମୀ
ରଜନୀରେ ଯାହାଙ୍କଲେ,
ଦେବ ବରର ସନ୍ନ ଶୁଣି, ଲଚ ପାଶେ
ହସି ନଳ ଦେଖା ଦେଲେ । ୭୩ ।
ଚକୋର ବରହେ ଭୈମୀଙ୍କର ହେଲା
ନଳ ହସର କାରଣ,
ଅନାଗତ ଚନ୍ଦ୍ର- ବକାର ଅଣଇଁ
ବାହ୍ୟ ବସ୍ତୁ ସନ୍ଦର୍ଶନ । ୭୦ ।
ଚୁମ୍ବିତ ବଦନ ନ ଫେରାଇ ଭୈମୀ
ରଖିବାନ୍ତୁ ସ୍ଥିର ଭାବେ,
ସୁଧାବୃଷ୍ଟି ତାକୁ ମଣିଲେ ହୃଦୟେ
ନରପତି ନଳ ଏବେ,
ନ୍ୟସ୍ତ ନଳ କର ଆଡେଇ ନ ଦେଇ
ନଜ ଗାତ୍ରୁଁ ଦମୟନ୍ତୀ,
ଜାଣି ଶୁଣି ନଜେ ନା ଅଣିଲେ ନ କ
ନଳଙ୍କ ପରମ ପ୍ରୀତି । ୭୫ ।
କୁଚ-ପିଧାନକ ପ୍ରିୟାଙ୍କର ଯୁଗ
ବାଡବାହୁ ସ୍ତନାଂଶୁକେ,
ପଛେ ଅବସନ କୁଚେ ନଳକର
ବଳସିଲ ଯାଇ ସୁଖେ । ୭୬ ।
ନଖକ୍ଷତେ ଶଙ୍କ ନୁହନ୍ତେ ସୁମୁଖୀ
ଛଳେ ଧରି ବେନକର,
ପ୍ରିୟାନଖେ ନଜ ହୃଦୟ ବଦାର
ଆନନ୍ଦତ ହେଲେ ନଳ । ୭୭ ।

Digitized by srujanika@gmail.com

ପ୍ରିୟା ଉରବାସ ହରିଲେ ହେଁ ନଳ
କରି ନାନାରୂପ ଛଳ;
ଅନ୍ତରରୁ ତାର ନିଜ ଆବରଣ
କରି ନ ପାରିଲେ ଦୂର । ୬୮ ।
ଲଜ୍ଜା,ଧୈର୍ଯ୍ୟ ନେପଥ ଅକ୍ଷମ ହେବାରୁ
ବଳବନ୍ତ ପଞ୍ଚଶର,
ଅବଳା ସୁଲଭ ମୃଦୁ ଅବୟବ
ଧାଇଁଲା ସୁନ୍ଦରତର,
ବାଳା ନରବପୁ ଶୋଭା ପାଇଲେ ହେଁ
ବସନ ଭୂଷଣ ବିନା,
ନିଜ ଧୈର୍ଯ୍ୟ ତ୍ୟାଗ ଅବଳା ଜନର
ନିତାନ୍ତ ଦୂଷଣ କି ନା ? ୬୯ ।
“ମଦନ ସ୍ମରଇ ସମ୍ମତ ରତିରେ
ଆଳାପେ ଉଦ୍ଭ୍ରାନ୍ତ ନଳ,
ହୃଷ୍ଟେନ୍ଦ୍ର ଆନନ କମ୍ପାଇ ଶ୍ରୀମଙ୍କ
ନିଷେଧୁଥିଲେ କରି ଛଳ । ୭୦ ।
“କମ୍ପାଇ ଲୋଚନ ସୁରତ ପ୍ରସଙ୍ଗେ
ନାହିଁ ନାହିଁ ଯାହାକର,
ଦୁଇଥର ନାହିଁ ସ୍ୱୀକାର ସୂଚଇ
ବୁଝିଲି ବାସନା ତୋର । ୭୧ ।
ନ କହ ନ କହ କଥା ମୋତେ ପ୍ରିୟେ
ଲୁଗୁଇ ରଖ ଯତନେ,
ଶୁଣିନାହୁଁ କି ମୁଁ ତୋ ମୁହଁ ବଚନ
ଏହା କହୁ ହୃଷ୍ଟମନେ ।
ଦୂତରୂପେ ଯାଇ ଶୁଣିଥିଲେ ଯେଉଁ
ମୃଦୁ ମଧୁର ବଚନ,

Digitized by srujanika@gmail.com

ଅବସର ବୁଝି ବଖାଣିଲେ ଏବେ
ସେ ସବୁ ନଳ ଗଞ୍ଜନ । ୭୨ ।
ପ୍ରଥମେ ପ୍ରଥମେ ସ୍ୱଭଦେଶେ ଭୈମୀ
ଦୃଢ଼େ ବେଧି ନଳ କର,
ଝମେ ଠା'ଶିଥିଲ କର ନାହିଁ ନାହିଁ
ଭଷିଲେ ଶେଷେ କେବଳ । ୭୩ ।
ବସନ ଭୂଷଣ ଅଙ୍ଗରାଗ ଦେଲ
ନୂଆ ନୂଆ ଶୋଭା ଧର,
ଦମୟନ୍ତୀ ନଳ- ମନକୁ ହରଲେ
ଆନ ଦବ୍ୟ ନାସ୍ତି ପରେ । ୭୪ ।
ଇଙ୍ଗିତରେ ରାଗ ସାଗର ପ୍ରକାଶି
ଗୃହ୍ଣୁ ଗିରେ ଚତୁରତା,
ସେବାଫଳେ ଭକ୍ତି ଦେଖାଇ ବାନ୍ଧିଲେ
ନଳକୁ ପ୍ରେମ-ଦୁହିତା । ୭୫ ।
ଅଙ୍ଗ ଅରପଣେ ବାମ ଭାବ ଧରି
ଛୋପି ପୁଣି ଅନ୍ୟନଯେ,
ବଳତ୍କାରେ ଅନୁ- ମତି ନ ଦଅନ୍ତ
ଦମୟନ୍ତୀ ନଳ ଭୟେ । ୭୬ ।
ପ୍ରଥମ ସଙ୍ଗମେ ଆଦର ନେଉ ସେ
କ୍ରୀଡ଼ାରସେ ମାନସରେ,
ବୁଡ଼ ଅରପିଲେ ସୁନ୍ଦର ତନୁକୁ
ଅତି ଯତ୍ନେ ପତି କରେ । ୭୭ ।
ନଳ ସଙ୍ଗେ ଭୈମୀ ଗିରିଶ ଗିରିଜା
ମୃଗ ମୃଗୀ, ତରୁଲତା,
ବିବିଧ ମିଥୁନ ସାଜ କ୍ରୀଡ଼ାକଲେ
ଉପୋବଲେ ପତିବ୍ରତା । ୭୮ ।

Digitized by srujanika@gmail.com

ନ ଥିଲ ଏଠାରେ ସାଗର ଭୂଧର
ଜନପଦ ବନଦେଶ,
ନ ରୁଷିଲେ ସତୀ ପତିସଙ୍ଗେ ମାତି
ଯେଉଁଠି ଶୃଙ୍ଗାର ରସ । ୭୯ ।
ବିବସନ କାଳେ ନତମୁଖୀ ବାଳା
ପ୍ରଦୀପ ଫୁଙ୍କି ଲିଭାଇ,
ପତି-ମୌଳିମଣି ନାଶିଲା ଅନ୍ଧାର
ବସ୍ତ୍ରେ ରହିଲେ ରୁନ୍ଧି । ୮୦ ।
କାନ୍ତଶିରେ ମଣି ଘୋଡ଼ାଇ କେଉଁଠେ
ଇନ୍ଦୀବର-କର୍ଣ୍ଣପୂରେ,
କାନ୍ତରୂପୀ କାମ ପୂଜା ଇଚ୍ଛିଲେ କ
ସତୀ ରତି ଆରମ୍ଭରେ ? ୮୧ ।
ଅବର ମୁକୁଟ- ମଣି ନଳଙ୍କର
ଭେଦି ହୋଇ ହୃଷ୍ଟ ଚିତ୍ତ,
ଭେନପାଶେ ବେନି ପ୍ରଦୀପ କରେଣି
ମନେକଲେ ଅଦଭୁତ ।
କୌତୁକ ଅଦ୍ଭୁତ ରସ ସମାବେଶେ
ଭୟ ଆଉ ହ୍ରୀପାବଶେ,
ଉଦିତ ମନ୍ମଥ ସଙ୍କୁଚିତ ହେଲା
କ୍ଷଣେ ଭୀମଜା ମାନସେ । ୮୨ ।
ଲିଭାଇଲେ ଏକ ନବାପିତ ଆନ
ପ୍ରଦୀପ ଉଠନ୍ତେ ଜଳି,
ବସ୍ତ୍ରେ ଭୀମଜା ମୁଦିଲେ ନୟନ
ଅଗ୍ନିଦତ୍ତ ବର ସ୍ମରି । ୮୩ ।
ଦେଖ ହସୁ ! ମୋତେ ଦେଖି ପାରୁନାହିଁ
ଅକ୍ଷି ମୁଦିବାରୁ ତୁହି,

Digitized by srujanika@gmail.com

ଭୃଷି ପର୍ଯ୍ୟଙ୍କେ ଅଙ୍କାର ସେ ପୁର
ସମ୍ମୁଖେ ବସିଲେ ତହିଁ । ୮୪ ।
"ଛାଡ଼ ଛାଡ଼ ନାଥ ଦାସୀ ମୁଁ ତୁମ୍ଭର
ହୃଦୟରେ ଦେଲ ସ୍ଥାନ,
ଦଏଁ ଚୁମ୍ବଦାନ, ବନ୍ଧେ ନଖକ୍ଷତ,
ଯାଚେ ମୁଁ ତୁମ୍ଭ ବଚନ । ୮୫ ।
ପ୍ରତାର ଏପରି ଲାଜ ପରିହର
ରତି କାତରତା ଛଳେ;
ମାୟାବିନୀ ଗାଢ଼େ ଆଲିଙ୍ଗନ କରି
ଚୁମ୍ବନାଦ ବିତରିଲେ । ୮୬ ।
ତମୋ ଘନେ ଦୀପ ତଡ଼ିତା ପରାୟେ
କ୍ଷଣେ କ୍ଷଣେ ଇଚ୍ଛାମତେ,
ଜଳି ଉଠେ, ନୃପ ରତି ଜାତ ସୁଖ-
ଚେଷ୍ଟା ଦେଖନ୍ତି ଉପତେ । ୮୭ ।
ବାଣ ମୋକ୍ଷକାଳେ ଅନଙ୍ଗ-ହୁଂକୃତ
ହୁଂ ହୁଂ ରବ ମନେହେଲ,
କୁଟିଳ ଭ୍ରୂକୁଟି ନତ କାମ ଧନୁ-
ଭ୍ରମ ନଳମନେ ଦେଲ । ୮୮ ।
ଓଷ୍ଠେ ଦନ୍ତକ୍ଷତ ଧରି ପ୍ରିୟା ପାଣି-
ପଲ୍ଲବ ଉଠିଲ ଥରି;
ସେ କାଳେ କାମକୁ ନଚାଇବା ଲାଗି
ଉପଦେଶ ଦେଲ୍ପରି । ୮୯ ।
ସୁବିଶାଳ ପ୍ରିୟ- ବକ୍ଷ ଆଲିଙ୍ଗନେ
ନ ଅଣ୍ଟିଲା ଭୈମୀ-କର,
ପରିରମ୍ଭ କାଳେ ନଳଙ୍କୁ ବାଧିଲ
ପୃଥୁଳ କୁଚ ଯୁଗଳ । ୯୦ ।

Digitized by srujanika@gmail.com

ପରସ୍ପର ବାହୁ- ବଲ୍ଲୀ ଆଲିଙ୍ଗନେ
ଛୁବନ୍ତିଲ ଉତରସ,
ପୀଡ଼ନ କି କାମ ସୁବର୍ଣ୍ଣ ନଳିନୀ-
ମୃଣାଳ-ସମ୍ଭୂତ ପାଶ । ୯୧ ।
ଗାଢ଼ ଆଲିଙ୍ଗନେ ଚିପିହୋଇ କୁଚ-
ଯୁଗଳ ସେ କାମଯୁଦ୍ଧେ,
ରତି-ମଦନର ଉପଧାନ ପରି
ବିରାଜିଲ ଭୈମୀ ହୃଦେ । ୯୨ ।
ନଳ ନଖପଦ ରଚିଲ ଭୀମଜା
ଗୁରୁ ଉରୁଯୁଗେ ଫଳା;
ସୁନାଖମ୍ଭେ ଲେଖା ରତି ମଦନର
ବିଜୟ ପ୍ରଶସ୍ତି ଭଲା । ୯୩ ।
ବଖାଣିଥିଲେ ନଳ "ପରାଗଙ୍କୁ ତୋର
ବର୍ତ୍ତମାନ କଟିର ବନ୍ଧ,
ନୋହିଲେ କାହିଁକି ଯତ୍ନେ ଗଢ଼ିଥାନ୍ତା,
ସୁବର୍ଣ୍ଣ ସୁଷମା ନିନ୍ଦ । ୯୪ ।
ପୀଡ଼ନେ ଉରୁଙ୍କ କାନ୍ତ-କର-ପଦ୍ମ
କଳଶି କଠୋର ସ୍ତନ;
ହାର ଯଷ୍ଟିଚଳେ ହସଉଠିଲ କି
ମଣି ତାକୁ ଅଗ୍ରଜନ ? । ୯୫ ।
କସ୍ତୁରୀ କୁଙ୍କୁମ ଲେପ ଦେଇ ମାଳ
ନେହୁଡ଼ ବଧୂ-ବକ୍ଷରେ,
କୁଚ ସ୍ୱୟମ୍ଭୂବେ ପୂଜାକଲେ ନଳ
କରଜ-କିଂଶୁକମାଳେ । ୯୬ ।
ନଳ ମୁଖଚନ୍ଦ୍ର ଶୋଭିଲା ସୁମୁଖୀ-
ମୁଖେ ଚୁମ୍ବ ଦେଲାବେଳେ,

Digitized by srujanika@gmail.com

ନବୋଢାତ ବଧୂ- କମ୍ବୁ ମିଳିଲ କି
ଯୁତକମ୍ପେ ସିନ୍ଧୁ ଜଳେ ? । ୯୭ ।
ନିଧୁବନେ ମାତ୍ତ କର୍ପୂର ବାସିତ
ପୂଗରସେ କଷାୟିତ,
ମଧୁପାନ ମଣି ବରବର୍ଣ୍ଣୁ ବେନି
ପିଇଲେ ଅଧରାମୃତ । ୯୮ ।
ସାତ୍ତ୍ୱିକ ଜନିତ କମ୍ପ ଭଜ ଭୈମୀ
ବଦନ ଚୁମ୍ବନକାଳେ,
କାନ୍ତ ବଦନକୁ ଶୀତକର ବୋଲି
କହିଲେ ସୀତ୍କାର ଛଳେ । ୯୯ ।
ଧରି ଭ୍ରୂ ଯୁଗ୍ମାଙ୍କୁରେ ଚୁମ୍ବ ଦେଲବେଳେ
ନଳ ମୁଖ ମନୋହର,
ଭରିବାକୁ ସୁଧା ଧରି ସ୍ୱର୍ଣ୍ଣକୁମ୍ଭ
ଆଗତ କି ସୁଧାକର । ୧୦୦ ।
ହେଲେତ ଦେଖିଲେହେଁ ପୁଣି ଦେଖୁଥାନ୍ତି
ଆଲିଙ୍ଗନ୍ତି ବାରମ୍ବାର,
ଚୁମ୍ବି ସାରି ପୁଣି ଆଦରେ ଚୁମ୍ବନ୍ତି
ଅତୃପ୍ତମାନସେ ନଳ । ୧୦୧ ।
ଖେଳିବାକେ ସ୍ତନ- ହାରୁଁ ମୁକ୍ତାବଳୀ
ଗଳିପଡ଼ିଲେ ହେଁ ତଳେ,
ସ୍ୱେଦବିନ୍ଦୁ ବକ୍ଷେ ଦେଖି ସୁକୁମାଙ୍ଗୀ
ହାରଅଛି ବୋଲି ଭଳେ । ୧୦୨ ।
ଗୁଣ ଦେନି ସିନା ମୁକୁତା-କଳାପ
ଥିଲା ଭୈମୀ ବକ୍ଷସ୍ଥଳେ,
'ଗୁଣଚ୍ୟୁତ ହୋଇ ରହନ୍ତା କି ତହିଁ
ଖସି ନ ପଡ଼ନ୍ତା' ତଳେ । ୧୦୩ ।

Digitized by srujanika@gmail.com

ନଳ ବକ୍ଷେ ଥାଇ ମୁକୁତା ମାଳିକା
ଭୈମୀବକ୍ଷେ ସ୍ୱେଦଜଳେ,
ପ୍ରତିବିମ୍ବ ଭୂଷା ସୁଷମା ଧଇଲା
ଏକ ହାର ଦେବନଗଳେ । ୧୦୪ ।
କାମ ମନୋହର ନଳ ନୃପବର
ଭୋଗୁଁ ନବ ଯଉବନ,
ଆନନ୍ଦ ସାଗର ପରପାରେ କଲେ
ଦମୟନ୍ତୀ ବିଚରଣ । ୧୦୫ ।
ପ୍ରିୟା ଅଙ୍ଗ ସଙ୍ଗେ ପରିତୁଷ୍ଟ ହେଲେ
ନଳ-ଅନ୍ତରଙ୍ଗମାନ,
ପ୍ରିୟାମୁଖେ ସ୍ୱାହୁଁ ନଳ ନେତ୍ର କଲା
ସୁଧାରସ ଆସ୍ୱାଦନ । ୧୦୬ ।
ବଡ଼ ମନେକଲେ ନଳ ନୃପବର
ଦମୟନ୍ତୀ-ଭୂଷା ଗୃହ୍ହ,
କେତେ ଅଙ୍ଗ ତାହା ଘୋଡ଼ାଇ ଥିବାରୁ
ମନକୁ ଘୁଞ୍ଚିଲା ନାହିଁ । ୧୦୭ ।
ଯୋଜନେ ମଣିଲେ ରୋମାଞ୍ଚ ଜନିତ
ଅନ୍ତରକୁ ଆଲିଙ୍ଗନେ,
ନମେଷପାତକୁ ବରଷେ ଗଣିଲେ
ପରସ୍ପର ଅଦର୍ଶନେ । ୧୦୮ ।
ସୁନ୍ଦରୀକୁ ଭବେ ସମ୍ମୁଖୁଁ ଦେଖି
"କଏସେ ଏ" ବୋଲି କହି,
ଅନ୍ୟମନା କରି ମଣି ମୋଦମାରେ
ଦେଖାଇଲେ ନିଜ ଛାଇ । ୧୦୯ ।
ନିଜ ରତି ଶେଷ- କାଳ ଜାଣି ନଳ
ରତ୍ନ ସୂର୍ଯ୍ୟ ଚନ୍ଦ୍ର ସ୍ଥିତ,

Digitized by srujanika@gmail.com

ଚଢ଼ଦେଲେ ନିଜ ଭବର ଲଜ୍ଜା
* ସମସ୍ତେବ ଶ୍ଳାଘ୍ୟରତ । ୧୧୦ ।
ପ୍ରିୟା ବାହୁମୂଳ, କୁଚ, ନାଭିସ୍ଥଳ
ଚୁମ୍ବି ଭବ ଜନମାଇ,
ସମସ୍ତେ ରତି- ସମାପନ ସୁଖ
ଭୋଗକଲେ ନରସାଇଁ । ୧୧୧ ।
ଶ୍ଳଥ ଅବୟବେ ନେତ୍ର ନିମୀଳନେ
ସ୍ୱେଦମାଞ୍ଜେ, ଶ୍ୱାସ, ଶୀତ୍କାରେ,
ବ୍ୟକ୍ତ ପାତ ସୁଖ ଦୁହେଁ ଏକାବେଳେ
ଲଭିଲେ ଯଥାବଧିରେ । ୧୧୨ ।
ଭାବ ଲଭ ଅନୁ- ଭବ କଲବେଳେ
ଗାତ୍ରେ ନଖକ୍ଷତ-ଜ୍ୱାଳା,
ମରିଚ ମିଶ୍ରିତ ସାଚମଣା ପର
ଯାତ ପ୍ରୀତ ଆଣିଦେଲା । ୧୧୩ ।
ରତ କ୍ଳମାଳସ ହେଲେ ତାରକ
ଦୟିତା-ନୟନ ଶୋଭା,
ଅବଲୋକ କ୍ଷଣେ ତୃପ୍ତି ନ ଲଭିଲେ
ନିଷଧ ମହୀ-ମଘବା ॥ ୧୧୪ ॥
ପ୍ରିୟାର ସୁରତ- ଶ୍ରମ, ନାଳବୃନ୍ତ
ଆଣିଦେଲା ନଳ କରେ,
ସେ ସନ୍ତାପ ନାଶେ ବ୍ୟଜନ ଗୁଳାବା
ଶ୍ଳାଘ୍ୟ ନାଗ, ନର, ସୁରେ । ୧୧୫ ।

---

* ସମକାଳୀନ ସ୍ଖଲନ ରତି ଶାସ୍ତ୍ରୋକ୍ତ ଉପାସ୍ୟ ବିଶେଷ; ସୂର୍ଯ୍ୟ ଚନ୍ଦ୍ରଙ୍କ ଭଳି ଅନ୍ୟମନା ହେଲେ ରେତପାତ ଲଘୁତା ନିବାରିତ ହୁଏ ।

Digitized by srujanika@gmail.com

ସ୍ବଦାର୍ଦ୍ର ନାସିକା ନିରଙ୍ଗ ଅଧର,
ଅତିଳକ ଗଣ୍ଡସ୍ଥଳ,
ଯେଣୁ ପ୍ରିୟାମୁଖ ସେ କାଳରେ ହେଲ
ନଳନେତ୍ର କାରାଗାର । ୧୧୬ ।
ଲଜ୍ଜିତ ହେଲେହେଁ ଗର୍ବେ ଅଳ୍ପ ସ୍ଫୀତ,
କ୍ଳାନ୍ତ ହୋଇ ଅଳ୍ପ ସୁଖୀ,
ପ୍ରିୟା ବଦନକୁ ବହୁ ମନେକଲେ
ନଳ ଚନ୍ଦ୍ରା ନେତ୍ରେ ଦେଖି । ୧୧୭ ।
ସ୍ବେଦ-ଜଳେ ପୂର୍ଣ୍ଣ ପ୍ରାଣ ପ୍ରେୟସୀର
କୋଟି କୋଟି ଲୋମକୂପ,
ନେତ୍ରେ ପାନକରି ତୃଷ୍ଣା ନ ମେଣ୍ଟିଲ
ବିସ୍ମିତ ହୋଇଲେ ଭୂପ । ୧୧୮ ।
ମୁକ୍ତ କେଶପାଶ ସଂଯମନେ ହେଲ-
କର ପ୍ରାଣପ୍ରେୟସୀର,
ସମୁଜ୍ଜ୍ବଳ ବାହୁ- ମୂଳ ଗୃହ୍ନି ନଳ
ଆନନ୍ଦରେ ହେଲେ ଭୋଳ । ୧୧୯ ।
ଆପଣା ନୟନ- କଜ୍ଜ୍ବଳେ ମଞ୍ଜୁଳ
ଭୃଙ୍ଗଶ୍ରେଣୀ ବନ୍ଧୁଜୀବ-
ସୁଷମା ଧରିଛୁ ଦେଖିଲେ ଭୀମଜା
ପତିଙ୍କ ଅଧର ବିମ୍ବ ।
ଅଦୃଷ୍ଟପୂର୍ବ ଏ ଦୃଶ୍ୟ ସୁକୁମାରୀ
ନିରେଖି ହୋଇ ବିସ୍ମିତ,
ସଂଯତ ଭାବରେ ରହି ନ ପାରିଲେ
ପ୍ରକାଶ ନ କରି ସ୍ମିତ । ୧୨୦ ।
ବୁଲାଇ ବଦନ ହସିବାରୁ ପ୍ରିୟା
ପୁଛନ୍ତେ ତା'ର କାରଣ,

Digitized by srujanika@gmail.com

ଉତ୍ତର ନ ଦେଇ ମୁଗ୍ଧ ବଧୂ ଦେଲ
ପତିକରେ ଦରପଣ । ୧୨୧ ।
ଲଜ୍ଜା ଲଟପଟ ନଳଙ୍କ ଲଲାଟ
ଦେଖି ଲଜ୍ଜେ ମୁଖପୋତି,
ଅର୍ଦ୍ଧୋଦିତ ସ୍ୱର୍ଗ- ଚନ୍ଦ୍ର ନିଶାନାଥ
ମନେକଲେ ତାଙ୍କୁ ସତୀ । ୧୨୨ ।
ସ୍ୱିନ୍ନ ବକ୍ଷେ ଦେଖି ପ୍ରତିବିମ୍ବ, ତାଙ୍କୁ
ଅନ୍ତର୍ଗତ ମୂର୍ତ୍ତିମନ୍ତ,
ପତିମଣି, ନାସା- ନିଳେ ସେବିଲେ କି
ସତୀ ମୁଖ କରି ନତ ? । ୧୨୩ ।
କାମେ ଭୁଲିଥାଇ କାନ୍ତ ଦନ୍ତକ୍ଷତ
ଦେବାର ନ ଥିଲେ ଜାଣି,
କଷ୍ଟ ଅନୁଭବ ଓଷ୍ଠ ପରଶିଲେ
ବସ୍ତ୍ରେ ପ୍ରସାରି ପାଣି । ୧୨୪ ।
କୁଚେ ନଖକ୍ଷତ ନିରେଖି ନିରେଖି
ଅଳ୍ପ କୋପ ଜଗା ଯେନ,
କୁଟିଳ କଟାକ୍ଷେ ଅନାଇ ଦେଖିଲେ
କାନ୍ତ ହର୍ଷିବାର ଠମା । ୧୨୫ ।
ରୋଷାରୁଣ-ମୁଖୀ ପ୍ରେୟସୀ କୁ ଦେଖି
ଭୟ ବିକମ୍ପିତ ସ୍ୱରେ,
କହିଲେ "ମାନିନି ! କଏ ଦୋଷକଲା
କହ ଦଣ୍ଡଦେବ ତା'ରେ । ୧୨୬ ।
ଗୁଣବତି ! ନତ- ଗାତ୍ରି ! ସୁକୁମାରି !
ନେନେ ଧରି ଅରୁଣିମା,
ନ ବୋଲ ମାନିନି ! ବଧୂକ୍ରିତ ମୁଖେ
କୋପ-କୁଙ୍କୁମ-କାଳିମା । ୧୨୭ ।

Digitized by srujanika@gmail.com

ଅମୃତ-ଶୀକର- ସ୍ରାଗୀ-କଣ୍ଠ ଚୁମ୍ବି
ତାମଦ ଏ ମଣିମାଳ,
ନଖ, ଦନ୍ତ-କ୍ଷତ- ଜନିତ ଯାବନ୍ତ
ପୀଡ଼ା ଦୂରକରୁ ତୋର । ୧୨୮ ।
ପୟୋଧରେ ତୋର ସୁରଧନୁ ରଚ
ତୋଷୀ ଯେବେ ମୋର କର,
ଶ୍ରମର ଚଳାଇ କ୍ଷମାଭିକ୍ଷା କରୁ
ତୋ ପଦେ ହୋଇ କଙ୍କର । ୧୨୯ ।
ନିର୍ଦ୍ଦୟ ଦଂଶନ ଅନୁଚିତ ଯେବେ
ହେଲା ମୋର ବଦନର,
ଦଂଶି ଅଧରକୁ ସୁଦତି ! ତାହାର
ପ୍ରତିକାର ଏବେ କର । ୧୩୦ ।
ବିବସନ କାଳେ ପ୍ରଦୀପ ନିର୍ବାଣ-
ଚେଷ୍ଟାକଲ ଯେ ବିଫଳ,
କ୍ଷମାଭିକ୍ଷା ଲଗି ତୋ ଚରଣେ ଲୋଟୁ
ଏ ମୁକୁଟମଣି ମୋର" । ୧୩୧ ।
ଦେଇ ଏ କୋମଳ ବାଣୀ ଉପହାର
ପ୍ରଣମି ଭୀମଜା-ପଦେ,
ଶିଖାମଣି-କାନ୍ତି- ସହିତେ ମଣ୍ଡିଲେ
ଭୈମୀ ପଦ-କୋକନଦେ । ୧୩୨ ।
ଭୈମୀ ପଦ ଦଶ ନଖେ ପ୍ରତିବିମ୍ବ
ଏକାଦଶ ହେଲେ ଭୂପ,
ଏକାଦଶ ରୁଦ୍ରେ ଜିଣିବାକୁ କାମ
ଧଇଲା କ ସତେ ରୂପ ? । ୧୩୩ ।
"କୋପ ପରିହରି ପଳାଇ ଯାଉଛି
ମଧୁନିଶା କୃଶତର,

ଇତର ନଟାରେ ଛୁପିପାରୁ କ୍ଷଣେ
ଏପରି ମାନମାଦର” । ୧୩୪ ।
ପ୍ରଣିପାତେ ମନୁ ମାନ କରି ଦୂର
ପାଦ-ପଦ୍ମ ଛାଡ଼ି କରେ,
ମଧୁରେ ଅଧର ସ୍ମିତ ପରକାଶି
ନାଥଙ୍କୁ କୃତାର୍ଥ କଲେ । ୧୩୫ ।
ପରସ୍ପର ସଙ୍ଗ- ରସାୟନ ପାନେ
ଇଚ୍ଛାକଲେ ରତିରସ,
ଦୁର୍ଜ୍ଜନୀ ରଜନୀ କ୍ଷୀଣ-ଜୀବୀ (୧) ହେଲା
ହୋଇ ଈର୍ଷ୍ୟା ପରବଶ । ୧୩୬ ।
ଶେଯେ ପଦ୍ମତଳ ବେଳେ ଇଚ୍ଛାମତେ
ସମ୍ଭାଷି ଥାଆନ୍ତି ଧବ,
ସ୍ୱପ୍ନ ଆଣୁଥାଏ ମଝିରେ ଅଧର-
ଦାନ 'ପାନ' ମହୋତ୍ସବ । ୧୩୭ ।
"ଦୂତପଣେ ଯାଇ ଧର୍ମ୍ମ ଭୟେ ମୁହିଁ
କରିଅଛୁ ଯେଉଁ ଦୋଷ,
ମାର୍ଜ୍ଜନା ହେଉ ତା ଚରଣ ପଙ୍କଜେ
ଆଜୀବନ ହେଲି ଦାସ । ୧୩୮ ।
ଆଲିଙ୍ଗନ ଲୀଳା ସୁଧା-ଅଭିଷେକ
ଉତ୍ସବ ତୋ ଦରଶନ,
ସେ ପିନା ନଳର ସୁବିଶାଳ ରାଜ୍ୟ
ଯହିଁ ତୋ ମନୋରଞ୍ଜନ । ୧୩୯ ।
କ ସୁଖ, ପ୍ରିୟାକୁ ବକ୍ଷେ ନାରାୟଣ,
ଅର୍ଦ୍ଧ ଅଙ୍ଗେ ଶିବ ଧରି,

---

(୧) ଈର୍ଷ୍ୟା ପରବଶ ହୋଇ ଅଳ୍ପାୟୁ ହୁଅନ୍ତି ।

Digitized by srujanika@gmail.com

ଅମ୍ଭ ଦୁହିଁଙ୍କର ସମ୍ମିଳନ ହେଉ
ସରିତ ସାଗର ସର । ୧୪୦ ।
ଆପଣାର ରୋଲ୍ ମନେକର ନମାରେ
କହୁବା ବଫଳ ମଣେ,
ଦୟାପଣେ(୧) ହେଣୁ ଜାଣିଛୁ ସୁନ୍ଦର !
ଚେଜ ଇନ୍ଦ୍ର ତୃଣଙ୍କାନେ । ୧୪୧ ।
ଦୁଅର୍ଥେ ତେଜଲେ ଶ୍ରୀରାମ ସୀତାଙ୍କୁ
ଶୁଣି ଗାନବନ୍ଧ ତୋର,
ସଜନୀ ସମାଜେ ଦେଖିଛୁ ଗୁପତେ
ବୃଥା ଶଙ୍କା ଦୂରକର । ୧୪୨ ।
ତୋ ସଖୀ-ସମାଜେ ପ୍ରଶ୍ନ ଉଠିବାରୁ
'କାହାଠୁଁ କାହାର ଡ଼ର'
ଶୁଣିଲ ମୁଁ ଲଜ୍ଜା କଏଟେ କହୁଲ
'ଜଳକୋଳ ଠାରୁ ମୋର
କଏ ବଖାଣିଲା 'ଚପଳ କମଠ-
ମାଂସ ଠାରୁ ମୋର ଜ୍ଞାନ'
ଆଜ କେ କହୁଲ 'କୃକଳାସ-ଶିରଃ-
କମ୍ପ ଦେଖି ଥରେ ଛାତି' । ୧୪୩ ।
ହେ କାକେ କହୁଲ ଗୋପନେ ସଖୀଙ୍କି
'ମୋ ବଚ୍ଛନ୍ଦୁଁ ତୋର ଡ଼ର'
ଶୁଣିଛୁ 'ଜୀବନେ ନ ଚେଜବ ତୋତେ'
ଦେଲ ଏ ଅଭୟ ବର । ୧୪୪ ।
ବରଜେ ଜୀବନ ରଖିଥିଲା ନିଦ୍ରା (୨)
ସ୍ୱପନ ସମ୍ଭୋଗ ବଳେ,

---

(୧) ଦୟା ମୂଲ୍ୟରେ ।
(୨) ନଶା ନିଦ୍ରାର ଅବକାଶ ସମୟ ।

Digitized by srujanika@gmail.com

ରହେ ମାତ୍ର ବଣା   ନାଶିବାକୁ ରୁଷି
  ନ ଅସି କ ଅମ୍ଭ ପାଶେ ? ୧୪୫ ।
ଜଳାଗର ଶେଷେ   ଶୁଣି ପ୍ରିୟବାଣୀ
  ତୋଷ ଲଭି ସୁକୁମାରୀ,
ମୁଦିଲେ ନୟନ   ପିକ କଳନାଦେ
  ପ୍ରାତେ କୁମୁଦିନୀ ପରି । ୧୪୬ ।
କଂଠେ କଂଠ ଛନ୍ଦ   ଅଧର ମିଳାଇ
  ପୀଡ଼ ଗାଢ଼ ଆଲିଙ୍ଗନେ,
ଶୋଇଲେ ଦମ୍ପତୀ   ପରସ୍ପର ହିଯ୍ସା
  ନିରେଖି ସୁଖ ସ୍ୱପନେ । ୧୪୭ ।
ଶୁଅନ୍ତେ ଦମ୍ପତୀ   ଆନନ୍ଦ ନିଦ୍ରାରେ
  ମଜ୍ଜି ହୋଇ ମୂର୍ଚ୍ଛାମୁର୍ହି,
ରତି ଖେଦେ ଚଳ   ନିଃଶ୍ୱାସ ଅନିଳ
  ପରସ୍ପର ମୁଖେ ଧାଇଁ”
ମିଶାମିଶି ହୋଇ   ପ୍ରଭେଦ ପାଶୋର
  ଏକାକାର ହୋଇଗଲା,
ଏକ ମନ ଏକ-   ପ୍ରାଣ ଦେହିଙ୍କର
  ବୋଲି ସିନା ପ୍ରକୃଶିଲା ?
ଭୈମୀ-କୁଚ-କଶ   କୁମ୍ଭ-ମକରିକା-
  ଚିହ୍ନ ନଳ ବକ୍ଷସ୍ଥଳେ,
ସୂଚିଲା ନାହିଁକି   ଦେହିଙ୍କ ହୃଦୟ
  ଏକମାତ୍ର ଭାବ ଧରେ ? ୧୪୮ ।
କବିରାଜ ରାଜ   ମୁକୁଟ ଭୂଷଣ
  ଶ୍ରୀହୀର ଯାହା ଜନକ,
“ଶିବ ଶକ୍ତିସିଦ୍ଧି (୧)   ଯାହାର ରଚନା
  ଶ୍ରୀହର୍ଷ କବି ତିଳକ ।

---

(୧) ଶ୍ରୀହର୍ଷ ରଚିତ ଗ୍ରନ୍ଥ ବିଶେଷ ।

Digitized by srujanika@gmail.com

ରଚିଲେ ସଉତ ସ୍ୱପନ ଭାବରେ
ଚତ୍ରେ ଚନ୍ଦ୍ର ଚନ୍ଦ୍ରାମଣି,
ନଳ ଚରିତର ଅଷ୍ଟାଦଶ ଛାନ୍ଦ
ବତ୍ତ ରସ ଲୀଳା ଖଣି । ୧୪୯ ।

Digitized by srujanika@gmail.com

ଊନବିଂଶ ସର୍ଗ

ଦଶମ-ଦଶାରେ (୧) ପଶନ୍ତେ ରଜନୀ
ନିଦ୍ରିତ ପ୍ରେୟସୀ-ଅଙ୍କେ,
ନିଷଧ-ଅବନୀ- ମଦନ ନଳଙ୍କ
ପ୍ରବୋଧନ ପାଇଁ ସୁଚ୍ଛେ;
ଗାଇଲେ ମାଗଧେ ମଧୁର କବିତା
ରଚିତ ଅତି ହରଷେ,
ଶ୍ରୁତି ମଧୁ-ପଦ- ମାଳାରେ ବ୍ୟଞ୍ଜନା (୨)
ମିଶାଇ ରସାଣି ରସେ । ୧ ।
"ଜୟ ମହାରାଜ ! ଦଗ୍ଧଳସ ପକ୍ଷ୍ମ
ପ୍ରସନ୍ନ ନୟନ ଫେଇ,
ସଫଳ କର ଏ ପ୍ରଭାତ-ସୁଷମା
ଥରେ ମାତ୍ର ତାକୁ ଚାହିଁ ।
ଶେଯ ତେଜି ଦେଖ ଦମୟନ୍ତୀ ମୁଖ
ଶକୁନ ସେ ମହାଶୁଭ,
ପ୍ରିୟଜନ-ମୁଖ- କମଳରୁ ବଳା
ଆଉ କେ ଅଧିକ ହେବ ? । ୨ ।

---

(୧) ମୃତ୍ୟୁ
(୨) ଶବ୍ଦର ବୃତ୍ତିବିଶେଷ

Digitized by srujanika@gmail.com

ବରୁଣ-ବନିତା ଅଶାରେ (୧) ସୁଧାଂଶୁ
ନିରଂଶୁକ (୨) ହେବା ଦେଖି,
କାନ୍ତଛଳେ ସ୍ମିତ ବିତରଇ ଦେଖ
ପ୍ରାଚୀ ସୁ ପ୍ରସନ୍ନମୁଖୀ । ୩ ।
କ୍ଷୀଣୁ କ୍ଷୀଣତର ତାରକା ନିକର
ନୟନ ଗୋଚର ନୁହେଁ,
ଏକେ ଏକେ ଅସି ତରଣି-କିରଣ
ବ୍ୟୋମଦେଶ ଭରି ରହେ ।
ଅନ୍ଧକାର ସଙ୍ଗେ ସମର ଆରମ୍ଭି
ପୀନବଳ ନଶାପତି,
ତା' ଶିଥିଳକର ସୂଚଇଣି ଏବେ
ସଂଗ୍ରାମ ଜନିତ କ୍ଲାନ୍ତି । ୪ ।
ତାମସ ପଟଳେ ଅରୁଣ କିରଣ
ପଶି ଦିଶେ କି ସୁନ୍ଦର,
ସିତଚ୍ଛଦ ହଂସ ଚଞ୍ଚୁପୁଟେ ପଙ୍କ-
ଭେଦ କି ଖୋଜେ ମୃଣାଳ ?
ନକ୍ଷାଲକ୍ଷ୍ମୀ ଜଣା କେହ୍ନାଛ କିରଣେ
କୃଷ୍ଣକାନ୍ତି ପରିହରି,
ଧୂସର ସୁଷମା ଧରି ଉଡ଼ୁରୁଲେ
ମଧୁଚ୍ଛିଷ୍ଟ ମଧୁ ଭସ୍ମି । ୫ ।
ରଜନୀ (୩)-ବମଥୁ ସରି ହିମକଣା
କୁଟ-କଟଳଯ୍ୟେ ଝଲି,

---

(୧) ପଶ୍ଚିମ ଦଗରେ, ପକ୍ଷେ ବରୁଣଙ୍କ ସ୍ତ୍ରୀର ଅଭିଳାଷରେ ।
(୨) ନିରଂଶୁକ କିରଣଶୂନ୍ୟ; ପକ୍ଷେ ବସ୍ତ୍ରଶୂନ୍ୟ ।
(୩) ରଜନୀ ରୂପକ କରିଣୀର କର ଶୀକର ।

Digitized by srujanika@gmail.com

ବେଧଇଲଗି ସୂଚୀ- ଶିଖା ବିନ୍ଧହୁତ
ଗତେ ମୁକ୍ତାଫଳ ଭଳି । ୬ ।
ଗୋଟି ଗୋଟି କରି ଗୋଟାଇ ନେବାରୁ
କୋଟି ତାରା ରବିକର,
ପରାଭବ ଶଙ୍କି ପଳାଇ ଯାଏ କି
ପ୍ରଭାହୀନ ଶଶଧର ? ୭ ।
ଚୂଡ଼ି ଧରି ମାୟା- ସୀତାଙ୍କ ରାବଣି
ସବେଶେଷ ହାଣିଲା ପରି,
ତମିର-ଚକୁର ଧରି ରଜନୀକୁ
ନାଶିବାରୁ ଏବେ ହରି(୧)
ଦେଖି ଏ କରୁଣ ଦୃଶ୍ୟ ଘୃଣା ବହି
ନୟନେ ମୁଦିଲେ ନଳ,
ଉଜଳ କି ମୂର୍ଚ୍ଛା କୁମୁଦ ହେଲା କି
ତାରାପତି ହୀନବଳ ? ୮ ।
କାମ୍ୟୁବନ ବଧୂ- ନନେ ବିଗଳିତ
ମୋତିମାଳ ଭ୍ରାନ୍ତ ଦେଇ,
ବିହଙ୍ଗ-ମିଥୁନ- କେଳିତଳ୍ପ ନଭେ
ଗ୍ରହଗଣ ବିସ୍ତରଇ ।
କୋମଳ କରଣ- ତୂଳିକା ପଟଳେ
କ୍ରମଶଃ ଉଦରେ ଭରି,
ଅଖଣ୍ଡ ଚନ୍ଦ୍ରମା ଗ୍ରାଜଇ ବର୍ତ୍ତୁଳ
ଗଣ୍ଡ-ଉପାଧାନ(୨) ପରି । ୯ ।
ମୂର୍ତ୍ତି ପରିଗ୍ରହ ଜଳଧର ଗୃହ
ବେଦର ସହସ୍ର ଶାଖା,

(୧) ସୂର୍ଯ୍ୟ ।
(୨) ଗାଲତଳର ଗୋଲ ଉପାଧାନ ।

Digitized by srujanika@gmail.com

ସହସ୍ର ସଂଖ୍ୟାକ ରବିକର ରୂପେ
ଜନନେନହେ ଦେଇ ଦେଖା ।
ପାଠକ ବଦନ- କୁହରେ ପ୍ରବେଶି
ଉଠି ପ୍ରତିଧ୍ୱନି ଛଳେ,
ଶ୍ରୁତ ପଦରୂପେ ସଂଚରଇ କିବା
ବିହାୟସେ, ଜଳେ ସ୍ଥଳେ ? ୧୦ ।
ଅନ୍ଧାରକୁ ତଡ଼ି ପଶ୍ଚିମ ଗଗନେ
ମେରୁ ପର୍ଯ୍ୟଟନ ସାରି,
ଉଦୟ ପର୍ବତେ ବିଶ୍ରାମ କଲେଣି
ପଙ୍କଜ ବାନ୍ଧବ ହରି । ୧୧ ।
ଶ୍ୟେନ (୧) ପାତ ଭୟେ ଅନ୍ଧାର-ବାୟସେ
ଲୁଚିଲେଣି ଘାତ ଭଜି,
ପାରାବତ ପରି ତାରଗଣ ଉଡ଼ି
ଗଲେଣି ଆକାଶ ତେଜି ।
ମୃଗୟା ରଚଇ ରବି ମନେକରି
ଶଶି ବନାଶନ ଭୟେ,
ଶଶଧର ଏବେ ପଳାଇ ବଳଲେ
ପଶ୍ଚିମ ଆଶାରେ (୨) ରହେ । ୧୨ ।
ଦେବତା ନିବାସ- ଅଗଣା ଗଗନେ
ତଞ୍ଚୁ ହୋଇଥିଲେ ତାରା,
ମନେ ହେଉଥିଲ ସୁର-ସୁରତରେ
ଛିଡ଼ିଛି କି ମୋତିହାର ?
ପ୍ରାଚୀଁ ଉଠି ରବି ସହସ୍ର ଦଧୀତି
ସମ୍ମାର୍ଜନୀ ମୁଠେ ଧରି,

(୧) ଶିକାରୀ ପକ୍ଷୀ ବିଶେଷ; ପକ୍ଷେ ବାଣ ବା ଶର ।
(୨) ପଶ୍ଚିମ ଦିଗରେ, ପକ୍ଷେ ଶେଷ ଆଶାରେ ।

Digitized by srujanika@gmail.com

ଓଲାଇ ଦେବାନ୍ତୁ ନ ଶୋଭନ୍ତି ଅବା
ଭାସ୍ୱଗଣ ଦୂର୍ବାଡ଼ର । ୧୩ ।
ଡମ-ଦୂର୍ବାଙ୍କୁରେ ତାରକା ଉଣ୍ଡୁଳେ
ଅର୍ଘ୍ୟ-ବଧି ସାର ସୁଖେ,
ମେଘଲାଗି ନଭ ଶିଶିର-ଚକ୍ଷୁଆ
ବାଡ଼ିଚ୍ଛି କ ରବ ମୁଖେ ? । ୧୪ ।
ବୃଦ୍ଧସୁଡ ଦୁଜ କଚଙ୍କୁ ବଞ୍ଚାଇ
ଦେଲପର ଭୃଗୁସୁତ (୧)
ଅସୁରହୃତ (୨) ଏ ଅଙ୍ଗାରକୁ ପ୍ରାଣ
ଦାଅନ୍ତେଣି ସୁନିଶ୍ଚିତ;
କେବଳ ମାତର ସନ୍ଧ୍ୟା ମୀରବତା
ଭାଙ୍ଗିଯିବା ଭୟ ଯେନ,
ତାଙ୍କ କଣ୍ଠତଟେ ଅଟକିଛି ସିନା
ମନ୍ତ୍ର ମୃତସଞ୍ଜୀବନୀ । ୧୫ ।
ଦାବା ରଜନୀର ସମର ଦେଖନ୍ତେ
ଉଦୟ ପର୍ବତେ ହର,
ଜଷ୍ଣୁ(୩)-ବନସୁତ ଶିଳାଜତୁ-ସ୍ରୋତ
ରୁଧିର ସରିତ ସର ।
ଉଦାର ଅରୁଣେ ପ୍ରଣମି ଅନୁଜ (୪)
ଇଚ୍ଛା କରନ୍ତେ ମିଳନ,
ନୂତନ ଇଷ୍ଟକ— ବେଷ୍ଟନ ହେଲା କ
ବେନିଙ୍କର ବ୍ୟବଧାନ ? ୧୬ ।

(୧) ଦୈତ୍ୟଗୁରୁ ଶୁକ୍ର ।
(୨) ଅସୁର ମାନଙ୍କର ହୃତ, ପକ୍ଷେ ମୃତ ।
(୩) ହସ୍ତୀ ବଣରୁ କ୍ଷରିତ ।
(୪) ଅରୁଣଙ୍କର ଅନୁଜ ଗରୁଡ଼ ସ୍ୱର୍ଣ୍ଣବର୍ଣ୍ଣ ।

Digitized by srujanika@gmail.com

ଦଳାଗ୍ରତ ବଳେ (୧) ବଡ଼ବାକୁ (୨) ଦେଖି
ରବି ରଥ ଅଶ୍ୱଗଣ,
ତା ସଙ୍ଗ ସଙ୍ଗମ ଇଚ୍ଛାକରି ଏବେ
ହେଲେଣି ଅତି ଉଚ୍ଛନ୍ନ ।
ରଜନୀ ବିରହେ ଦକ୍ଷିଣ କାମବାଣେ
ଧାରହୋଇ ଚକ୍ରବାକୀ,
ଦୟିତ-ସଙ୍ଗମ ଲୋଡ଼ିଲାଣି ଏବେ
ଆତୁର ହୋଇ ବରାକୀ (୩) । ୧୭ ।
ଗାନ୍ଧବ ଅନଶନ ଅଶ୍ୱଶିଶୁ ହୋଇ
କ୍ଷୀରପାନେ ଉତ୍କଣ୍ଠିତ,
ଲାଙ୍ଗୁଳ ହଲାଇ ରହିଲେଣି ଏବେ
ସୁମଧୁର ହ୍ରେଷାକୁତ ।
ମନ୍ଦୁରାରୁ (୪) ବାଜି- ରାଜି ଉଠିଲେଣି
କର୍କିଣୀ ବଜାଇ ଉଚେ,
ଲବଣ (୫) ଉପଲ- ଲେହନ ବାସନା,
ତାଙ୍କ ମୁଖଭଙ୍ଗୀ ସୂଚେ । ୧୮ ।
ପରିକ୍ଷୀଣ ବପୁ ପତି (୬) ଚନ୍ଦ୍ରମାକୁ
ନ ଦେଖନ୍ତି ତାରାଗଣ,
ନ ଦେଖଇ କାହା, ବଗୁର ଚକ୍ଷୁରେ
ଅନୁଚିତ ନୁହେ ଜାଣ ।

---

(୧) ଇନ୍ଦ୍ରଙ୍କର ସେନା ମଧ୍ୟରେ ।
(୨) ଘୋଟକୀ ।
(୩) ଦୁଃସ୍ଥ ।
(୪) ଘୋଡ଼ାଶାଳ ।
(୫) ସୈନ୍ଧବ ଲୁଣ (ପଥର ଲୁଣ)
(୬) କ୍ଷୀଣବପୁ ପତିର ଦର୍ଶନ, ଶାସ୍ତ୍ରନିଷିଦ୍ଧ ।

Digitized by srujanika@gmail.com

ପଥର ସିନା ସେ ତାପସଙ୍କ ବସ
ମଳିନ ପାଷାଣ ପର,
ନୋହିଲେ କି ତାହା ବେଦିଙ୍କ ବରଦେ
ଥାଆନ୍ତା ନ ଫାଟିକର ? ୧୯ ।
ବଧୂନ୍ଦର, ସନ୍ଧ୍ୟା ଉପନ ଏ ବେଳ
ବିଶାଳ ନଭଃ-ପ୍ରାଙ୍ଗଣେ,
ଅରୁଣ କିରଣ ଅନଳରେ ଜଳ
ହୋମ କର ତାପଗଣେ ।
ବିଶ୍ୱାଦ ବହୁତ ଅଗ୍ନି ପ୍ରଦକ୍ଷିଣ
କରୁଚନ୍ତି ଏବେ ଦୁହେଁ,
ସକୌତୁକ (୧) ତାଙ୍କ କର ଦରଶନେ
କଏବା ଉତ୍ସୁକ ନୁହେ ? ୨୦ ।
ଅହେ ରତିକାମ- ସୁନ୍ଦର ଦମ୍ପତି !
ନଗ୍ନାଗୃର୍ଷି (୨) ଅମ୍ଭେମାନେ
ପ୍ରିୟ,ବାଦଛଳେ କର୍ମ ପ୍ରବର୍ତ୍ତିନା
ଫୁଟିଉଠେ ଅମ୍ଭ ଗାନେ ।
ଧର୍ମଦ୍ରୋହୀ କର୍ମ- ବଦେଣ୍ଣ ବରଚିତ
ପୁରୁଷ ପ୍ରବୋଧ ବାଣୀ,
ଶୁଣି ନ କରନ୍ତୁ ରୋଷ ଅମ୍ଭପ୍ରତି
ନୃପଧର ନୃଅଗ୍ରଣୀ । ୨୧
ପ୍ରିୟା ପଦେହର ସନ୍ଧ୍ୟା ଉପାସନା
କର ଏବେ ତପୋଧନ !
ଦେଖି କଣାନୁଜା ସନ୍ଧ୍ୟାକୁ କାହିଁକି
ଚଞ୍ଚଳ ନୁହଇ ମନ ?

(୧) କୌତୁକ ସ୍ପୃହଯୁକ୍ତ ।
(୨) ଉପଦେଷ୍ଟା ବା ଭିକ୍ଷ ।

Digitized by srujanika@gmail.com

ଦେଖ ଏ ସଭତା ଲୋଡ଼ ବସିଲଣି
ଅଭ୍ୟୁଦୟ ଉତ୍ସବର,
ପୂର୍ଣ୍ଣଭୂଣ ଟର ଗର୍ଭେ ମୁରନ୍ଦରୀ
ଉଦ୍ଦପାତରେ କେତେକାଳ ? ୨୨ ।
ଦମୟନ୍ତି ! କାମ- କଳାବଶେ ତୁମ୍ଭେ
ଭୁଞ୍ଜାଇଛ ନଳ-ମତ,
ଏ ବଡ଼ ବଚନ ଧର୍ମ ଅନୁଷ୍ଠାନେ
ଶିଥିଳ ନୈଷଧପତି ।
ସନ୍ଧ୍ୟାବଧି, ପର ଅକାଳ ସନ୍ଧ୍ୟାକୁ
ନ ଗଣନ୍ତି ନରନାଥ,
ନମିବାକୁ ପୁଣି ନ କରନ୍ତି ମନ
ଭଇଁଲେହେଁ ଦିନନାଥ । ୨୩ ।
ପରମ ବଦୁଷୀ ଅଟ ମନସ୍ୱିନୀ
ନ ହୁଅ ପାପ କାରଣ,
ନରନାଥଙ୍କର ନିତ୍ୟକର୍ମ ନାଶେ
ପାପୀ ହେବେ ପ୍ରଜାଗଣ ।
ତୁମ୍ଭ ଯୋଗ ନୃପ ନ ତେଜିଲେ ଶେଯ
ଅରପିବେ ଅକାରଣେ,
ପର ଅପବାଦ- ପ୍ରବଣ ପୁରୁଷେ
କାମୁକତା ଏ ରାଜନେ । ୨୪ ।
ମୁଁ ଏବେ ନେହଲେ କ୍ଷଣ କାଳ ପାଇଁ
ଘ୍ରାଣ-ପ୍ରେୟସୀକ ଦେବ !
ନବୋଦିତ ରବି- କରେ ନିଜ ଅଙ୍ଗ
କୁଙ୍କୁମ ଲେପଇ ନବ ।
ସାଗରୁ ଉତ୍ଥିତ ରବି-ସୁନାକୁମ୍ଭ
ଦରଶନ ଉତପର

Digitized by srujanika@gmail.com

କୁମୁଦୁଁ ନଳିନେ ଯିବା ଯାଇଁ ଏବେ
ଶୋଭାରାଣୀ ଉରଭର । ୨୫ ।
ରବିକରେ ଥରେ ପ୍ରଥମେ ନିରେଖି
ଇନ୍ଦ୍ର ଶିଖି ପୂର୍ବଦିଗେ,
ତହୁଁ ଆସି ଏଠିଁ ଦେଖନ୍ତୁ ସଜନ
ତୁମ୍ଭ ଶିଖି ଅନୁରାଗେ ।
ଊହାପୋହ କ୍ଷମ (୧) ସେ ରବି କିରଣେ
ଦେଖି ଦେବନଙ୍କର ଶୋଭା,
ଇତର ବିଶେଷ ବିଚାର କରନ୍ତୁ
କିଏ କେଡ଼େ ମନୋଲୋଭା ? ୨୬ ।
ପୁଂସପଣେ ବଳ- ବନ୍ତ ଅଳିକୁଳ
ଦରସ୍ଫୁଟ ପଦ୍ମମୁଖେ,
ପଶି ବଳକାରେ ଆସି ଅବିଳମ୍ବେ
ଧରି ପଦ୍ମମଧୁ ସୁଖେ ।
ସେ ମଧୁ ମଧୁର ପ୍ରଭାତ ସମୟେ
ପ୍ରିୟା ମୁଖେ କରି ଦାନ,
ଅଳଙ୍କାର କିବା ନବାନ୍ନ ଉତ୍ସବ
କରୁଛନ୍ତି ଅନୁଷ୍ଠାନ ? ୨୭ ।
ପ୍ରଭାତେ ପ୍ରଥମ ରବି କିରଣରେ
ଖୋଲିରଖି ଏକଦଳ,
ସରୋଜିନୀ ସତେ ଚନ୍ଦ୍ର ଆରମ୍ଭେ କି
ଭୁଞ୍ଜିବାକୁ ରବି କର ? ୨୮ ।
ଉଠ ବିଟପୀର ବିହଙ୍ଗ ନିକର
ବନନାଦେ ଯେବେ ଉଠି,

(୧) ସଦ୍‌ସତ୍‌ ବିଚାର ନିପୁଣ ।

Digitized by srujanika@gmail.com

ନିଦ୍ରାଭଙ୍ଗ ମୁଦ୍ରା ସୂଚିତ କମଳିନୀ
ସରୋବର ଜଳେ ଫୁଟି ।
ସୁଧା ସୁମଧୁର ମଧୁପାନ କରି
ପଙ୍କଜୁଁ ମଧୁପଗଣ,
ମଟ୍ଟିରେ ମଟ୍ଟିରେ ଟେକଡ଼ନ୍ତି ବଁଧୂର
ମଧୁର ଅଧର ପାନ । ୨୯ ।
ଗତ ଦିବସର ବିନାଶେ ବିକଳ
କମଳ ହେବାରୁ ମୁଦ,
ମଧୁଲବ୍ଧ ଲୋଭେ ଯେବଣ ମଧୁପ
ତା କୋଳରେ ଥିଲା ବନ୍ଦୀ ।
ଏବେ ସେ କମଳ ଫୁଟି ଉଠିବାରୁ
ବାହାର ହୋଇଁବାରୁ ରଙ୍ଗେ,
ମଧୁ ଗୁଞ୍ଜି ଗୁଞ୍ଜି ମଧୁର ପାରଣା
ରଚେ ସହଚରୀ ସଙ୍ଗେ । ୩୦ ।
ଅନ୍ଧାର ବିରହେ ସଂକୁଚିତ ତାମ୍ର
ଆଶା ପାଣ୍ଡୁରତା ଭଜେ,
ହସେ ସରୋବର ପ୍ରଫୁଲ୍ଲ ନୟନେ
ପଙ୍କଜ ହସିବା ବ୍ୟାଜେ;
ତପନ ତରାସେ ଶରଣାର୍ଥୀ ତମେ
ଚଢ଼ି ତପନକୁ ଧରି,
ଅନନ୍ତ ଗଗନ ପାଦପଙ୍ଗେ ଏବେ
କାଳିମା ନେଲଣି ହରି । ୩୧ ।
ଉଇଁବାରୁ ନିଜ ହସ୍ତାଂଶୁ ତପନ
ହସିଲଣି ସରୋରୁହ,
କ୍ଷୀଣକାନ୍ତି ବନ୍ଧୁ ଚନ୍ଦ୍ରଙ୍କୁ ନିରେଖି
କୁମୁଦ ଭଜଇ ମୋହ ।

Digitized by srujanika@gmail.com

ହିମଶୋଷୀ ହିମ- ଗିରି ଶିଳାଖଣ୍ଡେ
ସମ ଶୋଭିବନ ସ୍ଥିତ,
ନବ ବନମଧ୍ୟେ କୁମୁଦ କାନନୁଁ
ଯେନ ପଦ୍ମବନ ପ୍ରୀତ । ୩୨ ।
ଗନ୍ଧେ ଭୃଙ୍ଗ ସଙ୍ଘ ପ୍ରଫୁଲ୍ଲ କୁମୁଦ
ମରନ୍ଦେ ଉଦର ଭରି,
ପିଉ ତା ନ ପିଉ ମଧୁ ପଦ୍ମବନେ
ବୁଲେ ଅଭ୍ୟାଗତ ପରି ।
ବିରହ ବିରସେ ନ ପିଇଣ ମଧୁ
ରହିଁବସି ରାତଯାକ,
ପ୍ରେୟସୀ ବଦନ- ପଦ୍ମରୁ ଅଧର
ମଧୁ ଗୃହେ ଚକ୍ରବାକ । ୩୩ ।
ରତିଶାସ୍ତ୍ର ତତ୍ତ୍ୱ ରଥାଙ୍ଗ ମିଥୁନ
ଜାଣନ୍ତି ଏକା ଜଗତେ;
ରଜନୀ ବିରହେ ଚନ୍ଦ୍ରମା ବୁଡନ୍ତେ
ବିରହ-ଅନଳେ ତାତି,
ଆପଣା ହୃଦରୁ ବିଯୋଗ ସନ୍ତାପ
ଯେନନ୍ତି ଦ୍ୱିମଣି କାନ୍ତି ।
ଚକ୍ରବାକ ଏବେ ବିରହ ତରଳ
କଣ୍ଠାଗ୍ରଳ ସହଚରୀ,
ନାମଧରି ଡାକ ଉଡ଼ି ବୁଲଲଣି
ସରସି-ଉରସେ ଚରି । ୩୪ ।
ମୁକୁଳ-ନୟନ ମୁଦ କୁମୁଦନୀ
ଅନ୍ଧୀଭୂତ ହେଲପରି,
ରବିଙ୍କି ନ ଦେଖେ ବୋଲି ଲେଖେ ସିନା
କହୁଥାନ୍ତି ନନ୍ଦାକରି ।

Digitized by srujanika@gmail.com

ଶାସ୍ତ୍ର ଲେଖାଅଛି   ପଢ଼ିଛି 'ଅସୂର୍ଯ୍ୟଂ-
ପଶ୍ୟା ଅଟେ ରାଜଦାର'
ଭଳ ଦ୍ୱିଜରାଜେ   ରାଣୀ ନୁହେ ନଳ
ଭଲ୍ଲ କୁମୁଦମା ବାଳ ? । ୭୬ ।
ଚନ୍ଦ୍ରକର ତମଃ-   ସିନ୍ଧୁ ଦେଖୁ ବନ୍ଧୁ-
କରଛିଦ୍ର ରନ୍ଧ୍ରେ ଗଳି,
ପଡ଼ୁଥିବା ସୂକ୍ଷ୍ମ   ଜଳବିନ୍ଦୁ ପରି
ଗଗନେ ଉଡ଼ନ୍ତି ଅଳି ।
ରଙ୍ଗେ ଶତଦଳ-   ମଧୁ-ସିନ୍ଧୁ-ବେଳା
ଚୁମ୍ବି ସୁଖେ ମଧୁ ପିଇ,
ଭ୍ରମନ୍ତି ଭ୍ରମରେ   ମଜ୍ଜି ଆନନ୍ଦରେ
ପଙ୍କ ଶଙ୍କା ଆଣିଦେଇ । ୭୭ ।
ଜଳଜ ଆମୋଦେ   ଆସି ମଧୁକରେ
କୋହ୍ଳିତ କରଣେ ମିଶେ,
ଗୁଞ୍ଜଫଳ ପରି   ସରୋବର ତୀରେ
ଆହା କି ସୁନ୍ଦର ଦିଶେ ? । ୭୮ ।
ନବ ରବିକର   ଦେଖି ସରୋବର
କୋହ୍ଳିତ ବରଣ ଧରେ,
ଉଡ଼ିଆସି ସୁଖେ   ପଡ଼ ଅଳିକୁଳ
ମାଳତିର ଡାଳୁ ଝରେ ।
ଜଦର ମଣ୍ଡଳ   ପାଣ୍ଡୁର ଦିଶଇ
କମଳ କଳିକା ହାସେ,
ବଚନ ଚସଣେ   କର୍ପୂରତ ସର
ଗୃହୁ ଶୋଭା ପରକାଶେ । ୭୯ ।
କମଳ କୁଶଳ   ବିଧାନରେ ଧନ୍ୟ
ରବିର ପୁରୁଷକାର,

Digitized by srujanika@gmail.com

କମଳା ନିବାସ　　କର କରମୁଖେ
　　ପ୍ରଭୃତ ପ୍ରଶଂସା ତା'ର ।

ଆଉର ତା' ସଙ୍ଗେ　　ଉପମା ଦଅଇ
　　ଲୋକଲୋଚନକୁ ଖୋଲି,
ଡାକି ରଖେ ରବି　　ପେଚକ-ନୟନ
　　ସିନା ଅଲକ୍ଷ୍ମୀକ ବୋଲି ? । ୪୦ ।

ଉଇଁଲେଣି ରବି　　ଯାଜ୍ଞିକ ପ୍ରବର
　　ପୂଜା ଦେଇ ଜଳାଞ୍ଜଳି,
ମହେନ୍ଦ୍ର ସଦସ　　ପକ୍ଷେ ସିନା ତାହା
　　ଏ ଭାଳେ କୁଳଶଭଳ । ୪୧ ।

ପୂର୍ବାଚଳ ଚୂଳେ　　ଜାତ କୁନ୍ତୁବାଧ
　　କାନ୍ତ ଦାନମଣି-ଖଣି,
ଫିଟିଲଣି ତୁଣ୍ଡୁଁ　　ଅନ୍ଧାର ଶ୍ୟାମଳ
　　ରଜନୀ-ଶିଳା ତାଙ୍କୁଣି । ୪୨ ।

ଦାତା କର୍ଣ୍ଣ ଠାରୁ　　କୁଣ୍ଡଳ ଯୁଗଳ
　　ପ୍ରତିଗ୍ରହ କରି ହରି (୧)
ଅରପିଥିଲେ କି　　ପ୍ରାଚୀ ପ୍ରେୟସୀକି
　　ହୃଦୟରେ ମୁଦ ଧରି ।

ତା ମଧ୍ୟେ ପ୍ରଥମ　　ଉଠଇ ସିନା ସେ
　　ଚନ୍ଦ୍ରମା ଉଦୟ ଭାଳେ,
ସ୍ୱର୍ଣ୍ଣବର ସ୍ରାବୀ　　ତପନ ମଣ୍ଡଳ
　　ଦ୍ୱିତୀୟ କୁଣ୍ଡଳ ଭଳେ ।

Digitized by srujanika@gmail.com

ପୂର୍ବଦିନପତି- ଅସ୍ତମନ ବେଳା-
ଛାୟା ଅନଳରେ ଝାସି,
ଅତଳ ପାତାଳୁ ଟେକଙ୍କୁ ଉଦ୍ଧରି
ଇନ୍ଦ୍ରପୁରେ ରଖି ଆସି ।
ସୁଖେ ବଳସନ୍ତି କାନ୍ତିଦେବୀ ସିନା
ପଶ୍ଚାଦ୍‌ବ୍ରତା (୧) ମୂର୍ତ୍ତି ଧରି,
ପତିସଙ୍ଗେ ସ୍ୱର୍ଗେ ପରମ ଆନନ୍ଦେ
ସାଯୁଜ୍ୟ ଲଭିଲ ପରି । ୪୪ ।
ଅନ୍ଧ ଅନୁରୂପ ତନୁରୂପ ଛନ୍ତି
ସିନା-ପିତା ମାତାଙ୍କର,
ଧରନ୍ତି ସନ୍ତାନ ମାନେ ମିଥ୍ୟା ନୁହେଁ
ଏ ମତ ପଣ୍ଡିତଙ୍କର ।
ତାମସ ଭକ୍ଷଣ ଫଳେ ସିନା ତେଣୁ
ରବିଙ୍କର ସୁତାସୁତ,
ଯମ, ଶନି, ପୁଣି ଯମୁନାକୁ ଦେଖ
କୃଷ୍ଣକାନ୍ତି ଜଗତ ? । ୪୫ ।
ନଷ୍ଟ ନଭ ରବି କ୍ଷଣଦା କ୍ଷୟରେ
ଦିନମଣି କାଳ ପୁଞ୍ଜ,
ଯମ, ଯମୁନାର ଜନନେ ଅଭ୍ୟାସ
ନ ପାରିଲେ ଅଦା ତେଜ ?! ୪୬ ।
ଅପେ ଛୁଟପଦ ଅନ୍ଧାର ନାଶନ
ଲୋକଚକ୍ଷୁ ପଦ୍ମବନ୍ଧୁ,
ସାରଥି ସନାଥ ମନୋହର ରଥ
ରଥାଙ୍ଗ କରୁଣା ସିନ୍ଧୁ ।

(୧) ପତିବ୍ରତା ପକ୍ଷେ ଶ୍ରୀବ୍ରତା ସହିତ ।

ଜନ୍ମଦେଲେ ଯାହା ଟେନ, ଶମନଙ୍କୁ
ହୋଇ ଜଗତର ହିତ,
ଖଳମୃତେଖ ତେଣୁ କାହିଁକ ଅବା ସେ
ନୁହନ୍ତେ ଉପହସିତ ? । ୪୭ ।
ଶିଶିରଜ ପୀଡ଼ା ନାଶନେ ବସନ୍ତେ
ବଢ଼ରେ ଯେ ଅଳ୍ପତାପ,
ଗ୍ରୀଷ୍ମ ସନ୍ତାପ ନାଶିବାକୁ ଯେହ୍ନ
ହାବୁଟେ ବାଣ୍ଟଇ ଆପ (୧)
ଜନ ବନ୍ଧୁକତା ନିବାର ଶରଦ
ଶେଷେ ଯେହ୍ନ ହିମକଣା,
ସିଞ୍ଚଇ ସେ ଭାନୁ ମଣ୍ଡି ଜଣି ଏବେ
ପଶ୍ଚିମ ନଭ ଅଗଣା । ୪୮ ।
ଆକାଶ ବରଜ ଦାଗବାଗ ଟେକ
ପଳାଇ ଗଲେହେଁ ତରେ,
ଗ୍ରସ୍ତା ତଳୁତଳେ ଲୁଚକାଲି ଖେଳେ
ଧରନ୍ତୁହେ ରବକରେ । ୪୯ ।
ପଙ୍କଜର ମୂର୍ଚ୍ଛା ଭାଙ୍ଗି ଯେ ତପନ
ଜଗତ ଅନ୍ଧାର ନାଶେ,
ସୁର ଚକଶ୍ରକ ଅଶ୍ୱିନୀକୁମାର
ତାଙ୍କ ପୁତ୍ର ହେବା ଆଶେ ।
କୁମୁଦର ଅପ- ମୃତ୍ୟୁ ଆଣିଦଏ
ଯେବଣ ତପନ-କର,
ପ୍ରେତପତ ଯମ ତାଙ୍କର ତନୁଜ,
ନୁହେଁ ଏହା ଅସୁନ୍ଦର ? । ୫୦ ।

(୧) ଆପ-ଜଳ ।

ପ୍ରୋଷିତ ଭର୍ତ୍ତୃକା ସତୀ ପଦ୍ମିନୀ
ପୀଡ଼ଥିଲେ ଦଡ଼ୁପଢ,
ଏକୁ ସହଚରୀ ବସିମାନ ପୁଣି
ହସିଥିଲେ କୁମୁଦ୍ୱତୀ (୧) ।
ଅରୁଣ କରଣ ଅଙ୍ଗେ ବୋଳି ରଙ୍ଗେ
ବାହାରନ୍ତେ ନବ ରବି,
ଫେଡୋଡେ ମଳିଲେ କୁମୁଦନୀ ଧନୀ
ପ୍ରସ୍ଫୁଟିଲ ପ୍ରସୁଡ଼ଛିବ । ୫୧ ।
ଶ୍ରୁତିମୟୀ ବପୁ ସବୁଠା ପାଠାଲେ
ଥିଲେ ରଜନୀରେ ରହି,
ସହସ୍ର କରଣେ ବେଦଶାଖାମାନେ
ବକାଣି ଉଠିଲେ ତହିଁ ।
ମସ୍ତକେ ଥାଇ ସେହି ରଜନୀରେ
ଚକ୍ଷୁଃଶ୍ରବା ମଣ୍ଡିତ,
ସହସ୍ର ଫଣାର ଦ୍ୱିସହସ୍ର ନେତ୍ରେ
ଦେଖିଲେ ଶୁଣିଲେ ଶ୍ରୁତ (୨) । ୫୨ ।
ମଞ୍ଜୁଳ ନଖର (୩) ବାଳ ସବୁ କର
ବାଢ଼ାଇନ ପଡ୍ଥ ଅପି,
ଅଙ୍ଗୁଳି ସଞ୍ଚାଳ ପୁର ପରସରେ
ଖେଳିଲଣି ହସି ହସି । ୫୩ ।
ଭବନ ବଢ଼ୁଣ୍ଡ— ଜାଲେ ଉପଗତ
ତମଲ-ମୃଣାଳ ଭଳି,

(୧) କଇଁଲତା
(୨) ସର୍ପର କାନ ନାହିଁ ସେ ଆଖିରେଶୁଣେ ।
(୩) ନଖ, ପକ୍ଷେ ପ୍ରଖର ନୁହେଁ ।

Digitized by srujanika@gmail.com

ରବି କରାଙ୍ଗୁଳି ହେଉ ଅବଲମ୍ବେ
ନୟନ ପଥ ସଞ୍ଚାଳ ।
ଅଣୁଗଣେ ବ୍ୟାପ୍ତ ଏବେ ସେ ଅଙ୍ଗୁଳି
ଭ୍ରମୁଥିବା ଭ୍ରମ ଆଣେ,
ରବିମଣ୍ଡଳକୁ ବିଶ୍ୱ କାରିଗର
ନହିଲ କି ପୁଣି ଶାଣେ (୧) ? ୫୦ ।
ଦିନ ଦେବାଙ୍ଗୁଳି ଉପମାକୁ ଭଜ
ରବିକର-କ୍ଷୁର ଆଣି,
ରଜନୀ ଶରୀର ତିମିର-ଚିକୁର
ଛେଦି ତାକୁ ତଡ଼ିଲାଣି ।
ସେ ଚିକୁର ସିନା ପଡ଼ିଅଛି ଏବେ
ଏଣେ ତେଣେ ମହୀତଳେ,
ବନେ ଉପବନେ ବୃକ୍ଷ ଲୋକାଳୟେ
ଅଧବଳ ଛାୟା ଛଳେ । ୫୫ ।
ମଙ୍ଗଳ ନିମିତ୍ତ ସୃଷ୍ଟ ଦେବ-ଦେଷୀ
ଭୂମ୍ବ ଶ୍ୱକ୍ଳପଣ ସର,
ସୋଦର (୨) ତାହାର ସୁଧାଂଶୁମଣ୍ଡଳ
ସ୍ୱର୍ଗେ ଲେଖା ଯଶଭଳ ।
ଏକାଳେ ଅଶ୍ରଦ୍ଧା- କର ସୁଧାକର
ମୂର୍ଦ୍ଧାବଦ୍ଧ ଭୂମ୍ବ ପଟେ,
କରଚ୍ଛେଦ ଦଣ୍ଡ ପାଇ କଳଙ୍କକୁ
ଗ୍ଳାନିଛଳେ ସିନା ପୋଷେ ? ୫୬ ।

---

(୧) ପୂର୍ବେ ସ୍ୱର୍ଯ୍ୟା ସନ୍ଧ୍ୟା ଦେବୀଙ୍କର ସୂର୍ଯ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବିଶ୍ୱକର୍ମା ତାଙ୍କୁ କୁନ୍ଦଣରେ ବସାଇ ସୁପ୍ରାପ କଲେ ବୋଲି ପୁରାଣରେ ଅଛି ।

(୨) ଏହାର ସୋଦର ସୁଧାଂଶୁ କାରଣ ଉଭୟେ ସମୁଦ୍ରରୁ ଜାତ ।

Digitized by srujanika@gmail.com

ତାଙ୍କ ଶଙ୍ଖଲେଖୀ ଜଳଜ ଭେଦକ
ଖରତର ରବିକରେ,
ଗାହେ ନଦୀଭୂତ ଚରଣଦ ଭ୍ରାନ୍ତ
ଅର୍ଦ୍ଧଚନ୍ଦ୍ର ଖଣ୍ଡ ଧରେ ।
ଜଣିଚ ଜଳଜ (୧) ଗୁଣ୍ଡେ ଜନମିଣି
କମ୍ବୁଲ ଅକୃତ ଧରି;
ଲଗି ସେ କରତେ ଭରିଛୁ କ ତାକୁ
ନତାନ୍ତ ପାଣ୍ଡୁର ଭଲ । ୫୭ ।
ଫୁଟାଇ କମଳ ଫିଟାଇ ନୟନ
ଚୃହାନ୍ତି ତା ମୁଖେ ହରି,
ପୂଜଥିଲେ ଶିବେ ସହସ୍ର ପଙ୍କଜେ
ଷ୍ଟେ ନଜ ନେନଭର (୨) ।
ନେହ ସବୈତୃହ ଏକଜାତ ବୋଲି
ଭେଷ୍ଟ ପିନା ଭବଗଣେ,
ନେଷ ସଙ୍ଗେ ତାଧ ଉପମା ଦେବାକୁ
ବଳାଇ ଥାଆନ୍ତି ମନ ? ୫୮ ।
ମାଗ ସତ ଜାଗି କୁମୁଦ ସରସେ
ପଦ୍ମ-ନେଦୋଦର ଫେଡ଼ି,
ଶୋଇଲଣି ଜଳେ, ଗର୍ଭଗତ ଭୃଙ୍ଗ-
ରବ ପିନା ତା' ଘୁଙ୍ଗୁଡ଼ି । ୫୯ ।
'ତାଆ' 'କାଆ' ଛଳେ ଏକାଳେ କାକାଳି
ପଚ୍ଛରନ୍ତି 'କଲା କଏ' ?

(୧) ପଦ୍ମ, ପକ୍ଷେ ଶଙ୍ଖ ।
(୨) ବିଷ୍ଣୁ ଶିବଙ୍କୁ ସହସ୍ର କମଳରେ ପୂଜାକରିବାକୁ ଯାଇ ଗୋଟିଏ ନଅଣ୍ଟ ହେବାରୁ ଆପଣାର ଗୋଟିଏ ଆଖି ତାଡ଼ି ତା ସଙ୍ଗେ ମିଶାଇଥିବା କଥା ପୁରାଣରେ ଅଛି ।

"ତୁହି' 'ତୁହି' ବୋଲି ତାହାର ଉଚିତ
ଉତ୍ତର ଦୋକାଳ ଦିଏ । ୨୦ ।
ନଷ୍ଟେ ଏ କପୋତ ପାଣିନି ମୁନିଙ୍କ
ଶିଷ୍ୟ ଥିଲା ଜନ୍ମାନ୍ତରେ,
ଶବ୍ଦ ସାଧିବାର ଲଗାଇଛୁ କଣ୍ଠେ
ଖଡ଼ି ଚୂଳ ଛଳଗାରେ ।
ଯାଇଥିଲା ଭୁଲି ସବୁ ଏକାବେଳେ
ପ୍ରାକ୍ତନ ସଂସ୍କାରବଶେ,
ପ୍ରବୃତ୍ତେ ସୁମର 'ଘ' ସଂଜ୍ଞା କେବଳ
ମସ୍ତକ କମ୍ପାଇ ଘୋଷେ । ୨୧ ।
ପ୍ରାଚୀପଟେ ଗଢେ ବୈଜୟନ୍ତ (୧) ଧାମ
କୁଙ୍କୁମ ସୁଷମା ଧରି,
ତା' ଶିଶୁ ସନ୍ତାନ ବାଳ ଭାନୁକର
ଜନମନ ନିଏ ହରି ।
ହେ ସୌଧ ଚୂଳେ କମ୍ବୁନଦ କାନ୍ତି
ଭାନୁ ଗଢେ କୁମ୍ଭ ବ୍ୟାଜେ,
କୁମ୍ଭୋଦ୍ଭବ (୨) ସେହି ପ୍ରବଳ ତମିର
ଜଳଧି ଶୋଷିବା ସାଜେ । ୨୨ ।
ତମିର-ତମାଳ- ବନ ଗ୍ରାସିବାକୁ
ଦୀପ୍ତ ଦାବାନଳ ସରି,
ତପନ କରଣେ କମଳ କାନନେ
ଦରସ ଉତ୍ସବ ପରି ।
ଆକାଶୁଁ ଅବନୀ- ମୁଖେ ଉଷ୍ଣରଶ୍ମି
ଭରେ ଯାହା ବତରଣ,

(୧) ଇନ୍ଦ୍ରପୁର
(୨) କୁମ୍ଭସୂତ ଅଗସ୍ତି ସମୁଦ୍ର ଶୋଷଣ କରିଥିଲେ ।

Digitized by srujanika@gmail.com

କି ଫଳ ଚହ୍ନିଁରେ ସେ ସିନା ଛାହାର
କେବଳ ପିଷ୍ଟ ପେଷଣ । ୬୩ ।
ତମିର-ଜଳଧି- ବାଡ଼ବ-ଅନଳ
ତପନ ପଙ୍କଜ ବନେ,
କାମକେଳି ସାରି ଚେଜାଣି ଧାହିଁକ
ନ ଉଠେ ଦୂର ଗଗନେ ?
ଅବଧି ଦ୍ୟୁମଣି କରଣ ଆପଣା
ଧବଳ ବପୁ ନ ଧରି,
କାହିଁପାଇଁ ଅବା ଆକାଶ ଦେଶକୁ
ରଖିଅଛି ଉଙ୍ଗକରି ? ୬୪ ।
"ପ୍ରଭାତ ବର୍ଣ୍ଣନା ଶୁଣି ତୋଷବନ୍ଧ
ନିଜଭୂଷା ଦେଲେ ରାଣୀ"
ବୋଲି ଦାସୀମାନେ ବୈତାଳିକଗଣେ
ଦେଲେ ଅଳଙ୍କାର ଆଣି ।
ପଦ୍ମରାଗ-ପ୍ରଭ- ରେଖାରୁଣ ନେତ୍ରା,
ଦନ୍ତଦ୍ୟୁତା ଚନ୍ଦ୍ରାବଳୀ,
ମଣ୍ଡନ-ମଣ୍ଡଳୀ(୧) ପିନ୍ଧିଲେ ମାଗଧେ
ପ୍ରଶଂସା ତା'ର ବଖାଣି । ୬୫
ପଞ୍ଚଭୂଜ ରୂପେ ପାଇଥିଲେ ନୃପ
ଅତି ପୁଷ୍କଳ (୨) ଯେ ଯାନ
ସେ ରଥରେ ରବି ଯାଉଥିଲେ ପୂର୍ବ
ଯଥାକାଳେ ଇନ୍ଦ୍ର ସ୍ନାନ ।

---

(୧) ଅଳଙ୍କାର ସବୁ ।
(୨) ପୁଷ୍ପକ ଯାନରୁ ଅଧିକ ।

Digitized by srujanika@gmail.com

ମନ୍ଦାକିନୀ (୧) ଜଳେ ଶ୍ରୀଅଙ୍ଗ ପଖାଳି
ଫେରିଲବେଳକୁ ସୁଖେ,
ସ୍ତୁତିଶେଷେ ସୁଭି (୨) କ୍ଷଣେ ତାଙ୍କ ରୂପ
ପାନକଲେ ନେତ୍ରମୁଖେ । ୬୬ ।
କବିରଜ ଗଜ ମୁକୁଟ ଭୂଷଣ
ଶ୍ରୀହୀର ଯାହା ଜନକ,
ମାମଲ୍ଲ ଦେବୀଙ୍କ ଗରଭୁଁ ସମ୍ଭୂତ
ଶ୍ରୀହର୍ଷ କବି-ତିଳକ ।
ରଚିଲେ ସତତ ସଂଯତ ଭାବରେ
ଚରିତ ଚନ୍ଦ୍ର ଚନ୍ଦ୍ରାମଣି,
ପ୍ରଭୃତ ବର୍ଣ୍ଣନା ଊନବିଂଶ ସର୍ଗ
ଯଥାର୍ଥ ଉପମା ଖଣି । ୬୭ ।

(୧) ସ୍ୱର୍ଗଗଙ୍ଗା ।
(୨) ସ୍ୱଃମାନେ ।

Digitized by srujanika@gmail.com

ବିଂଶ ସର୍ଗ

ସୁଦୂର ଗଗନୁ   ସେ ରଥ ବାଶବ
ପ୍ରଭଞ୍ଜନ ପୃଷ୍ଠେ ଆସି,
ସୌଧାଦ୍ର-କୁଟ୍ଟିମେ   ଧାତୁ-ଜ୍ୟୋତିଚ୍ଛଟା-
ଚଟ୍ଟକୁ ଗଲା ପରଶି । ୧ ।
ପତି ଆଗମନ   ଦେଖି ଦମୟନ୍ତୀ
ଝଟିତି ପାଶ୍ୱେ ଗଲେ,
ପୂର୍ଣ୍ଣ ଚନ୍ଦ୍ରମାଙ୍କୁ   ପ୍ରହରୀ-ସାଗର
ବୀଚିଯଥି ପ୍ରଭାତରେ । ୨ ।
ପ୍ରେମେ ନଳପ୍ରିୟା-   ବଦନେ ଅନାଇଁ
ମଦନଠରେ ଢ୍ୱୋଇ ଧାର,
ନାଚାଇଲେ ମନ-   କମ୍ପି ଜଳେ ଦୃଷ୍ଟି
ପ୍ରେମ-ଅରବିନ୍ଦ ଶିଖି । ୩ ।
ପତିଦତ୍ତ ସ୍ୱର୍ଗ-   ସନ୍ଦେଶ ସଦୃଶ
ସୁନା:ପଦ୍ମ କରେ ଧରି,
ଶୋଭିଲେ ଶ୍ରୀମତୀ   କମଳ ନୟନା
ସାକ୍ଷାତେ କମଳା ସରି । ୪ ।

Digitized by srujanika@gmail.com

ପ୍ରିୟକର-ଦତ୍ତ   ଝଳଗ ଦଣ୍ଡକୁ
ଅଧିକ ବଢ଼ୁଛ ମନେ,
<u>ଏକ ଲକ୍ଷ (୧) ସ୍ଥଳେ</u>   <u>ଏକ କପର୍ଦ୍ଦକେ (୨)</u>
ଅନାଇ ରହିଲେ କ୍ଷଣେ । ୫ ।
"ଖେଦନୁହେ ଯେବେ   ମନରେ କୃଶାଙ୍ଗୀ
କର ଅନୁମତି ଦାନ,
ଆଲିଙ୍ଗନ ବନ୍ଧ-   ନର ଶେଷବିଧି
କରିବାକୁ ଅନୁଷ୍ଠାନ" । ୬ ।
"ଏପର କି ବିଧି   ଅଛି ଆଉ ପୁଣି
ଆଲିଙ୍ଗନ ବନ୍ଧନର"
ଶୁଣି ଏ ବଚନ   ନ ଖୁସି ମାନସେ
ପୋଷିଲେ ମାନସାବର । ୭ ।
"ବିଧି ଅନୁରୋଧେ   କ୍ଷଣିକ ବିରହେ
କାତର ହେଲୁ ତୁ ମୁଗ୍ଧେ,
ଅଚିରେ ମୁଁ ତର   ବିଚ୍ଛେଦ ବିହ୍ୱଳ
କରି ବସ୍ତିରଳ ହୃଦେ । ୮ ।
ପଦ୍ମମୁଖୀ ସତୀ-   ମୁଖେ ଗଲେ ଭୈମୀ
ଅବଜ୍ଞାତ ହୋଇ କ୍ଷଣେ,
କୁମୁଦ କାନନୁ   କମଳା କି ଅବା
ଚଳିଲେ କମଳ ବନେ ? । ୯ ।
"ନୋହୁ ଏହୁ ତ୍ରେତା (୩)   ଅନୁଭୂତ ମୋର
କଳି ଦ୍ୱାପରଙ୍କ ଭଳି"

---

(୧) ଏକ ଦୃଷ୍ଟିରେ, ପକ୍ଷେ ଲକ୍ଷ ସଂଖ୍ୟାରେ ।

(୨) ପଦ୍ମବୀଜ, ପକ୍ଷେ କପର୍ଦ୍ଦକ ।

(୩) ତୃତୀୟ ଯୁଗ; ପକ୍ଷେ ଅଗ୍ନି ସମ୍ଭୂ ।

Digitized by srujanika@gmail.com

ତୋଳି ନଳ ଅବା ଠେଲିଲେ ତାହାକୁ
 ମୁଖେ ତା'ର ପୁଚ୍ଛ ହାଲ । ୧୦ ।
ପ୍ରାତଃକୃତ୍ୟ ସାରି ଭଙ୍ଗିତେ ନୈଷେଧି
 ସଜନୀ ମାନଙ୍କୁ ନଳ,
ପଛୁଁ ଆସି ଭୈନ- କରେ ମୁଦଦେଲେ
 ଭୀମଜା ନେତ୍ରଯୁଗଳ । ୧୧ ।
ହସି ହସି ସୁଖେ ଦେଖନ୍ତି ଏ ଦୃଶ୍ୟ
 ଦମୟନ୍ତୀ ସଖୀଗଣେ,
ସତେ ଅବା ନୃପ ସଖୀ-ନେତ୍ର ଦୈର୍ଘ୍ୟ
 ମାପନ୍ତି ଅତି ଯତନେ ? । ୧୨ ।
"ଚହ୍ନିଲଣି ସଖି ! ଛାଡ଼ ଛାଡ଼" ଭଣି
 କରନ୍ତେ ହସ୍ତ ମୋଚନ,
ସ୍ପର୍ଶ ଜାଣି ନଳେ ମାନ ବହ୍ନି ହୃଦେ
 ମାନିନୀ ହେଲେ ମଜନ । ୧୩ ।
ଭଣିଲେ ରାଜନ "ସୁନ୍ଦରି ବଚନ
 ନୁହେଁ ଉଚିତ ଏ କୋପ,
ଯାହାର ପ୍ରସାଦେ ପାଇଛୁ ତୁମ୍ଭଙ୍କୁ
 ନ କରିବ କି ସେ ଜପ ? । ୧୪ ।
ସ୍ନାନସାରି ଯାହା ନ କଲ ପ୍ରଣାମ
 କଲେହେଁ ଦାସତ୍ୱ ରତେ,
ତାଙ୍କୁ ଅପରାଧ ଟେଣୁ ହେବେ କହ
 ପ୍ରଣମିବ ପଦପ୍ରାନ୍ତେ । ୧୫ ।
ଭଣି ଏହାପରି ପାଦ ଧରିବାକୁ
 ପ୍ରସାରନ୍ତେ ନଳ କର,
ନିଷେଧି ସଙ୍କୋଚେ ସଭୟେ ଭୀମଜା
 କହାଧେ କଲେ କାତର । ୧୬ ।

Digitized by srujanika@gmail.com

ଅପାଙ୍ଗ-ପ୍ରାଙ୍ଗଣେ ତରଳ ତାରକା
ଝଲତ୍କାରେ ବଶୀଭୂତ,
ନୈଷଧ ଈଶ୍ୱର ସମ୍ବୋଧି ପ୍ରିୟାକୁ
ଭଷିଲେ ଏହୁ ଭଷିତ । ୧୭ ।
"କଟାକ୍ଷ କପଟେ ଦୂରପଥ ଲଙ୍ଘି-
ଯିବାକୁ ଚଞ୍ଚଳ ହୋଇ,
ଦେଖି କର୍ଣ୍ଣକୂପ ପାତଭୟେ ନକ
ନିବର୍ତ୍ତିଲେ ନେତ୍ରଦ୍ୱୟ ? । ୧୮ ।
ସର୍ବେଶ ହେଲେହେଁ ସର୍ବେଶାକ୍ଷି ! ମୋର
କରୁ ଆନନ୍ଦ ବର୍ଦ୍ଧନ,
ହେଲେହେଁ ତପତ ସୌରକର ବରେ
ପଦ୍ମକୁ ସୌରଭ ଦାନ । ୧୯ ।
ବିଚକ୍ଷଣ ବିଧି ଚନ୍ଦ୍ର ମଣ୍ଡଳରେ
ତୋ ମୁଖ ବିଳାସ ଗୁହିଁ,
ତା ଅଙ୍କେ କଳଙ୍କ ନିହିତନ୍ତି, ସିନା
ପ୍ରଭେଦ ବାଣିବା ପାଇଁ ? ୨୦ ।
ଇନ୍ଦୁ ଗର୍ଭଜାତ, ତାମ୍ରପର୍ଣ୍ଣୀ (୧) ତଟେ
ଉତ୍ପନ୍ନ ମୁକ୍ତାରୁ ବଳି,
ଜନ ମନୋହର ପ୍ରସନ୍ନ ମଧୁର
ତୋହର ବଚନାବଳୀ । ୨୧ ।
କ୍ଷୀର ସାଗରରୁ ଅମୃତ ସଙ୍ଗତେ
ଉଠିଅଛୁ ତୋର ଗିର,
ଅବଧି ତହିଁରୁ ଦୁଗ୍ଧ-ଲେପ-ଲବ
ଛିତ୍ର ହୋଇନାହିଁ ଦୂର । ୨୨ ।

---

(୧) ନଦୀ ବିଶେଷ ।

Digitized by srujanika@gmail.com

ମଣ୍ଡିଲେ ପଲଙ୍କ- ଅଙ୍କ ନରପତି
ପ୍ରେୟସୀକ ଦେହ କୋଳେ,
ଚୁମ୍ବିତ-ଚନ୍ଦ୍ରିକା ଚନ୍ଦ୍ରମାମଣ୍ଡଳ
ଗଗନ କି ପୂର୍ବାଚଳେ ? ୨୩ ।
ପ୍ରାବୃଟ ପ୍ରାରମ୍ଭେ ଦବେ ଆଲିଙ୍ଗିତ-
ପର ସ୍ନିଗ୍ଧ ଜଳଧର,
ଆଶ୍ଳେଷି ପ୍ରିୟାକୁ ଚରସ୍ଥିର ହେଲେ
ଶରତ୍ କାନ୍ତର ନଳ । ୨୪ ।
ସ୍ମିତ-ଶୋଭି ପ୍ରିୟା- ବଦନ ଚୁମ୍ବିଲେ
ରସମଗ୍ନ ହୋଇ ନଳ,
ମଧୁ ମଧ୍ୟେ ପ୍ରତି- ବେମ୍ବି ଚୁମ୍ବିଲ କି
ସବିତା ରଙ୍ଗ(୧) କମଳ ? ୨୫ ।
ହାଟୋର ଜାଳ ଭୈମୀ ପ୍ରିୟସଖୀ
'କଳାକୁ' ନଳ ତା'ପରେ,
ବନୋଦେ ସାକ୍ଷିଣୀ କରିବାକୁ ତାକୁ
ଅନଙ୍ଗ ବସାଇ ହସିଲେ । ୨୬ ।
"କେଜାଣି କାହିଁକି ତୋର ପ୍ରିୟସଖୀ
ମୋଠାରେ ନକରେ ଦୟା,
ଭ୍ରମୂଭ୍ରତ ସଦା ଅସକ୍ତ ଥିବାରୁ
ଉଚିତ୍ତ କି ଅନମାୟା ? ୨୭ ।"
"ଅନୁଗୃହୀତ ମୁଁ ହେଲି ପ୍ରିୟତମ"
ପ୍ରାଣ ସମ୍ପି ସବେ ଭଣେ,
"ମିଥ୍ୟାବାଦୀନୀଏ ସଖୀ ଏହ୍ୱପର
ନ ଠବେ କି ଅଳଗଣେ" । ୨୮ ।

---

(୧) ରକ୍ତ କମଳକୁ ଲକ୍ଷ କରସିବାର କାରଣ ତା' ଅନୁରାଗ ରଞ୍ଜିତ ଭୈମୀ ମୁଖ ସଙ୍ଗେ ସମାନ ।

Digitized by srujanika@gmail.com

ନଳ ଭଳି ଆନେ ନ ଭଜେ ମୁଁ ମନେ
ତୁମ୍ଭ ସଖୀର ବଚନ,
ଯଉବନେ ମନେ- ଭବକୁ ଆଦରେ
ନୁହେଁକି ମିଥ୍ୟାଭୂଷଣ ? ୨୯ ।
ବଦନ-ସୁଷମା ଦେଖିପାରିନାହିଁ
ଲାଜେ ମଥା ଘୋଡିଛନ୍ତି,
ଶୁଣନ୍ତି ତୋ ସଖୀ ମୁଖର ବର୍ଣ୍ଣନା
କରନ୍ତୁ ଯେବେ ତୋ ଯାନ୍ତି ? ୩୦ ।
ଦେଖ ତୁମ୍ଭ ସଖୀ ଖୋଲି ବେଳନେବ
ସଦା ଅଳିଗଣେ ଗୃହେଁ,
ଅପରାଧୀ ପର ମଣି ମନେ ପୁଣି
କଟାକ୍ଷେ ଅନାଇ ଦହେ । ୩୧ ।
ବଢୁଛନ୍ତି ମନେ ଏବେ ସଖୀ ତୋର
ନ ଗୃହେଁ ମୋତେ ତାହାଙ୍କ ?
ଦୁଇଜଣେ ଦିବା- ବେଳେ ଦେଖି ଅବା
ପାଶୋରନ୍ତି ତା'ର ଅଙ୍କି ? ୩୨ ।
ନିଜ ସଖୀଗଣେ ସୂନୃତ ବଚନେ
ସଦା ସ୍ନେହ ପ୍ରକାଶଇ,
"ତୁମ୍ଭେ ମୋର" ଏହା ବୋଲିବାକୁ ଥରେ
ମାନେ ମରଣ ହୁଅଇ । ୩୩ ।
ତେଣୁ ସଜନୀକୁ ନ ଡାକଇ ଅବା
ନାମଧରି ସମାଦରେ,
ତୁମେ ହେଲେ ଥରେ ମୋର 'ନଳ' ନାମ
ରସନାରେ ନ ଉଚ୍ଚାରେ । ୩୪ ।
ପୀନ ସ୍ତନଯୁଗ ମାଡ଼ି ବସିଅଛି
ପ୍ରିୟ ସଖୀ-ବକ୍ଷସ୍ଥଳ,

Digitized by srujanika@gmail.com

କାହିଁ ଅବକାଶ- ଲଭ ହେଲେ ତହିଁ
କାହାକୁ ପାରବ ଧରି ? ୭୫ ।
ହୃଦୟ ଏହାର ଏପରି କଠୋର
ଜାଣି ମୃଦୁତା ବରଜ,
ଉପଯୁକ୍ତ ବୃତ୍ତି କୁଚଯୁଗ ସିନା
ବମ୍ଭଖତା ଅଛି ଭଜ ? ୭୬ ॥
ଭଷି ଏହାପରି ବଣବାଡ୍ୟ ନଳ
ହୃଅନ୍ତେ ତହିଁ ମଜନ,
ଭୈମୀ-ହାସ ହସ- ମୁଖ ଦେଖି 'କଳା'
ହସି ଭଷିଲ ବଚନ । ୭୭ ।
"ତର୍କି ଅଛ ଭଲ ନବ ଅନୁରାଗ
ତୁମ୍ଭଠାରେ ସଞ୍ଚାର,
ଚିରନ୍ତନ ପ୍ରୀତ ସଖୀ ଗଣେ ତା'ର
ଏଡ଼ ଉଚିତ ବେଭାର । ୭୮ ।
ତୁମ୍ଭେ ରତଶାସ୍ତ୍ରେ ପରମ ପଣ୍ଡିତ
ସଖୀ ନବ ବବାହିତା,
କପରି ତାହାକୁ ବେଗକର ତୁମ୍ଭେ
କହିପାରେ କ ସେ କଥା ? ୭୯ ।
ନାସତ୍ୟ ବଦନ (୧) ବୋଲି ଜଗତରେ
ତୁମ୍ଭଙ୍କୁ କଏ ନ କହେ,
ବଚାରେ ତୁମ୍ଭର ଅନୁରୂପ ପ୍ରିୟା
ଅସତ୍ୟ ବଦନା ନୁହେ । ୮୦ ।
ମନୋଭବ ଅଛି ସଖୀଚିତ୍ତେ ସତ,
କନ୍ତୁ ତୁମ୍ଭେ ସେହ ସ୍ମର,

(୧)ନ-ଅସତ୍ୟ ବଦନ । ପକ୍ଷେ ଅଶ୍ୱିନୀକୁମାରଙ୍କର ବଦନ ପରି ବଦନ ଯାହାର ।

Digitized by srujanika@gmail.com

ଦବାଗ୍ନିତ ହେଣୁ ସଖୀ ହୃଦୟନ୍ତୁ
ନ ହୁଅ ଉଲେ ଅନ୍ତର । ୪୧ ।
ଭୈମୀ ହୃଦଗତ ମନମଥ ସତ
ପ୍ରତିଚ୍ଛାୟା ସେ ତୁମ୍ଭର,
ନୋହିଲେ କପଣ ତୁମ୍ଭଭଳି ରୂପ
ଧରନ୍ତା ଅତନୁ ସ୍ମର ? ୪୨ ।
କାମଭ୍ରମେ କାହିଁ ତେଜିବ ତୁମ୍ଭଙ୍କୁ
ଅବା ଏ ସନ୍ଦେହ ବଶେ,
କାମର ତୁମ୍ଭର ସରୂପତା ଗୃହି
ଦୁହିଙ୍କୁ ହୃଦୟେ ପୋଷେ ? ୪୩ ।
ତୁମ୍ଭଠାରେ ନ୍ୟସ୍ତ ଚିତ୍ତକୁ ଅବଳା
ଟାଣିଅଣି ନ ପାରଇ,
ତେଣୁ ଘିତବଶେ ନେତ୍ରକୋଣେ ସିନା
ବାରମ୍ବାର ଗୃହିଁ ଥାଇ । ୪୪ ।
ଦେଖାହେଜ ବେକ୍ତୁ ଲଗି ରହୁଅଛ
ସଖୀର ବେନ ନୟନେ,
ସନ୍ଦେହ ହୋଇଲେ ନଳେ(୧) ଦେଖ,କେଉଁ
ବିଶ୍ୱାସ ପର ବଚନେ ? ୪୫ ।
ପରରମ୍ଭ କାଳେ କୁଚ-କୁଙ୍କୁମାଦ
ତୁମ୍ଭ ହୃଦୟେ ଲାଗଇ,
'ତୁମ୍ଭଠାରେ ମୋର ହୃଦ ଅନୁରାଗେ
ବୋଲି ସିନା ଥାଏ କହି ?୪୬ ।
ତୁମ୍ଭ ନାମ ତା'ର କାମମନ୍ତ୍ର ସିନା
ଦନରାତ ଜପକରେ,

(୧) ଯାହା ଆଖିକୁ ଗୃହିଁ ଆଖିରେ ନିଜ ପ୍ରତିବିମ୍ବ ଦେଖିପାରିବ ।

Digitized by srujanika@gmail.com

ଦେଖ ସଖୀକଣ୍ଠ ତୁମ୍ଭେ ଅକ୍ଷସୂତ୍ର
ଏକାବଳୀ ମାଳାଛଳେ । ୪୭ ।
ମହାନ ଆପଣ କଲେ ଅଧିଷ୍ଠାନ
ଯେବେ ସଖୀ ହୃଦୟରେ,
ନ ସମ୍ଭାଇ ହୃଦେ ଫୁଟି ଦେଖାଦେଲେ
ସେ ଦନୁ ସ୍ତନେ ବାହାରେ । ୪୮ ।
ପୀଡ଼ିତ ବକ୍ଷତ ହେଲ ତୁମ୍ଭଭରେ
ଯେହ୍ନେ ହୋଇ ଦୋଷୋଜ୍ଝିତ (୧)
ସେ କୁଚ କପର ଦେଖାଇବ ମୁଖ
ଦନେ ଥାଇ ଅନାବୃତ ? ୪୯ ।
'ରାଜା' ର ଏପର ଅମୃତ-ବରଷୀ
ସୂକ୍ତି(୨) ନୃପ ହୋଇ ସିକ୍ତ,
ପୁଚ୍ଛିଲେ ପ୍ରିୟାର ତୁଛମୁଖ ଟେକ
"ଛଡ଼େ ଯା' 'କଛା' କ ସତ ? ୫୦ ।
ଶୋଭିଲ ନୃପତି- ବର ପ୍ରେୟସୀର
ବଦନ ଟେକିଲାବେଳେ,
ବହୁକାଳ ପରେ ଲଭିଲ ସନ୍ଧାନ(୩)
ପଙ୍କଜ କି ସୂର୍ଯ୍ୟ କରେ ? ୫୧ ।
ମଧ୍ୟାହ୍ନରେ ବୁଢ଼ ମନ୍ଦେ ହସି ବାଳା
ଢୁଅନ୍ତେ ନତବଦନ,
ଦେଖି ସେହ୍ନ ଭଙ୍ଗୀ ଲଭିଲେ ଅଧିକ
ଆନନ୍ଦ ନଳ ରାଜନ । ୫୨ ।

---

(୧) ଦୋଷବର୍ଜିତ, ପକ୍ଷେ ରାତ୍ରିରେ ଉନ୍ମୁକ୍ତ
(୨) ସୁ ଭକ୍ତିରେ ବା ଉତ୍ତମ ବଚନରେ ।
(୩) ସଂଯୋଗ ।

Digitized by srujanika@gmail.com

ପୁଣି ପଣଦ୍ୱାସ ବିଳାସରେ ନୃପ
ସ୍ପୃହା ପରବଶ ହୋଇ,
ଆଲିଙ୍ଗି ପ୍ରିୟାକୁ ଭଷିଲେ 'କଳା'କୁ
ସ୍ମିତଶୋଭା ମୁଖେ ଚୁମ୍ବି । ୫୩ ।
"ରଜନୀ ତୁମ୍ଭର କ୍ଷମାକରୁ ଏବେ
ଅପରାଧ ଦିବସର,
ଦିବାଯୋଗୁଁ ଯିନା ଚୁମ୍ବନ ଅଧରେ
ହୁଏ ସେ ଏତେ କାତର ? ୫୪ ।
ଦିବାଯୋଗେ ଯେବେ ସଖୀ-ମୁଖ-ସଖା
ଇନ୍ଦୁ ହେଲ ତିରସ୍କୃତ,
ସେ ମୁଖ ବାନ୍ଧବ ପଙ୍କଜର ଦିନ
ସାଟୁଛି ତ ବସ୍ତ୍ର ହୃତ । ୫୫ ।
ରସକ୍ରୀଡ଼ା କାଳେ ରଜନୀରେ ଲାଜ
ନ ଥିଲା ତୋ ସଖୀପାଖେ,
ଏବେ ପୁଣି ଯାହା ଲେଉଟି ଅଇଲା
ସଗୃର୍ ତା' କାହାଲାଖେ ? ୫୬ ।
ଦଂଶିଲି ଅଧର ରଜନୀରେ ବୋଲି
ନ କରୁ କୋପ ମୋ'ଠାରେ,
ଦଂଶେ ଫଳ ବୋଲି ବିମ୍ବଲତା କୋପ
କରେ କିକ ଶୁକଠାରେ ? ୫୭ ।
କୁଚଯୁଗ ପରି ରୈବାଇ ଅଣିଛୁ
କର କୁମ୍ଭଯୁଗ ଶିରୀ,
ଅଙ୍କୁଶର କ୍ଷତ ନ ବହୁବ କମ୍ପା
ଅଟେତ ମୁଁ ଦଣ୍ଡଧାରୀ । ୫୮ ।
ହେଉ ଅପରାଧ ମୋର ବଦନର
ଅଧର-ଅମୃତ ପାନେ,

Digitized by srujanika@gmail.com

ମନ୍ତ୍ରବର ପୁଣି — କେଉଁ ଅପରାଧ ?
ଅଷ୍ଟମ ପଦଚୁମ୍ବନେ । ୫୯ ।
ପଚାରୁ ସଖୀଙ୍କି — ଶୁଣି ତାଙ୍କ ବାଣୀ
କେଉଁ ଅପରାଧ ମୋର ?
ବୀଣା, କଳକଣ୍ଠ — ସ୍ପର୍ଦ୍ଧୁଛନ୍ତି ମୋତେ
ପରୁଷ ନିଷ୍ଠୁର ଗିର । ୬୦ ।
ମନ୍ତ୍ରେ ଏ କଥା- — ବୁଝିନଅ ଥରେ
ସଖୀ ବିଶ୍ବାସଭାଜନ,
"ମୋର ବୋଲି କହୁ" — ମୋ' ଠାରେ କାହିଁକି
ପରପରି ଆଚରଣ ? ୬୧ ।
ଭୈମୀ ମୁଖପାଖେ — ନିଜ କଣ୍ଠ ନେଇ
ରଖି ଅତି କଉଶଳେ,
ତାଙ୍କ କଣ୍ଠପାଶେ — ନଳମୁଖ ରଖି
ଉତ୍ତରିଲେ 'କଳା' ଛଳେ । ୬୨ ।
"ଗୁପତ ଘଟନା — ନ କହିଲୁ ସଖି
କହୁହେଲେ ଧୂର୍ତ୍ତପଣେ,
ରହ ରହ ଏବେ — ଏହୁ ନଳମୁଖୁଁ
ଶୁଣିବ ତାହା ଯତନେ । ୬୩ ।
ପଢ଼ୁଁ ସ୍ମର-ଶାସ୍ତ୍ର — ଶିଖାଇଥିଲି ଯା'
ବିପରୀତ ରତିରସ,
ଆଚରି ନିଶାରେ — ଲୁଚାଉ କପାଇଁ
ଧନ୍ୟ ଏ ତୋର ସାହସ । ୬୪ ।
ମଉନେ ରହନ୍ତେ — ଭୈମୀ ତହୁଁ କଳା
ଶୁଣିଲାପରି ତା ଗିର,
କହୁ କହୁ ଭାଷି — ମଧ୍ୟେ ମଧ୍ୟେ ପୁଣି
କରୁଥାଏ ହୁଁ ହୁଁକାର । ୬୫ ।

Digitized by srujanika@gmail.com

ଦେଖି ଏ ରହସ୍ୟ ପ୍ରହାରିଲେ ଭୈମୀ
ତାକୁ ଲୀଳା କମଳରେ,
ଲଭିସେ ଆଘାତ ରହୁଁ ଯାଇ 'ହଳା'
ଭଣିଲ ଏସନ ନଳେ । ୬୬ ।
"ଦେଖ ମହାରାଜ ! ତୁମ୍ଭଲାଗି ମୋର
ପ୍ରାର୍ଥନାରେ ଯୋଡ଼ହସ୍ତ,
ପିନ୍ଧୁନ୍ତି ଏଥର, ଧର୍ମରାଜ ଅଛୁ
ପୁଣି ଭୂରୁସ୍ୱଗେ ସସ୍ତି । ୬୭ ।
ସ୍ୱସ୍ତି କେଉଁ ଚିହ୍ନ ଚିହ୍ନିଲୁ ଗୋ ନଳେ
ଏହୁ ସେ ନୈଷଧ ବୋଲି ?
ଶଙ୍କା ହୁଏ ମୋର ଇନ୍ଦ୍ର ଅଛିନ୍ତି
ମାୟା ନଳ ରୂପଧରି । ୬୮ ।
ମନ୍ଦାକିନୀ ସ୍ୱର୍ଣ୍ଣ- କମଳ୍ଳୁଁ ଗୋଟିଏ
ଦେଖ ଦେଇଛନ୍ତି ମୋତେ,
ଅଛିନ୍ତି ପୁଣି ସ୍ୱର୍ଗରୁଁ ଏବେ
ଚଢ଼ି ମନୋଗତି ରଥେ । ୬୯ ।
ସ୍ୱୟମ୍ବର କାଳେ ମାୟା ତାହାଙ୍କର
ଅଟେ ମୋହର ବଦିତା,
ଅହଲ୍ୟା ସକାଶେ ଭଲେ ଯେ' ଅନ୍ୟାୟ
ତାଙ୍କପକ୍ଷେ କ ଅଭୂତ ? ୭୦ ।
ସାର୍ବଭୌମ ଚିହ୍ନ ବଜ୍ର-ରେଖା ହେଣ୍ଡୁ
ଶୋଭାପାଏ ତୁମ୍ଭକରେ.
ତେଣୁ ଇନ୍ଦ୍ର ବୋଲି ଟିକ୍ସ ବୁଦ୍ଧିବଳେ
ବଇଦର୍ଭୀ ମନେକରେ । ୭୧ ।
ନ ଜାଣନ୍ତି ଯାହା ଅନେ ସେ ରହସ୍ୟ
କହୁ ପ୍ରକାଶ ସାକ୍ଷାତେ,

Digitized by srujanika@gmail.com

ସନ୍ଦେହ ତାଙ୍କର କର ଏବେ ଦୂର
ଯେବେ ନୈଷଧ ସତେ । ୭୨ ।
'କଳା'ର କପଟ ନ ବାରି ନୃପତି
ତାହାର ସୁଯୁକ୍ତି ବଳେ,
ଶୁଣି ତା' ବଚନ ସଂଶୟିତ ହୋଇ
ଭାଷିଲେ ଏସନ ଗିରେ । ୭୩ ।
"ମନେପଡ଼େ କି କି ଶୁଅନ୍ତେ କପଟେ
ଦେଇ କର ନାଭିଦେଶେ,
ହେଲୁ ପଦ୍ମନାଭ ଯେଣୁ ସେ ଆନନ୍ଦେ
ରୋମାଞ୍ଚ ହେଲା ବିଶେଷ । ୭୪ ।
ନୂତନ ମନ୍ମଥ ଉତ୍ସବରେ ମାତି
ଥିଲବେଳେ ଲଜ୍ଜାଭୟ,
ତେଜିଲି କପଟ ଅଙ୍ଗଭୋଗ ଦାନେ
ସେ କଥାକୁ କରି ଲୟ । ୭୫ ।
କାମକୁ ଜାଣି ମୁଁ ଫେରିଲା ସମୟେ
ଚରଣ ଛୁଇଁବା ଦମ୍ଭେ (୧)
ଆଲିଙ୍ଗିଲି ଯାହା ବହୁଜନ ମଧ୍ୟେ
ମନେପଡେ କି ତା' ଏବେ ? ୭୬ ।
ନ ପଡ଼େ କି ମନେ ମାନେ ଖିନ୍ନ ହୋଇ
ଚହଲେଖି ବେଣୀଙ୍କର,
ଦେଖନ୍ତେ ଏକାନ୍ତେ ଦେଖିଲି ମୁଁ ଯେବେ
ହେଲୁ ମଧ୍ୟେ ଭେବଗାର । ୭୭ ।
ଭୁଲିତ ନ ଥିବ ସୁରତେ ମୋହିତ
ହୋଇ ମୁଁ ଚୁମ୍ବୁ ଅଧର,

(୧) କପଟେ ।

Digitized by srujanika@gmail.com

ପିଇ ପୁଣି ତୃପ୍ତ ନ ହୋଇ ହେଲଯା
ରସନା ପାଟନ ଅଧୀର । ୭୮ ।
ଆଲିଙ୍ଗନେ ତବ କୁଚ-ନଖକ୍ଷତ-
ରକ୍ତ ଦେଖି ବକ୍ଷେ ମୋର,
ହସନ୍ତେ ସଖୀଏ ଭଷିଲି ମୁଁ ହସି
ଦେଖ ଏ ଶିଳ୍ପ ସଖୀର । ୭୯ ।
ମଧୁପାନ ଛଳେ ସପତ୍ନୀ ସମାଜେ
ଗୃହାନ୍ତୁ ତୁ କୋପେ ମୋତେ,
ତାଙ୍କଆଗେ ତୋର ପାଦେ ଯା ପଡ଼ିଲି
ସ୍ମର ସେ କଥା ଚିତ୍ତେ । ୮୦ ।
ପ୍ରବାସୁଁ ଆସି ମୁଁ ପ୍ରେମଭରେ ତୋତେ
ଗୃହାନ୍ତେ କେଳି-ହରଷେ,
ଆଲିଙ୍ଗି ଆଳକ ଚୁମ୍ବିଲି ଯା’ ବ୍ୟାଜେ
ମନେପଡ଼େ ଏବେ କ ସେ । ୮୧ ।
ମନେଥୁଏ ପ୍ରିୟେ ! ଦେବାଇ ତାମ୍ବୁଳ
ଅରପି ତବ ବଦନେ,
ମାଗିଥିଲି ପୁଣି ଫେରାଇ ଦେବାକୁ
ମୋର ସେହୁ ନ୍ୟାସ ଧନେ । ୮୨ ।
ଏତଛି କି ମନେ ତବ ରତିଶେଷ
ନ ହେଉଁ ମୁଁ ସାନ୍ତୁଁରତ,
ସଚେ କୃଷ୍ଣଭୂମି କର୍ଷିଲି ପରସ୍ପେ
ନଖ ମୁଖେ କଲ୍ କ୍ଷତ । ୮୩ ।
ମୁହାଁମୁହିଁ ହୋଇ ଶୋଇବାରୁ ସୁଖ
ଲଭିବାକୁ କୁଚ ହେଲେ;
ସ୍ଥାନ ବଦଳାଇ କଡ଼ ଲେଉଟାଇ
ନାଧିଁ କ ରଜନୀ ବୋଲେ ? । ୮୪ ।

Digitized by srujanika@gmail.com

ସଖି ସମାଜକୁ ଅନ୍ୟମନା ଦେଖି
ଲଭି ସାଧୁ ଅବସର,
ଓଷ୍ଠେ ଦନ୍ତକ୍ଷତ ଦେଖାଇ ଯା' ମୋତେ
ଉପୁଜଇଥିଲ ତା' ସ୍ମର । ୮୫ ।
ତାହା ଦେଖି ମୁହିଁ ଲୀଳାପଦ୍ମ ଘେନି
ଯୋଡହସ୍ତ କରି ସେ ଛଳେ,
ତେଜି କୋପ ପରା ହୋଇଲ ପ୍ରସନ୍ନ
ମନେକର ତାହା ବେଳେ । ୮୬ ।
ତୁମ୍ଭ କରପଦ୍ମେ ତାମ୍ବୂଳ ଅରପି
ବହନ୍ତେ ମୁଁ ନଖକ୍ଷତ,
ମୋ କରେ ସେପରି କ୍ଷତ କରିଥିଲ
ନୁହେଁ କି ଏକଥା ସତ ? ୮୭ ।
ମିଥ୍ୟା ମୁଁ ଭଷିଲି ବୋଲି ରୁଷି ଯେବେ
ଗଲ ସହଚରୀ ସଙ୍ଗେ,
ପଛେ ପଛେ ଗଲି ତେବେ ମୋ ଆଗରେ
ଛିଣ୍ଡାଇଲ ତୃଣ ରଙ୍ଗେ । ୮୮ ।
ଦ୍ୱିତୀୟ ସୁରତ ସହି ନ ପାରନ୍ତେ
ତିରସ୍କାର କଲି ମୁହିଁ,
"କୋକିଳ-ଭଗିନି ! ଶୀଘ୍ରରତ ବୋଲି"
ତାହା କି ତୋ' ମନେ ନାହିଁ । ୮୯ ।
ଭୁଞ୍ଜିବା ବେଳକୁ ମଧୁସଙ୍ଗେ ନବ
ଜାମ୍ବ ମୋ ପତ୍ରେ ପରଷି,
ସପତ୍ନୀରେ ମୋର ଅନୁରାଗ ଶଙ୍କି
ରୁଷିବା ସ୍ମର ପ୍ରେୟସି ! । ୯୦ ।
ଦୂର ସରବତ ଗୁଣି ପ୍ରଶଂସିଲି
"ତୁମ୍ଭେ କି କରିଛ ଏହା."

ନନ୍ଦାବଶେ ଶ୍ରେଷ୍ଠ- ବନ୍ଧୁର ଅଧର
ଦେଖି ମୁଁ ଭରିଲି ଯାହା । ୯୧ ।
ଚୁମ୍ବି ଚୁମ୍ବି ମୁଖୁଁ ନାହିଁଯାଏ ଗଲି
କୋଃହଳ ଉପ୍ରତ ମତ,
ଚୁମ୍ବି ନ ପାରିଲି ତୋର ଦେହେଁ ଅଙ୍ଗ
ଚୁମ୍ବୁ ତାକୁ ଏବେ ସ୍ମୃତ । ୯୨ ।
ସେ ବଚନ ହେଲା ହେଜ ମନୋମିତ
ପ୍ରତୁଷ ଜଡିତ ଯାହା,
ବୋଲୁଁ ହସି ନଜେ ମଜନ ରହିଲି
ମନେହର ଏବେ ତାହା । ୯୩ ।
କସ୍ତୁରୀ ମିଶ୍ରିତ ଶ୍ରମ-ଜଳଯୋଗେ
ଶବ୍ଦିକ ଭ୍ରମର ମାଳ,
ହେବାର ଦେଖିଲି ହାର ମାଣିକ୍ୟରେ
ସେ ପ୍ରତୁଷାଗ୍ନିତ ସ୍ମର । ୯୪ ।
ଜନ୍ତରେ ଭ୍ରମର ଚାହା ନକ୍ଷତ ?
ବୋଲି ମିଛ କହୁ ଯେବେ,
ନଜରେ ବୁଡାଇ ରହେ ଭଙ୍ଗଦେଲି
ସ୍ମର ଗୋ ସେ କଥା ଏବେ । ୯୫ ।
ବନ-ହେଳା କାଳେ ଭୁତଳେ ପଡିତ
ଦେଖି ଅଶ୍ୱତ୍ଥ ପତ୍ରର,
ଦଅ ମତେ ବୋଲି ବ୍ୟପନ୍ତେ ଲକ୍ଷିତ
ହେଲି ଯାହା ମନେକର । ୯୬ ।
ଏମନ ରହସ୍ୟ ପ୍ରକାଶନ୍ତେ ପ୍ରିୟ
ପ୍ରିୟା ସେହି ଅବସରେ,
ନଜେ ବୁଢ଼ ବଳେ ସଖୀ ବେନକଣ୍ଠ
ଅଚ୍ଛାଦିଲା ବେନିକରେ । ୯୭ ।

Digitized by srujanika@gmail.com

ଶ୍ରବଣ ଯୁଗଳେ ପୀଡ଼ିବାର ଦେଖି
'କଳା' ନେଇ ଜଳାପଦ୍,
ଭୈମୀଚକ୍ଷୁ-କୋକ- ନଦ ରଚିଲା କ
ଈର୍ଷ୍ୟାରେ ତା' ସଙ୍ଗେ ବାଦ । ୯୮ ।
'କଳା'-କର୍ଣ୍ଣଗତ ପତି-ଆଳିଙ୍ଗିତ
ନୋହୁଁ ଛିଣ୍ଡିଁଛୁ ବାହାର,
ବୋଲି ଅବା ଭୈମୀ ନିରୋଧିଲ କରେ
ତା'ର ଶ୍ରବଣ ଯୁଗଳ । ୯୯ ।
ସେ ଭାବ ପ୍ରିୟାର ଦେଖି ନରପତି
ନୋହିଲେ ହାସ୍ୟୁଁ ବିରତ,
ଅପର ସଖୀଏ ତା' ଦେଖି ହସିଲେ
ନ ବୁଝିଲେ ହେଲେ ତତ୍ତ୍ୱ । ୧୦୦ ।
ଧରା ଅପସରା ସକଳ ଏ ଉଦ୍ଧୁଁ
ପ୍ରେମେ ଦମ୍ପତି ଉପରେ,
ବରଷିଲେ ମିଳି ସ୍ତୁତି-ସୁମନସ
ସୁରଭିତ ମୃଦାନନେ । ୧୦୧ ।
ନୃପମୁଖ-ହସେ ସଜନୀଙ୍କ ସ୍ମିତ
ହେଲା ଯାହା ଉତପନ୍ନ,
ଦୃଷ୍ଟି ସୁଧାକର କୁମୁଦ ନିକର
ବିକାଶ ପରି ତା' ଧେନ । ୧୦୨ ।
ହର୍ଷ ବିହ୍ୱର ସ୍ୱଚ୍ଛ ଚିହ୍ନି ନେଇ
ତା' ପକ୍ଷ ସଖୀକ 'କଳା'
ସାହାଯ୍ୟ କରିବ ଏ କାର୍ଯ୍ୟେ ତାହାଙ୍କୁ
ଜାଣି ଆନନ୍ଦିତ ହେଲ । ୧୦୩ ।
ଡାକ ତାଙ୍କୁ ଉଚେ ବଖାଣିଲ 'କଳା'
"ସ୍ୱରଗୁଁ ବଞ୍ଚିତ ନୃପ,

Digitized by srujanika@gmail.com

ନୃପ ଚନ୍ଦ୍ରଙ୍କର ସୁଧା-ସୁମଧୁର
ବଚନ ସୁନ୍ଦର ! ପିଅ ।” ୧୦୪ ।
କଳ ଯ ଗ୍ରାମର ଅଳପ ନିର୍ଘୋଷ
ବଦଶି ଶୁଣିଲ ପର,
ଅଦ୍ଭୁତ୍ଭଁ ନଳଙ୍କ ବଚନ ଶେଷାଂଶ
ଶୁଣିନେଲ କୁଶୋଦଶି । ୧୦୫ ।
ପଚ୍ଛେଥିଲେ ହେଲେ ନଳଙ୍କ ମଞ୍ଜୁଳ-
ମଣିରେ ତା’ ପ୍ରତିବମ୍ବ,
ଗୃହିଁ, କଳିନେଲ ‘କଳା’ ସହଜରେ
ସଜମିର ମନୋଭବ । ୧୦୬ ।
ପ୍ରତିବମ୍ବେଁ, ସଖୀ- ବଦନ ବିକାରୁ
ଭବ ଅନୁମାନ କର,
ପ୍ରେମଚେଷ୍ଟା ‘କଳା’ ପ୍ରକାଶନ୍ତେ ସର୍ବେ
ମଣିଲେ ଶୁଣିଲପର । ୧୦୭ ।
ତେସନ ବିକାର କର ବାରମ୍ବାର
ଭାଷିଲ “ଶୁଣୁଛ ଏହ”
ମିଥ୍ୟାହେଲେ ବ୍ୟର୍ଥ ମୋ ଇଷ୍ଟଦେବତା
କରୁଛୁ ଶପଥ ମୁହିଁ । ୧୦୮ ।
ନିବଡ଼େ ପୀଡ଼ନ୍ତେ ମୋ କର୍ଣ୍ଣଭୂଷଣେ
ପୀଡ଼ିତ କୋମଳ-କର,
ପ୍ରିୟାକୁ ସଜନ ! ମନା କରିବାର
ଉଚିତ ପିନା ତୁମ୍ଭର । ୧୦୯ ।
ବୃଥା ପ୍ରୟାସରୁ ନିବର୍ତ୍ତିଲେ ଭୈମୀ
ମାନିଲେ ସତ ବଚନ,
ସଖୀ କରଗ୍ରହିଁ କରାଇଲ ‘କଳା’
କୌଶଳେ କର୍ଣ୍ଣମୋଚନ । ୧୧୦ ।

Digitized by srujanika@gmail.com

ଶ୍ରବଣ ନିଷେଧେ ଅଭ୍ୟନ୍ତରେ ଯେଉଁ
ଶୁଣିଥିଲ ନିରନ୍ତର,
ଭଙ୍ଗିଗଲା ଏବେ କର୍ଣ୍ଣ ଆବରଣ
ଭୁଟନ୍ତେ, ଫିଟିଲା ସ୍ୱର । ୧୧୧ ।
ତହୁଁ କଣ୍ଠଦୁର ଘୁଞ୍ଚିଯାଇ 'ଭୈମୀ'
ହସେ ମନ୍ଦ ମନ୍ଦ ହସି,
ସମାହୂତ ସେହି ସଖୀଙ୍କ ଯାଚନ
କାକୁବାଣୀ ପରକାଶି । ୧୧୨ ।
“ଦେବଙ୍କ ରହସ୍ୟ ଶୁଣିଅଛୁ ଯାହା
କହିବ ସବୁ ମୁଁ ନିଶ୍ଚେ,
ବଦଳ କରିବା ଶୁଣିଲୁ ତୁ କିସ ?
କହ ସଖୀ! ଏବେ ମୋତେ” । ୧୧୩ ।
ଶୁଣିଥିଲ ବୋଲି ଛଳକର 'ବାଳା'
ସଖୀଙ୍କ ପ୍ରାର୍ଥନା ବରେ,
ଠକଉଛୁ ଜାଣି ସେ ନବ ଦମ୍ପତି
ତଦ ଶିର କମ୍ପାଇଲେ । ୧୧୪ ।
ନିଷଧ ରାଜନ ଭାଷିଲେ 'ବାଳା'କୁ
“ତୁମ୍ଭ ଏହସର କହ,
ପ୍ରତାରିଛୁ ମିଥ୍ୟା ଶପଥ ସାହସେ
ରହ ରହ ଯିବୁ କାହିଁ” । ୧୧୫ ।
ଉତ୍ତରିଲ 'ବାଳା' “ବଳଙ୍କ ଆଶଙ୍କା
ଏତ ପ୍ରିୟା-ପରିଜନେ,
ମିଥ୍ୟାସ୍ୱପେ ବୋଲି ସତେ ନୃପ ଏବେ
ଜାଣିଲ କି ଏତେଦିନେ । ୧୧୬ ।
ଗୁମ୍ଫୁ ଗୁମା ରଚ ଶୁଣିଅଛୁ ସତ
ଶୁଣି ନ ଥିଲେହେଁ ଚିର,

Digitized by srujanika@gmail.com

କରିଛୁ ଶପଥ ଶୁଣିଅଛୁ ବୋଲି
ଏ କଥା କି ମିଥ୍ୟା ମୋର । ୧୧୭ ।
ମିଥ୍ୟାନୁବାଦ ବଚ, ବ୍ୟର୍ଥ ଦେବ ତାହା
କହିଛୁ ଶପଥ କରି,
ସନ୍ଦେହେଂ ଶପଥ କଲେହେଁ ମାନୁଛୁ
ଫଳ ତାର ମନ୍ଦ ବୋଲି । ୧୧୮ ।
ପରସ୍ପର ପ୍ରଶ୍ନ ନାହିଁ ବୋଲି ନୁହେଁ
ପୁଛିଲେ ବଞ୍ଚନା କରି,
ପ୍ରତାରିଲି ଯେବେ ତୁହ୍ମଙ୍କୁ କାହିଁକି
ଦୋଷ ଏକା ହେବ ମୋର ? ୧୧୯ ।
'କଳା' କଳା ସଖୀ କୁହାକୁହି ହେଲେ
ଶୁଣିଲେ ଯା' କାନେ କାନେ,
ମଣୁଥାନ୍ତି ଚନ୍ଦ୍ର ବାରମ୍ବାର ସ୍ନିଗ୍ଧ
ଫୁଟି ଉଠୁଥାଇ ଘନେ । ୧୨୦ ।
କହେ ତହୁଁ 'କଳା' ସଖୀ ଦମୟନ୍ତୀ
ମୋଠାରେ କୋପ ନ କର,
କହିଛୁ ଗୁପତେ ଶୁଣିନାହିଁ ତାହା
ଅନ୍ୟ କାନ ସଞ୍ଚାର । ୧୨୧ ।
"କପଟ ପାଇବ ଦେଖିଲି ସଖୀର"
ଭାଷିଲେ ପ୍ରିୟାକୁ ନଳ,
"ନ କର ବିଶ୍ୱାସ ସଖିଗଣେ ଅଛୁ
ନୁହନ୍ତି ବିଶ୍ୱାସସ୍ଥଳ" । ୧୨୨ ।
ଘେନେ 'କଳା' "ହଁ ! ଯଉ କେବେ କାହିଁ
ବିଶ୍ୱାସ ଖୋଲନ୍ତି ନାହିଁ,
ସରଳାଚିତ୍ତ ପର କରିଥାଏ ସଦା
ତାହାଙ୍କୁ ବଶ୍ୟ ସୁହୃଦ" । ୧୨୩ ।

Digitized by srujanika@gmail.com

ଏ ଭଳି ବଚସ୍ୟ ଆଚରନ୍ତେ 'କଳା'
ଭଷିଲେ ପ୍ରିୟାକୁ ନଳ,
"କହିଲେ, ଏ ବେଣୀ ଦୁଷ୍ଟ ସଜମାଙ୍କି
ଘଟ୍ଟ କରଦେବ ଦୂର ।" ୧୨୦ ।
ପ୍ରିୟା ଶିରଃଚ୍ଛନ୍ଦେ ଅନୁମତିଂଭର
ପ୍ରୀତହୋଇ ନରପତି,
ଭୁଞ୍ଜା ମୁଠା ଟେକ ଫିଙ୍ଗିଲେ ସଲଳ
ତହୁଁ ବେଣୀ ସଖୀପ୍ରତି । ୧୨୪ ।
ଅଶ୍ଚର୍ଯ୍ୟ ମଣିଲେ ଦୁଇ ସଖୀ ଦେଖି
ନଳ ଇଚ୍ଛାରେ ସଲିଳ–,
ଶ୍ରନଂ ଚକ୍ରୁଙ୍କରେ ହୋଇଗଲା ଅର୍ଦ୍ର
ତାଙ୍କ ବସନ ସକଳ । ୧୨୨ ।
ବରୁଣଙ୍କ ବରେ ଦୁଲଭ ସଲିଳେ
ତର୍ପ କର୍ମ୍ମ କଲେ ନଳ,
ବିସ୍ମୟ ସ୍ତିମିତ ନୟନେ ଅନାଇ
ରହିଲେ ସଖି ଯୁଗଳ । ୧୨୭ ।
ତେବେହେଁ ବାହାର ନ ଯାନ୍ତେ ସେ ଦୁହେଁ
ଦମୟନ୍ତୀଙ୍କୁ ରାଜନ,
ହରଷେ ଭଷିଲେ "ଦେଖ ମୋ ଆଗରେ
ଦୁହିଁଙ୍କ ଶୋଭା କେସନ । ୧୨୮ ।
ଅର୍ଦ୍ଧ କର ବସ୍ତ୍ର କରନ୍ତି ଦୁହିଁଙ୍କ
ଏବେ ଦଗମ୍ବରୀ ପର,
ଥିଲେହେଁ ବସନ ଫୁଟି ଦିଶୁଅଛି
ସ୍ତନ ଜଘନ ମାଧୁରୀ । ୧୨୯ ।
ଦେଖାଏ ସଲିଳ ବେଣୀ ସଜମାର
ବସନେ ଅଦ୍ଭୁତ ମାୟା,

Digitized by srujanika@gmail.com

ଅମ୍ବୁର ଶମ୍ବର- ଭବ ଦେଳ ସିନା
ବ୍ୟକ୍ତ ଏ ଶାମ୍ବରୀ ମାୟା । ୧୩୦ ।
ସାର୍ଥକ ହେଲ ସେ ଅମ୍ବର ଅଭିଧା
ପୁଣି ଏହାଙ୍କର ବାସେ,
ସ୍ବଚ୍ଛ-ହାରମଣି- ଶ୍ରେଣୀ ଭାସ୍ୱର
ଦେଖି ତହିଁ ପରକାଶେ । ୧୩୧ ।
ନିଜର ଅବସ୍ଥା ଦେଖି ଦୁହେଁ ଏବେ
ଲାଜେ ଗଲେ ତହୁଁ ଚଳି,
ଦେଖି ସେ କୁତୁକ ତାଙ୍କ ପଛେ ପଛେ
ଚଳିଗଲେ ସବୁ ଆଳି । ୧୩୨ ।
ବାହାରକୁ ଯାଇ କହିଲେ ସକଳେ
"ଜାଣନ୍ତି ଏ ଦୁହେଁ ଚୋର,
ମରମ, ନ କର ପର ଦମୟନ୍ତି
ତୁ ପର ମତି-ଚତୁର ? ୧୩୩ ।
କହିଲେ ନୃପତି ଭୈମୀ "ସଖୀ ତବ
ଭଲେ ସଖୀଗଣେ ଏହା,
ଶୁଣିଲେ ଏମାନେ ରହସ୍ୟ ମୋହର
ଦେଖିଛନ୍ତି ତାଙ୍କର ଛାହା । ୧୩୪ ।
ତଉନ୍ତି ଦୁହିଁଙ୍କୁ ନ କର ବିଶ୍ୱାସ
ଆଳିଏ ତାଙ୍କ ବଚନେ,
ହରିଚନ୍ଦ୍ର ବହି ଅଭିଷେକ ତାଙ୍କୁ
ମାୟା ମିଥ୍ୟା ସିଂହାସନେ । ୧୩୫ ।
କୀର୍ତ୍ତିଧାର ଧୌତ ପବିତ୍ର ଚରିତ
ହେଲେହେଁ ସାଧୁଜନର,
ମୃଷାମସୀ ଲବେ କଲଙ୍କ ଲେଖନେ
ଶିଳ୍ପୀ ନୁହେଁ କେଉଁ ପର" । ୧୩୬ ।

Digitized by srujanika@gmail.com

ଭଷିଲେ ସଖୀଏ   "ନ କହିବୁଁ ଆମ୍ଭେ
ବିଶେଷେ କିଛୁ ଖ୍ୟାପନ,
ନିବାସିଛୁ ଯେଉଁ   ଉଦ୍ଦେଶ୍ୟେ ସକଳେ
କରିବୁଁ ତାହା ଜ୍ଞାପନ" । ୧୭୭ ।
ଏସନ ବଚନେ   ବାରିଲେ କଞ୍ଚୁକୀ
ସଖୀଲା ବର୍ମିତ କର,
ନ ବୁଝିଲେ ଦୁହେଁ   କମଳ ସ୍ୱଭାବେ
ଯେଣୁ କର ବୁଦ୍ଧଙ୍କର । ୧୭୮ ।
"ଯାଅ ଦୂରେ ଧୃଷ୍ଟେ   ଦେବଙ୍କ ଅଶ୍ଳୀଳ
ସ୍ୱଭାବେ ତେ ଧିକ୍କାର,"
ଭାଷନ୍ତେ ଏସନ   ପଳାଇଲେ ଦୁହେଁ
ଭୟରେ ହୋଇ କାତର । ୧୭୯ ।
ହାସିଲେ ପ୍ରିୟାକୁ   ନଳ ସଖୀ ଭାବେ
ଦେଖି ତାଙ୍କ ମୁଖ ନତ,
"ଏ ଭାଣ୍ଡ ସଖୀଙ୍କ   ସମାଗମେ କିଏ
ନୁହେ ଲଜ୍ଜା ଉଚିତ ? ୧୮୦ ।
ସୁନ୍ଦର ବଦନ   ସଙ୍କୁଳ ଦିଶଇ
ଭ୍ରମର, ବଚନ ଅତି,
ଏତେ କୋପବନ୍ତ   ଦୁର୍ବଳ ତହୁଁ
ରାହାରିତ ନାହିଁ ସତି ?" ୧୮୧ ।
ବଚନେ ରଶ୍ମି ଘ୍ରାଣ-   ପ୍ରେୟସୀଙ୍କ ନଳ
ଶୋଇଲେ ତଳପ ତଳେ,
ନେଇ ମୂଦ ପ୍ରିୟ-   ଶ୍ରୀଅଙ୍ଗ ମାର୍ଦ୍ଦବ
ସୁଖେ ଆସ୍ୱାଦନ କଲେ । ୧୮୨ ।
ତାଙ୍କ କୁଚଯୁଗ   ପୁଣି ନିବିବନ୍ଧେ
ନବେଶି ଅର୍ପଣା କର,

Digitized by srujanika@gmail.com

ବିବାହ ପାଣିର   ପାଣିଗ୍ରହ ଶ୍ରମ
ମଣିଲେ ନୃପ ସଫଳ । ୧୪୩ ।
ହୃଦୟ ଉପରେ   ରଖି ପ୍ରେୟସୀକି
ଆନନ୍ଦେ କର ଚନ୍ଦନ,
ତାହାଙ୍କ ଉଦ୍‌ବାହେ   ନିଜ କର୍ତ୍ତୃତ୍ୱର
ଦେଲେ ସୁନ୍ଦର ପ୍ରମାଣ । ୧୪୪ ।
ସ୍ୱେଦଯୁକ୍ତ କର-   ପଲ୍ଲବରେ ନୃପ
କସ୍ତୁରୀ ରଚନା ଦଳ,
ପିଉଲେ ଉରଜେ,   ବଦନ ପବନେ
ସେବିବେ ଯାହାକୁ ଅଳି । ୧୪୫ ।
କୁଚେ ନଖକ୍ଷତ   ରଚୁଁ ଚମତ୍କୃତ
ପ୍ରେୟସୀ ଗୃହାନ୍ତେ ଶେଷେ,
ଭାଷନ୍ତି ନୃପତି   "ତବ ହୃଦଗତ
ମତେ ବାଧୁନାହିଁ କିସେ ? । ୧୪୬ ।
ଖଳଜନ ପରି   ତୀକ୍ଷ୍ଣ ମୁଖ ନଖେ
ବିଶୁଦ୍ଧ-ହୃଦୟା ତୋର,
ଅଶୁଦ୍ଧି ରଞ୍ଜିତ   କ୍ଷତକଲି ଯାହା
ଉଚିତ ନୁହଁଇ ମୋର । ୧୪୭ ।
ବାସପର ଚୁମ୍ବ   ନିତମ୍ବ, ଜଘନ
ଅଲିଙ୍ଗନ କରେ ସ୍ତନ,
ଶୁଭଦଶା ଯୋଗ୍ୟ   ଭୋଗଭାଗ୍ୟେ ଯାର
ଗୁଣବନ୍ତ ସେହି ଜନ । ୧୪୮ ।
ଚୀନାଂଶୁକ ଲଗ୍ନ   ସ୍ୱିନ୍ନ ଜଘନର
ଦର ଦରଶନ ପାଇ,
ଟେକି ଦୀର୍ଘଶ୍ୱାସ   ଦୀର୍ଘ ଦିବସକୁ
ନିନ୍ଦାକଲେ ନରସାଇଁ । ୧୪୯ ।

Digitized by srujanika@gmail.com

ପ୍ରିୟା ଦନ୍ତଚ୍ଛଦ- ଅନ୍ତର ପ୍ରଦେଶେ
ସୁନ୍ଦର ଦଶନେ ଦଂଶି,
ଅଳୀକ ଗୃଣଲ ମେଣ୍ଟାଇଲେ ନଳ
ଅଧର ପାନରେ ରସି । ୧୫୦ ।
"ତରଳାକ୍ଷି ! ସ୍ମର ଶରଜାତ ବ୍ୟଥା
ସହିବାକୁ ଅଶକତ,
ଦିଅ ପ୍ରୀତି, ବର ପ୍ରସାଦ" ଭାଷନ୍ତେ
ପ୍ରିୟା'ହେଲ ରୋଷାନ୍ୱିତ । ୧୫୧ ।
ନଳ ନେତ୍ରଯୁଗ ପ୍ରଥମେ ପ୍ରିୟାର
ଚୁମ୍ବିଲ ମୁଖ-କମଳ,
ତଦୂର୍ଦ୍ଧ ସ୍ତନତଟେ, ଦନ୍ତରେ ପୁଣି
ନୀବର ଜଘନସ୍ଥଳ । ୧୫୨ ।
ଅଧୀରେ ଏସନ ରାଜ ଧ୍ୱଠପଣ
ଅନେକା ଭବ ସୁମୁଖୀ,
ଜଠ ଅବସ୍ଥାର ଜଡ଼ଭଣ୍ଡା ଦେଖାଇ
ଦ୍ୟାଜେ ଖୋଜିଗଲେ ସଖୀ । ୧୫୩ ।
ପୃଥୁଳ ନିତମ୍ବ, କୁଚଯୋଗେ ବାମା
ବେଗେ ଗ୍ଲଲ ନ ପାରନ୍ତି,
ନୂତନ ସଂଭୋଗ କଳସେ ସେମାନେ
ସତେ କ ଗତ ଶ୍ରୋଧନ୍ତି ? ୧୫୪ ।
ଶ୍ରୋଣୀଭାରେ ମନ୍ଦ- ଗତ ପ୍ରେୟସୀକ
ଧର ନ ପାରିଲେ ନଳ,
ଅଙ୍ଗ ସଙ୍ଗଜାତ ସ୍ତମ୍ଭେ ହାର ଗଜ-
ସ୍ତମ୍ଭ ଦୃଢ଼ ବାହୁବଳ । ୧୫୫ ।
"ଅଲଙ୍ଗ, ଅଲଙ୍ଗ" ବୋଲି କୃତାପରାଧୀ
ଉଚ୍ଚାରେ ଅର୍ଦ୍ଧ ବଚନ,

ଫେର ଗୃହିଁ ପ୍ରିୟେ   ମନେ ହୃଷି ବାଳା
        ଦେହଲ ଜଳ୍ପ ଲଘନ । ୧୫୬ ।
ଅପ୍ରିୟ ଅଚର   ପ୍ରିୟ ପରିହର
        ହେଲେ ଦୁଃଖିତ ଅନ୍ତରେ,
ନ ପାରିଲେ ଯାଇ   ସଖୀ ପାଶେ ଲାଜେ
        ନ ପାରିଲେ ଫେରି ଘରେ । ୧୫୭ ।
ଅନନ୍ଦେ ସେ ଛାଳେ   ବନ୍ଦୀ ସୁନ୍ଦରୀଏ
        ରୁଣ୍ଡ ହେଲେ ଅସିଦ୍ୱାରେ,
'ମଧ୍ୟ ଦନ ହେଲ'   ବୋଲି ଜଣାଇବା
        ପାଇଁ ନୈଷଧ ଈଶ୍ୱରେ ।
"ଜୟ ମହାରାଜ !   ମଧ୍ୟ ଦନ ତାପେ
        ନିତାନ୍ତତପତ ହୋଇ,
ତବ ସ୍ନାନ ଜଳ   ପାନ କରିବାକୁ
        ଇଚ୍ଛିଲଣି ଏବେ ମହୀ । ୧୫୮ ।
ଘେଞ୍ଚୁର ଉପ-   ହୃତ ଗଙ୍ଗାଜଳ
        କେଶ ପାଶ ଚୁମ୍ବି କରି,
ଅନୁଭବ କରୁ   ତରଙ୍ଗ ମାଳମୀ
        ଯମୁନା ସଙ୍ଗମ ଶିରୀ । ୧୫୯ ।
ତୁମ୍ଭହଳ ଚଣ୍ଡ   ତାପ ଦଏ ରବ,
        ଜଗତ ମସ୍ତକେ ରହ୍ନି,
ସ୍ମୃ ସେବା ସାର   ଦେଖ ପୁଣ୍ୟ ଫଳେ
        ଅଧଃକୃତ ହେଉ ସେହି । ୧୬୦ ।
ଉଠିଲେ ନୃପତ   ଶିବ ଅର୍ଚ୍ଚନା
        ଖେଳ ହେଉଁ ସମାଗତ,
ଦେଖାନ୍ତି ହରଷ   ହଠେ, ମାତ୍ର ହୃଦେ
        ପ୍ରିୟା ବରହେ ଦୁଃଖିତ ।

Digitized by srujanika@gmail.com

ପୂରଦ୍ୱାର ମୁଖେ ଆଦରେ ନୃପତି
ଚିନ୍ତି ଥାନ୍ତି ବାରମ୍ବାର,
ଫେର ଅବାପୁଣି ଆସିବେ ପ୍ରେୟସୀ
ଏ ଆଶା ରଖି ମନର । ୧୬୧ ।
ଭବରାଜ ରାଜ ମୁକୁଟ ଭୂଷଣ
ଶ୍ରୀହୀର ପାଣ୍ଡା ଜନକ,
ମାମଲ୍ଲ ଦେବୀଙ୍କ ଗରଭୁଁ ସମ୍ଭୂତ
ଶ୍ରୀ ହର୍ଷ କବିତିଲକ,
ରଚିଲେ ସତତ ସଂଯତ ଭାବରେ
ଚିତ୍ତେ ଶକ୍ତ ଚିନ୍ତାମଣି,
ନଳ ଚରିତର ବିଂଶତି ଛାନ୍ଦଏ
ରସ ରହସ୍ୟର ଖଣି । ୧୬୨ ।



Digitized by srujanika@gmail.com

ଏକବିଂଶ ସର୍ଗ

ବିଦର୍ଭ-ରମଣୀ ମଣିମୟ ସୌଧୁଁ
ବଜେ ବଳବେଳେ ନଳ,
ସେବାବଳେ କର- ପଇଠ (୧) ଦେଇଣ
ବରଦ ନୃପତିକୁଳ । ୧ ।
ପଞ୍ଚବାସେ ପଥ ଥିଲେହେଁ ପିହିତ
ପାଦଠୁଁ କଠିନ ଜାଣି,
ମୃଦୁତର ତାକୁ କଲେ ନୃପ ନତ
ମଉଳିରେ ମାଳ ଆଣି । ୨ ।
ହୃଷ୍ଟି ଦାନ ବସୁ- ମାନେ କୃତକୃତ୍ୟ
ହୋଇ ନରପତିଗଣ,
ଯତନେ ସଞ୍ଚିତ ବିବିଧ ରତନ
ଉପହାର କଲେ ଦାନ । ୩ ।
ଅଙ୍ଗୁଳି ନିର୍ଦ୍ଦେଶ ଲଭି ନଳଙ୍କର
ନେଇ ଭୃତ୍ୟଭଙ୍ଗି ବୃତ୍ତି,

---

(୧) ହାତ ପତାଇ, ପକ୍ଷେ ଉପହାର ଦାନକରି ।

Digitized by srujanika@gmail.com

ପ୍ରସାଦ ବସ୍ତୁର ଉପହୃତ ଅନ୍ନ
ନୃପେ ନେଲେ ବଦଳାଇ । ୪ ।
କୁଟିଳ ସୁନୃତ ବଚନେ ଉର୍ପିତ
ନୃପେ ତେଜି ପିଢ଼ା ପର,
ଶିଷ୍ୟଭୂତ ଭୂପେ ଧନୁର୍ବେଦଂଶିକ୍ଷା
ଦେଲେ ନଳ ଦୟାକର । ୫ ।
ମର୍ତ୍ତ୍ୟ ଅଗୋଚର ବିବିଧ ଅସ୍ତ୍ରର
ବିଚାର ଗୂଢ଼ ବିଷୟ,
ଶ୍ରମଜ ତେଜ ଭଲେ ସ୍ୱେଦବିନ୍ଦୁ ଧର
ସ୍ନାନ ଇଚ୍ଛାକଲେ ନଳ । ୬ ।
ଯକ୍ଷ(୧) କର୍ଦ୍ଦମରେ ମରଦନ ସାର
ମୃଗମଦ କେଶେ ବୋଳି,
ସ୍ନାନ କରାଇଲେ ଘଟସ୍ତନା ସିଞ୍ଚି
ଭୃଙ୍ଗ-ଭେଦ ଗନ୍ଧବାରି । ୭ ।
ଆପ୍ତ ପୁରୋହିତ ତୀର୍ଥ ବାରିଧାରି
ସ୍ୱର୍ଣ୍ଣକୁମ୍ଭ ମୁଖେ ଢାଳି,
ଅଭିଷେକ କଲେ ତପୋପୂତ ନଳେ
ମନ୍ତ୍ର ଉଚ୍ଚାରଣ କରି । ୮ ।
ସ୍ନାତ ପୂତ ନଳ କର-ଭୋଜନଦେ
କୁଶ କଣ୍ଟକେ ଛିଣ୍ଡି,
ହେଲ ପ୍ରିୟା କୁଚ- ବିଯୋଗ ଅନଙ୍ଗ
ଜାତ ଧୂମଲତା ପରି । ୯ ।
ଆଚମନ ଲାଗି ପୂତ ଗଙ୍ଗାଜଳ
ଚଳୁକେ ପ୍ରତିଫଳିତ,

---

(୧) କର୍ପୂର, ଅଗୁରୁ, କସ୍ତୂରୀ କକ୍କୋଳ ମିଶିଲେ ଯକ୍ଷ କର୍ଦ୍ଦମ ହୁଏ ।

Digitized by srujanika@gmail.com

ସ୍ୱର୍ଗରାଜ୍ୟ ଅଣି ସତେ ନଳ କରେ
ଦେଳ କି ? ଧ୍ରୁବ ପ୍ରତୀତ । ୧୦ ।
ସ୍ନାନକାଳେ ଅନୁଭବ କଲେ
ଭୈମୀ ନେହ ଅନ୍ତରାଳେ,
ଧରଣୀ ରାଣୀର ଆଲିଙ୍ଗନ ସୁଖ
ମୃତ୍ତିକା ଲେପନ ଛଳେ । ୧୧ ।
କୁଶମୂଳ ମଧ୍ୟେ ପ୍ରାନ୍ତେ ଭିଗ୍ରଜନ୍ତ
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର,
କର, ପାଦ, ଜଟା- ଜହ୍ନୁ (୧) ସ୍ୱରୂପକୁ
ନଳଶିରେ ଗଙ୍ଗାଜଳ । ୧୨ ।
ପ୍ରାଣାୟାମ କାଳେ ଜଳେ ନଳମୁଖ
ଅହା କବା ମନୋହର,
ମନ୍ଥନ ପୂର୍ବରୁ ସିନ୍ଧୁ ମଧ୍ୟଗତ
କି ଅବା ସେ ନିଶାକର ? ୧୩ ।
ଦିଗମ୍ବର ରୁଦ୍ର ସ୍ପର୍ଦ୍ଧାରେ ପିନ୍ଧିଲେ
ମର୍ତ୍ତ୍ୟର ମଦନ ନଳ,
ସଦ୍ଧର୍ମ ବସନ ଶୁଭ୍ର ନୀଳାମ୍ବର
ନାହିଁ ଯାର ପଟାନ୍ତର । ୧୪ ।
ଦମୟନ୍ତୀ ଲଗି ଚଞ୍ଚଳ ହୃଦକୁ
ରାଜର୍ଷି ଶ୍ରେଷ୍ଠ ନଳ,
ଦାନ୍ତ ରଖିଲେ କି ସଂଯତ ଭାବରେ
କର ଉତ୍ତରୀୟ ଛଳ ? ୧୫ ।
ମୃତ୍ତିକା ତିଳକ- ବିନ୍ଦୁ-ଇନ୍ଦୁମୁଖୀ
ପୂର୍ଣ୍ଣ କଳଶ-ଉରଜ,

(୧) ବ୍ରହ୍ମାଙ୍କର କର, ବିଷ୍ଣୁଙ୍କର ପାଦ, ଶିବଙ୍କର ଜଟାରେ ଗଙ୍ଗାଥିବା ପ୍ରବାଦ ପ୍ରସିଦ୍ଧ ।

Digitized by srujanika@gmail.com

କେଶ ଶେଷ ଜଳ- ମୁକ୍ତାଦନ୍ତୀ ସ୍ନାନ-
ଶିକ୍ତ କଲା ନଳ ପୂଜା । ୧୬ ।
ନୈବଦ୍ୟି, ସ୍ୱାଦୁ ସୁଗନ୍ଧ, ଶୀତଳ
ମନ୍ତ୍ରପୂତ ଗଙ୍ଗାଜଳ,
ସଜ୍ଜରତ ନୈବେ ବୃଥା ଘ୍ରାଣଏବା
ଅଘ୍ରାଣ କଲା କେବଳ । ୧୭ ।
ଶୁଦ୍ଧବୀଜ ସ୍ପୃଷ୍ଟ- ବର୍ଣ୍ଣ ବେଦମନ୍ତ୍ର
ବଳସିନ୍ଧୁ ଜପବାକେ,
ସ୍ଫଟିକାକ୍ଷ ମାଳା- ବଳୟ କପଟେ
ନଳଙ୍କ କରକମଳେ । ୧୮ ।
ଅର୍ଘ୍ୟବନ୍ତ ନଳ ନିଜ କରତଳେ
ଯବ; ତିଳରେଖା ଧରି,
ଦେବ ତରପଣେ ନିବାପେ (୧) ଦୁହିଁଙ୍କୁ
କଲେ ପୁନରୁକ୍ତ ଭଳି । ୧୯ ।
ପୂତ ପାଣି ପାଦ ରାଜରଷି ନଳ
ବ୍ରହ୍ମଗୃହୀ ନିସେବିତ,
ପୂତ ଅଦୂଷିତ ପଥେ ଯାଇ ହେଲେ
ଦେବାଳୟେ ଉପସ୍ଥିତ । ୨୦ ।
ସୁମନ ମାଳାରେ ନିର୍ମିତ ପଟଳେ
କେଉଁଠି ମେଚକ କାନ୍ତି,
ଅଗୁରୁ ଧୂପର ଧୂମ ଆଣୁଥିଲା
ଭ୍ରମର ସମୂହ ଭ୍ରାନ୍ତି । ୨୧ ।
ରଜନୀ ତମିର ପାନେ ପଟୁ ପୁଣି
ରଜନୀ (୨) ଅଙ୍କୁର ସରି,

(୧) ପିତୃ ତର୍ପଣରେ ।
(୨) ହଳଦୀ ଗଛ ।

କଲେ ଯାପ ବାନ୍ଧି ଦେବାର୍ପଣ ଲାଗି
ଧରି ହେମଲତା ଶିଖା । ୨୨ ।
ମରକତ ମଣି- ମୟ ପାତ୍ରେ ଶୋଭେ
ବହଳ ଚନ୍ଦନ ପଙ୍କ,
ସାନ୍ଧ୍ୟମେଘ ସଙ୍ଗେ କେଶ ଛବିଳାର
ହୋଇଲା ଅବା ଶଶାଙ୍କ ? ୨୩ ।
ଶୋଣ୍ତଦଣେ କାନ୍ଧି ରୌପ୍ୟ ପାତ୍ରମାନ
ମୃଗମଦ ପଙ୍କ ଧରି,
ଶଶାଙ୍କ ଅଦର କଳୁଷିତ ଗର୍ଭ
ସୁଧାଂଶୁ ମଣ୍ଡଳ ପରି । ୨୪ ।
ଧରମ (୧) ଗହନେ ବୁଦ୍ଧ ସୌଧୋପମ (୨)
ଦେବାଳୟ-ଅଭ୍ୟନ୍ତରେ,
ଦୂଳ ଦଧି ଛତ୍ର ସାନ୍ଦ୍ର ସୁକୃତ
ଅଙ୍କୁର ସୁଷମା ଧରେ । ୨୫ ।
ମଲ୍ଲିକା ସୁମନ- ଶ୍ରେଣି କରେ କାନ୍ଧି
କଇଳାସ ଗର୍ବ ଖର୍ବ,
ଚମ୍ପକ ସୁମନ- ସମୂହ ଭାଙ୍ଗଇ
ମେରୁ ପର୍ବତର ଗର୍ବ । ୨୬ ।
ନୈବେଦ୍ୟ ସଂସ୍ଥାନେ ଭୂମି ଅବକାଶ-
ଦରିଦ୍ରତା ନେଲା ବରି,
ଲାଜେ ପ୍ରିୟ ପତି- ପାଶେ କୁଳବତୀ
ଆତ୍ମଗୁପ୍ତି ଚଳପରି । ୨୭ ।

---

(୧) ତପାଖ୍ୟ ଅରଣ୍ୟରେ, ପକ୍ଷେ ଧର୍ମଚୂଡ଼ ।

(୨) ଚୈତ୍ୟ ପ୍ରତିମା ।

Digitized by srujanika@gmail.com

କାନ୍ତ କରେ (୧) ଗ୍ରସ୍ତ ନୀଳମଣି କାନ୍ତି-
ଚକୁର କୁଟ୍ଟିମ (୨)-କ୍ଷିତ,
ଗାନ୍ଧୁ-ଶିରକମ୍ପ ପ୍ରକମ୍ପ ଧରି
ଅଣେ କୁଟ୍ଟମିତ (୩) ଭ୍ରାନ୍ତ । ୨୮ ।
ବିବିଧ ଭୂଷଣେ ବିଚିତ୍ର ବସନେ
ଅନବଦ୍ୟ ନଇବେଦ୍ୟେ,
ସୁନ୍ଦର ମନ୍ଦିରେ ବିଜେକଲେ ନଳ
ଦିବ୍ୟ ମଣିପୀଠ ମଧ୍ୟେ । ୨୯ ।
ନିଷ୍ଠାପର ହୋଇ ଅନନ୍ୟ ମାନସେ
ସୂର୍ଯ୍ୟପୂଜା କଲେ ନଳ,
କର୍ଣ୍ଣ, ଶାମ୍ବ ଠାରୁ ବଡଭକ୍ତ ତାଙ୍କୁ
ମନେକଲେ ଦିନକର । ୩୦ ।
ରକତ ଚନ୍ଦନ- ବୀଜମାଳା ଧରି
ସୂର୍ଯ୍ୟମନ୍ତ୍ର କଲେ ଜପ,
ସତେ ତାଙ୍କ କରୁ ବକ୍ରିମା ସ୍ୱୀକରେ
ଲଭିବାକୁ ଅବା ନୃପ ? ୩୧ ।
ଶିବ ଶିରଚୂର୍ଣ୍ଣି ନୃପବର ଦତ୍ତ
ରଜନ ଦୁଦୁରା ଫୁଲ,
କାମେ ଜିଣି ତାର କାହାଳୀ ଛଡାଇ
ଆଣିଦେଲେ ଅବା ନଳ ।
ନଳେ ସମର୍ପିତ ନାଗେଶ୍ୱର ଫୁଲ
ବିଚିତ୍ର ସୁଷମା ଧରେ,

---

(୧) ଚନ୍ଦ୍ରକାନ୍ତ କିରଣରେ; ପକ୍ଷେ ପତି ହସ୍ତରେ ।
(୨) ଚତ୍ୱାର ଭୂମି ।
(୩) ସ୍ତ୍ରୀମାନଙ୍କର କାମଚେଷ୍ଟା ବିଶେଷ ।

Digitized by srujanika@gmail.com

ଛିନ୍ନ ବ୍ରହ୍ମଶିର ଲଭିଅଛନ୍ତି କି
ଶଶାଙ୍କଶେଖର କରେ ? ୬୨ ।
ଭକ୍ତିପୂର୍ବ ନଳ ନୀଳ ପଦ୍ମମାଳ
ଆଦରେ ଅରପି ଗଲେ,
ସ୍ଫଟିକ ନିର୍ମିତ ଶିବ ବିଗ୍ରହଙ୍କୁ
ନୀଳକଣ୍ଠ କରିଦେଲେ । ୬୩ ।
ମୋର ଏ କର୍ମରେ ପ୍ରସନ୍ନ ହୋଇବେ
ପୁରରିପୁ ସ୍ମର ହର,
ଭଲି ନଳ ଧୂପ- ଦାନେ ପୋଡ଼ିଦେଲେ
କାମରେ (୧) ସଙ୍ଗେ ପୁର (୨) । ୬୪ ।
ଶଶିକଳା (୩) ଯୋଗେ ଶ୍ରୀମଣି ବିଯୋଗ
ନ ସହିଲି ଭଳି ନଳ,
ଧ୍ୟାନଚ୍ଛଳେ ମୂର୍ଚ୍ଛା ଭଜନ ପର୍ଯ୍ୟନ୍ତେ
ମୁଦିଲେ ନେତ୍ରଯୁଗଳ । ୬୫ ।
ସାଷ୍ଟାଙ୍ଗେ ନମିଲେ ଶିବ ପାଦପଦ୍ମେ
ପୂଜାକରି ନୃପବର,
ମଦନ ଶରଣ ପଶିଲ କି ଅବା
ଥୋଇ ଫୁଲ ଧନୁଶର । ୬୬ ।
ରୁଦ୍ରପର ଶତ- ରୁଦ୍ର ଜପେ ରତ
ନଳଙ୍କ କରକମଳେ,
ଭ୍ରମର ନିକର ଭ୍ରମ ଆଣିଦେଲା
ରୁଦ୍ରାକ୍ଷମାଳା ସେ କାଳେ । ୬୮ ।

---

(୧) ପକ୍ଷେ କର୍ପୂର ।

(୨) ପକ୍ଷେ ଗୁଗୁଳ ।

(୩) ଶିବଶିର ଶଶିକଳା ।

Digitized by srujanika@gmail.com

ପୁରୁଷୋତ୍ତମଙ୍କୁ ପୁରୁଷ ସୂକ୍ତରେ
ପୂଜାକରି ସୁଖେ ନଳ,
ଦ୍ୱାଦଶ କେଶବ- ମୂର୍ତ୍ତିଙ୍କୁ ପୂଜିଲେ
ଉଚ୍ଚାରି ଦ୍ୱାଦଶାକ୍ଷର । ୩୯ ।
ମଲ୍ଲିକା ସୁମନ- ମାଳ ଶେଷ ଅଙ୍ଗ-
ଅସନେ ସାକ୍ଷାତେ ଧରି-
ପରି ବିଶ୍ୱଜିତ ବିଷ୍ଣୁ ପ୍ରତିମାଙ୍କୁ
ପୂଜିଲେ ନୃପ-କେଶରୀ । ୪୦ ।
ବଳଦାନ କାଳେ ନଳ କରଦତ୍ତ
ମୀନୋତ୍ପଳ ମାଳାଗୋଟି,
ଦକ୍ଷ-ବିଳାସିନୀ ଲକ୍ଷ୍ମୀଦେବୀଙ୍କର
କିବା ସେ କଟାକ୍ଷ କୋଟି ।
ଦିଗନ୍ତ ବିସ୍ତୃତ- କାନ୍ତି କଉସ୍ତୁଭ
ମଣିମୟ ଅଗଣାରେ,
ପ୍ରତିବିମ୍ବ ଛଳେ ଖେଳିଲା ପଦ୍ମେ
ଅହା କି ସୁଷମା ଧରେ ? ୪୧ ।
ମୂର୍ତ୍ତି ବକ୍ଷସ୍ଥଳେ ନିହିତ କୁରୁବିନ୍ଦ
ରଜତ ସୁବର୍ଣ୍ଣ ମାଳ,
କରବୀର, ପଦ୍ମ, କେତକୀ ଚାମର
ପୁନରୁକ୍ତି କଲେ ନଳ । ୪୨ ।
ଭକ୍ତବଳି (୧) ଲଭି ଭକ୍ତବଶ (୨) ହେଲେ
ମୃଗମଦେ କୃଷ୍ଣଗାତ୍ର,

(୧) ସ୍ୱତ ପୂଜା ।

(୨) ଭକ୍ତ ବଶ ଯାହାର ।

Digitized by srujanika@gmail.com

ଜଳଦ ଚକ୍ରରେ (୧) ପୂଜାଲଭି ହେଲେ
ଶଙ୍ଖ ଚକ୍ର ପଦ୍ମ ହସ୍ତ । ୪୩ ।
ଗରୁଡ଼ଧ୍ୱଜଙ୍କ ପୂଜା ଦେଖି ଘୃତ
ଶିବୃଧୃତ ସର୍ପମାନେ,
ଧୂପଧୂମ ଛଳେ ପଳାଇଗଲେ କି
ଚଳାପଡ଼ ଅସମାନେ ? ୪୪ ।
ବକଚ ମାଳତୀ ମାଳସଙ୍ଗେ ନଳ
ମଣିମାଳ ଦେଇ ଗଳେ,
ଦୁଡ଼ାଇ ରଖିଲେ ବସ୍ତ୍ର ପ୍ରତିମାଙ୍କୁ
ଅବା କ୍ଷୀରସିନ୍ଧୁ କୂଳେ ? ୪୫ ।
ମନ୍ତ୍ରଜପ କାଳେ ନଳ କରଗତ
ପୁଷ୍କରବୀଜମାଳିକା,
ତେଣୁ ସଦ୍ୟ ପଦ୍ମ- ବାସ ବିଳାସର
ପୁଣି ହେଲା ଅଧିକା । ୪୬ ।
ପ୍ରତିମା ପଦ୍ମରେ ମଲ୍ଲୀମାଳ ଦେଲେ
ମସ୍ତକ ନୁଆଇଁ ନଳ,
ଭୁବନ ପ୍ରଭୁରେ(୨) ସେବିତ କବା ସେ
ବିମଳ ଜାହ୍ନବୀ ଜଳ ? ୪୭ ।
ଅନର୍ଘ ମୁକୁର ହୃଦ ସିଂହାସନେ
ଦେଇ କମଳାଙ୍କୁ ସ୍ଥାନ,
ମୂର୍ତ୍ତିମନ୍ତ ହେଲେହେଁ ତାଙ୍କଠାରେ ନଳ
ଗାଢ଼ ଅନୁରାଗମାନ ।
କମଳା ନିବାସ ବିଶାଳ ବକ୍ଷର
ଉର୍ଦ୍ଧ୍ୱସ୍ଥିତ କଣ୍ଠଦେଶେ,

(୧) ଶଙ୍ଖ ସମୂହ ବା ପଦ୍ମ ସମୂହ; ପକ୍ଷେ ଶଙ୍ଖ ଆଉ ଚକ୍ର ଓ ପଦ୍ମ ।
(୨) ଜଳ ଦେବତା, ପକ୍ଷେ ନଳ ।

Digitized by srujanika@gmail.com

ଧରି ଭରତଙ୍କୁ ଚରଣାଦ୍ୟାନ୍ତ କି
ଗୌରବ ପୂର୍ଣ୍ଣ ବଢ଼େଇବେ ? ୪୮ ।
ବସ୍ତ୍ରଧନେ ପୂଜା- ଇଲେ ହେଲେ ମୁଗ୍ଧ
ନ ଇନ୍ଦ୍ର ମେଦମାପାଇଁ,
ପୁଣି ପୂଜାଙ୍କଲେ ସୂକ୍ତି ମୁକ୍ତାହାର
ଭକ୍ତି ଜପ ହାର ଦେଇ । ୪୯ ।
"ସ୍ତୁତିଠାରୁ ବହୁ- ଦୂରେ ତୁମ୍ଭ ରୂପ
ବଚନର ଅଗୋଚର;
ମୋ ବଚନେ ତବ ସ୍ତବ ନିନ୍ଦାବାଦ
କ୍ଷମ ଏ ପ୍ରଳାପ ମୋର । ୫୦ ।
ସ୍ୱ ପ୍ରକାଶ ତୁମ୍ଭ ଗୁଣ ବର୍ଣ୍ଣିବାକୁ
ଇଚ୍ଛଇ ଏ ମୂଢ଼ ନର,
ଦୀନକର ତେଜ ଲଭେ ସ୍ୱ ପ୍ରକାଶ
ନ ଲୋଡ଼େ କି ଅନ୍ଧକାର ? ୫୧ ।
ମନ ବଚନର ଅଗୋଚର ବୋଲି
ନ କରିବ କି ଭଜନ,
ଅଦୃଶ୍ୟ ହେଲେହେଁ ନ ତୋଷେ କି ଧନ
ଅନ୍ତର ଲୁବ୍ଧ ମନ ? ୫୨ ।
ଚନ୍ଦ୍ରମତ୍ସ୍ୟ ତବ ପୁଚ୍ଛ ସଞ୍ଚାଳନେ
ଉଚ୍ଛୁଳ ସାଗର ଜଳ,
ଶୁକ୍ଳକାନ୍ତ ଧରି ସ୍ୱର୍ଗଗଙ୍ଗା ରୂପେ
ମଣ୍ଡଇ ଗଗନ ତଳ । ୫୩ ।
ଧରି ପୁଣି ପୁଣି ପୃଷ୍ଠରେ ଧରଣୀ
ଦେଖାଇ କମ୍ଠ ଠାଣ,
କମଠ ଶରୀର ଧରି ତୁମ୍ଭେ କାଳେ
ପୃଷ୍ଠରେ ବହଇ କଚ୍ଛ(୧) । ୫୪ ।

---

(୧) ବଣ୍ଡ ।

ଗୃହ ଖୁଣ୍ଟିଯାତେ ଜାଣ ଗୃହସିନ୍ଧୁ
ଯେଉଁ ବରାହ ମୂର୍ତ୍ତିର,
ଧରଣୀ ଧାରଣ- କ୍ଷମତା ଦଶନ
ବିଧାନୁ ସନ୍ତୋଷ ମୋର । ୫୫ ।
ପ୍ରଳୟୁଁ ଧରାକୁ ଉଦ୍ଧରି ଧରିଲ
ଡେଲି ଡୋଳ (୧) ରୂପ ଧରି
ଧରା ପରବ୍ରହ୍ମେ ସୁଚଗ୍ଧୁଲ ଅଙ୍ଗେ
ପୁଲକ ଗଲ୍ଲ ପ୍ରସର ।
ନୋହିଲ ସମ୍ଭାଳ ହୃଷ୍ଟ ରୋମାବଳୀ
ସୃଷ୍ଟି ସୀମା ବଳିଗଲ,
ଭୂମ୍ଭ ପ୍ରଜାଳଗି ନିଖିଳ ବ୍ରହ୍ମାଣ୍ଡ
ମାପ ଫୁଲିଭଲି ହେଲ । ୫୬ ।
ଦାନବ ଦାରଣେ ଦେବତା ସୁକୃତ
ଅସ୍ତ୍ରଗ୍ରାମେ (୨) ଜନ୍ମ ଯାର,
ରକ୍ଷାକରୁ ଦିବ୍ୟ ନରସିଂହ ରୂପ
ଘନ ଘୋର ଧ୍ୱନି ତା'ର । ୫୭ ।
ହିରଣ୍ୟକଶିପୁ ଉଦର କୂପରୁ
ମଘବା ସମ୍ପଦ ଭଳି,
ଅନ୍ତ୍ର (୩) ବିକର୍ଷଣେ ବିଚକ୍ଷଣ ସୃଣୀ (୪)
ତୋ ତୀକ୍ଷ୍ଣ ନଖରାବଳୀ । ୫୮ ।

---

(୧) ଶୂକର ।
(୨) ଅସ୍ତ୍ରସମୂହ ।
(୩) କୂପ ନିପତିତ ମଘବା ସମ୍ପଦ ଲଗ୍ନ ଛିନ୍ନ ରଜ୍ଜୁ ସଙ୍ଗେ ଅନ୍ତ୍ରର ସାମ୍ୟ ବୁଝିବାକୁ ହେବ ।
(୪) ଅଙ୍କୁଶ (ଅଙ୍କୁଶାକାର ଲୌହ ଯନ୍ତ୍ରରେ ଲୁହା ଦଉଡ଼ିରେ କୂପମଗ୍ନ ପଦାର୍ଥ ଉପରକୁ ଉଠାଯାଏ) ।

Digitized by srujanika@gmail.com

"ସ୍ୱବଳେ ସକଳ ଆଶା ମୋର ପୂର୍ଣ୍ଣ
କରିବ ବଳ ଶ୍ରଜନ ।"
ଏ କପଟ ଗିରେ କୁଣ୍ଠିଲ ବାମନ
କରନ୍ତୁ ମୃତ ବିଧାନ । ୫୯ ।
"ସକଳ ବିଭୂତି ପ୍ରତି (୨) ପଡ଼ିଦେବା
ହେ ଦାନବାରି (୩) ରସିକ !
ବୋଲୁଁ ବଳିଙ୍କୁ କହିଲେ ଯେ ବାମନ
ଜଗତ ତାଙ୍କ ସେବକ । ୬୦ ।
"ଲଭ ମହୀତଳେ ସ୍ୱର୍ଗ ଭୋଗ ସୁଖ
ବନ୍ଧାଥାଇ ଚିରଦିନ,
ଛଳରେ ଭୁବନ ଏ କହେ" ଏ ଛନ୍ଦ
ଜାଣିରି ଧନ୍ତୁ ଭୁବନ । ୬୧ ।
"ଅତ୍ୟୁ (୪) ପ୍ରକାରେ ପ୍ରୟୋଜନ କସ
ଅର୍ପିବ ବିଶ୍ୱ ଚରଣେ",
ବୋଇଲ ଯାହାଙ୍କୁ ସେ ବଳି ବାମନ
ସମର୍ଥ ବିଶ୍ୱ ରକ୍ଷଣେ ।
ବ୍ରହ୍ମାଣ୍ଡକ ରୂପେ ସ୍ୱକ ଖ୍ୟାତ ଜାତ
ସର୍ବଗମ ତାହୁବଳେ,

---

(୧) ସ୍ୱବଳେ (ଧନବଳରେ ତୁମ୍ଭେ ମୋର ସକଳ ଆଶାପୂର୍ଣ୍ଣ କରିବ), ପକ୍ଷେ ମୋର ନିଜ ବଳରେ ସମସ୍ତ ଦିଗ ପୂର୍ଣ୍ଣହେବ ବା ତୁମ୍ଭର ସମସ୍ତ ଆଶା ତୁଟିଯିବ ।

(୨) ସକଳ ସମ୍ପଦ ଦାନ କରିବ; ପକ୍ଷେ ସମସ୍ତ ଧନ ସମ୍ମାନ ତମ ହାତରେ ଦେବ ।

(୩) ଦାନ କଳ ଗ୍ରାହକ; ପକ୍ଷେ ଦାନବ ଶତ୍ରୁ ଆଉ ରସିକ ।

(୪) ଅଭିପ୍ରାୟ ପକ୍ଷେ—ଅ (ବସ୍ତୁସ୍ୱ ସୂଚକ) ଶବ୍ଦ (ହାତ) ପ୍ରସାରିବାରେ ପ୍ରୟୋଜନ ନାହିଁ, ପାଦରେ ବିଶ୍ୱ ଅର୍ପଣ କରିବ ।

Digitized by srujanika@gmail.com

ଭଲ ରୂପେ ତା'ର ଉଚ୍ଛେଦ ସାଧନ
ଯଶ ରଖି ମଣ୍ଡିଥିଲେ । ୭୩ ।
ବହୁ ପତିବ୍ରତା ପାଂଶୁଳା (୧) ମଣ୍ଡିଲୁ
ନବଖଣ୍ଡ କରୁ ବନ୍ଧ,
ଦ୍ୱିଜଦମ୍ଭରେ ତାକୁ ବାର୍ଣ୍ଣି ଲଗାଇଲ
ଜମଦଗ୍ନି ସୁତ ହୋଇ । ୭୦ ।
ନାଶି କାର୍ତ୍ତବୀର୍ଯ୍ୟେ କଣ୍ଠରେ ନାଶିଲ
ଯୁଗଭେଦେ ଦଶାନନ,
ଯେଉଁ ରାମରୂପ ବେନ (୨) ତାଙ୍କ ପାଦେ
ରହୁ ଏ ଚଞ୍ଚଳ ମନ । ୭୫ ।
ରେଣୁକା ତନୟ ସୃଷ୍ଟିରେ ବଧାତା
ଆଗେ ସାଧି ହାତବଳା,
ଅଭ୍ୟାସ ପାଟବ ଜନ୍ମ ବାରୁ ପିନା
ରାମ ରୂପ ନିର୍ମାଣିଲ । ୭୬ ।
ଅଜ ! ଅଜପୁତ୍ରୁ ଜନମ ଭୂମିର
ଦୂଷଣ (୩) ନୁହେଁ ଭୂଷଣ,
ସଂସାରେ ସମର୍ଥ ବଢ଼ିବ ଭୂମିର
ନାଶିବା ପାଇଁ ଦୂଷଣ (୪) । ୭୭ ।
ଜ୍ଞାନଦାନେ ଯେବେ କୃପଣ ଅପଣ
ବଡ଼ର ମୋହେ ସେ ମୋହ,
ଯେ ମୋହେ ରାବଣ- ଚମୂ କରେଥିଲ
ଜଗତ ଶ୍ରୀରାମମୟ । ୭୮ ।

(୧) ରଜୋବତୀ ପକ୍ଷେ କୁଳଟା ।
(୨) ପରଶୁରାମ ଓ ଶ୍ରୀରାମ ।
(୩) ଦୋଷଯୁକ୍ତ ନୁହେଁ ।
(୪) ରାକ୍ଷସ ବିଶେଷ ।

Digitized by srujanika@gmail.com

ଅପବାଦେ ଡରି   ଦ୍ୱିଧା କରିଥିଲ
          ଧରଣୀ ସମ୍ଭବା (୧) ଶିରୀ,
ଲଙ୍କା କଣି ଶଙ୍କା   ଦେଲ ରାବଣକୁ
          ଦ୍ୱିଧା ସେନା ସିନ୍ଧୁ ତୀରେ । ୬୯ ।
† ଅରପି ଜାନକୀ   କାମଦେବ ଭାଣେ
          ନ ମରିବ ଦେବ କରେ,
ବୋଲି ଦଶାନନ   ପୁଚ୍ଛିଲେ ପିନା!
          ମୃତ୍ୟୁ ଲଭି ତୁମ୍ଭ ଶରେ । ୭୦ ।
ନାମ ମାତ୍ର ଶେଷ   କରି ରାବଣକୁ
          ଶମ୍ବୂକ ପାଇଁ କଲ ନାଶ,
ନରନାଥ ତୁମ୍ଭେ   କମ୍ବୁକଦମ୍ବକୁ
          ନ ହସେ କି ସେହି ଯଶ ? ୭୧ ।
ଜାନକୀ ବିରହ   ବାଡ଼ବ ଶରଣ୍ୟ !
          ଧଇଲ ସାଗର ସରି,
ଲକ୍ଷ୍ମଣ ବିରହ-   ଅନଳେ ତନୁକୁ
          ହୋମ କଲ ତୃଣପରି । ୭୨ ।
ଏକମାତ୍ର ଶ୍ଲୋକ   ରଚି ଆଦିକବି
          କ୍ରୌଞ୍ଚ ମିଥୁନର ଦୁଃଖେ,
କୃପାସିନ୍ଧୁ ! ତବ   ଲକ୍ଷ୍ୟ ଶ୍ଲୋକସିନ୍ଧୁ
          ବାନ୍ଧିଲେ ବାଲ୍ମୀକି ସୁଖେ । ୭୩ ।
ବିଶ୍ରବା ଯାଁ ପିତା   ଶ୍ରବଣ ତାହାର
          ଥିବାର ଉଚିତ ନୁହେଁ,

---

(୧) ପିତାଙ୍କର ଅପବାଦ ଆଉ ଲୋକଙ୍କର ଅପବାଦକୁ ଡରି ରାଜଲକ୍ଷ୍ମୀ ଓ ସୀତାଙ୍କୁ ବର୍ଜନ କଲେ ।

† ରାବଣ ଦେବତା ହାତରେ ମରିବ ନାହିଁ ବୋଲି ବର ପାଇଥିଲା ।

Digitized by srujanika@gmail.com

ବୋଲ ତା'ର ସିନା ଛେଦିଲ ଶ୍ରବଣ
ପ୍ରକାଶି ଲକ୍ଷ୍ମଣ ଦେହେ । ୭୪ ।
ସ୍ୱର୍ଗେଁ କଳ୍ପଲତା ଉପାଡ଼ି ରଖିଛୁ
ଜଗତରେ ଯେହ୍ନ କଥା,
ତୁମ୍ଭର ସେ ବାହୁ ଉତ୍ପାଟନ କରୁ
ଏ ମୋର ଅଲକ୍ଷ୍ମୀ ଲତା । ୭୫ ।
ଶୈଶବେ ଖପର ଷେପି ଘେରିଲ ଯା
ଯମୁନା ତରଙ୍ଗମାଳ,
ତବ୍ବୀ ବାଣ ଭୁଜ ଛେଦେ ସୃଷ୍ଟପାତ
ସେ ସ୍ପୃହା କରୁ ମଙ୍ଗଳ । ୭୬ ।
ଲକ୍ଷ୍ମଣ ବକ୍ଷରୁ ଶକତି ଉପାଡ଼ି
ଥିଲ ଯେଉଁ ହନୁମାନ,
ତାଙ୍କୁ ନନ୍ଦିଘୋଷ ସ୍ୟନ୍ଦନେ ବସାଇ
ତା' ଯୋଗେ ମଣ୍ଡି କେତନ ।
ସେ ରଥେ ସାରଥି ରୂପେ ବିଜେକଲ
ହେଲା ଆପେ ଭଗବାନ !
କର୍ଣ୍ଣଙ୍କୁ ନାଶି ଅର୍ଜୁନେ ରଖିଲ
ମହିମା ତୁମ୍ଭର ଧନ୍ୟ । ୭୭ ।
ଆଜୀବନ ବ୍ରହ୍ମ- ଚର୍ଯ୍ୟ ରକ୍ଷକର
ସୁରବଧୂ ସୁରତରର,
ବ୍ରତହାନି ଭୟେ ସନ୍ଦେହରେ ତାଙ୍କୁ
ନ ପେଷିଲ ସୁରପୁରେ । ୭୮ ।
ଲକ୍ଷ୍ମୀ ଲୀଳାସ୍ଥଳ ଯାର ବକ୍ଷସ୍ଥଳ
ଶ୍ରୀବତ୍ସ ଲାଞ୍ଛନ ବହେ,
ତବ ପ୍ରାଣ ସଖା- ସୁତ ଅରିପାର୍ଥ
ଯଥାର୍ଥ ବାନ୍ଧବ ନୁହେଁ । ୮୦ ।

Digitized by srujanika@gmail.com

ହୃଦ୍ୟ ଗନ୍ଧବହ ଭୋଗବତୀ ଈଶ
ଅଶେଷ ଶେଷ ଅବର,
କୁମୁଦ ବାନ୍ଧବ- ଛଟା ଦେବଦେବ
କାଦମ୍ବରୀ ପାନେ ଭୋଳ । ୮୧ ।

ରେବତୀ ରମଣ ଗୃହ ନୀଳାମ୍ବର
କାମପାଳ ହଳଧର,
କିତ ବ୍ରତଲଗି ଏ ରୂପ ତୁମ୍ଭର
ନିଜଗତ ମନୋହର । ୮୨ ।

ଅର୍ଦ୍ଧଚନ୍ଦ୍ର ନଭ ପରଶୁ ଅଘାତେ
ଯେବଣ ଦାନବ ସଙ୍ଘ,
ଅର୍ଜୁନ ସହସ୍ର ବାହୁ ଛିଣ୍ଡାଇଲ
ତା ତତେ କ ବାଣ ବାହୁ । ୮୩ ।

ଅସୁରମାନଙ୍କୁ କହୁସିନା ପ୍ରଭୁ
ପାଞ୍ଚଜନ୍ୟ କରେ ଧରି,
ଅଚେତନ ଏହୁ ଚେତନ୍ତି ସଘୋଷ
ଶଙ୍ଖ ନୁହ ଚେତାଧରି ? ୮୪ ।

ବନମାଳ-ଅଳ- ବାଳେ ବକ୍ଷସ୍ଥଳେ
ବେଦନଫଳେ ସମଣ୍ଡିତ,
ଶ୍ରୀଫଳ ଲତିକା ଭଳି ଲକ୍ଷ୍ମୀ ସଦା
ସ୍ୱର୍ଗସୁଖେ କଣ୍ଟକିତ । ୮୫ ।

ସୌଭାଗ୍ୟ ଲଭିବା ଆଶାରେ କମଳ
ନ ତେଜଇ ତବ କର,
ନେତ୍ରବିମ୍ବ ଛଳେ ସୁଧାଂଶୁମଣ୍ଡଳ
ଶ୍ରୀମୁଖ ଭଜିଛି ପର । ୮୬ ।

ହିରଣ୍ୟ ରାବଣ କଉନ୍ଧବଗଣ
ଜନାଣେ ମାନବ (୧) ହରି,

(୧) ପକ୍ଷେ (ନରସିଂହ) (ରାମ ସୁଗ୍ରୀବ) (କର୍ଣ୍ଣାର୍ଜୁନ)

Digitized by srujanika@gmail.com

ବେଦଙ୍କ ମିଳନ ଏ ତିନି ଭୁବନେ
ବଢରେ ବଶିଷ୍ଠ ଶିକ୍ଷା । ୮୭ ।
ମାୟାବଳେ ଭବେ ବହୁସଇ ସିନା
ଅର୍ଦ୍ଧ ସ୍ୱରୂପ ତୋର,
ଶେଷ ସ୍ୱରୂପ ଜାଣନ୍ତି ବେଦଙ୍କ
ନିଗମ-ନୟନ ନର । ୮୮ ।
ପୂର୍ବ ପୂର୍ବଜନ୍ମ କର୍ମଫଳେ ନର
ପରଜନ୍ମ ନିଏ ବରି,
ତୁମ୍ଭ ଧ୍ୟାନବଳେ ଅକ୍ଲେଶେ ମାନବ
ଜନ୍ମ ମୃତ୍ୟୁ ପାରେ ବାରି । ୮୯ ।
କମ୍ପାଇ ପ୍ରଶସ୍ତ ସ୍ତମ୍ଭେଶ୍ୱର ମୂର୍ତ୍ତି
ପଶିହରି ମାଝରେ,
ନରସିଂହ ରୂପ ଧର ଦେବଦେବ
କେ ଜାଣେ କାରଣ ତା'ର ? ୯୦ ।
କମ୍ପା ତ୍ରିଭୁବନ ସରଜ ସଂହର
ନାଶିବାରେ ଯେବେ ମତ,
ଅବତରି ପୁଣି ନାନାରୂପ ଧରି
କରାଇ ପାଳ ଏ କ୍ଷିତି ? ୯୧ ।
ପାଦେ ଗଙ୍ଗା, କରେ ଜଳଦ, ହୃଦୟେ
କଉସ୍ତୁଭ, ନେତ୍ରେ ଶଶୀ,
ଦେଖି ପରିଚିତ ଭକ୍ତେ କି ତୁମ୍ଭଙ୍କୁ
ଲୀଳାରେ କମଳା ଆସି । ୯୨ ।
ସୃଷ୍ଟି ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ
ହେଲେହେଁ ପଣ୍ଡିତଗଣ,
ସ୍ରଷ୍ଟା ତୁମ୍ଭେ ଏକା ସୃଷ୍ଟିମୂଳେ ଥାଇ
ଏ ସବୁର ତତ୍ତ୍ୱ ଜାଣ । ୯୩ ।

Digitized by srujanika@gmail.com

ଉଦରେ ବ୍ରହ୍ମାଣ୍ଡ ଦେଖି ମାର୍କଣ୍ଡେୟ
ପ୍ରଭେଦନ ପାରି ନାରି,
ଯେଉଁଭବ ଯେନ ବାହାରେ ଅଇଲେ
ଜାଣ ସିନା ତୁମ୍ଭେ ହରି । ୯୪ ।
ତୁମ୍ଭ ମାୟାଜାଲେ ଅନନ୍ତ ମସ୍ତକେ
ଥାଉ ଏ ବିଶ୍ୱଭୁବନ,
ଥାଉ ଅବା ବାଳ- ମୁକୁନ୍ଦ ଉଦରେ
ତୁମ୍ଭେ ଏକା ଅଲମ୍ବନ । ୯୫ ।
ଧର୍ମମୂଳ ଗଙ୍ଗା ରାଜନ୍ତି ପଦ୍ମରେ,
ଅର୍ଥ ମୂଳ ଲକ୍ଷ୍ମୀ ହୃଦେ;
କାମ ତୁମ୍ଭ ସୁତ, ମୋକ୍ଷଦାତା ବ୍ରହ୍ମ !
ଚତୁର୍ବର୍ଗ ତୁମ୍ଭ ପାଦେ । ୯୬ ।
ହେଳାରେ ହେଲେହେଁ ନରକ-ନାଶନ !
ତୁମ୍ଭନାମ ଯେହୁ ଧରେ,
ଛାଡ଼ିବ ସେ ଅବା କମ୍ପା ନରକକୁ
ନରକ ତାହାକୁ ଡରେ । ୯୭ ।
ଆଉ ଆନକଥା ତୁମ୍ଭ ଭକତର
ନାହିଁ ବଜ୍ରପାତେ ଭୀତ,
ତଡ଼ିତ ଗତରେ ଆସେ ତୁମ୍ଭନାମ
ତେଣୁ କରେ କଣ୍ଠେ ସ୍ଥିତ । ୯୮ ।
ଶୁଚି ହେଲେମଧ୍ୟ ମଦିର ଉଦର
ସଦ୍ଧଶ ସଂସାରୀ ମନେ,
ଜନ୍ମେ ଯେଉଁ ରଜ ସମ୍ମାର୍ଜମାଡାର
ତୁମ୍ଭ ସ୍ମୃତି ଅନୁକ୍ଷଣେ । ୯୯ ।
ଅମ୍ଭମାନଙ୍କର ଜ୍ଞାନରୁ ଅଜ୍ଞାତ
ରାମନାମ ଗୁଣ ଧାମ,

Digitized by srujanika@gmail.com

ନୋହିଲେ କାହିଁକ ଚଳନକଲେ ପ୍ରଭେ
ଧରିଥାନ୍ତ ରାମନାମ ? ୧୦୦ ।
ଇଶ୍ୱର ନୟନେ ଅନାଇ ଯତନେ
ଅଜ୍ଞାନ ଅନ୍ଧାର ହର,
ସୁଧାଂଶୁ ନୟନ ପାତେ ହେଉ ପୁଣି
ସକଳ ସନ୍ତାପ ଦୂର । ୧୦୧ ।
ପ୍ରଭେ ! ଅହରହ ଲଙ୍ଘି ଭୂମ୍ୟ ଅଙ୍କା
ହା ! ବଧି ନିଷେଧମୟୀ,
ତଥେ ସୁଦୁର୍ଲ୍ଲଭ କୃପା ସ୍ୱାହା ଲୋଡ଼େଁ
ଚରଣେ ନିର୍ଲ୍ଲଜ ମୁହିଁ । ୧୦୨ ।
କ୍ଷୁଦ୍ର ହୃଦୟରେ ଅତୁଳ ବିଭବ
କରିବ କେ ଅନୁମାନ,
ସୁନା ପର୍ବତରୁ ଦରିଦ୍ର କାନରେ
ବାନ୍ଧିନେବ କେତେ ଧନ ? ୧୦୩ ।
ଶେଷେ ସମ୍ପ୍ରଜ୍ଞାତ ସମାଧିରେ ବୃଦ୍ଧ
ଭାବନାନୁରୂପ (୧) ରୂପ,
ଦେଖି ଆନନ୍ଦାଶ୍ରୁ ବିସର୍ଜ୍ଜନ କଲେ
ଭକ୍ତି ପ୍ରୀତି ଭକ୍ତ ଭୂପ । ୧୦୪ ।
ବିପ୍ର ପାଣିପଦେ ବନ୍ଧୁଧନ ଦେଇ
ପିତୃ ତର୍ପଣ ବଢ଼ାଇ,
ଦେବାର୍ଚ୍ଚନ ଶେଷେ ବିଜେକଲେ ନଳ
ସୁନ୍ଦର ମନ୍ଦରେ ଯାଇ । ୧୦୫ ।
ମାଧନ୍ଦନ ଶେଷେ ବସୁଧା-ସୁଧାଂଶୁ
ଅମୃତ ମନୋହି ସାର,

---

(୧) ଯେଉଁ ସମାଧିରେ ଭଗବତ୍ ସାକ୍ଷାତ୍କାର ମିଳେ ।

Digitized by srujanika@gmail.com

ସରାଜ ସୁନ୍ଦର ସୌଧେ ବଢେଇଲେ
ବୈଜୟନ୍ତୀ ଧାମ ସର । ୧୦୬ ।
ଭକ୍ତରେ ଖ୍ରୀମନା ସାଙ୍ଗ ଦେବପୂଜା
ପତିଙ୍କ ଭୋଜନ ପରେ,
ଆପେ ଭୁଞ୍ଜି ସାରି ପ୍ରସାଧିତ ହୋଇ
ପରମ ଅନନ୍ଦଭରେ ।
ବିବିଧ ଭୂଷଣ ଘରେ ଅଳସାଙ୍ଗୀ
ଦମୟନ୍ତୀ ବଢେଇଲେ,
ପ୍ରିୟା ଅଲଙ୍ଗନ ଲଗି ପୁଲକିତ
ନଳଙ୍କର ଅଙ୍କସ୍ଥଳେ । ୧୦୭ ।
ତାଙ୍କ ପଛେ ପଛେ ଚଳିଲେ ଅଳିଏ
ମୁଖେ ନାହିଁ ମନ୍ଦହାସ,
କରପଦ୍ମେ ଧରି ପିଞ୍ଜରି ଗୋଟିଏ
ସୌନ୍ଦର୍ଯ୍ୟ ପୁଞ୍ଜ ସଦୃଶ । ୧୦୮ ।
ଗତେ ତହିଁ ଶୁକ ଭୁକ୍ତ ବିମ୍ବଫଳ
ଉପମା ତା' ଥଣ୍ଟ ଧରେ,
ଖେଳେ ଅମଳିନ ଫଳର ସୁଷମା
ସୁନ୍ଦର ତ୍ରେଣୀଯୁଗଳେ । ୧୦୯ ।
ତଦ୍ୟ୍ୟକ ସ୍ଫଟିକ ଦନ୍ତେ କୁନ୍ଦପଦ
ପଦାର୍ଥ ମିଳନ ଭଲ,
ମଦକଳ ପିକ ଗୋଟିଏ ଧରି ତା'
ପଛେ ଗଲ ଅନ ଅଳୀ ।
କଳାରେ କୁଶଳ ଦମୟନ୍ତୀ ଶିଷ୍ୟା
ଗନ୍ଧର୍ବ ରାଜନନ୍ଦନା,
ମନୁଜାଧିପଙ୍କୁ ସେବିବାକୁ ଗଲ
ଗୀତ ଗାଇ, ବାଇ ବୀଣା । ୧୧୦ ।

Digitized by srujanika@gmail.com

ଅଟେଗ ମୃଗାକ୍ଷୀଙ୍କ ବୀଣା ନିକ୍ୱଣେ
ମୃଦୁ ଲଳିତ କାକଳି,
ଭୈମୀ ମଧୁକଣ୍ଠ ଲଜ୍ଜା ଉପକଣ୍ଠେ
ହେଲା ଅପ୍ରକଟ ଭଲି । ୧୧୧ ।
କଳାବତୀ ଭୈମୀ ସ୍ୱରସାମ୍ୟ ଇଚ୍ଛି
ବୀଣା ଅବନମ୍ର ଫଳେ,
ପରିବାଦ ଲଭି "ପରିବାଦିନୀ" ଏ
ପଦବୀକୁ କିନା ଧରେ ? ୧୧୨ ।
ରାଜ ଗଜ ପାଖେ ଶିରଃକମ୍ପ ସଙ୍ଗେ
କର ଚପଳତା ଧରି,
ନାଦିଲା ବିପଞ୍ଚୀ ନିଷଦ ମଟୁରି
ଉଠେ ଗଜବଧୂ ଭଳି । ୧୧୩ ।
ସବ ବୀଣାପାଦରେ ଭୈମୀକଣ୍ଠ ନାଳ
ଗଢ଼ି ଅଛୁ ଜାଣି ବହୁ,
ଅନ୍ତରେ ଉରଳ ସ୍ୱବନ୍ଧକ ବୀଣା
ନଜେ କୋଣ ନ ଦେଜଇ । ୧୧୪ ।
ଦମ୍ପତୀ ଶ୍ରୁତିରେ ଅମୃତ ବରଷି
ବୀଣା କଲା ଗୃହଗାନ,
ବସୁମତ ରତ- ପାଳିତ ଶୀର ତା'
ଗାଇ କଲା ମୁଦ ଦାନ । ୧୧୫ ।
"ବଚନ ଅତୀତ ତୁମ୍ଭ ଗୁଣଗ୍ରାମ
ତଥାପି କରିବ ସ୍ତୁତ,
ମାରବ ହୋଇଲେ ଅଜଣା ରହିବ
ମୋର ଏ ଅଳପ ମତ । ୧୧୬ ।
ରାଜ ଚୂଡ଼ାମଣି ଭୋଗଭୂମି ବୋଲେ
ଅବଢ଼ିଲ ହୈମବତୀ,

Digitized by srujanika@gmail.com

କାଳେ ଦକ୍ଷକନ୍ୟା ସତୀ ଏ ଜଗତେ
ଅଧିଗୁଣ ଦମୟନ୍ତୀ । ୧୧୭ ।
ଦମୟନ୍ତୀ କାନ୍ତ ରତିଦେବୀ ଭ୍ରାନ୍ତ
ନ ଅଟଇ ଅବା କାହାର,
ହର ନେତ୍ରାନଳେ ଦଗ୍ଧ ମଦନର
ଦିବ୍ୟରୂପ ତୁମ୍ଭେ ନଳ । ୧୧୮ ।
ଧରାଏର ସର ଛବି ହାରମୟୀ
ସୁନ୍ଦରୀ କୁରଙ୍ଗୀଦୃଶା,
ନବଡ଼ କଦମ୍ବ ବନ୍ଧଯୋଗେ କ୍ଷୀଣୁ
କ୍ଷୀଣତର ମଧ୍ୟଦେଶା ।
ଏ ଯୋଷା ବଦନ ଚନ୍ଦ୍ରମା ଦର୍ଶନେ
ଅହା କ ଉଲ୍ଲାସ ଭେଲେ,
ଧରାକୁ ସାଗର ଧଇଲା ପରାଏ
ଧର ତୁମ୍ଭେ ଯାଙ୍କୁ କୋଳେ ? ୧୧୯ ।
ମୁଖଚନ୍ଦ୍ରେ ସାକ୍ଷୀ ରଖି ମଦନକୁ
ବରିଲେହେଁ ପଦ ଲେଖି,
ବଳେ କୃଶାଙ୍ଗୀକୁ ଭୋଗପିନା ନଳ
ମଧ୍ୟରୁ ଦୁର୍ବଳ ଦେଖି । ୧୨୦ ।
କୁଚଯୁଗେ ଧରି ମକରକେତନ
ଭୈମୀ କାମ ରାଜଧାନୀ,
କାମ ମହୋତ୍ସବ ସୁନ୍ଦରତୋରଣ
ସିନା ସ୍ବଚ୍ଛଭୂଚ୍ଛ ବେନ ? ୧୨୧ ।
ନଳ ତୁମ୍ଭମାଙ୍କୁ ଦମୟନ୍ତୀ ପାଶେ
ତତ୍ପୁଁ ତୁମ୍ଭପାଶେ ଯାଇ,
ଲଭୁଥାନ୍ତା ପଥ- ଶ୍ରମ କାମ ସିନା
ନ ଥିଲେ ଦେବଙ୍କ ରଇ । ୧୨୨ ।

Digitized by srujanika@gmail.com

ସ୍ୱେଦଜଳେ ମ୍ଳାନ ସାର ରତଲଗି
ଉଜାଗର ଭ୍ରୂବ ଧରି,
ଭ୍ରମ ରୋମାବଳୀ ମଧୁମସ୍ତ କାମ
ଶରର କେଶର ଭଲି । ୧୨୩ ।
ଘର୍ମାମ୍ବୁଶୀକରେ କରମ୍ବିତ ବପୁ
ଦମୟନ୍ତୀ ସୁକୁମାରୀ,
ଅଙ୍ଗ ପୁଲକର ସ୍ୱେଦବିନ୍ଦୁ ତାର
କ୍ଷତଜ ରୁଧିର ସରି । ୧୨୪ ।
ଜାଣି ଭ୍ରମମନ ପ୍ରତୀତ ଚପନ
ରାତେ ଅନୁରାଗ ଧରି,
କେଳି ସରୋବରେ କମଳ କଳଣି
ମୁଖ କାମରେ ସରି । ୧୨୫ ।
ଅନ୍ତର ଦୁଅନ୍ତ ସ୍ୱଚ୍ଛନ୍ଦ ବିହାରେ
ଅନ୍ତରାସ୍ତ ସଖୀଗଣ,
ରାଗବଶେ ଏବେ ଦୁହିଁଙ୍କ ମଧ୍ୟରେ
ମାତଜ୍ଞଠୁ ମଲ୍ଲରଣ ।
ନ କଢ଼ାଇ ବସ୍ତ୍ର ପରସ୍ପର ପୁଣି
ନ ପୀଡ଼ାଇ ନଖ ଦନ୍ତେ,
ବିଷମ ବଦନ ନ ଦେଇ ମଦନ(୧)
ମଦନ(୨) ହେବା କେମନ୍ତେ ।
ପଶୁଁ ଏହା ଶୁକ ଅଳସେ ଚଳିଲେ
ନୃପ ସାନ୍ଧ୍ୟକୃତ୍ୟ ଛଳ,
କୁପିତ ଭୀମଜା କଟାକ୍ଷେ ବୀକ୍ଷିତ
ସଙ୍କୁଚିତ ପଦ୍ମଦଳ । ୧୨୬ ।

---

(୧) କନ୍ଦର୍ପ ।
(୨) ପ୍ରମତ୍ତ ।

ଚନ୍ଦ୍ରିଁ ପରଛନ୍ତ ନରପନ୍ତି ଲାଗେ
ନେଜେ ଯେଜ୍ଞେ ସଗବନ୍ଧ,
ଶୁଣି ଶୁକସ୍ତୁତି ତାକୁ ଲକ୍ଷ୍ୟକର
ଉଚ୍ଚାରଲ "ସ୍ତୁହ ସୁହ (୧)" । ୧୨୮ ।
ଜନ୍ମନ୍ତ ପ୍ରାସାଦୁଁ ଦେଖିଲେ ଭୂପଜା
ଖେଳାକୁଳ୍ୟା ଅତି କୃଶ,
ରବ ପ୍ରଭବସ୍ତ୍ର- କୃତ୍ରିମ ମଣିରେ
ଶୋଭେ ତା' ହ୍ରଦଦେଶ ।
ବନ୍ଧଗତ ଯୋଗୁଁ କୃଷ୍ଣସର୍ପୀ ଭଳି
ଦିଶେ ରତ ଅସ୍ଥିର,
ଚକ୍ରବାକ ଦ୍ୱନ୍ଦ୍ୱ ପଳାଇ ବିକଟେ
ଡେକୁଛନ୍ତି ପରସ୍ପର । ୧୨୯ ।
ଶରଦ ଶୋଷିତେ ବୋଲା ହେଲଭଳି
ଟିଣ୍ଡିଁ ଚକ୍ରବାକ ଦ୍ୱନ୍ଦ,
ପଦ୍ମ ସୁପ୍ତିକାଳେ ଦୀର୍ଘଶ୍ୱାସେ ଭେଦୀ
ଛାଡ଼ନ୍ତି ପଙ୍କଜାମୋଦ । ୧୩୦ ।
ଭାଷିଲେ "ସ୍ୱଜନ ! କୋକଯୁଗ ଦଶା
ଭର ଏବେ ନିରୀକ୍ଷଣ,
ବଦାରେ ଏ ଦୁଃଖ ହୃଦୟ୍ତ, କଏବା
ଦେଖି ନ କରେ ରୋଦନ ? ୧୩୧ ।
କୁମୁଦ ଆନନ୍ଦ ଦର୍ଶନେ ଅକ୍ଷମ
ତପନ ହେଲ୍ଣି ଉଗ୍ର,
ପକ୍ଷୀଏ ରବନ୍ତି କୋକ-ଦାଳ-କୁନ୍ତ
ହୃଦୟେ ଭେଦିଲ ପରା । ୧୩୨ ।

---

(୧) ସ୍ତବକର ; ସ୍ତବକର ।

Digitized by srujanika@gmail.com

ଅନସ୍ତ ବିରହ ଆଚରନ୍ତି, ଚେଷ୍ଟା
କରି, ଏ କୋକ ମିଥୁନ,
ଶିଖିବଣ ସବୁ ପ୍ରାଣୀ ଅନୁଷ୍ଠାନ
ତାହାର ଏ ନିଦର୍ଶନ । ୧୩୩ ।
ରଥାଙ୍ଗ ମିଥୁନ ବିଚ୍ଛେଦ ବିଧାନେ
ବିଦ୍ଧ ହୋଇ ଉତପର,
ରବିବିମ୍ବ-ଶାଣେ କାଳ-ତରବାରେ
କରଇ କି ତୀକ୍ଷ୍ଣ ଧାର ? ୧୩୪ ।
ପାନକର ସୁଖ ବିଧୁମୁଖୀ ମୁଖୁଁ
ସୁଧା ମଧୁର ଭାଷିତ,
ସ୍ମିତଶୋଭି ମୁଖେ ବଖାଣିଲେ 'ନଳ
"କହିଲେ ଯା' ପ୍ରିୟେ ସତ । ୧୩୫ ।
ନାରୀ ପୁରୁଷଙ୍କୁ ଜିଣିବାକୁ ରତ
ମଦନ କରି ବିଗ୍ରହ,
କରିଛନ୍ତି ନତ ବେନି ଧନୁଛଳେ
ତୁମ୍ଭର ଭ୍ରୂଯୁଗଳ;
ଛଳେ ଗୋପାଯ଼ିତ ବେନି ନଳୀ ଏତୁ
ତବ ନାସାପୃଷ୍ଠ ସାଜେ,
ବେନି ଶ୍ୱାସ ଧାରା ମଳୟ ଜନିତ
ବାଯ଼ବ୍ୟ ଶାଯ଼କ ବ୍ୟାଜେ । ୧୩୬ ।
ପୀତବର୍ଣ୍ଣ ତବ ମନୋହର କାନ୍ତି
ସହଜେ ମଧୁରତର,
ଯା' ଦେଖି କନକ ସୁବର୍ଣ୍ଣ ବିଗ୍ରହରେ
ଲଭେ ସବୁଠୁଁ ଆଦର;
ବର୍ଣ୍ଣାନ୍ତର ସୃତ ଅସମ୍ଭବ, ରୂପେ
ରଜା ଯେ ଧବଳପଣ,

Digitized by srujanika@gmail.com

ତାହାଲାଗି ସିନା ଲଭଇ ରଜତ
ଦୁର୍ବର୍ଣ୍ଣତା ଅପମାନ ? ୧୩୭ ।
ମଧୁ ମେଘମାନ୍ତ ବୃଷ୍ଟିଜଳେ କୃଷ୍ଣ
ଖଣ୍ଡଚୂର୍ଣ୍ଣ ମୃତ୍ତିକାରେ,
ଗ୍ରୀବଢ଼ ଦୋହଦେ ଦ୍ରାକ୍ଷାଦ୍ରବ କେତେ
ନବନୀତ-ଆଳବାଳେ ।
ବଢ଼ି ଇକ୍ଷୁ ଯେବେ ପ୍ରସବ କରିବ
ପକ୍ୱଫଳ ତା' ମାଧୁରୀ,
ସୁଧା ସୁମଧୁର ତୋର ବଚନର
ସ୍ୱାଦୁକୁ ହେବ କ ସରି ? । ୧୩୮ ।
ଗୁଡ ଯାକ ତନୁ- ଜାଲେ ବିନିର୍ମିତ
ରଜ୍ଜୁରେ ବନ୍ଧନକରି,
ଘୂରାଇ ଅପଣେ ସୁଧାପାନ ଇଚ୍ଛେ
ଶର୍କରା-ମନ୍ଦରଗିରି;
ଇକ୍ଷୁରସ-ସିନ୍ଧୁ ମନ୍ଥି ନବସୁଧା
ଜନ୍ମାଇଲେ କାମଦେବ,
କର୍ଣ୍ଣ ରସାୟନ ତୋର ବଚନର
ପ୍ରତିଭଟ୍ଟ ନକ ହେବ ? ୧୩୯ ।
ବସନ୍ତ ଭାରତୀ ତୋର ବଦନରେ
ଲୀଳା ପଦ୍ମ-ବାସ ସ୍ଥଳରେ,
ତାଙ୍କ ବୀଣାକଳ- ନିକ୍ୱଣ କପଟେ
ବାଣୀ ବିଳାସ ପ୍ରସରେ ।
ତାଙ୍କ ଲୀଳାଗତ ଯୋଗ୍ୟ ଗଇରିକ
ସଦୃଶ ସରି ଅଧର,
ଦନ୍ତମାଳା ଦେଖି ଶୋଭନ୍ତି ଯେସନେ
ତାଙ୍କ ମୁକ୍ତାମଣି ହାର । ୧୪୦ ।

Digitized by srujanika@gmail.com

ବଚନ ଡୁମ୍ବୁର   ମନ୍ମଥ ତୀର୍ଥର
ଉଜ୍ଜ୍ୱଳ ରସ-ସରିତ,
ପୁଳିନେ ତାହାର   ବାଲୁକା ଶକଳ
ଖଣ୍ଡଚୂର୍ଣ୍ଣ ସୁନିଶ୍ଚିତ ।
ଉଚ୍ଚ କ ପୂତ   ସ୍ଥିତ ଶର୍କରାରେ
ଏହାର ତୀର-ଅବନୀ,
ପୀୟୂଷ କି ଜଳ,   ତଟଯୁଗ ନିକ
ମଧୁର ଅଧର ବେନି ? ୧୬୧ ।
ସୁଧା-ସିନ୍ଧୁ-ବେଣୀ   ତୋ ବାଣୀ ତରୁଣି !
କଣ୍ଠସ୍ଥ କରିବା ପାଇଁ,
ସୁକଣ୍ଠ କୋକିଳା   ଘୋଷୁଥାଏ ସିନା
ବନେ ଚୂତାଙ୍କୁର ଖାଇ । ୧୬୨ ।
ଊର୍ଦ୍ଧ୍ୱ ରଦଚ୍ଛଦ   ମଦନ-କାର୍ମ୍ମୁକ
ବନ୍ଧୂକମାଳା ନିର୍ମିତ,
ନିମ୍ନାଧର ଅଟଇ-   ସୀମାସ୍ଥିତ ଲେଖା
ଶିଞ୍ଜିନୀ-ଲତା ବଦତ ।
ବଚନ ଡୁମ୍ବୁର   ପ୍ରିୟେ ! ମନ୍ମଥର
ଧନୁର୍ବେଦ ସୂତ୍ରଚର,
କୋଣଧନୁର୍ଦ୍ଧତୀ   ବୀଣା ତା’ ଅଭ୍ୟାସ
କରେ ତେଣୁ ନିରନ୍ତର । ୧୬୩ ।
“ମଧୁ କିଏ ?” ପୁଚ୍ଛନ୍ତି   ଡୁମ୍ବୁର ଅଧର
ବୋଲି ଯେ ନ ଦିଏ କହି,
ଚତୁର ଚକ୍ଷୁରେ   ଦେଖିଲେ ଜାଣିବ
ଗ୍ରାମ୍ୟ ଅଚତୁର ସେହି ।
‘କିଏ ସୁନା’ ବୋଲନ୍ତି   ‘ତୁମ୍ଭ ବପୁ’ ବୋଲି
ନ ଭାଷଇ ଯେଉଁ ଜନ,

Digitized by srujanika@gmail.com

ପଣ୍ଡିତ-ପଂକ୍ତିରେ ବସିବା ପାଇଁକି
ସେହୁ ଅଟି ଅଭାଜନ;
'ଅମୃତ କପର ?' ଏ ପ୍ରଶ୍ନେ ଉତ୍ତର
'ତୁମ୍ଭର ବଚନ ଭଳି'
ନ ବୋଲିବା ମୂର୍ଖେ ନ ଛୁଅନ୍ତୁ ଦୁଃଖେ
କାମବାଣ ଘୃଣାକର । ୧୪୦ ।
ଉଦରେ ଅଣିମା ଗରିମା, ମହିମା
ନିତମ୍ବ, କୁଚଯୁଗଳେ
ବଚନେ ପ୍ରାକାମ୍ୟ କାମାବସାୟିତା
ଦଗ ବଦଗ ସକଳେ ।
ବଶିତ୍ୱ ମାନସେ ଲଘିମା ସ୍ମିତରେ
ଈଶିତ୍ୱ ମୋର ଉପରେ,
ବହୁ ଶିଳ୍ପସୀମା ତୋତେ ବତାଉଛି
ଅଷ୍ଟ-ଐଶ୍ୱର୍ଯ୍ୟ ମୋଦରେ । ୧୪୫ ।
ତୁମ୍ଭ ବଚନର କି ସ୍ତୁତି କରିବି
ଅମୃତର କରେଁ ସ୍ତବ,
ଯେ ଅମୃତ ଲାଗି ବନ୍ଧୁଲେ ବିବାଦ
କାଳେ ଗରୁଡ଼ ବାସବ ।
ଦ୍ରାକ୍ଷା-ପାନକର ମଦନରଦନ
କ୍ଷୀରେ ଅନାଦର ଯା'ର,
ପାଦ ପ୍ରକ୍ଷାଳନ ଅନୁଗ୍ରହ ସିନା!
ଅମୃତେ ତୋ ବଚନର ? ୧୪୨ ।
କୋକ-ଶୋକ ଯେବେ ଉପୁଜାଏ ଦୁଃଖ
ଆହ୍ଲାଦଅ ଏ କଙ୍କରେ,
ଅସ୍ତ ନୋହିବାକୁ ପ୍ରାର୍ଥନା କରିବି
କୁଲ୍ୟାଜଳସ୍ଥିତ ସୂରେ ।

Digitized by srujanika@gmail.com

ଯୋଡ଼ଲେହେଁ କର ବିମୁଖ ହୋଇବେ
ହେବେ ଗ୍ରହରାଜ ହର,
କୋକ ମିଥୁନକୁ ଜଳାଦେଇ ତୁମ୍ଭ
ପାଶକୁ ଆସିବ ଫେର । ୧୪୭ ।
ଆଲମ୍ବଣ ଲଭି ବହୁଛନ୍ଦ ଏଥି
କର ତାଙ୍କ ଅନ୍ୱେଷଣ,
ପ୍ରିୟେ, ପରିହାସ ବଚନେ ତାଙ୍କର
କର ଆନନ୍ଦବର୍ଦ୍ଧନ ।
ସଖୀଗଣ ଲେଖେ ହସଇ ଉଚ୍ଛନ୍ନ
ଭୁଲାଇ ଖାମଖା ଚିତ୍ତ,
ସାମ୍ପ୍ରତନ ବିଧି ବିଧାନବା ପାଇଁ
ନୃପ ହେଲେ ବହିର୍ଗତ । ୧୪୮ ।
କବିରାଜ ରାଜ ମୁକୁଟଭୂଷଣ
ଶ୍ରୀହର୍ଷ ଯାହା ଜନକ,
ମାମଲ୍ଲଦେବୀଙ୍କ ଗରଭୁଁ ସମ୍ଭୂତ
ଶ୍ରୀହର୍ଷ କବି ତିଳକ ।
ରଚିଲେ ସରସ ସଂଯତ ଭବରେ
ଛଟେଇ ଚନ୍ଦ୍ର ଚନ୍ଦ୍ରାମଣି,
ନଳ ଚରିତରେ ଏକବିଂଶ ସ୍ଥାନ
ହାସ ପରିହାସ ଖଣି । ୧୪୯ ।

Digitized by srujanika@gmail.com

ଦ୍ୱାବିଂଶ ସର୍ଗ

ସାନ୍ଧ୍ୟବଧୂ ସାର ପଶ୍ଚିମ ଆକାଶେ
ଲେହ୍ୱାଉ ସୁଷମା ଚୁହିଁ,
ପ୍ରିୟାଧର ତୁର ସଭୟ ସମ୍ଭ୍ରମ
ଉଠକେ ହେଲେ ନଳ ଯାଇ । ୧ ।
ପଲଙ୍କୁ ଓହ୍ଲାଇ ପାଛୋଟି ଆଇଲେ
ଦମୟନ୍ତୀ ପ୍ରେମାଦରେ,
ବସି ସେ ପଲଙ୍କେ ବସାଇ ପ୍ରିୟାକୁ
ନଳ ସନ୍ଧ୍ୟାସ୍ତୁତି କଲେ । ୨ ।
"ପ୍ରସନ୍ନ ନୟନେ ଅନାଅଁ ସୁମୁହିଁ !
ବରୁଣ ବନିତା ମୁଖେ,
ଲଜ୍ଜାରାଗେ ଧୌତ ହୋଇ ବୋଳା କ ସେ
ବହଳ କୁଙ୍କୁମ-ପଙ୍କେ ? ୩ ।
ଭାନୁ ଗଇରିକ- ଗଣ୍ଡ-ଶୈଳ ପରି
ଗଗନ-ଅଚଳ ଚୂଡ଼ୁଁ,
ପଡ଼ ଚୂନାହୋଇ ସନ୍ଧ୍ୟାରାଗ ରୂପେ
ଝଟେ କି ଅବନୀ ତଳୁଁ । ୪ ।

Digitized by srujanika@gmail.com

ଅସ୍ତାଚଳ ଚୂଳ- ନିବାସୀ ପୁଳନ
ପାଳିତ ବନ୍ଧ୍ୟ କୁକ୍କୁଟ,
ଶବ ଯାମଶେଷେ ରଞ୍ଜିଲେ କି ତାକୁ
ସଞ୍ଚାଳି ନେଳ ମୁକୁଟ ? ୫ ।

ଅସ୍ତଗାମୀ ରବି- କରଣ-ସୁବର୍ଣ୍ଣ-
ବେତଧର ସନ୍ଧ୍ୟାକରେ,
ରଜନୀ-ସଣୀର ପ୍ରତିହାର ପଦ
ଲଭି ବା ଦିବସେ ତଡ଼େ ? ୬ ।

ନଟ ମହାକାଳ, ଶିଗାରୁଣ ମୁଖୀ
ସନ୍ଧ୍ୟା ରୁଦ୍ଧିମତୀ ନଟୀ,
ବ୍ୟୁତ (୧) ଉନୁରେ ଅଙ୍ଗହାର (୨)କିବା
ଚରଳ ତାରକା କୋଟି ? ୭ ।

କାଳେ(୩) ନୃତ୍ୟରତ(୪) ଚନ୍ଦ୍ରଚୂଡ଼ଙ୍କର
ବିଭୂଷଣ ଅସ୍ଥିମାଳ,
ଛୁଡ଼ିପଡ଼ି କୋଟି ତାରକା କପଟେ
ମଣ୍ଡେ କିବା ଦିଗ୍‌ମଣ୍ଡଳ । ୮

ପ୍ରକଟ(୫) ପଦୁକ ଦିନ-ଦ୍ୱୀପେ ଅବା
ନାଶନ୍ତେ କାଳ-କରାତ,
ତାରବ୍ୟାଜେ ରାଜେ ଗଜମୁକ୍ତାବଳୀ
ସନ୍ଧ୍ୟା ତା ରୁଧିର-ସ୍ରୋତ । ୯ ।

---

(୧) ମହାକାଳ ରୂପ ନଟର ଆକାଶରୂପ ଶରୀରରେ ।
(୨) ଅଙ୍ଗ ବିକ୍ଷେପ ।
(୩) ସାୟଂକାଳେ ।
(୪) ତାଣ୍ଡବ ନୃତ୍ୟରତ ।
(୫) ପକ୍ଷେ ଶୁଣ୍ଡାଗ୍ରଶୋଭି ରକ୍ତବିନ୍ଦୁବୃନ୍ଦ ।

Digitized by srujanika@gmail.com

ତାର ପୁଷ୍ପ ଯୁକ୍ତ ସନ୍ଧ୍ୟାରାଗେ ରକ୍ତ
ପଶ୍ଚିମ ଦିଗ ଅମ୍ବର,
ପୁଷ୍ପ ସିନ୍ଦୂରିକା ପର୍ବେ ପିଣ୍ଡଚନ୍ଦ୍ର
ସତୀ ବିବାହେ କା ହର ? ୧୦ ।
ଅବା ସତୀ,ଉମା ବିବାହେ ଶିବଙ୍କ
ପୁଷ୍ପ ସିନ୍ଦୂରିକା ଲକ୍ଷେ,
ପ୍ରାଚୀ, ପ୍ରାଚେତସୀ ବେନି ବସନକୁ
ରଞ୍ଜିଅଛୁ ସନ୍ଧ୍ୟାସୁଖେ ।
ଭାନୁ ଭସ୍ମୁ ଅବା ସନ୍ଧ୍ୟାଭ୍ର କଷାୟ
ବସନେ ତନୁ ଆବରି,
ସାଗର ସଳିଳେ ସ୍ନାନ ଆଚରଇ
ମନ୍ତ୍ରୀ ପର୍ଯ୍ୟଟନ ସାରି ? ୧୨ ।
ନିକଷ ପାଷାଣ ନିଭ ଅସ୍ତାଚଳେ
ତନୁ ସ୍ୱର୍ଣ୍ଣପିଣ୍ଡ କଷି,
ଶଙ୍ଖ ନାକନାରୀ ଗ୍ରହଣ କରେ କି
ତାର ବର୍ଣ୍ଣରେଖାରାଶି ? ୧୩ ।
ରବିରୂପ ପକ୍ୱ ଦାଡ଼ିମ ଫଳରୁ
ଖୋଳ କାଢ଼ି ରସ ଖାଇ,
ସିଠା ଫିଙ୍ଗିଅଛୁ କାଳ ସିନା ତାହା
ତାରରୂପେ ବିରାଜଇ । ୧୦ ।
ସାୟଂକାଳେ ଚଣ୍ଡ ତାଣ୍ଡବ ନିରତ
ଚଣ୍ଡୀପତି ପାଦଘାତେ,
ଉଠି ବଇଲାସ୍ଫ଼ଟିକ ଖଣ୍ଡିକା
ରାଜଇ କି ଶୂନ୍ୟପଥେ । ୧୫ ।
ବର୍ତ୍ତନା ଜନନ୍ତ ଲଜେ ବୁଡ଼ି ସନ୍ଧ୍ୟା
ଅପସରି ଗଲା ଜାଣି,

Digitized by srujanika@gmail.com

ତାରତମ୍ୟେ ତନୁ- ରଚି ନରେ ସୃଷ୍ଟି
ବଖାଣିଲେ ନୃପ ପୁଣି । ୧୬ ।
ନୁହେଁ ଏ ଆକାଶ ସମଭାବେ ସ୍ଥିତ
ଜମ୍ବୁଦ୍ୱୀପ ରତ୍ନାକର,
ଦେଖ ମୀନ କମ୍ବୁ କୁଳିର ମକରେ
ଅଛି କରି ମନୋହର । ୧୭ ।
ତାରା ଫୁଲରେ ବନ୍ଧନ୍ତି କ ସ୍ମର
ନିଦାଘେ ମୋହିବା ପାଇଁ,
ପଞ୍ଚାସ୍ୟ ଯେସର ପଞ୍ଚଶରେ 'ପଞ୍ଚ'
ଶବ୍ଦ ବା ପ୍ରପଞ୍ଚ-ବାଚ । ୧୮ ।
ରଜନୀ ବରଦେ ନଭୋନଦୀ କୂଳ
କୁଳାୟେ କୋକ ମିଥୁନ,
ଚାନ୍ଦ୍ର ବକଳେ ଅଶ୍ରୁବିନ୍ଦୁ ତାର
ଧାର ତା' ତାରା ପତନ । ୧୯ ।
କୂଳେ ନୀଡ଼ାରତ ଦେବତାଙ୍କ ଉରେ
ମକର କୁଳିର ଆଦ,
ଜଳଜୀବମାନେ ବୁଡ଼ି ଦନ୍ତେ କ
ସ୍ମର ସିନ୍ଧୁ-ଶଯ୍ୟା ଭେଦ । ୨୦ ।
ତାରକା ସୁମନେ ଗଢ଼ା ସ୍ମର-ଶରେ
ବିଶାଖା ନକ୍ଷତ୍ର ଏହି,
ଥୁଆ କି ନିଦାଘେ ସମୟେ ନିକଳେ
ରଜନୀ ବାଜିବା ପାଇଁ ? ୨୧ ।
ରଜନୀ ଯୋଗିନୀ ଜଗିଅଛି ରତିଶେ
ମାୟାରେ ମୋହେ କମଳ,
ଆଧାର ବସ୍ତ୍ରେ ନଭଃ ଚୁମ୍ବୀ କମ୍ବୁ
ବଖାଣେ ତା' ମାୟାବଳ । ୨୨ ।

Digitized by srujanika@gmail.com

ଦେଖାଇ କୌଶଳେ   ଦିବସେ ଅଦେଖା
ଖ ପୃଷ୍ଠ ତାରକାଗଣେ,
ଯୋଗିମା ଯାମିମା   ଶୂନ୍ୟବାଦ ମତେ
ପ୍ରପଞ୍ଚ ମିଥ୍ୟା (୧) ବା ଭଣେ । ୨୩ ।
ତୋ ମୃଗେନ୍ଦ୍ରୁ ମୃଗ   ତାପି ପୁଷ୍ପାଗ୍ରେ
ଡ଼ରେ କ ଗଗନେ ପଟେ,
କୁଚ-ପତ୍ରାବଳୀ   ଚକ୍ରପତ୍ର ତାର
ଭ୍ରୂକୁ କାମରୂପ ଅଟେ । ୨୪ ।
ଆଦ ସୃଷ୍ଟି ଏହ   ବ୍ରହ୍ମାଣ୍ଡ ମଣ୍ଡପ
ପିବାରୁ ଧୂମ୍ରଣା ହୋଇ,
ଧୂଣ ଷଣ୍ଡଶଙ୍କୁ   ଦାରୁଚୂର୍ଣ୍ଣ ପ୍ରତ
କାଷ୍ଠାବଳୀ ବା ଗଳଇ ? ୨୫ ।
ଦନ ସେତୁ ଭଙ୍ଗି   ଚୌପଡ ଦଶେ
ଐରାବତ ମଦଧାର-
ଧାରା ପରି ମାଡ଼ି-   ଆସେ ଅନ୍ଧକାର
ଉଚ୍ଛୃଙ୍ଖଳ ଭାବ ଧରି । ୨୬ ।
ଦକ୍ଷିଣ ଗଗନେ   ଅନ୍ଧକାର ଦେଖି
ମହିଷ ମେଚକ କାନ୍ତି
ମଣି, ବାହେ (୨) ଡରେ   ରବି ରଥ ଘେନି
କଲେ କ ପାତାଳେ ଗତି । ୨୭ ।
ପଶ୍ଚିମାଦ୍ରି ସାନୁ   ଚୁମ୍ବୀ ସ୍ତନୁ ବମ୍ବ
କ ସେ ମହାକାଳ ଫଳ ?
ପଡ଼ି ଫାଟି ବୀଜ   ବ୍ୟାଜେ ବୁଣିଲ କ
ନିବିଡ ତମ ପଟଳ ? ୨୮ ।

(୧) ସତରେ ଅନ୍ଧାରରେ ଜଗତର ଅସ୍ତିତ୍ୱ ଅନୁଭୂତ ନଥାଏ ।
(୨) ଅଶ୍ୱମାନେ ମହିଷକୁ ଡ଼ରନ୍ତି ।

Digitized by srujanika@gmail.com

ବୃନ୍ଦ ଚୈତ୍ରରଥ ପତ୍ରାବଳୀ ଯା'ର
ସେ ଦଣ୍ଡେ ବସ୍ତୁସ୍ଥ ଛବି,
ତମ ହିମଗିରି ଅପଣ ରଶ୍ମି
ମେରୁକୁ ଗମିଲେ ରବି । ୨୯ ।
ଦିବସେ ସହସ୍ର କରେ ଧୃତ ତମ
ଊର୍ଦ୍ଧ୍ୱେ ଥିଲା ନଭ ତଳେ,
ବୁଡ଼ନ୍ତେ ତପନ ନିରାଲମ୍ବ ଭବେ
ଖସିଲା କି ଧରାତଳେ ? ୩୦ ।
ସୂର୍ଯ୍ୟ ଦୀପଶିଖା ଊର୍ଦ୍ଧ୍ୱେ ଅଧୋମୁଖେ
ଆକାଶ କଟାହ ବନ୍ଧ,
ନିହ୍ନଥିଲା ତନ୍ଧ୍ୱ ବହଳ କଜ୍ଜ୍ୱଳ
ଛୁଡ଼କ ଯୋଡ଼ିଲା ମହୀ ? ୩୧ ।
ତମ ମୃଗମଦ ଚିହ୍ନ ନୀଳାମ୍ବର
ତାରା ଫୁଲହାର ଧରି,
ଦିଗଙ୍ଗନା ଅଭି- ସାର କରନ୍ତି କି
ମୋ ଲକ୍ଷେ ମନାଷ ବରି । ୩୨ ।
ରବି ରୂପନେତ୍ର ମୁଦନ୍ତେ ଶ୍ରୀହରି
ବେନି ପତ୍ର ଶ୍ରେମାବଳୀ,
ମିଳି ଶଶୀକଳା କାଳିମାକୁ ଜିଣି
ଆଭସେ ଅନ୍ଧାର ଭଳି । ୩୩ ।
ଦିବସେ ତପନ ଆପଣା ସହସ୍ର
ଗୋ ସଙ୍ଗେ ମିଶାଇ ଦଲେ,
ନେଲକଙ୍କ ଗୋକୁଳ ହରିବାକୁ ସିନା
ଏବେ ଏ ଅନ୍ଧତା ଫଳେ । ୩୪ ।
ଅନ୍ଧାର ସ୍ୱପକ୍ଷେ ବୈଶେଷିକ ମତ
ମୋ ମତେ ଏକତା ଆଣେ,

Digitized by srujanika@gmail.com

ଔଲୂକ୍ୟ ନାମରେ ଖ୍ୟାତ ତାଙ୍କ ମତ
ଅନ୍ଧାରର ତତ୍ତ୍ୱ ଜାଣେ । ୩୫ ।
ସ୍ପର୍ଶକ୍ଷମ ନୁହେ ଅନ୍ଧାର ସମସ୍ତ
ଆବଳ ନିଶଙ୍କୁପରି,
ଲଭଶିକ ନେହ ବନା ଇତରର
ନୁହଇ ଏ ସ୍ୱଲଚାସ୍ତି । ୩୬ ।
ତାସ ଲୁଚ ଯେଉଁ ଆଲୋକେ, ଇତର
ପଦାର୍ଥ ହୁଅଇ ସ୍ପଷ୍ଟ,
ସେ ଆଲୋକେ ଘୋର ଅନ୍ଧାର ନିରେଖି
ଉଲ୍ଲୁକ ହୁଅଇ ତୁଷ୍ଟ । ୩୭ ।
ମୋ ବୈର ଦିବସେ ରହନ୍ତ ପଦାର୍ଥେ
କାହିଁକି ଜାଣିବା ପାଇଁ,
ଘ୍ରସ୍ୱାହୁତୀ ପେଣି ପଚେ ଅନ୍ଧକାର
ଆଚେ କ ଆପିନ୍ତୁ ଧାଇଁ ? ୩୮ ।
ନଳମୁଖ ଅର ଅନ୍ଧାର ପ୍ରଶଂସା
ଶୁଣି ରୁଷି ନଗାଦର,
ଜବାରୁଣ ଦମୁ ଧର ବାନ୍ଧାରନ୍ତେ
ନମି ସୁତଟଲେ ନଳ । ୩୯ ।
ଉଦୟ ଅଚଳ ଚୂଳ ଅବନତ
ଅନ୍ତରାଳେ ଯଣେଥାଇ,
ଚକୋର ଚଞ୍ଚୁରେ ଚନ୍ଦ୍ରିକା ବରଷେ
ଇନ୍ଦୁ ଦେଖ ବୃନ୍ଦମୂର୍ତ୍ତି । ୪୦ ।
ଅଭିସାରିକାଏ ତରୁତଳ-ଭୂମି
ତାମସ ନୀଳ ଦୁକୂଳ,
ପାଲଟି ପିନ୍ଧେକ ସଙ୍କେତ ସ୍ଥଳରେ
ଚନ୍ଦ୍ରିକା ଧବଳ ଚେଳ ? ୪୧ ।

Digitized by srujanika@gmail.com

ଇନ୍ଦୀବର ଗୁଚ୍ଛ ଲୋଚନେ ରମ୍ଭୋରୁ
ଅନଙ୍ଗରେ ପାନକର,
ଚକୋରେ ଚନ୍ଦ୍ରିକା ଚଖାଏ ଏ ଚନ୍ଦ୍ର
ତୋ ମୁଖଲକ୍ଷ୍ମୀ-ମୁକୁର । ୪୨ ।
ମନ୍ଥାଚଳ ଯୋଗେ ସାଗର ଗରଭୁଁ
ଜନ୍ମିଥିଲ ସୁଧାକର,
ତେଣୁ ପିନ୍ଧ ସ୍ଥିତ ଉଦୟୁ ଅଚଳୁଁ
ଅବଧି ଜନମ ତା’ର । ୪୩ ।
ଆପଣା ଅନୁଜ ପ୍ରାଚୀପତି ଗଜ-
ଶିରରେ ଅଛଥି ହୋଇ,
ସିନ୍ଦୂର ରଚନା ଲଭିଛୁ ବା ଚନ୍ଦ୍ର
ଗଉରବେ ପୂଜାପାଇ ? ୪୪ ।
ନିଜ ମୁଖସାମ୍ୟ ଦେଖି ଇନ୍ଦ୍ରବଧୂ
ଚୁମ୍ବିଲେ କି କୁତୂହଳେ,
ତାଙ୍କ ବିମ୍ବାଧରୁଁ ଲକ୍ଷାରାଗ ଦେଳି
ଚନ୍ଦ୍ରବିମ୍ବ ନିକ ହେଲେ ? ୪୫ ।
ବଧୂଗଣ ମୁଖ ଗଢ଼ିଛୁ କି ବିଧି
ବଧୂରୂପ ସୁନାଛାଞ୍ଚେ,
ବଳେ।ମେ ତାଅର ନେହାଦ ସକଳ
ଅବୟବ ଅବା ଲୁଚେ । ୪୬ ।
ସେହିଛାଞ୍ଚେ ବିଧି ତୋ ମୁଖ-ଚନ୍ଦ୍ରମା
ଗଢ଼ିଛୁ କି ଅତିସ୍ନେହେ,
ବଳେମେ ତହିଁରେ ଅପ୍ରତ୍ୟକ୍ଷ ଅଙ୍ଗ
ତୋ ମୁଖେ ପ୍ରତ୍ୟକ୍ଷ ହୁଏ । ୪୭ ।
ଆଗେ ଯା ରଜନୀ ମୁଖେ ପୌରନ୍ଦରୀ
ପିନ୍ଧଥିଲା ପୀତାମ୍ବର,

Digitized by srujanika@gmail.com

ସୁନ୍ଦର ସୁଧାଂଶୁ ଚୂର୍ଣ୍ଣ ଚୁମ୍ବି ଛାୟା
ହେଲଣି ଲୋହିତତର । ୪୮ ।
ପିତୃ ତରପଣ କରିଥିଲେ ରାମ
କ୍ଷତ୍ରିୟ-ରୁଧିର ଜଳେ,
ପିତୃ ଲୋକନାଥ ଚନ୍ଦ୍ରଙ୍କୁ ରଞ୍ଜିଲ
ଛାୟା ଜବା ମଣ୍ଡଳେ । ୪୯ ।
ନାସା କର୍ଣ୍ଣହୀନ ରୁଧିରେ ରଞ୍ଜିତ
ସୂର୍ପଣଖା-ମୁଖ ଶିରୀ,
ଧରି ଶଶାଙ୍କ କ ମଦାଙ୍କେ ତୋ ମୁଖ
ଦେଖେ ସୀତା ମୁଖ ସରି । ୫୦ ।
ଧୃତି ସାୟଂକାଳ ଭେଲ ସୁନା ମୂଲ୍ୟେ
ନେଲ କ ଅମ୍ବର-ମଣି,
ପୂଷ ଦେଲା କ୍ଷଣେ ରଜତ ପରି ତା'
ପାଣ୍ଡୁରତା ଭଜଳଣି । ୫୧ ।
ଭୂମି କେମେ ସନ୍ଧ୍ୟା ଶିଶୁ ଫିଙ୍ଗିଥିଲୁ
ଛନ୍ଦୁ ବ୍ୟାଜେ ରୌପ୍ୟ ନହୁ,
ନାରଙ୍ଗ ହେଲ କି ଛାୟା କ୍ରମେ କ୍ରମେ
ରଙ୍ଗ ପାଟହୋଇ ଫିଟୁ । ୫୨ ।
ଅନ୍ଧାର ପ୍ରଶସ୍ତି ଲେଖିଥିଲ ନିଶା
ନଭେ କଦ୍ରୁ ତାରାକ୍ଷର,
ଲିଭାଇ ଅରୁଣ କରେ ତା' ସୁଧାଂଶୁ
ହେଲ କି ପାଣ୍ଡୁର କର । ୫୩ ।
କାହିଁ ଭ୍ରମେ ବଧୂ ଧରେ ପାଣ୍ଡୁରତା
କାହିଁ ଲୋହିତ ବରଣ,
କଳାନିଧି କଳା ମହତ୍ୱ ସିନା ଏ
ଭବ କପର ଲକ୍ଷଣ । ୫୪ ।

Digitized by srujanika@gmail.com

ସନ୍ଧ୍ୟାରେ କୁଙ୍କୁମ ସ୍ୱଗ ଦେଖାଇଦେଇ
ପରେ ତମ-ମୃଗମଦ,
ତା ପରେ ଚନ୍ଦ୍ରିକା- ଚନ୍ଦନ ଲେପନ୍ତି
ଅଙ୍ଗେ ଦିଗଙ୍ଗନାବୃନ୍ଦ । ୫୫ ।

ବନ୍ଧୁ' ଭ୍ରମରନ୍ତି ବାସର ସାରେ କ
ଗଢ଼ିଛ ଚନ୍ଦ୍ରମା ସ୍ୱତ,
ନୋହିଲେ କାହିଁକି ଏ ସ୍ୱତ ଶୀତଳ
ଶୀତଦିନ କ୍ଷୀଣ ଅତ । ୫୬ ।

ବଧୂ ସ୍ତୁତିଶୁଣି ତନୁସ୍ଥ ମାନସ
ବଧୂକୁ ବୋଧିଲେ ସ୍ୱପ୍ନେ,
ମୃଗ ସାମ୍ୟ ସ୍ପର୍ଦ୍ଧା- ବଶେ ଈର୍ଷାଯେଣ
ନୀରବ ହେଲ କି ପ୍ରିୟେ । ୫୭ ।

ଶୃଙ୍ଗାର ଭୃଙ୍ଗାର ସୁଧାକର ବର୍ଣ୍ଣେ
ପୂର୍ଣ୍ଣ କର୍ଣ୍ଣକୂପ ମୋର,
ତୋର ଚୂତବାଣୀ ରସବେଣୀ ତୀରେ
ତୃଣ ସିନା କୋଷକର(୧) । ୫୮ ।

ସୁଧା-ସୋଦର ତୋ' ବାଣୀ ଶୁଣିବାକୁ
ବଳନ୍ତି ମୋହର ମତି,
ତୋର ନଳ ଶଶୀ ପ୍ରଶଂସା ଗାଇଲେ
କୁନ୍ଦଦନ୍ତୀ ଦମୟନ୍ତୀ । ୫୯ ।

ଙ୍କରେ ଚନ୍ଦ୍ରକାନ୍ତ କାନ୍ଦଇ ଚକୋରୀ
ବହ୍ୱ ଲୋତକ ଢାଳି,
ସେ ଦୁହିଁଙ୍କୁ ଦୁହିଁ ସୁଧାକର ସିନା
ଉଚ୍ଛୁଳାଏ ସିନ୍ଧୁ-ବାରି ? ୬୦ ।

ଯାମିନୀ-ଯମୁନା- ପ୍ରବାହ ଅନ୍ଧାର
ହଟିଯିବାକୁ କି ସତେ,

(୧) ଇକ୍ଷୁ ବିଶେଷ (କନ୍ତାଗ୍ର ଆଖୁ)

Digitized by srujanika@gmail.com

ବ୍ୟକ୍ତ ଅନ୍ତସ୍ଥ ଜଟେ ଦୀପ୍ତି-ଦୀପ
ଜ୍ୟୋତ୍ସ୍ନାମୟ ତା' ଦୈକଠେ ।୭୧।
କୁମୁଦ ହାସରେ ନିଖିଳ ଜଗତ
ଦୁଗ୍ଧ ଧୌତଭଳି ଦଶେ,
ଚନ୍ଦ୍ର ଥିଲେ ହେଲେ ମୁଦ୍ରିତ କୁମୁଦ
ଏ ଶୋଭା କାହିଁ ଦବସେ ।୭୨।
ମୃତ୍ୟୁଞ୍ଜୟ ଜଟା ଜୁଟେ ବାସଲଭି
ଚନ୍ଦ୍ରମାର କ୍ଷୟ ନାହିଁ,
ନିଜ ସୁଧା ପିଇ ପୁଣି ଜୀଇଲେହେଁ
ସ୍ୱତ୍ତ୍ୱଭବେ ନ ବଢ଼ଇ ।୭୩।
ଚକୋର ଚନ୍ଦ୍ରିକା ସୁରଗଣେ ସୁଧା
ଶିବଙ୍କୁ ଆପଣା କଳା,
ଦାନକର ବିଧୁ ଅଧିକ କି ଦେଲା
ଭଇ କଳ୍ପଦ୍ରୁମ ପରା ।୭୪।
ବିରୂପାକ୍ଷ ଶିବ ଚିହ୍ନ ଚନ୍ଦ୍ରମାର
କଳାକୁ ନୂହିଁନ୍ତି ସର,
ବୋଲି ସିନା ତାର ଷୋଡଶୀ କଳାକୁ
ମସ୍ତକରେ ଥାନ୍ତି ଧରି ?
ଯେଣୁ ସୁଧାକର ଅଙ୍କ ମୃଗନାଭି
ଅଙ୍ଗରାଗେ ମନୋହର,
ଭସ୍ମ ବିଭୂଷଣ ବିଷକଣ୍ଠ ଶିବ
ନୁହନ୍ତି ତା' ପଟାନ୍ତର ।୭୫।
ହର ଦଗ୍ଧ କାମ ଅସ୍ଥି ଗ୍ରାମେ ଗଢ଼ା
ସିତାସିତ ବିଧୁବିମ୍ବ,
ତେଣୁ ସିନା ତାଙ୍କ ଅର ପୁଷ୍ଟି ସାଧେ
ମୁଣ୍ଡାଇଲେ ହେଲେ ଶିବ ।୭୬।

ମୃଗଲାଞ୍ଛନେ ସିନା ମୃଗାଙ୍କ ଗ୍ରାସଇ
ସିଂହଙ୍କା ତନୟ ବଳେ,
ମୃଗ ବନ୍ଦୀଥିବେ ପ୍ରାଣଦେଇ ଚନ୍ଦ୍ର
ମୁକତ ଲଭେ ସେ ଫଳେ । ୬୭ ।
ସୁଧାପିଇ ଚନ୍ଦ୍ରେ ଚଇତନ୍ତ୍ର ଦେବେ
ନୁହଇ ତା' ଅନୁଚିତ,
ଅଗସ୍ତି-ଶୋଷିତ ଚନ୍ଦ୍ର ପିତା ସିନ୍ଧୁ
ଏତ କୁଳକ୍ରମାଗତ । ୬୮ ।
ସ୍ୱର୍ଗ-ସିନ୍ଧୁ-ବନ୍ଧୁ ଚନ୍ଦ୍ରଙ୍କା ନଜରେ
ରହିଛୁ ଦଗନ୍ତ ପୂର,
ଶଜଇ ଚନ୍ଦ୍ରମା କ୍ଷୀରସିନ୍ଧୁ ମଧ୍ୟେ
ବାସ କରଥିଲା ଘର । ୬୯ ।
ହେଲେହେଁ ଚକୋର ନୟନ-ମୋହିନୀ
ସିନ୍ଧୁରାଜ ଉଲ୍ଲାସିନୀ,
ସୁଧାଂଶୁ ନନ୍ଦିନୀ ଚନ୍ଦ୍ରଙ୍କା ବଦତ
କଳମୁଦୀ ଖ୍ୟାତ ହେଲା । ୭୦ ।
ଗୃହୁ ଚନ୍ଦ୍ରାଲୋକେ ଧୌତ ଧରାତଳ
ନାନାବିଧ ଛାୟା ଧରେ,
କଳଙ୍କ କାଳିମା ସଙ୍ଗେ ହେଲା କବା
ଚନ୍ଦ୍ରଙ୍କା ଅନନ୍ୟେ ଖେଳେ । ୭୧ ।
ଅନ୍ଧାର ଅଡ଼େଇ ସୁଦୂର ଗଗନେ
ସୁଧାଲେପି ସୁଧାକର,
କେତେ ଅଂଶ ତାର ଧୋଡ଼ାଇ ରଖିଛୁ
ବଢ଼ାଇ ସାଗର ଜଳ । ୭୨ ।
ଅପଣା କାରଣି ସାଗରର ଗୁଣ
କ୍ଷୟ ବୃଦ୍ଧି ଚନ୍ଦ୍ର ଧରେ,

Digitized by srujanika@gmail.com

ବଚନ କେବଳ ନଡ ନଡ ସିନ୍ଧୁ
ଇନ୍ଦୁ ଧରେ ପକ୍ଷାନ୍ତରେ । ୭୩ ।
ଅଦର୍ଶ ଦର୍ଶନ ନ ଦାଏ ଚନ୍ଦ୍ରମା
ହେଲେହେଁ ଅଦର୍ଶ ସର,
ଅତି କେଶୁ ଜନ୍ମ ହେଲେହେଁ ତାହାର
ତ୍ରିନେତ୍ର ବସତସ୍ଥଳୀ । ୭୪ ।
ଦେବଭୋଜ୍ୟ ରଚ୍ଛି ଯାଗଫଳ ଶୁଦ୍ଧି
ଲଭି ସୁଧାଂଶୁମଣ୍ଡଳୀ,
କଳଙ୍କ କପଟେ ଏକମାତ୍ର ହଂସା
ଲକ୍ଷଣକୁ ଅଛି ଧରି । ୭୫ ।
ପବନ ବାହନ ଶ୍ରାନ୍ତ ଏକ ମୃଗ
ସ୍ୟନ୍ଦନୁ ସ୍ଖଳିତ ହୋଇ,
ନର୍ତ୍ତନ ଗଗନେ ଚନ୍ଦ୍ରକୁ ପିଏ କି
ଅମୃତ ଲୋଲୁପ ଧାଇ । ୭୬ ।
ଯୁବା ଓଷଧୀଶ ଓଷଧିଗଣର
ଆରଣ୍ୟ ସନ୍ଦେଶ ହରି,
ଏ ମୃଗକୁ ଅନୁ- ରୂପ ଉପାୟନ
ମଣି କରନ୍ତି ବା କୋଳ ? ୭୭ ।
ସ୍ୱାମୀ ସେବାଲଗି ଅଗତ ଓଷଧି-
ଲତାରୁ ପତର ଖାଇ,
ଇନ୍ଦୁ କୋଳେ ସୁଖେ ବଳସେ କି
ତହିଁରୁ ଅମୃତ ପିଇ ? ୭୮ ।
ରୁଦ୍ରବାଣେ ବଦ୍ଧା- ବତ ଛାଗମୃଗ
ଗୃହ୍ଣି ମନେ ଭୟ ପାଇ,
ଆନମୃଗ ଅବା ତାଙ୍କ ଚୂଡ଼ାମଣି
ଚନ୍ଦ୍ରେ ଶରଣ ପଶଇ । ୭୯ ।

Digitized by srujanika@gmail.com

କୋଳେ ଥିଲାପରି ପୃଷ୍ଠେ ଅଜିନମୃଗ
ଅଛି କି ନାହିଁ ବନ୍ଧୁରି,
ପଶ୍ଚିର ଅପଣା ମୁଖକୁ, ବିବାଦେ
ଦେଖିଛି ସେ ପୃଷ୍ଠ ଛାଇ । ୮୦ ।
ଚନ୍ଦ୍ର ମୃଗ ଚରେ ଉତ୍ତାନ ଭାବରେ
ତେଣୁ ତା' ଧବଳ ପେଟ,
ନ ଦିଶି ତଳକୁ କଳଙ୍କ କପଟେ
ଦିଶେ ଅଧବଳ ପୃଷ୍ଠ ।
ଶ୍ରୁତି ଭଣିଣ ଯାହା ସ୍ୱର୍ଗେ ଦେବଗବୀ
ଚରନ୍ତି ଉତ୍ତାନ ଗତି,
ଏହି ଯୁକ୍ତିବଳେ ପ୍ରମାଣ ମିଳଇ
ଯଥାର୍ଥ ବୋଲି ସେ ଉକ୍ତି । ୮୧ ।
ଦୂରେସ୍ଥିତ ନୀଳ ଲୋହିତ ପଦାର୍ଥ
କେବଳ ନୀଳିମା ହୁଏ,
ତେଣୁ ମୃଗପୃଷ୍ଠେ ଥିବା ରଙ୍ଗଭଙ୍ଗ
ନୟନ ଗୋଚର ନୁହେଁ । ୮୨ ।
ପ୍ରୟୋଗ ପଥରେ କେଉଁ କବି ଭଲ
ଶବ୍ଦ-ଶାସ୍ତ୍ର ମୂର୍ଖେ ନୁହେଁ,
ଶଶ ଧେନୁ ଶଶୀ ବୋଲଏ ଚନ୍ଦ୍ରମା
ମୃଗ ଧେନୁ ମୃଗୀ ନୁହେଁ । ୮୩ ।
ପ୍ରତିପଦା ଚନ୍ଦ୍ର ଯେତିକ ହେତିକ
ଥିଲା ସେ ଜନମ କାଳେ,
ସେତେବେଳେ ପଶୁ ଶିବ ତାକୁ ନେଇ
ଧଇଲେ ଅପଣା ଶିରେ । ୮୪ ।
ଅଙ୍କ ମୃଗନାଭି ଯୋଗେ ସୁବାସିତ
ଚନ୍ଦ୍ରମା ଚନ୍ଦନ କି ସେ,

Digitized by srujanika@gmail.com

ତା' ଭଳା ଭଳାପ • କେତକୀ ପାଖୁଡ଼ା
ପରି ମନୋହର ଦଶେ । ୮୫ ।
ବର୍ତ୍ତୁଳ ଚନ୍ଦ୍ରମା- ବିମ୍ବ ବୋଲି ଖ୍ୟାତ
ଗଣିତ ଜ୍ୟୋତିଷ ଶାସ୍ତ୍ରେ,
ପୀୟୂଷ ପାତଅ ପରି ଦଶେ ଝିନା
ପଡ଼ି ଗ୍ରହ-ଦନ୍ତ ଯନ୍ତ୍ରେ । ୮୬ ।
ସୁତନୁ ଚନ୍ଦ୍ରମା ଅତନୁ କାମର
ମିତ୍ର ହେବ କେଉଁପରି,
ଚନ୍ଦ୍ରମଙ୍କ ପେଣ କର୍ପୂର କାମର
ନିଃଶ୍ୱସଣ ଅଛୁ ଧରି;
ଅନଳେ ପରୀକ୍ଷା ଦେଇଥାନ୍ତି ଦୁହେଁ
ଅତି ବୀର୍ଯ୍ୟବନ୍ତ ବୋଲି,
ଦଗ୍ଧ ହୋଇ କାମ ଦୁର୍ଦ୍ଧର୍ଷ ଜଗତେ
ସ୍ୱପକ୍ଷ କର୍ପୂର ପରି । ୮୭ ।
ଅବା ଚନ୍ଦ୍ର କାମ ମିତ୍ରତା ଉଚିତ
ମୈନେତ୍ରେ କାମ ଲୟ,
ଆଦିପୁରୁଷଙ୍କ ନେତ୍ରଭୂତ ସୂର୍ଯ୍ୟ
ତେଜେ ଚନ୍ଦ୍ରମାର କ୍ଷୟ । ୮୮ ।
ଯେ' ଭାଲେ ମୃଗାଙ୍କ ହେଲ ବସ୍ତୁଙ୍କର
ନୟନ କମଳ ଭଳି,
ସେତିକାଲେ ଏ ଚନ୍ଦ୍ର କଳଙ୍କ ହୋଇଲା
କନୀନିକା ଛଳେ ଅଳି । ୮୯ ।
ଗରୁଡ଼ ପରି ଏ ବେଦପକ୍ଷେ ଭ୍ରମେ
ଦ୍ୱିଜରାଜ ପଣଧରି,
ତେଣୁ ପିତା ସ୍ୱାକୁ ନୟନ(୧)କର୍ମରେ
ନିଯୋଜି ଅଛନ୍ତି ହରି । ୯୦ ।

(୧) ଚକ୍ଷୁ କାର୍ଯ୍ୟରେ, ପକ୍ଷେ ନେବା କାର୍ଯ୍ୟରେ ।

Digitized by srujanika@gmail.com

ଅନଳ ବକାର ଅଟଇ ତୁଷାର
ତେଣୁ ସେ ପଦ୍ମ ନାଶେ,
ତୁଷାର ମୟୂଖ ମଣ୍ଡଳେ କଳଙ୍କ
କପଟେ ଧୂମ ବଳସେ । ୯୧ ।
ସୃଷ୍ଟିଭର ଧରି ବସୁଧା ଦେହରୁ
ସ୍ୱେଦ-ନଦୀ ଯାଏ ବହି,
ସୁଧା ଚିହ୍ନ ଜଳେ ବୁଡ଼ ଛାୟା (୧) ଛଳେ
ଖେଦ ଯିନା ସେ ନାଶଇ । ୯୨ ।
କାଳକ୍ରମେ ସ୍ୱର୍ଣ୍ଣ ଶଇଳ ହେବାରୁ
ପିନ୍ଧିତ ଶୈବାଳ ଜାଳେ,
ତେଣୁ ବଧୂ ଅଙ୍କେ ପୃଥ୍ୱୀ ପ୍ରତିବିମ୍ବ
ଶିତିମା ଅବା ନ ପଳେ ? ୯୩ ।
ପ୍ରଫୁଲ୍ଲ ପଙ୍କଜେ ପୂଜା ନ ଲଭିଲେ
ହେଲେହେଁ ଇନ୍ଦୁ ମଣ୍ଡନ,
ଅଙ୍କ ମୃଗନେତ୍ର କମଳ ଯୁଗଳେ
ଭୁଞ୍ଜଇ ସେ ପୂଜା ଫଳ ? । ୯୪ ।
ଚନ୍ଦ୍ର ମଣ୍ଡଳରେ ଶଶାଙ୍କିଏ ଦେଖି
ବୁଧେ ନ ହୁଅନ୍ତୁ ବଣା,
ତା' ପିତା ଉଦରେ ତୁରଙ୍ଗ ମାତଙ୍ଗ
ଥିଲ ବୋଲି କେଳେ ଜଣା । ୯୫ ।
ତମିସ୍ରା (୨) ଗଉର ଜ୍ୟୋତ୍ସ୍ନାମୟୀ ମାଳ
ପତି ଅଙ୍କ ସେବାବରେ,

---

(୧) ଚନ୍ଦ୍ରରେ ଗ୍ରହଣକାଳୀନ ପୃଥିବୀ ଛାୟାକୁ ଲକ୍ଷ୍ୟ କରାଯାଇଛି ।
(୨) ତମୋମୟୀ ରାତି ଗୌରବର୍ଣ୍ଣ ଚନ୍ଦ୍ରକୁ ଏବଂ ଜ୍ୟୋତ୍ସ୍ନାମୟୀ ରାତ୍ରି କୃଷ୍ଣବର୍ଣ୍ଣ ଚନ୍ଦ୍ରକୁ ଭଲପାଏ ।

Digitized by srujanika@gmail.com

ଚେନ ଶୋଭେ ଲେଖ   କଳାକର ସିନା
ସିତାସିତ ମୂର୍ତ୍ତି ଧରେ । ୯୬ ।
କ୍ଷତ୍ର ବର୍ଷା ସହୁ   କାଷ୍ଠାବଳୀ (୧) ଦେହେ
ଧରିଛନ୍ତି ଛତ୍ର ନିକର,
ସ୍ଫୁଟ ଗୃଢ଼ ଭାବ   ବଢ଼ନ୍ତି ଉର୍ଦ୍ଧ୍ୱରେ
କିବା ସୁଧାଂଶୁ ମଣ୍ଡଳ ? ୯୭ ।
ତରଣି (୨) ବୁଡ଼ନ୍ତେ   ଦିବା ଅବସାନେ
ପ୍ରଯାଦ ମନ୍ଥର ଧରି,
ତମଃପିଣ୍ଡ ମାନ୍ତି   ଲୋକ-ଲୋଚନକୁ
କଳୁପଣ (୩) କରୁଥିବେ ପାରି । ୯୮ ।
କନନେତେ ଜ୍ୟୋତ   ମୂର୍ତ୍ତ୍ୟ ବନ୍ଧୁ ଇନ୍ଦୁ
କ୍ଷଣିକ ଅଣୁକ ପେନ,
ଅତି ନେତ୍ର-ଜନ୍ମା   ଇନ୍ଦୁ ଚରଣ୍ଟିର
ମହତ୍ତ୍ୱ କଲେ ମହାନ୍ । ୯୯ ।
ବାରି ନ ପାରିଲେ   ଔଷଧି ସକଳ
ଔଷଧୀଶ କ୍ଷୟ ବ୍ୟାଧି,
ଦ୍ୱିଜରାଜ ରୋଗ   ନାଶି ନ ପାରିଲେ
ଦ୍ୱିଜଗଣ ମନ୍ତ୍ର ସାଧି ।
ମାଟରାଗ ନୋହିଲ   ଅସେ ସୁଧାକର
ସୁଧାର ଆଧାର ହୋଇ,
ମଣି (୪) ତେଜେ ରୋଗ   ନ ଗଲା ତାହାର
ରତ୍ନାକର ପିତା ଥାଇ । ୧୦୦ ।

---

(୧) ଦଗ ସମୂହ, ପକ୍ଷେ କାଷ୍ଠ ସମୂହ ।
(୨) ସୂର୍ଯ୍ୟ, ପକ୍ଷେ ନୌକା ।
(୩) ଚନ୍ଦ୍ର, ପକ୍ଷେ କାଜଳ ।
(୪) ଦୈବ ପ୍ରତିକୂଳ ହେଲେ ମଣି, ମନ୍ତ୍ର, ମହୌଷଧି କେହୁ ବୋଲି କରନ୍ତି ନାହିଁ ।

Digitized by srujanika@gmail.com

ଅଯଥା ଅମୃତ   ନାମେ ସୁବିଦିତ
ଅଛି ସିନା ସୁଧାକର,
ନୋହିଲେ କାହିଁକି   ପିଇ ତା' ଚକୋର
ନୁହନ୍ତି ଅଜରାମର ? ୧୦୧ ।
ହର୍ଷ ପରବଶ   କରି ନରେଶଙ୍କୁ
ମଧୁର ବଚନ ଭାଷି,
ସ୍ତବ୍ଧ ଆଣିଦେଲେ   କ୍ଷଣେ ଦମୟନ୍ତୀ
ଅଦ୍ଭୁତ ରସ ବରଷି । ୧୦୨ ।
"ସୁଧା ସୁମଧୁର   ବଚନ ଆଧାର
ଏ ସୁନ୍ଦର ମୁଖ ତୋର",
ବୋଲି ଚୁମ୍ବି ନେଲେ   ନୃପ ପଦ୍ମ-ଗନ୍ଧି
ଭୈମୀ ମୁଖ-କଳାକର । ୧୦୩ ।
ପ୍ରିୟ ବାଣୀ ଶୁଣି   ବିଦର୍ଭ-ନନ୍ଦିନୀ
ମୁଖେ ବିଳସିଲା ସ୍ମିତ,
ଦନ୍ତ ଅବସରେ   ଦୀପ୍ତିମତୀ ତାହା
ହେଲାପରି ଧାବମାନ? ଧସ୍ୟଗତ । ୧୦୪ ।
"ଇନ୍ଦୁ ରୂପ ନିଜ   ବଦନ ବର୍ଣ୍ଣନେ
ନିଜେ ଉଦାସୀନ ଥାଇ,
ତା'ର ସ୍ତବେ ମୋତେ   ନିଯୋଜିବା ନୃପ !
ଅନୁଚିତ ହୋଇନାହିଁ" । ୧୦୫ ।
ଶୁଣି ପ୍ରିୟା-ବାଣୀ   ସସ୍ମିତେ ନୃମଣି
ଗାଢ଼େ ଆଲିଙ୍ଗନ କରି,
ମୁଖେ ଆରମ୍ଭିଲେ   ସୁଧାଂଶୁ ପ୍ରଶଂସା
ପରିହାସେ ରସ ଭରି । ୧୦୬ ।
ବଦନ ବିଧୁର   ସୁମଧୁର ଗୀତ
ଶ୍ରବଣେ ଲାଳସା ଧରି,

ତୁମ୍ଭ ମୁଖ ଭ୍ରମେ ମୃଗ ଚନ୍ଦ୍ରମାକୁ
ଅଛୁ ସିନା ଅଙ୍ଗୀକରି । ୧୦୭ ।
ଗୀତ ମାଧୁର୍ଯ୍ୟରେ ବଧୂ-କୁରଙ୍ଗକୁ
ଟାଣେ ତୁମ୍ଭର ରସନା,
ଚନ୍ଦ୍ର ଭ୍ରମେ ମୁଖେ ଆସିଲେ ସେ ନୈଷ
ପାଶେ ବନ୍ଧାହେବ ସିନା ? ୧୦୮ ।
ଅନ୍ଧାର-କାନନ ଜାତ ଶୀତଳତା
ସୁଧାଂଶୁ କିରଣ ପାଇ,
ଗଚ୍ଛେ ଶଙ୍କା ପାନ୍ଥ ପାନ୍ଥେ ଯେତେ ପଥ
ଖସରେ ନ ପାରେ ଯାଇ । ୧୦୯ ।
ଦୂରେ ଥାଇ ତବ ଗାନ ପାନକରି
ଆସ୍ୱାଦ ମାଧୁର୍ଯ୍ୟ ତା'ର,
ଧନ୍ୟାଭରେ ସିନା ଫିଙ୍ଗଇ ଚନ୍ଦ୍ରମା
ଅମୃତ କିରଣ ଜାଲ ? ୧୧୦ ।
ଆଦ ପୁରୁଷଙ୍କ ବାମ (୧) ନେତ୍ର ଚନ୍ଦ୍ର
ଏଥିରେ ବିସ୍ମୟ ନାହିଁ,
କୁଳ ଅନୁରୂପ ରୂପ ସେ ପାଇଛୁ
ଅନି ନେତ୍ରୁଁ ଜାତହୋଇ । ୧୧୦ ।
ରଜନୀ-ରଜକୀ କ୍ଷୀରଧାରା ସରି
ଶୁଭ୍ର ଜ୍ୟୋତ୍ସ୍ନା ପୂର ଢାଳି,
ଅମ୍ବରୁଁ ମଳିମା ହେଲେ ପଖାଳାଳ
ଦେଖ ଦେଖ କୃଶୋଦରି ! । ୧୧୨ ।
ମେଘ କୃଷ୍ଣ କାନ୍ତି ଗୃହିଲେ ହେଲେହେଁ
ଶରଦ ଋତୁ ରୁଚିର,

(୧) ଚନ୍ଦ୍ର ବିଷ୍ଣୁଙ୍କର ବାମଚକ୍ଷୁ; ପକ୍ଷେ ସୁନ୍ଦର ।

ଅସମର୍ଥ ସିନା କଳଙ୍କ କାଳିମା
ପୋଛିବା ପାଇଁ ବିଧୁର । ୧୧୩ ।
କ୍ଷୟ୍ଣ ପକ୍ଷେ ଏକା- ଦଶ ଇନ୍ଦୁ-କଳା
ଏକାଦଶ ରୁଦ୍ର ଶିରେ,
ଶେଷ ପାଞ୍ଚକଳା ପଞ୍ଚବାଣ ରୂପେ
ରହେ କି କାମ ତୂଣୀରେ ? ୧୧୪ ।
କୋଟିଏ ଭାଗରେ ଗଢ଼ିଲେ ଗୋଟିଏ
ଅକଳଙ୍କ ସୁଧାକର,
କେଜାଣି ସେ ଅବା ସମାନ ହୁଅନ୍ତା
ତୋ ମୁଖକୁ ସମାଦର । ୧୧୫ ।
ତୋର ମୁଖ-ଲକ୍ଷ୍ମୀ ଲଭିବା ଲାଳସା
ରଖି ଚନ୍ଦ୍ର ପଦ୍ମ ବେନି,
ବୃଥା ପରସ୍ପର ବିବାଦ ରଚନ୍ତି
ସିନା ଏକଦ୍ରବ୍ୟ ପେନି । ୧୧୬ ।
ସ୍ୱର୍ଗଦେବେ ପୀତ ସୁଧାକର ସୁଧା
ପସନ୍ଦ ନ କରେ ମୁହିଁ,
ତୋ' ମୁଖଚନ୍ଦ୍ରର ଏ ଅମୃତଧାର
ସୁରେଶ୍ୱର (୧) ଭୋଗ୍ୟ କାହିଁ ? ୧୧୭ ।
ଓଷଧୀଶ ବିଧୁ କଳାକୁ ସୁନ୍ଦରି !
ଶିରେ ଧରି ଉମାପତି,
ପିଇ କାଳକୂଟ ନିଃଶଙ୍କେ ଭୁଜଙ୍ଗ
ଭୂଷଣ ସିନା ଲେଉଡ଼ନ୍ତି ? ୧୧୮ ।
ଗୁରୁ (୨) ତଳ୍ପଗତ ଏ ଦ୍ୱିଜରାଜର
ସ୍ୱର୍ଗରୁ ପତନ ନାହିଁ,

(୧) ଦମୟନ୍ତୀଙ୍କୁ ଇନ୍ଦ୍ର ମଧ୍ୟ ଲାଭ କରିପାରି ନଥିଲେ ।
(୨) ଚନ୍ଦ୍ର ଗୁରୁପତ୍ନୀ ହରଣ କରିଥିବା ପୁରାଣ ପ୍ରସିଦ୍ଧ ।

Digitized by srujanika@gmail.com

ଅମ୍ବୁଜାଚନ ଧୌତ ହୃଦୟ ଯାହାର
ଉଚ୍ଚୁଷ ତାହାର ତାହିଁ । ୧୧୯ ।
ପିତୃ ତର୍ପଣରେ ଦତ୍ତ ତଳଜଳ
ପିତୃଲୋକ (୧) ବଧୂ ପାଏ,
ସେ ଜଳ ଅମୃତ ତଳତା' ତଳଙ୍କ
ଭଳି ସିନା ଦେଖାଯାଏ । ୧୨୦ ।
କେଳିକୁଲ୍ୟା ଜଳେ ସୁଧାଂଶୁମଣ୍ଡଳ
ଛାୟା ନାନାରଙ୍ଗେ ଖେଳେ,
ତର ନମଜ୍ଜିତ ପ୍ରିୟୁଭ୍ରମେ ତାକୁ
ରାଜହଂସୀ ତୁମେ ଭେଳେ । ୧୨୧ ।
ଦବସେ ନିଃସାର କରନ୍ତେ ଚନ୍ଦ୍ରକୁ
ଅମରେ ଅମୃତ ପିଇ,
ତ୍ରିଭବମ୍ବ ଛଳେ ପଶି କୁଲ୍ୟାଜଳେ
ଅମୃତ (୨) ଅବା ସଞ୍ଚଇ । ୧୨୨ ।
ଦେଖ ଧନ ! କୁମ୍ଭ- ଦାମୀ-ପୁଷ୍କରେ
ମିଶି ନଶାକର କର,
ବେନଙ୍କ ବବାହ ଉତ୍ସବ ସୂଚଇ
ମଟୁଛନ୍ଦ ଦାନ (୩) ଜଳ । ୧୨୩ ।
ବନବାସିମୀ ଏ ଉତ୍ପଳମୀ ମୃଗୀ
ମୀଳାୟିତ ପୁଷ୍ପ-ନେତ୍ର,
ଖୋଲି ଚନ୍ଦ୍ରମୁଖେ ଗୃହେଂକ ଉତ୍ସୁକେ
ପଡ ଲଖେ ଅବରତ । ୧୨୪ ।

---

(୧) ଚନ୍ଦ୍ର ପିତୃଲୋକ ବୋଲି ଖ୍ୟାତ ।
(୨) ପକ୍ଷେ ଜଳ ।
(୩) କନ୍ୟାଦାନ ପୂର୍ବରୁ ପ୍ରଦତ୍ତ ଜଳ ।

Digitized by srujanika@gmail.com

ଜଳେ ତପେ ରତ କୁମୁଦ ସମାଧି
ଭଙ୍ଗେ ସ୍ୱର୍ଗ-ସୁରବାଳା (୧)
ସୁଧାଧରେ ଜ୍ୟୋତ୍ସ୍ନା- ସ୍ମିତ ରଶ୍ମି କରା
ଚନ୍ଦ୍ରମୁଖ ଦେଖାଇଲା ! ୧୨୫ ।
କଳଙ୍କ କର୍ଦ୍ଦମ ପୀୟୂଷ ସଲିଳ
ବିଧୂ ଶମ୍ବ ସ୍ମର ସର,
ତହୁଁ ଜାତ ମୀନ, ମକରକେତନ
ସୁଧାପାନେ ସେ ଅମର । ୧୨୬ ।
ବିଧୁ ମନ୍ଦାକିନୀ ତାଙ୍କ ଅଧିଷ୍ଠାତ୍ରୀ
ବିଭୂତି ଚନ୍ଦ୍ରମା-କର,
ସ୍ୱାସ୍ଥ୍ୟାପଥ ଜଳ ବାୟୁକୀ, ଆକାଶ
ଏକ ମୂର୍ତ୍ତି ଶିବଙ୍କର । ୧୨୭ ।
ଚନ୍ଦ୍ରର ଜନକ ଅତ୍ରି ଲୋଚନର
ଏକମାତ୍ର ତାଙ୍କ ପିତା,
ସପ୍ତବିଂଶ ତାଙ୍କ ସେବନ୍ତି ବଧୂକୁ
ଦକ୍ଷ ପ୍ରଜାପତି(୨) କନ୍ୟା । ୧୨୮ ।
କାମ ନୃପତିର ଶ୍ୱେତ-ଛତ୍ର ଛଳ
ସମ୍ପୂର୍ଣ୍ଣ ଇନ୍ଦୁମଣ୍ଡଳ,
ପୂର୍ଣ୍ଣିମା ଜନ୍ମରୁ ଚନ୍ଦ୍ରକ୍ଷୟୁ ସିନା
ଛନ୍ଦଭଙ୍ଗ ମନ୍ମଥର ! ୧୨୯ ।
କାଳେ ଦଶାନନେ (୩) ଅଜଣା ବିଧୁକୁ
ଏକମୁଖେ ବୃକୋଦର ! ।

(୧) ଅପସ୍ୱରମାନେ ତପସ୍ୟା ଭଙ୍ଗନ୍ତି ।
(୨) ଦକ୍ଷ ପ୍ରଜାପତି, ରୋହିଣୀ ଆଦି ସପ୍ତବିଂଶ କନ୍ୟା ଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ ।
(୩) ରାବଣ ଚନ୍ଦ୍ରଙ୍କୁ ଜିଣିପାରି ନ ଥିବା କଥା ପୁରାଣରେ ଅଛି ।

Digitized by srujanika@gmail.com

ଜାଣିବାକୁ ଭୃଙ୍ଗ   ଲାଗେ ମଳିନମା
ବଧୂ ବିନା ଅଙ୍କ ଧର ? ୧୩୦ ।
ବଢି ବଢି ଚନ୍ଦ୍ର   ପୂର୍ଣ୍ଣ ଅବୟବ
ଲଭୁଛି ଦେଖୁଛି ଏବେ,
ତୋ ମୁଖେ ସମାନ   ବୋଲି ଗର୍ବ କଲେ
ଖର୍ବ ହେବ ଅବଲମ୍ବେ । ୧୩୧ ।
ଛବିଯୁକ୍ତ ଶ୍ରୀବାସ   ପାଶେ ପରାଭୂତ
କ୍ଷୀଣ ହନ୍ତାଶ୍ରମ ପରି,
ପଦ୍ମେ ପୀଡ଼ ଚନ୍ଦ୍ର   ତୁମ୍ଭ ମୁଖପଦ୍ମ
ନିକଟେ ନାହିଁ କି ହାର ? ୧୩୨ ।
ଅଙ୍ଗୁଳି ନିର୍ଦ୍ଦେଶି   ଦେଖାଇଲେ ନୃପ
ପ୍ରିୟାକୁ ଚନ୍ଦ୍ରମଣ୍ଡଳ,
କେବେ ପାଣ୍ଡୁପତ୍ର   କେବେ ପୁଣି ଅନ୍ତ
ଶଶ ଲାଞ୍ଛନେ ସୁନ୍ଦର । ୧୩୩ ।
ଅତ୍ରି ନେତ୍ରୁ ଜାତ   ବୋଲିଏ ଚନ୍ଦ୍ରମା
ଦ୍ୱିଜ ପଦବୀକି ନେଲେ,
ଥରେ ନେତ୍ରୁ ପୁଣି   ଥରେ ସିନ୍ଧୁଗର୍ଭୁ
ଜନମି ବା ଦ୍ୱିଜହେଲେ ? ୧୩୪ ।
ତାରକା ବିହାର   ସ୍ଥଳେ ଜନମତେ
ଶୀତଳ କର୍ପୂର ଗନ୍ଧ,
ରଚି ଚନ୍ଦ୍ରମୟୀ   ମଣ୍ଡଳ କି ସିନା
ସ୍ୱକେଳି ତଳକ ବଧି । ୧୩୫ ।
ତୋ' ମୁଖ ନିକଟେ   ଚନ୍ଦ୍ର ତୁଚ୍ଛବୋଲି
ବୋଲନ୍ତି ପଣ୍ଡିତଗଣ,
ମୃଗ ତୃଷ୍ଣାବଶେ   ଚେଇଁ ନ ପାରଇ
ସନ୍ଧକେ ପଶୁ ଅଜ୍ଞାନ । ୧୩୬ ।

Digitized by srujanika@gmail.com

ବାରମ୍ବାର ସନ୍ତ- ପାନ ପୀତାବଶେଷ
ସୁଧା ତେଜ ସୁଧାକରେ,
ତାଙ୍କ ଶୁକ୍ଳ-କାନ୍ତି ଲଭେ ଏ ତାମ୍ବୁଳ
ତାମ୍ର ତୋ ମଧୁରାଧରେ । ୧୩୭ ।
କୁରଙ୍ଗ ଭକ୍ଷଣେ ହୃଷ୍ଟପୁଷ୍ଟ ବପୁ
ପୂର୍ଣ୍ଣ କଳାକର ବିମ୍ବ,
ତୋ ମୁଖ-ପଙ୍କଜେ ପୁଣି ସନ୍ତପାଶେ
ଲଭେ ସିନା ପରାଭବ । ୧୩୮ ।
ବିଧାତା କନକ ବିଷ୍ଣୁ ନାଭି ପଦ୍ମ
ଯା' ଶୋଭା ବଚନ ବଳେ,
ପୂଜା କଲେ ଯାକୁ ପିତାମହ ପିତା
ଜ୍ଞାନେ ନେତ୍ର ମାନୋତ୍ପଳେ;
ସେ ପଦ୍ମ ଏ ତୋର ସୁନ୍ଦର ମୁଖର
ଉପମା ଲଭିଲେ ହେଲେ,
ପୂର୍ଣ୍ଣ ସୁଧାକର ତୋ ମୁଖ-କମଳ
ଶୋଭା ଦେଖି ତପାନ୍ତରେ;
ଶିବ-ଶିର-ଗଙ୍ଗା ତୀର ଜଟାଜୁଟ
କପଟେ ବାମୀର ବନେ(୧),
ସେବକା (୨) ପରାଏ ବୃତ୍ତ ଲଭି ସିନା
ତପ କରେ ସଂଗୋପନେ । ୧୩୯ ।
କଳଙ୍କ (୩) ବିହୀନ ପଞ୍ଚଦଶ କଳା
ସମଷ୍ଟି ଏ ସୁଧାକର,

---

(୧) ବେତ ବଣରେ ।
(୨) ସେ (ଚନ୍ଦ୍ର) ନୃକ, ପକ୍ଷେ ସେବକ ମୁଖସଙ୍ଗେ ସମାନ ହେବାକୁ ଅର୍ଥାତ୍ ପୂର୍ଣ୍ଣକଳା ଲଭକରିବାକୁ ତପସ୍ୟା କରୁଅଛୁ ।
(୩) କଳା ମାତ୍ର ଚନ୍ଦ୍ରରେ କଳଙ୍କ ନାହିଁ ।

Digitized by srujanika@gmail.com

ମଟନେତ୍ରଏ ସେହେତୁ   ଥିଲ ଅବସ୍ଥିତୁ
ଧବଳ ମୂରତି ଧରି ।
ଉଦୟ ସମୟେ   ପ୍ରାଚୀପତି ଗଜ-
ଗଣ୍ଡ ସିନ୍ଦୁ ବିଗଳିତ,
ମଦ ବାରିଧାରା   ଧରି ଅକସ୍ମାତ
ହେଲା ଅବା କଳଙ୍କିତ(୧) । ୧୪୦ ।
ଷୋଳକଳା ମଧ୍ୟୁ   ଗ୍ରସନ୍ତି ବିବୁଧେ
ଚଉଦ କଳା ପଞ୍ଚଦଶେ,
ପ୍ରତିପଦା ଠାରୁ   ବୃଦ୍ଧି ଲଭି ସ୍ୱକା
ଚନ୍ଦ୍ରମା ବର୍ତ୍ତୁଳ ଦଶେ ।
ବାକି ଏକ କଳା   ତଥି ଅବସରେ
ଅଶ୍ରିବାରୁ ଶିବ-ଶିର,
ଶ୍ୟାମଳ କଳଙ୍କ   ଭଳି ଦଶେ ନାକ
ସେହୁ କଳା ସ୍ଥାନ ବଳ । ୧୪୧ ।
ଆନ ଗୁଣେ ତବ   ମୁଖସରି ବିଧୁ
ନେତ୍ରଶୋଭା ବିନୁ ହୀନ,
ଅପୂର୍ବ ଲୋଚନ   ଲୋଭେ ଚକୋରକୁ
କରାଉଛି ସୁଧାପାନ;
ମହାଜନ ପରି   ନେବ ତାହାଠାରୁ
ସୁଧ ମୂଳ ନେତ୍ର ଶିକ୍ଷା,
ପୋଷେ ଅଙ୍କେ ମୃଗ   ଆଦରେ ତା' ନେତ୍ର
ନେତ୍ରେ ମିଶାଇବ ବୋଲି । ୧୪୨ ।
ସଞ୍ଚିତ ଲାବଣ୍ୟ   ଗଢ଼ି ତବ ମୁଖ
ପୋଛୁ ସେ ପତ୍ର ମାତର,

(୧) ପୂର୍ଣ୍ଣଚନ୍ଦ୍ରରେ କଳଙ୍କ ଦେଖାଯାଏ ।

Digitized by srujanika@gmail.com

ଯୋଚ୍ଛାପୋଚ୍ଛ ମଳ   ମିଳିତ ଲାବଣ୍ୟ
ଗଢ଼ି ବିଧି ସୁଧାକର ।
ବେନି ସୃଷ୍ଟିପରେ   ଧୋଇଥିଲେ ଜଳେ
ବିଧାତା ତାଙ୍କର କର,
ଜମିଲ ଥିବା ସେହୁ   ଲାବଣ୍ୟ-କଣିକା
ସୃଷ୍ଟି ସିନା ଅମ୍ଭୋଜର ? ୧୪୩ ।
ଅଖିଳ ଲାବଣ୍ୟେ   ଗଢ଼ି ତବମୁଖ
ସେ ପାତ୍ର ମାତର ପୋଛୁ,
ଅଧା ମଳମିଶା   ପୋଚ୍ଛପୋଚ୍ଛ ସାରେ
ଗଢ଼ିଲ ବିଧୁ ବିରଞ୍ଚି ।
ତାର କଳା ମାତ୍ର   ସୁଷମା-ସମ୍ଭାରେ
ହେଲା ଶମ୍ଭୁ ଶିଖାମଣି,
ତା' ପାଦ ପରଶ   ସିନା ଅବ୍ଜ ପଦ୍ମ-
-ଶିରୀ ଗୃହ ଶୋଭଗଣି ? ୧୪୪ ।
ପରସ୍ପର ପ୍ରେମେ   ମିଳି ତାରାଗଣ
ରଚିବାକୁ ପାଦୋତ୍ସବ,
ବିଧୁ ସ୍ପୃହିକାନ୍ତ   ମଣି ନିରମିତ
ପାଦପଦ୍ମ ବୋଲି ଭାବ ।
ସୁଧା ଆହରଣେ   ଇନ୍ଦ୍ରନୀଳମଣି
ନିର୍ମିତ ଚଷକ ଶିରୀ,
ଧରି ସିନା ଶୋ   ଭିଳସଇ ସୁମୁଖ
ଇନ୍ଦୁ ବିମ୍ବେ ବିମ୍ବାଧର । ୧୪୫ ।
ଶୀତାଂଶୁମଣ୍ଡଳ   ଗୁଣଯେନ ବହୁ
ଗଢ଼ିଛୁ ତୁମ୍ଭ ଲପନ,
ତେଣୁ ନିଶାନାଥ   ଦୋଷାକର (୧) ବୋଲି
ଭାବୁଥାଇ ମୋର ମନ ।

(୧) ଦୋଷା (ରାତ୍ରି)କୁ କରେ ଯେ, ସେ ଦୋଷାକର; ପକ୍ଷେ ଦୋଷର ଆକର (ଗୁଣହୀନ) ।

Digitized by srujanika@gmail.com

ବଧୂ ମୁଖୁଁ ପୁଣି ସାର ନେତ୍ର ନେଇ
ମଣ୍ଡିଛୁ ତବ ବଦନ,
ଥିଲେ ନେତ୍ର ତୁମ୍ଭ ମୁଖ ଗୃହ ଚନ୍ଦ୍ରେ
ମୃଗ କି ଦଅନ୍ତା ମନ ? ୧୪୬ ।

ରବି ରଥ ଧୂର- ନ୍ଧର ଅଶ୍ୱଙ୍କର
ଖୁରାଘାତ ବଳାବଳି,
ନାଭି ନାଭି ଚନ୍ଦ୍ର- ବିମ୍ବ ବିଗଳିତ
ଶୁକ୍ଳ ସୁଧାରସେ ପୂରି ।
ନୟନ ଗୋଚର ହୁଅନ୍ତି ସିନା ଏ
ଅନନ୍ତ ଗଗନ ତଳେ,
ଜ୍ୟୋତିର୍ମୟ ବପୁ ସଂଖ୍ୟାରୁ ଅତୀତ
ଶୁଚି ରୁଚି ତାରାଛଳେ । ୧୪୭ ।

ତାରକା ସୁମନ ସୁସଜ୍ଜିତ ହେଲା
ହେଲି ମୁଁ ତୋର ସେବକ,
କାମଦେବ ପୂଜା କର ନଇବେଦ୍ୟ
ଅରପି ବଧୂ ପିଷ୍ଟକ । ୧୪୮ ।

ଅମୃତ ପିପାସୁ ରାହୁ ଦନ୍ତ-ଘାତେ
ବହୁ ଛିଦ୍ରେ ଅଲଙ୍କୃତ,
ସ୍ୱର୍ଣ୍ଣକୁମ୍ଭ ସମ ସୁଧାକରୁଁ ଗଳେ
ସହସ୍ର ଧାରେ ଅମୃତ ।
ରତି ରତି-ପତି ବିବାହ ଜନିତ
ଅଭିଷେକ ମହୋତ୍ସବେ,
ସୁଧାପୂର୍ଣ୍ଣ କୁମ୍ଭ ସୁଧାଂଶୁ ଅମ୍ବର
ସନ୍ତୋଷ ଅଣନ୍ତୁ ଏବେ । ୧୪୯ ।

କବିରାଜ ରାଜ ମୁକୁଟ-ଭୂଷଣ
ଶ୍ରୀହୀର ଯାହା ଜନକ,

Digitized by srujanika@gmail.com

ନବ 'ସାହସାଙ୍କ' ରଚିତ ଚମ୍ପୂର
ଯେ ପୁଣି ଯୋଗ୍ୟ ଲେଖକ;
କବି ଚୂଡ଼ାମଣି ସେ ଶ୍ରୀହର୍ଷ କୃତ
ଗ୍ରନ୍ଥ ନଳ ଚରିତର,
ଦ୍ୱାବିଂଶ ସରଗ ସମାପତ ହେଲା
ବିବିଧ ରସ ଆକର । ୧୫୦ ।

ସମାପ୍ତ

Digitized by srujanika@gmail.com